

ବକ୍ସ ଅଫିସ୍ ରେକର୍ଡ ନୁହେଁ, ମନଛୁଆଁ କାହାଣୀ ଖୋଜନ୍ତି
ଶ୍ରଦ୍ଧା
▶ପୃଷ୍ଠା ୧୨ ଦେଖନ୍ତୁ...

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 44 ♦ISSUE-130 ♦WEDNESDAY ♦4 NOVEMBER 2026 ♦PAGE-12 ♦₹ 7.00 | BHUBANESWAR | ♦ବର୍ଷ-୪୪ ♦ସଂଖ୍ୟା-୧୩୦ ♦ବୁଧବାର ♦୪ ନଭେମ୍ବର ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦

TATA ଉତ୍ପାଦନ

TANISHQ
Adhyantara
ମହାଜାଗତିକ ଆଶ୍ଚର୍ଯ୍ୟ, ଆପଣଙ୍କ ପାଇଁ ସୃଜିତ

ଠାରୁ ₹301 ଛାଡ଼*
ପ୍ରତି ଗ୍ରାମ ସୁନା ଅଳଙ ୍କାର ଉପରେ

20% ପର୍ଯ୍ୟନ୍ତ ଛାଡ଼*
ଗୋଲ୍ଡ ଜ୍ୱେଲରୀର ଗଢା ମଜୁରୀ ଉପରେ ଓ ଡାଇମଣ୍ଡ ମୂଲ୍ୟ ଉପରେ



ଆପଣଙ୍କ ପାଇଁ ଏକ ବିଜୟ।
ଭାରତ ପାଇଁ ଏକ ବିଜୟ।

સોનાનાં એક્સચેન્જની સૌથી પારદર્શક પ્રક્રિયા, જે તમને તમારા જૂનાં સોનાં માટે શ્રેષ્ઠ મૂલ્ય આપે છે અને ભારતને તેની આયાત ઘટાડવામાં મદદરૂપ થાય છે.

—WIN-WIN—
EXCHANGE

0%
ଫ୍ଲାଟ୍ 0% କଟାଣ*
ଯେକୌଣସି ଜ୍ୱେଲର୍ଙ୍କର
(18 କ୍ୟାରେଟ ଏବଂ ତା'ଠାରୁ ଅଧିକ)
ପୁରୁଣା ସୁନା ସକାଶେ।

- କୌଣସି ଲୁଚାଛପା କଟାଣ ନାହିଁ
- ବର୍ଷସାରା ବିନିମୟ
- ଏକ ବ୍ୟାପକ ସମ୍ଭାରର ନୂତନ ଏବଂ ସ୍ୱତନ୍ତ୍ର ଡିଜାଇନ୍ ସହିତ ନିଜକୁ ଅପଗ୍ରେଡ୍ କରନ୍ତୁ
- ବାହାଘର, ପର୍ବପର୍ବାଣୀ ଓ ବିଶେଷ ଅବସର ଲାଗି ବିନିମୟ କରନ୍ତୁ

ଗୋଲ୍ଡ ରେଟ୍ ପ୍ରୋଟେକ୍ଶନ୍ – ଅଗ୍ରୀମ ବୁକ୍ କରନ୍ତୁ ଏବଂ ବର୍ଦ୍ଧିତ ଗୋଲ୍ଡ ରେଟ୍ ବିପକ୍ଷରେ ସୁରକ୍ଷିତ ରୁହନ୍ତୁ*

UP TO ₹7,500 INSTANT DISCOUNT* SBI card
#Min. Trxn.: ₹1,00,000. Valid on one transaction per card.
Validity: 02 Nov - 08 Nov 2026. T&C Apply.

Talk to our jewellery expert to know more 1800 2966 677
Buy online at tanishq.co.in or Download our App *Conditions apply.

Scan for an immersive cosmic experience

Bhubaneswar : Chandrasekharpur - 7205050700 | Master Canteen Square - 9238307043 | Saheed Nagar - 0674-3545757
Amalapada, Lane - 2, Anugola - 9090066000, 8147485152 | Cantonment Road, Kataka - 9238307044



ସିଟି କଟକ

▸▸ ବିନା ଲାଇସେନ୍ସରେ ବେପାର

ସୋସିଆଲ୍ ମିଡିଆରେ ବିଜ୍ଞାପନ ଦେଇ ଫସିଲା ଗୋଦାମ ମାଲିକ







କଟକ,୩।୧୧(ସମିସ): ବିନା ଲାଇସେନ୍ସରେ ଅନଲାଇନରେ ବେଆଇନ ଭାବେ ବାଣ କାରବାର କରାଯାଉଛି। ସୋସିଆଲ ମିଡିଆରେ ବାଣର ଭିଡିଓ ଓ ଫଟୋ ପୋଷ୍ଟ କରି ଶସ୍ତାରେ ବିକ୍ରି କରାଯିବା ସମ୍ପର୍କରେ କୁହାଯାଉଛି। ମର୍କତନଗର ଅଞ୍ଚଳର ଜଣଙ୍କ ଘରୁ ବିପଦଜ୍ଜନକ ଅବସ୍ଥାରେ ଗଚ୍ଛିତ ବିପୁଳ ପରିମାଣର ବାଣ ଜବତ ପରେ ଅନ୍‌ଲାଇନ କାରବାର ନେଇ ପୁଲିସକୁ ସୂଚନା ମିଳିଛି। ଏହି ମାମଲାରେ ସଂପୃକ୍ତ ଅଭିଯୁକ୍ତ ଫେରାର ହୋଇଯାଇଥିବା ବେଳେ ତାକୁ ଗିରଫ କରିବା ପାଇଁ ଉଦ୍ୟମ ହେଉଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

ପୁଲିସ ସୂଚନା ଅନୁସାରେ, ମର୍କତନଗର ସେକ୍ଟର ୯ ଅଞ୍ଚଳର ଜଣଙ୍କ ଆବାସିକ ଘରେ ବିପୁଳ ପରିମାଣର ବାଣ ଗଚ୍ଛିତ ଥିବା ନେଇ ଥାନାକୁ ସୂଚନା ମିଳିଥିଲା। ତଦନୁଯାୟୀ ମଙ୍ଗଳବାର ପୂର୍ବାହ୍ନରେ ଥାନାଧିକାରୀ ଜଗନ୍ନାଥ ସାହୁଙ୍କ ନେତୃତ୍ୱରେ ପୁଲିସ ଟିମ ତୁରନ୍ତ ସେଠାରେ ଚଢଉ କରିଥିଲା। ଏହି ସମୟରେ ଜଣାପଡିଥିଲା ଯେ, ବାଣ ରଖିଥିବା ଭଡାଟିଆ ଜଣକ ଘରେ ନାହାନ୍ତି। ତେଣୁ ପୁଲିସ ଘର ମାଲିକଙ୍କଠାରୁ ଦ୍ୱିତୀୟ ଚାବି ଆଣି ଭଡା ଘରର କବାଟ ଖୋଲିଥିଲା। ଯାଞ୍ଚ ପରେ ସେଠାରେ ତିନିଟି ରୁମରେ ଶତାଧିକ ପ୍ୟାକେଟରେ ୩୨ ପ୍ରକାରର ବାଣ ଅତି ବିପଦଜ୍ଜନକ ଅବସ୍ଥାରେ ଗଚ୍ଛିତ ଥିବା ଜଣାପଡିଥିଲା। ଯାହାର ଆନୁମାନିକ ବଜାର ମୂଲ୍ୟ ୫ରୁ ୬ ଲକ୍ଷ ଟଙ୍କା ହେବ। ତେବେ ଘରେ ବାଣ ଗଚ୍ଛିତ ଥିବା ସମ୍ପର୍କରେ ଘର ମାଲିକ ଆଦୌ ଜାଣି ନଥିବା ପୁଲିସକୁ କହିଛନ୍ତି। ଦୁଇ ଦିନ ତଳେ ଭଡାଟିଆ ଜଣକ ଏସବୁ ଆଣି ରଖିଥିଲେ। ଭଡାଟିଆ ଜଣକ ବ୍ୟବସାୟ ପାଇଁ କପଡା ଓ ଅନ୍ୟାନ୍ୟ ସାମଗ୍ରୀ ଆଣି ରଖିଥିବା ସମ୍ପର୍କରେ ଜଣାଇଥିଲେ। ପୁଲିସ ଗୋଟିଏ ପିକଅପ ଗାଡିରେ ବାଣଗୁଡିକୁ ଜବତ କରି ଆଣିଛି। ପରବର୍ତ୍ତୀ ସମୟରେ ସେଗୁଡିକୁ ନିଷ୍କ୍ରିୟ କରାଯିବ। ଏହି ଘଟଣାର ତଦନ୍ତ ସମୟରେ ଅନଲାଇନରେ ବାଣ ବିକ୍ରି ସମ୍ପର୍କରେ ପୁଲିସକୁ ସୂଚନା ମିଳିଛି। ବାଣ ଆଣି ରଖିଥିବା ଯୁବକ ଜଣକ ଅନଲାଇନ ପ୍ଲାଟଫର୍ମ(ଇନଷ୍ଟାଗ୍ରାମ୍/ଫେସବୁକ୍)ରେ ବାଣ ବିକ୍ରି ସମ୍ବନ୍ଧରେ ଏକାଧିକ ପୋଷ୍ଟ କରିଥିବା ଜଣାପଡିଛି। ନିକଟରେ ଏକ ନୂଆ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଶସ୍ତାରେ ବାଣ ବିକ୍ରି ସମ୍ବନ୍ଧୀୟ ଏକାଧିକ ପୋଷ୍ଟ କରିଥିଲେ। ସେଥିରେ ସେ ବିଭିନ୍ନ କମ୍ପାନୀର ଭିନ୍ନ ଭିନ୍ନ ପ୍ରକାର ବାଣ ଓ ତାହାର ହୋଲସେଲ ଦାମ ଉଲ୍ଲେଖ କରିଥିଲେ। ହ୍ୱାଟସ୍‌ଆପ ଗ୍ରୁପ ଓ ଷ୍ଟୋରୀରେ ମଧ୍ୟ ବାଣ ବିକ୍ରି ନେଇ ତଥ୍ୟ ଦିଆଯାଉଥିବା ପୁଲିସ ପ୍ରାରମ୍ଭିକ ତଦନ୍ତରେ ଜାଣିବାକୁ ପାଇଛି। ତେବେ, ବିନା ଲାଇସେନ୍ସରେ ଏତେ ପରିମାଣର ବାଣ ଏକସଙ୍ଗେ କିଭଳି ସହର ଭିତରକୁ ଆସିଲା ତାହା ତଦନ୍ତସାପେକ୍ଷ। ଯେଉଁ ଅଞ୍ଚଳରେ ବାଣ ରହିଥିଲା ସେଠାରେ ଘରକୁ ଘର ଲାଗିକରି ରହିଛି। ଭଡାଘରର ଦୁଆର ମୁହଁରେ ଭୂତଳ ଗ୍ୟାସ ପାଇପ ଲାଇନ ଯାଇଛି। ଏ ସମସ୍ତ ଦିଗରେ ପୁଲିସ ତଦନ୍ତ କରୁଛି। ଫେରାର ଅଭିଯୁକ୍ତ ଧରାପଡିଲେ ଏହା ସ୍ପଷ୍ଟ ହୋଇପାରିବ ବୋଲି ଜୋନ ଏସିପି ଅନନ୍ୟା ଅଓସ୍ତି ସୂଚନା ଦେଇଛନ୍ତି।

▸▸ ସିଡିଏରୁ ବିପୁଳ ବାଣ ଜବତ; ଅଭିଯୁକ୍ତ ଫେରାର୍

ଇନ୍ଦିରା ଗାନ୍ଧୀ ମହିଳା ମହାବିଦ୍ୟାଳୟ ଶପଥ ଗ୍ରହଣ ଉତ୍ସବ ଦାବି



କଟକ,୩।୧୧(ସମିସ): ଆଜି ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ସଭାପତି ସୌଭାଗ୍ୟବତୀ ବେହେରା, ସାଧାରଣ ସମ୍ପାଦିକା ଶିବାନୀ ପତ୍ରୀ ଏବଂ ଏକ ପ୍ରତିନିଧିମଣ୍ଡଳୀ ଉପଜିଲ୍ଲାପାଳ ତଥା ଉକ୍ତ ମହାବିଦ୍ୟାଳୟର ଗଭର୍ଣ୍ଣିଙ୍ଗ୍ ବଡି (ଜି.ବି.) ପ୍ରେସିଡେଣ୍ଟ ଦିବ୍ୟଲୋଚନ ମହାନ୍ତଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ମହାବିଦ୍ୟାଳୟରେ ଅଟକି ରହିଥିବା ଶପଥ ଗ୍ରହଣ ଉତ୍ସବକୁ ଶୀଘ୍ର ସମ୍ପାଦିତ କରିବା ନିମନ୍ତେ ସେମାନେ ଏହି ଦାବି ଜଣାଇଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ଅକ୍ଟୋବର ୧୩ ତାରିଖରୁ ୨୮ ତାରିଖ ପର୍ଯ୍ୟନ୍ତ ବିନା କୌଣସି ସ୍ପଷ୍ଟ କାରଣରେ କଲେଜକୁ ସାଇନ୍-ଡାଏ ଘୋଷଣା କରାଯାଇଥିଲା। ଏହି କାରଣରୁ ଅକ୍ଟୋବର ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଛାତ୍ରୀ ସଂସଦର ଶପଥ ଗ୍ରହଣ ଉତ୍ସବକୁ ବାତିଲ କରାଯାଇଥିଲା। ସେହିପରି ଦଶହରା ଛୁଟି ପରେ ଶପଥ ଗ୍ରହଣ ଉତ୍ସବ କରାଯିବ ବୋଲି କଲେଜ କର୍ତ୍ତୃପକ୍ଷ ମୌଖିକ ଆଶ୍ୱାସନା ମଧ୍ୟ ଦେଇଥିଲେ। ଛୁଟି ସରିବା ପରେ ମଧ୍ୟ ଏଯାବତ୍ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇପାରି ନଥିବାରୁ କଲେଜ ପରିସରରେ ଅସନ୍ତୋଷ ସୃଷ୍ଟି ହେଉଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଛାତ୍ରୀମାନଙ୍କ ଏଭଳି ଦାବିକୁ ଗ୍ରହଣ କରି ଉପଜିଲ୍ଲାପାଳ ତଥା ଜି.ବି. ପ୍ରେସିଡେଣ୍ଟ ଶ୍ରୀ ମହାନ୍ତ ସଭାପତି ଏବଂ ସାଧାରଣ ସମ୍ପାଦିକାଙ୍କୁ ଆଶ୍ୱାସନା ଦେଇଛନ୍ତି ଯେ ଖୁବ୍‌ଶୀଘ୍ର ତାଙ୍କରି ଉପସ୍ଥିତିରେ ମହାବିଦ୍ୟାଳୟର ଶପଥ ଗ୍ରହଣ ଉତ୍ସବ ଆୟୋଜିତ ହେବ।

ମିଶନ୍ ରୋଡ୍ ସେଣ୍ଟ ଜାଭିଅର୍ସରେ ଆନ୍ତଃବିଦ୍ୟାଳୟ ଚିତ୍ରାଙ୍କନ



କଟକ, ୩।୧୧(ସମିସ): ଭିଜିଲାନ୍ସ ସଚେତନତା ସପ୍ତାହ ପାଳନ ଅବସରରେ ଆୟକର ବିଭାଗ ପକ୍ଷରୁ ମିଶନ୍ ରୋଡ୍‌ସ୍ଥିତ ସେଣ୍ଟ ଜାଭିଅର୍ସ ହାଇସ୍କୁଲରେ ଏକ ଆନ୍ତଃବିଦ୍ୟାଳୟ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ସେଣ୍ଟ ଜାଭିଅର୍ସ ଏଜୁକେସନାଲ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ଶିକ୍ଷାବିତ ଡ଼. ପ୍ରଭୁଚରଣ ମହାନ୍ତିଙ୍କ ମାର୍ଗଦର୍ଶନରେ 'ସମୃଦ୍ଧି ପାଇଁ ସତ୍ୟନିଷ୍ଠା' ଶୀର୍ଷକ ବିଷୟବସ୍ତୁକୁ ନେଇ ଅନୁଷ୍ଠିତ ଏହି ପ୍ରତିଯୋଗିତାକୁ ବିଦ୍ୟାଳୟର ଅଧ୍ୟକ୍ଷା ରୂପା ମିଶ୍ର ଉଦ୍‌ଘାଟନ କରିଥିଲେ। ସ୍ମାର୍ଟସ୍କୁଲ, ମଡର୍ଣ୍ଣ ପବ୍ଲିକ୍‌ସ୍କୁଲ, ମଦର୍ସ ପବ୍ଲିକ୍‌ସ୍କୁଲ ଏବଂ ସେଣ୍ଟ ଜାଭିଅର୍ସ ହାଇସ୍କୁଲର ବାରବାଟୀ, ମିଶନ୍ ରୋଡ୍ ଓ ସିଡିଏ ସେକ୍ଟର–୬ ଶାଖା ସମେତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଆୟକର ବିଭାଗର କେ.କେ. ମହାନ୍ତି (ଏସିଆଇଟି), ପି.କେ. କାନୁନଗୋ (ଆଇଟିଓ), ଏନ୍.କେ. ନାୟକ (ସିନିୟର ପିଏସ୍), ସମୀର ସାହୁ ଓ ଗୋବିନ୍ଦଚନ୍ଦ୍ର ସାହୁ (ଓଏସ୍) ପ୍ରମୁଖ ଉପସ୍ଥିତ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ସୁଭାଷ ସେତୁରେ ସିରିଜ୍ ଦୁର୍ଘଟଣା

ତ୍ରିଶୂଳିଆ, ୩।୧୧(ସମିସ): ତ୍ରିଶୂଳିଆ ନିକଟସ୍ଥ ନେତାଜୀ ସୁଭାଷଚନ୍ଦ୍ର ବୋଷ ସେତୁ ଉପରେ ଭାରସାମ୍ୟ ହରାଇ ଏକ ଘରୋଇ ସ୍କୁଲ ବସ୍ ଏକାଧିକ ଗାଡ଼ିକୁ ଧକ୍କା ଦେଇଛି। ମଙ୍ଗଳବାର ସକାଳ ୭ଟା ସମୟରେ କେଡିଏ ଅଞ୍ଚଳରୁ ଓଡି ୦୫ଏସି ୧୮୫୯ ଏକ ଘରୋଇ ସ୍କୁଲ ବସଟି ନେତାଜୀ ସୁଭାଷଚନ୍ଦ୍ର ବୋଷ ସେତୁ ତ୍ରିଶୂଳିଆ ପଟ ସେତୁ ମୁଣ୍ଡରେ ଭାରସାମ୍ୟ ହରାଇ ଏକାଧିକ ବାଇକ୍ ଓ ସ୍କୁଟିକୁ ଧକ୍କା ଦେଇଥିଲା। ଦୁର୍ଘଟଣାରେ କାହାର କୌଣସି କ୍ଷତି ହୋଇ ନଥିବା ବେଳେ ବାଇକ ଓ ସ୍କୁଟି ଭାଙ୍ଗିରୁଜି ନଷ୍ଟ ହୋଇଯାଇଛି। ସେତୁ ମୁଣ୍ଡରେ ସ୍ଥାନୀୟ ଅଞ୍ଚଳର ଲୋକମାନେ ସକାଳୁ ସକାଳୁ ୩ଟି ବାଇକ୍ ଓ ସ୍କୁଟି ରଖି ପ୍ରାତଃ ଭ୍ରମଣରେ ଯାଇଥିଲେ। ସୌଭାଗ୍ୟବଶତଃ ଏଥିରେ କାହାର କୌଣସି କ୍ଷତି ହୋଇ ନଥିଲା। ଖବର ପାଇ ବାରଙ୍ଗ ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଗୁଡ଼ିକୁ ଜବତ କରିବା ସହିତ ତଦନ୍ତ ଚଳାଇଛି।

▸▸ ବାଲିଯାତ୍ରା ପାଇଁ ୫୩୬ ପ୍ଲଟ୍ ନିଲାମ ସରିଲା

ଏଥର ବର୍ଗଫୁଟ ପିଛା ୧୩୦୦ ଟଙ୍କା ଛୁଇଁଲା ଦର

କଟକ,୩।୧୧(ସମିସ): ଐତିହାସିକ କଟକ ବାଲିଯାତ୍ରା ଆସନ୍ତା ନଭେମ୍ବର ୨୪ରୁ ଆରମ୍ଭ ହେବାକୁ ଯାଉଥିବା ବେଳେ ପ୍ଲଟ୍ ପଞ୍ଜୀକରଣ ପ୍ରକ୍ରିୟା ଶେଷ ହୋଇଛି। ପ୍ଲଟ୍ ନିଲାମୀ ଆରମ୍ଭ ହୋଇଥିବା ବେଳେ ଏହା ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ପ୍ଲଟ୍ ପାଇଁ ଏକାଧିକ ଆବେଦନ ହୋଇଥିବାରୁ ନିଲାମୀ ପ୍ରକ୍ରିୟାରେ ଜୋରଦାର ପ୍ରତିଯୋଗିତା ଦେଖିବାକୁ ମିଳୁଛି। ଚଳିତ ବର୍ଷ ପ୍ଲଟ୍ ପଞ୍ଜୀକରଣ ପାଇଁ ବେସ୍ ପ୍ରାଇସ୍ ବର୍ଗଫୁଟ ପିଛା ୬୦ରୁ ୬୫ ଟଙ୍କା ମଧ୍ୟରେ ଧାର୍ଯ୍ୟ କରାଯାଇଥିଲା। ମାତ୍ର ନିଲାମିରେ ପ୍ରତିଯୋଗିତା ବଢ଼ିବା ସହ ଦର ୧୩୦୦ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଛି। ଆଜି ସୁଦ୍ଧା ୫୩୬ଟି ପ୍ଲଟର ନିଲାମୀ ଶେଷ ହୋଇଥିବାବେଳେ ସର୍ବାଧିକ ବର୍ଗଫୁଟ ପିଛା ୧୩୦୦ ଟଙ୍କାରେ ପ୍ଲଟ୍ ନିଲାମ ହୋଇଛି। ନିଲାମି ପ୍ରକ୍ରିୟାକୁ ସ୍ୱଚ୍ଛ, ନିରପେକ୍ଷ ଓ ଶୃଙ୍ଖଳିତ କରିବା ପାଇଁ ପ୍ରଶାସନ ପକ୍ଷରୁ ପ୍ରାୟ ୭ଟି ଟିମ୍ ଗଠନ କରାଯାଇଛି। ବିଭିନ୍ନ ବ୍ଲକ୍ ପାଇଁ ଅଲଗା ଅଲଗା ସ୍ଥାନରେ ନିଲାମୀ ବ୍ୟବସ୍ଥା କରାଯାଇଛି। ଜଣେ ଆବେଦନକାରୀ ସର୍ବାଧିକ ୩ଟି ପ୍ଲଟ୍ ପାଇଁ ଅନଲାଇନ୍‌ରେ ଆବେଦନ କରିବାର ବ୍ୟବସ୍ଥା ରହିଥିଲା। ପ୍ରତିଦିନ ସକାଳ ୧୦ଟାରୁ ନିଲାମି ଆରମ୍ଭ ହୋଇ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଚାଲୁଛି। ଅନ୍ୟପକ୍ଷରେ, ନିଲାମୀରେ ଭାଗ ନେବା ପାଇଁ ପଞ୍ଜୀକରଣ କରିଥିବା ଆବେଦନକାରୀ ଯଦି ନିଲାମିରେ ଅଂଶଗ୍ରହଣ ନ କରନ୍ତି, ତେବେ ସେମାନେ ଦାଖଲ କରିଥିବା ଫି' ଫେରସ୍ତ ପାଇବେ ନାହିଁ ବୋଲି ସୂଚନା ମିଳିଛି। ଚଳିତ ବର୍ଷ ବାଲିଯାତ୍ରା ପ୍ଲଟ୍ ନିଲାମି ପ୍ରକ୍ରିୟାକୁ ସୁରୁଖୁରୁରେ ଓ ସ୍ୱଚ୍ଛତାର ସହ ସମ୍ପନ୍ନ କରିବା ପାଇଁ ପ୍ରଶାସନ ସମସ୍ତ ପ୍ରସ୍ତୁତି କରିଛି ବୋଲି ଅତିରିକ୍ତ ଜିଲ୍ଲାପାଳ କମଳଜିତ ଦାସ ସୂଚନା ଦେଇଛନ୍ତି।





ଶ୍ରୀରାମଚନ୍ଦ୍ର ଭବନରେ ଭଜନ ସମ୍ରାଟ ଭିକାରି ବଳଙ୍କ ସ୍ମୃତି ସମାରୋହ

କଟକ ନାଟ୍ୟୋତ୍ସବ

ପ୍ରଥମ ଦିନରେ ଦର୍ଶକଙ୍କ ମନ ଜିଣିଲା ୩ ନାଟକ

କଟକ,୩।୧୧(ସମିସ): ମଞ୍ଚରେ ଅଭିନୟର ଯାଦୁ, ସଂଳାପରେ ଭାବନାର ସ୍ପର୍ଶ, ଆଉ କାହାଣୀରେ ସମାଜର ବାସ୍ତବ ଚିତ୍ର। ଏମିତି ଏକ ନାଟ୍ୟମୟ ପରିବେଶ ମଧ୍ୟରେ ଆରମ୍ଭ ହୋଇଛି 'କଟକ ନାଟ୍ୟୋତ୍ସବର ଚୂଡ଼ାନ୍ତ ପର୍ଯ୍ୟାୟ। ପ୍ରଥମ ଦିନରେ ତିନିଟି ଭିନ୍ନ ସ୍ୱାଦର ନାଟକ ମଞ୍ଚସ୍ଥ ହୋଇ ଦର୍ଶକଙ୍କ ମନ ଜିଣିବା ସହ ନାଟ୍ୟପ୍ରେମୀଙ୍କ ମଧ୍ୟରେ ଉତ୍ସାହ ଭରିଦେଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଆୟୋଜିତ ଏହି ନାଟ୍ୟୋତ୍ସବ ରେଭେନ୍ସା ବିଶ୍ୱବିଦ୍ୟାଳୟର 'ସେଭେନ୍ ପିଲାର୍ସ ଅଫ୍ ୱିଜଡମ୍'ଠାରେ ଅନୁଷ୍ଠିତ ହେଉଛି। ପ୍ରଥମ ଦିନର ପ୍ରଥମ ଆକର୍ଷଣ ଥିଲା 'ମହାବାହୁ'। ଜଗନ୍ନାଥ ସଂସ୍କୃତି ଓ ମହାପ୍ରଭୁଙ୍କ ମହିମାକୁ ଆଧାର କରି ବିଜୁ ପଟ୍ଟନାୟକ ଫିଲ୍ମ ଆଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟର ଛାତ୍ରଛାତ୍ରୀମାନେ ଏହାକୁ ମଞ୍ଚସ୍ଥ କରିଥିଲେ। ଦ୍ୱିତୀୟ ନାଟକ 'ନୀରବ ଚିଠି' ଦର୍ଶକଙ୍କୁ ଭାବବିହ୍ୱଳ କରିଦେଇଥିଲା। ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ପରିବେଷିତ ଏହି ନାଟକରେ ଯୌଥ ପରିବାରର ମହତ୍ତ୍ୱ, ପାରିବାରିକ ସମ୍ପର୍କ ଓ ନିଜ ପରିବାର ପାଇଁ ସମୟ ଦେବାର ଆବଶ୍ୟକତାକୁ ଭାବପ୍ରବଣ ଢଙ୍ଗରେ ଉପସ୍ଥାପନ କରାଯାଇଥିଲା। ସେହିପରି ଦିନର ଶେଷ ନାଟକ ଭାବେ ଶ୍ରୀଶ୍ରୀ ବିଶ୍ୱବିଦ୍ୟାଳୟ ପକ୍ଷରୁ ପରିବେଷିତ ହୋଇଥିଲା 'ଫେରିଆ ବୋଇତ ସପନ ନେଇ'। କଟକର ଐତିହାସିକ ବାଲିଯାତ୍ରା, ଓଡ଼ିଆ ନୌବାଣିଜ୍ୟ ପରମ୍ପରା, ଭାଇଚାରା ଓ ସମୃଦ୍ଧ ସଂସ୍କୃତିକୁ ନାଟକ ମାଧ୍ୟମରେ ଜୀବନ୍ତ ରୂପ ଦିଆଯାଇଥିଲା।



ଉଦ୍‌ଘାଟନୀ ଉତ୍ସବରେ ଡେପୁଟି କଲେକ୍ଟର ଶତ୍ରୁପା ଶତପଥୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସ୍ୱାଗତିକା ବେହେରା, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୋନାଲି କୁଣ୍ଡ, ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନାଙ୍କ ସମେତ ନାଟ୍ୟୋତ୍ସବ କମିଟିର ଉପଦେଷ୍ଟା ତଥା ସିନେ ତାରକା ଶ୍ରୀତମ ଦାସ ଉପସ୍ଥିତ ଥିଲେ। ଏଥିସହ ବିଚାରକ ଧୀର ମଲ୍ଲିକ, ନମ୍ରତା ଦାସ ଓ ହରିଶ ମହାନ୍ତିଙ୍କ ସମେତ ନାଟ୍ୟ ପରାମର୍ଶଦାତା ଅନନ୍ତ ଦାଶ, ଦେବୀ ପ୍ରସାଦ ପଟ୍ଟନାୟକ, ବିଶ୍ୱଭୂଷଣ ମହାନ୍ତି, ଉମେଶ ଦାଶ, ଅକ୍ଷୟ ରଣା, ମହମ୍ମଦ ସଫିଉଲ ହକ୍, ସନ୍ଦୀପ ପାଣି, ବେବି ପ୍ରଧାନ ଓ ଶ୍ୱେତା ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇଥିଲେ। ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ଏହି କଟକ ନାଟ୍ୟୋତ୍ସବର ଚୂଡ଼ାନ୍ତ ପର୍ଯ୍ୟାୟ ଚାଲିବ।

▸▸ ଗୌରୀ ସାହୁ ହତ୍ୟା ଘଟଣା

କାଠଯୋଡ଼ି କୂଳରେ ହତ୍ୟାକାଣ୍ଡର ସିନ୍ ରିକ୍ରିଏସନ୍

କଟକ,୩।୧୧(ସମିସ): ରାଜାବଗିଚା ନିକଟ କାଠଯୋଡ଼ି ନଦୀକୂଳରେ କଳାହାଣ୍ଡି ନର୍ଲାର ଗୌରୀ ସାହୁ ହତ୍ୟା ଘଟଣାରେ ଅଭିଯୁକ୍ତ ଜଳନ୍ଧର ବାଗକୁ ବାଦାମବାଡି ଥାନା ପୁଲିସ ରିମାଣ୍ଡରେ ଆଣିଥିଲା। ଆଜି ସକାଳେ ପୁଲିସ ତାକୁ ନେଇ ଘଟଣାସ୍ଥଳରେ 'ମର୍ଡର ସିନ ରିକ୍ରିଏସନ' କରାଇଥିଲା। କେମିତି ଗୌରୀଙ୍କୁ ହତ୍ୟା କରିଥିଲା, ହତ୍ୟା ପରେ ସେ କ'ଣ କରିଥିଲା ଓ ସେଠାରୁ କିପରି ସହର ଛାଡି ପଳାଇଥିଲା ତାହା ଗୋଟିଗୋଟି କରି ଜଳନ୍ଧର ପୁଲିସକୁ କହିବା ସହିତ ସେ ସମୟର ଦୃଶ୍ୟକୁ ମଧ୍ୟ ଦୋହରାଇଥିଲା।

ପ୍ରାୟ ଅଧ ଘଣ୍ଟା ପର୍ଯ୍ୟନ୍ତ ନୂଆପଡା ଜିଲ୍ଲା କୋମନାର ଅଭିଯୁକ୍ତ ଜଜଳନ୍ଧ ହତ୍ୟାକାଣ୍ଡର ଦୃଶ୍ୟ ଦୋହରାଇଥିଲା। ସେ ନଦୀକୂଳକୁ ଗୌରୀର ଶବକୁ ଘୋଷାଡି ନେଇଥିଲା। ଦୂରରୁ କେହି ଜଣେ ଆସୁଥିବା ଦେଖି ଜଳନ୍ଧର ପାଣିରେ ମୃତଦେହକୁ ନଫିଙ୍ଗି ସେଠାରୁ ପଳାଇଥିଲା। ହତ୍ୟାକାଣ୍ଡସ୍ଥଳ ବୁଲି ଦେଖାଇବା ବେଳେ ତାର କିଛି ଦୂରରୁ ପୁଲିସକୁ ଜଳନ୍ଧରର ଏକ ଡ୍ରେସ ମିଳିଛି। ହତ୍ୟା କରିବା ସମୟରେ ଜଳନ୍ଧର ଯେଉଁ ଡ୍ରେସ ପିନ୍ଧିଥିଲା ସେଥିରେ ରକ୍ତର ଛିଟା ଲାଗିବାରୁ ସେ ତୁରନ୍ତ ତାହାକୁ ବଦଳାଇ ସେଠାରୁ କିଛି ଦୂରରେ ଫିଙ୍ଗି ପଳାଇଥିଲା। ଉକ୍ତ ଡ୍ରେସକୁ ପୁଲିସ ଜବତ କରିବା ସହିତ ତାହାକୁ ଫରେନସିକ ଲାବକୁ ପଠାଇଛି। ତେବେ ହତ୍ୟା କରିବାକୁ ସେ ପୂର୍ବରୁ ଯୋଜନା କରି ନଥିବା କଥା ପୁର୍ନବାର ଦୋହରାଇଛି। ମାତ୍ର ପୁଲିସ ଏହି କଥାରେ ସହମତ ହୋଇନାହିଁ। ଜଳନ୍ଧର କହିବାନୁସାରେ, ହଠାତ ବଚସା ହେବାରୁ ସେ ଏକ ଇଟା ଆଣି ହତ୍ୟା କରିଥିଲା। ମାତ୍ର ତାର ପୁରୁଣା ରେକର୍ଡ କହୁଛିଯେ ଜଳନ୍ଧର ଜଣେ ହିଂସ୍ର ପ୍ରବୃତ୍ତିର ମଣିଷ। ପୂର୍ବରୁ ମଧ୍ୟ ସେ ଜଣେ ମହିଳାଙ୍କୁ ହତ୍ୟା କରି ଫେରାର ଥିଲା। ତେଣୁ ସେ ପୁରା ଯୋଜନାବଦ୍ଧ ଭାବେ ଗୌରୀଙ୍କୁ ହତ୍ୟା କରିବା ଉଦ୍ଦେଶ୍ୟରେ କଟକ ଆଣିଥିଲା। ଅନ୍ୟପଟେ ଫେରାର ହେବା ପାଇଁ ସେ କିଭଳି ଅଟୋରେ ବସି କଟକ ଷ୍ଟେସନ ଯାଇଥିଲା। ଟ୍ରେନରେ କଟକରୁ ଯିବା ପରେ କିଛି ଦୂରରେ ଓହ୍ଲାଇଥିଲା। ଏହାପରେ ବସରେ ନୂଆପଡା ଯାଇଥିଲା। ସେଠାରେ ଲୁଚିବା ପାଇଁ ଗୌରୀର ଜଣେ ଭଉଣୀ ଘରକୁ ଯାଇଥିଲା। ମାତ୍ର ସେଠାରେ ଆଶ୍ରୟ ନମିଳିବାରୁ ସେ ସିଧା ତେଲେଙ୍ଗାନା ପଳାଇଥିଲା। ସେଠାରେ କିଛି ଦିନ ରହି ଆନ୍ଧ୍ରପ୍ରଦେଶରେ ଯାଇ ଶ୍ରମିକ କାମ କରିଥିଲା। ଏହାପରେ କଟକ ପୁଲିସ ଯାଇ ତାକୁ ତିରୁପତିରୁ ଗିରଫ କରିଥିଲା। ଆଜି ସିନ ରିକ୍ରିଏସନ ବେଳେ ଜୋନ ଏସିପି ଅଶୋକ ଗିରି ଓ ବାଦାମବାଡି ଥାନାଧିକାରୀ ଅଜୟ ରାଉଳ ଉପସ୍ଥିତ ଥିଲେ। ତେବେ ଆବଶ୍ୟକ ତଥ୍ୟ ମିଳିସାରିଥିବାରୁ ୨ ଦିନିଆ ରିମାଣ୍ଡ ଅବଧି ପୂର୍ବରୁ ପୁଲିସ ଜଳନ୍ଧରକୁ କୋର୍ଟରେ ହାଜର କରି ପୁଣି ଚୌଦ୍ୱାର ଜେଲ ପଠାଇଦେଇଛି।



ରକ୍ତଛିଟା ଲାଗିଥିବା ଡ୍ରେସ୍ ଜବତ; ଜେଲ୍ ଫେରିଲା ଅଭିଯୁକ୍ତ

କବି ଓ ଲେଖକ ଦୀପକ ସାମନ୍ତରାୟଙ୍କ ପରଲୋକ

ମରଶରୀରକୁ ଏସ୍‌ସିବିକୁ ଦାନ

କଟକ,୩।୧୧(ସମିସ): ଜାତୀୟ ପ୍ରସାରଣ ଓ ମଲ୍ଟିମିଡିଆ ଏକାଡେମୀର ପୂର୍ବତନ ନିର୍ଦ୍ଦେଶକ, କଟକ ହେରିଟେଜ୍ ୱାକ୍ବର ଆବାହକ, ବିଶିଷ୍ଟ ଲେଖକ, କବି ତଥା ପରିଚିତ ଐତିହ୍ୟପ୍ରେମୀ ଦୀପକ ସାମନ୍ତରାୟଙ୍କର ପରଲୋକ ଘଟିଛି। ଦୀର୍ଘଦିନର ଅସୁସ୍ଥତା ପରେ ଆଜି ସକାଳେ କଟକର ରୋଭର୍ସ ଷ୍ଟ୍ରିଟ୍‌ସ୍ଥିତ ପୈତୃକ ବାସଭବନରେ ସେ ଶେଷନିଃଶ୍ୱାସ ତ୍ୟାଗ କରିଥିଲେ। ତାଙ୍କୁ ୬୯ ବର୍ଷ ହୋଇଥିଲା। ସେ ପତ୍ନୀ ଓ ଏକମାତ୍ର କନ୍ୟାଙ୍କୁ ଛାଡ଼ି ଯାଇଛନ୍ତି। ପାରିବାରିକ ନିଷ୍ପତ୍ତି ଅନୁଯାୟୀ, ତାଙ୍କ ମରଶରୀରକୁ ଏସ୍‌ସିବି ମେଡିକାଲ କଲେଜକୁ ଦାନ କରାଯାଇଛି।



୧୯୫୭ ମସିହା ଜୁଲାଇ ୨୨ ତାରିଖରେ ଜନ୍ମଗ୍ରହଣ କରିଥିବା ସାମନ୍ତରାୟ ଜଣେ ସୁନାମଧନ୍ୟ ପ୍ରସାରଣ ବିଶେଷଜ୍ଞ ଥିଲେ। ଆକାଶବାଣୀରେ ଦୀର୍ଘଦିନ କାର୍ଯ୍ୟ କରି ସେ ଜାତୀୟ ସ୍ତରରେ ଏକାଧିକ ପୁରସ୍କାର ଓ ପ୍ରଶଂସା ଲାଭ କରିଥିଲେ। ପ୍ରସାର ଭାରତୀ ପକ୍ଷରୁ ମଧ୍ୟ ବିଭିନ୍ନ ସମୟରେ ତାଙ୍କୁ ସ୍ୱୀକୃତି ମିଳିଥିଲା। ଆକାଶବାଣୀ ପକ୍ଷରୁ ଦୁଇଥର ଶ୍ରେଷ୍ଠ ପ୍ରଶିକ୍ଷକ ପୁରସ୍କାର ପାଇ ସେ ନିଜର ଦକ୍ଷତାର ପରିଚୟ ଦେଇଥିଲେ। ଜଣେ ସୃଜନଶୀଳ ଲେଖକ ଭାବେ ତାଙ୍କର ୩ଟି ଓଡ଼ିଆ କବିତା ସଂକଳନ ପ୍ରକାଶ ପାଇଛି। ଏଥିରେ ଭାରତର ବିଶିଷ୍ଟ ଦ୍ୱିଭାଷୀ କବି ଜୟନ୍ତ ମହାପାତ୍ରଙ୍କ ମନୋନୀତ କବିତାଗୁଡ଼ିକର ଓଡ଼ିଆ ଅନୁବାଦ ମଧ୍ୟ ଅନ୍ତର୍ଭୁକ୍ତ। ପ୍ରବନ୍ଧ ସମେତ ତିନୋଟି ଗଦ୍ୟ ରଚନା ମଧ୍ୟ ତାଙ୍କର ପ୍ରକାଶିତ ହୋଇଛି। ଜଣେ ଭଲ ଫଟୋଗ୍ରାଫର ଭାବେ ମଧ୍ୟ ତାଙ୍କର ପରିଚୟ ଥିଲା। ୧୯୯୦-୯୧ ମସିହାରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ତାଙ୍କର ଏକକ ଫଟୋଗ୍ରାଫି ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଜଣେ ବିଶିଷ୍ଟ ଶିକ୍ଷାବିତ୍ ଭାବେ ସେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରୁ ରେଡିଓ କାର୍ଯ୍ୟକ୍ରମ ପ୍ରସ୍ତୁତି ବିଷୟରେ ପିଏଚ୍‌ଡି ଡିଗ୍ରୀ ହାସଲ କରିଥିଲେ। ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନର ଅଧ୍ୟୟନ ବୋର୍ଡରେ ସେ ସଦସ୍ୟ ଥିଲେ। ସାମ୍ବାଦିକତା ଓ ଗଣଯୋଗାଯୋଗ ବିଷୟରେ ସେ ଅତିଥି ଅଧ୍ୟାପକ ଭାବେ ମଧ୍ୟ ଶିକ୍ଷାଦାନ କରୁଥିଲେ। ଐତିହ୍ୟ ପ୍ରତି ଆକର୍ଷଣ ତାଙ୍କ ବ୍ୟକ୍ତିତ୍ୱର ବିଶେଷତ୍ୱ ଥିଲା। ପ୍ରସାରକ, କବି, ଲେଖକ ଓ ବକ୍ତା ଭାବେ ତାଙ୍କର ପରିଚୟ ଥିଲେ ମଧ୍ୟ “ଐତିହ୍ୟପ୍ରେମୀ’ ଭାବେ ତାଙ୍କର ପରିଚୟ ସବୁକୁ ଛାପି ଦେଇଥିଲା। ସେ ଇନଟାକ କଟକ ଶାଖାର ମଧ୍ୟ ଆବାହକ ଥିଲେ। ମିଲେନିୟମ୍ ସିଟିର ଅନ୍ୟତମ ସୁଯୋଗ୍ୟ ସନ୍ତାନ ତଥା ଭାରତୀୟ ଇଂରାଜୀ କବିତ ଜଗତର ଅନ୍ୟତମ ବରେଣ୍ୟ କବି ଜୟନ୍ତ ମହାପାତ୍ରଙ୍କ ସହ ତାଙ୍କର ଘନିଷ୍ଠତା ମଧ୍ୟ ତାଙ୍କ ବ୍ୟକ୍ତିତ୍ୱର ଏକ ସ୍ୱତନ୍ତ୍ର ଦିଗ ଥିଲା।

୨୦୧୬ରେ ଭୁବନେଶ୍ୱରରେ ଏକାମ୍ର ୱାକ୍ବର ସଫଳତା ପରେ କଟକରେ ଐତିହ୍ୟ ପଦଯାତ୍ରାର ଏକ ନୂଆ ଅଧ୍ୟାୟ ଆରମ୍ଭ ହୋଇଥିଲା। ଦୀପକ ସାମନ୍ତରାୟଙ୍କ ନେତୃତ୍ୱରେ “ବାରବାଟୀ ବେକନ୍ସ” ନାମରେ ଆରମ୍ଭ ହୋଇଥିବା ଏହି ପଦଯାତ୍ରାକୁ ବିଭିନ୍ନ ମଞ୍ଚରୁ ସମର୍ଥନ ମିଳିଥିଲା। ନ୍ୟାୟପାଳିକାଠାରୁ ବାରବାଟୀ ଦୁର୍ଗ, ସାମୁଦ୍ରିକ ଇତିହାସ, ଚର୍ଚ୍ଚଠାରୁ ସଂଗ୍ରହାଳୟ, ପାଠାଗାର, ଦୁର୍ଗାପୂଜା ପରମ୍ପରା, ତାରକସି ଶିଳ୍ପ, ଦହିବରା-ଆଳୁଦମ୍, ମନ୍ଦିରଠାରୁ ନିଜ ଶିକ୍ଷାନୁଷ୍ଠାନ ପର୍ଯ୍ୟନ୍ତ କଟକର ବିବିଧ ଐତିହ୍ୟକୁ ନୂଆ ଢଙ୍ଗରେ ଲୋକଲୋଚନକୁ ଆଣିବାରେ ତାଙ୍କର ଅବଦାନ ଅତୁଳନୀୟ। ସାମନ୍ତରାୟଙ୍କ ଇଚ୍ଛା ଅନୁଯାୟୀ, ତାଙ୍କ ପରିବାର ସଦସ୍ୟମାନେ ମୃତଦେହକୁ ଓଡ଼ିଶାର ସର୍ବପୁରାତନ ଡାକ୍ତରୀ ଶିକ୍ଷାନୁଷ୍ଠାନ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ଆନାଟୋମି ବିଭାଗକୁ ଦାନ କରିଛନ୍ତି। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ କଟକ ହେରିଟେଜ୍ ୱାକ୍ବର ସଦସ୍ୟ, ବନ୍ଧୁ, ଓ ଶୁଭେଚ୍ଛୁ ବାସଭବନରେ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ।

କଳା ବିକାଶ କେନ୍ଦ୍ରର ଶୋକ

ଇଣ୍ଟାକ୍ କଟକର ଆବାହକ ସାହିତ୍ୟିକ ଦୀପକ ସାମନ୍ତରାୟଙ୍କ ବିୟୋଗରେ କଳାବିକାଶ କେନ୍ଦ୍ରର ସଭାପତି ପ୍ରଫେସର ବିଜୟାନନ୍ଦ ସିଂହ ଗଭୀର ଶୋକପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଦୀପକ ସାମନ୍ତରାୟ ଏକାଧାରରେ ଜଣେ କବି, ଗାଳ୍ପିକ ଓ ଅନୁବାଦକ ଥିଲେ। ଓଡ଼ିଶାର ଐତିହ୍ୟ, ପରମ୍ପରା, ସଂସ୍କୃତି ଓ ନାଟ୍ୟକଳାର ସୁରକ୍ଷା, ସଂରକ୍ଷଣ ତଥା ପ୍ରସାର ଦିଗରେ ତାଙ୍କର ଅବଦାନ ସ୍ମରଣୀୟ ହୋଇରହିବ ବୋଲି ପ୍ରଫେସର ସିଂହ କହିଛନ୍ତି।

ବନ୍ୟା ଛାଡିବାର ୩ ମାସ ପରେବି ହେଉନି ଘରଭଙ୍ଗା ତଦନ୍ତ

ବିପନ୍ନଙ୍କ ମଧ୍ୟରେ ତେଜୁଛି ଅସନ୍ତୋଷ

ମଙ୍ଗଳପୁର,୩।୧୧(ସମିସ): ଚଳିତ ବନ୍ୟାରେ ଦଶରଥପୁର ବ୍ଲକର ଅଧିକାଂଶ ପଞ୍ଚାୟତ ଜଳମଗ୍ନ ହୋଇଥିବା ବେଳେ ବନ୍ୟା ପାଣିରେ ଅନେକ ମାଟି ଘରର କାନ୍ଥ ଗୁଡିକ ଭାଙ୍ଗିଯିବା ସହ ଅନେକ ଛଟା ବାଡ଼ିଆ କାନ୍ଥ ଭାସିଯାଇଥିବା ଦେଖିବା ପାଇଁ ମିଳିଥିଲା। ଏହି ପରିପ୍ରେକ୍ଷୀରେ ସରକାର ବନ୍ୟା ଛାଡିବାର ୭ ଦିନ ମଧ୍ୟରେ ତଦନ୍ତ କରି କ୍ଷୟକ୍ଷତିର ଆକଳନ କରିବା ସହ ବିପନ୍ନମାନଙ୍କୁ ସିଧାସଳଖ ସେମାନଙ୍କ ଆକାଉଣ୍ଟକୁ ସହାୟତା ରାଶି ଦେବେ ବୋଲି ଘୋଷଣା କରିଥିଲେ। ମାତ୍ର ଇତି ମଧ୍ୟରେ ବନ୍ୟା ଛାଡିବାର ୨ ମାସରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଅନେକ ବିପନ୍ନଙ୍କ ଘରକୁ ତଦନ୍ତ କାରି ଟିମ୍ ତଦନ୍ତ ନିମନ୍ତେ ଯାଇନଥିବା ନେଇ ଅଭିଯୋଗ ହୋଇଛି। ଏଥି ମଧ୍ୟରେ ଲଘୁଚାପ ଜନିତ ଲଗାଣ ବର୍ଷା ସାଙ୍ଗକୁ ବାତ୍ୟା 'ଅର୍ଣ୍ଣବ' ମଧ୍ୟ ଯାଇସାରିଲାଣି। ଘରଭଙ୍ଗା ଅର୍ଥ ମିଳିଲେ ଘର ସଜାଡି ଘରକୁ ଫେରିବେ ବୋଲି ବିପନ୍ନମାନେ ଚାହିଁ ବସିଥିବା ବେଳେ କେବେ ହେବ ତଦନ୍ତ ଓ କେବେ ମିଳିବ ଘର ଭଙ୍ଗା ସହାୟତା ଏହାକୁ ନେଇ ଏବେ ଚିନ୍ତାରେ ବିପନ୍ନ। ଏଥିନେଇ ଆରାଇଙ୍କୁ ପଚାରିବାରୁ ତଦନ୍ତ ନିମନ୍ତେ ଇନକ୍ୱାରୀ ଟିମ ହୋଇଛି, ସେମାନେ ଯାଇ ତଦନ୍ତ କରୁଛନ୍ତି ବୋଲି କହିଥିବା ବେଳେ କେବେ ହେବ ତଦନ୍ତ ଆଉ କେବେ ଲୋକଙ୍କୁ ମିଳିବ ସରକାରୀ ସହାୟତା ତାହା ଦେଖିବା ପାଇଁ ବାକି ରହିଲା। ଅପରପକ୍ଷେ ତଦନ୍ତ ନହେବା ପର୍ଯ୍ୟନ୍ତ ଯେଉଁ ଲୋକ ମାନଙ୍କର ଘର ଭାଙ୍ଗିଛି ସେମାନେ ମରାମତି ମଧ୍ୟ କରିପାରୁ ନଥିବା ବେଳେ ଯଥାଶୀଘ୍ର ତଦନ୍ତ ଶେଷ କରି ଖୁବ ଶୀଘ୍ର ବିପନ୍ନ ମାନଙ୍କୁ ଘର ଭଙ୍ଗା ସହାୟତା ଯୋଗେଇ ଦେବାକୁ ସାଧାରଣରେ ଦାବି ହୋଇଛି।

ଘରଭଙ୍ଗା ହିତାଧିକାରୀ ଚୟନରେ ତଞ୍ଚକତା



ସିଂହପୁର,୩।୧୧(ସମିସ): ବିଞ୍ଝାରପୁର ବ୍ଲକର ନାଉବାଙ୍କଠାରେ ଗତ ଜୁଲାଇ ମାସରେ ହୋଇଥିବା ଘାଇ ପ୍ରଭାବରେ ହଳଦୀଡିଅ ପଞ୍ଚାୟତର ବହୁ ଘର ଦ୍ୱାର ଭାଙ୍ଗିଯାଇଥିଲା, ଚାରି ଚାରି ଥର ବନ୍ୟା ଜଳ ଘାଇରେ ପ୍ରବେଶ କରିବା ଦ୍ୱାରା ହଳଦିଡିଅ, ଫଳପୁର, ଗଜଡିଅ, ଆଦି ଗ୍ରାମର ଶତାଧିକ ଘର ଭାଙ୍ଗିଯିବା ଦ୍ୱାରା ମାସ ମାସ ଧରି ଲୋକେ ସ୍କୁଲ ଘର ଓ ବାତ୍ୟା ଆଶ୍ରୟସ୍ଥଳୀରେ ଆଶ୍ରୟ ନେଇଥିଲେ। କିନ୍ତୁ ଘର ଭଙ୍ଗା ସାହାଯ୍ୟ ପାଇବା ପାଇଁ ହିତାଧିକାରୀ ଚୟନ ସମୟରେ ପ୍ରୀତିପୁର ସର୍କଲର ରାଜସ୍ୱ ନିରୀକ୍ଷକ କ୍ଷତିଗ୍ରସ୍ତ ଅଞ୍ଚଳ ବୁଲି ପ୍ରକୃତ ଗ୍ରାଉଣ୍ଡ ଜିରୋରେ ଅନୁସନ୍ଧାନ ନକରି ଓ ଭଙ୍ଗା ଘରର ଜିଓ ଟ୍ୟାଗ ନକରି ଅର୍ଥ ଲାଞ୍ଚ ନେଇ କୋଠା ଘର ଥିବା ଓ ବଡବଡିଆ ଲୋକଙ୍କୁ ଘର ଭଙ୍ଗା ସାହାଯ୍ୟ ପ୍ରଦାନ କରିଛନ୍ତି। ଫଳରେ ଘର ଭଙ୍ଗା ସାହାଯ୍ୟରୁ ବଞ୍ଚିତ ବନ୍ୟା କ୍ଷତିଗ୍ରସ୍ତ ପରିବାରଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏଣୁ ଉପରୋକ୍ତ ଗ୍ରାମର ଶତାଧିକ ପରିବାରବୃନ୍ଦ ଗତକାଲି ଯାଜପୁର ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଅମ୍ବର କୁମାର କରଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଯଦି ଆସନ୍ତା ସାତ ଦିନ ମଧ୍ୟରେ ସେମାନଙ୍କୁ ଘର ଭଙ୍ଗା ସାହାଯ୍ୟ ଅର୍ଥରାଶି ପ୍ରଦାନ ନକରାଯାଏ, ତେବେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ କ୍ଷତିଗ୍ରସ୍ତ ପରିବାର ଧାରଣାରେ ବସିବେ ବୋଲି ଜିଲ୍ଲାପାଳଙ୍କୁ ଜଣାଇଥିଲେ। ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଥିବା ଗ୍ରାମବାସୀଙ୍କ ମଧ୍ୟରେ ମଙ୍ଗୁଳି ମଲିକ, ନିରଞ୍ଜନ ଗୁରୁ, ଧନେଶ୍ୱର ମଲିକ, ତ୍ରିଲୋଚନ ସାମଲ, ସୁରଥ ଜେନା, କେଶବ ମଲିକ, ଉମାକାନ୍ତ ମଲିକ, ଭରତ ମଲିକ, ସୁଶାନ୍ତ ମଲିକ, ମନୋଜ ମଲିକ, ନରହରି ମଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଜିଲ୍ଲାପାଳ ଏହି ଅଭିଯୋଗକୁ ଗୁରୁତର ସହିତ ବିଚାର କରି ତୁରନ୍ତ କ୍ଷତିଗ୍ରସ୍ତ ପରିବାରକୁ ନ୍ୟାୟ ପ୍ରଦାନ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିଲେ।

ଛାତ୍ରୀଙ୍କୁ ଅସଦାଚରଣ

ପ୍ରଧାନଶିକ୍ଷକଙ୍କ ନାମରେ ଅଭିଯୋଗ

ବିଞ୍ଝାରପୁର/ପ୍ରୀତିପୁର,୩।୧୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇ ପଞ୍ଚାୟତର ବରୁଣେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଥିବା ନେଇ ପ୍ରଧାନଶିକ୍ଷକ ଅନାଦି ଚରଣ ଯେନାଙ୍କ ବିରୋଧରେ ସାଂଘାତିକ ଅଭିଯୋଗ ଉଠିଛି। ଏହି ଘଟଣାକୁ ନେଇ ଛାତ୍ରୀଙ୍କ ପରିବାର ପକ୍ଷରୁବିଞ୍ଝାରପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିବା ଜଣାପଡ଼ିଛି। ଅଭିଯୋଗ ଅନୁଯାୟୀ, ଗତ ଶନିବାର ସକାଳେ ବିଦ୍ୟାଳୟ ପରିସରରେ ଏହି ଘଟଣା ଘଟିଥିଲା। ଘଟଣା ପରେ ରବିବାର ଓ ସୋମବାର ଦୁଇ ଦିନ ଧରି ଛାତ୍ରୀଙ୍କ ପରିବାର ଏବଂ ବିଦ୍ୟାଳୟର କିଛି ଶିକ୍ଷକଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଜଣାପଡ଼ିଛି। ତେବେ ମଙ୍ଗଳବାର ରାତିରେ ପରିବାର ପକ୍ଷରୁ ଥାନାରେ ଲିଖିତ ଭାବେ ଅଭିଯୋଗ କରାଯାଇଛି। ଅନ୍ୟପକ୍ଷରେ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ନିଯୁକ୍ତିକୁ ନେଇ ପୂର୍ବରୁ ମଧ୍ୟ ଅଞ୍ଚଳରେ ଅସନ୍ତୋଷ ରହିଥିବା ଜଣାପଡ଼ିଛି। ସେ ବିଦ୍ୟାଳୟରେ ଯୋଗଦେବା ପୂର୍ବରୁ ସ୍ଥାନୀୟ ସରପଞ୍ଚ ସ୍ମୃତି ସମୀକ୍ଷା ମଲ୍ଲିକ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଏବଂ ପଞ୍ଚାୟତର କିଛି ବ୍ୟକ୍ତି ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଭେଟି ତାଙ୍କ ବଦଳରେ ଅନ୍ୟ ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ଦାବି କରିଥିଲେ। ତେବେ ସେତେବେଳେ ସେମାନଙ୍କ ଦାବି ଗ୍ରହଣ କରାଯାଇ ନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପୂର୍ବରୁ ମଧ୍ୟ ବିବାଦ ଥାନା ପର୍ଯ୍ୟନ୍ତ ଯାଇଥିଲା। ପରବର୍ତ୍ତୀ ସମୟରେ ପ୍ରଧାନଶିକ୍ଷକ ନିଜ ସମର୍ଥକଙ୍କ ସହ ବାଜା ବଜାଇ ଓ ବାଣ ଫୁଟାଇ ବିଦ୍ୟାଳୟରେ ଯୋଗଦାନ କରିଥିଲେ। ଯୋଗଦାନର ମାତ୍ର ପାଞ୍ଚ ମାସ ମଧ୍ୟରେ ଏଭଳି ଅଭିଯୋଗ ସାମ୍ନାକୁ ଆସିବା ପରେ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଘଟଣାର ନିରପେକ୍ଷ ତଦନ୍ତ କରି ସତ୍ୟାସତ୍ୟ ଉନ୍ମୋଚନ କରିବା ସହ ଛାତ୍ରୀଙ୍କ ସୁରକ୍ଷା ଓ ନ୍ୟାୟ ସୁନିଶ୍ଚିତ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ପ୍ରଧାନ ଶିକ୍ଷକଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ ପୂର୍ବ ବିବାଦକୁ କେନ୍ଦ୍ର କରି ମତେ ଉଦ୍ଦେଶ୍ୟ ମୂଳକ ଫସାଇ ଦିଆଯାଉଛି। ତେବେ ପୁଲିସର ତଦନ୍ତ ପରେ ସତ୍ୟାସତ୍ୟ ଜଣା ପଡ଼ିବ ବୋଲି ଆଶା କରାଯାଉଛି।

ବାଣ ପ୍ରସ୍ତୁତି ବେଳେ ଚଢ଼ଉ, ଜଣେ ଗିରଫ

ପ୍ରୀତିପୁର,୩।୧୧(ସମିସ): ବେଆଇନ ବାଣ ପ୍ରସ୍ତୁତି ବେଳେ ଅଳକୁଣ୍ଡ ଥାନା ପୁଲିସ ଚଢ଼ଉ କରି ଜଣଙ୍କୁ ଗିରଫ କରିବା ସହ ବିପୁଳ ବାଣ ଜବତ କରିଛି। ଖବର ଅନୁଯାଇ ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ଥାନା ଅନ୍ତର୍ଗତ ଉତ୍ତରକୂଳ ପଞ୍ଚାୟତ ବାରକୋଟି ଗ୍ରାମରେ ବେଆଇନ ବାଣ ପ୍ରସ୍ତୁତି ଚାଲୁଥିବା ନେଇ ଅଳକୁଣ୍ଡ ପୁଲିସ ମଙ୍ଗଳବାର ସକାଳୁ ଖବର ପାଇଥିଲା। ଥାନା ଅଧିକାରୀ ବିଭୂ ପ୍ରସାଦ ରାଉତଙ୍କ ନେତୃତ୍ୱରେ ପୁଲିସ ଟିମ ତୁରନ୍ତ ସେଠାରେ ଚଢ଼ଉ କରି ବିପୁଳ ପରିମାଣରେ ଅଫୁଟା ବାଣ ଜବତ କରିଥିଲେ। ଏହି ଘଟଣାରେ ବେଆଇନ ବାଣ ଭିଡୁଥିବା ଅଭିଯୋଗରେ ନରେଶ ଦାସଙ୍କ ପୁଅ ପପୁ ଦାସଙ୍କୁ ଗିରଫ କରାଯାଇଛି। ଅଳକୁଣ୍ଡ ଥାନା କେସ ନଂ ୨୧୧/୨୬ ଆଧାରରେ ଅଭିଯୁକ୍ତ ପପୁ ଦାସଙ୍କୁ ଅଦାଲତ ଚାଲାଣ କରାଯାଇଥିବା ଆଇଆଇସି ରାଉତ ସୂଚନା ଦେଇଛନ୍ତି।

ମନେଇ ବାଲିଘାଟକୁ କେନ୍ଦ୍ର କରି ବିବାଦ

ଜେସିବି ପୋଡ଼ିଦେଲେ ଦୁର୍ବୃତ୍ତ



ବିଞ୍ଝାରପୁର,୩।୧୧(ସମିସ): ବାଲିଘାଟକୁ ନେଇ ବିଞ୍ଝାରପୁର ଅଞ୍ଚଳରେ ବିବାଦ ଓ ଉତ୍ତେଜନା ଥମିବାର ନାଁ ଧରୁନଥିବା ବେଳେ ମନେଇ ବାଲିଘାଟରେ ବ୍ୟବହୃତ ଏକ ଜେସିବି ମେସିନ୍ ପୋଡାଯିବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ନଦୀପଠାରେ ରଖାଯାଇଥିବା ଏହି ମେସିନ୍‌କୁ କେହି ଦୁର୍ବୃତ୍ତ ଜାଣିଶୁଣି ନିଆଁ ଲଗାଇ ପୋଡ଼ି ଦେଇଥିବା ଅଭିଯୋଗ ହୋଇଛି। ମନେଇ ବାଲିଘାଟର ଲିଜଧାରୀ ପ୍ରଦୀପ କୁମାର ସାହୁଙ୍କ ସୂଚନା ଅନୁଯାୟୀ, ଘାଟର ଆପ୍ରୋଚ୍ ରୋଡ୍ ନିର୍ମାଣ କାର୍ଯ୍ୟ ପାଇଁ ସେ ଜେସିବି ମେସିନ୍‌ଟି ଆଣିଥିଲେ। ତେବେ କେହି ଦୁର୍ବୃତ୍ତ ଏହାକୁ ନିଆଁ ଲଗାଇ ପୋଡ଼ି ଦେଇଛନ୍ତି। ଏ ସମ୍ପର୍କରେ ସେ ଥାନା ଅଧିକାରିଣୀଙ୍କୁ ଜଣାଇଥିବା ବେଳେ ମାଇନିଂ ଅଧିକାରୀଙ୍କୁ ମଧ୍ୟ ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ। କିନ୍ତୁ ଅଧିକାରୀ ଫୋନ୍ ଉଠାଉ ନଥିବା ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ମାଇନିଂ ଅଧିକାରୀଙ୍କୁ ଏ ସମ୍ପର୍କରେ ପଚରାଯିବାରୁ ସେ ଘଟଣା ବିଷୟରେ ଅବଗତ ନଥିବା କହିବା ସହ ଆସନ୍ତାକାଲି ଘଟଣାସ୍ଥଳ ପରିଦର୍ଶନ କରିବେ ବୋଲି ଜଣାଇଛନ୍ତି। ସେହିପରି ବିଞ୍ଝାରପୁର ଥାନା ଅଧିକାରିଣୀ ପାର୍ବତୀ ମଲ୍ଲିକ କହିଛନ୍ତି ଯେ, ଟେଲିଫୋନ୍ ଯୋଗେ ଖବର ପାଇବା ପରେ ପୁଲିସ ଟିମ୍‌କୁ ଘଟଣାସ୍ଥଳକୁ ପଠାଯାଇଛି। ପୁଲିସ ପକ୍ଷରୁ ଘଟଣା ଉପରେ ନଜର ରଖାଯାଇଛି। ସୂଚନାଯୋଗ୍ୟ, ବାଲିଘାଟକୁ କେନ୍ଦ୍ର କରି ବାଲମୁକୁଳି ଅଞ୍ଚଳରେ ପୂର୍ବରୁ ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଛି। ଏଭଳି ସ୍ଥିତିରେ ଜେସିବି ପୋଡାଯିବା ଘଟଣା ଅଞ୍ଚଳରେ ଉତ୍ତେଜନାକୁ ଆହୁରି ବଢ଼ାଇଛି। ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ବିବାଦର ସମାଧାନ ସହ ଆଇନଶୃଙ୍ଖଳା ରକ୍ଷା ପାଇଁ ଠୋସ୍ ପଦକ୍ଷେପ ନ ନେଲେ ୨୦୨୨ ମସିହା ଭଳି ପୁଣି କୌଣସି ବଡ଼ ଅଘଟଣ ଘଟିବାର ଆଶଙ୍କା ରହିଛି ବୋଲି ସ୍ଥାନୀୟ ଲୋକେ ମତ ଦେଇଛନ୍ତି।

ସ୍ୱଚ୍ଛତା ଓ ଖାଦ୍ୟର ମାନ ଯାଞ୍ଚକୁ ଗୁରୁତ୍ୱ

ଦୋକାନରେ ସ୍ୱାସ୍ଥ୍ୟ ବିଭାଗର ଚଢ଼ଉ



ଯାଜପୁର ଟାଉନ,୩।୧୧(ସମିସ): ଯାଜପୁର ଜିଲ୍ଲାର ପ୍ରମୁଖ ଗଣପର୍ବ କାଳୀପୂଜା ପୂର୍ବରୁ ସହରର ସ୍ୱଚ୍ଛତା ଓ ଖାଦ୍ୟର ମାନ ଯାଞ୍ଚକୁ ଗୁରୁତ୍ୱ ଦେଇଛି ସ୍ୱାସ୍ଥ୍ୟ ବିଭାଗ। ଏହି ପରିପ୍ରେକ୍ଷୀରେ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ପ୍ରଦୀପ ଖୁଣ୍ଟିଆଙ୍କ ନେତୃତ୍ୱରେ ଏକ ଟିମ୍ ସହରର ବିଭିନ୍ନ ହୋଟେଲ ଓ ମିଠା ଦୋକାନରେ ଚଢ଼ଉ କରି ଯାଞ୍ଚ କରିଛନ୍ତି। ଯାଞ୍ଚ ସମୟରେ ଖାଦ୍ୟ ପ୍ରସ୍ତୁତି ସ୍ଥାନର ପରିମଳ ବ୍ୟବସ୍ଥା ଓ ସ୍ୱଚ୍ଛତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଏଥିସହ ଖାଦ୍ୟ ପ୍ରସ୍ତୁତିରେ ଉନ୍ନତମାନର ସାମଗ୍ରୀ ବ୍ୟବହାର କରିବା ଓ ଗ୍ରାହକଙ୍କୁ ସ୍ୱାସ୍ଥ୍ୟକର ଖାଦ୍ୟ ପରିବେଷଣ କରିବାକୁ ହୋଟେଲ ଓ ମିଠା ଦୋକାନ ମାଲିକଙ୍କୁ ପରାମର୍ଶ ଦିଆଯାଇଥିଲା। ଅନ୍ୟପକ୍ଷରେ ସହରର ସ୍ୱଚ୍ଛତା ବଜାୟ ରଖିବାକୁ ପୌରପାଳିକାର ସଫେଇ କର୍ମଚାରୀଙ୍କୁ ମଧ୍ୟ ତାଗିଦ କରାଯାଇଛି। ସହରର ପ୍ରତ୍ୟେକ ଗଳିକନ୍ଦିରେ ଜମା ହେଉଥିବା ଆବର୍ଜନାକୁ ତୁରନ୍ତ ହଟାଇବା ସହ ନିୟମିତ ସଫେଇ କାର୍ଯ୍ୟ ଜାରି ରଖିବାକୁ କୁହାଯାଇଛି। କାଳୀପୂଜା ସମୟରେ ସହରକୁ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ଆଗମନ ହେଉଥିବାରୁ ସ୍ୱଚ୍ଛତା ଓ ଜନସ୍ୱାସ୍ଥ୍ୟ ରକ୍ଷା ଉପରେ ବିଶେଷ ନଜର ରଖାଯାଇଛି। ଆଗାମୀ କିଛିଦିନ ଧରି ସହରର ବିଭିନ୍ନ ସ୍ଥାନରେ ଏଭଳି ଯାଞ୍ଚ ଓ ଚଢ଼ଉ ଜାରି ରହିବ ବୋଲି ଡାକ୍ତର ଖୁଣ୍ଟିଆ କହିଛନ୍ତି। ପୂଜା ସମୟରେ ସହରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ସହ ଜନସାଧାରଣଙ୍କୁ ଉତ୍ତମମାନର ଖାଦ୍ୟପାନୀୟ ଯୋଗାଇଦେବା ଦିଗରେ ସ୍ୱାସ୍ଥ୍ୟ ବିଭାଗ ଓ ପୌରପାଳିକା ପକ୍ଷରୁ ଏଭଳି ମିଳିତ ପଦକ୍ଷେପ ଜାରି ରହିବ।

ଯୁବ ସମାଜକୁ ମତଦାନ ସଚେତନତା



ଯାଜପୁର,୩।୧୧(ସମିସ): ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ମେରା ଯୁବ ଭାରତ ପକ୍ଷରୁ ଯାଜପୁର ରୋଡ୍‌ସ୍ଥିତ ଭିଏନ୍ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ 'ବିକଶିତ ଭାରତ ଯୁବ ସମ୍ବାଦ ନିଜ ଭୋଟକୁ ଜାଣନ୍ତୁ' ଶୀର୍ଷକ ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଯୁବପିଢ଼ିଙ୍କ ମଧ୍ୟରେ ନିର୍ବାଚନ ସମ୍ପର୍କିତ ସଚେତନତା ବୃଦ୍ଧି କରିବା ସହ ମତଦାନ ପ୍ରକ୍ରିୟାରେ ସଚେତନ ଓ ଦାୟିତ୍ୱପୂର୍ଣ୍ଣ ଅଂଶଗ୍ରହଣକୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦାନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ମତଦାନର ଗୁରୁତ୍ୱ, ଭୋଟ ଦେବାର ସାମ୍ବିଧାନିକ ଅଧିକାର, ନିର୍ବାଚନ ପ୍ରକ୍ରିୟାରେ ନାଗରିକଙ୍କ ଅଂଶଗ୍ରହଣ ଏବଂ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଯୁବପିଢ଼ିଙ୍କ ଭୂମିକା ସମ୍ପର୍କରେ ଏଥିରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନାରେ ମତଦାନ କେବଳ ଏକ ଅଧିକାର ନୁହେଁ, ବରଂ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ବୋଲି ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହିତ ସଚେତନ ନିଷ୍ପତ୍ତି ଗ୍ରହଣ, ଗଣତାନ୍ତ୍ରିକ ପ୍ରକ୍ରିୟାରେ ସକ୍ରିୟ ଅଂଶଗ୍ରହଣ ଏବଂ ଯୁବପିଢ଼ିଙ୍କ ମଧ୍ୟରେ ନିର୍ବାଚନ ସମ୍ପର୍କିତ ସଚେତନତାର ଆବଶ୍ୟକତା ଉପରେ ଆଲୋକପାତ କରାଯାଇଥିଲା। ଏହି ପଦକ୍ଷେପ ମାଧ୍ୟମରେ ମାଇଁ ଭାରତ ଯାଜପୁର ଯୁବପିଢ଼ିଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ନାଗରିକ ଦାୟିତ୍ୱବୋଧ ଏବଂ ଯୁବ ନେତୃତ୍ୱର ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନଃ ଦୋହରାଇଥିଲା।

ଜିଲ୍ଲାସ୍ତରୀୟ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ପ୍ରତିଯୋଗିତା

ରାଜ୍ୟସ୍ତରକୁ ୩ ଜଣ ମନୋନୀତ



ଯାଜପୁର,୩।୧୧(ସମିସ): ଯାଜପୁର ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଦ୍ୱାରା ଜିଲ୍ଲାସ୍ତରୀୟ ୩୨ତମ ଜାତୀୟ ଶିଶୁ ବିଜ୍ଞାନ କଂଗ୍ରେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରତିଯୋଗିତାରେ ଯାଜପୁର ଜିଲ୍ଲାର ୨୭ଟି ବିଦ୍ୟାଳୟର ୫୪ ଜଣ ଛାତ୍ରଛାତ୍ରୀ ଓ ସେମାନଙ୍କର ସହଯୋଗୀ ଶିକ୍ଷକ ଶିକ୍ଷୟତ୍ରୀ ଅଂଶଗ୍ରହଣ କରିଥିଲେ। ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ଉଦଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ଅତିଥି ରୂପେ ଜିଲ୍ଲା ସଂଯୋଜକ ତଥା ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି, ଜିଲ୍ଲା ଶୈକ୍ଷିକ ସଂଯୋଜକ ଡ. ଅକ୍ଷୟ କୁମାର ପଣ୍ଡା ଓ ୩ ଜଣ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ଅଭିଜ୍ଞ ଶିକ୍ଷାବିତ ମିହିର କୁମାର ନାୟକ, ମୋତିଉର ରେହେମାନ ଓ ରାଜୀବ ଲୋଚନ ରାଉତ ବିଚାରକ ରୂପେ ଯୋଗଦାନ କରିଥିଲେ। ଉକ୍ତ ପ୍ରତିଯୋଗିତାର ମୁଖ୍ୟ ବିଷୟବସ୍ତୁ "ନିରନ୍ତରତା ସକାଶେ ବୈଜ୍ଞାନିକ ନବ ସୃଜନ' ଉପରେ ଛାତ୍ରଛାତ୍ରୀ ସେମାନଙ୍କ ଦ୍ୱାରା ପ୍ରସ୍ତୁତ କରିଥିବା ବୈଜ୍ଞାନିକ ଗବେଷଣା ପତ୍ରମାନ ବିଚାରକମାନଙ୍କ ନିକଟରେ ଉପସ୍ଥାପନ କରିଥିଲେ। ଛାତ୍ରଛାତ୍ରୀ ବୈଜ୍ଞାନିକ ପଦ୍ଧତି ବ୍ୟବହାର କରି ସେମାନଙ୍କର ପରିବେଶ ଓ ସ୍ଥାନୀୟ ସମସ୍ୟା ଗୁଡିକୁ ଚିହ୍ନଟ, ଅଧ୍ୟୟନ ଏବଂ ତାର ସମାଧାନ କରିବାର ପ୍ରକଳ୍ପ ଗୁଡିକୁ ବୈଜ୍ଞାନିକ ଢଙ୍ଗରେ ଉପସ୍ଥାପନା କରିଥିଲେ। ଉକ୍ତ ପ୍ରତିଯୋଗିତାରେ ମଧୁପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଲକ୍ଷ୍ମୀପ୍ରିୟା ବେହେରା ପ୍ରଥମ ସ୍ଥାନ, ଓଡିଶା ଆଦର୍ଶ ବିଦ୍ୟାଳୟ, ଜମଧରର ଛାତ୍ର ଦେବୀପ୍ରସାଦ ନାୟକ ଦ୍ୱତୀୟ ସ୍ଥାନ ଓ ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଆନନ୍ଦୀ ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ବିଜେତା ପ୍ରତିଯୋଗୀମାନଙ୍କୁ ପୁରସ୍କାର ସ୍ୱରୂପ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲାରେ ପ୍ରଥମ, ଦ୍ୱତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ।ଇଥିଲେ।ଲେ।

ରାଜ୍ୟସ୍ତରୀୟ ଜୁନିୟର କବାଡ଼ି ପ୍ରତିଯୋଗିତା



କୁଆଖିଆ,୩।୧୧(ସମିସ): ରସୁଲପୁର ବ୍ଲକର ଚନ୍ଦନ ସ୍ପୋର୍ଟିଂ କ୍ଲବ ଦ୍ୱାରା ଏକ ରାଜ୍ୟ ସ୍ତରୀୟ ବାଳକ/ବାଳିକା ଜୁନିୟର କବାଡ଼ି ପ୍ରତିଯୋଗିତା ମଧୁବନ ପିଏମ ଶ୍ରୀ ହାଇସ୍କୁଲ ପଡିଆ ଠାରେ ଆସନ୍ତା ୭ ତାରିଖ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉପଲକ୍ଷେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କ୍ଲବର ଉପଦେଷ୍ଟା ସନ୍ତୋଷ ମିଶ୍ର ସବିଶେଷ ସୂଚନା ଦେଇଛନ୍ତି। ଏହି ଏକ ଦିବସୀୟ ଖେଳକୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଏବଂ କୋରେଇ ବିଧାୟକ ଆକାଶ ଦାସ ନାୟକ ଉଦଘାଟନ କରିବାର ପ୍ରସ୍ତାବ ରହିଥିବା ବେଳେ ଚୟନକର୍ତ୍ତା ଭାବେ ଭୁବନେଶ୍ୱରର ସଂଯୁକ୍ତା ପରିଡା, ଯାଜପୁରରୁ ଶୁଭାଙ୍ଗି ରାୟ, ପୁରୀରୁ ସୌଭାଗ୍ୟ କିଶୋର ମହାନ୍ତି, କଟକରୁ ସରୋଜ କୁମାର ସେଠୀ, ଗଞ୍ଜାମରୁ ଶ୍ରୀନିବାସ ଦୋରା ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିଙ୍କ ମଧ୍ୟରୁ ୧୩ ଜଣ ବାଳକ ଏବଂ ୧୩ ଜଣ ବାଳିକାଙ୍କୁ ଚୟନ କରାଯାଇ ପ୍ରଥମେ ବାଳକ ଟିମକୁ ଉତ୍ତରାଖଣ୍ଡ ଏବଂ ବାଳିକା ଟିମକୁ ଝାଡ଼ଖଣ୍ଡକୁ ଖେଳିବା ପାଇଁ ପଠାଯିବ ବୋଲି କ୍ଲବ ପକ୍ଷରୁ ସୂଚନା ଦିଆଯାଇଛି। ସମ୍ମିଳନୀରେ ଉପଦେଷ୍ଟା ସନ୍ତୋଷ କୁମାର ମିଶ୍ର, ମନସ୍ୱିନୀ ସାହୁ, ବରିଷ୍ଠ ସଦସ୍ୟ ଶୁଭେନ୍ଦୁ ଖୁଣ୍ଟିଆ, ରାକେଶ ସାମଲ, ମନୋରଞ୍ଜନ ନାଥ, ଘନଶ୍ୟାମ ମଲିକ, ଦେବେନ୍ଦ୍ର ମହାନ୍ତି, ଚନ୍ଦନ ମଲିକ, ମନସୁର ଖାନ, ଅମ୍ରିତ ମଲିକ, ସୋହେବ ଖାନ, ଅଶୋକ କୁମାର ସାହୁ, ବାବୁଲି ରଣା ପ୍ରମୁଖ କାର୍ଯ୍ୟକର୍ତ୍ତା ମାନେ ଉପସ୍ଥିତ ଥିଲେ।

ସମାଜସେବୀଙ୍କ ପରଲୋକ

ସିଂହପୁର,୩।୧୧(ସମିସ): ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଜରି ପଞ୍ଚାୟତ ନାଉବାଙ୍କ ଗ୍ରାମର ବରିଷ୍ଠ ସମାଜସେବୀ ସୁରେନ୍ଦ୍ର ନାୟକ (୮୪)ଙ୍କର ଆଜି ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁରେ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଶୋକ ବ୍ୟକ୍ତ କରିଛନ୍ତି। ପରଲୋକ ଖବର ପାଇ ସମାଜସେବୀ କୈଳାସ ସେଠୀ, ସରପଞ୍ଚ ନନ୍ଦ କିଶୋର ମଲ୍ଲିକ, ପ୍ରାକ୍ତନ ସମିତିସଭ୍ୟ ପ୍ରଦ୍ୟୁମ୍ନ ପାତ୍ର, ଯୁବ ନେତା ମନୋଜ୍ କୁମାର ସାମଲ, ସୁବ୍ରତ କୁମାର ସାମଲ, ପ୍ରମୋଦ ସାମଲ, ପ୍ରତାପ କୁମାର ପାତ୍ର, ପୁରୁଷୋତ୍ତମ ବେହେରା, ଅମର ମଲ୍ଲିକ, ମଦନ ଜେନା, ପ୍ରସନ୍ନ ନାୟକ, ପ୍ରମୋଦ ଧଳ, ସୁଶାନ୍ତ ଧଳ, ଅଭୟ ଧଳ, ଅଶୋକ ପାତ୍ର, ରାଜେନ୍ଦ୍ର ସାମଲ ଓ ରିଟେଲର ସଂଘର କର୍ମକର୍ତ୍ତାମାନେ ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ସ୍ୱର୍ଗତ ନାୟକଙ୍କ ମର ଶରୀରକୁ ଗ୍ରାମ ପରିକ୍ରମା କରାଯାଇ ଅନ୍ତିମ ସତ୍କାର କରଯାଇଥିଲା।

ଶିଶୁ ବିଦ୍ୟାମନ୍ଦିର ବିଜ୍ଞାନ ମେଳା ଉଦ୍‌ଘାଟିତ

ଦଶରଥପୁର,୩।୧୧(ସମିସ): ଦଶରଥପୁର ବ୍ଲକ୍ ଅନ୍ତର୍ଗତ ନନ୍ଦୀପୁର ପଞ୍ଚାୟତର ମିର୍ଜାପୁରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଚଳିତ ବର୍ଷର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀରେ ବିଦ୍ୟାଳୟର ବିଭିନ୍ନ ଶ୍ରେଣୀର ଛାତ୍ରଛାତ୍ରୀ ଅଂଶଗ୍ରହଣ କରି ନିଜ ନିଜର ପ୍ରକଳ୍ପ ଓ ବୈଜ୍ଞାନିକ ମାଧ୍ୟମଗୁଡ଼ିକୁ ସୁନ୍ଦର ଭାବେ ପ୍ରଦର୍ଶିତ କରିଥିଲେ। ଏହି ସମାରୋହରେ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ବିଶ୍ୱନାଥ ସାମଲ ଓ ସୁଷମା ମଲ୍ଲିକ ଯୋଗଦେଇଥିବା ବେଳେ ରମେଶଚନ୍ଦ୍ର ଦେବତା ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ବିଜ୍ଞାନ ମେଳାରେ ରମେଶଚନ୍ଦ୍ର ଦେବତା ଓ ଦିଲୀପ କୁମାର ଦଳାଇ ମୁଖ୍ୟ ବିଚାରକ ଭାବେ ଦାୟିତ୍ୱ ତୁଲାଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାଙ୍କନ କରିବା ସହ କୃତୀ ପ୍ରତିଯୋଗୀମାନଙ୍କୁ ଚୟନ କରାଯାଇଥିଲା। ବିଦ୍ୟାଳୟ ପରିଚାଳନା କମିଟି ଓ ସମସ୍ତ ଗୁରୁଜୀ-ଗୁରୁମାଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା। ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଏସ୍‌ଜି କଲେଜ ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟରେ ଦୁର୍ନୀତି

ଅବଧି ସରିବାକୁ ୧୦ ଦିନ ବାକିଥିବା ବେଳେ କାର୍ଯ୍ୟ ଅଧପନ୍ତରିଆ

ମଙ୍ଗଳପୁର,୩।୧୧(ସମିସ)



ଦଶରଥପୁର ବ୍ଲକ କନିକାପଡା ସ୍ଥିତ ସାଧୁଗୌରେଶ୍ୱର ମହାବିଦ୍ୟାଳୟ (ଏସ୍‌ଜି କଲେଜ)ରେ ଆର୍‌ଡି ବିଭାଗ ପକ୍ଷରୁ ନିର୍ମାଣଧୀନ ଶ୍ରେଣୀ ଗୃହ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ଭାବେ କରାଯାଉଥିବା ନେଇ ଅଭିଯୋଗ ହୋଇଛି। ଦୁଇଟି ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ଫେବୃଆରୀ ୧୬ରୁ ଆରମ୍ଭ ହୋଇ ୧୫ ନଭେମ୍ବରରେ ଶେଷ ହେବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ରହିଥିବା ବେଳେ ଏବେବି ଉକ୍ତ ଗୃହ ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ିରହିଛି। ଯଦିଓ ବର୍ତ୍ତମାନ କାର୍ଯ୍ୟ ଚାଲିଛି; ତେବେ ଧିମା ଗତିରେ କାର୍ଯ୍ୟ ଚାଲୁଥିବା ବେଳେ କାର୍ଯ୍ୟରେ ବ୍ୟାପକ ଅନିୟମିତତା ହେଉଥିବା ନେଇ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ମହଲରେ ଅଭିଯୋଗ ହୋଇଛି। ତେବେ ଏହି କାର୍ଯ୍ୟ ଚାଲୁଥିବା ସମୟରେ ବିଭାଗୀୟ ଅଧିକାରୀ ମାନେ ଆଦୌ କାର୍ଯ୍ୟ ସ୍ଥଳକୁ ଆସୁନଥିବା ବେଳେ ଠିକାଦାରଙ୍କ ଉପରେ ଭରଷା କରି କାର୍ଯ୍ୟ କରାଉଥିବା ନେଇ ଅଭିଯୋଗ ହୋଇଛି। ସେହିପରି ଠିକାଦାର ସୁପର ଭାଇଜରଙ୍କ ଉପରେ ଦାୟିତ୍ୱ ନେସ୍ତ କରିଦେଇ କାର୍ଯ୍ୟ କରାଉଥିବା ବେଳେ ସୁପର ଭାଇଜର ମାନେ ନିଜର ଇଚ୍ଛା ମୁତାବକ କାର୍ଯ୍ୟ କରିବା ସହ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରୁଥିବା ନେଇ ସ୍ଥାନୀୟ ଜନସାଧାରଣ ମାନଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ସେହିପରି ଅବଧି ସରିବାକୁ ଆଉ ମାତ୍ର ୧୦ ଦିନ ବାକି ଥିବା ବେଳେ ଠିକାଦାର ମନ୍ଥର ଗତିରେ କାର୍ଯ୍ୟ କରିବାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏହି କଲେଜରେ ଛାତ୍ର ସଂସଦ ନିର୍ବାଚନ ଶେଷ ହୋଇଥିବା ବେଳେ ଆଗାମୀ ଦିନରେ ଏସମସ୍ତ କାର୍ଯ୍ୟର ତଦାରଖ କରାଯିବ ବୋଲି ଛାତ୍ର ନେତା ମାନେ ପ୍ରକାଶ କରିଛନ୍ତି। ତେବେ ଏହି ଘର ନିର୍ମାଣ କାର୍ଯ୍ୟରେ ହୋଇଥିବା ଅନିୟମିତତାର ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଛାତ୍ରଛାତ୍ରୀଙ୍କ ପକ୍ଷରୁ ଦାବି ହୋଇଛି।

ସକାଳ
THE SAKALA

ରାଜେଶ ଯାନୀଙ୍କ ଗିରଫଦାରୀକୁ ନେଇ ତାତିଲେ ମହିଳା

ଲାଠି, ଠେଙ୍ଗା ଧରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ



ନବରଙ୍ଗପୁର,୩।୧୧(ସମିସ): ହାତରେ ଲାଠି ଓ ଠେଙ୍ଗା, ମୁହଁରେ ତୀବ୍ର ଅସନ୍ତୋଷ। ହଜାର ହଜାର ମହିଳାଙ୍କ ରଣହୁଙ୍କାରରେ କମ୍ପୁଛୁ ନବରଙ୍ଗପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର। ଜିଲ୍ଲା ନାରୀ ମହାସଂଘର ଉପଦେଷ୍ଟା ତଥା ସିପିଆଇ(ଏମ୍) ନେତା ରାଜେଶ ଯାନୀଙ୍କ ଗିରଫଦାରୀକୁ ବିରୋଧ କରି ମଙ୍ଗଳବାର ଜିଲ୍ଲା ନାରୀ ମହାସଂଘର ହଜାର ହଜାର ମହିଳା ରାସ୍ତାକୁ ଓହ୍ଲାଇବା ସହ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅପରାହ୍ନରୁ ଘେରାଉ କରି ରଖିଛନ୍ତି। ରାଜେଶଙ୍କୁ ତୁରନ୍ତ ଜେଲରୁ ମୁକ୍ତ କରିବାକୁ ଦାବି କରି ଆନ୍ଦୋଳନ କାରୀମାନେ ଜୋରଦାର ନାରାବାଜି ଚଲାଇଛନ୍ତି। ନବରଙ୍ଗପୁର ଜିଲ୍ଲାରେ ଚାଲିଥିବା ମଦ ବିରୋଧୀ ଆନ୍ଦୋଳନର ନେତୃତ୍ୱ ନେଉଥିଲେ ରାଜେଶ ଯାନୀ। ତେବେ ତାଙ୍କ ଦ୍ୱାରା ଶାନ୍ତିଭଙ୍ଗ ହେବାର ଆଶଙ୍କା ଦର୍ଶାଇ ଉପଜିଲ୍ଲାପାଳଙ୍କ ପକ୍ଷରୁ ବିଏନ୍‌ଏସ୍‌ଏସ୍ ଧାରା ୧୨୯ ଅନୁଯାୟୀ ନୋଟିସ୍ ଜାରି ହୋଇଥିଲା। ଏନେଇ ପୂର୍ବରୁ ତିନି ତିନି ଥର ନୋଟିସ୍ ଜାରି ହୋଇଥିଲେ ମଧ୍ୟ ତାଙ୍କ ପକ୍ଷରୁ କୌଣସି ଉତ୍ତର ମିଳିନଥିଲା। ଫଳରେ ଗତ ୨୭ ତାରିଖରେ ତାଙ୍କ ବିରୋଧରେ ୱାରେଣ୍ଟ ଜାରି ହୋଇଥିଲା। ସୋମବାର ସନ୍ଧ୍ୟାରେ ତେନ୍ତୁଳିଖୁଣ୍ଟି ପୋଲିସ ରାଜେଶଙ୍କୁ ଧରି ଉପଜିଲ୍ଲାପାଳଙ୍କ ନିକଟରେ ହାଜର କରିଥିଲା। ଶାନ୍ତିଭଙ୍ଗ ନକରିବା ପାଇଁ ବଣ୍ଡ ସ୍ୱାକ୍ଷର କରିବାକୁ ସେ ମନା କରିବାରୁ ତାଙ୍କୁ ଗିରଫ କରାଯାଇ ଜେଲକୁ ପଠାଯାଇଥିଲା। ଏହି ଘଟଣାକୁ ନେଇ ଜିଲ୍ଲା ନାରୀମାହାସଙ୍ଘର ମହିଳାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ହଜାର ହଜାର ସଂଖ୍ୟାରେ ମହିଳା ଏକାଠି ହୋଇ ଲାଠି ଓ ଠେଙ୍ଗା ଧରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ରାଜେଶଙ୍କ ମୁକ୍ତି ଦାବିରେ ନାରାବାଜି କରିଛନ୍ତି। ଉତ୍ତେଜନାପୂର୍ଣ୍ଣ ପରିସ୍ଥିତିକୁ ଦେଖି ଘଟଣାସ୍ଥଳରେ ପୁଲିସ ପହଞ୍ଚି ଆନ୍ଦୋଳନକାରୀ ମହିଳାମାନଙ୍କୁ ବୁଝାସୁଝା କରିଥିଲା। ତେବେ ରାଜେଶ ଜାନୀଙ୍କୁ ଜେଲରୁ ମୁକ୍ତ କରାନଯିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ମହିଳାମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବସି ରହିଥିଲେ। ମହିଳାଙ୍କ ଦାବିକୁ ସମର୍ଥନ ଜଣାଇ କଂଗ୍ରେସ ଜିଲ୍ଲା ସଭପତି, ଲିପିକା ମାଝୀ, ଅନାମ ଦିଆନ, ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ଏମ୍‌ପି ପ୍ରଦୀପ ମାଝୀ, ଜିଲ୍ଲାପରିଷଦ ସଭ୍ୟ ଅରୁଣ ମିଶ୍ର ପ୍ରମୁଖ ଉପସ୍ଥିତ ରହିଛନ୍ତି। ନାରୀ ମହାସଂଘର ନାରୀ ମହାସଂଘ ସଭାନେତ୍ରୀ ଦ୍ରୌପତି ବାଘ ଜିଲ୍ଲା, ଉପଦେଷ୍ଟା। ବନମାଳା ନାଗ, ସମ୍ପାଦିକା ପାର୍ବତୀ ଦୁରୁଆ, ତେନ୍ତୁଳିଖୁଣ୍ଟି ବ୍ଲକ ସଭାନେତ୍ରୀ ଶ୍ରୀମତୀ ଭତ୍ରା, ଉପସଭାପତି ରମ୍ଭା କୁମ୍ଭାର, ଜିଲ୍ଲା ସଂଗଠକ ଦେବରାଜ ନାଗ, ଦୟାନିଧି ସୁନା ପ୍ରମୁଖ ଉପସ୍ଥିତ ରହିଛନ୍ତି

● ବିଜେଡିର ବିଶାଳ ପଦଯାତ୍ରା

ସମସ୍ୟା ସମାଧାନ ପାଇଁ ଦାବିପତ୍ର ପ୍ରଦାନ

ପୋଡାଗଡ଼, ୩।୧୧(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ବ୍ଲକରେ ଆଜି ବିଜେଡି ପକ୍ଷରୁ ବିଶାଳ ପଦଯାତ୍ରା ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ପ୍ରକାର ୨୧ ଦଫା ଦାବିର ସମସ୍ୟାର ସମାଧାନ ପାଇଁ ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏବିଡିଓ ସୁଧିର କୁମାର ବେହେରା କାର୍ଯ୍ୟାଳୟରେ ଉପସ୍ଥିତ ରହି ବିଜେଡି ନେତାଙ୍କ ଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ସୂଚନା ଅନୁସାରେ ଏହି ପଦଯାତ୍ରା ଜିଲ୍ଲା ବିଜେଡ଼ି ଉପସଭାପତି ନାରାୟଣ ବିଶୋଇଙ୍କ ନେତୃତ୍ୱରେ ଏହାର ଆୟୋଜନ କରାଯାଇଥିଲା। ରାଧାକୃଷ୍ଣ ମନ୍ଦିର ଛକଠାରେ ସମସ୍ତେ କର୍ମୀ ଓ ନେତା ଏକାଠି ହୋଇଥିଲେ। ଏହି ଛକ ଠାରୁ ତୁଙ୍ଗ ନେତା ଏବଂ ଦୁଇ ହଜାରରୁ ଅଧିକ ବ୍ଲକର ବିଜେଡି କର୍ମୀ ସେମାନଙ୍କୁ ନେଇ ପଦଯାତ୍ରାରେ ବାହାରିଥିଲେ ଏବଂ ବିଜେପି ସରକାରଙ୍କ ଅପାରଗତାକୁ ନେଇ ବିଭିନ୍ନ ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ବ୍ଲକ କାର୍ଯ୍ୟାଳୟ ଆଗରେ ସରକାର ଓ ପ୍ରଶାସନକୁ ଉଦ୍‌ବୋଧନ ଦେଇ ବର୍ଷିଥିଲେ। ସୂଚନା ମୁତାବକ ଏହି ପଦଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ସିଡିପିଓକୁ ତୁରନ୍ତ ବଦଳି, ନୂତନ ଏସ୍‌ଏଚ୍‌ଜିକୁ ଛତୁଆ ବଣ୍ଟନ ଦାୟିତ୍ୱ ଦିଆଯାଇ ଶିଶୁକୁ ନିମ୍ନମାନର ପୋଷାକ ଯୋଗାଇ ଦେଉଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ବୃଦ୍ଧବୃଦ୍ଧାମାନଙ୍କୁ ନିୟମିତ ଭାବେ ଭତ୍ତା ଟଙ୍କା ପ୍ରଦାନ, ବିଭିନ୍ନ ଗାଁକୁ ପକ୍କାରାସ୍ତା, ସ୍ୱାସ୍ଥ୍ୟ ବିଭାଗରେ ଖାଲି ପଡିଥିବା ସ୍ଥାନରେ ସ୍ୱାସ୍ଥ୍ୟ କର୍ମୀ ନିଯୁକ୍ତି ପ୍ରଭୃତି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଯଦି ଦାବି ପୂରଣ ନ ହୁଏ, ପୁଣି ରାସ୍ତାକୁ ବିଜେଡି ଓହ୍ଲାଇବ ବୋଲି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମକୁ ବ୍ଲକ ବିଜେଡି ସଭାପତି ମହେନ୍ଦ୍ର କୁମାର କୁଳଦିପ ପରିଚାଳନା କରିଥିଲେ।

● ବ୍ଲକ୍‌ରେ ହେବ ନୂଆ କୋର୍ଟ

ପୁରୁଣା ନବୋଦୟ କୋଠାରେ କାର୍ଯ୍ୟ ଆରମ୍ଭ ଦାବି

ନବରଙ୍ଗପୁର,୩।୧୧(ସମିସ): ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ବ୍ଲକ୍‌ରେ ନୂତନ କୋର୍ଟ ପ୍ରତିଷ୍ଠା ହେବାକୁ ଯାଉଥିବା ଖବର ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଖୁସିର ମାହୋଲ ସୃଷ୍ଟି ହୋଇଛି। ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ପକ୍ଷରୁ ୩୦ ଅକ୍ଟୋବର ୨୦୨୬ରେ ଜାରି ହୋଇଥିବା ଚିଠି ନଂ ୧୬୪୪୯ ଅନୁଯାୟୀ, ରାଜ୍ୟର ବିଭିନ୍ନ ସ୍ଥାନରେ ୧୮ ଟି ନୂତନ ସିଭିଲ୍ ଜଜ୍ (ଜୁନିୟର ଡିଭିଜନ୍)-କମ୍-ଜେଏମ୍‌ଏଫ୍‌ସି କୋର୍ଟ ପ୍ରତିଷ୍ଠା ପାଇଁ ଆବଶ୍ୟକ ପଦବୀ ସୃଷ୍ଟି ହୋଇଛି। ଏହି ତାଲିକାରେ ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟିର ନାମ ମଧ୍ୟ ସ୍ଥାନ ପାଇଛି। ଉକ୍ତ ଚିଠି ଅନୁଯାୟୀ, ନୂତନ କୋର୍ଟ ପ୍ରତିଷ୍ଠା ପାଇଁ ଆବଶ୍ୟକ ଜମି ଓ କୋଠା ସହିତ କୋର୍ଟ ହଲ୍, ମଡେଲ୍ ଡାଏସ୍, ସାକ୍ଷୀ କକ୍ଷ, ଅଭିଯୁକ୍ତଙ୍କ ପାଇଁ ଅପେକ୍ଷା କକ୍ଷ, ମହିଳା ଓ ପୁରୁଷଙ୍କ ପାଇଁ ପୃଥକ ଶୌଚାଳୟ, କାର୍ଯ୍ୟାଳୟ ଓ ବିଚାରପତିଙ୍କ ଚାମ୍ବର ଆଦି ସୁବିଧା ଥିବା ସରକାରୀ ଆବାସର ଉପଲବ୍ଧତା ସମ୍ପର୍କରେ ତଥ୍ୟ ମଗାଯାଇଛି। ଏଥିପାଇଁ ୬ ନଭେମ୍ବର ୨୦୨୬ ସୁଦ୍ଧା ଆବଶ୍ୟକ ତଥ୍ୟ ଦାଖଲ କରିବାକୁ ସମ୍ପୃକ୍ତ ଜିଲ୍ଲା ନ୍ୟାୟାଧୀଶମାନଙ୍କୁ ନିର୍ଦ୍ଦେଶ ରହିଛି। ଏହି ପରିପ୍ରେକ୍ଷୀରେ ନୂତନ କୋର୍ଟର ସ୍ଥାୟୀ ଭିତ୍ତିଭୂମି ପ୍ରସ୍ତୁତ ହେବା ପର୍ଯ୍ୟନ୍ତ ଖାତିଗୁଡ଼ାସ୍ଥିତ ପୁରୁଣା ନବୋଦୟ ବିଦ୍ୟାଳୟ କୋଠାକୁ ଅସ୍ଥାୟୀ କୋର୍ଟ ଭାବେ ବ୍ୟବହାର କରି ତୁରନ୍ତ ବିଚାର କାର୍ଯ୍ୟ ଆରମ୍ଭ କରିବାକୁ ଅଞ୍ଚଳବାସୀ ଦାବି ଜଣାଇଛନ୍ତି। ଏହାଦ୍ୱାରା ତେନ୍ତୁଳିଖୁଣ୍ଟି ସମେତ ଆଖପାଖ ଅଞ୍ଚଳର ଲୋକମାନେ ନ୍ୟାୟ ପାଇଁ ଦୂରଦୂରାନ୍ତକୁ ଯାତାୟାତ କରିବାର ଖର୍ଚ୍ଚ ଓ ସମୟରୁ ମୁକ୍ତି ପାଇପାରିବେ। ଏଣୁ ଜନସାଧାରଣଙ୍କ ସ୍ୱାର୍ଥ ତଥା ନ୍ୟାୟିକ ସେବାକୁ ଲୋକଙ୍କ ନିକଟତର କରିବା ଦୃଷ୍ଟିରୁ ଜିଲ୍ଲା ପ୍ରଶାସନ ଓ ନ୍ୟାୟ ବିଭାଗ ଏ ଦିଗରେ ତ୍ୱରିତ ପଦକ୍ଷେପ ନେଇ ଖାତିଗୁଡ଼ାରେ ଅସ୍ଥାୟୀ କୋର୍ଟ କାର୍ଯ୍ୟ ଆରମ୍ଭ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ପ୍ରକାଶ ଥାଉ କି ନବୋଦୟ କୋଠା ବ୍ୟତୀତ ଇନ୍ଦ୍ରାବତୀ ପ୍ରକଳ୍ପର କିଛି ସରକାରୀ ଅବାସ ଖାଲି ରହିଛି। ସେଗୁଡିକ ମଧ୍ୟ ସଦବିନିଯୋଗ ପାଇଁ ଦାବି ହେଉଛି

‘ଇନ୍‌ହେରିଟେଡ୍ ହେରେସି’ ପୁସ୍ତକ ଉନ୍ମୋଚିତ



ସେମିଳିଗୁଡ଼ା,୩।୧୧(ସମିସ): ନନ୍ଦପୁରର ଝିଅ ତଥା ଆଡ୍‌ଭୋକେଟ ସନ୍ତୋଷ ବେବର୍ତ୍ତା ଏବଂ ଆଡ଼ଭୋକେଟ ପାୟଲ ବେବର୍ତ୍ତାଙ୍କ ଝିଅ ସେମିଳିଗୁଡା ମହାବିଦ୍ୟାଳୟରେ ଡିଗ୍ରୀ ପ୍ରଥମ ବର୍ଷରେ ପାଠ ପଢୁଥିବା ଛାତ୍ରୀ ସୌମ୍ୟାଶ୍ରୀ ବେବର୍ତ୍ତାଙ୍କ ଲିଖିତ ‘ଇନହେରିଟେଡ୍ ହେରେସି’ ପୁସ୍ତକର ସେମିଳିଗୁଡାର ଅର୍ଣ୍ଣପୂର୍ଣ୍ଣା ହୋଟେଲରେ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୁସ୍ତକଟି ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ସୌମ୍ୟାଙ୍କ ଜେଜେ ବାପା ତଥା ବିଜେଡିର ବରିଷ୍ଠ ନେତା ଗୋପାଳକୃଷ୍ଣ ବେବର୍ତ୍ତା, ସିବିଏସଇର ରିସର୍ସ ପର୍ସନ ତଥା ଏକଲବ୍ୟ ବିଦ୍ୟାଳୟ, ପୁଙ୍ଗାରର ଅଧ୍ୟାପକ ପ୍ରଣବ ପ୍ରକାଶ ପଟ୍ଟନାୟକ, ଦେଓମାଳି ପବ୍ଲିକ ସ୍କୁଲର ଶିକ୍ଷୟତ୍ରୀ ରେଣୁବାଳା ହୋତା, ବର୍ଣ୍ଣାଲି ସାମଲ, ଆଡ଼ଭୋକେଟ ଅଶ୍ୱିନୀ ପଟ୍ଟନାୟକ ଏବଂ ପୁସ୍ତକଟିର ପ୍ରକାଶକ ଡାକ୍ତର ମନୋଜ କିଶୋର ନାୟକ ଯୋଗ ଦେଇ ପୁସ୍ତକଟିର ଉନ୍ମୋଚନ କରିଥିଲେ।

‘ମୋ ସ୍ୱପ୍ନର ଭାରତ ଚିତ୍ରସେବା’ ପ୍ରତିଯୋଗିତା



ସେମିଳିଗୁଡ଼ା,୩।୧୧(ସମିସ): ରାଷ୍ଟ୍ରଦୀପ ପ୍ରଚାର ସମିତି ତରଫରୁ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ମୋ ସ୍ୱପ୍ନର ଭାରତ ଚିତ୍ର ସେବା ପ୍ରତିଯୋଗିତା ଆରମ୍ଭ କରାଯାଇଛି। ସେମିଳିଗୁଡା ବ୍ଲକର ବିଲେଇଗୁଡା ସରକାରୀ ଉଚ୍ଚ ବିଦ୍ୟାଳୟରେ କୋଡିଏଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗୀତାରେ ପ୍ରଥମ ,ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇ ଥିଲା। ସମସ୍ତ ଅଂଶଗ୍ରହଣକାରୀଙ୍କୁ ମଧ୍ୟ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶିଷ୍ଟ ବ୍ୟବସାୟୀ ତଥା ସମାଜସେବୀ ଆନନ୍ଦ କୁମାର ପାଟୱାନିଆ ମୁଖ୍ୟ ଅତିଥି ଓ ସେମିଳିଗୁଡାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘ଲିଭ ଫର ଅଦର୍ସ’ର ସାଧାରଣ ସମ୍ପାଦିକା ସ୍ନିଗ୍ଧାରାଣୀ ମିଶ୍ର ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ହରେକୃଷ୍ଣ ଗୌଡ,ପ୍ରଧାନ ଶିକ୍ଷୟତ୍ରୀ ରଶ୍ମିତା ସେଠୀ, ନିବେଦିତା ହରିଚନ୍ଦନ ପ୍ରମୁଖ ସହଯୋଗ କରିଥିଲେ। ବ୍ଲକ ସ୍ତରରେ ପୁରସ୍କୃତ ହୋଇଥିବା ଛାତ୍ରଛାତ୍ରୀମାନେ ଆସନ୍ତା ୧୧ ତାରିଖରେ କୋରାପୁଟ ଠାରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ସୁନାବେଡା, ପଟାଙ୍ଗୀ ପ୍ରଭୃତି ସ୍ଥାନରେ ଏହି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରଦୀପ ପ୍ରଚାର ସମିତିର ସଂପାଦକ ଡକ୍ଟର ଜଳେନ୍ଦ୍ର ତ୍ରିପାଠୀ ସମସ୍ତ ବ୍ଲକର କାର୍ଯ୍ୟକ୍ରମ ପରିଚାଳନା କରୁଛନ୍ତି।

ଅଙ୍ଗନବାଡି କର୍ମୀଙ୍କୁ ମମତା ସମ୍ପର୍କିତ ତାଲିମ ପ୍ରଦାନ

ବୋରିଗୁମ୍ମା, ୩।୧୧(ସମିସ): ବୋରିଗୁମ୍ମା ସ୍ଥିତ ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଠାରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ପକ୍ଷରୁ ଅଙ୍ଗନବାଡି କର୍ମୀ ମାନଙ୍କୁ ମମତା ଓ ପ୍ରଧାନମନ୍ତ୍ରୀ ମାତୃ ବନ୍ଦନା ଯୋଜନା ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସିଡିପିଓ ଲକ୍ଷ୍ମୀପ୍ରିୟା ଯାନୀଙ୍କ ଅଧ୍ୟକ୍ଷତାରେ ପାଞ୍ଚ ଦିନ ଧରି ବ୍ଲକର ୩୨୦ ଅଙ୍ଗନବାଡି କର୍ମୀଙ୍କ ସହ ମହିଳା ପରିଦର୍ଶିକାମାନଙ୍କୁ ମମତା ଯୋଜନା ସମ୍ପର୍କିତ ତାଲିମ ଦିଆଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ଯୋଜନାର ଲକ୍ଷ୍ୟ, ଉଦେଶ୍ୟ, ହିତାଧିକାରୀଙ୍କ ଯୋଗ୍ୟତା, ଯୋଜନାର ସମସ୍ତ ସର୍ତ୍ତାବଳୀ, ମୋବାଇଲ ଆପ୍‌ର ବ୍ୟବହାର, ଆର୍ଥିକ ସହାୟତା, ଅଙ୍ଗନବାଡ଼ି କର୍ମୀଙ୍କ ଭୂମିକା ଓ ଦାୟିତ୍ୱ, ହିତାଧିକାରୀଙ୍କ ପଞ୍ଜିକରଣ କାର୍ଯ୍ୟଶୈଳୀ, ନୂତନ ହିତାଧିକାରୀ ପଞ୍ଜିକରଣ ପାଇଁ ପଦକ୍ଷେପ ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ଏଥିସହିତ ଆଧାର ସିଡିଂ, ଏନସିପିଆଇ, ଏଫଆରଏସ ସମ୍ପର୍କରେ ଭିଡ଼ିଓ ମାଧ୍ୟମରେ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଗୁଡ଼ିକ ଦର୍ଶାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟରୁ ଜିଲ୍ଲା ସଂଯୋଜିକା ସୀମାରାଣୀ ବେହେରା ଯୋଗ ଦେଇ ଅଙ୍ଗନବାଡି କର୍ମୀ ମାନଙ୍କୁ ଯୋଜନାର ଲକ୍ଷ୍ୟ ଓ ଉଦେଶ୍ୟ ନେଇ ତାଲିମ ପ୍ରଦାନ କରିଥିଲେ। ମହିଳା ପରିଦର୍ଶିକା ପ୍ରଭାସିନୀ ଚେଟି, ଶାନ୍ତିଲତା ମାଝୀ ତାଲିମ ଶିବିରରେ ଯୋଗ ଦେଇଥିବା ବେଳେ ସହାୟିକା ପ୍ରସନ୍ନା କୁମାରୀ ସାହୁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

● ୱାକର୍ସ କ୍ଲବ୍‌ର ନୂତନ କର୍ମକର୍ତ୍ତା ଚୟନ

ଜଳନ୍ଧର ପୁସିକା ସଭାପତି, ଆନନ୍ଦ ସେନାପତି ସାଧାରଣ ସମ୍ପାଦକ



ରାୟଗଡ, ୩।୧୧(ସମିସ): ରାୟଗଡ଼ ୱାକର୍ସ କ୍ଲବ୍‌ର ୨୦୨୭ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ନଭେମ୍ବର ୨ ତାରିଖରେ କ୍ଲବ୍‌ର ସଭାପତି ବ୍ରଜସୁନ୍ଦର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ଆସନ୍ତା ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଥିଲା। ବୈଠକରେ କ୍ଲବ୍‌ର ଉପଦେଷ୍ଟା ସତ୍ୟବାଦୀ ପତି ପ୍ରାରମ୍ଭିକ ସୂଚନା ଦେଇ ନିୟମିତ ଭାବେ କ୍ଲବ୍‌ର କାର୍ଯ୍ୟକଳାପରେ ସାମିଲ ହେଉଥିବା ସଭ୍ୟମାନଙ୍କୁ କର୍ମକର୍ତ୍ତା ଭାବେ ଚୟନ କରିବାକୁ ପ୍ରସ୍ତାବ ଦେଇଥିଲେ। ଏହାପରେ ସର୍ବସମ୍ମତିକ୍ରମେ ଜଳନ୍ଧର ପୁସିକାଙ୍କୁ ସଭାପତି, ଆନନ୍ଦ ସେନାପତିଙ୍କୁ ସାଧାରଣ ସମ୍ପାଦକ, ରାମଚନ୍ଦ୍ର ସାହୁକାରଙ୍କୁ କୋଷାଧ୍ୟକ୍ଷ, ରୁଦ୍ର ପ୍ରସାଦ ଚୌଧୁରୀଙ୍କୁ ପ୍ରଥମ ଉପସଭାପତି ଏବଂ ମନୋଜ ଗନ୍ତାୟତ (ନୀଳ)ଙ୍କୁ ଦ୍ୱିତୀୟ ଉପସଭାପତି ଭାବେ ଚୟନ କରାଯାଇଥିଲା।

ଡାକ୍ତର ଅଶୋକ ମହାପାତ୍ରଙ୍କ ବିୟୋଗରେ ସେମିଳିଗୁଡ଼ା କଲେଜରେ ଶୋକସଭା

ସେମିଳିଗୁଡ଼ା,୩।୧୧(ସମିସ): ସେମିଳିଗୁଡ଼ା କଲେଜ ପରିସରରେ ଡ. ଅଶୋକ ମହାପାତ୍ରଙ୍କ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡ.ଝାନସୀ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ଅଧ୍ୟକ୍ଷା ଡ. ମହାପାତ୍ରଙ୍କ ବ୍ୟକ୍ତିତ୍ୱ, ଶିକ୍ଷା, ସମାଜ ପ୍ରତି ଅବଦାନ ଓ ତାଙ୍କର ମହାନ୍ ଚିନ୍ତାଧାରାକୁ ସ୍ମରଣ କରିଥିଲେ। ତାଙ୍କର ବିୟୋଗ ଚିକିତ୍ସା ବିଜ୍ଞାନ ,ଶିକ୍ଷା ଓ ସାମାଜିକ କ୍ଷେତ୍ର ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଅଧ୍ୟାପକ ଅଧ୍ୟାପିକାମାନେ ମତପ୍ରକାଶ କରିଥିଲେ। ପ୍ରକାଶ ଥାଉକି ସେମିଳିଗୁଡା ମହାବିଦ୍ୟାଳୟକୁ ଡ. ମହାପାତ୍ର ଅତିଥି ଭାବେ ଆସି ଛାତ୍ରଛାତ୍ରୀଙ୍କୁ ଶିକ୍ଷା ,ଆଧ୍ୟରିକତା ଏବଂ ଜୀବନଚର୍ଯ୍ୟା ବିଷୟରେ ଶିକ୍ଷା ଦେବା ସହିତ ସେମାନଙ୍କ ସ୍ୱାସ୍ଥ୍ୟ ଜନିତ ବିଷମ ସମସ୍ୟା ସମ୍ପର୍କରେ ସଚେତନ କରିଥିଲେ। ଏହି ଅବସରରେ ତାଙ୍କ ଆତ୍ମାର ସଦ୍‌ଗତି କାମନା କରି ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ଶୋକସଭାରେ ଦେବରାଜ ନାୟକ, ଡ.ଶୁଭ୍ରାଂଶୁ ସୁନ୍ଦର ଦାସ, ଡ. ଗୀତା ପଟ୍ଟନାୟକ, ସୁରେଶ ପାଇକରାୟ, ଡ. ବିଦ୍ୟୁତ୍‌ପ୍ରଭା ରାଉତ, ଶିବାଶିଷ ପଟ୍ଟନାୟକ ,ହରେକୃଷ୍ଣ ସାହୁ , ବିନୋଦ ଲେଙ୍କା ପ୍ରମୁଖ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

ଶିଶୁ ଶ୍ରମ ମୁକ୍ତ ଉମରକୋଟ ପାଇଁ ସଚେତନତା ଅଭିଯାନ

ଉମରକୋଟ, ୩।୧୧ (ସମିସ): ଶିଶୁଙ୍କ ହାତରେ କଲମ ଓ ବହି ବଦଳରେ କାମର ବୋଝ ନ ଧରାଯାଉ। ଏହି ବାର୍ତ୍ତାକୁ ନେଇ ଉମରକୋଟ ଅଞ୍ଚଳରେ ଆରମ୍ଭ ହୋଇଛି ବ୍ୟାପକ ସଚେତନତା ଅଭିଯାନ। ଶିଶୁ ଶ୍ରମକୁ ସମ୍ପୂର୍ଣ୍ଣ ରୋକିବା ଏବଂ ଏକ ଶିଶୁ ଶ୍ରମ ମୁକ୍ତ ସମାଜ ଗଠନ ଲକ୍ଷ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅଭିନବ ପଦକ୍ଷେପ ନିଆଯାଇଛି। ଜିଲ୍ଲା ଶ୍ରମ ଅଧିକାରୀ ମାନସ ରଞ୍ଜନ ଖୋସଲା, ପି.ସି. ସଭା ଉମା ସତନାମୀ, ରାଇଘର ଶ୍ରମ ଅଧିକାରୀ ପ୍ରଦୀପ କୁମାର ଭତ୍ରା, ଚାଇଲଡ୍ ଲାଇନ୍ ଏବଂ ଉମରକୋଟ ପୁଲିସ ପ୍ରଶାସନର ମିଳିତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହେଉଛି। ଏହି ଅଭିଯାନ ମାଧ୍ୟମରେ ସହରର ବିଭିନ୍ନ ଦୋକାନ, ହୋଟେଲ, ଢାବା ଓ ବ୍ୟବସାୟିକ ପ୍ରତିଷ୍ଠାନ ପରିଦର୍ଶନ କରାଯାଇ କୌଣସି ପ୍ରକାର ଶିଶୁ ଶ୍ରମ ନ ନିୟୋଜିତ କରିବାକୁ କଡ଼ା ଚେତାବନୀ ଦିଆଯିବା ସହ ମାଲିକ ଓ ସାଧାରଣ ଲୋକଙ୍କୁ ସଚେତନ କରାଯାଉଛି।

ପ୍ରଧାନ ଶିକ୍ଷୟିତ୍ରୀଙ୍କ ଅବସର ଗ୍ରହଣ

ଉମରକୋଟ,୩।୧୧(ସମିସ): ଅବସର ଗ୍ରହଣ କଲେ ଗତିଗୁଡ଼ା ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ଦେବନାଥ। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଅବସରକାଳୀନ ସମ୍ବର୍ଦ୍ଧନା ସମାରୋହ ଆୟୋଜିତ ହୋଇଥିଲା। ସେ ୧୯୮୯ ମସିହା ସେପ୍ଟେମ୍ବର ୨ ତାରିଖରେ ଶିକ୍ଷକତା ବୃତ୍ତିରେ ଯୋଗଦାନ କରିଥିଲେ। ଦୀର୍ଘ ୩୭ ବର୍ଷର କର୍ମମୟ ଜୀବନରେ ଅନେକ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ କରିବା ସହ ସେମାନଙ୍କୁ ଉଚିତ ମାର୍ଗଦର୍ଶନ ଦେଇଆସିଥିଲେ। ଅବସରକାଳୀନ ସମାରୋହରେ ତାଙ୍କୁ ଉପଢ଼ୌକନ, ପୁଷ୍ପଗୁଚ୍ଛ ଓ ବିଭିନ୍ନ ଉପହାର ପ୍ରଦାନ କରି ସହକର୍ମୀ ଓ ଉପସ୍ଥିତ ଅତିଥିମାନେ ସମ୍ମାନିତ କରିଥିଲେ।

ଭୋଟର ତାଲିକା ସଂଶୋଧନ କାର୍ଯ୍ୟ ତଦାରଖ କଲେ ରାଜ୍ୟ ପର୍ଯ୍ୟବେକ୍ଷକ



ତେନ୍ତୁଳିଖୁଣ୍ଟି, ୩।୧୧(ସମିସ): ଆଗାମୀ ୨୦୨୭ ମସିହା ଗ୍ରାମପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଭୋଟର ତାଲିକାରେ ନୂତନ ଭୋଟରଙ୍କ ନାମ ଯୋଡ଼ିବା ଓ ଅଯୋଗ୍ୟ ଭୋଟରଙ୍କ ନାମ ବାଦ୍ ଦେବା ପାଇଁ ଘରକୁ ଘର ସର୍ଭେ କାର୍ଯ୍ୟ ଜାରି ରହିଛି। ବ୍ଲକର ମୋଟ ୨୧୩ଟି ବୁଥ୍‌ରେ ପ୍ରାୟ ୫୯ ହଜାର ଭୋଟରଙ୍କ ସର୍ଭେ ପାଇଁ ମୋଟ ୮୪ଟି ଟିମ୍ ଏହି କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ବିଏଲ୍‌ଓ, ପିଇଓ ଓ ଅଙ୍ଗନବାଡ଼ି କର୍ମୀମାନେ ଘରକୁ ଘର ବୁଲି ଭୋଟରଙ୍କ ତଥ୍ୟ ଯାଞ୍ଚ କରୁଛନ୍ତି। ଏହି କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିବା ପାଇଁ ରାଜ୍ୟ ପର୍ଯ୍ୟବେକ୍ଷକ ତଥା ଅତିରିକ୍ତ ସଚିବ ରତ୍ନାକର ସାହୁ ତେନ୍ତୁଳିଖୁଣ୍ଟି ବ୍ଲକ ଗସ୍ତ କରିଥିଲେ। ଗସ୍ତ ସମୟରେ ସେ ବ୍ଲକସ୍ତରୀୟ ଅଧିକାରୀଙ୍କ ସହ ସର୍ଭେ କାର୍ଯ୍ୟର ସମୀକ୍ଷା କରିବା ସହ କ୍ଷେତ୍ର ପରିଦର୍ଶନ କରି ବିଏଲ୍‌ଓ ଓ ଅଙ୍ଗନବାଡ଼ି କର୍ମୀଙ୍କ ଦ୍ୱାରା ଚାଲିଥିବା ଘରକୁ ଘର ସର୍ଭେର ସ୍ଥିତି ଅନୁଧ୍ୟାନ କରିଥିଲେ। ବର୍ତ୍ତମାନ ସୁଦ୍ଧା ସର୍ଭେ କାର୍ଯ୍ୟର ପ୍ରାୟ ୪୦ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଥିବାବେଳେ ଆସନ୍ତା ୬ ନଭେମ୍ବର ୨୦୨୬ ସୁଦ୍ଧା ସମସ୍ତ ସର୍ଭେ କାର୍ଯ୍ୟ ଶେଷ କରିବାକୁ ପର୍ଯ୍ୟବେକ୍ଷକ ଶ୍ରୀ ସାହୁ ଟିମ୍‌ଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲେ।

ବ୍ଲକ୍ ଓ ପୌରାଞ୍ଚଳସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା



ଜୟପୁର,୩।୧୧(ସମିସ): ରାଷ୍ଟ୍ରଦୀପ ପ୍ରସାର ସମିତି ସେବା ସଂକଳ୍ପ ଅଭିଯାନ ଅବସରରେ ଜୟପୁର ସିଟି ଉଚ୍ଚ ବିଦ୍ୟାଳୟ ଠାରେ ସ୍ଥାନୀୟ ବ୍ଲକ ଓ ପୌରାଞ୍ଚଳ ସ୍ତରୀୟ ‘ମୋ ସ୍ୱପ୍ନର ଭାରତବର୍ଷ ‘ଶୀର୍ଷକ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏଥିରେ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ ଏବଂ ବିଜୟୀ ପ୍ରତିଯୋଗୀଙ୍କୁ ସ୍ଥାନୀୟ ବିଦ୍ୟାଳୟ ପରିଚାଳନା କମିଟିର ବରିଷ୍ଠ ସଦସ୍ୟ ଶଶୀ ଭୂଷଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ପୁରସ୍କାର ବିତରଣ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୋମନାଥ ଗାଦବା ଏବଂ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ଅଧ୍ୟକ୍ଷ ସୁଧାକର ପଟ୍ଟନାୟକ ଯୋଗଦେଇ ପୁରସ୍କୃତ କରିଥିଲେ। ପୌରାଞ୍ଚଳସ୍ତରୀୟ ପ୍ରତିଯୋଗିତାରେ ସ୍ଥାନୀୟ ଜାଭିୟର ବିଦ୍ୟାଳୟର ଏନ.ସାଇ ତୀକ୍ଷଣା ପ୍ରଥମ, ସିଟି ହାଇସ୍କୁଲର ଜି. ପବନସାଇଦେବ ଦ୍ୱିତୀୟ, ମଡର୍ଣ୍ଣ ଇଂଲିଶ ସ୍କୁଲର ଉନ୍ନତି ତ୍ରିପାଠୀ ତୃତୀୟ ଏବଂ ଅରବିନ୍ଦ ନଗର ସରସ୍ୱତୀ ବିଦ୍ୟା ମନ୍ଦିରର ଅଲିଭା ଗମାଙ୍ଗ ଯଥାକ୍ରମେ ଶାନ୍ତ୍ୱନାମୂଳକ ଭାବେ ଶ୍ରେଷ୍ଠ ପ୍ରତିଯୋଗୀ ଭାବେ ପୁରସ୍କୃତ ହୋଇଥିଲେ। ବ୍ଲକ୍ ସ୍ତରୀୟ ପ୍ରତିଯୋଗିତାରେ ସ୍ଥାନୀୟ ଜୟପୁର ବ୍ଲକର ଟାଙ୍କୁଆ ଗ୍ରାମପଞ୍ଚାୟତ ଡିମଳା ଉଚ୍ଚ ବିଦ୍ୟାଳୟର ଖୁସି ଗୌଡ଼ ପ୍ରଥମ, ଗଡପଦର ଉଚ୍ଚ ବିଦ୍ୟାଳୟର ଜିତୁ ଟାକରୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ସଂଯୋଜକ ପ୍ରତାପ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଅମର ପାଳ, ପ୍ରିୟମ୍ବଦା ମହାରଣା, ରିତୁ ଦାସ, ଦିପ୍ତିମୟୀ ମିଶ୍ର, ଆଏସା ଗୌଡ଼ ଏବଂ ସଂଯୁକ୍ତା ବାଡତ୍ୟା ସମସ୍ତ କାର୍ଯ୍ୟକ୍ରମ ତଥା ପ୍ରତିଯୋଗିତାର ପରିଚାଳନା କରିଥିଲେ। ଆୟୋଜକ ଦାମନଯୋଡି ରାଷ୍ଟ୍ରଦୀପ ପ୍ରସାର ସମିତି ଏପରି ଉଦ୍ୟମ ଆରମ୍ଭ କରିଛି ବୋଲି ଜିଲ୍ଲା କାର୍ଯ୍ୟକ୍ରମ ସମନ୍ୱୟ ସଂଯୋଜକ ସଦସ୍ୟ ଲକ୍ଷ୍ମୀକାନ୍ତ ମିଶ୍ର ପ୍ରକାଶ କରିଥିଲେ। ଏହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବିଜୟୀ ଛାତ୍ରଛାତ୍ରୀମାନେ ଆସନ୍ତା ୧୧ ତାରିଖ କୋରାପୁଟ ଠାରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ।

ଭଇଁସାବେଡ଼ା ଗ୍ରାମକୁ ବସ୍ ଚଳାଚଳ ଦାବି

ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲେ ଗ୍ରାମବାସୀ



କୋଷାଗୁମୁଡ଼ା,୩।୧୧(ସମିସ): କୋଷାଗୁମୁଡ଼ା ବ୍ଲକର ମାଝିଧନୁଆ ପଞ୍ଚାୟତ ଅନ୍ତର୍ଗତ ଭଇଁସାବେଡ଼ା ଗ୍ରାମକୁ ବସ୍ ଚଳାଚଳ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ଜୋରଦାର ହୋଇଛି। ଏନେଇ ଗ୍ରାମର ଶତାଧିକ ଲୋକ ଏକତ୍ରିତ ହୋଇ ନବରଙ୍ଗପୁର ଜିଲ୍ଲାପାଳଙ୍କୁ ଏକ ଲିଖିତ ଦାବିପତ୍ର ଆଜି ପ୍ରଦାନ କରିଛନ୍ତି। ଗ୍ରାମକୁ ନିୟମିତ ବସ୍ ସେବା ନଥିବାରୁ ଦୈନନ୍ଦିନ ଯାତାୟାତ କ୍ଷେତ୍ରରେ ଗ୍ରାମବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଛାତ୍ରଛାତ୍ରୀ, ମହିଳା,ବେପାରୀ, କୋର୍ଟ କଚେରୀ, ବ୍ଲକ, ଥାନା, ଏଟିଏମ କୁ ଯିବା ଲୋକ, ବୟସ୍କ ବ୍ୟକ୍ତି ଓ ରୋଗୀମାନଙ୍କୁ ଯାତାୟାତ ପାଇଁ ଅଧିକ ଅସୁବିଧା ଭୋଗିବାକୁ ପଡୁଛି। ଏହାର ସମାଧାନ ପାଇଁ ଗ୍ରାମକୁ ତୁରନ୍ତ ବସ୍ ସେବା ଯୋଗାଇଦେବାକୁ ଗ୍ରାମବାସୀ ଦାବି ଜଣାଇଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଅଖିଳ ଭାରତୀୟ ଭତ୍ରା ବିକାଶ ପରିଷଦର ପୂର୍ବତନ ସଭାପତି ଅର୍ଜୁନ ଭତ୍ରା, ନବୀନ ଚନ୍ଦ୍ର ଭତ୍ରା, ଜିଲ୍ଲା ଜନଜାତି ସୁରକ୍ଷା ମଞ୍ଚ, ନବରଙ୍ଗପୁରର ଉପସଭାପତି ରତନ ମାଝୀ, ସ୍ୱାତୀ ସମରଥ, ରାଧାମଣି ଭତ୍ରା, ବାସନ୍ତୀ ଦାସ, ଲକ୍ଷ୍ମୀ ଭତ୍ରା, ଉର୍ମିଳା ବିଷୋୟୀ, ଗମୋତି ଭତ୍ରା, ସମାରି ମାଲି ଓ ସୋମତି ଭତ୍ରାଙ୍କ ସମେତ ଭଇଁସାବେଡ଼ା ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ଗ୍ରାମବାସୀଙ୍କ ଏହି ନ୍ୟାୟୋଚିତ ଦାବିକୁ ଗୁରୁତ୍ୱର ସହ ବିଚାର କରି ଭଇଁସାବେଡ଼ା ଗ୍ରାମକୁ ନିୟମିତ ବସ୍ ଚଳାଚଳର ବ୍ୟବସ୍ଥା କରିବାକୁ ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି।

'ସଂକଳ୍ପ' ଆୟୋଜିତ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଉଦ୍‌ଘାଟିତ

'ନାୟିକା' ପକ୍ଷରୁ ନାଟକ 'ତା' ରି ଲାଗି' ମଞ୍ଚସ୍ଥ

ରାଉରକେଲା,୩।୧୧(ସମିସ):



ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ବିଭାଗ, ଓଡିଶା ସରକାର ଏବଂ ରାଉରକେଲା ଇସ୍ପାତ କାରଖାନା ଆନୁକୂଲ୍ୟରେ ସାଂସ୍କୃତିକ କଳା ପରିଷଦ "ସଂକଳ୍ପ" ରାଉରକେଲା ଦ୍ୱାରା ଆୟୋଜିତ ୧୮ତମ ରାଜ୍ୟସ୍ତରୀୟ ଓଡିଆ ନାଟକ ମହୋତ୍ସବ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ସିଭିକ୍ ସେଣ୍ଟରଠାରେ ଉଦ୍‌ଘାଟିତ ହୋଇଯାଇଛି। ପୂର୍ବତନ ମନ୍ତ୍ରୀ ତଥା ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ।

ବରେଣ୍ୟ ଅତିଥି ଭାବେ ସେବା ନିବୃତ ପ୍ରଫେସର ତଥା ବିଶିଷ୍ଟ ନାଟ୍ୟକାର ଡଃ ସଂଜୟ ହାତୀ ଯୋଗ ଦେଇ ମଞ୍ଚରେ ଆନ୍ଦୋଳନ ପ୍ରସ୍ତୁତ ହୁଏ। ରାଜନୈତିକ ଓ ସାମାଜିକ ଅବ୍ୟବସ୍ଥାକୁ ସୁଧାରିବାରେ ନାଟକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ତେଣୁ ଗୁଣାତ୍ମକ ନାଟକ ରଚନା ଓ ପରିବେଷଣ ଉପରେ ଗୁରୁତ୍ୱାରୋପ କରିଥିଲେ।

ଆୟୋଜିତ କାର୍ଯ୍ୟକ୍ରମରେ "ସଂକଳ୍ପ"ର ସଭାନେତ୍ରୀ ଡଃ କିଶୋରୀ ଦାଶ ଅଧ୍ୟକ୍ଷତା କରିବା ସହ ଅନୁଷ୍ଠାନର ଆଭିମୁଖ୍ୟ ପ୍ରସଙ୍ଗରେ ବର୍ଣ୍ଣନା କରିବା ସହ ସ୍ୱାଗତ ଭାଷଣ ରଖିଥିଲେ। ସାଧାରଣ ସଂପାଦକ ପ୍ରକାଶ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟତମ ଉପଦେଷ୍ଟା ତଥା ବିଶିଷ୍ଟ ନାଟ୍ୟ ବ୍ୟକ୍ତିତ୍ୱ ପ୍ରସନ୍ନ କୁମାର ଦାଶ ଓ ଉପଦେଷ୍ଟା ମଞ୍ଜୁ ମୁଖାର୍ଜୀ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଉଦ୍‌ଘୋଷିକା ଶୁଭଶ୍ରୀ ଦାଶ ସଂଯୋଜନା କରିଥିଲେ।

ପ୍ରଥମ ସଂଧ୍ୟାରେ ବାଲେଶ୍ୱର "ନାୟିକା" ପକ୍ଷରୁ ନାଟକ ତା'ରି ଲାଗି ମଞ୍ଚସ୍ଥ କରାଯାଇଥିଲା। ନାଟକଟିକୁ ବିଜୟ ମିଶ୍ର ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ସୁସ୍ମିତା ରଣା ଓରଫ ପଟ୍ଟନାୟକ, ସଂଗୀତ ଶକ୍ତି ପ୍ରସାଦ ମିଶ୍ର, ଆଲୋକ ରାକେଶ ଚାନ୍ଦ, ମଞ୍ଚ ପରିଚାଳନା ଅତୁଲ, ପ୍ରତୀକ୍ଷା, ଅଭିନୟରେ ସ୍ୱସ୍ତି ସୁନ୍ଦର ମହାପାତ୍ର, ମୋହିତ ମୋହନ ଦାସ, ସୁସ୍ମିତା ରଣା ପଟ୍ଟନାୟକ, ସୁଶିଲ ପଟ୍ଟନାୟକ, ହରି ଶଙ୍କର ସାହୁ, ପ୍ରଦୀପ ବେହେରା, ବିଜୟ ଅଧିକାରୀ, ଘନଶ୍ୟାମ ମହାଳିକ ଅଂଶଗ୍ରହଣ କରିଥିଲେ।

ଭବିଷ୍ୟତରେ ବଡ କିଛି ପାଇବା ଆଶାରେ ବର୍ତ୍ତମାନକୁ ତୁଚ୍ଛ କରି ମଣିଷ ଅନ୍ଧ ଆବେଗରେ ଦୌଡି ଚାଲିଛି। ଏହି ଭଳି କାହାଣୀକୁ ନେଇ ନାଟକଟି ଗତିଶୀଳ ହୋଇଥିଲା। ନାଟକର ନିର୍ଦ୍ଦେଶିକାଙ୍କୁ "ସଂକଳ୍ପ"ସମ୍ମାନରେ ଓ ତାଙ୍କ ନାଟ୍ୟାନୁଷ୍ଠାନକୁ ଚିତ୍ତ ରଣା ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତ ଅଭିନେତା/ଅଭିନେତ୍ରୀ ଓ ଅଂଶଗ୍ରହଣକାରୀମାନଙ୍କୁ ପ୍ରଶସ୍ତିପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଅନୁଷ୍ଠାନ ପକ୍ଷରୁ ପ୍ରବୀର ଜେନା, ରାନୁ ମହାପାତ୍ର, ପ୍ରିୟଦର୍ଶନ ରାଉତ, ପ୍ରବୀର ମିଶ୍ର, ରଶ୍ମୀ ରେଖା ଦାସ, ବଟକୃଷ୍ଣ ଶତପଥୀ, ସଂଜୟ ମହାନ୍ତି, କୁଞ୍ଜନଲାଲ ବୋଷ, ରମେଶ ଚନ୍ଦ୍ର ସେଠୀ, ଦୀପ୍ତି ବାରିକ, ଦୀପକ ପାଢ଼ୀ, ହେମନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ମନ ମୋହିଲା କୁଚିପୁଡ଼ି ଓ ଛଉ ନୃତ୍ୟ



ରାଉରକେଲା,୩।୧୧(ସମିସ): ଭଞ୍ଜଭବନ ମୁକ୍ତାକାଶ ମଞ୍ଚଠାରେ ଭଞ୍ଜ କଳାକେନ୍ଦ୍ର ଆନୁକୁଲ୍ୟରେ ଆୟୋଜିତ ବେଦବ୍ୟାସ ସଙ୍ଗୀତ ନୃତ୍ୟୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ଚିତ୍ତାକର୍ଷକ ଶାସ୍ତ୍ରୀୟ ଓ ଲୋକ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଛି। ପଶ୍ଚିମାଞ୍ଚଳ ପୁଲିସ ଡିଆଇଜି ବ୍ରିଜେଶ କୁମାର ରାୟ ସନ୍ଧ୍ୟାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍ସବର ଉଦଘାଟନ କରିଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ତଥା ରଘୁନାଥପଲ୍ଲୀ ପୂର୍ବତନ ବିଧାୟକ ସୁବ୍ରତ ତରାଇ ସମ୍ମାନିତ ଅତିଥି ଥିଲେ। ଉତ୍ସବରେ ଭଞ୍ଜ କଳାକେନ୍ଦ୍ରର ସଭାପତି ତଥା ଆରଏସପି ରକ୍ଷଣାବେକ୍ଷଣ ବିଭାଗର ସିଜିଏମ୍ ଇନଚାର୍ଜ ଶୁଭ ଶଙ୍କର ରାୟଚୌଧୁରୀ, କଣ୍ଟ୍ରାକ୍ଟ ସେଲ ବିଭାଗର ସିଜିଏମ ତଥା ଭଞ୍ଜ କଳାକେନ୍ଦ୍ରର ଉପ ସଭାପତି ଆଲୋକ କୁମାର ବେହେରା, ଭଞ୍ଜ ସାଂସ୍କୃତିକ ନ୍ୟାସର ସମସ୍ତ ଟ୍ରଷ୍ଟି ତଥା ଆରଏସପିର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ପ୍ରାରମ୍ଭରେ ଭଞ୍ଜ କଳା କେନ୍ଦ୍ରର କଳାକାରମାନଙ୍କ ଦ୍ୱାରା ଗୁରୁ ଡକ୍ଟର ଅନୀଲ କୁମାର ଦଉଙ୍କ ନିର୍ଦ୍ଦେଶନାରେ ଗିଟାର ବାଦନ ପରିବେଶକୁ ଆହ୍ଲାଦିତ କରିଥିଲା। ଏହାପରେ ବିଶିଷ୍ଟ ନୃତ୍ୟଗୁରୁ ଡକ୍ଟର ଶ୍ରୀକାନ୍ତ ଏବଂ ତାଙ୍କ ଅନୁଷ୍ଠାନ ଶିବଶ୍ରୀ ନୃତ୍ୟ କଳାନିକେତନର ନୃତ୍ୟଶିଳ୍ପୀମାନଙ୍କ ଦ୍ୱାରା ମନୋରମ କୁଚିପୁଡି ନୃତ୍ୟ ଉପସ୍ଥାପନା ଦର୍ଶକଙ୍କୁ ବିମୋହିତ କରିଥିଲା। ନୃତ୍ୟଶିଳ୍ପୀ ମାନେ 'ମହାଗଣପତିଂ ମନସା ସ୍ମରାମି', 'କଦିରି ନୃସିଂହୁଡୁ' ଏବଂ 'ନନ୍ଦକଧର ନନ୍ଦଗୋପ ନନ୍ଦନ' ପ୍ରସ୍ତୁତ କରିଥିଲେ, ଯାହା ମାଧ୍ୟମରେ ସେମାନେ କୁଚିପୁଡି ନୃତ୍ୟର ବିଭିନ୍ନ ସୂକ୍ଷ୍ମ କଳା ବିଭବକୁ ଦର୍ଶକଙ୍କ ସମ୍ମୁଖରେ ପରସି ଦେଇଥିଲେ।

ପରେପରେ ମୟୂରଭଞ୍ଜର ନିତୁଆପଦା ଉତ୍ତରସାହି ଛଉନୃତ୍ୟ ପ୍ରତିଷ୍ଠାନର ଲୋକନୃତ୍ୟ କଳାକାରମାନେ ସୁପ୍ରସିଦ୍ଧ ଛଉ ଲୋକନୃତ୍ୟ ପ୍ରସ୍ତୁତ କରିଥିଲେ। ଶାରୀରିକ ଦକ୍ଷତା ସହିତ ନୃତ୍ୟର ଅପୂର୍ବ ତାଳଲୟ ମଞ୍ଚରେ "ନୃତ୍ୟ ଅର୍ପଣ"ର ପରିବେଷଣ ଏକ ଚିତ୍ତାକର୍ଷକ ଅନୁଭବ ପ୍ରଦାନ କରିଥିଲା। ପରେ ପରେ ଆସାମର କଳାକାରଙ୍କ ଦ୍ୱାରା ବୋଡୋ ଜନଜାତିର ଲୋକନୃତ୍ୟ ପରିବେଷଣ ସନ୍ଧ୍ୟାର ଅନ୍ୟତମ ବରିଷ୍ଠ ଆକର୍ଷଣ ଥିଲା। ଉତ୍ସବରେ ନୃତ୍ୟଗୁରୁମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଞ୍ଜ କଳା କେନ୍ଦ୍ରର ସାଧାରଣ ସମ୍ପାଦକ ରାଧାକୃଷ୍ଣ ମହାପାତ୍ର ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଆରଏସପି ଏସଏମଏସ-୨ ବିଭାଗର ଉପପ୍ରବନ୍ଧକ ଶଶାଙ୍କ ଶେଖର ପଟ୍ଟନାୟକ ଏବଂ କୋଏନା ଦସ୍ତିଦାର ସାଂସ୍କୃତିକ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଭଞ୍ଜ ସାଂସ୍କୃତିକ ନ୍ୟାସର ସମସ୍ତ ଟ୍ରଷ୍ଟି, ଭଞ୍ଜ କଳା କେନ୍ଦ୍ରର କର୍ମକର୍ତ୍ତା ବିବେକାନନ୍ଦ ପରିଡା, ଜ୍ୟୋତିର୍ମୟ ଆଚାର୍ଯ୍ୟ, ପଞ୍ଚାନନ ମଲ୍ଲିକ, ସୁବ୍ରତ ଶତପଥୀ, ଗଜେନ୍ଦ୍ର ମୁର୍ମୁ, ବସନ୍ତ ସାହୁ, ରସାନନ୍ଦ ମହାନ୍ତ, କନକଲତା ମିଶ୍ର ଓ ଭଞ୍ଜ ସାଂସ୍କୃତିକ ନ୍ୟାସର କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

'ଶ୍ରେଷ୍ଠ ଓଡ଼ିଆଣୀ ସିଜିନ୍-୪' ବିଭିନ୍ନ ପ୍ରତିଯୋଗିତା ସମ୍ପନ୍ନ



ରାଉରକେଲା,୩।୧୧(ସମିସ): ସହରର ଅନ୍ୟତମ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ ଗରିମା ପରିବାରର ଶ୍ରେଷ୍ଠ ଓଡ଼ିଆଣୀ ସିଜିନ-୪ର ବିଭିନ୍ନ ପ୍ରତିଯୋଗିତା ପାନ୍ଥନିବାସ ଠାରେ ଅନୁଷ୍ଠିତ ହୋଇଯାଇଛି। ଗତ ୩୧ ତାରିଖ ଓ ୧ ତାରିଖ ଦିନ ଦୁଇଟି ପର୍ଯ୍ୟାୟରେ ମହିଳା ମାନଙ୍କ ମଧ୍ୟରେ ଓଡ଼ିଆ ସଂସ୍କୃତି ଓ ପରମ୍ପରା ଉପରେ ପ୍ରତିଯୋଗିତା କରାଯାଇଥିଲା। ବିଚାରକ ଭାବେ ମାଷ୍ଟର ସେଫ୍ ଭାବେ ପ୍ରସିଦ୍ଧ ଲାଭ କରିଥିବା ଅଞ୍ଜୁ ପ୍ରଧାନ ଓ ମଞ୍ଜୁ ଓଝା ଓରଫ୍ ଅଞ୍ଜୁ ମଞ୍ଜୁ ଯୋଗଦେଇ ମୂଲ୍ୟାଙ୍କନ କରିଥିଲେ। ବିଜେତା ମାନଙ୍କୁ ଆସନ୍ତା ୧୬ ତାରିଖ ଦିନ ସିଭିକ ସେଣ୍ଟର ଠାରେ ଗ୍ରାଣ୍ଡ ଫିନାଲେରେ ପୁରସ୍କୃତ କରାଯିବ। କାର୍ଯ୍ୟକ୍ରମରେ ସମାଜସେବୀ ଝସକେତନ ମେହେର ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ବିଭିନ୍ନ ପ୍ରତିଯୋଗିତାରେ ବିଚାରକ ଭାବେ ନିରୁପମା ପାଣ୍ଡବ, ରାଜଶ୍ରୀ ପତି, ସ୍ମିତା ମିଶ୍ର, ମମତା ପତି, ଡ ଦୁର୍ଗେଶ ନନ୍ଦିନୀ ବିଶ୍ୱାଳ, ପ୍ରମିତା ମହାପାତ୍ର ପ୍ରମୁଖ ଦାୟିତ୍? ତୁଲାଇଥିଲେ। ମୋନାଲିସା ସାହୁଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ଶଙ୍କର ଜେନା, ଉପଦେଷ୍ଟା ରଶ୍ମିତ ସାହାଣୀ, ପୃଷ୍ଠପୋଷକ ଲଳିତା ମୁଦାଲି, ସଭାପତି ମମତା ନାୟକ, ସମ୍ପାଦକ ଡ଼ଃ ସରିତା ମଲ୍ଲ, କାର୍ଯ୍ୟକ୍ରମର ସଂଯୋଜକ ସୁମିତା ମହାନ୍ତି, ଅଧକ୍ଷ ନିହାରିକା ବସ୍ତିଆ, ପ୍ରଣତୀ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

କୋଏଲ କ୍ଲବ ପକ୍ଷରୁ କୁମାର ଉତ୍ସବ

ରାଉରକେଲା,୩।୧୧(ସମିସ): କୋଏଲ କ୍ଲବ ଡ଼ି ବ୍ଲକ ଦୁର୍ଗାପୂଜା କମିଟି ପକ୍ଷରୁ କୁମାର ଉତ୍ସବ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ଯୋଗ ଦେଇଥିଲା ବେଳେ ସମ୍ମାନୀତ ଅତିଥି ଭାବେ ଶିଳ୍ପପତି ଅଶୋକ କୁମାର ମହାନ୍ତି ମଞ୍ଚାସୀନ ଥିଲେ। ଏହି ଅବସରରେ ଓଡ଼ିଆ ସିନେ କଳାକାର ସୁଶ୍ରୀ ଅପର୍ଣ୍ଣା ମହାନ୍ତି, ସମାଜସେବୀ ଅଶେଷ ମହାନ୍ତି, ଶିଳ୍ପପତି ତାପସ ଆଚାର୍ଯ୍ୟ ଓ ସାମ୍ବାଦିକ ପ୍ରତାପ ପାଢୀଙ୍କୁ ବିଶିଷ୍ଟ ପ୍ରତିଭା ସମ୍ମାନ ଉପସ୍ଥିତ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ ଅନେକ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାପତି ଦେବେନ୍ଦ୍ର ନାଥ ନାଏକଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସାଧାରଣ ସମ୍ପାଦିକା ଜୟଶ୍ରୀ ପାଣିଗ୍ରାହୀ କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ଉପରେ ମତ ରଖିଥିଲେ। କାର୍ଯ୍ୟକ୍ରମକୁ ଦିଲ୍ଲୀପ ମହାନ୍ତି ସଂଯୋଜନା କରିଥିଲେ। କାର୍ଯ୍ୟକାରୀ ସଭାପତି ଦୀପକ ମହାନ୍ତି, ମୁଖ୍ୟ ସଂଯୋଜକ ନରେଶ ଚନ୍ଦ୍ର ସ୍ୱାଇଁ, ସହସମ୍ପାଦକ ସଙ୍ଗୀତା ସ ପ୍ରମୁଖ ସହଯୋଗ କରିଥିଲେ।

ରାଷ୍ଟ୍ରୀୟ ଏକତା ଦିବସରେ ବିଭିନ୍ନ ପ୍ରତିଯୋଗିତା

ବଣାଇଁ,୩।୧୧(ସମିସ): ରାଷ୍ଟ୍ରୀୟ ଏକତା ଦିବସ ଉପଲକ୍ଷେ ବଣାଇଁ ଥାନା ପକ୍ଷରୁ ବଇଦପାଲି ସ୍ଥିତ ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଓ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ବଣାଇଁ ଥାନା ଅଧିକାରୀ ପିଙ୍କି କୁମାରୀ ମୁର୍ମୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଏସ୍‌ଆଇ ଆଦିତ୍ୟ ନାରାୟଣ ବେହେରା, ଏଏସ୍‌ଆଇ ପର୍ଶୁରାମ ମହାନ୍ତ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ବେହେରା ଓ ହାବିଲଦାର ଅମୂଲ୍ୟ ସାମଲ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

ଚୋରି ଘଟଣାରେ ୪ ଗିରଫ



ରାଉରକେଲା, ୩।୧୧(ସମିସ) : ପାନପୋଷ ମାର୍କେଟରୁ ଜଣେ ବ୍ୟକ୍ତିଙ୍କ ମୋବାଇଲ୍ ଫୋନ୍ ଚୋରି ଘଟଣାରେ ପୁଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ୪ଟି ମୋବାଇଲ୍ ଫୋନ୍ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପଶ୍ଚିମବଙ୍ଗ ପଶ୍ଚିମ ବର୍ଦ୍ଧମାନ ଅଞ୍ଚଳର ଚୌଧୁରୀ (୧୯), ସୁରଜ କୁମାର ନୋନିଆ(୨୦), ଝାଡ଼ଖଣ୍ଡ ସାହିବଗଞ୍ଜ ଜିଲ୍ଲାର ରାଜକୁମାର ମାହାନ୍ତ (୨୪) ଏବଂ ଆନନ୍ଦ କୁମାର(୧୯)।

ପୁଲିସ ସୂତ୍ରରୁ ପ୍ରକାଶ ଯେ, ରଘୁନାଥପାଲୀ ଥାନା ଅନ୍ତର୍ଗତ ରାଉରକେଲାର ରୁପଟୋଲା ଅଞ୍ଚଳର ଚନ୍ଦ୍ରକାନ୍ତ ସାମଲ (୬୦) ରବିବାର ପାନପୋଷ ମାର୍କେଟକୁ ପରିବା କିଣିବାକୁ ଯାଇଥିବାବେଳେ କେହି ଦୁର୍ବୃତ୍ତ ପକେଟରୁ ମୋବାଇଲ୍ ଚୋରି କରି ନେଇଥିଲା। ଏନେଇ ସେ ରଘୁନାଥପାଲୀ ଥାନାରେ ଅଭିଯୋଗ କରିଥିଲେ।

ଆର୍‌ଏସପି ସମ୍ପ୍ରସାରଣ ରେଳଲାଇନ ପ୍ରକଳ୍ପକୁ ବିରୋଧ ଜାରି; ୧୪ ଗିରଫ



ରାଉରକେଲା, ୩।୧୧ (ସମିସ): ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସମ୍ପ୍ରସାରଣ ସହ ଜଡ଼ିତ ପ୍ରସ୍ତାବିତ ରେଳ ଲାଇନ ପ୍ରକଳ୍ପକୁ ନେଇ ବନ୍ଧମୁଣ୍ଡା ଥାନା ଅନ୍ତର୍ଗତ ବରକାନୀ ଗ୍ରାମରେ ତୀବ୍ର ବିରୋଧ ଜାରି ରହିଛି। ସ୍ଥାନୀୟ ବାସିନ୍ଦାଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ଏହି ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ଆରଏସପି କର୍ତ୍ତୃପକ୍ଷ ତୁରନ୍ତ ଘଟଣାସ୍ଥଳକୁ ଆସି ସେମାନଙ୍କ ସମସ୍ୟା ଓ ଚିନ୍ତା ସମ୍ପର୍କରେ ଆଲୋଚନା କରିବାକୁ ଗ୍ରାମବାସୀ ଦାବି କରିଥିଲେ। ଘଟଣା ସ୍ଥଳରୁ ପୁଲିସ ବର୍ତ୍ତମାନ ସୁଦ୍ଧା ୧୪ ଜଣଙ୍କୁ ଗିରଫ କରିସାରିଛି। ଅନ୍ୟପକ୍ଷରେ, ଆଇନ ଶୃଙ୍ଖଳା ପରିସ୍ଥିତିକୁ ଦୃଷ୍ଟିରେ ରଖି ପୁଲିସ ଆହୁରି ଅନେକ ଗ୍ରାମବାସୀଙ୍କ ଉପରେ କଡ଼ା ନଜର ରଖିଛି, ଯାହା ଆଗାମୀ ଦିନରେ ଅଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ସଙ୍କେତ ଦେଉଛି। ଆରଏସପି କର୍ତ୍ତୃପକ୍ଷ ନିଜେ ଘଟଣାସ୍ଥଳକୁ ଆସି ସେମାନଙ୍କ ଅଭିଯୋଗର ସମାଧାନ ନ କରିବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି ସ୍ଥାନୀୟ ବାସିନ୍ଦା ଜିଦ୍ ଧରି ବସିଥିବାରୁ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଲାଗିରହିଛି।

ଆର୍‌ଏସ୍‌ପିରେ ସତର୍କତା ସଚେତନତା ସପ୍ତାହ ଉଦ୍‌ଯାପିତ

ରାଉରକେଲା,୩।୧୧(ସମିସ): ରାଉରକେଲା ଇସ୍ପାତ କାରଖାନାର ଗୋପବନ୍ଧୁ ପ୍ରେକ୍ଷାଳୟ ଆରଏସପିର ସତର୍କତା ସଚେତନତା ସପ୍ତାହ-୨୦୨୬ର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ (ମାଇନ୍ସ ଡେଭଲପମେଣ୍ଟ ଓ ସିଏମଏଲଓ) ବିପିନ କୁମାର ଗିରି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ନିର୍ବାହୀ ନିର୍ଦ୍ଦେଶକ (ପ୍ରୋଜେକ୍ଟସ୍) ସୁଦୀପ ପାଲଚୌଧୁରୀ, ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଏମ (ଭିଜିଲାନ୍ସ) ଓ ଏସିଭିଓ ରଞ୍ଜନ ଭାରତୀ, ମଧ୍ଯ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସେଲ୍‌ର ସିଏମଡି ଡଃ ଏ.କେ. ପଣ୍ଡାଙ୍କ ଏକ ବିଶେଷ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା।



ସଂସ୍କୃତ ଶ୍ଲୋକ ଓ ପ୍ରାଚୀନ ଶାସ୍ତ୍ରର ଶିକ୍ଷା ଉଦ୍ଧୃତ କରି ଶ୍ରୀ ଗିରି କର୍ପୋରେଟ୍ ସତର୍କତା, ଉତ୍ତରଦାୟିତ୍ୱ ଓ ନୈତିକ କର୍ତ୍ତବ୍ୟ ସମ୍ପର୍କରେ ମୂଲ୍ୟବାନ ମତାମତ ରଖିଥିଲେ। ଶ୍ରୀ ପାଲଚୌଧୁରୀ ନିଜ ଅଭିଭାଷଣରେ ସମସ୍ତ କାର୍ଯ୍ୟକ୍ଷେତ୍ରରେ ଅନୁଷ୍ଠାନିକ ଅଖଣ୍ଡତା ଓ ସ୍ୱଚ୍ଛ କାର୍ଯ୍ୟପ୍ରଣାଳୀର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶ୍ରୀ ଭାରତୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଂଗଠନର ମୂଳ ନୈତିକ ପ୍ରତିବଦ୍ଧତାକୁ ପୁନର୍ବାର ଦୃଢ଼ କରିବା ଉଦ୍ଦେଶ୍ୟରେ ସମସ୍ତ ଉପସ୍ଥିତ ବ୍ୟକ୍ତି ଓ ପ୍ରତିଯୋଗୀମାନେ ଓଡ଼ିଆ, ହିନ୍ଦୀ ଓ ଇଂରାଜୀରେ ରାଷ୍ଟ୍ରୀୟ ଏକତା ଦିବସର ଶପଥ ଗ୍ରହଣ କରିଥିଲେ। ଅପରାହ୍ଣର ସାଂସ୍କୃତିକ ଓ ବୌଦ୍ଧିକ କାର୍ଯ୍ୟକ୍ରମରେ ଆନ୍ତଃବିଦ୍ୟାଳୟ ବକ୍ତୃତା ପ୍ରତିଯୋଗିତା ଏବଂ ସପ୍ତାହର ମୁଖ୍ୟ ବିଷୟବସ୍ତୁକୁ ଆଧାର କରି ଆରଏସପି କର୍ମଚାରୀମାନଙ୍କ ଦ୍ୱାରା ପରିବେଷିତ ଏକ ଚିନ୍ତାଉଦ୍ରେକକାରୀ ନାଟିକା ଦର୍ଶକଙ୍କୁ ଆକୃଷ୍ଟ କରିଥିଲା। ସପ୍ତାହବ୍ୟାପୀ କର୍ମଚାରୀ ଓ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ବିଜେତାମାନଙ୍କୁ ଏହି ଅବସରରେ ପୁରସ୍କାର ବିତରଣ ସମାରୋହରେ ସମ୍ମାନିତ କରାଯାଇଥିଲା। ଡିଜିଏମ (ଭିଜିଲାନ୍ସ) ସନ୍ଦୀପ ବଂଶଲ ଆନୁଷ୍ଠାନିକ ଭାବେ ଧନ୍ୟବାଦ ଅର୍ପଣ କରିଥିଲେ। ଏଜିଏମ (ଭିଜିଲାନ୍ସ) ବିକ୍ରାନ୍ତ କୁମାର ପଟେଲ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ରାଉରକେଲା ହାଫ୍ ମାରାଥନ୍ ପାଇଁ ପ୍ରମୋ ରନ୍



ରାଉରକେଲା,୩।୧୧(ସମିସ): ଆସନ୍ତା ୨୪ ଜାନୁଆରୀ ୨୦୨୭ରେ ଅନୁଷ୍ଠିତ ହେବାକୁ ଥିବା ରାଉରକେଲା ହାଫ୍ ମାରାଥନ୍-୨୦୨୭ ର ପ୍ରୋମୋ ରନ୍‌ରେ ୩୦୦ ରୁ ଅଧିକ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ୧ ନଭେମ୍ବର ଦିନ ଇସ୍ପାତ ଷ୍ଟାଡିୟମ୍‌ରେ ମୁଖ୍ୟ ମହାପ୍ରବନ୍ଧକ ପ୍ରଭାରୀ (ସେବା) ଏ. ସି. ସରକାର, ମୁଖ୍ୟ ମହାପ୍ରବନ୍ଧକ (ସହର ନିର୍ମାଣ ଓ ଉଦ୍ୟାନ କୃଷି) ସି. ଏମ୍. ଚୁଗ୍, ମୁଖ୍ୟ ମହାପ୍ରବନ୍ଧକ (ସୁରକ୍ଷା ଓ ଅଗ୍ନିଶମ ସେବା) ହୀରାଲାଲ ମହାପାତ୍ର, ଆରଏସପିର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ ଇସ୍ପାତ ସହରର ୩୦୦ ରୁ ଅଧିକ ଧାବକଙ୍କ ଉପସ୍ଥିତିରେ ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ଏସ୍. ପାଲ୍ ଚୌଧୁରୀ ଏହି ପ୍ରୋମୋ ରନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

ସହରର ପ୍ରସିଦ୍ଧ ଧାବକ ସୁମିତ ସିଂ ବୃତ୍ତିଗତ ମାରାଥନ୍ ଦୌଡ଼ ବିଷୟରେ ମୂଲ୍ୟବାନ ସୂଚନା ଶେୟାର କରିଥିଲେ। ଇସ୍ପାତ ଷ୍ଟାଡିୟମ୍‌ରୁ ମଧୁବନ ଛକ ପର୍ଯ୍ୟନ୍ତ ହୋଇଥିବା ଏହି ପ୍ରୋମୋ ରନ୍‌ରେ ଇସ୍ପାତ ସହରର କର୍ମଚାରୀ, ପରିବାର ସଦସ୍ୟ, ଫିଟନେସ୍ ଗ୍ରୁପ୍ ଏବଂ କ୍ରୀଡ଼ାପ୍ରେମୀ ଭାଗ ନେଇଥିଲେ। କାର୍ଯ୍ୟକ୍ରମକୁ ଆର.ଏସ.ପି. ର କ୍ରୀଡ଼ା ବିଭାଗ ଦ୍ୱାରା ସଂଯୋଜିତ କରାଯାଇଥିଲା।

ଆନ୍ତଃବିଶ୍ୱବିଦ୍ୟାଳୟ ମହିଳା ହକି ପ୍ରତିଯୋଗିତା



ରାଉରକେଲା,୩।୧୧(ସମିସ): ବିଜୁ ପଟ୍ଟନାୟକ ହକି ଷ୍ଟାଡିୟମ୍ ସେକ୍ଟର-୫ ରାଉରକେଲାରେ ପୂର୍ବକ୍ଷେତ୍ର ଆନ୍ତଃ ବିଶ୍ୱବିଦ୍ୟାଳୟ ହକି ମହିଳା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୧୫ ଗୋଟି ଦଳ ଯୋଗ ଦେଇଛନ୍ତି। ଆଜି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୁନିସପାଲ୍ କଲେଜର ଅଧ୍ୟକ୍ଷ ପ୍ରଫେସର ହରିହର ଦାସ ଯୋଗ ଦେଇଥିଲେ। କଲେଜ ଆଲୁମିନି ଆସୋସିଏସନ୍ ସଭାପତି ସୁନିଲ୍ କାୟଲ୍ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗୀତା ଆସନ୍ତା ୭ ନଭେମ୍ବର ଯାଏ ଚାଲିବ ବୋଲି ପ୍ରତିଯୋଗିତାର ସମ୍ପାଦକ କ୍ୟାପଟେନ୍ ସତ୍ୟ ନାରାୟଣ ରାଉତ ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ କଲେଜର ପ୍ରଫେସର ଲକ୍ଷ୍ମୀନାରାୟଣ ପାଇକରାୟ, ବିଜୟ କୁମାର ପାଢ଼ୀ, ହେମନ୍ତ କୁମାର ପୁହାଣ, ଦୀପ୍ତି ରଞ୍ଜନ ମହାନ୍ତି ଏବଂ କିରଣ ଏରିକା ଖାଲେଖା ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଉଦଘାଟିନ ମାଚ୍‌ରେ ହଜାରିବାଗ ବିଶ୍ୱବିଦ୍ୟାଳୟ ଜି ଜି ଡି ବିଶ୍ୱବିଦ୍ୟାଳୟ, ବିଳାସପୁରକୁ ୧-୦ ଗୋଲ୍‌ରେ ପରାସ୍ତ କରିଥିଲେ।

ଏନ୍‌ଆଇଟି ରାଉରକେଲାରେ ଓଡ଼ିଶା ପରିବେଶ କଂଗ୍ରେସ ଉଦ୍‌ଘାଟିତ

ପରିବେଶ ସୁରକ୍ଷା ପାଇଁ ବ୍ୟକ୍ତିଗତ ଦାୟିତ୍ୱବୋଧ ଜରୁରି

ରାଉରକେଲା,୩।୧୧(ସମିସ):

ରାଷ୍ଟ୍ରୀୟ ପ୍ରୌଦ୍ୟୋଗିକୀ ସଂସ୍ଥାନ (ଏନ୍‌ଆଇଟି) ରାଉରକେଲାରେ ଆଜି ୧୭ଶ "ଓଡ଼ିଶା ପରିବେଶ କଂଗ୍ରେସ' (ଓଇସି) ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି। 'ପରିବେଶ ଏବଂ ପ୍ରଯୁକ୍ତିବିଦ୍ୟା' ଶୀର୍ଷକ ବିଷୟବସ୍ତୁକୁ ନେଇ ଆୟୋଜିତ ଏହି ସମ୍ମିଳନୀରେ ବୈଜ୍ଞାନିକ, ଗବେଷକ, ନୀତି ନିର୍ଦ୍ଧାରକ, ପରିବେଶବିତ୍, ଶିଳ୍ପ ପ୍ରତିନିଧି ତଥା ଛାତ୍ରଛାତ୍ରୀମାନେ ଏକତ୍ରିତ ହୋଇଛନ୍ତି।

ସଂସ୍ଥାନର ଟିଆଇଆଇଆର୍ ପ୍ରେକ୍ଷାଳୟରେ ଆୟୋଜିତ ଉକ୍ତ ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ସରକାରଙ୍କ ପୂର୍ବତନ ମୁଖ୍ୟ ଶାସନ ସଚିବ ଗୋକୁଳ ଚନ୍ଦ୍ର ପତି ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ ଯେ, ପରିବେଶ ସୁରକ୍ଷା ସହିତ ସାଲିସ ନକରି ଅର୍ଥନୈତିକ ପ୍ରଗତି ହାସଲ କରିବା ପାଇଁ ଗବେଷଣା ତଥା ପ୍ରଯୁକ୍ତିବିଦ୍ୟା ନବସୃଜନର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।



ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଓଡ଼ିଶା ପରିବେଶ କଂଗ୍ରେସର ଅଧ୍ୟକ୍ଷ ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ଅରବିନ୍ଦ ବେହେରା କହିଲେ ପ୍ରଯୁକ୍ତିବିଦ୍ୟା ତଥା ଆର୍ଥିକ ପ୍ରଗତି ସମୟରେ ପରିବେଶର ସନ୍ତୁଳନ ବଜାୟ ରଖିବା ସର୍ବାଗ୍ରେ ପ୍ରଣିଧାନଯୋଗ୍ୟ। କୃତ୍ରିମ ବୃକ୍ଷରୋପଣ କେବେହେଲେ ପ୍ରାକୃତିକ ଜଙ୍ଗଲର ବିକଳ୍ପ ହୋଇପାରିବ ନାହିଁ ବୋଲି ଚେତାବନୀ ଦେଇଥିଲେ।

ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ପ୍ରଫେସର କେ. ଉମାମହେଶ୍ୱର ରାଓ ପରିବେଶ ସଚେତନତା ଏବଂ ପ୍ରକୃତ ବ୍ୟବହାରିକ ପରିବର୍ତ୍ତନ ମଧ୍ୟରେ ଥିବା ବ୍ୟବଧାନ ଉପରେ ଚିନ୍ତା ବ୍ୟକ୍ତ କରିଥିଲେ। ଏହା ପୂର୍ବରୁ ପ୍ରତିନିଧିମାନଙ୍କୁ ସ୍ୱାଗତ କରି ଆବାହକ ତଥା ସଂଗଠନ ଅଧ୍ୟକ୍ଷ ପ୍ରଫେସର ହିମାଂଶୁ ଭୂଷଣ ସାହୁ ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ, ଜଳସଙ୍କଟ ଏବଂ ଜୈବବିବିଧତା ହ୍ରାସ ଭଳି ବଢୁଥିବା ସମସ୍ୟାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ଓଇସିର ସାଂଗଠନିକ ସମ୍ପାଦକ ସୁଦର୍ଶନ ଦାସ କଂଗ୍ରେସର ୧୬ ବର୍ଷର ଯାତ୍ରା ଏବଂ ବୈଜ୍ଞାନିକ, ନୀତି ନିର୍ଦ୍ଧାରକ ତଥା ନାଗରିକ ସମାଜକୁ ଏକତ୍ର କରିବାରେ ଏହାର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ଓଇସି ଉପସଭାପତି ଡ. ବାବୁ ଆମ୍ବାଟ୍ ବିଜ୍ଞାନ ଏବଂ ସମାଜ ମଧ୍ୟରେ ଥିବା ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଏବଂ ଏନ୍‌ଆଇଟି ନିର୍ଦ୍ଦେଶକଙ୍କ ଦ୍ୱାରା ସମ୍ମିଳନୀର ମୁଖପତ୍ର ଉନ୍ମୋଚିତ ହୋଇଥିଲା। ଏହି ମୁଖପତ୍ରର ମୁଖ୍ୟ ସମ୍ପାଦକ ପ୍ରଫେସର ଏସ୍. କେ. ପାଲିତା ବିଭିନ୍ନ ଗବେଷଣାତ୍ମକ ତଥ୍ୟ ଉପରେ ଆଲୋକପାତ କରିବା ସହ ପ୍ରଯୁକ୍ତିବିଦ୍ୟା ଓ ବିକାଶ ପରିବେଶ ମୂଲ୍ୟରେ ହେବା ଅନୁଚିତ ବୋଲି କହିଥିଲେ। ଏହି ତିନିଦିନିଆ କାର୍ଯ୍ୟକ୍ରମରେ ବୈଷୟିକ ଅଧିବେଶନ, ଗବେଷଣା ନିବନ୍ଧ ଉପସ୍ଥାପନା, ଏକ ପରିବେଶ ସ୍ଥିରତା ପ୍ରଦର୍ଶନୀ ତଥା ନଭେମ୍ବର ୪ ତାରିଖରେ ଏକ ସ୍ୱତନ୍ତ୍ର "ଶିଶୁ ଓ ଯୁବ ପରିବେଶ କଂଗ୍ରେସ' ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

ରାସନ୍ ଉପଭୋକ୍ତାଙ୍କୁ ଗହମ ଯୋଗାଣ କେବେ?

ଜଳେଶ୍ୱର,୩।୧୧(ସମିସ): ପୂର୍ବେ କଣ୍ଟ୍ରୋଲ ସାମଗ୍ରୀ ଭାବେ ଖାଉଟିଙ୍କୁ ଚାଉଳ, ଗହମ, କିରାସିନି ଏବଂ ଚିନି ଦିଆଯାଉଥିଲା। ଅଧୁନା କେବଳ ରାସନ୍ ଉପଭୋକ୍ତାଙ୍କୁ ମାଗଣ ଚାଉଳ ପ୍ରଦାନରେ ଖାଦ୍ୟ ସୁରକ୍ଷା ଯୋଜନା ସୀମିତ ରହିଛି ରଖାଯାଇଛି। ବର୍ଷା ଏବଂ ଶୀତ ଦିନରେ ହିତାଧିକାରୀଙ୍କୁ ଅତ୍ୟାବଶ୍ୟକ ଗହମ ଆବଣ୍ଟନ ହେଉନାହିଁ। ଦୀର୍ଘବର୍ଷ ଧରି କେନ୍ଦ୍ରରୁ ଓଡ଼ିଶାକୁ ଗହମ କୋଟା ଯୋଗାଣ ବନ୍ଦ ରହିଛି। ଏହା ବଦଳରେ ରାଜ୍ୟକୁ ଶତ ପ୍ରତିଶତ ଚାଉଳ କୋଟା ଆକାରରେ ମିଳୁଛି।୨୦୨୨ରୁ କଣ୍ଟ୍ରୋଲ ସାମଗ୍ରୀରେ ଗହମ ଯୋଗାଣକୁ ସାମୟିକ ଭାବେ ବନ୍ଦ କରି ଦିଆଯାଇଥିଲା। ଏହାକୁ ନେଇ ସେତେବେଳେର ରାଜ୍ୟ ରାଜନୀତି ସରଗରମ ହୋଇଥିଲା। ୨୦୨୪ରେ ନୂତନ ସରକାର ରାଜ୍ୟରେ କ୍ଷମତାସୀନ ପରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ଗହମ ଯୋଗାଇବାକୁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିଥିଲେ। ସେହି ଅନୁସାରେ କେନ୍ଦ୍ର ସରକାର ରାଜ୍ୟକୁ ଗହମ ଯୋଗାଣ କରିଥିବା ବେଳେ ୩ ମାସର ଗହମ ଚାହିଦା ଅନୁସାରେ ଆକଳନ ପ୍ରଦାନ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଆସିଥିବା ଗହମ ଲୋକଙ୍କୁ ପର୍ଯ୍ୟାପ୍ତ ପରିମାଣରେ ନ ଦେଇ ଗୋଦାମରେ ଗଚ୍ଛିତ ରଖାଯାଇଥିଲା। ପ୍ରତି ବଦଳରେ ହିତାଧିକାରୀଙ୍କୁ ସେହି ପରିମାଣରେ ଚାଉଳ ଯୋଗାଇ ଦିଆଯାଇଥିଲା। ଖରା ଦିନିଆ ଗହମ ନେବାରେ ଖାଉଟିଙ୍କ ଅନିଚ୍ଛା କାରଣରୁ ହଜାର ହଜାର କୁଣ୍ଟାଲ ଗହମ ଗଚ୍ଛିତ ହୋଇ ନଷ୍ଟ ହେଲା। ରାସନ୍ କାର୍ଡରେ ହିତାଧିକାରୀଙ୍କୁ ଖାଦ୍ୟ ଚୟନରେ ସ୍ୱାଧୀନତା ଥିବା ବେଳେ ସେହି ଅନୁସାରେ ପ୍ରଦାନ ନ ହେବାରୁ ଖାଦ୍ୟ ସୁରକ୍ଷା ଯୋଜନା ସଫଳ ହେଉନାହିଁ। ଲୋକେ ମାଗଣା ଚାଉଳ ବିକ୍ରି କରୁଥିବା ବେଳେ ଚଢ଼ା ଦରରେ ଗହମ କିଣି ଶୋଷଣର ଶିକାର ହେଉଛନ୍ତି। ଖୋଲା ବଜାରରେ ଗହମ ଓ ଅଟାର ଦର ଲଗାତର ବଢୁଥିବାରୁ ଲୋକେ କଣ୍ଟ୍ରୋଲ ବ୍ୟବସ୍ଥାରେ ଗହମ ଖୋଜୁଛନ୍ତି। ଖୋଲା ବଜାରରେ ଗହମ କିଲୋ ୪୦ଟଙ୍କା ଛୁଇଁଥିବା ବେଳେ ଅଟା କିଲୋ ୫୦ଟଙ୍କା ଟପିଲାଣି। ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଗହମ ଯୋଗାଣ ହେଉ ନ ଥିବାରୁ ନାମି ଦାମୀ କୋମ୍ପାନୀ, ବଜାରରେ ପ୍ରଭାବ ବିସ୍ତାର କରୁଛନ୍ତି। ସେତେ ବେଳେ ଗାଁ ଗହଳିରେ ଛୋଟ ବଡ଼ ଗହମ ପୋଷଣ ମେସିନ୍ ବସାଇବା ଦ୍ୱାରା କୁଟୀର ଶିଳ୍ପର ବେଶ୍ ବିକାଶ ହୋଇଥିଲା। କିନ୍ତୁ ଗହମ ଯୋଗାଣ ବନ୍ଦ କାରଣରୁ ରାଷ୍ଟ୍ରାୟତ କମ୍ପାନୀ ବଜାର କୁ କବଜା କରି ମୋଟା ଅଙ୍କର ଅର୍ଥ ରୋଜଗାର କରୁଛନ୍ତି। ଡାକ୍ତରଙ୍କ କହିବା ଅନୁସାରେ ଉତ୍ତର ବାଲେଶ୍ୱର ଅଞ୍ଚଳରେ ଅତ୍ୟଧିକ ମୁଢ଼ୀ,ଭାତ ଖାଇବା ଫଳରେ ମଧୁମେହ ରୋଗୀଙ୍କ ସଂଖ୍ୟା ବଢ଼ିବାକୁ ଲାଗିଛି। କାରଣ ମୁଢ଼ିରେ ଅଧିକ ଲୁଣ ଏବଂ ଚାଉଳରେ ଶ୍ୱେତସାର ଯୋଗୁଁ ଡାଇବେଟିସ ଆକ୍ରାନ୍ତ ଲୋକଙ୍କ ଆହାରରେ ଘୋର ଅସୁବିଧା ସୃଷ୍ଟି ହେଉଛି। ଲୋକେ ବଞ୍ଚିବା ପାଇଁ ବାଧହୋଇ ଚଢ଼ା ଦରରେ ଗହମ ଏବଂ ଅଟା କିଣି ଖର୍ଚ୍ଚାନ୍ତ ହେଉଛନ୍ତି। ତେଣୁ ଚାହିଦା ଅନୁସାରେ ବର୍ଷା ଦିନିଆ ଏବଂ ଶୀତଦିନିଆ ମାଗଣାରେ ଗହମ ଯୋଗାଇବାକୁ ସାଧାରଣରେ ଦାବି ହେଉଛି।

ବିଦ୍ୟାଳୟରେ ପିଲାଙ୍କୁ ଦିଆଯାଉଛି ପୋକରା ଚାଉଳ

● ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କଲେ ବିଧାୟକ



ସୋର, ୩।୧୧(ସମିସ): ସୋର ପୌରାଞ୍ଚଳ ବଡଖୁରୀ ପିଏମଶ୍ରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପୋକରା ଚାଉଳ ପିଲାଙ୍କ ମଧ୍ୟାହ୍ନ ଭୋଜନରେ ଦିଆଯାଉଛି। ଖବର ପାଇ ସୋର ବିଧାୟକ ମାଧବ ଧଡା ସ୍କୁଲରେ ପହଞ୍ଚି ଏହାକୁ ବିରୋଧ କରିଥିବା ଦେଖିବାକୁ ମିଳିଛି। ଦୀର୍ଘଦିନ ଧରି ପିଲାମାନଙ୍କୁ ଏହି ଗଚ୍ଛିତ ଥିବା ପୋକରା ଚାଉଳ ମଧ୍ୟାହ୍ନ ଭୋଜନରେ ଦିଆଯାଉ ଥିଲା। ଏ ନେଇ ଅଭିଭାବକମାନେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳିନଥିଲା। ଖବର ପାଇ ଆଜି ମଧ୍ୟାହ୍ନରେ ସୋର ବିଧାୟକ ମାଧବ ଧଡା ଅଚାନକ ସ୍କୁଲକୁ ଗସ୍ତ କରିଥିଲେ। ଏବଂ ପିଲାମାନଙ୍କୁ ଦିଆଯାଉଥିବା ମଧ୍ୟାହ୍ନ ଭୋଜନରେ ପୋକରା ଚାଉଳକୁ ଦେଖି କର୍ତ୍ତୃପକ୍ଷଙ୍କ ଉପରେ ଖୁବ ବର୍ଷିଥିଲେ। ଚାଉଳ ଯୋଗାଣ କାରି ସଂସ୍ଥା, ବିଦ୍ୟାଳୟ କର୍ତ୍ତୃପକ୍ଷ ଏବଂ ଏଥିରେ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବାଲେଶ୍ୱର ଜିଲ୍ଲାପାଳଙ୍କ ନିକଟରେ ଦାବୀ କରିଛନ୍ତି। ସ୍କୁଲର ପ୍ରଧାନ ଶିକ୍ଷକ ଜିତେନ୍ଦ୍ର କୁମାର ମହାନ୍ତି ଙ୍କୁ ପଚାରିବାରୁ ମୁଁ କିଛିଦିନ ହେବ ଆସିଛି। ମାତ୍ର ଚାଉଳ ଅଧିକ ମାତ୍ରାରେ ଗଚ୍ଛିତ ଥିବାରୁ ଉକ୍ତ ଚାଉଳକୁ ମଧ୍ୟାହ୍ନ ଭୋଜନରେ ବ୍ୟବହାର କରୁଥିବା କହିଥିଲେ।ତେବେ ପୋକରା ଚାଉଳ ଖାଇ ପିଲାଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ଏଥିପାଇଁ କିଏ ଦାୟୀ ରହିବ ବୋଲି ସାଧାରଣରେ ପ୍ରଶ୍ନବାଚି ସୃଷ୍ଟି ହୋଇଛି।

ଭଡ଼ା ଘରେ କନିଷ୍ଠଯନ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ

ନୀଳଗିରି, ୩।୧୧ (ସମିସ): ନୀଳଗିରି ଏନ୍ଏସିର ଜଣେ କନିଷ୍ଠଯନ୍ତ୍ରୀଙ୍କ ସନ୍ଦେହଜନକ ଭାବେ ମୃତ୍ୟୁ ଘଟିଛି। ମୃତକ ହେଲେ କନିଷ୍ଠଯନ୍ତ୍ରୀ ଦେବାଶିଷ ପୃଷ୍ଟି (୫୭)। ଗତ ସେପ୍ଟେମ୍ବର ମାସରେ ସେ ନୀଳଗିରି ଏନ୍.ଏ.ସି ରେ ଯୋଗ ଦେଇଥିଲେ। ଏହା ପୂର୍ବରୁ ସେ ବାସୁଦେବପୁର ମ୍ୟୁନିସିପାଲିଟିରେ ଦୀର୍ଘ ବର୍ଷ ଧରି ରହି ଆସିଥିଲେ। ନୀଳଗିରି ଏନ୍.ଏ.ସି ରେ ଯୋଗ ଦେବା ପରେ ସେ ବରିସାହି ଗ୍ରାମରେ ଭଡ଼ା ଘରେ ରହୁଥିଲେ। ମଙ୍ଗଳବାର ଦିନ ପ୍ରାୟ ୧୦ଟା ସମୟରେ ଘରର ମାଲିକ ଡାକି ଥିବା ବେଳେ ସେ ଶୁଣି ନ ଥିଲେ। ପରେ ଘର ମାଲିକ ଏନ୍.ଏ.ସି କର୍ମଚାରୀଙ୍କୁ କହିବା ପରେ କର୍ମଚାରୀ ଡାକିବା ସହିତ ଫୋନ୍ ମଧ କରିଥିଲେ। ମାତ୍ର ଉତ୍ତର କିଛି ମିଳି ନ ଥିଲା। ଶେଷରେ କର୍ମଚାରୀ ମାନେ କବାଟ ଭାଙ୍ଗିବା ପରେ ଖଟରେ ସେ ଟଳି ପଡିଥିବାର ଦେଖିବାକୁ ପାଇଥିଲେ। ଏନେଇ ତାଙ୍କ ସ୍ତ୍ରୀଙ୍କୁ ମଧ ଅବଗତ କରାଇଥିବା ବେଳେ ଫୋନ୍ ଉଠାଇ ନ ଥିଲେ ବୋଲି ଘର ମାଲିକ ପ୍ରକାଶ କରିଛନ୍ତି। ପରେ କର୍ମଚାରୀ ତୁରନ୍ତ ନୀଳଗିରି ମେଡ଼ିକାଲକୁ ଆଣିଥିଲେ। ଡାକ୍ତର ମୃତ ଘୋଷଣା କରିଥିଲେ। ନୀଳଗିରି ଏନ୍ଏସିର ସମସ୍ତ କର୍ମଚାରୀ, ନିର୍ବାହୀ ଅଧିକାରୀ ଅଂଶୁମାନ ପରିଡ଼ା, ଅଧକ୍ଷ ମହେନ୍ଦ୍ର ବେହେରା, ସମସ୍ତ କାଉନସିଲର୍, ଉପସ୍ଥିତ ଥିବାର ଦେଖିବାକୁ ମିଳିଛି। ମୃତକଙ୍କ ଘର ଭୁବନେଶ୍ୱର ହୋଇଥିବା ବେଳେ ତାଙ୍କ ସ୍ତ୍ରୀ ନବୋଦୋୟ ସ୍କୁଲରେ ଚାକିରି କରିଥିବାର ଜଣା ପଡିଛି। ସଂଧ୍ୟା ପରେ ଶବ ବ୍ୟବଚ୍ଛେଦ ହେବାର ନିୟମ ନ ଥିବା ବେଳେ ଜରୁରୀ କାଳୀନ ପରିସ୍ଥିତିକୁ ଆଖି ଆଗରେ ରଖି ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ସୁରଜ ମୟୂରଙ୍କ ନିର୍ଦ୍ଦେଶ ଦେବା ପରେ ଡିଜି ଲାଇଟ୍‌ରେ ଶବ ବ୍ୟବଚ୍ଛେଦ କରାଯାଇ ମୃତ ଦେହକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିବ।


● ହୋଟେଲ ନିଉ ବୁଲବୁଲରେ ଦେହ ବ୍ୟବସାୟ ଘଟଣା

ହୋଟେଲ ମାଲିକ ଓ ଲିଜ୍‌ଧାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ରାଜଘାଟ, ୩।୧୧ (ସମିସ): ବସ୍ତା ଥାନା ୧୬ ନମ୍ବର ଜାତୀୟ ରାଜପଥ କୁଣବଳଦାରେ ଥିବା ହୋଟେଲ ନିଉ ବୁଲବୁଲରେ ବସ୍ତା ଏସଡିପିଓ ସମର୍ଥ ବେହେରାଙ୍କ ନେତୃତ୍ୱରେ ଏକ ଟିମ୍ ଗତ ସୋମବାର ବିଳମ୍ବିତ ରାତ୍ରିରେ ଚଢ଼ଉ କରି ୩ ଯୁବତୀଙ୍କୁ ଉଦ୍ଧାର କରିବା ସହ ୫ ଗ୍ରାହକ ଓ ଜଣେ ଦଲାଲକୁ ଗିରଫ କରିଥିଲା। ମାତ୍ର ହୋଟେଲ ମାଲିକ ଓ ଲିଜଧାରୀ ଫେରାର ହେବାରେ ସଫଳ ହୋଇଥିଲା। ପୁଲିସ ବାରମ୍ବାର ଦେହଜୀବୀ, ଦଲାଲ ଏବଂ ଗ୍ରାହକଙ୍କୁ ଗିରଫ କରୁଛି, ହେଲେ ହୋଟେଲର ମାଲିକ କିମ୍ବା ଲିଜ୍ ଧାରୀଙ୍କୁ କାହିଁକି ଗିରଫ କରୁନାହିଁ ଉଠିଛି ବଡ଼ ପ୍ରଶ୍ନ। ଅଭିଯୋଗ ଅନୁସାରେ, ଏହି ହୋଟେଲରେ ଏହା ପ୍ରଥମ ଚଢ଼ଉ ନୁହେଁ। ପୂର୍ବବର୍ଷ ଏହି ଅକ୍ଟୋବର ମାସରେ ପୁଲିସ ଚଢାଉ କରି ଦୁଇ ଜଣ ଦେହଜୀବୀଙ୍କୁ ଉଦ୍ଧାର କରିବା ସହ ହୋଟେଲ ମ୍ୟାନେଜର ଓ ଜଣେ ଗ୍ରାହକଙ୍କୁ ଗିରଫ କରିଥିଲା। ବାରମ୍ବାର ଏଭଳି ବେଆଇନ କାର୍ଯ୍ୟ ପାଇଁ ଚଢାଉ ହେଉଥିଲେ ମଧ ପୁଲିସ ହୋଟେଲକୁ ସିଲ୍ କାହିଁକି କରୁନାହିଁ, ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠୁଛି। ଉକ୍ତ ହୋଟେଲ ମାଲିକ କାଦରାୟାଁ ଗ୍ରାମର ହୋଇଥିବା ବେଳେ ସେ ଭେଲୋରା ପଞ୍ଚାୟତ କୁଣ୍ଡୁଳି ଗ୍ରାମର ଜଣେ ବ୍ୟକ୍ତିକୁ ଲିଜ ସୂତ୍ରରେ ଦେଇଥିବା ଜଣାପଡିଛି। ଆଇନ ଅନୁସାରେ ଯେଉଁ ପରିସରରେ ଦେହ ବ୍ୟବସାୟ ଚାଲେ, ସେହି ହୋଟେଲର ମାଲିକ, ମ୍ୟାନେଜର, ଲିଜ୍ ଧାରୀ ମୁଖ୍ୟ ଅଭିଯୁକ୍ତ। ତାଙ୍କୁ ଗିରଫ ନ କରି କେବଳ ଯୁବତୀ ଓ ଗ୍ରାହକଙ୍କୁ ଧରିବା କେତେ ଦୂର ଯୁକ୍ତିଯୁକ୍ତ? ବାରମ୍ବାର ସମାନ ହୋଟେଲରେ ଏଭଳି ଘଟଣା ଘଟିଲେ ପୁଲିସ ସେହି ପରିସରକୁ ସିଲ୍ କରିପାରେ। କିନ୍ତୁ ବସ୍ତା ପୁଲିସ ଚଢ଼ଉ ପରେ ପୁଣି ହୋଟେଲ ଖୋଲା ରହୁଛି କେମିତି? ରାତି ଅଧରେ ବାହାର ଜିଲ୍ଲା ଓ ବାହାର ରାଜ୍ୟରୁ ଯୁବତୀ ଆସିବା, ଗ୍ରାହକ ଯୋଗାଡ ଏସବୁ ହୋଟେଲ କର୍ମଚାରୀ ବିନା ସମ୍ଭବ ନୁହେଁ। ସେମାନଙ୍କୁ କାହିଁକି ତଦନ୍ତ ପରିସରଭୁକ୍ତ କରାଯାଉନି? ଏଣୁ କେବଳ ଗ୍ରାହକ ଓ ଯୁବତୀଙ୍କୁ ଧରି ଲୋକ ଦେଖାଣିଆ କାର୍ଯ୍ୟାନୁଷ୍ଠାନ ନ କରି, ମୂଳ ମାଲିକ ଏବଂ ଲିଜଧାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଓ ହୋଟେଲକୁ ସିଲ୍ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଅବସର ପରେ ବି ଫାଇଲ କାମ କରୁଛନ୍ତି ଅଧିକାରୀ

ନୀଳଗିରି, ୩।୧୧ (ସମିସ): ନୀଳଗିରି କ୍ଷୁଦ୍ର ଜଳସେଚନ ବିଭାଗରେ ଜଣେ ସହକାରୀ ଯନ୍ତ୍ରୀ ଚାକିରିରୁ ଅବସର ନେବାର ୭-୮ ମାସ ପରେ ବି ପୁରୁଣା ଫାଇଲ ହସ୍ତାନ୍ତର ନକରି ଅଫିସ ଆସି ବିଲ୍ କାମ କରୁଥିବା ଅଭିଯୋଗ ହେଉଛି। ନୀଳଗିରି କ୍ଷୁଦ୍ର ଜଳସେଚନ ଉପଖଣ୍ଡ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ନୀଳଗିରି ଠାରେ ଅବସ୍ଥିତ। ନୀଳଗିରି ଅଞ୍ଚଳରେ ଥିବା ବିଭିନ୍ନ କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ପ୍ରଶାସନିକ ପରିଚାଳନା, ଜଳସେଚନ କାର୍ଯ୍ୟର ତଦାରଖ କରିବା ସହ ଏଥିରେ କ୍ଷୁଦ୍ର ଜଳସେଚନ ସେକ୍ସନ ୧, ସେକ୍ସନ ୨ ଓ କ୍ଷୁଦ୍ର ଜଳସେଚନ ସେକ୍ସନ ରିଷିଆ ରହିଥିବା ବେଳେ ଜଳସେଚନ ପ୍ରକଳ୍ପର ଦେଖରେଖ ପାଇଁ ଦୁଇଜଣ ଯନ୍ତ୍ରୀଙ୍କ ସହିତ ଜଣେ ସହକାରୀ



ନିର୍ବାହୀ ଯନ୍ତ୍ରୀ ରହିଛନ୍ତି। ଚଳିତ ବର୍ଷ ଗତ ମାର୍ଚ୍ଚ ୩୧ ତାରିଖରେ ଯନ୍ତ୍ରୀ ରମେଶ ଦାସ ଅବସର ହୋଇଥିବା ବେଳେ ଏବେ ବି ପ୍ରତିଦିନ ନୀଳଗିରି ଅଫିସକୁ ଆସି କୋଠରୀରେ ବସି ଫାଇଲ ଓଲଟାଇ ବିଲ୍ କରୁଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ଉକ୍ତ ଅଫିସକୁ ଯାଇ ଦେଖିବା ବେଳକୁ ସେ ଅଫିସରେ ବସି ଫାଇଲ କାମ କରୁଥିବା ଦେଖିବାକୁ ମିଳିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ସମ୍ପର୍କରେ ବାଲେଶ୍ୱର କ୍ଷୁଦ୍ର ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ସୁଶିଲ ବିଶ୍ୱାଳଙ୍କୁ ଯୋଗାଯୋଗ କରିଥିବା ବେଳେ ସେ ଫୋନ ଉଠାଇନଥିଲେ। ଏଥିପ୍ରତି ବାଲେଶ୍ୱର ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତି ଶାଖା ପକ୍ଷରୁ ଶୋଭାଯାତ୍ରା

ଖଇରା, ୩।୧୧ (ସମିସ): କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଣୟନ ହେବାକୁ ଥିବା ୟୁଜିସି(ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ) ନିୟମାବଳୀ-୨୬ରେ ସାଧାରଣ ବର୍ଗକୁ ଯଥେଷ୍ଟ ଉପେକ୍ଷା କରାଯାଇଛି। ସମ୍ବିଧାନର ଧାରା ୧୪ରେ ଥିବା ସମାନତାର ଅଧିକାର ଭଳି ମୌଳିକ ଅଧିକାରକୁ ଉଲ୍ଲଂଘନ କରାଯାଇଛି। ଅନୁସୂଚିତ ଜାତି, ଜନଜାତିଙ୍କୁ ସୁହାଇବା ଏବଂ ସାଧାରଣ ବର୍ଗକୁ ଅଭିଯୁକ୍ତ ଦର୍ଶାଇବା ଭଳି ବ୍ୟବସ୍ଥା ଏଥିରେ ରଖାଯାଇଥିବା ନେଇ ଅଭିଯୋଗ ହୋଇ ଆସୁଛି। ସୁପ୍ରିମକୋର୍ଟ ଏହି ଅଧିନିୟମ ଲାଗୁ ଉପରେ ମଧ କଟକଣା ମଧ ଲଗାଇଛନ୍ତି। ଏହି ନିୟମାବଳୀ ବା ଅଧିନିୟମ ବିରୋଧରେ ରାଜ୍ୟ ବ୍ରାହ୍ମଣ ସମିତି ନିର୍ଦ୍ଦେଶ କ୍ରମେ ଖଇରା ଆଞ୍ଚଳିକ ବ୍ରାହ୍ମଣ ସମିତି ଏକଜୁଟ ହୋଇ ମଙ୍ଗଳବାର ପୂର୍ବାହ୍ନରେ ପ୍ରତିବାଦ ଜଣାଇଛି। ପ୍ରଥମେ ବୁଦ୍ଧିରାମ ପାଣିଗ୍ରାହୀଙ୍କ ପୌରହିତ୍ୟରେ ବ୍ଲକ ସଭାଗୃହରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ରାଜ୍ୟ ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀ, ଖଇରା ଶାଖାର ସାଧାରଣ ସମ୍ପାଦକ ରମାକାନ୍ତ ଶତପଥି, ବରିଷ୍ଠ ସଦସ୍ୟ ମୁକ୍ତିକାନ୍ତ ଶତପଥି, ରାମଚନ୍ଦ୍ର ପଣ୍ଡା ପ୍ରମୁଖ ଉକ୍ତ ନିୟମାବଳୀ ରେ ପକ୍ଷପାତିତାକୁ ନେଇ ସମାଲୋଚନା କରିଥିଲେ। ପରେ ବ୍ରାହ୍ମଣସମିତିର ଶତାଧିକ ସଦସ୍ୟ ଏକ ଶୋଭାଯାତ୍ରାରେ ବିଡିଓଙ୍କ କାର୍ଯ୍ୟାଳୟକୁ ଯିବା ସହ ଏହି ନିୟମାବଳୀ ପ୍ରତ୍ୟାହାର ବା ସଂଶୋଧନ ଦାବିରେ ବିଡିଓ ନାରାୟଣ ସାହୁଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ଭିକ୍ଷାବୃତ୍ତି ଆପଣେଇବେ ୨୫୫ ଭତ୍ତା ହିତାଧିକାରୀ !



ଖଇରା, ୩।୧୧ (ସମିସ): ଅନଲାଇନ ମାଧ୍ୟମରେ ଭତ୍ତା ପ୍ରଦାନ ପାଇଁ ସରକାର ନିଷ୍ପତ୍ତି ନେବା ପରେ ବୁଢ଼ା, ବୁଢ଼ୀ, ବିଧବା ଓ ଭିନ୍ନକ୍ଷମ ମାନଙ୍କୁ ଅନେକ କଷ୍ଟ ସହିବାକୁ ପଡୁଛି। ସମଗ୍ର ଓଡିଶାରେ ଉକ୍ତ ସମସ୍ୟା ଲାଗି ରହିଥିଲେ ହେଁ ଖଇରା ବ୍ଲକରେ ଏହା ଏବେ ଉତ୍କଟ ରୂପ ଧାରଣ କଲାଣି। କିଛି ବୟସ୍କ ଲୋକ ୭ ମାସ ଧରି ଭତ୍ତାରୁ ବଞ୍ଚିତ ରହିଥିବା କାରଣରୁ ଅଭାବ କଷଣକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପରିବାର ସହ ସମ୍ପର୍କ ଠିକଠାକ ନଥିବା ଅନେକ ବୁଢ଼ୀବୁଢା ଏବେ ଭିକ୍ଷାଥାଳ ଧରି ପରଦୁଆରକୁ ଯିବାକୁ ମନସ୍ଥ କରିବା କଥା ଖୋଲାଖୋଲି କହିବା ଆରମ୍ଭ କଲେଣି। ଏଣୁ ସେମାନଙ୍କୁ ଏଭଳି ହିନ ପରମ୍ପରାରୁ ନିବୃତ୍ତ ରଖିବାକୁ ସରକାର ଯୁଦ୍ଧକାଳିନ ଭିତ୍ତିରେ ଭତ୍ତା ସହାୟତା ପ୍ରଦାନ କରିବା ଆବଶ୍ୟକ ବୋଲି ବିଭିନ୍ନ ସାମାଜିକ ସଙ୍ଗଠନ ତରଫରୁ ଦାବି କରାଯାଇଛି।

ମିଳିଥିବା ତଥ୍ୟ ଅନୁଯାୟୀ ଖଇରା ବ୍ଲକ ର ୩୭ ପଞ୍ଚାୟତରେ ଅନଲାଇନ ଜରିଆରେ ଏକାଉଣ୍ଟ ମାଧ୍ୟମରେ ଭତ୍ତା ନେଉଥିବା ହିତାଧିକାରୀଙ୍କ ମଧ୍ୟରୁ ମୋଟ ୨୫୫ଜଣ ଭତ୍ତା ପାଇ ପାରୁନାହାଁନ୍ତି। ଏଥିମଧ୍ୟରେ ୭୬ଜଣ ହିତାଧିଙ୍କର ୭ମାସର ଭତ୍ତା ବକେୟା ଥିବା ବେଳେ, ୫ଜଣଙ୍କର ୬ମାସର,୧୪ଜଣଙ୍କର ୫ମାସର, ୮ଜଣଙ୍କର ୩ମାସର ଭତ୍ତା ମିଳିନାହିଁ। ସେପଟେ ବର୍ତ୍ତମାନ ଆହୁରି ଏମିତି ୫ଶହରୁ ଉର୍ଦ୍ଧ ହିତାଧିକାରୀ ଅଛନ୍ତି ଯେଉଁମାନଙ୍କର ଅଫିସ ରେକର୍ଡରେ ଭତ୍ତା ପାଉଥିବା ଦର୍ଶାଉଥିବା ବେଳେ ଜମାଖାତାକୁ ସେ ଅର୍ଥ ଯାଉନାହିଁ। ଏଥିନେଇ ଶ୍ୟାମସୁନ୍ଦରପୁର ପଞ୍ଚାୟତର ରଙ୍ଗଲତା ନାୟକ,ବାସନ୍ତୀ ଜେନା,ଭାନୁମତି ଜେନା, ଶୁକମଣି ନାୟକ, ଅନ୍ନପୂର୍ଣ୍ଣା ନାୟକ, ଟୁନା ଦାସ ଓ ଗୌରୀ ଦଣ୍ଡ ସ୍ଥାନୀୟସରପଞ୍ଚ ବନିତା ପ୍ରଧାନଙ୍କ ନିକଟରେ ଅଭିଯୋଗ କରିବା ପରେ ସରପଞ୍ଚ ମଧ ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏଭଳି ଅନଲାଇନ ବିଭ୍ରାଟ ଯୋଗୁଁ ହିତାଧିକାରୀ ମାନେ ଏବେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଯଦି ଏହି ସମସ୍ୟା ଲାଗି ରହେ ତେବେ ନିଜ ଖର୍ଚ୍ଚ ଭରଣା ପାଇଁ ଭିକ୍ଷାବୃତ୍ତି କରିବେ ବୋଲି ଦୁଃଖର ସହ କହିଛନ୍ତି। ଏ ସମ୍ପର୍କରେ ବିଡିଓ ନାରାୟଣ ସାହୁଙ୍କ ପ୍ରତିକ୍ରିୟା ନେବାରେ ୧୦ତାରିଖ ପୂର୍ବରୁ ଏ ସମସ୍ୟାର ସମାଧାନ ହୋଇଯିବ ବୋଲି ବୋଲି ଆଶା କରାଯାଉଥିବା କହିଛନ୍ତି।

ଫକୀରମୋହନ ବିଶ୍ୱବିଦ୍ୟାଳୟର ତିନୋଟି ବୁଝାମଣାପତ୍ର ସ୍ୱାକ୍ଷର

ବାଲେଶ୍ୱର, ୩।୧୧(ସମିସ): ଗବେଷଣା, ନବସୃଜନ ଓ ଉଦ୍ୟୋଗିତାର ବିକାଶକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ ତିନୋଟି ସଂସ୍ଥା ସହ ବୁଝାମଣାପତ୍ର ସ୍ୱାକ୍ଷର କରାଯାଇଛି। ଏଥିସହ ଦୁଇଜଣ ଶିଳ୍ପ ଓ ବିଶେଷଜ୍ଞଙ୍କ ସହ ପରାମର୍ଶଦାତା ଚୁକ୍ତି ମଧ ସ୍ୱାକ୍ଷରିତ ହୋଇଛି। ବିଶ୍ୱବିଦ୍ୟାଳୟର ପ୍ରଯୁକ୍ତି ଓ ଉଦ୍ୟୋଗ ଉନ୍ନୟନ କେନ୍ଦ୍ର (ଟି.ବି.ଆଇ) ମାଧ୍ୟମରେ ଏହି ପଦକ୍ଷେପ ନିଆଯାଇଛି। ତିନିବର୍ଷ ପାଇଁ କାର୍ଯ୍ୟାଳୟ ସ୍ଥାନ ଓ ଉଦ୍ୟୋଗ ବିକାଶ ସୁବିଧା ଯୋଗାଇଦେବା ନିମନ୍ତେ କ୍ରପ୍‌ଜୋନ୍ ଇନୋଭେଟିଭ୍ ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ଏହାର ପ୍ରତିଷ୍ଠାତା ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଡ଼କ୍ଟର ରାମାନୁଜ ପଣ୍ଡା, ସି.ଇ ୱାର୍ଲ୍ଡ ପକ୍ଷରୁ ସତ୍ତ୍ୱାଧିକାରୀ ଜୀବନଜ୍ୟୋତି ବାଗ ଏବଂ 'ଉନ୍ନତି'-ଓଡ଼ିଶା ପକ୍ଷରୁ ସଭାପତି ଆଶିଷ କୁମାର ପାତ୍ର ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ସେହିପରି ପରିବେଶ ସୁରକ୍ଷା ଓ ସ୍ଥାୟୀ ବିକାଶ ବିଶେଷଜ୍ଞ ଶ୍ରୀ ଅଭିଷେକ ମଣିଙ୍କ ସହ ଜଳ, ପରିମଳ, ଜଳବାୟୁ ସହନଶୀଳତା ଓ ଗ୍ରାମୀଣ ଜୀବିକା



କ୍ଷେତ୍ରରେ ପରାମର୍ଶ ପାଇଁ ଦୁଇବର୍ଷିଆ ସ୍ୱେଚ୍ଛାସେବୀ ପରାମର୍ଶଦାତା ଭାବେ ଚୁକ୍ତି ହୋଇଛି। ଏଥିସହ ଡ଼କ୍ଟର ରାମାନୁଜ ପଣ୍ଡା କୃଷିଭିତ୍ତିକ ବ୍ୟବସାୟର ସମ୍ପ୍ରସାରଣ, ଉପଭୋକ୍ତା ସାମଗ୍ରୀର ବଜାର ପରିଚୟ ଓ ବ୍ରାଣ୍ଡ ଗଠନ କ୍ଷେତ୍ରରେ ପରାମର୍ଶ ଦେବେ। କୁଳପତି ତଥା ଟି.ବି.ଆଇ ମୁଖ୍ୟ ପୃଷ୍ଠପୋଷକ ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧକ୍ଷତା କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲା, କୁଳସଚିବ ପ୍ରଫେସର ନିହାର ରଞ୍ଜନ ରାଉତ ଏବଂ ବିଶ୍ୱବିଦ୍ୟାଳୟର ଅନ୍ୟ ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ଟି.ବି.ଆଇ ର ସଂଯୋଜକ ତଥା ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ପଙ୍କଜ କୁମାର ପାଢ଼ୀ ଏବଂ ମୁଖ୍ୟ ପରିଚାଳନା ଅଧିକାରୀ ସୁନେନ୍ଦୁ ନାୟକ ସଂଯୋଜନା କରିଥିଲେ। ଗବେଷଣାଲବ୍ଧ ଜ୍ଞାନକୁ ବ୍ୟବହାରିକ ଉତ୍ପାଦ ଓ ସେବାରେ ପରିଣତ କରିବା ସହ ପ୍ରଯୁକ୍ତିଭିତ୍ତିକ ଉଦ୍ୟୋଗ ଓ ସ୍ଥାୟୀ ନବସୃଜନକୁ ଆଗକୁ ବଢ଼ାଇବାରେ ମଧ ଏହା ସହାୟକ ହେବ। ଏହାଦ୍ୱାରା ଆଞ୍ଚଳିକ ସ୍ତରରେ ନୂତନ ଉଦ୍ୟୋଗ ସୃଷ୍ଟି ଓ ବିକାଶରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଅବଦାନ ଆହୁରି ବୃଦ୍ଧି ପାଇବ ବୋଲି ପ୍ରଫେସର ପଙ୍କଜ କୁମାର ପାଢ଼ୀ ମତାମତ ପ୍ରଦାନ କରିଛନ୍ତି।

ପୁଅ ମୃତ୍ୟୁର ଅନ୍ତ୍ୟେଷ୍ଟି ନ ସରୁଣୁ ମା'ଙ୍କ ବିୟୋଗ

ଜଳେଶ୍ୱର, ୩।୧୧(ସମିସ): ଭେଣ୍ଡିଆ ପୁଅର ଅକାଳ ମୃତ୍ୟୁରେ ବୁଢ଼ୀ ମାଁ ଶଯ୍ୟାଶାୟୀ ହୋଇ ବାହୁନୀ ଶେଷ ନିଶ୍ୱାସ ତ୍ୟାଗ କରିବା ରାଇବଣିଆ ଅଞ୍ଚଳରେ ଦୁଃଖଦ ଘଟଣା ଘଟିଯାଇଛି। ଜଳେଶ୍ୱର ବ୍ଲକ କଳମା ପଞ୍ଚାୟତ ପ୍ରଶାଦଶୋଳ ଗାଁରେ ଜୟରାମ ମହାନ୍ତଙ୍କ ସାନ ପୁଅ ହରମୋହନ(୩୫) ଓ ତାରାକାନ୍ତ ମହାନ୍ତ ଙ୍କ ପୁତ୍ର ଅଶ୍ୱିନୀ (୩୪) ଅକ୍ଟୋବର ୨୧ ତାରିଖରେ ସୀମାନ୍ତ ମୟୂରଭଞ୍ଜ ଜିଲ୍ଲାରେ ବାଇକ୍ ଜନିତ ଦୁର୍ଘଟଣାରେ ଶୀକାର ହୋଇଥିଲେ। ଦୁଇ ଜଣ ଗୁରୁତର ଆହତ ହୋଇଥିବା ବେଳେ ଚିକିତ୍ସାଧୀନ ଅବସ୍ଥାରେ ହରମୋହନଙ୍କ ମୃତ୍ୟୁ ଘଟିଥିଲା। ପୁଅର ଶୋକରେ ମା' ଗୋଲାପି (୭୩) ମ୍ରିୟମାଣ ହୋଇ ଶଯ୍ୟାଶାୟୀ ଥିଲେ। ରବିବାର ପୁଅର ଏକାଦଶାହ କ୍ରିୟା ସରିଥିବା ବେଳେ ଶୋକ ସନ୍ତପ୍ତ ପରିବାର ବନ୍ଧୁ ବାନ୍ଧବ ଉପସ୍ଥିତ ଥିଲେ। ମଙ୍ଗଳବାର ଦ୍ୱିପ୍ରହର, ଦ୍ୱାଦଶ ଦିନର କର୍ମ ସରିଥିବା ବେଳେ ଅପରାହ୍ନ ରେ ମା ଗୋଲାପୀ ଙ୍କ ଶେଷ ନିଶ୍ୱାସ ତ୍ୟାଗ କରିବା ପରେ ପରିବାର ଉପରେ ଦୁଃଖର ପାହାଡ଼ ଛିଡି ପଡିଛି। ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି।

ନୀଳମଣି କଲେଜରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ



ବାଲେଶ୍ୱର, ୩।୧୧ (ସମିସ) : ସଦର ବ୍ଲକ ଅନ୍ତର୍ଗତ ରୂପସା ସ୍ଥିତ ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ. ତପନ କୁମାର ବେହେରା ଅଧକ୍ଷତା କରିବା ସହ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରୋଗ୍ରାମ ଅଫିସର ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ସରୋଜ କୁମାର ପାଣି, ଅଧ୍ୟାପିକା ପିନାକ୍ଷୀ ପଣ୍ଡା, ଇତିଶ୍ରୀ ମହାନ୍ତ ଓ ଅଧ୍ୟାପକ ଶ୍ରବଣ କୁମାର ନାୟକ ପ୍ରମୁଖ ବିଷୟ ବିଶେଷଜ୍ଞ ଭାବରେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦୁର୍ନୀତି ଏକ ସାମାଜିକ ବ୍ୟାଧି ବୋଲି ମତବ୍ୟକ୍ତ କରିବା ସହ ଯୁବପିଢୀଙ୍କୁ ଏହି ମାରିକ ବ୍ୟାଧିଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ପାଳନ ଅବସରରେ ଛାତ୍ରଛାତ୍ରୀ ମାନଙ୍କୁ ଦୁର୍ନୀତି ନିବାରଣର ଶପଥ ପାଠ କରାଯାଇଥିଲା। ଏହି ଅବସରରେ ସ୍ୱେଚ୍ଛାସେବୀ ରିଙ୍କି ମାଇତି, ମାନସୀ ସ୍ୱାଇଁ, ରଶ୍ମିତା ବେହେରା, ଜୟସ୍ମିତା ପରିଡ଼ା, ରାଜେନ୍ଦ୍ର ଦାସ, ଦୀନେଶ କୁମାର ଜେନା, ଧନଞ୍ଜୟ ନାୟକ ଓ ବାଦଲ ସିଂ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରଞ୍ଜିତ୍ କୁମାର ତପସ୍ୱୀ ଧନ୍ୟବାଦ ଦେଇଥିଲେ।

ପିଏମ୍‌ଶ୍ରୀ ମଧୁସୂଦନ ଉଚ୍ଚବିଦ୍ୟାଳୟରେ ବିଜ୍ଞାନମେଳା



ବାଲେଶ୍ୱର(ଉତ୍ତର), ୩।୧୧ (ସମିସ) : ଭୋଗରାଇ ବ୍ଲକ ଶଙ୍ଖାରୀ ପିଏମ୍‌ଶ୍ରୀ ମଧୁସୂଦନ ଉଚ୍ଚବିଦ୍ୟାଳୟରେ ବିଦ୍ୟାଳୟ ସ୍ତରୀୟ ବିଜ୍ଞାନମେଳା ଓ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସୁନିଲ କୁମାର ଦତ୍ତଙ୍କ ସଭାପତିତ୍ୱରେ ଉଦଯାପନୀ ଉତ୍ସବରେ ବିଚାରକ ତଥା ମୁଖ୍ୟ ଅତିଥି ଭାବେ ବ୍ଲକ ବିଜ୍ଞାନ ସଂଯୋଜକ ମହେଶ୍ୱର ଗିରି, ଉଦ୍‌ଘାଟକ ତଥା ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଦତ୍ତ, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଯୁଗଳ କିଶୋର ଦାସ ପ୍ରମୁଖ ଯୋଗଦେଇ ଜିଜ୍ଞାସା ଓ ପ୍ରମାଣସିଦ୍ଧ ତତ୍ତ୍ୱ ଆଧାରରେ ପରୀକ୍ଷଣ ସହ ବିଶେଷ ଜ୍ଞାନକୁ ମାନବର କଲ୍ୟାଣରେ ଲଗାଇ ପାରିଲେ ଭବିଷ୍ୟତରେ ଜଣେ ପ୍ରତିଷ୍ଠିତ ବୈଜ୍ଞାନିକ ହୋଇପାରିବ ବୋଲି କହିଥିଲେ। ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ମାନଙ୍କ ତତ୍ତ୍ୱାବଧାନରେ ପିଲାମାନଙ୍କ ଦ୍ୱାରା ୫୩ଟି ପ୍ରକଳ୍ପ ପ୍ରଦର୍ଶିତ କରାଯାଇଥିଲା। ସିନିୟର ଗ୍ରୁପରୁ ୫ଟି ଓ ଜୁନିଅର ଗ୍ରୁପରୁ ୫ଟି ଶ୍ରେଷ୍ଠ ପ୍ରକଳ୍ପ ଚୟନ କରାଯାଇ ଟ୍ରଫି ସହିତ ମାନପତ୍ର ଓ ସମସ୍ତ ପ୍ରକଳ୍ପ ଅଂଶଗ୍ରହଣ କରିଥିବା ପିଲାମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏହାସହିତ ମେଗା କୁଇଜ ପ୍ରତିଯୋଗିତାରେ ଶ୍ରେଷ୍ଠ ୫ଜଣ ଜୁନିଅର ଓ ୫ଜଣ ସିନିଅର ଗ୍ରୁପର ପିଲାଙ୍କୁ ଟ୍ରଫି ସହିତ ମାନପତ୍ର ପ୍ରଦାନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ଧ୍ରୁବ ଚରଣ ପ୍ରଧାନ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କରିଥିବା ବେଳେ ଶିକ୍ଷକ ଯଜ୍ଞେଶ୍ୱର ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟ ପରିଚାଳନା କମିଟି, ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ।

ନଈରେ ବୃଦ୍ଧ ନିଖୋଜ

ସିମୁଳିଆ, ୩।୧୧ (ସମିସ): ନଈରେ ଶୌଚ ହେବାକୁ ଯାଇ ବୃଦ୍ଧ ନିଖୋଜ। ଗ୍ରାମବାସୀ ଓ ଦମକଳ ବାହିନୀ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରୀ। ସିମୁଳିଆ ଥାନା ଅନ୍ତର୍ଗତ ଆନନ୍ଦପୁର ପଞ୍ଚାୟତର ମହମ୍ମଦପୁର ଗ୍ରାମର ଗୌରାଙ୍ଗ ଚନ୍ଦ୍ର ସେଠି (୭୦) ଆଜି ମଧ୍ୟାହ୍ନ ସମୟରେ କାଂସବାଂଶ ନଈରେ ଶୌଚ ହେବାକୁ ଯାଇ ପାଣିରେ ଗୋଡ଼ ଖସି ଯାଇଥିଲା। ତାଙ୍କୁ ଦେଖିଥିବା ବ୍ୟକ୍ତି ଗ୍ରାମବାସୀଙ୍କୁ ଖବର ଦେଇଥିଲେ କ୍ଷ ପରେ ଅଡା ଦମକଳ ଓ ଗ୍ରାମବାସୀ ମିଳିତ ଉଦ୍ୟମରେ ସେହି ସ୍ଥାନ ଖୋଜାଖୋଜି କରିଥିଲେ ବି ତାଙ୍କର କୌଣସି ସନ୍ଧାନ ମିଳି ପାରିନାହିଁ। ଏ ସଂକ୍ରାନ୍ତରେ ସରପଞ୍ଚ ଗଣେଶ ସାହୁଙ୍କ ଯୋଗାଯୋଗ କରିବାରୁ ଓଡ୍ରାଫଟ ଟିମ ଆସିବା ନେଇ ପ୍ରକାଶ କରିଥିଲେ।

ବାଲେଶ୍ୱର ଜିଲ୍ଲା ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍ ଏବଂ କଲର ବେଲ୍ଟ ପ୍ରମୋସନ ପରୀକ୍ଷା

ସୋର, ୩।୧୧(ସମିସ): ବାଲେଶ୍ୱର ଜିଲ୍ଲା ତାଏକ୍ୱୋଣ୍ଡୋ ଆସୋସିଏସନ୍ ଆନୁକୂଲ୍ୟରେ ସୋରୋ ସ୍ଥିତ ହୋଟେଲ ରୟାଲ୍ସ ପରିସରରେ ବାଲେଶ୍ୱର ଜିଲ୍ଲା ତାଏକୱାଣ୍ଡୋ ଚାମ୍ପିୟନସିପ୍ ଏବଂ ଜିଲ୍ଲା ସ୍ତରୀୟ ତାଏକ୍ୱୋଣ୍ଡୋ କଲର୍ ବେଲ୍ଟ ପରୀକ୍ଷା-୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ଅତିଥି ମାନଙ୍କ ଦ୍‌?ାରା ପ୍ରଦୀପ ପ୍ରଜ୍ୱଳନ ହୋଇଥିଲା। ତାଏକ୍ୱୋଣ୍ଡୋ କ୍ରୀଡ଼ାବିତ୍‌ଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟ ସହ ଅତିଥିମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୋର ସ୍ଥିତ ଅଦ୍ୟାସା ବ୍ରାଭୋ ଟ୍ରେନିଂ ସେଣ୍ଟରର ପ୍ରତିଷ୍ଠାତା ଅଦ୍ୟାସା ଦାସ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ବିଷ୍ଣୁ ମୋହନ ପଣ୍ଡା ଯୋଗ ଦେଇ କ୍ରୀଡାର ଉପାଦେୟତା କୁ ସାମାଜିକ ସୁରକ୍ଷା ରେ ବିନିଯୋଗ କରିବା ସହ ରାଷ୍ଟ୍ର ସେବାରେ ନିଜକୁ ଉତ୍ସର୍ଗୀକୃତ କରାଇବା ପାଇଁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଓଡ଼ିଶା ତାଏକୱାଣ୍ଡୋ



ଆସୋସିଏସନର ସମ୍ପାଦକ ତଥା ଲକ୍ଷେନଥ ଟିଏଫଆଇର କାର୍ଯ୍ୟକାରୀ ସଦସ୍ୟ ରବି ନାରାୟଣ ପାଣିଗ୍ରାହୀ ଯୋଗଦେଇ ତାଏକ୍ୱୋଣ୍ଡୋ କ୍ରୀଡା ର ଗୁରୁତ୍ୱ, ଉପାଦେୟତା ତଥା ଆ।ସୁରକ୍ଷା ଦିଗରେ ନିଜର ଅଭିଭାଷଣ ପ୍ରଦାନ କରିଥିଲେ। ଏଥିସହିତ ଏକ ଆକର୍ଷଣୀୟ ତାଏକୱାଣ୍ଡୋ ପ୍ରଦର୍ଶନ କରାଯାଇଥିଲା। ତାଓ ର ସମ୍ପାଦକ ଶ୍ରୀ ପାଣିଗ୍ରାହୀ ଙ୍କ ଦ୍‌?ାରା କଲର୍ ବେଲ୍ଟ ପରୀକ୍ଷା ପରିଚାଳନା ହୋଇଥିବା ବେଳେ ୨୫ ଜଣ ଛାତ୍ରଛାତ୍ରୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେହିପରି ଜିଲ୍ଲା ପ୍ରତିଯୋଗିତା ରେ ଶିଶୁ, ସବ୍-ଜୁନିୟର, କ୍ୟାଡେଟ୍, ଜୁନିୟର ଏବଂ ସିନିୟର ବିଭାଗରେ କ୍ୟୋରୁଗୀ ଏବଂ ପୁମସେ ପ୍ରତିଯୋଗିତାରେ ମୋଟ ୭୮ ଜଣ ଖେଳାଳି ଅଂଶଗ୍ରହଣ କରିଥିଲେ। ଜାତୀୟ ରେଫରୀ ବିପିନ ସାମଲ, ଧନେଶ୍ୱର ଜେନା, ଶେଖ୍ ସମୀର ଏବଂ ପଦ୍ମଲୋଚନ ସିଂ କ୍ରୀଡା ପରିଚାଳନା କରିଥିଲେ। ଏହି କ୍ରୀଡା ରେ ବିଭିନ୍ନ ବିଭାଗରେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିବା ଖେଳାଳିମାନେ ଭଦ୍ରକଠାରେ ଅନୁଷ୍ଠିତ ହେବାକୁ ଥିବା ୨୩ତମ ଓଡ଼ିଶା ରାଜ୍ୟ ତାଏକ୍ୱୋଣ୍ଡୋ ଚାମ୍ପିୟନସିପ-୨୦୨୬ରେ ଜିଲ୍ଲାକୁ ପ୍ରତିନିଧିତ୍ୱ କରିବେ। ଉଦଯାପନୀ ଉତ୍ସବରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣ ଚନ୍ଦ୍ର ଜେନା, ସୋର ତହସିଲଦାର କୃଷ୍ଣ ଚନ୍ଦ୍ର ସିଂହ, ସୋର ଥାନା ଆଇଆଇସି ଅନୁରାଗ ମହାନ୍ତି ଏବଂ ପ୍ରାକ୍ତନ ସାମରିକ କର୍ମଚାରୀ ଭ୍ରମରବର ରାଉତ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବାଲେଶ୍ୱର ଜିଲ୍ଲାର ତିନିଜଣ ଅଗ୍ରଣୀ ତାଏକୱାଣ୍ଡୋ ପ୍ରବର୍ତ୍ତକ ରମେଶ ପ୍ରଧାନ, ରାଜେନ୍ଦ୍ର ମହାନ୍ତି ଏବଂ ବିନୋଦ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ରେ ସହଯୋଗ କରିଥିବା ରଶ୍ମିତା ସାହୁ, ମାନସ କୁମାର ପଣ୍ଡା, ଆଇନଜୀବୀ ବନମାଳୀ ଓଝା, ହୋଟେଲ ରୟାଲ୍ସ ମୁଖ୍ୟ ଅକ୍ଷୟ ଉପାଧ୍ୟାୟ ଏବଂ ଦେବେନ୍ଦ୍ର ପ୍ରସାଦ ଟ୍ରଷ୍ଟର ସଭାପତି ଅଞ୍ଜଳି ଦାସଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ଅତିଥି ମାନଙ୍କ ଦ୍ୱାରା କ୍ରୀଡ଼ାବିତ୍ ମାନଙ୍କର ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷୟିତ୍ରୀ ରଞ୍ଜିତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ଏବଂ ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା।

କେନ୍ଦ୍ରାପଡା ଗଜଲକ୍ଷ୍ମୀ ପୂଜାର ଶେଷପର୍ବ

ଗୋବରୀ ନଦୀରେ ବିସର୍ଜିତ ହେଲେ ଥାନପତି ମା'ଲକ୍ଷ୍ମୀ



କେନ୍ଦ୍ରାପଡ଼ା,୩।୧୧(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ମହାପର୍ବ ଗଜଲକ୍ଷ୍ମୀ ପୂଜାର ଆଜି ଥିଲା ଶେଷ ପର୍ବ। ପୁରୁଣା ବସଷ୍ଟାଣ୍ଡର ଶତବାର୍ଷିକ ଥାନପତି ସନ୍ଧ୍ୟା ୫ଟାରେ ମଣ୍ଡପ ଛାଡି ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ବିସର୍ଜନ ଘାଟ ଅଭିମୁଖେ ଯାତ୍ରା କରିଥିଲେ। ପୂଜା କମିଟି ସଦସ୍ୟ ଓ ସହରର ଅଧିବାସୀ ବାଦ୍ୟର ତାଳେ ତାଳେ ମା'ଙ୍କୁ ଶୋଭାଯାତ୍ରାରେ ଆଣିଥିଲେ। ବିସର୍ଜନ ଘାଟ ନିକଟ ନୂଆ ବସଷ୍ଟାଣ୍ଡର ଥାନପତି ମା'ଲକ୍ଷ୍ମୀ ପୁରୁଣା ବସଷ୍ଟାଣ୍ଡ ଥାନପତି ମା'ଲକ୍ଷ୍ମୀଙ୍କୁ ସ୍ୱାଗତ କରିଥିଲେ। ଉଭୟ ଲକ୍ଷ୍ମୀଙ୍କ ମଧ୍ୟରେ ମହାମିଳନର ପର୍ବ ଅନୁଷ୍ଠିତ ହୋଇଥିଲା। ନୂଆ ବସଷ୍ଟାଣ୍ଡ ଥାନପତି ପୂଜା କମିଟି ସଦସ୍ୟ ଭୋଗଲାଗି କରିଥିଲେ। ଏହି ଭୋଗଲାଗି ପର୍ବ ସମାପ୍ତ ପରେ ପୁରୁଣା ବସଷ୍ଟାଣ୍ଡ ଥାନପତି ଗୋବରୀ ନଦୀ ବିସର୍ଜନ ଘାଟକୁ ଯାଇଥିଲେ। ଗୋବରୀ ନଦୀର ବିସର୍ଜନ ଘାଟରେ ଦୁଇ ଥାନପତିର ମା'ଲକ୍ଷ୍ମୀଙ୍କୁ ବିସର୍ଜିତ କରାଯାଇଥିଲା। ଚଳିତ ବର୍ଷ ଗଜଲକ୍ଷ୍ମୀ ପୂଜା ଶାନ୍ତିଶୃଙ୍ଖଳାର ସହିତ ପାଳିତ ହୋଇଥିବାରୁ ବୁଦ୍ଧିଜୀବୀ ପୂଜା କମିଟି ଓ ପୁଲିସ ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି।

ଶାନ୍ତିଶୃଙ୍ଖଳାର ସହ ସରିଲା ଚାନ୍ଦୋଳ ଭସାଣି ଉତ୍ସବ



ଡେରାବିଶ, ୩।୧୧(ସମିସ): ଡେରାବିଶ ବ୍ଲକ୍ ଅଞ୍ଚଳର ଗଣପର୍ବ ଧନଦାତ୍ରୀ ମା' ଗଜଲକ୍ଷ୍ମୀଙ୍କ ପୂଜା ଓ ଭସାଣି ଉତ୍ସବ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ଫାଣ୍ଡି ଛକସ୍ଥ ଥାନପତି ମେଢ଼ ପକ୍ଷରୁ ବଜାରର ସମସ୍ତ ମେଢ଼ମାନଙ୍କୁ ଫୁଲପାନ ଦେଇ ନିମନ୍ତ୍ରଣ କରାଯାଇଥିଲା। ଅପରାହ୍ନ ୨ଟାରେ ସମସ୍ତ ମେଢ଼ ଗାଦିଶ୍ୱରଙ୍କ ନିକଟରେ ପହଞ୍ଚିଥିଲେ। ସେଠାରେ ଗାଦିଶ୍ୱରଙ୍କ ପକ୍ଷରୁ ଭୋଗଲାଗି ପରେ କ୍ରମାନ୍ୱୟରେ ମେଢ଼ଗୁଡ଼ିକ ଚାନ୍ଦୋଳ ହାଟ ପଡ଼ିଆକୁ ବିରାଟ ପଟୁଆରରେ ଆସିଥିଲେ। ସେଠାରେ ବ୍ୟବସାୟୀ ସଂଘ ପକ୍ଷରୁ ବିସର୍ଜନ ଭୋଗ ଲାଗି ହେବା ପରେ ପୁନରାୟ ମେଢ଼ଗୁଡ଼ିକ ନିଜ ନିଜ ସ୍ଥାନରେ ବିସର୍ଜିତ ହୋଇଥିଲେ। ସେହିପରି ଛତା ଓ ଓଲଡିର ଲକ୍ଷ୍ମୀ ଠାକୁରାଣୀଙ୍କ ପୂଜା ଶେଷ ହେବାପରେ ମା' ଠାକୁରାଣୀ ମେଲାଣି ପର୍ବ ଆରମ୍ଭ ହୋଇଥିଲା। ସୋମବାର ବିଳମ୍ବିତ ରାତିରୁ ଆରମ୍ଭ ହୋଇଥିବା ମେଳଣ ମଙ୍ଗଳବାର ପୂର୍ବାହ୍ନରେ ଶାନ୍ତିଶୃଙ୍ଖଳାର ସହ ଉଦ୍‌ଯାପିତ ହୋଇଛି। ମେଳଣରେ ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି କେନ୍ଦ୍ରପଡା ଏସଡିପିଓ ଜ୍ୟୋତିରଞ୍ଜନ ଗୌଡ, ସଦର ଥାନା ଅଧିକାରିଣୀ ପଦ୍ମାଳୟା ପ୍ରଧାନ, ଡେରାବିଶ ଥାନାଧିକାରିଣୀ ଅମ୍ବିକା ପ୍ରସାଦ ଦାସ, ଇନ୍ସପେକ୍ଟର ମିତାଲି ମଧୁସ୍ମିତା, ଚାନ୍ଦୋଳ ଫାଣ୍ଡି ଅଧିକାରୀ ଶିବରାମ ସ୍ୱାଇଁଙ୍କ ନେତୃତ୍ୱରେ ପୁଲିସ ଫୋର୍ସ ମୁତୟନ ଥିଲେ।

ଡେରାବିଶ ବ୍ଲକ କ୍ୟାସିୟରଙ୍କ ଅର୍ଥ ଆତ୍ମସାତ ମାମଲା

ଆରମ୍ଭ ହେଲା ସ୍ପେସାଲ ଅଡିଟ

ଡେରାବିଶ, ୩।୧୧(ସମିସ): ଡେରାବିଶ ବ୍ଲକର କ୍ୟାସିୟର ଶଶିକାନ୍ତ ରଣାଙ୍କ ଦ୍ୱାରା ୧ କୋଟି ୬ ଲକ୍ଷ ୩ ହଜାର ୫ ଶହ ୯୫ ଟଙ୍କା ସରକାରୀ ଅର୍ଥ ହଡପ ଘଟଣା ଦିନକୁ ଦିନ ଜଟିଳ ହେବାରେ ଲାଗିଛି। ଏହି ଘଟଣାର ତଦନ୍ତ ପାଇଁ କେନ୍ଦ୍ରାପଡା ଜିଲ୍ଲାପାଳ ଆର ରଘୁରାମ ଆୟାର ବ୍ଲକ ଫାଇନାନ୍ସ ଅଫିସର ପଞ୍ଚାନନ କାଣ୍ଡି ଓ ମାର୍ଶାଘାଇ ବ୍ଲକ ଫାଇନାନ୍ସ ଅଫିସର ବିଷ୍ଣୁଚରଣ ମହାନ୍ତିଙ୍କୁ ନିର୍ଦ୍ଦେଶ ଦେଇଥିଲେ। କେନ୍ଦ୍ରାପଡା ଭିଜିଲାନ୍ସ ବିଭାଗ ପକ୍ଷରୁ ତଦନ୍ତ ଚାଲିଥିବାବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ପେସାଲ ଅଡିଟ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆଜି ଅଡିଟର ବାସୁଦେବ ମିଶ୍ର ଓ ଭି. ବିକ୍ରମ ସ' ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଅଡିଟ ଆରମ୍ଭ କରିଛନ୍ତି। ଏହି ଦୁଇଜଣିଆ ଟିମ ମଧ୍ୟ ଜିଲ୍ଲା ଟ୍ରେଜେରି କାର୍ଯ୍ୟାଳୟକୁ ଯାଇ ଏହି ହଡପ ଅର୍ଥର ସମସ୍ତ ତଥ୍ୟ ସଂଗ୍ରହ କରିଛନ୍ତି। ଅପରପକ୍ଷରେ ଘଟଣାରେ ସଂପୃକ୍ତ ଥିବା ଅଭିଯୁକ୍ତ କ୍ୟାସିୟର ଶଶିକାନ୍ତ ଗତ ୨୮ ତାରିଖରୁ ଛୁଟିରେ ଥିବାରୁ ତଦନ୍ତ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ସନ୍ଦେହ ହୋଇଥିବା ବରିଷ୍ଠ ଆଇନଜିବୀ ବିଦ୍ୟୁଭୂଷଣ ମହାପାତ୍ର କହିଛନ୍ତି। ବିଡିଓ ଶ୍ରୀମତୀ ବାରିକ ଅଭିଯୁକ୍ତ କ୍ୟାସିୟର ଶଶିକାନ୍ତଙ୍କୁ କିପରି ୧୫ ଦିନିଆ ଛୁଟି ମଂଜୁର କଲେ। ବିଡିଓଙ୍କୁ ତଦନ୍ତ ପରିସରଭୁକ୍ତ କରିବା ପାଇଁ ଶ୍ରୀ ମହାପାତ୍ର ଦାବି କରିଛନ୍ତି।

ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭି



ମହାକାଳପଡ଼ା, ୩।୧୧(ସମିସ): ପ୍ରତ୍ୟେକ ଶିଶୁଙ୍କ ମଧ୍ୟରେ ଲୁଚି ରହିଥିବା ପ୍ରତିଭାର ବିକାଶ ଓ ଅନ୍ୱେଷଣ ପାଇଁ 'ସୁରଭି' ଏକ ଅଭିନବ ମଞ୍ଚ ବୋଲି ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଟୀକରପଙ୍ଗା ପଞ୍ଚାୟତର ନଳଦିଆ ଶାସନସ୍ଥ ଗ୍ରାମେଶ୍ୱର ନୋଡାଲ ବିଦ୍ୟାପୀଠରେ ମଣ୍ଡଳସ୍ତରୀୟ ଶିଶୁ ମହୋତ୍ସବ ସୁରଭିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ପ୍ରକାଶ କରିଛନ୍ତି। ମଣ୍ଡଳ ଶିକ୍ଷାଧିକାରୀ କୈଳାସ ଦଳାଇଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମୀରାରାଣୀ ମହାନ୍ତି, ସ୍ଥାନୀୟ ପଞ୍ଚାୟତ ପ୍ରମୁଖ ଦିଲ୍ଲୀପ ପରିଡ଼ା ଯୋଗ ଦେଇଥିଲେ। ବିଆରସିସି ଅକ୍ଷୟ ମହାପାତ୍ରଙ୍କ ସମେତ ବହୁ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ। ଏହି ମହୋତ୍ସବରେ ତର୍କ, ବିତର୍କ, ସୃଜନୀ କଳା, ସଂସ୍କୃତି କଳା, ଚିତ୍ରାଙ୍କନ ଓ ନୃତ୍ୟ ସମେତ ୧୨ଟି ବିଭାଗରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଶିକ୍ଷକ ସମନ୍ୱୟ ସମିତି ସଭାପତି ଅଶୋକ ମହାପାତ୍ର, ଅମୀୟ ଚୌଧୁରୀ, ଉପଦେଷ୍ଟା ରମେଶ ସାହାଣୀ, ଶିଶିର ଦାସ, ସରୋଜ ପାଇଟାଳ, ମନୋଜ ନନ୍ଦ, ନିର୍ମଳ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ କ୍ଲଷ୍ଟରର ସିଆରସିସି ଉପସ୍ଥିତ ଥିଲେ।

ଅଳପୁଆ ସ୍କୁଲରେ ସାଧନ କେନ୍ଦ୍ରସ୍ତରୀୟ ସୁରଭି



ପଟ୍ଟାମୁଣ୍ଡାଇ,୩।୧୧(ସମିସ): ଆଞ୍ଚଳିକ ସାଧନ କେନ୍ଦ୍ର ଅଳପୁଆ ନୋଡାଲ ହାଇସ୍କୁଲ ପରିସରରେ ସାଧନ କେନ୍ଦ୍ରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୦ଟି ସ୍କୁଲର ପ୍ରାୟ ୧୦୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରଧାନଶିକ୍ଷକ ମନୋରଞ୍ଜନ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉଦଘାଟନୀ ସଭାରେ ସ୍ଥାନୀୟ ସରପଞ୍ଚ ପଦ୍ମିନୀ ବେହେରା ମୁଖ୍ୟଅତିଥି, ପଞ୍ଚସଖା ଶିକ୍ଷାସେତୁ ସଭାପତି ବିଭୂତି ଭୂଷଣ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସ୍କୁଲ ପରିଚାଳନା କମିଟି ସଭାପତି ଅମରେନ୍ଦ୍ର ଦାସ, ବରିଷ୍ଠ ଶିକ୍ଷୟିତ୍ରୀ ସୁକାନ୍ତି ନାଥଶର୍ମା, ତରଡ଼ିପାଳ ହାଇସ୍କୁଲ ପ୍ରଧାନଶିକ୍ଷୟିତ୍ରୀ ସତ୍ୟବତୀ ସାହୁ, ମାଳତୀଦେବୀ ବାଳିକା ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ମଧୁଛନ୍ଦା ନାଥଶର୍ମା, ପ୍ରାକ୍ତନ ସିଆରସିସି ପ୍ରଦୀପ ତରାଇ, ସତ୍ୟାନନ୍ଦ ବିଶ୍ୱାଳ, ସମାଜସେବୀ ଗଗନ ମହାଳିକ, ବିଚିତ୍ରାନନ୍ଦ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ ରବିରଞ୍ଜନ ଶର୍ମା ଓ ଅଧ୍ୟାପକ ତାପସ କୁମାର ରାଉତ ବିଚାରକ ଭାବେ ଯୋଗ ଦେଇଥିଲେ। ଉଦଯାପନୀ ସଭାରେ ସହ ମଣ୍ଡଳ ଶିକ୍ଷାଧିକାରୀ ସୁନୀତି ଦାସ, ପ୍ରାକ୍ତନ ସହ ମଣ୍ଡଳ ଶିକ୍ଷାଧିକାରୀ ପ୍ରେମବାଳା ମହାପାତ୍ର ଅତିଥି ଭାବେ ଯୋଗ ଦେଇଥିବାବେଳେ ତରଡ଼ିପାଳ ସମିତି ସଭ୍ୟ ନିରଞ୍ଜନ ବାରିକ, ସିଆରସିସି ଅରବିନ୍ଦ ବଳ, ମନୋଜ ସେଠୀ, ପ୍ରାକ୍ତନ ସିଆରସିସି ରଞ୍ଜନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅଳପୁଆ କ୍ଲଷ୍ଟର ସିଆରସିସି ପ୍ରହ୍ଲାଦ ପଲାଇ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଚିରଞ୍ଜିବୀ ସାହୁ, ପ୍ରତାପ ମଲ୍ଲିକ, ସୁମିତ ମଲ୍ଲିକ, ନରେଶ ଚନ୍ଦ୍ର ସ୍ୱାଇଁ, ପ୍ରଦ୍ୟୁମ୍ନ ପାତ୍ର, ଦୁଃଖୀ ମାରାଣ୍ଡି, ଶିକ୍ଷୟିତ୍ରୀ କୁଞ୍ଜଲତା ପାତ୍ର, ଲକ୍ଷ୍ମୀ କୁମାରୀ ନାଥ, ମାମୁନି ବାରିକ, ସସ୍ମିତା କର, ପ୍ରିୟଙ୍କା ସାହୁ ଓ ରେବତୀ ସାହୁ ପରିଚାଳନା କରିଥିଲେ।

ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ

ରାଜନଗର,୩।୧୧(ସମିସ): ଶ୍ରୀଜଗନ୍ନାଥ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନିଶାମୁକ୍ତ ଭାରତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଅମୀୟ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ଥାନା ସବଇନ୍ସପେକ୍ଟର ଶ୍ରୀମତୀ ମାମି ଦେଇ ମୁଖ୍ୟଅତିଥି, ରାଜନଗର ବ୍ଲକ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ୍ ଅଫିସର ଡାକ୍ତର ରଶ୍ମିରଞ୍ଜନ ମହାନ୍ତି ମୁଖ୍ୟବକ୍ତା, ଅଧ୍ୟାପକ ବିଚିତ୍ରାନନ୍ଦ ପାଣି, ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପିକା ଅନସୂୟା ବେହେରା, +୨ ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ରଞ୍ଜନ କୁମାର ଦଳାଇ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅର୍ଥନୀତି ବିଭାଗ ଅଧ୍ୟାପକ ଅଭିଜିତ୍ ଖୁଣ୍ଟିଆ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ସଂଗ୍ରାମ ବେହେରା, ଡ ଆଲୋକ ବେହେରା, ଦିଲ୍ଲୀପ ମହାରଥା, ବରିଷ୍ଠ କିରାଣି ପ୍ରଦୀପ୍ତ ମିଶ୍ର ସହଯୋଗ କରିଥିଲେ। ଅଧ୍ୟାପକ ରଞ୍ଜନ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

ସରକାରୀ ଜମି ଜବରଦଖଲ ମୁକ୍ତ ପାଇଁ ଦ୍ୱିତୀୟ ଦିନରେ ଗଣଧାରଣା

ଅଫିସ ବନ୍ଦ କରିବାକୁ ଆଳିଗାଁ ଲୋକଙ୍କ ଚେତାବନୀ

ରାଜକନିକା,୩।୧୧(ସମିସ): ଆଳିଗାଁ ମୌଜାର ସରକାରୀ ଜମିକୁ ମୁଷ୍ଟିମେୟ ଲୋକ ମାଡି ବସି ସର୍ବସାଧାରଣ ରାସ୍ତା ଅବରୋଧ କରିଛନ୍ତି। ଜବରଦଖଲ ହଟାଇବାକୁ ଦୁଇବର୍ଷ ଧରି ଆବେଦନ ଗୁହାରି କରି ନିରାଶ ଗାଁ ଲୋକେ ତହସିଲ ଆଗରେ ଧାରଣା ଦେଇଛନ୍ତି। ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଥିବାବେଳେ ତହସିଲ ପ୍ରଶାସନର ନିଦ ଭାଙ୍ଗୁ ନ ଥିବାରୁ ଆସନ୍ତାକାଲି ତହସିଲ ଅଫିସରେ ତାଲା ପକାଇବାକୁ ଆଜି ଧାରଣାକାରୀ ଚେତାବନୀ ଦେଇ ଥାନାରେ ଏତଲା ଦେଇଥିବା ଜଣାପଡ଼ିଛି।

ନିଖୋଜ ସୁନୀଲଙ୍କ ମୃତଦେହ ବ୍ରାହ୍ମଣୀ ନଦୀରୁ ଉଦ୍ଧାର



ପଟ୍ଟାମୁଣ୍ଡାଇ,୩।୧୧(ସମିସ): ଅମୃତମଣୋହି ଗ୍ରାମର ନାରାୟଣ ମଲ୍ଲିକଙ୍କ ପୁଅ ସୁନୀଲ କୁମାର ମଲ୍ଲିକ ଓରଫ କାଳିଆ (୩୮) ଶନିବାର ରାତିରୁ ନିଖୋଜ ଥିଲେ। ଆଜି ଦ୍ୱିପ୍ରହର ସମୟରେ ସିଦ୍ଧବାଲି ଗାଁ ନିକଟ ବ୍ରାହ୍ମଣୀ ନଦୀ ପାଖରେ ଥିବା ଏକ ଗଛରେ ମୃତଦେହ ଲାଗି ରହିଥିବା ଚାଷୀ ଦେଖିଥିଲେ। ଚଉଦକୁଲାଟ ଫାଣ୍ଡିକୁ ଖବର ଦିଆଯିବା ପରେ ପଟ୍ଟାମୁଣ୍ଡାଇ ଅଗ୍ନିଶମ ବାହିନୀ ପହଞ୍ଚି ଶବ ଉଦ୍ଧାର କରିଥିଲେ। ସୁନୀଲଙ୍କ ପରିବାର କହିଲେ କେବଳ ବୃଦ୍ଧା ମାଆ ଅଛନ୍ତି। ପୁଅର ଏଭଳି ମୃତ୍ୟୁ ପରେ ବୃଦ୍ଧା ମାଆ ବେସାହାରା ହୋଇପଡିଛନ୍ତି।

ଡେରାବିଶ ବ୍ଲକ୍ ପୂର୍ବତନ ଉପାଧ୍ୟକ୍ଷ ଓ ଯୋଗାଣ ଅଧିକାରୀଙ୍କ ଝଗଡ଼ା ଭିଡ଼ିଓ ଭାଇରାଲ

ଡେରାବିଶ, ୩।୧୧(ସମିସ): ଡେରାବିଶ ବ୍ଲକ କାର୍ଯ୍ୟାଳୟରେ ଆଜି ଏକ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଥିଲା। ଡେରାବିଶ ବ୍ଲକର ଯୋଗାଣ ନିରୀକ୍ଷକ ସ୍ୱରୁପ ଦାସ ଓ ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁଙ୍କ ମଧ୍ୟରେ କଥା କଟାକଟି ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହି ଘଟଣାର ଭିଡ଼ିଓକୁ କେହି କଏଦ କରି ଭାଇରାଲ୍ କରିଛି। ଏବେ ମୋବାଇଲ୍‌ରୁ ମୋବାଇଲ୍ ଏହା ଘୁରି ବୁଲୁଛି। କେଉଁ କାରଣ ପାଇଁ ଏହି ଘଟଣା ଘଟିଛି, ତାହା ଜଣାପଡ଼ି ନ ଥିଲେ ହେଁ ଏ ସମ୍ପର୍କରେ ଉଭୟଙ୍କ ମତାମତ ମିଳିପାରିନାହିଁ।

ମଦ କାଉଣ୍ଟରର ସ୍ଥାନାନ୍ତରକୁ ନେଇ ତେରଗାଁରେ ଅସନ୍ତୋଷ

୧୦ ତାରିଖ ସୁଦ୍ଧା ପ୍ରତ୍ୟାହାର ନ ହେଲେ ଗଣଧାରଣା ଚେତାବନୀ

ମହାକାଳପଡ଼ା, ୩।୧୧(ସମିସ): ମଦ କାଉଣ୍ଟର ସ୍ଥାନାନ୍ତର ଯୋଜନାକୁ ନେଇ ମହାକାଳପଡ଼ା ବ୍ଲକ ତେରଗାଁ ପଞ୍ଚାୟତରେ ଅସନ୍ତୋଷ ପ୍ରକାଶ ପାଇଛି। ବେଲାର ନୂଆଗାଁ ମୁଖ୍ୟ ରାସ୍ତା କଡ଼ରେ ପ୍ରସ୍ତାବିତ ମଦ କାଉଣ୍ଟରକୁ ବନ୍ଦ କରିବା ସହ ନାରାୟଣପୁର ମଦ କାଉଣ୍ଟରକୁ ନଳଦିଆ ଶାସନ ଅଞ୍ଚଳକୁ ସ୍ଥାନାନ୍ତର କରିବା ଯୋଜନାର ପ୍ରତିବାଦ କରିଛନ୍ତି ଗ୍ରାମବାସୀ। ଏ ନେଇ ସେମାନେ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକଙ୍କୁ ଲିଖିତ ଅଭିଯୋଗ କରି ହସ୍ତକ୍ଷେପ ଲୋଡ଼ିଛନ୍ତି। ଉକ୍ତ ରାସ୍ତାଟି ତେରଗାଁ ସମେତ ଓସ୍ତର, ଗୋପୀନାଥପୁର, ଘୋଡ଼ାବନ୍ଧ, ବଡ଼ତେରଗାଁ, ସାନତେରଗାଁ, ପଟ୍ଟଣା, ବାଲିସାହି, ସାମନ୍ତସିଂହାରପୁର ଓ ସୁବଳା ଆଦି ଗ୍ରାମର ଲୋକଙ୍କ ପାଇଁ ପ୍ରମୁଖ ଯାତାୟାତ ମାର୍ଗ। ଦୈନିକ ଶହ ଶହ ଛାତ୍ରଛାତ୍ରୀ ଚାରିଛକ, ପାରାଦୀପ, ମାର୍ଶାଘାଇ, କୁଜଙ୍ଗ ଓ କେନ୍ଦ୍ରାପଡ଼ାର ବିଭିନ୍ନ ମହାବିଦ୍ୟାଳୟକୁ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ପ୍ରସ୍ତାବିତ ମଦ କାଉଣ୍ଟରଟି ଜାତୀୟ ରାଜପଥଠାରୁ ମାତ୍ର ୨୦୦ ମିଟର ଦୂରରେ ରହିଥିବାବେଳେ ଏହା ନିକଟରେ ଶିବ ମନ୍ଦିର, ମା' ମଙ୍ଗଳା ମନ୍ଦିର, ମା' ତାରିଣୀ ମନ୍ଦିର, ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟ, ସେବା ସମବାୟ ସମିତି, ଆମ୍ରଞ୍ଜାନ ଆରୋଗ୍ୟ ମନ୍ଦିର ଓ ଚନ୍ଦ୍ରଶେଖର ନୋଡାଲ ହାଇସ୍କୁଲ ରହିଛି। ମଦ କାଉଣ୍ଟର ଖୋଲାଗଲେ ମହିଳା, ଛାତ୍ରଛାତ୍ରୀ ଓ ସାଧାରଣ ଯାତ୍ରୀଙ୍କ ଯାତାୟାତ ତଥା ସାମାଜିକ ପରିବେଶ ଉପରେ କୁପ୍ରଭାବ ପଡ଼ିବା ଆଶଙ୍କା ଥିବା ଗ୍ରାମବାସୀ ଦର୍ଶାଇଛନ୍ତି। ଏହି କାଉଣ୍ଟରକୁ ନଳଦିଆ ଶାସନ ମୌଜାର ଏକ ଘରବାରି ଜମିକୁ ସ୍ଥାନାନ୍ତର କରିବାକୁ ଯୋଜନା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଆସନ୍ତା ୧୦ ତାରିଖ ସୁଦ୍ଧା ଏହି ସ୍ଥାନାନ୍ତର ଯୋଜନା ପ୍ରତ୍ୟାହାର କରା ନ ଗଲେ ଗଣଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

ପୁନର୍ବାସ ପକ୍ଷରୁ ମନନ-୨ ଅନୁଷ୍ଠିତ



କେନ୍ଦ୍ରାପଡ଼ା, ୩।୧୧(ସମିସ): ଥେରାପି ଚିକିତ୍ସା ସମ୍ପର୍କିତ ଆନ୍ତଃବିଷୟକ ଜ୍ଞାନ ବିଜ୍ଞାନର ବିନିମୟ କାର୍ଯ୍ୟକ୍ରମ 'ମନନ-୨' ସ୍ଥାନୀୟ ମାଧପୁରସ୍ଥ ପୁନର୍ବାସ ଶିଶୁ ଥେରାପି କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସମୁଦାୟ ଦୁଇଟି ବିଷୟ ଉପସ୍ଥାପନ କରାଯାଇଥିଲା। ପ୍ରଥମଟି 'ବାକ୍‌ଶକ୍ତି ଓ ଅନ୍ୟାନ୍ୟ ବିକାଶରେ ନ୍ୟୁରୋପ୍ଲାଷ୍ଟିସିଟିର ଭୂମିକା' ଶୀର୍ଷକ ଆଲୋଚନାକୁ ଅନୁଷ୍ଠାନର ଶ୍ରବଣ ଓ ବାକ୍‌ଶକ୍ତି ବିଶେଷଜ୍ଞ ସେକ୍ ମୁବାସୀର୍ ଉପସ୍ଥାପନା କରିଥିଲେ। ଶିଶୁର ବାକ୍‌ଶକ୍ତି ବିକାଶରେ ଆଦ୍ୟ ପ୍ରାରମ୍ଭିକ ହସ୍ତକ୍ଷେପ କିପରି ଗୁରୁତ୍ୱପୂର୍ଣ୍ଣ, ତାହାର ତଥ୍ୟପୂର୍ଣ୍ଣ ସୂଚନା ପ୍ରଦାନ କରିଥିଲେ। ସେହିପରି ଦ୍ୱିତୀୟଟିକୁ ଉପସ୍ଥାପନ କରିଥିଲେ ପୁନର୍ବାସ ପକ୍ଷରୁ ଭିନ୍ନକ୍ଷମଙ୍କ ପାଇଁ ପ୍ରକାଶ କରାଯାଉଥିବା ସଚେତନାତ୍ମକ ଦ୍ୱିଭାଷିକ ଓ ଦ୍ୱିମାସିକ ସ୍ୱତନ୍ତ୍ର ସମ୍ବାଦ ପତ୍ର 'ପୁନର୍ବାସ ସମାଚାର'ର ମୁଖ୍ୟ ସମ୍ପାଦକ ବିରଜା ରାଉତରାୟ। ଯାହାର ବିଷୟବସ୍ତୁ ରହିଥିଲା 'ପୁନର୍ବାସନରୁ ପୁନଃସମ୍ମିଳନ-ଥେରାପି ଚିକିତ୍ସାର ନୂତନ ମନ୍ତ୍ର'। ଏଥିରେ ଶ୍ରୀ ରାଉତରାୟ ଥେରାପିଷ୍ଟଙ୍କୁ ଗ୍ରୀକ୍ କିମ୍ବଦନ୍ତୀର ଅନ୍ୟତମ ଚର୍ଚ୍ଚିତ ନାୟକ ପ୍ରମିଥିଅସ୍, ଯିଏ ମାନବ ଜାତି ନିମନ୍ତେ ନୂଆ ଆଶା ସଞ୍ଚାର କରାଇଥିଲେ, ସେହି ଚରିତ୍ର ସହ ତୁଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ପୁନର୍ବାସରେ କାର୍ଯ୍ୟରତ ବିବିଧ ବିଭାଗର ଥେରାପିଷ୍ଟ କୀର୍ତ୍ତି ଦାସ, ତପସ୍ୱିନୀ ରଥ, ନିତୁରାଣୀ ବାରିକ, ମନୀଷା ବାରିକ, କମଳାକାନ୍ତ ବିଶ୍ୱାଳ, ଆବୃତ୍ତି ବେହେରା, ସାଇଶ୍ରିତା ମେକାପ, ଅତନୁ ନାୟକ, ରାଜେନ୍ଦ୍ର ପତି, ମୁଖ୍ୟ ସିବିଆର୍ ଅଭିଷେକ ଜେନା, କେଦାର ନାଥ ବାରିକ, ପର୍ଶୁରାମ ତ୍ରିପାଠୀ, ଧରଣୀଧର ସେଠୀ ପ୍ରମୁଖ ସହାୟକ ଷ୍ଟାଫ୍ ଯୋଗଦେଇ ସକ୍ରିୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। କୋଷାଧ୍ୟକ୍ଷ ଶିବଚରଣ ସାମଲ ଓ ସହସମ୍ପାଦକ ବଂଶୀଧର ମହାନ୍ତି ପ୍ରମୁଖ ଅଂଶଗ୍ରହଣକାରୀ ଥେରାପିଷ୍ଟଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

ଗରଦପୁର ତହସିଲ କିରାଣିଙ୍କ ଲାଞ୍ଚ ମାଗିବା ଘଟଣା

ଅତିରିକ୍ତ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କଲେ ଅଭୟ



ଗରଦପୁର,୩।୧୧(ସମିସ): ଗରଦପୁର ତହସିଲ କାର୍ଯ୍ୟାଳୟ କିରାଣି ନିହାର ରାୟ ଲାଞ୍ଚ ମାଗିବା ପ୍ରସଙ୍ଗକୁ ନେଇ ଏବେ ତହସିଲ ଅଞ୍ଚଳରେ ଚର୍ଚ୍ଚା ହେଉଛି। କିରାଣି ନିହାରଙ୍କ ବିରୋଧରେ ଏ ନେଇ ଅଭିଯୋଗକାରୀ ପାଖଡ ଗ୍ରାମର ଅଭୟ କୁମାର ସ୍ୱାଇଁ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ମଲ୍ଲିକଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପାଖଡ ଗ୍ରାମର ଅଭୟ ସ୍ୱାଇଁ ଗତ ଜାନୁଆରୀ ମାସରେ ଜମିବାଡ଼ି ବଣ୍ଟନ ପାଇଁ ତହସିଲ କାର୍ଯ୍ୟାଳୟରେ ସମସ୍ତ କାଗଜପତ୍ର ଦାଖଲ କରିଥିଲେ। ନିଜ ଭଉଣୀମାନେ ମଧ୍ୟ ତହସିଲ କାର୍ଯ୍ୟାଳୟକୁ ଆସି ସମ୍ମତି ମଧ୍ୟ ପ୍ରଦାନ କରିଥିଲେ। ସରକାରଙ୍କ ନିୟମ ଅନୁଯାୟୀ ଆବେଦନର ୬ ମାସ ମଧ୍ୟରେ ପଟ୍ଟାଦାରଙ୍କୁ ପଟ୍ଟା ପ୍ରଦାନ କରାଯିବ। ଆଜକୁ ପ୍ରାୟ ୧୧ ମାସ ହେବ ଅଭୟ ପଟ୍ଟା ପାଇବା ପାଇଁ ତହସିଲ କାର୍ଯ୍ୟାଳୟକୁ ଦୌଡୁଛନ୍ତି। କିରାଣି ଜଣକ ଅଭୟଙ୍କୁ ଗତ ୨୭ ତାରିଖ ଅପରାହ୍ନରେ ତହସିଲ କାର୍ଯ୍ୟାଳୟକୁ ଡାକି ୨୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ନଦେଲେ ତୁମ କାମ ସେମିତି ପଡିଥିବ ବୋଲି କହିଥିଲେ। ଅଭୟ ନିରୁପାୟ ହୋଇ କିଛି ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଥିଲେ। କିରାଣି ଜଣକ ଗଣମାଧ୍ୟମ ପ୍ରତିନିଧିଙ୍କୁ ନାଲି ଆଖି ଦେଖାଇ ମୁଁ ଉପର ତଳ ଯାଏ ସମସ୍ତଙ୍କୁ ପଇସା ଦେଉଛି, ଏପରିକି ଜିଲ୍ଲାପାଳ ମୋର କିଛି କରିପାରିବେ ନାହିଁ କହିଥିଲେ। ଅଭୟ ଆଜି ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟି କିରାଣିଙ୍କ ବିରୋଧରେ ଲିଖିତ ଅଭିଯୋଗ କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଏହି ଅଭିଯୋଗ ପାଇ ଏକ କମିଟି ଦ୍ୱାରା ତଦନ୍ତ କରିବା ପରେ ୧୫ ଦିନ ଭିତରେ କିରାଣିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କହିଛନ୍ତି।

ରାଜକନିକା କପ୍ ଫୁଟ୍‌ବଲ, ଜଗା ୟୁନାଇଟେଡ଼ ସେମିରେ

ରାଜକନିକା,୩।୧୧(ସମିସ): ରାଜକନିକା ଆଥେଲେଟିକ ଆସୋସିଏସନ ଆନୁକୂଲ୍ୟରେ ଆରଏନ ହାଇସ୍କୁଲ ମିନି ଷ୍ଟାଡିୟମରେ ଚାଲିଥିଲା ୪୫ତମ ରାଜ୍ୟସ୍ତରୀୟ ରାଜକନିକା କପ ଫୁଟବଲ ଟୁର୍ଣ୍ଣାମେଣ୍ଟର ତୃତୀୟ ଦିବସ ଖେଳରେ ଜଗା ୟୁନାଇଟେଡ଼ ଭୁବନେଶ୍ୱର ଢେଙ୍କାନାଳର ପପୁଲାର କ୍ଲବକୁ ୨-୦ ଗୋଲରେ ପରାସ୍ତ କରି ତୃତୀୟ ଦଳ ଭାବେ ସେମିଫାଇନାଲ ରେ ପ୍ରବେଶ କରିଛି। ଖେଳକୁ ରାମଚନ୍ଦ୍ର ବେସ୍ରା, ଗଣେଶ୍ୱର ସିଂହ, ସୁକାନ୍ତ ସିଂହ, ମାନସ ବିଶ୍ୱାଳ ପରିଚାଳନା କରିଥିବାବେଳେ ଗୋଲକ ବିହାରୀ ମଲ୍ଲିକ ମ୍ୟାଚ କମିଶନର, ସୋମ୍ୟକାନ୍ତ ନାୟକ ଓ ପ୍ରଶାନ୍ତ ସାହୁ ଧାରବିବାରଣୀ ପ୍ରଦାନ କରିଥିଲେ।

ସଂସ୍କୃତ ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷା ତନୁଶ୍ରୀ ମିଶ୍ରଙ୍କ ଦାୟିତ୍ୱ ଗ୍ରହଣ



ରାଜନଗର,୩।୧୧(ସମିସ): ରାଜନଗର ବ୍ଲକ ସଦର ମହକୁମାସ୍ଥ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ନୂତନ ଅଧ୍ୟକ୍ଷା ଭାବେ ତନୁଶ୍ରୀ ମିଶ୍ର ଦାୟିତ୍ୱ ଗ୍ରହଣ କରିଛନ୍ତି। ପ୍ରାକ୍ତନ ଅଧ୍ୟକ୍ଷ ଡଃ ଘନଶ୍ୟାମ ମିଶ୍ର ନିକଟରେ ଅବସର ଗ୍ରହଣ କରିଛନ୍ତି। ସଂସ୍କୃତ ସାହିତ୍ୟର ଅଧ୍ୟାପିକା ଭାବେ ତନୁଶ୍ରୀ କାର୍ଯ୍ୟ କରିଆସୁଥିଲେ। ତାଙ୍କୁ ପ୍ରାକ୍ତନ ଅଧ୍ୟକ୍ଷ ଡଃ ମିଶ୍ର ଦାୟିତ୍ୱ ହସ୍ତାନ୍ତର କରିଛନ୍ତି। ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ ମିଶ୍ର, ଅଷ୍ଟଶମ୍ଭୁ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ସର୍ବେଶ୍ୱର ଲେଙ୍କା, ଅଧ୍ୟାପକ ପ୍ରଦୀପ ପାଳ ଓ ଅନୁଷ୍ଠାନର ଅଧ୍ୟାପକ ନିହାର ପରିଡା, ଆଦିତ୍ୟ ତ୍ରିପାଠୀ, ଅଷ୍ଟଶମ୍ଭୁ ସଂସ୍କୃତ ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନ ପଣ୍ଡିତ କୃଷ୍ଣଚନ୍ଦ୍ର ଷଡଙ୍ଗୀ, ପଣ୍ଡିତ ଶଙ୍କର୍ଷଣ ମିଶ୍ର, କର୍ମଚାରୀ ଅରୁଣ ରାଉତ, ସାମ୍ବାଦିକ ଅଭିରାମ ଦାସ, ରବିନରାୟଣ ଦାସ, ଦଧିରାମ ସାହୁ ପ୍ରମୁଖ ନୂତନ ଅଧ୍ୟକ୍ଷାଙ୍କୁ ସ୍ୱାଗତ କରିଥିଲେ।

ଆଇନ ମହାବିଦ୍ୟାଳୟ ବଡ଼ବାବୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା




କେନ୍ଦ୍ରାପଡ଼ା,୩।୧୧(ସମିସ): ସ୍ଥାନୀୟ ଆଇନ ମହାବିଦ୍ୟାଳୟ ବଡବାବୁ ସାରଦା ପ୍ରସାଦ ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅଧ୍ୟକ୍ଷ ଡ. ରବିନ୍ଦ୍ର କୁମାର ବଳ ପୌରୋହିତ୍ୟରେ ଆୟୋଜିତ ସଭାରେ ଉପାଧ୍ୟକ୍ଷ କଳିଙ୍ଗ କେଶରୀ ବେହେରା, ବରିଷ୍ଠ ଅଧ୍ୟାପକ ଚିରଞ୍ଜିବୀ ପଣ୍ଡା, ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକା ତିମିରକାନ୍ତ ପରିଜା, ରାଜକିଶୋର ମହାନ୍ତି, ସସ୍ମିତା ସେଠୀ ପ୍ରମୁଖ ଯୋଗଦେଇ ଶ୍ରୀ ମହାନ୍ତିଙ୍କ ଗୁଣଗାନ କରିଥିଲେ। ତାଙ୍କ ଅବସରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ବୋଲି କହିଥିଲେ। ତାଙ୍କର ଉତ୍ତର ଦାୟିତ୍ୱ ମହାବିଦ୍ୟାଳୟର ବରିଷ୍ଠ କିରାଣି ନରେନ୍ଦ୍ର ମହାନ୍ତିଙ୍କୁ ନ୍ୟସ୍ତ କରାଯାଇଥିବାବେଳେ ଶ୍ରୀ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର ଓ ଉପହାର ଦେଇ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା।

ଅଗ୍ନିବିପନ୍ନ ପରିବାରକୁ ସହାୟତା



ମହାକାଳପଡ଼ା, ୩।୧୧(ସମିସ): ଟିକରପଙ୍ଗା ଗ୍ରାମର ହୃଷିକେଶ ମହାନ୍ତିଙ୍କ ଦୁଇ ବଖରା ଘର ସୋମବାର ଅଗ୍ନିକାଣ୍ଡରେ ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି। ଏହି ଦୁଃଖଦ ଖବର ପାଇ ମାରୁତି ୟୁଥ୍ ଚାରିଟେବୁଲ୍ ଟ୍ରଷ୍ଟର ସଦସ୍ୟ ପ୍ରଭାବିତ ପରିବାର ନିକଟରେ ପହଞ୍ଚି ସମବେଦନା ଜଣାଇବା ସହିତ ଆବଶ୍ୟକୀୟ ସହାୟତା ପ୍ରଦାନ କରିଛନ୍ତି। ଟ୍ରଷ୍ଟର ସମ୍ପାଦକ ସୁଧୀର ସ୍ୱାଇଁ, ସଭାପତି ଗୋପବନ୍ଧୁ ରାଉତଙ୍କ ସମେତ ନାଥୁରାମ ବେହେରା, ରାଜେଶ ବେହେରା, ବଳରାମ ଲେଙ୍କା, ରାକେଶ ପରିଡ଼ା, ଜୟପ୍ରସାଦ ଦାସ, ଗୌତମ ସ୍ୱାଇଁ, ଆଲୋକ ସୂତାର ଓ ଦୁର୍ଯ୍ୟୋଧନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରଧାନଶିକ୍ଷୟିତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ରାଜନଗର,୩।୧୧(ସମିସ): କଣ୍ଡିରା ପଞ୍ଚାୟତ ବାଉଁଶକଣୀ ଉଚ୍ଚପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ମନପ୍ରଭା ପ୍ରଧାନଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଶିକ୍ଷାବିତ୍ ଅନାଦି ଜେନାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରାଧ୍ୟାପକ ସତ୍ୟବାଦୀ ଜେନା, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ ବିଜୟ ଜେନା, ସମ୍ମାନିତ ଅତିଥି ଭାବେ ଶିକ୍ଷକ ନେତା ସୁଶାନ୍ତ ପ୍ରଧାନ, ଶିକ୍ଷାବିତ୍ ବିରଞ୍ଚି ବେହେରା, ସାମ୍ବାଦିକ ଭାସ୍କର ରାଉତରାୟ, ଜଗନ୍ନାଥ ଦାସ, ଶିକ୍ଷାବିତ ସୀତାକାନ୍ତ ରାଉଳ, ସମିରଣ ମଣ୍ଡଳ, ସରପଞ୍ଚ ହେମଲତା ମାହୁନ୍ତ, ସମିତି ସଭ୍ୟ ଆର୍ତ୍ତବନ୍ଧୁ ମହାନ୍ତି, ମାନସ ମିଶ୍ର, ଏବିଓ ଶିବପ୍ରସାଦ ବେହେରା, କୃପାସିନ୍ଧୁ ସାମଲ, କ୍ଷୀରୋଦ ମଲ୍ଲିକ, ବ୍ରଜମୋହନ ମହାନ୍ତି, ଗଗନ ବିହାରୀ ସ୍ୱାଇଁ, ସିଆରସିସି ନିରାକାର ରାଉତ, କମିଟି ସଭାପତି ପ୍ରଦୀପ୍ତ ସାମଲ, ଅମର ବେହୁରା, ବଳରାମ ବାଗ, ଦୟାନିଧି ରାଉତ, ହେମନ୍ତ ସ୍ୱାଇଁ, ବ୍ରହ୍ମାନନ୍ଦ ରାଉତ, ନନ୍ଦକିଶୋର ସ୍ୱାଇଁ ପ୍ରମୁଖ ଯୋଗଦେଇ ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ପ୍ରଧାନଙ୍କ ପ୍ରଶଂସା କରିଥିଲେ। ପ୍ରଧାନଶିକ୍ଷକ ହେମନ୍ତ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

କାଳିମୁଣ୍ଡି ପରେ ବୋଡ଼ାପୋକ ଆକ୍ରମଣ

ସଙ୍କଟରେ ଧୋୟାଞ୍ଚଳ ବିରି ଚାଷୀ


ପଟ୍ଟାମୁଣ୍ଡାଇ,୩।୧୧(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବନ୍ୟା ବିପନ୍ନ ଧୋୟାଞ୍ଚଳର ଅଣ୍ଡରା, ଅମୃତମଣୋହି, ବଲୁରିଆ, ଦାଣ୍ଡିସାହି, କୃଷ୍ଣଦାସପୁର, ରାଉଳିଆ, ସିଂହଗାଁ, ନୂଆପାଟଣା, କୋଳଥିଆ, ପେଣ୍ଠପାଳ, ତରଡ଼ିପାଳ ଓ ଅଳପୁଆ ଆଦି ରାଜସ୍ୱ ଗ୍ରାମର ହଜାର ହଜାର ହେକ୍ଟର ଜମିରେ ଅର୍ଥକରି ବିରି ଫସଲ ଚାଷ କରାଯାଇଥିଲା। ସାଧାରଣତଃ ଅକ୍ଟୋବର ମାସର ପ୍ରଥମ ସପ୍ତାହରେ ବିରି ବୁଣାଯାଇଥିଲା। ତେବେ ଜୁଲାଇ, ଅଗଷ୍ଟ, ସେପ୍ଟେମ୍ବର ମାସରେ ବାରମ୍ବାର ବନ୍ୟା ଆସିବା ଯୋଗୁଁ ସାରଦ ଧାନ ସମୂଳେ ନଷ୍ଟ ହେବା ସହିତ ପନିପରିବା ଫସଲ ମଧ୍ୟ ନଷ୍ଟ ହୋଇଗଲା। ସର୍ବସ୍ୱ ହରାଇ ବହୁ ଆଶା ଭରସା କରି ଧୋୟାଞ୍ଚଳ ଚାଷୀ ବିରି ଚାଷ କରିଥିଲେ। ପ୍ରଥମେ କାଳିମୁଣ୍ଡି ପୋକ ବିରି ଫସଲ ଖାଇଗଲେ ଓ କେନ୍ଦ୍ରାପଡ଼ା ଜିଲ୍ଲା କୃଷି ଅଧିକାରୀ, ପଟ୍ଟାମୁଣ୍ଡାଇ ବ୍ଲକ କୃଷି ଅଧିକାରୀ ଓ ଜଥାଙ୍ଗ କେଭିକେର ପିପିଓ କ୍ଷେତ୍ର ପରିଦର୍ଶନ ବେଳେ ଚାଷୀଙ୍କ ପାଖରେ ପହଞ୍ଚିବା ସହିତ କୀଟନାଶକ ପ୍ରୟୋଗ କରିବାକୁ ପରାମର୍ଶ ଦେଇଥିଲେ। ବାତ୍ୟା ଅର୍ଣ୍ଣବ ପ୍ରଭାବରେ ଲଗାଣ ବର୍ଷା ବିରି ଫସଲରେ କୀଟନାଶକ ପ୍ରୟୋଗରେ ମୁଖ୍ୟ ବାଧକ ଭାବେ ଠିଆ ହେଲା। ଅଣ୍ଡରା ଓ ଦାଣ୍ଡିସାହି ଗ୍ରାମର ଅଧିକାଂଶ ବିରି ଚାଷୀ ବହୁ କଷ୍ଟ କରି ବିରି ଫସଲକୁ କାଳିମୁଣ୍ଡି କବଳରୁ ରକ୍ଷା କରିଥିଲେ। ଗତ ୩/୪ ଦିନ ମଧ୍ୟରେ ବୋଡାପୋକ ସୃଷ୍ଟି ହୋଇ କାଳିମୁଣ୍ଡି ପୋକ ଦାଉରୁ ବଞ୍ଚି ଯାଇଥିବା ବିରି ଫସଲକୁ ଖାଇ ସଫା କରି ଦେଲେଣି। ଫଳରେ ବିରି ଚାଷ କରୁଥିବା ଚାଷୀ କୌଣସି ଉପାୟ ନ ପାଇ ଭାଗ୍ୟକୁ ଆଦରି ମୁଣ୍ଡରେ ହାତଦେଇ ବସିଛନ୍ତି। ବିଶେଷଜ୍ଞଙ୍କ ମତରେ ବୋଡାପୋକ କାଳିମୁଣ୍ଡି ପୋକଠାରୁ ଅଧିକ ମାରାତ୍ମକ ଓ ବାରମ୍ବାର ବନ୍ୟାରେ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ସମ୍ପ୍ରତି ବିରି ଫସଲ ୮୦ ଭାଗ ନଷ୍ଟ ହୋଇଯାଇଥିବାରୁ ଚାଷୀ କିପରି ପରିବାର ପ୍ରତିପୋଷଣ କରିବେ, ସେ ନେଇ ପ୍ରଶ୍ନ ଉଠିଛି। ତେବେ କୀଟନାଶକ ସିଞ୍ଚନ ଦ୍ୱାରା ବୋଡାପୋକ ମରିବାର କୌଣସି ଗ୍ୟାରେଣ୍ଟି ନାହିଁ। ସମ୍ପ୍ରତି କୋହଲା ପାଗ ସାଙ୍ଗକୁ ଝିପିଝିପି ବର୍ଷା ମଧ୍ୟ କୀଟନାଶକ ସିଞ୍ଚନରେ ବାଧା ସୃଷ୍ଟି କରୁଛି। ଏଭଳି ସ୍ଥିତିରେ ପୁଣିଥରେ ବିରି ବୁଣିବା ସମୟ ଅତିକ୍ରାନ୍ତ ହୋଇଥିବାରୁ ସମ୍ପୂର୍ଣ୍ଣ ଅସମ୍ଭବ ଅଟେ। କୃଷି ବିଭାଗ ବିଭିନ୍ନ ପଞ୍ଚାୟତକୁ ଶଙ୍କର ଜାତୀୟ ବିରି ବିହନ ଗ୍ରାମ୍ୟ କୃଷି ଅଧିକାରୀଙ୍କ ଜରିଆରେ ଚାଷୀଙ୍କୁ ଯୋଗାଇ ଦେବା ପାଇଁ ପଦକ୍ଷେପ ନେଇଛନ୍ତି ଓ ପ୍ରତ୍ୟେକ ଗାଁରେ ଶହ ଶହ ଚାଷୀ ଫାର୍ମର୍ସ ଆଇଡି ଖୋଲି କୃଷକ ଓଡ଼ିଶା ସଦସ୍ୟ ହୋଇଥିବାରୁ ସରକାରୀ ବିରି ବିହନ ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ଏଭଳି ଦୋଦୁଲ୍ୟମାନ ସ୍ଥିତିରେ ବିରି ଚାଷ ଆଦୌ କରି ନ ଥିବା ଲୋକ ସରକାରୀ ବିହନ ନେବାକୁ ଦାବି କରୁଛନ୍ତି। ଫଳରେ ଅଣ୍ଡରା ଭଳି ବ୍ୟାପକ ବିରି ଚାଷ କରିଥିବା ଚାଷୀ ଆବଶ୍ୟକ ସରକାରୀ ବିହନ ପାଉ ନ ଥିବା ଅଭିଯୋଗ ହୋଇଛି। କୃଷି ବିଭାଗ ଅବିଳମ୍ବେ ପର୍ଯ୍ୟାପ୍ତ ପରିମାଣରେ ଶଙ୍କର ଜାତୀୟ ବିରି ବିହନ ପ୍ରକୃତ ଚାଷୀଙ୍କୁ ଯୋଗାଇ ଦେବାକୁ ସ୍ଥାନୀୟ କୃଷକ ଦାବି କରିଛନ୍ତି।



୩/୧୧/୨୦୨୬ (ମଙ୍ଗଳବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ.୩,୪୪,୪୧୯/- ସୁନା:୦୦.୦୧୦ ଗ୍ରାମ୍ ରୁପା:୧୨.୫୦୦ ଗ୍ରାମ୍





ଧୁକୁଡ଼ି ଦ୍ୱାରରେ ବାନ୍ତି

ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୩।୧୧(ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଧୁକୁଡ଼ି ଦ୍ୱାରରେ ବାନ୍ତି ପଡ଼ିଥିବାରୁ ବଡ଼ ମହାସ୍ନାନ କରାଯାଇଛି। ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତିରେ ପ୍ରାୟ ଦେଢ଼ଘଣ୍ଟା ବିଳମ୍ବ ହୋଇଛି। ମଙ୍ଗଳବାର ଭୋର୍ ୫ଟା ୩୦ରେ ଦ୍ୱାର ଫିଟିଥିଲା। ସକାଳ ୬ଟା ୧୫ରେ ମଙ୍ଗଳ ଆଳତି ବଢ଼ି ଅନ୍ୟାନ୍ୟ ନୀତି ଚାଲିଥିଲା। ଅପରାହ୍ନ ୪ଟା ୨୫ରେ ଦ୍ୱିତୀୟ ଭୋଗମଣ୍ଡପ ସରିବା ପରେ ୪ଟା ୧୫ରେ ଦକ୍ଷିଣୀ ଘର ଭୋଗ ଶେଷ ହୋଇଥିଲା। ଏହି ସମୟରେ ଧୁକୁଡ଼ି ଦ୍ୱାରରେ ବାନ୍ତି ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହାପରେ ସେହିଠାରେ ନୀତି ଅଟକାଯାଇ ମହାସ୍ନାନ ପାଇଁ ଆରମ୍ଭ ହୋଇଥିଲା ପ୍ରକ୍ରିୟା। ରତ୍ନସିଂହାସନଠାରୁ ଜୟବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ସନ୍ଧ୍ୟା ୬ଟା ୫୦ରେ ପୂଜାପଣ୍ଡା ସେବକମାନେ ମହାସ୍ନାନ ପୂଜା କରିଥିଲେ। ୭ଟାରେ ମହାସ୍ନାନ ବଢ଼ିବା ପରେ ପୁନଶ୍ଚ ଯେଉଁଠାରେ ନୀତି ଅଟକିଥିଲା ସେହିଠାରୁ ଆରମ୍ଭ ହୋଇଥିଲା। ମହାସ୍ନାନ ପାଇଁ ଦର୍ଶନ ବି ବନ୍ଦ ରହିଥିଲା। ଏଥିଲାଗି ପ୍ରାୟ ଦେଢ଼ ଘଣ୍ଟା ନୀତିକାନ୍ତିରେ ବିଳମ୍ବ ହୋଇଥିଲା।

ଆଜି ମହାପ୍ରଭୁଙ୍କ ବନକଲାଗି

୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୩।୧୧(ସମିସ): କାର୍ତ୍ତିକ କୃଷ୍ଣ ଦଶମୀ ତିଥିରେ ବୁଧବାର ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ୬ଟାରୁ ରାତି ୧୦ଟା ୪ ଘଣ୍ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି।

ନୂଆ ରୂପ ପାଇବ ଅଠରନଳା ଓ ମୂଷା ନଈ

ପୁରୀ,୩।୧୧(ସମିସ)

ପୁରୀର ଐତିହ୍ୟ ଓ ପର୍ଯ୍ୟଟନ ବିକାଶକୁ ନୂଆ ଦିଗ ଦେବାକୁ ଯୋଜନା ହୋଇଛି। ପୁରୀର ପ୍ରବେଶପଥ ଅଠରନଳା ଓ ଐତିହ୍ୟ ସମ୍ପନ୍ନ ମୂଷା ନଈର ପୁନରୁଦ୍ଧାର ସହ ସୌନ୍ଦର୍ଯ୍ୟକରଣ କରାଯିବ। ଏଥିସହ ପୁରୀ ଲେକ୍ ଓ ବାଙ୍କୀ ମୁହାଣର ଉନ୍ନତୀକରଣ ଯୋଜନା ପୁରୀର ପର୍ଯ୍ୟଟନ ଭିତ୍ତିଭୂମିକୁ ନୂଆ ରୂପ ଦେବ। ଜିଲ୍ଲାପାଳ

- **ପର୍ଯ୍ୟଟକଙ୍କୁ ମିଳିବ ନୂଆ ଅନୁଭୂତି; ଜିଲ୍ଲାପାଳଙ୍କ କ୍ଷେତ୍ର ପରିଦର୍ଶନ**
- **ବାଲୁକା କଳା ମ୍ୟୁଜିୟମ୍ ନୂତନ କଳାକାରଙ୍କୁ ସୁଯୋଗ ଦେବ**

ଦିବ୍ୟଜ୍ୟୋତି ପରିଡ଼ା ମଙ୍ଗଳବାର ଅଠରନଳା, ହୁଳହୁଳିଆ ପୋଲ ନିକଟବର୍ତ୍ତୀ ଅଞ୍ଚଳ ଓ ପୁରୀ ଲେକ୍ ପ୍ରକଳ୍ପ ପରିଦର୍ଶନ କରିଛନ୍ତି।

ଅଠରନଳା ନିକଟରେ ପ୍ରବାହିତ ମୂଷା ନଈରେ ଜମି ରହିଥିବା ପଙ୍କ, ଦଳ ଓ ଆବର୍ଜନା ସମସ୍ୟାର ସମାଧାନ ପାଇଁ ଦ୍ୱିତୀୟ ପର୍ଯ୍ୟାୟ ପଙ୍କୋଦ୍ଧାର ଓ ସମ୍ପ୍ରସାରଣ ନିମନ୍ତେ ସର୍ଭେ ଆରମ୍ଭ ହୋଇଛି। କାଞ୍ଚି ନଦୀଠାରୁ



ଧାଉଡ଼ିଆ ପର୍ଯ୍ୟନ୍ତ ପଙ୍କୋଦ୍ଧାର ସହ ଆବଶ୍ୟକ ସ୍ଥାନରେ ନଦୀର ସମ୍ପ୍ରସାରଣ, ନଦୀବନ୍ଧ ନିର୍ମାଣ ଓ ଜଳ ନିଷ୍କାସନ ବ୍ୟବସ୍ଥାର ଉନ୍ନତୀକରଣ କରାଯିବ। ଆବଶ୍ୟକତା ଅନୁଯାୟୀ ଜବରଦଖଲ ଉଚ୍ଛେଦ ଓ ଜମି ଅଧିଗ୍ରହଣ ମଧ୍ୟ କରାଯାଇପାରେ। ସର୍ଭେ ପରେ ବୈଷୟିକ ମୂଲ୍ୟାଙ୍କନ ଓ ଟେଣ୍ଡର ପ୍ରକ୍ରିୟା ଆଗେଇବ। ଅଠରନଳାରେ ଜଳ ଉତ୍ସ ସଫା ରଖିବା, ଡ୍ରେନ୍ ସଫେଇ, ଜଳ ନିଷ୍କାସନ ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବ। ଖଣ୍ଡିଆବନ୍ଧସ୍ଥିତ ପୁରୀ ଲେକ୍ ପ୍ରକଳ୍ପରେ ସାଇକ୍ଲିଂ, ୱାକିଂ, ବୋଟିଂ ଓ ଜିମ୍ ଭଳି ସୁବିଧା ଉପଲବ୍ଧ କରାଇବାର ଯୋଜନା ରହିଛି। ଓବିସିସି ପକ୍ଷରୁ ମାଟି ଖୋଳା ଚାଲିଛି। ଜିଲ୍ଲାପାଳ ପରିଦର୍ଶନ କରି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ସକାଳେ ଓ ସନ୍ଧ୍ୟାରେ ଚାଲିବା, ବ୍ୟାୟାମ କରିବା, ସାଇକଲ ଚଳାଇବା ଏବଂ ବୋଟିଂ ଭଳି ମନୋରଞ୍ଜନ ସୁବିଧା ପାଇଁ ପୁରୀବାସୀଙ୍କୁ ଏକ ନୂଆ ସ୍ଥାନ ମିଳିବ। ଏହା ସହରର ପର୍ଯ୍ୟଟନ ଆକର୍ଷଣକୁ ମଧ୍ୟ ବୃଦ୍ଧି କରିବ। ପ୍ରକଳ୍ପର ଆବଶ୍ୟକତା ଅନୁଯାୟୀ ଜମି ଅଧିଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ପୁରୀ ସମୁଦ୍ର ସହ ସଂଲଗ୍ନ ବାଙ୍କୀ ମୁହାଣର ଉନ୍ନତୀକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ମଧ୍ୟ ଯୋଜନା ହୋଇଛି। ଏହି ଅଞ୍ଚଳରେ ନଳା ପାଣି, ଆବର୍ଜନା ଓ ପରିମଳ ସମସ୍ୟା ଯୋଗୁଁ ପର୍ଯ୍ୟଟନ ପରିବେଶ ପ୍ରଭାବିତ ହେଉଥିବାବେଳେ ଏହାର ଚିତ୍ର ବଦଳାଇବା ଲକ୍ଷ୍ୟ ରହିଛି। ବାଙ୍କୀ ମୁହାଣରେ ଏକ ବାଲୁକା କଳା ପାର୍କ ବା ସ୍ୟାଣ୍ଡ ଆର୍ଟ ପାର୍କ ପ୍ରତିଷ୍ଠା କରାଯିବା ସହ ଏହାକୁ ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବାର ଯୋଜନା ରହିଛି। ଏହା ପ୍ରତିଷ୍ଠା ହେଲେ ପର୍ଯ୍ୟଟକମାନେ ବାଲୁକା କଳାର ବିଭିନ୍ନ ରୂପ ଦେଖିବା ସହ ଏହି କଳା ପ୍ରତି ଆଗ୍ରହୀ ବ୍ୟକ୍ତିମାନେ ପ୍ରଶିକ୍ଷଣ ନେବାର ସୁଯୋଗ ପାଇପାରିବେ। ବାଙ୍କୀ ମୁହାଣକୁ ବ୍ଲୁ ଫ୍ଲାଗ୍ ବିଚ୍ ଭଳି ଉନ୍ନତ ସୁବିଧାସମ୍ପନ୍ନ କରିବାର ଲକ୍ଷ୍ୟ ରହିଛି। ପର୍ଯ୍ୟଟକଙ୍କ ସୁରକ୍ଷା ପାଇଁ ପୁଲିସ ଓ ଅଗ୍ନିଶମ ବିଭାଗର ସହଯୋଗରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା କରାଯିବ। ଏହାଦ୍ୱାରା ସମୁଦ୍ରକୂଳ ପର୍ଯ୍ୟଟନର ମାନବୃଦ୍ଧି ସହ ବାଲୁକା କଳା ଓ ସମୁଦ୍ରର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଏକାଠି ଉପଭୋଗ କରିବାର ସୁଯୋଗ ସୃଷ୍ଟି ହେବ। ଅନ୍ୟପକ୍ଷରେ, ଅବଢ଼ା ଯୋଜନାରେ ଜଗନ୍ନାଥ ବଲ୍ଲଭ ତୀର୍ଥଯାତ୍ରୀ କେନ୍ଦ୍ର, ମାର୍କେଟ କମ୍ପ୍ଲେକ୍ସ, ଶ୍ରୀସେତୁ ଓ ମୂଷା ନଈ ସମ୍ପ୍ରସାରଣ ଆଦି ପ୍ରକଳ୍ପ ପାଇଁ ମୋଟ୍ ୬୫୮ କୋଟି ୩ ଲକ୍ଷ ୭୦ ହଜାର ଟଙ୍କା ମଞ୍ଜୁର ହୋଇଥିବା ସୂଚନା ମିଳିଛି। ଜିଲ୍ଲାପାଳଙ୍କ ଏହି ପରିଦର୍ଶନ ସମୟରେ ପୁରୀ ମହାନଗର ନିଗମ କମିସନର ପ୍ରହଲ୍ଲାଦ ନାରାୟଣ ଶର୍ମା ଓ ଓବିସିସିର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ପୁରୀର ଐତିହ୍ୟ ସୁରକ୍ଷା, ପରିମଳ ଓ ପର୍ଯ୍ୟଟନ ବିକାଶକୁ ନୂଆ ଗତି ମିଳିବା ଆଶା କରାଯାଉଛି।

ପୁରୀରେ ପାଳନ ହେବ ରବି ରାୟଙ୍କ ଜନ୍ମ ଶତବାର୍ଷିକୀ

ପୁରୀ,୩।୧୧(ସମିସ): ବିଶିଷ୍ଟ ସମାଜବାଦୀ ଜନନେତା ତଥା ଲୋକସଭାର ପୂର୍ବତନ ବାଚସ୍ପତି ରବି ରାୟଙ୍କ ଜନ୍ମ ଶତବାର୍ଷିକୀ ଅବସରରେ ବିଭିନ୍ନ ସ୍ଥାନରେ ସ୍ମୃତିଚାରଣ ଓ ଆଲୋଚନାଚକ୍ର ଆଦି କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ପୁରୀଠାରେ ମଧ୍ୟ ଏକ ଶତବାର୍ଷିକୀ ସମାରୋହ ଆୟୋଜନ କରାଯିବ। ଆସନ୍ତା ୬ ତାରିଖ ପୂର୍ବାହ୍ନ ୧୧ଟାରେ ସ୍ଥାନୀୟ ସଂସ୍କୃତି ଭବନଠାରେ ଏହି ସମାରୋହ ଅନୁଷ୍ଠିତ ହେବ। ଏହାର ସଫଳ ଆୟୋଜନ ନିମନ୍ତେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀଙ୍କ ଆବାହକତ୍ୱରେ ସ୍ଥାନୀୟ ସର୍କିଟ୍ ହାଉସଠାରେ ମଙ୍ଗଳବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସମାରୋହର ରୂପରେଖ, ଆୟୋଜନ, ପ୍ରଚାରପ୍ରସାର ଏବଂ ଅଧିକରୁ ଅଧିକ ଜନସାଧାରଣଙ୍କ ଯୋଗଦାନ ସୁନିଶ୍ଚିତ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିରେ ପୂର୍ବତନ ନଗରପାଳ ସୁରେନ୍ଦ୍ରନାଥ ଦାଶ, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ପୁରୀ ବାର୍ ଆସୋସିଏସନର ପୂର୍ବତନ ସଭାପତି ବିଜୟ କୁମାର ମିଶ୍ର, ସର୍ବୋଦୟ ସେବକ ଆଡ୍‌ଭୋକେଟ୍ ଶିବଶଙ୍କର ମିଶ୍ର, ରବି ରାୟ ଜନ୍ମ ଶତବାର୍ଷିକୀ ରାଜ୍ୟ ସମିତିର ସଂଯୋଜକ ମାନସ ପଟ୍ଟନାୟକ ଓ ସମାଜସେବୀ କିଶୋର ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

୬ ସଂସ୍କୃତି ଭବନଠାରେ ସମାରୋହ

ସମାରୋହରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ରବି ରାୟଙ୍କ ଜୀବନ, ସଂଘର୍ଷ, ସମାଜବାଦୀ ଚିନ୍ତାଧାରା, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଜନସେବାର ଆଦର୍ଶ ଉପରେ ଆଲୋକପାତ କରିବେ। ରବି ରାୟ କେବଳ ଜଣେ ରାଜନେତା ନ ଥିଲେ, ବରଂ ସଂସଦୀୟ ଗଣତନ୍ତ୍ରର ମର୍ଯ୍ୟାଦା, ନିରପେକ୍ଷତା ଓ ନୈତିକତାର ଜଣେ ଅନନ୍ୟ ପ୍ରତୀକ ଥିଲେ। ତାଙ୍କର ନିଷ୍କଳଙ୍କ ରାଜନୈତିକ ଜୀବନ ଓ ଜନସାଧାରଣଙ୍କ ପ୍ରତି ଥିବା ନିଷ୍ଠା ଆଜି ମଧ୍ୟ ସମାଜ ପାଇଁ ପ୍ରେରଣାର ଉତ୍ସ। ତାଙ୍କର ବିଚାର, ଆଦର୍ଶ ଓ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ସ୍ମରଣ କରିବା ସହ ନୂତନ ପିଢ଼ି ମଧ୍ୟରେ ଏହି ଚେତନାର ପ୍ରସାର ନିମନ୍ତେ ସମାରୋହରେ ଯୋଗଦେବାକୁ ଆୟୋଜକ ନିବେଦନ କରିଛନ୍ତି।

ଶ୍ରୀମନ୍ଦିର ପ୍ରଶାସନ ଆୟୋଜନ କରିବ ଚିତ୍ରଶିଳ୍ପୀ ଶିବିର 'ନୀଳ ଶଇଳ'



ପୁରୀ,୩।୧୧(ସମିସ): କଳା, ଆଧ୍ୟାତ୍ମିକତା ଓ ଐତିହ୍ୟର ଏକ ସମନ୍ୱିତ ପରିକଳ୍ପନା ରୂପେ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଆୟୋଜିତ ହେବାକୁ ଯାଉଛି ଚିତ୍ରଶିଳ୍ପୀ ଶିବିର "ନୀଳ ଶଇଳ"। ତିନିଦିନ ବ୍ୟାପୀ ଏହି ଶିବିରରେ ଶ୍ରୀଜଗନ୍ନାଥ ସଂସ୍କୃତିର ବିଭିନ୍ନ ଦିଗକୁ ଚିତ୍ରଶିଳ୍ପୀମାନେ କଳାତ୍ମକ ଅଭିବ୍ୟକ୍ତି ମାଧ୍ୟମରେ କାନ୍‌ଭାସ୍‌ରେ ରୂପ ଦେବେ। ଏ ନେଇ ମଙ୍ଗଳବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଓଡ଼ିଶା ଲଳିତ କଳା ଏକାଡେମୀର ପ୍ରାକ୍ତନ ସଭାପତି ପ୍ରାକ୍ତନ ସଚିବ ତଥା ଚିତ୍ରଶିଳ୍ପୀ ତାରାକାନ୍ତ ପରିଡ଼ା ଏବଂ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀଗଣ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଓଡ଼ିଶା ଲଳିତ କଳା ଏକାଡେମୀ ସଚିବ ଡ. ଦେବଯାନୀ ଭୂୟାଁ ଆଭାସୀ ମାଧ୍ୟମରେ ଆଲୋଚନାରେ ଯୋଗଦେଇଥିଲେ। ଉକ୍ତ ଶିବିରରେ ପଦ୍ମ ପୁରସ୍କାର, ଜାତୀୟ ପୁରସ୍କାର ଏବଂ ରାଜ୍ୟ ପୁରସ୍କାରପ୍ରାପ୍ତ ଓଡ଼ିଶାର ବଛା ବଛା ପ୍ରତିଭାସମ୍ପନ୍ନ ଚିତ୍ରଶିଳ୍ପୀ ଯୋଗଦେବେ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଚିତ୍ରଶିଳ୍ପୀଙ୍କ ରହଣି ଏବଂ ଆନୁଷଙ୍ଗିକ ବ୍ୟବସ୍ଥାର ଆୟୋଜନ କରାଯିବ। ଶିବିରରେ ପ୍ରସ୍ତୁତ ହୋଇଥିବା ସମସ୍ତ ପେଣ୍ଟିଂକୁ ନେଇ ଏକ କଫି ଟେବୁଲ୍ ବୁକ୍ ପ୍ରକାଶିତ ହେବ।

ଅନ୍ତର୍ଜାତୀୟ ବାଲୁକାକଳା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଚିତ୍ରଶିଳ୍ପୀ ଶିବିର କମିଟିର ଆଲୋଚନା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ସୁପ୍ରତିଷ୍ଠିତ ଚିତ୍ରଶିଳ୍ପୀ ପଦ୍ମଶ୍ରୀ ବିନୋଦ ମହାରଣା, ଓଡ଼ିଶା ଲଳିତ କଳା ଏକାଡେମୀର

ଉଲ୍ଲେଖଯୋଗ୍ୟ, ପୂର୍ବରୁ ମଧ୍ୟ ୨୦୧୪ ମସିହାରେ ନବକଳେବର ପୂର୍ବରୁ ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ, ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଶ୍ରୀମନ୍ଦିର ପ୍ରଶାସନର ମିଳିତ ସହଯୋଗରେ ପୁରୀରେ "ନୀଳ କନ୍ଦର' ଚିତ୍ରଶିଳ୍ପୀ ଶିବିର ଆୟୋଜିତ ହୋଇଥିଲା। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି ଯେ, ନୀଳ ଶଇଳ ଚିତ୍ରଶିଳ୍ପୀ ଶିବିର ମାଧ୍ୟମରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମହିମାର ପ୍ରଚାରପ୍ରସାର ହେବା ସହ ଓଡ଼ିଶାର ଅନନ୍ୟ ସାଂସ୍କୃତିକ ପରମ୍ପରା, ପର୍ଯ୍ୟଟନ, ଐତିହ୍ୟ ଓ କଳା କାରିଗରୀର ପ୍ରସାର ହେବ। ସାଂସ୍କୃତିକ ଓ ଆଧ୍ୟାତ୍ମିକ ସହର ଭାବେ ପୁରୀର ବିଶେଷତ୍ୱକୁ ସୁଦୂରପ୍ରସାରୀ କରିବାରେ ଏହା ଏକ ଅଭିନବ ପ୍ରୟାସ ହେବ।

ପୁରୀ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସମ୍ମାନିତ

ପୁରୀ,୩।୧୧(ସମିସ): ଭୁବନେଶ୍ୱରରେ ଅନୁଷ୍ଠିତ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର କମିଶନଙ୍କ ୧୬ତମ ପ୍ରତିଷ୍ଠା ଦିବସ ଅବସରରେ ଶିଶୁ ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ପୁରୀ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କୁ ସମ୍ମାନିତ କରାଯାଇଛି। ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ସମସ୍ତ କାର୍ଯ୍ୟ ଯୋଜନାର ସଠିକ୍ ରୂପାୟଣ, ଆନୁଷ୍ଠାନିକ ଓ ଅଣ ଆନୁଷ୍ଠାନିକ ଯତ୍ନ, ଶିଶୁମାନଙ୍କ ଉଦ୍ଧାର ଥଇଥାନ, ପରିବାର ସମ୍ମିଶ୍ରଣ, ତାଲିମ, ସଚେତନତା କାର୍ଯ୍ୟକ୍ରମ ସହିତ ଜିଲ୍ଲାରେ ଅନୁଷ୍ଠିତ ରତ୍ନକାଳୀନ ସମସ୍ୟାର ସମାଧାନ, ରଥଯାତ୍ରାରେ ସ୍ୱତନ୍ତ୍ର ଶିଶୁ ସୁରକ୍ଷା ସେବାରେ ସଫଳ କାର୍ଯ୍ୟ ପାଇଁ ଶ୍ରେଷ୍ଠ ଜିଲ୍ଲା ଭାବରେ ପୁରୀ ସମ୍ମାନିତ ହୋଇଛି। ଜିଲ୍ଲାରେ ସ୍ୱତନ୍ତ୍ର କିଶୋର ପୁଲିସ ୟୁନିଟ୍, ଶିଶୁ ମଙ୍ଗଳ ସମିତି,



ଚାଇଲ୍ଡ ହେଲ୍ପ ଲାଇନ୍, କିଶୋର ନ୍ୟାୟ ବୋର୍ଡ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ମିଳିତ ପ୍ରଚେଷ୍ଟାରେ ଶିଶୁ ସୁରକ୍ଷା ସମ୍ବନ୍ଧିତ ସମସ୍ତ ଆଇନ, ନୀତିନିୟମକୁ ସୁଚାରୁ ରୂପେ କାର୍ଯ୍ୟକ୍ଷମ କରିବାରେ ପ୍ରଶାସନ ସକ୍ଷମ ହୋଇଛି। ରାଜ୍ୟ ଶିଶୁ ଅଧିକାର କମିଶନଙ୍କ ପ୍ରତିଷ୍ଠା ଦିବସ ଅବସରରେ ପୁରୀ ଜିଲ୍ଲା ତରଫରୁ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି। କମିଶନ ଅଧ୍ୟକ୍ଷା ବବିତା ପାତ୍ର, ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶ୍ରମମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଓ ରାଜ୍ୟ ଶିଶୁ କମିଶନର ସମସ୍ତ ସଦସ୍ୟା, ପୁରୀ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ କର୍ମକର୍ତ୍ତା, ଅଧିକାରୀ, ସଦସ୍ୟଙ୍କୁ ସାଧୁବାଦ ଜଣାଇଛନ୍ତି। ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଶିଶୁ ସୁରକ୍ଷା ପାଇଁ କାର୍ଯ୍ୟରତ ସମସ୍ତ କର୍ମକର୍ତ୍ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଶିଶୁଙ୍କ ଆଇନଗତ ଅଧିକାର, ବ୍ୟକ୍ତିଗତ ସୁରକ୍ଷାକୁ ଗୁରୁତ୍ୱ

ପୁରୀ,୩।୧୧(ସମିସ): ଶିଶୁ ସୁରକ୍ଷା ଅଧିକାର ଆଇନ ଓ ଆଇନଗତ ସଚେତନତା ବୃଦ୍ଧି ଲକ୍ଷ୍ୟରେ ପୁରୀ ଜିଲ୍ଲାର ବିଦ୍ୟାଳୟରେ 'ସୁରକ୍ଷିତ ବଚପନ ଅଭିଯାନ' ଆୟୋଜିତ ହୋଇଯାଇଛି। ଜାତୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶକ୍ରମେ ପୁରୀ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଅକ୍ଟୋବର ୨୯ ରୁ ୩୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଏହି ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସଚେତନତା ଅଭିଯାନ ଚାଲିଥିଲା। ଏଥିରେ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଆଇନଗତ ଅଧିକାର, ବ୍ୟକ୍ତିଗତ ସୁରକ୍ଷା, ଅନ୍‌ଲାଇନ୍ ସୁରକ୍ଷା, ଶିଶୁଙ୍କ ବିରୋଧରେ ଯୌନ ଅପରାଧରୁ ସୁରକ୍ଷା ଏବଂ ମାଗଣା ଆଇନଗତ ସେବା ସମ୍ପର୍କରେ ସଚେତନ କରାଯାଇଛି। ଏଥିସହ ଆବଶ୍ୟକ ସମୟରେ ଆଇନଗତ ସହାୟତା, ପରାମର୍ଶ ଓ ଶିଶୁ ସୁରକ୍ଷା ସମ୍ପର୍କିତ ବ୍ୟବସ୍ଥା ବିଷୟରେ ମଧ୍ୟ ଅବଗତ କରାଯାଇଛି। ଏହି ତିନିଦିନ ମଧ୍ୟରେ ଜିଲ୍ଲା ଏବଂ ତାଲୁକ ସ୍ତରରେ ୩୦ଟି ବିଦ୍ୟାଳୟରେ ଅଭିଯାନ ଜରିଆରେ ସଚେତନତା ସୃଷ୍ଟି କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଚାର ବିଭାଗୀୟ ଅଧିକାରୀ, ଆଇନଜୀବୀ, ଶିଶୁ ସୁରକ୍ଷା ଅଧିକାରୀ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଓ ସଦସ୍ୟ, ଶିକ୍ଷକଶିକ୍ଷୟିତ୍ରୀମାନେ ଯୋଗଦେଇ ଶିଶୁଙ୍କୁ ବିଭିନ୍ନ ଆଇନଗତ ଓ ସୁରକ୍ଷା ସମ୍ପର୍କିତ ବିଷୟରେ ବୁଝାଇଥିଲେ।

ଛୁରି ଦେଖାଇ ଦାଦାବଟି ଆଦାୟ, ୪ ଗିରଫ

ପୁରୀ,୩।୧୧(ସମିସ): ଛୁରି ଦେଖାଇ ଦାଦାବଟି ଆଦାୟ କରୁଥିବା ଅଭିଯୋଗରେ ୪ ଜଣ ଯୁବକଙ୍କୁ ଗିରଫ କରିଛି ଚନ୍ଦନପୁର ପୁଲିସ। ସୂଚନା ଅନୁଯାୟୀ, ସୋମବାର ସନ୍ଧ୍ୟାରେ ଚନ୍ଦନପୁର ପୁଲିସ ପକ୍ଷରୁ ପାଟ୍ରୋଲିଂ ଚାଲିଥିବାବେଳେ ସମ୍ଭାଜପୁର ଓଭରବ୍ରିଜ୍ ନିକଟରେ ଦାଦାବଟି ଆଦାୟ ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ଏହାପରେ ପୁଲିସ ଟିମ୍ ଘଟଣାସ୍ଥଳରେ ଚଢ଼ଉ କରିଥିଲା। ପୁଲିସକୁ ଦେଖି ଅଭିଯୁକ୍ତମାନେ ଖସି ପଳାଇବାକୁ ଉଦ୍ୟମ କରିଥିବାବେଳେ ପୁଲିସ ସେମାନଙ୍କୁ ଗୋଡ଼ାଇ ଧରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ବୀରପ୍ରତାପପୁର ଗ୍ରାମର କାହ୍ନା ଚୌଧୁରୀ, ଅନିଲ ଜେନା, ସୂର୍ଯ୍ୟନାରାୟଣ ମହାପାତ୍ର ଏବଂ ସୂର୍ଯ୍ୟକାନ୍ତ ଭୋଲ। ସମସ୍ତେ ଚନ୍ଦନପୁର ଥାନା ଅଞ୍ଚଳର ବାସିନ୍ଦା। ଅଭିଯୁକ୍ତଙ୍କ ନିକଟରୁ ଗୋଟିଏ ଛୁରି, ୪ଟି ମୋବାଇଲ୍ ଫୋନ୍, ୪୫୨୦ ଟଙ୍କା ଓ ଗୋଟିଏ ବାଇକ୍ ଜବତ ହୋଇଛି। ଗିରଫ ୪ ଅଭିଯୁକ୍ତଙ୍କ ମଧ୍ୟରୁ ଦୁଇଜଣଙ୍କ ନାମରେ ପୂର୍ବରୁ ଅପରାଧିକ ମାମଲା ଥିବା ପୁଲିସ ପକ୍ଷରୁ ଜଣାପଡ଼ିଛି। ଏ ନେଇ ଚନ୍ଦନପୁର ଥାନାରେ ଏକ ମାମଲା (ନଂ.୨୮୩/୨୬) ରୁଜୁ ହୋଇ ମଙ୍ଗଳବାର ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦଳିତ ପରିବାରଙ୍କ ଧାରଣା

ଘର ସମ୍ମୁଖରେ ତାରବାଡ଼ ଲଗାଇ ଯାତାୟାତରେ ବାଧା ଅଭିଯୋଗ

ପୁରୀ,୩।୧୧(ସମିସ): ଚନ୍ଦନପୁର ଥାନା ଅନ୍ତର୍ଗତ ଉତ୍ତରହଣା ଗ୍ରାମରେ ଅନୁସୂଚିତ ଜାତି ପରିବାରଙ୍କ ଘର ସମ୍ମୁଖରେ ତାରବାଡ଼ ଲଗାଯାଇ ଯାତାୟାତରେ ବାଧା ସୃଷ୍ଟି କରାଯାଇଥିବା ଅଭିଯୋଗରେ ମଙ୍ଗଳବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ଦଳିତ ପରିବାର। ତାରବାଡ଼ ଯୋଗୁଁ ନିଜ ଘରକୁ ଯିବାଆସିବା କରିବାରେ ଘୋର୍ ଅସୁବିଧା ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, କିଛି ଦିନ ପୂର୍ବେ ଉତ୍ତରହଣା ଗ୍ରାମରେ ନଡ଼ିଆ ତୋଳାକୁ କେନ୍ଦ୍ର କରି ସବର୍ଣ୍ଣ ଓ ଅନୁସୂଚିତ ଜାତିର ପରିବାରମାନଙ୍କ ମଧ୍ୟରେ ବିବାଦ ଉଗ୍ର ରୂପ ନେଇଥିଲା। ଏହି ପୂର୍ବ ବିବାଦକୁ କେନ୍ଦ୍ର କରି



ଅନୁସୂଚିତ ଜାତି ପରିବାରଙ୍କ ଘର ସମ୍ମୁଖରେ ଉଦ୍ଦେଶ୍ୟମୂଳକ ଭାବେ ତାରବାଡ଼ ଲଗାଯାଇଥିବା ଧାରଣାକାରୀମାନେ ଅଭିଯୋଗ କରିଛନ୍ତି। ଫଳରେ ସେମାନଙ୍କ ଦୈନନ୍ଦିନ ଯାତାୟାତ ବାଧାପ୍ରାପ୍ତ ହେବା ସହ ନାନା ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ୁଛି। ଏହି ସମସ୍ୟାର ସମାଧାନ ଦାବିରେ ପୀଡ଼ିତ ପରିବାରଗୁଡ଼ିକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ। ଧାରଣା ପରେ ସେମାନେ ଅତିରିକ୍ତ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ସମୟରେ ଉକ୍ତ ତାରବାଡ଼କୁ ତୁରନ୍ତ ଭାଙ୍ଗି ହଟାଇ ଦିଆଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି। ତେବେ ତାରବାଡ଼ ହଟାଇବା ସହ ଗ୍ରାମରେ ଉପୁଜିଥିବା ବିବାଦର ସ୍ଥାୟୀ ସମାଧାନ ଏବଂ ସମସ୍ତ ପରିବାରଙ୍କ ଯାତାୟାତ ଅଧିକାର ସୁନିଶ୍ଚିତ କରିବା ଦିଗରେ ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ ନଜର ରହିଛି।

ସିପିଏସ୍‌ରେ ନୂତନ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ

ଫାର୍ମାସୀ ଏକ ଗୁରୁତ୍ୱପୂର୍ଣ୍ଣ ଓ ଦାୟିତ୍ୱପୂର୍ଣ୍ଣ ବୃତ୍ତି




ପୁରୀ,୩।୧୧(ସମିସ)

ବାଲିଗୁଆଳୀସ୍ଥିତ କଲେଜ ଅଫ୍ ଫାର୍ମାସ୍ୟୁଟିକାଲ ସାଇନ୍‌ସେସ୍ (ସିପିଏସ୍) ମହାବିଦ୍ୟାଳୟ ପକ୍ଷରୁ ୨୦୨୬ ଶିକ୍ଷାବର୍ଷରେ ସ୍ନାତକୋତ୍ତର ଫାର୍ମାସୀ ପାଠ୍ୟକ୍ରମରେ ନାମ ଲେଖାଇଥିବା ନୂତନ ଛାତ୍ରଛାତ୍ରୀଙ୍କ ନିମନ୍ତେ ତିନିଦିନିଆ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଛି। ବୁଧବାର ଏହା ଉଦ୍‌ଯାପିତ ହେବ। ଏଥିରେ ନୂତନ ଛାତ୍ରଛାତ୍ରୀଙ୍କ ଜ୍ଞାନ, ଦକ୍ଷତା ଓ ବ୍ୟକ୍ତିତ୍ୱର ବିକାଶ ନିମନ୍ତେ ବିଭିନ୍ନ ଶିକ୍ଷଣୀୟ ଓ ମାର୍ଗଦର୍ଶନମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ପ୍ରଥମ ଦିନର କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଡ. ଅମୀୟକାନ୍ତ ମିଶ୍ର, ଚେୟାରପର୍ସନ ଅନିମା ଦାସ, ମହାବିଦ୍ୟାଳୟର ନିର୍ଦ୍ଦେଶକ ତଥା ଓୟୁଏଚ୍‌ଏସ୍‌ର ଅଧ୍ୟକ୍ଷ ପ୍ରଫେସର ଡ. ସନ୍ତୋଷ କୁମାର ମହାପାତ୍ର, ଫାର୍ମାକୋଲୋଜି ବିଭାଗ ମୁଖ୍ୟ ଡ. ନିକୁଞ୍ଜ କିଶୋର ମିଶ୍ର ଏବଂ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ପ୍ରଫେସର ଡ. ଜିତେନ୍ଦ୍ର କୁମାର ସାମଲ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅତିଥିମାନେ ନିଜ ଅଭିଭାଷଣରେ ଫାର୍ମାସୀ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି କହିଥିଲେ ଯେ, ଫାର୍ମାସୀ ଏକ ଗୁରୁତ୍ୱପୂର୍ଣ୍ଣ ଓ ଦାୟିତ୍ୱପୂର୍ଣ୍ଣ ବୃତ୍ତି। ଔଷଧ ପ୍ରସ୍ତୁତି ପ୍ରଣାଳୀଠାରୁ ଆରମ୍ଭ କରି ରୋଗୀଙ୍କ କ୍ଷେତ୍ରରେ ଔଷଧର ସଠିକ୍ ପ୍ରୟୋଗ, ମାତ୍ରା ଓ ବ୍ୟବହାର ସମ୍ପର୍କରେ ଜ୍ଞାନ ଆହରଣ କରିବା ଏହି ପାଠ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହି କ୍ଷେତ୍ରରେ ସାମାନ୍ୟ ତ୍ରୁଟି ମଧ୍ୟ ରୋଗୀଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିପାରେ। ତେଣୁ ଛାତ୍ରଛାତ୍ରୀମାନେ ନିଷ୍ଠା ଓ ଏକାଗ୍ରତାର ସହ ପାଠପଢ଼ିବା ସହ ଆଧୁନିକ ଜ୍ଞାନକୌଶଳ ଓ ନୂତନ ପଦ୍ଧତିକୁ ଆପଣାଇ ନିଜକୁ ଜଣେ ଦକ୍ଷ ଫାର୍ମାସିଷ୍ଟ ଭାବେ ଗଢ଼ିତୋଳିବା ଆବଶ୍ୟକ। ଅତିଥିମାନେ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ଏହି ଅବସରରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ଶ୍ରୀସଦାଶିବ ପରିସରର ଅବସରପ୍ରାପ୍ତ ପ୍ରଫେସର ସୁଶ୍ରୀ ସ୍ନେହା ନନ୍ଦ ନୂତନ ଛାତ୍ରଛାତ୍ରୀଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଏଥିରେ ମହାବିଦ୍ୟାଳୟର ଅଧ୍ୟାପକ ସିଦ୍ଧେଶ୍ୱର ପାଟଯୋଶୀ ଓ ଅଧ୍ୟାପିକା ବିଦୁସ୍ମିତା ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକାମାନେ କାର୍ଯ୍ୟକ୍ରମର ସୁପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ବସନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

ବାଲୁକା ଆନିମେସନରେ ପଦ୍ମଶ୍ରୀ ଡା. ଅଶୋକ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ପୁରୀ,୩।୧୧(ସମିସ): ଓଡ଼ିଶାର ଗର୍ବ ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ରଙ୍କ ପ୍ରତି ଗଭୀର ସମ୍ମାନ ଓ ଶ୍ରଦ୍ଧା ଜଣାଇଛନ୍ତି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବାଲୁକା ଶିଳ୍ପୀ ତଥା ସ୍ୟାଣ୍ଡ ଆନିମେଟର ମାନସ କୁମାର ସାହୁ। ବାଲୁକା ଆନିମେସନ ମାଧ୍ୟମରେ ସେ ଡା. ମହାପାତ୍ରଙ୍କୁ ଏକ ହୃଦୟସ୍ପର୍ଶୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ପୁରୀସ୍ଥିତ ମାନସଙ୍କ ନିଜସ୍ୱ ଷ୍ଟୁଡିଓରେ ଏହି ସ୍ୱତନ୍ତ୍ର ବାଲୁକା ଆନିମେସନ ପ୍ରସ୍ତୁତ କରାଯାଇଛି। ଏହି କଳାକୃତିକୁ ସମ୍ପୂର୍ଣ୍ଣ କରିବା ପାଇଁ ପ୍ରାୟ ୧ ଘଣ୍ଟା ସମୟ ଲାଗିଥିଲା। ନିଜର ନିଖୁଣ କଳାକୌଶଳ, ସୂକ୍ଷ୍ମ କଳାତ୍ମକ ଉପସ୍ଥାପନା ଓ ସୃଜନଶୀଳତା ମାଧ୍ୟମରେ ମାନସ ଏହି କଳାକୃତିକୁ ଏକ ସ୍ୱତନ୍ତ୍ର ରୂପ ଦେଇଛନ୍ତି। ଡା. ମହାପାତ୍ରଙ୍କ ଉଲ୍ଲେଖନୀୟ ଅବଦାନ, ସଫଳତା ଓ ଗୌରବମୟ ଯାତ୍ରାକୁ ସମ୍ମାନ ଜଣାଇବା ସହ ତାଙ୍କ ପ୍ରତି ଥିବା ଶ୍ରଦ୍ଧାଭାବକୁ ଏହି ବାଲୁକା ଆନିମେସନ ମାଧ୍ୟମରେ ପ୍ରକାଶ କରିଛନ୍ତି ଶିଳ୍ପୀ ମାନସ। ବାଲୁକା କଳା କେବଳ ଏକ କଳାତ୍ମକ ଅଭିବ୍ୟକ୍ତି ନୁହେଁ, ବରଂ ଏହା ମାଧ୍ୟମରେ ମହାନ ବ୍ୟକ୍ତିତ୍ୱଙ୍କ ପ୍ରତି ସମ୍ମାନ, ଭଲପାଇବା ଓ କୃତଜ୍ଞତାକୁ ମଧ୍ୟ ପ୍ରକାଶ କରାଯାଇପାରେ। ମାନସଙ୍କ ଏହି ଅନନ୍ୟ କଳାତ୍ମକ ଉପସ୍ଥାପନା ତାହାର ଏକ ଉଦାହରଣ।



ନାମଫଳକରେ ସୀମିତ ବୋରୁହାଁ ଅଳକା ସେତୁ

ଡଙ୍ଗା ଭରସାରେ ବାଜିରେ ଲାଗୁଛି ଜୀବନ

ବାଲିକୁଦା,୩ା୧୧(ସମିସ)



ବାଲିକୁଦା ବ୍ଲକର ସମୁଦ୍ର ଉପକୂଳବର୍ତ୍ତୀ କୁସୁପୁର ପଞ୍ଚାୟତର ବୋରୁହାଁ ନିକଟ ଅଳକା ନଦୀ ଉପରେ ପ୍ରସ୍ତାବିତ ଉଚ୍ଚ ସେତୁ ନିର୍ମାଣ ପ୍ରକଳ୍ପ ଏବେ କେବଳ ନାମଫଳକରେ ସୀମିତ ରହିଛି। ୨୦୨୨ ମସିହାରେ ଏହି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲେ ମଧ୍ୟ ଦୀର୍ଘ ସାଢ଼େ ୪ ବର୍ଷରୁ ଊର୍ଦ୍ଧ୍ୱ ସମୟ ବିତିଯାଇଥିବା ସତ୍ତ୍ୱେ ନିର୍ମାଣ କାର୍ଯ୍ୟ ଆରମ୍ଭ ନହେବା ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ବାଲିକୁଦା ବ୍ଲକର କୁସୁପୁର ପଞ୍ଚାୟତ ଓ ଏରସମା ବ୍ଲକର ଗଡ଼ହରିଶପୁର ପଞ୍ଚାୟତକୁ ସିଧାସଳଖ ସଂଯୋଗ କରିବା ଲକ୍ଷ୍ୟରେ ଏହି ସେତୁ ନିର୍ମାଣ ପାଇଁ ଯୋଜନା ହୋଇଥିଲା। ପ୍ରଥମେ ୧୫ କୋଟି ୯ ୯ ଲକ୍ଷ ୭୩ ହଜାର ଟଙ୍କା ବ୍ୟୟ ଅଟକଳରେ ଟେଣ୍ଡର ହୋଇଥିବାବେଳେ ପରବର୍ତ୍ତୀ ସମୟରେ ଏହି ଅଟକଳ ପର୍ଯ୍ୟାପ୍ତ ନଥିବା ଦର୍ଶାଇ ଏହାକୁ ବୃଦ୍ଧି କରାଯାଇ ୨୭ କୋଟି ୩୩ ଲକ୍ଷ ୯୫ ହଜାର ଟଙ୍କା କରାଯାଇଥିଲା। ଏତେ ବଡ଼ ଅର୍ଥରାଶିର ପ୍ରକଳ୍ପ ହୋଇଥିଲେ ମଧ୍ୟ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ନହେବା ଅନେକ ପ୍ରଶ୍ନ ସୃଷ୍ଟି କରିଛି।

ସେତୁ ନିର୍ମାଣ ହେଲେ ଏରସମା ଯିବା ପାଇଁ ବର୍ତ୍ତମାନର ପ୍ରାୟ ୨୦ କିଲୋମିଟରର ଦୀର୍ଘ ବୁଲାଣିଆ ରାସ୍ତା ବଦଳରେ ସିଧାସଳଖ ଯାତାୟାତର ସୁବିଧା ମିଳିପାରିବ। ଏହାଦ୍ୱାରା ଉଭୟ ବ୍ଲକର ଲୋକଙ୍କ ଯାତାୟାତ ସହଜ ହେବା ସହ ସମୟ ଓ ଅର୍ଥର ସଞ୍ଚୟ ହୋଇପାରିବ। କିନ୍ତୁ ଏବେ ମଧ୍ୟ ମତ୍ସ୍ୟଜୀବୀ, ଚିଙ୍ଗୁଡ଼ି ଚାଷୀ, ଦିନମଜୁରିଆ ଓ ସାଧାରଣ ଲୋକ ଅଳକା ନଦୀ ପାର ହେବା ପାଇଁ ଡଙ୍ଗା ଉପରେ ନିର୍ଭର କରୁଛନ୍ତି। ଅନେକ ସମୟରେ ଗୋଟିଏ ଡଙ୍ଗାରେ ବାଇକ୍ ସହ ଏକାଧିକ ଲୋକ ନଦୀ ପାର ହେଉଥିବାରୁ ଯାତ୍ରୀଙ୍କ ସୁରକ୍ଷା ନେଇ ଆଶଙ୍କା ରହୁଛି। ଜୀବନକୁ ବାଜି ଲଗାଇ ନଦୀ ପାର ହେବାକୁ ପଡୁଥିବାରୁ ଏହି ସେତୁ ନିର୍ମାଣ ସ୍ଥାନୀୟ ଲୋକଙ୍କ ପାଇଁ ଏକ ଜରୁରୀ ଆବଶ୍ୟକତାରେ ପରିଣତ ହୋଇଛି। ଏଥିସହ ବୋରୁହାଁ ଜଙ୍ଗଲ ଓ ସମୁଦ୍ର ଉପକୂଳ ଅଞ୍ଚଳର ପର୍ଯ୍ୟଟନ ବିକାଶ, ବନ୍ୟଜନ୍ତୁ ସୁରକ୍ଷା, କାଠ ଚୋରାଚାଲାଣ ନିୟନ୍ତ୍ରଣ ଏବଂ ପାରାଦୀପ ଓ ଏରସମା ମଧ୍ୟରେ ଯାତାୟାତ ସୁବିଧା ବୃଦ୍ଧି କ୍ଷେତ୍ରରେ ଏହି ସେତୁର ଗୁରୁତ୍ୱ ରହିଛି ବୋଲି ଅଞ୍ଚଳବାସୀ ମତ ଦେଇଛନ୍ତି।

ଏହି ପ୍ରକଳ୍ପକୁ ନେଇ ଆଉ ଏକ ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି। ବିଭାଗୀୟ ରେକର୍ଡରେ କାର୍ଯ୍ୟ ଚାଲୁଥିବା ଦର୍ଶାଯାଉଥିବା ବେଳେ ବାସ୍ତବ କ୍ଷେତ୍ରରେ କୌଣସି ନିର୍ମାଣ କାର୍ଯ୍ୟ ଦୃଶ୍ୟମାନ ହେଉନାହିଁ। ଏନେଇ ପୂର୍ବରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଜିଲ୍ଲାପାଳ ମଧ୍ୟ ଘଟଣାକୁ ଗୁରୁତ୍ୱର ସହ ନେଇ ସଠିକ୍ ତଥ୍ୟ ଦାଖଲ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତେବେ ବିଭାଗୀୟ ରେକର୍ଡରେ କାମ ଚାଲୁ, ବାସ୍ତବରେ ଠପ୍ ବୋଲି ସାମାଜିକ କର୍ମୀ ସୁରେଶ ଲେଙ୍କାଙ୍କ ଅଭିଯୋଗ ପରେ ଜଳସମ୍ପଦ ବିଭାଗର ମୁଖ୍ୟ ଯନ୍ତ୍ରୀ ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏହାସତ୍ତ୍ୱେ ପ୍ରକଳ୍ପର ସ୍ଥିତିରେ ପରିବର୍ତ୍ତନ ଆସିନଥିବା ଅଭିଯୋଗ ହୋଇଛି। ବିଭାଗ ପକ୍ଷରୁ ଦିଆଯାଇଥିବା ଚିଠିରେ କେଉଁଠି କାର୍ଯ୍ୟ ଚାଲୁଥିବା ଦର୍ଶାଯାଇଛି ତ ଅନ୍ୟ ଏକ ଚିଠିରେ ମାଟି ପରୀକ୍ଷା ପାଇଁ ନମୁନା ଲାବୋରେଟୋରିକୁ ପଠାଯାଇଥିବା କୁହାଯାଇଛି।

ଅନ୍ୟପକ୍ଷରେ, ନକ୍ସା ଓ ଡିଜାଇନ୍ ସଂଶୋଧନ ପ୍ରକ୍ରିୟା ଏଯାଏଁ ସମ୍ପୂର୍ଣ୍ଣ ହୋଇନଥିବାରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ସଂଶୋଧିତ ଡିଜାଇନ୍ ଓ ବଜେଟ୍ ଅନୁମୋଦନ ପରେ ହିଁ କାର୍ଯ୍ୟ ଆଗକୁ ବଢ଼ିବ ବୋଲି କୁହାଯାଉଛି। ପ୍ରକଳ୍ପର ଏଭଳି ଅଚଳାବସ୍ଥାକୁ ନେଇ ସ୍ଥାନୀୟ ଲୋକଙ୍କ ଧୈର୍ଯ୍ୟଚ୍ୟୁତି ଘଟିଛି। ତୁରନ୍ତ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ନ କରାଗଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି କୁସୁପୁରର ପୂର୍ବତନ ସରପଞ୍ଚ ପ୍ରଶାନ୍ତ କୁମାର ହାତୀ, କଂଗ୍ରେସ ନେତା ବିବେକାନନ୍ଦ ସ୍ୱାଇଁ, ସାମ୍ବାଦିକ ତାପସ କୁମାର ସ୍ୱାଇଁ, ସୁରେଶ ସ୍ୱାଇଁ, ଗଙ୍ଗାଧର ନାୟକ, ପୁରୁଷୋତ୍ତମ ମଣ୍ଡଳ, ସତ୍ୟରଞ୍ଜନ ମଣ୍ଡଳ, ତରୁଣ ମାଇତି, ଭୂପେନ ଖୁଣ୍ଟିଆ ଓ ବୁଧେଶ୍ୱର ସ୍ୱାଇଁଙ୍କ ସମେତ ଅନ୍ୟ ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ଏସ୍‌ଡିଓ ପ୍ରକାଶ ଚନ୍ଦ୍ର ବେହେରା କହିଛନ୍ତି ଯେ, ଉକ୍ତ କାର୍ଯ୍ୟ ଓସିସି (ଓଡ଼ିଶା କନଷ୍ଟ୍ରକ୍ସନ କର୍ପୋରେସନ)କୁ ପ୍ରଦାନ କରାଯାଇଛି। ତେବେ କେଉଁ କାରଣରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ, ସେ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନା କରିବା ପରେ ମତ ରଖିପାରିବେ ବୋଲି ସେ କହିଛନ୍ତି।

ମହିଳାଙ୍କ ପରଲୋକ

ଏରସମା,୩ା୧୧(ସମିସ): ଏରସମା ଅଞ୍ଚଳର ରଙ୍ଗଲତା ସାହୁଙ୍କର ୮୫ ବର୍ଷ ବୟସରେ ଶନିବାର ସକାଳେ ସିହା ରେସିଡେନ୍ସିଠାରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ଶୁଭେଚ୍ଛୁଙ୍କ ମଧ୍ୟରେ ଗଭୀର ଶୋକ ପ୍ରକାଶ ପାଇଛି। ତାଙ୍କ ଶେଷକୃତ୍ୟ ସମୟରେ ସମସ୍ତ ପୁତ୍ର, ପୁତ୍ରବଧୂ, କନ୍ୟା, ଜାମାତା ଓ ନାତିନାତୁଣୀ ଉପସ୍ଥିତ ଥିଲେ। ଜ୍ୟେଷ୍ଠ ପୁତ୍ର ଶିଶିର କୁମାର ସାହୁ ମୁଖାଗ୍ନି ଦେଇଥିଲେ।

ଶ୍ରୀମନ ନାରାୟଣ ମିଶ୍ରଙ୍କୁ ଓଲିଉଡ୍ ନ୍ୟୁଜ ସମ୍ମାନ



ପାରାଦୀପ,୩ା୧୧(ସମିସ): ଓଡ଼ିଆ ନାଟ୍ୟ ନିର୍ଦ୍ଦେଶନା ଓ ଅଭିନୟ ଜଗତରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ପାରାଦୀପ ବନ୍ଦରରେ ଆସିଷ୍ଟାଣ୍ଟ ଟ୍ରାଫିକ ମ୍ୟାନେଜର ଭାବେ କାର୍ଯ୍ୟରତ ଶ୍ରୀମନ୍ ନାରାୟଣ ମିଶ୍ରଙ୍କୁ ଓଲିଉଡ୍ ନ୍ୟୁଜ୍ ଆୱାର୍ଡରେ ଶ୍ରେଷ୍ଠ ଅଭିନେତା ଭାବେ ସମ୍ମାନିତ କରାଯାଇଛି। ଓଲିଉଡ୍ ନ୍ୟୁଜ୍ ପକ୍ଷରୁ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପ ଠାରେ ଆୟୋଜିତ ପ୍ରଥମ ବାର୍ଷିକ ପୁରସ୍କାର ଉତ୍ସବରେ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଓଲିଉଡ଼ ଜଗତର ଜଣାଶୁଣା କଳାକାର ଅଶ୍ରୁମୋହନ ମହାନ୍ତି, ଲାଲା ବିରେନ ରାୟ, ଓଡିଶା ଅଲମ୍ପିକ ଆସୋସିଏସନର ସଭାପତି ସମୀର ମହାନ୍ତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ଶ୍ରୀମନ୍‌ର ଅଭିନୟ ପ୍ରତିଭା, ନାଟକ ପ୍ରତି ଆଗ୍ରହ, ସୃଜନଶୀଳ ଚିନ୍ତାଧାରା ଓ କଳା କ୍ଷେତ୍ର ପ୍ରତି ସମର୍ପଣକୁ ଏହି ସମ୍ମାନର ଆଧାର ଭାବେ ବିବେଚନା କରାଯାଇଛି। ଏହି ସମ୍ମାନ ପାଇବା ପରେ ଶ୍ରୀମନ୍ ମିଶ୍ର ଓଲିଉଡ୍ ନ୍ୟୁଜର ପ୍ରକାଶକ ପ୍ରସନ୍ନ ପୃଷ୍ଟି, ଜୁରି କମିଟିର ସମସ୍ତ ସଦସ୍ୟ, ସହକଳାକାର, ନିର୍ଦ୍ଦେଶକ, ଶୁଭେଚ୍ଛୁ ଓ ତାଙ୍କୁ ଭଲପାଉଥିବା ସମସ୍ତଙ୍କ ପ୍ରତି ହୃଦୟରୁ କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ମିଶ୍ର ନାଟ୍ୟ ସଂସ୍ଥା କ୍ୟାନମାସର ନିର୍ଦ୍ଦେଶକ ଭାବରେ ପାରାଦୀପକୁ ଭାରତ ନାଟ୍ୟ ମାନଚିତ୍ରରେ ସ୍ଥାନିତ କରିପାରିଛନ୍ତି।

ସଂଗ୍ରାମୀ ପ୍ରିୟନାଥ ଦେଙ୍କ ଜୟନ୍ତୀ



ଜଗତସିଂହପୁର,୩ା୧୧(ସମିସ): ସ୍ୱାଧୀନତା ସଂଗ୍ରାମର ଏକ୍ତୁଡ଼ିଶାଳ ଭାବେ ପରିଚିତ ଜଗତସିଂହପୁର ଜିଲ୍ଲାର ଚାଟ୍ରା ସ୍ଥିତ ଐତିହାସିକ ଅଳକା ଆଶ୍ରମ ପରିସରରେ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ବିଧାୟକ ପ୍ରିୟନାଥ ଦେଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଆଶ୍ରମର କୋଷାଧ୍ୟକ୍ଷ ବିଜୟ କୁମାର ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଭାପତି ଗୌରାଙ୍ଗ ଚରଣ ହୋତା, ଶିକ୍ଷାବିତ ନିରଞ୍ଜନ ବିଶ୍ୱାଳ, ବିଜୟ କୁମାର ବିଶ୍ୱାଳ, ଉତ୍କଳ ରଞ୍ଜନ ମହାନ୍ତି ଏବଂ ପ୍ରତାପ କୁମାର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ସେହିପରି ଅଳକା ଆଶ୍ରମର ବରିଷ୍ଠ ସଦସ୍ୟ ଲାଲା ସଂଗ୍ରାମ କେଶରୀ ରାୟ, ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ସୋମନାଥ ମହାରଣା, ସୋମନାଥ ପଣ୍ଡା, ପଦରଜ ଉମାକାନ୍ତ ନାୟକ, ଶରତ ଚନ୍ଦ୍ର ବାରିକ, ଭରତ ଚନ୍ଦ୍ର ସାହୁ ଏବଂ ସବିତା ମହାନ୍ତି ପ୍ରମୁଖ ଏଥିରେ ଯୋଗଦେଇ ଜଣେ ସ୍ୱାଧୀନତା ସଂଗ୍ରାମୀ, ଆଦର୍ଶ ଶିକ୍ଷକ, ସମାଜ ସେବକ ଏବଂ ରାଜନେତା ଭାବରେ ସ୍ୱର୍ଗତ ଦେଙ୍କ ଅବଦାନ ତଥା କାର୍ଯ୍ୟଧାରା ବିଷୟରେ ଆଲୋଚନା କରିଥିଲେ। ଆଶ୍ରମର ଉପ ସଭାପତି ଭଗବାନ ଦାଶ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଜଗତସିଂହପୁରର ଗର୍ବ ଓ ଗୌରବ ଅନ୍ନପୂର୍ଣ୍ଣା ମହାରଣା



ଜଗତସିଂହପୁର,୩ା୧୧(ସମିସ): ଜଗତସିଂହପୁର ସଦର ବ୍ଲକ ଅନ୍ତର୍ଗତ ଓଡିଶାଗଡ଼ ସ୍ଥିତ ପ୍ରଫୁଲ ପାଠାଗାର ପରିସରରେ ଶିକ୍ଷାବିତ ରବୀନ୍ଦ୍ରନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରଣାଙ୍କ ୧୦୯ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ ବଂଶୀଧର ଆଚାର୍ଯ୍ୟ, ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ ପ୍ରଦ୍ୟୁମ୍ନ କୁମାର ସାହୁ, ଆଇନଜୀବୀ ଶିବ ପ୍ରସାଦ ମାଝୀ ପ୍ରମୁଖ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ଅନ୍ନପୂର୍ଣ୍ଣା ମହାରଣାଙ୍କ ଜୀବନୀ, ସମାଜ ସେବା, ତ୍ୟାଗ ଓ ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଅବଦାନକୁ ସ୍ମରଣ କରିଥିଲେ। ଏହି ସଭାରେ ଶିକ୍ଷାବିତ ସତ୍ୟବାଦୀ ଦାସ, ସଞ୍ଜୟ କୁମାର ସାମନ୍ତସିଂହାର, ପ୍ରତାପ କୁମାର ରାଉତରାୟ, କୈଳାଶ ଚନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ପାଠାଗାରର ଉପସଭାପତି ସୁରେନ୍ଦ୍ର କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

ରାଜ୍ୟ ଦୃଷ୍ଟିବାଧିତ ଓ ପାରା ଜୁଡୋ ଚାମ୍ପିଅନସିପ୍ ଉଦ୍‌ଯାପିତ



ପାରାଦୀପ,୩ା୧୧(ସମିସ): ପାରାଦୀପ ଇଣ୍ଡୋର ଷ୍ଟାଡିୟମ ଠାରେ ତିନିଦିନ ଧରି ଚାଲିଥିବା ତୃତୀୟ ରାଜ୍ୟ ଦୃଷ୍ଟିବାଧିତ ଓ ପାରା ଜୁଡ଼ୋ ଚାମ୍ପିଅନସିପ୍ ଉଦଯାପିତ ହୋଇଯାଇଛି। ଏହି କ୍ରୀଡା ପ୍ରତିଯୋଗିତାକୁ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଗତ ୩୧ ତାରିଖରେ ଉଦଘାଟନ କରିଥିଲେ। ରାଜ୍ୟ ଦୃଷ୍ଟିବାଧିତ ଓ ପାରା ଜୁଡ଼ୋ ଆସୋସିଏସନ ଦ୍ୱାରା ଆୟୋଜିତ ଏହି ପ୍ରତିଯୋଗିତାରେ ୨୧ଟି ଜିଲ୍ଲାର ୨୫୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଦଳଗତ ଭାବେ ସବ୍-ଜୁନିଅର ବର୍ଗରେ ବାଲେଶ୍ୱର ଦଳ ଚାମ୍ପିଅନ, ଯୁବ ବର୍ଗରେ ସମ୍ବଲପୁର ଏବଂ ବରିଷ୍ଠ ବର୍ଗରେ ଜଗତସିଂହପୁର ଦଳ ଚାମ୍ପିଅନ ହୋଇଥିଲେ। ଉଦଯାପନୀ ସମାରୋହରେ ଇଫ୍‌କୋ ପାରାଦୀପ ୟୁନିଟ ମୁଖ୍ୟ ଅନିରୁଦ୍ଧ ବିକ୍ରମ ସିଂହ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଇଫକୋ ଡିଜିଏମ ବିଜୟ କୁମାର ପରିଡା, ଏଏମଏନଏସ ଓଡିଶା ପରିଚାଳନା ମୁଖ୍ୟ ୟୁଏସଆର୍ ରାଜୁ, ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା, ମନ୍ତ୍ରୀଙ୍କ ପ୍ରତିନିଧି ସର୍ବେଶ୍ୱର ବଳିୟାରସିଂହ ଏବଂ ପାରିଷଦ ସୁବ୍ରତ ପ୍ରଧାନ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ଏହି ପ୍ରତିଯୋଗିତାର ସଫଳତା ପାଇଁ ଆସୋସିଏସନର ସେକ୍ରେଟାରୀ ଜେନେରାଲ ଲୋପାମୁଦ୍ରା ପତି ସମସ୍ତ ଜିଲ୍ଲା ପ୍ରଶାସନ, ସହଯୋଗୀ ମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ବଡ଼ପଡ଼ିଆରେ ବାଣ ଚଢ଼ଉ

ପାରାଦୀପ,୩ା୧୧(ସମିସ): ପାରାଦୀପ ଆଦର୍ଶ ଥାନା ପୁଲିସ ବଡପଡିଆ ମାର୍କେଟରେ ସର୍ଚ୍ଚ ଅପରେସନ କରୁଥିବା ବେଳେ ଆଜି ଜଣେ ବେଆଇନ ବାଣ ଦୋକାନ ଉପରେ ଚଢ଼ଉ କରିଛି। ବିଶେଷ ସୂତ୍ରରୁ ଖବର ପାଇ ପାରାଦୀପ ବଡପଡିଆ ମାର୍କେଟରେ ବେନିୟମ ଭାବେ ବାଣ ବିକୁଥିବା ଅଭିଯୋଗରେ ଜଣକୁ ଉଠାଇ ଆଣି ଆଦର୍ଶ ଥାନାରେ ଅଟକ ରଖିଛି। ତା ନିକଟରୁ ୨୦ ହଜାର ଟଙ୍କାରୁ ଊର୍ଦ୍ଧ୍ୱ ବାଣ ଜବତ କରାଯାଇଛି। ଗତ ରବିବାର ଜଗତସିଂହପୁର ସଅଁରା ଛକରେ ବନ୍ଦ ଦୋକାନ ଘରେ ଲକ୍ଷାଧିକ ଟଙ୍କାର ବାଣ ଗଚ୍ଛିତ ଥିବା ଅଭିଯୋଗରେ ଚଢ଼ଉ କରି ମଧ୍ୟ ତିନିଜଣଙ୍କୁ ଗିରଫ କରିଥିଲା। ଏବେ ଆଜି ପାରାଦୀପରେ ମଧ୍ୟ ସେହିଭଳି

ଭାଗବତ ମଇଦାନରେ ପ୍ରବଚନ ଓ ଜ୍ଞାନଯଜ୍ଞ

ପାରାଦୀପ,୩ା୧୧(ସମିସ): ବାବା ବୈକୁଣ୍ଠ ନାଥ ଭାଗବତ ପ୍ରଚାର ସମିତି ପକ୍ଷରୁ ଜିଜେଏଆଇ କଲୋନୀ ଭାଗବତ ମଇଦାନରେ ସପ୍ତାହ ବ୍ୟାପୀ ପ୍ରବଚନ, ପାରାୟଣ ଓ ନାମଯଜ୍ଞ ଆରମ୍ଭ ହୋଇଛି। ପ୍ରତ୍ୟେହ ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ସଂସ୍କୃତିର ରାଷ୍ଟ୍ରୀୟ ପ୍ରଚାରକ ବାବାଜୀ ସତ୍ୟାନନ୍ଦ ଦାସ ମହାରାଜ ପ୍ରବଚନ ପ୍ରଦାନ କରିବେ। କାର୍ଯ୍ୟକ୍ରମକୁ ପୁରୀ ରାଧା ବଲ୍ଲଭ ମଠର ସନ୍ଥ ଶ୍ରୀରାମ କୃଷ୍ଣ ଦାସ ମହାରାଜ ଯୋଗ ଦେଇ ଉଦଘାଟନ କରିବେ। ବାବାଜୀ ସତ୍ୟାନନ୍ଦ ଦାସଙ୍କ ଆହ୍ୱାନ କ୍ରମେ ଭୁବନ ମହାରଣା, ବିଶ୍ୱନାଥ ଆଚାର୍ଯ୍ୟ, ସୁବାସ ଚନ୍ଦ୍ର ବିଶ୍ୱାଳ, ନିତ୍ୟାନନ୍ଦ ସ୍ୱାଇଁ, ପଦ୍ମନାଭ ଦାସ, ଗୁଲୁବାସ ପ୍ରଧାନ, ଅଶୋକ ମହାରଣା ଓ ଦର୍ପ ଗଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମର ତଦାରଖ କରିବେ।

ପାରାଦୀପ ରିଫାଇନାରୀରେ ଶ୍ରମିକଙ୍କ ବୈଠକ

ଦରମା ୧୩୨ ଟଙ୍କା ବୃଦ୍ଧିନେଇ ଅସନ୍ତୋଷ

ପାରାଦୀପ, ୩ା୧୧(ସମିସ): ଆଇଓସିଏଲ ପାରାଦୀପ ରିଫାଇନାରୀରେ କାର୍ଯ୍ୟରତ ଠିକା ଶ୍ରମିକମାନଙ୍କ ହକ୍ ଓ ମୌଳିକ ଅଧିକାର ସହିତ ଦରମା ବୃଦ୍ଧି ବାବଦରେ ଆଜି ଆଇଓସିଏଲ କର୍ତ୍ତୃପକ୍ଷଙ୍କ ସହ ପାରାଦୀପ-ଏରସମା ଶିଳ୍ପାଞ୍ଚଳ ଶ୍ରମିକ ସଂଘର ସଭାପତି ବାପି ସର୍ଖେଲ ଆଲୋଚନା କରିଛନ୍ତି। ଏଥିରେ ଅନ୍ୟ ୟୁନିୟନ ଦ୍ୱାରା ଶ୍ରମିକ ମାନଙ୍କ ଦରମାରେ ୧୩୨ ଟଙ୍କା ବଢିବାକୁ ନେଇ ହୋଇଥିବା ଆଲୋଚନାରେ ସଭାପତି ଶ୍ରୀ ସର୍ଖେଲ ଆଦୌ ରାଜି ନୁହନ୍ତି ବୋଲି ମ୍ୟାନେଜମେଣ୍ଟକୁ ରୋକଠୋକ ଜଣାଇଦେଇଥିଲେ। ଆଇଓସିଏଲ କର୍ତ୍ତୃପକ୍ଷ ଏ ସମ୍ପର୍କରେ ଆଲୋଚନା ଜାରି ରଖିଛନ୍ତି, ଆଉ ଗୋଟେ ଡେଟ କରି ଡାକି ଆଲୋଚନା କରିବା ନେଇ କହିଛନ୍ତି। ତେବେ ଏହି ୧୩୨ ଟଙ୍କା ଶ୍ରମିକମାନଙ୍କ ବର୍ଦ୍ଧିତ ଦରମା ଆଦୌ ଗ୍ରହଣ ଯୋଗ୍ୟ ନୁହେଁ, ଏହାର ପୁନର୍ବିଚାର କରି ୧ସପ୍ତାହ ମଧ୍ୟରେ ଜଣାନ୍ତୁ, ନହେଲେ ୟୁନିୟନ ଆନ୍ଦୋଳନକୁ ଓହ୍ଲାବାକୁ ବାଧ୍ୟ ହେବ। ଆଜି ୟୁନିୟନର ସମସ୍ତ ଶ୍ରମିକ ଓ କର୍ମକର୍ତ୍ତାଙ୍କ ମଧ୍ୟରେ ଏକ ସାଧାରଣ ବୈଠକ ଡକାଯାଇ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ସମସ୍ତ ଶ୍ରମିକମାନେ ଡିୟୁଟି ଛାଡି ଉପସ୍ଥିତ ଥିଲେ। ଏକ ସପ୍ତାହ ମଧ୍ୟରେ ଆଇଓସିଏଲ ମ୍ୟାନେଜମେଣ୍ଟ ଡାକି ସବୁ ସେଟେଲମେଣ୍ଟ କରନ୍ତୁ ନଚେତ ଆଗାମୀ ଦିନରେ ରିଫାଇନାରୀ ଫାଟକ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ ଜଣାଇବାକୁ ବାଧ୍ୟ ହେବେ ବୋଲି ସ୍ଥିର କରାଯାଇଛି।

ନ୍ୟାସନାଲ ସ୍କୁଲରେ ବିଜ୍ଞାନ ମେଳା ଉଦ୍‌ଘାଟିତ



କୁଜଙ୍ଗ,୩ା୧୧(ସମିସ): ସ୍ଥାନୀୟ ନ୍ୟାସନାଲ ସ୍କୁଲ ପରିସରରେ ଦୁଇଦିନିଆ ବିଜ୍ଞାନ ମେଳା ଉଦଘାଟିତ ହୋଇଯାଇଛି। ମଙ୍ଗଳବାର ସେଣ୍ଟ ଜାଭିଅର ଇଣ୍ଟରନ୍ୟାସନାଲ ସ୍କୁଲର ୨୫୦ରୁ ଅଧିକ କୁନି ବିଜ୍ଞାନୀ ଛାତ୍ରଛାତ୍ର ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ଅଧିକ ସଂଖ୍ୟକ ପ୍ରକଳ୍ପ ବର୍ତ୍ତମାନ ବିଶ୍ୱସ୍ତରୀୟ ପରିବେଶ ସନ୍ତୁଳନର ଓ ମାନବ ଜାତିର ସୁରକ୍ଷା ସମ୍ପର୍କିତ ପ୍ରଦର୍ଶନ ହୋଇଥିଲା। ନ୍ୟାସନାଲ ସ୍କୁଲ ପ୍ରିନସିପାଲ ପ୍ରମିଳା ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜ୍ଞାନ ପ୍ର. ଡ. ସଦାଶିବ ସାହୁ ଯୋଗଦେଇ ବିଜ୍ଞାନର ବିକାଶ ଆମକୁ ଗତିଶିଳ କରିଥିବା ବେଳେ ତାହାର ମନସ୍କ ହେବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଶିକ୍ଷାବିତ ବିଭୁତି ଭୂଷଣ ଦାସ, ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଡ. ଗଙ୍ଗାଧର ସାମନ୍ତରାୟ, ସ୍କୁଲ ଚେୟାରମ୍ୟାନ ଡ. ରଘୁନାଥ ସାହୁ, ସେଣ୍ଟ ଜାଭିଅର ଇଣ୍ଟର ନ୍ୟାସନାଲ ସ୍କୁଲର ପ୍ରିନ୍‌ସିପାଲ ସୁଧାକର ବିଶ୍ୱାଳ ବକ୍ତବ୍ୟ ରଖିଥିଲେ। ସ୍କୁଲ ଭାଇସ ପ୍ରିନସିପାଲ ସଞ୍ଜୟ ଓଝା ଧନ୍ୟବାଦ ପ୍ରଦାନ କରିଥିଲେ। ବିଚାରକ ଭାବେ ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ ସୁଶାନ୍ତ ସାହୁ ଯୋଗଦେଇଥିଲେ। ଶ୍ରୀୟାଶାଳିନୀ ଦାସ, ଅମରଜ୍ୟୋତି ଶତପଥୀ ଓ ପ୍ରତିଶା ଦାସଙ୍କ ପ୍ରଦର୍ଶିତ ପ୍ରକଳ୍ପ ବେଶ ପ୍ରଶଂସନୀୟ ହୋଇଥିଲା।

ଆଇନ ସେବା ପ୍ରାଧିକରଣ ପକ୍ଷରୁ ଏକତା ଦିବସ



ଜଗତସିଂହପୁର, ୩ା୧୧(ସମିସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ ଅନ୍ତର୍ଗତ ତରିକୁନ୍ଦ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଓ ଦୌରା ଜଜ୍ ତଥା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତରଫରୁ ଲୌହମାନବ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ଜୟନ୍ତୀ ଅବସରରେ ଏକତା ଦିବସ ପାଳନ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ବିଡିଡି ଚନ୍ଦନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟତ୍ରୀ, ଶିକ୍ଷକ-ଶିକ୍ଷୟତ୍ରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ସମସ୍ତ ଛାତ୍ରଛାତ୍ରୀଙ୍କୁ ଏକତା ଓ ସୁରକ୍ଷାର ଶପଥ ପାଠ କରାଇଥିଲେ। ଏହା ସହ 'ସୁରକ୍ଷିତ ବଚପନ୍' ଅଭିଯାନ ଅନୁଯାଇ ଛାତ୍ରଛାତ୍ରୀଙ୍କୁ ପୋକ୍‌ସୋ ଆଇନ ବିଷୟରେ ମଧ୍ୟ ସଚିବ ବୁଝାଇଥିଲେ।

ଦେବୀଦୋଳ ଉପନିବନ୍ଧକଙ୍କ କାର୍ଯ୍ୟାଳୟରେ ବୃକ୍ଷ ରୋପଣ

ନାଉଗାଁ,୩ା୧୧(ସମିସ): ଉତ୍କଳ ସୁପୁତ୍ର ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଦେବୀଦୋଳ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ପରିସରରେ ଏକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ଆଶୁତୋଷ ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ ଯୋଗଦେଇ ବିଭିନ୍ନ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବୀଦୋଳ ଉପନିବନ୍ଧକ ସାହିନ୍ ନାଜ୍, ମୁଖ୍ୟ କିରାଣି ସୁବ୍ରତ କୁମାର ସାହୁ, ଜିଲ୍ଲା ପରିଷଦ ସଭ୍ୟା ଅମିତା ସ୍ୱାଇଁ, ପ୍ରଫୁଲ୍ଲ କୁମାର ଆଚାର୍ଯ୍ୟ, ଦେବୀପ୍ରସାଦ ପାଢ଼ୀ, ରବୀନ୍ଦ୍ର ପାଢ଼ୀ, ତାପଶ ଦାସ ପ୍ରମୁଖ ଉପସ୍ଥିତ ରହିଥିବା ବେଳେ କାର୍ଯ୍ୟକ୍ରମକୁ ଟ୍ରଷ୍ଟର ଉପାଧ୍ୟକ୍ଷ ପ୍ରଦୀପ କୁମାର ରାଉତ, କୋଷାଧ୍ୟକ୍ଷ ବିଶ୍ୱରଞ୍ଜନ ରାଉଳ, ଆଶୁତୋଷ ପରିଡ଼ା, ଅଶୋକ ଓଝା, ସୁମନ ମହାପାତ୍ର ଓ ଅନ୍ୟ ସଦସ୍ୟ ମାନେ ପରିଚାଳନା କରିଥିଲେ।

ପୋର୍ଟ ଓ ଡକ କର୍ମଚାରୀଙ୍କ କୋର କମିଟି ବୈଠକ

ପାରାଦୀପ,୩ା୧୧(ସମିସ): ପୋର୍ଟ ଓ ଡକ୍ କର୍ମଚାରୀଙ୍କ ଦୁଇଦିନିଆ କମିଟି ବୈଠକ ତାମିଲନାଡୁର ତୁଟିକାରିନରେ ୬ଟି ସ୍ୱୀକୃତିପ୍ରାପ୍ତ ଫେଡରେସନ ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଲାଗୁ ହେବାକୁ ଥିବା ୫ ବାର୍ଷିଆ ନୂଆ ବେତନ ଚୁକ୍ତିକୁ ନେଇ ନିଷ୍ପତ୍ତି ହୋଇଛି। ବୈଠକରେ ଦେଶର ସମସ୍ତ ପ୍ରମୁଖ ବନ୍ଦରରେ କାର୍ଯ୍ୟରତ ଗ୍ରୁପ 'ସି' ଓ 'ଡି' ପୋର୍ଟ ଏବଂ ଡକ କର୍ମଚାରୀଙ୍କ ବେତନ ସଂଶୋଧନ, ଅବସରକାଳୀନ ସୁବିଧା ଏବଂ ଅନାନ୍ୟ ସେବା ସର୍ତ୍ତାବଳିକୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ଆସନ୍ତା ୧ ଜାନୁୟାରୀ ୨୦୨୭ ରୁ କାର୍ଯ୍ୟକାରୀ ହେବାକୁ ଥିବା ପରବର୍ତ୍ତୀ ୫ ବର୍ଷୀୟା ବେତନ ଚୁକ୍ତି ପାଇଁ ଦେଶର ୬ଟି ସ୍ୱୀକୃତିପ୍ରାପ୍ତ ଫେଡରେସନ ପକ୍ଷରୁ ମିଳିତ 'ଚାର୍ଟର ଅଫ ଡିମାଣ୍ଡ' ଆନୁଷ୍ଠାନିକ ଭାବେ ପ୍ରସ୍ତୁତ କରାଯାଇ ସମସ୍ତ ପ୍ରମୁଖ ବନ୍ଦର ପ୍ରାଧିକରଣର ଅଧ୍ୟକ୍ଷଙ୍କୁ ପ୍ରଦାନ କରାଯାଇଛି। ବୈଠକରେ ସମସ୍ତ ୬ଟି ମାନ୍ୟତା ପ୍ରାପ୍ତ ଫେଡରେସନର ରାଷ୍ଟ୍ରୀୟ ସଭାପତି ଓ ସାଧାରଣ ସମ୍ପାଦକ ମାନେ ଉପସ୍ଥିତ ରହି ଦାବିପତ୍ରର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକରେ ଭାରତୀୟ ପୋର୍ଟ ଆଣ୍ଡ ଡକ୍ ମଜଦୂର ମହାସଂଘ ପକ୍ଷରୁ ସର୍ବଭାରତୀୟ ସଭାପତି ଶ୍ରୀକାନ୍ତ ରାୟ ଏବଂ ସାଧାରଣ ସମ୍ପାଦକ ସୁରେଶ ପାଟିଲ ଯୋଗ ଦେଇ କର୍ମଚାରୀଙ୍କ ମୌଳିକ ସମସ୍ୟା ଉପସ୍ଥାପନ କରିଥିଲେ। ବନ୍ଦର ଗୁଡିକରେ କାର୍ଯ୍ୟରତ ଠିକା ଶ୍ରମିକ ଓ କର୍ମଚାରୀଙ୍କ ବେତନ ସଂଶୋଧନ ଏବଂ ସେମାନଙ୍କ ସେବା ସର୍ତ୍ତାବଳୀରେ ଉନ୍ନତି ଆଣିବା, ପୂର୍ବ ବେତନ ଚୁକ୍ତିର ଅବଧି ୩୧ ଡିସେମ୍ବର ୨୦୨୬ରେ ଶେଷ ହେବାକୁ ଯାଉଥିବା ବେଳେ ନୂତନ ଚୁକ୍ତି ବିଳମ୍ବ ନ ହୋଇ ତୁରନ୍ତ ନୂତନ କାର୍ଯ୍ୟକାରୀ ହୋଇ ପାରିବ ଆଦି ନେଇ ଆଲୋଚନା କରାଯାଇଥିଲା।

ଜିରୋପଏଣ୍ଟରେ ଟ୍ରକ୍ ଧକ୍କାରେ ବ୍ୟବସାୟୀ ମୃତ

ଉତ୍ତ୍ୟକ୍ତ ଲୋକଙ୍କ ଶବ ରଖି ରାଜପଥରେ ଧାରଣା

ପାରାଦୀପ,୩ା୧୧(ସମିସ)



ପାରାଦୀପ-ଚଣ୍ଡିଖୋଲ ରାସ୍ତାର ୫୩ ନଂ. ଜାତୀୟ ରାଜପଥ ଜିରୋ ପଏଣ୍ଟ ନିକଟରେ ଆଜି ଅପରାହ୍ନରେ ଏକ ସଡକ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ବଡପଡିଆ ମାର୍କେଟର ଜଣେ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ଦୋଛକି ନିକଟ ଉଦୟବିହାର ଅଞ୍ଚଳରେ ରହୁଥିଲେ। ତାଙ୍କର ନାଁ ହେଲା ନବଘନ ପରିଡ଼ା (୬୫)। ମୃତକ ନବଘନ ଆଜି ଅପରାହ୍ନରେ ପାରାଦୀପଗଡ ଠାରେ ଥିବା ବିଦ୍ୟୁତ ବିଭାଗ ଅଫିସରେ ବିଦ୍ୟୁତ ବିଲ୍ ଜମା କରି ଘରକୁ ବାଇକରେ ଫେରୁଥିଲେ। ଦୋଛକିରେ ନିଜ ରହୁଥିବା କଲୋନୀ ଆଡକୁ ଯିବା ସମୟରେ ଚଣ୍ଡିଖୋଲ ଦିଗରୁ ପାରାଦୀପ ଆସୁଥିବା ଏକ ଟ୍ରକ (ଓଡି୦୫ ଓ୍ୱାଇ ୮୩୩୬) ତାଙ୍କୁ ଧକ୍କା ଦେଇଥିଲା। ଫଳରେ ସେ ଟ୍ରକ ଚକା ତଳେ ଚାପି ହୋଇ ଯାଇଥିଲେ। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକମାନେ ଉଦ୍ଧାର କରି ବିଜୁ ମେମୋରିଆଲ ହସପିଟାଲରେ ଭର୍ତ୍ତି କରିଥିଲେ ହେଁ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଲକଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ସମ୍ପୃକ୍ତ ଟ୍ରକ ଓ ବାଇକକୁ ଜବତ କରି ଥାନାକୁ ଆଣିଥିଲେ। ସନ୍ଧ୍ୟାରେ ଉଦୟବିହାର ବାସିନ୍ଦା ମାନେ ଦୋଛକିରେ ପହଞ୍ଚି ରାସ୍ତା ଅବରୋଧ କରିବା ସହିତ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଫଳରେ ଗାଡି ଚଳାଚଳ ଠପ ହୋଇ ଯାଇଥିଲା। ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ଧାରଣାକାରୀଙ୍କ ସହିତ ଆଲୋଚନା କରିଥିଲେ। ଖବର ଲେଖା ହେବା ବେଳକୁ ଧାରଣା ଜାରି ରହିଥିଲା।

ଅନ୍ଧାରରେ ତରଭା ନବୋଦୟ ରାସ୍ତା; ବଢୁଛି ଅସାମାଜିକ କାର୍ଯ୍ୟକଳାପ

ତରଭା, ୩।୧୧(ସମିସ)

ସୁବର୍ଣ୍ଣପୁର ଜିଲ୍ଲା ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ଜବାହର ନବୋଦୟ ବିଦ୍ୟାଳୟ ରାସ୍ତାରେ ମାସ ମାସ ଧରି ଷ୍ଟ୍ରିଟ୍ ଲାଇଟ୍ ଜଳୁନାହିଁ। ଫଳରେ ଅନ୍ଧାରରେ ଯାତାୟାତ କରିବାକୁ ପଡୁଛି। ଏନଏସି ସ୍ୱାଗତ ଫାଟକ ଠାରୁ ନବୋଦୟ ବିଦ୍ୟାଳୟ ପର୍ଯ୍ୟନ୍ତ ଏହି ରାସ୍ତାରେ ୫୪ଟି ଖୁଣ୍ଟ ରହିଛି, କିନ୍ତୁ ଗୋଟିଏ ହେଲେ ଖୁଣ୍ଟରେ ଲାଇଟ୍ ଜଳୁନାହିଁ। ରାସ୍ତା କଡରେ ନିର୍ମାଣାଧୀନ କଚେରୀ କୋଠା, ପରିତ୍ୟକ୍ତ ଭଙ୍ଗା ଆରଡି କାର୍ଯ୍ୟାଳୟ ଓ ଘଞ୍ଚ ବୁଦା ବୁଦି ଜଙ୍ଗଲ



ରହିଛି। ଏହି ରାସ୍ତା ଦେଇ ପ୍ରତିଦିନ ନବୋଦୟ ଛାତ୍ରଛାତ୍ରୀ, ଅଭିଭାବକ, କଲେଜ ଛାତ୍ରଛାତ୍ରୀ, ସନ୍ଧ୍ୟାରେ ଟ୍ୟୁସନ ଫେରନ୍ତା ଛାତ୍ରଛାତ୍ରୀ ଏବଂ ସିଲାଟିମୁଣ୍ଡା, ଦେଓଗାଁ ଭଳି ଗ୍ରାମବାସୀ ଯାତାୟାତ କରନ୍ତି। ରାତିରେ ଲାଇଟ୍ ନ ଜଳିବାରୁ ଲୋକେ ନାନା ଅସୁବିଧା ଭୋଗୁଛନ୍ତି। ଅନେକ ସମୟରେ ଅସାମାଜିକ ବ୍ୟକ୍ତିଙ୍କ ଶିକାର ହେଉଥିବା ଅଭିଯୋଗ ମଧ୍ୟ ହେଉଛି। ବିଶେଷ କରି ବୁଦା ଜଙ୍ଗଲ ଓ ଭଙ୍ଗା ଆରଡି କାର୍ଯ୍ୟାଳୟ ପରିସରରେ ସନ୍ଧ୍ୟା ପରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଯିବା ଆସିବା କରୁଥିବା ଲୋକେ ସବୁବେଳେ ଭୟ ଆଶଙ୍କାରେ ରହୁଛନ୍ତି।

ଏ ନେଇ ବହୁବାର ତରଭା ଏନଏସି କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରାଯାଇଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି। ପରିଷଦ ଅଧିକାରୀ ଲାଇଟ୍ ଲଗାଇବା କାମ ବଜାଜ କମ୍ପାନୀର, କେବଳ ରକ୍ଷଣାବେକ୍ଷଣ ଆମର ବୋଲି କହି ଦାୟିତ୍ୱ ଏଡାଇ ଦେଉଥିବା ଲୋକେ କହିଛନ୍ତି। ତେଣୁ ଅଞ୍ଚଳବାସୀ ଧନଜୀବନ ରକ୍ଷା ପାଇଁ ପୁଲିସ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି ଓ ତୁରନ୍ତ ରାସ୍ତାର ଆଲୋକୀକରଣ ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

ଟ୍ରକ ଧକ୍କାରେ ଯୁବକଙ୍କ ମୃତ୍ୟୁ

ଡୁଙ୍ଗୁରିପାଲି, ୩।୧୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ରାମପୁର ଥାନା ଅନ୍ତର୍ଗତ ବାଙ୍କୀପାଲି ଛକ ନିକଟରେ ଟ୍ରକ-ବାଇକ ମୁହାମୁହିଁ ଧକ୍କାରେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଚମ୍ପଟ ମାରିଥିବାବେଳେ ସ୍ଥାନୀୟ ଲୋକେ ଗୁରୁତର ଯୁବକଙ୍କୁ ଉଦ୍ଧାର କରି ଡୁଙ୍ଗୁରିପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ହେଲେ ରାମପୁର ଥାନା ମାୟାବାର୍ହା ପଞ୍ଚାୟତ ଧାନବସା ଗ୍ରାମର ନରେନ ସାଣ୍ଡଙ୍କ ପୁତ୍ର ଧନୁ ସାଣ୍ଡ(୫୦)। ରାମପୁର ପୁଲିସ ଦୁର୍ଘଟଣା ଘଟାଇଥିବା ଟ୍ରକକୁ ଡୁଙ୍ଗୁରିପାଲି ନିକଟରୁ ଜବତ କରି ତଦନ୍ତ ଚଳାଇଛି। ଟ୍ରକ୍ ଚାଳକ ଟ୍ରକ୍ ଛାଡ଼ି ଫେରାର ହୋଇଯାଇଛି।


୧୦୯ କେଜି ଗଞ୍ଜେଇ ଜବତ; ଜଣେ ଗିରଫ

କନ୍ଧମାଳ, ୩।୧୧(ସମିସ): ବୌଦ୍ଧ ଅବକାରୀ ବିଭାଗ ଦୁଇଟି ପୃଥକ ଘଟଣାରେ ମୋଟ ୧୦୯ କେଜି ଗଞ୍ଜେଇ ସହ ଏକ ଟ୍ରାକ୍ଟର ଜବତ କରି ଜଣକୁ ଗିରଫ କରିଛି।



ସୂଚନା ଅନୁଯାୟୀ, ପିଆର୍ ନମ୍ବର ୧୦୦/୨୬-୨୭ରେ ଏସ୍ଏଚ୍-୪୧ ନିକଟ ଦେଉଳିଭାଟି ଠାରେ ଚଢ଼ଉ କରି ୫୫ କେଜି ଗଞ୍ଜେଇ ସହ ଏକ ଟ୍ରାକ୍ଟର ଜବତ କରିଥିଲା। ଏହି ଘଟଣାରେ ସମ୍ବଲପୁର ଜିଲ୍ଲା ମାନେଶ୍ୱର ଗ୍ରାମର ସରୋଜ ରୋହିଦାସଙ୍କୁ ଗିରଫ କରାଯାଇଛି। ଚଢ଼ଉରେ ଅବକାରୀ ବିଭାଗର ଓଆଇସି ଜି. କାମେଶ୍ୱରଙ୍କ ସମେତ କନଷ୍ଟେବଳ ରାଜକିଶୋର କହଁର ଓ ବିଜୟ କୁମାର ବାଘ ସାମିଲ ଥିଲେ। ସେହିପରି ଗତକାଲି ମନମୁଣ୍ଡା ଅବକାରୀ ବିଭାଗ ପକ୍ଷରୁ ଥୁଡ଼ବନ୍ଧଲି ଜଙ୍ଗଲରେ ଚଢ଼ଉ କରାଯାଇ ୫୪ କେଜି ଗଞ୍ଜେଇ ଜବତ କରାଯାଇଛି। ମାତ୍ର ଅଭିଯୁକ୍ତ ଆଗୁଆ ସୂଚନା ପାଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି।

ଜୟପାଟଣାରେ ପୁଲିସ ଚଢ଼ଉ; ୧୦ କାର୍ଟୁନ୍ ବାଣ ଜବତ



ଜୟପାଟଣା, ୩।୧୧(ସମିସ): କଳାହାଣ୍ଡି ଆରକ୍ଷୀ ଅଧୀକ୍ଷକଙ୍କ ନିର୍ଦ୍ଦେଶକ୍ରମେ ଜୟପାଟଣାର ବିଭିନ୍ନ ସ୍ଥାନରେ ପୁଲିସ ପକ୍ଷରୁ ଚଢ଼ଉ କରାଯାଇଛି। ଏହି କ୍ରମରେ ଜୟପାଟଣାର ବାସିନ୍ଦା ବଜରଙ୍ଗ ଅଗ୍ରୱାଲଙ୍କ ବାସଭବନରେ ଚଢ଼ଉ କରି ପୁଲିସ ପ୍ରାୟ ୧୦ଟି ବଡ଼ କାର୍ଟୁନ୍ ବାଣ ଜବତ କରିଛି। ଆବାସିକ ଅଞ୍ଚଳରେ ବେଆଇନ ଭାବେ ବାଣ ଗଚ୍ଛିତ ରଖିବା ଓ ବ୍ୟବସାୟ କରାଯାଉଥିବା ଅଭିଯୋଗରେ ଏହି ଚଢ଼ଉ ହୋଇଥିବା ଜଣାପଡ଼ିଛି। ପୁଲିସ ବିଭିନ୍ନ ସ୍ଥାନରେ ତଲାସୀ କରିବା ସମୟରେ ତାଙ୍କ ବାସଭବନର ଏକ କୋଠରିରୁ ଏହି ବାଣ ଜବତ କରିଥିଲା। ସୂଚନାଯୋଗ୍ୟ, ପୂର୍ବରୁ ମଧ୍ୟ ଏଭଳି ଘଟଣାରେ ପ୍ରାୟ ଚାରି ଟ୍ରକ୍ ବାଣ ଜବତ ହୋଇଥିବା ଜଣାପଡ଼ିଛି। ଜବତ ବାଣଗୁଡ଼ିକୁ ପୁଲିସ ନିଜ ହେପାଜତକୁ ନେଇ ଥାନାରେ ରଖିଛି।

ପାଟଦରା ଅଞ୍ଚଳରେ ଚିତାବାଘ ଆତଙ୍କ; ଗାଈ ଓ ଛେଳି ମାରିଲା

ଖଡ଼ିଆଳ, ୩।୧୧(ସମିସ): ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅଧୀନ ପାଟଦରା ଫରେଷ୍ଟ ଅଞ୍ଚଳରେ ଚିତାବାଘ ଆତଙ୍କ ଦେଖାଦେଇଛି। ପାଟଦରା, କୋରୁଆଁପାଣି ଓ ଧୋବଘାଟ ଆଦି ପାହାଡ଼ିଆ ଗ୍ରାମରେ ଗତ ଦୁଇରୁ ତିନି ଦିନ ମଧ୍ୟରେ ଚିତାବାଘ ଗାଈ ଓ ଛେଳି ଶିକାର କରି ଖାଇଯାଉଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଧୋବଘାଟ ଗ୍ରାମର ହୃଷୀକେଶ ମାଝୀଙ୍କ ଗୋଟିଏ ଛେଳି, କୋରୁଆଁପାଣି ଗ୍ରାମର ଜଣେ ଚାଷୀଙ୍କ ଗୋଟିଏ ଛେଳି ଏବଂ ପାଟଦରା ଗ୍ରାମର ସୋମବାରୁ ମାଝୀଙ୍କ ଗୋଟିଏ ଗାଈକୁ ଚିତାବାଘ ମାରି ଖାଇଥିବା ଖବର ମିଳିଛି। ଉକ୍ତ ଗ୍ରାମଗୁଡ଼ିକ ଘଞ୍ଚ ଜଙ୍ଗଲ ଘେରା ହୋଇଥିବାରୁ ଚିତାବାଘଟି ଗତ ଦୁଇରୁ ତିନି ଦିନ ହେଲା ଅଞ୍ଚଳରେ ଘୂରି ବୁଲୁଥିବା ଜଣାପଡ଼ିଛି। ଚିତାବାଘର ଏଭଳି ଉପଦ୍ରବ ଯୋଗୁଁ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି।

ଷ୍ଟଲ ନିଲାମ ହେଲାନି; ଫେରିଲେ ଆବେଦନକାରୀ

ଜହ୍ନାପଙ୍କ, ୩।୧୧(ସମିସ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କଠାରେ ପଞ୍ଚାୟତ ପକ୍ଷରୁ ୩ ଗୋଟି ଷ୍ଟଲ ନିର୍ମାଣ କରାଯାଇଛି। ଏହା ବୌଦ୍ଧ ବିଧାୟକଙ୍କ ଦ୍ୱାରା ଉଦଘାଟଣ ମଧ୍ୟ ହୋଇଥିଲା। ଏହି ଷ୍ଟଲ ଗୁଡିକ ନିର୍ମାଣ କରି ଏହାକୁ ନିଲାମ ମାଧ୍ୟମରେ ନେବାକୁ ଅକ୍ଟୋବର ୨୬ ରେ ବିଜ୍ଞାପନ ଦିଆଯାଇଥିଲା। ଏହି ନିଲାମ ନଭେମ୍ବର ୩ ଦିବା ୧୦ଟାରେ ହେବାର ଥିଲା। ନିଲାମ ପାଇଁ ଖୁଣ୍ଟବନ୍ଧ ଅଞ୍ଚଳର କେତେକ ହିତାଧିକାରୀ ପଞ୍ଚାୟତ କାର୍ଯ୍ୟାଳୟକୁ ଦିବା ୧୦ ଟାରେ ଆସିଥିଲେ। ହେଲେ ପଞ୍ଚାୟତରେ ସରପଞ୍ଚ ବ୍ୟତୀତ ବ୍ଲକ କାର୍ଯ୍ୟାଳୟରୁ କୌଣସି ଅଧିକାରୀ ଯୋଗ ଦେଇନଥିଲେ। ଫଳରେ ନିଲାମ ହୋଇ ପାରିନଥିଲା। ହିତାଧିକାରୀ ୨ ଘଣ୍ଟା ଅପେକ୍ଷା କରି ନିରାଶ ହୋଇ ଫେରିଥିଲେ। ଏନେଇ ପଞ୍ଚାୟତ ଇଓ ହିମାଂଶୁ ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ବ୍ଲକ କାର୍ଯ୍ୟାଳୟରୁ କେହି ଆସି ନ ଥିବାରୁ ଏହାକୁ ସ୍ଥଗିତ ରଖାଯାଇଛି। ଯେହେତୁ ଏହା ବ୍ଲକ ତରଫରୁ ହେବା କଥା କୌଣସି ଅଧିକାରୀ ଆସି ନ ଥିବାରୁ ନିଲାମ ହୋଇ ପାରିଲା ନାହିଁ। ଅଳ୍ପଦିନ ମଧ୍ୟରେ ଏହା ନିଲାମ କରି ଲୋକଙ୍କୁ ଯୋଗାଇ ଦିଆଯିବ। ଏଠାରେ ପ୍ରଶ୍ନ ଉଠେ ଯେ, ନିଲାମ ପାଇଁ ଲୋକଙ୍କୁ ସୂଚନା ଦିଆଯାଇଥିବା ବେଳେ କ'ଣ ପାଇଁ ଅଧିକାରୀ ଆସିଲେନାହିଁ। ଏହା ରାଜନୈତିକ ଚାପରେ ସ୍ଥଗିତ ରଖାଯାଇ ପ୍ରିୟାପ୍ରୀତି ଦେଖି ଦେବାକୁ ଯୋଜନା ଚାଲିଥିବା ସାଧାରଣ ପ୍ରଶ୍ନ ଉଠିଛି। ଜିଲ୍ଲାପାଳ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

ବ୍ରଜରାଜନଗର, ୩।୧୧(ସମିସ): ବ୍ରଜରାଜନଗର ପୌରାଞ୍ଚଳରେ ଚାଲିଥିବା ତଥା ପ୍ରସ୍ତାବିତ ବିଭିନ୍ନ ଜନହିତକର ଓ ଉନ୍ନୟନମୂଳକ ପ୍ରକଳ୍ପର ସ୍ଥିତି ସମ୍ପର୍କରେ ଝାରସୁଗୁଡ଼ା ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ସମୀକ୍ଷା କରିଛନ୍ତି। ଏହି ପରିଦର୍ଶନ ଓ ଆଲୋଚନା ସମୟରେ ବ୍ରଜରାଜନଗର ପୌରପାଳିକାର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ ଉପସ୍ଥିତ ଥିଲେ। ଏହି ଗସ୍ତ କାଳରେ ଅଞ୍ଚଳରେ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଏକ ଆକର୍ଷଣୀୟ ପିକନିକ୍ ସ୍ପଟ୍‌ର ବିକାଶ ତଥା ଦୀର୍ଘ ଦିନରୁ ପ୍ରତୀକ୍ଷିତ ପ୍ରସ୍ତାବିତ କୁଟାବଗା ପୋଲ ନିର୍ମାଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ପୋଲ ନିର୍ମାଣ ହେଲେ ସ୍ଥାନୀୟ ଯୋଗାଯୋଗ



ବ୍ୟବସ୍ଥାରେ ବ୍ୟାପକ ସୁଧାର ଆସିପାରିବ ବୋଲି ଆଲୋଚନାରେ ଗୁରୁତ୍ୱାରୋପ କରାଯାଇଥିଲା। ଏଥିସହ ପୌରାଞ୍ଚଳରେ ଚାଲିଥିବା ନୂତନ ପାଠାଗାର ନିର୍ମାଣ କାର୍ଯ୍ୟର ସମୀକ୍ଷା କରି ଜିଲ୍ଲାପାଳ ପାଠକମାନଙ୍କ ସୁବିଧା ପାଇଁ ଉଚ୍ଚକୋଟୀର ଭିତ୍ତିଭୂମି, ଉନ୍ନତମାନର ଆସବାବପତ୍ର ଏବଂ ଭଲପୁସ୍ତକ ସଂଗ୍ରହ ଉପରେ ସ୍ୱତନ୍ତ୍ରଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଛଠ୍‌ପୂଜା ଏବଂ କାର୍ତ୍ତିକ ପୂର୍ଣ୍ଣିମାକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ନଦୀଘାଟ ପରିଦର୍ଶନ କରିଥିଲେ।

ବ୍ରେନ୍‌ବୁଷ୍ଟର ଗ୍ରୁପ୍ ପକ୍ଷରୁ ମେଧା ସମ୍ମାନ



ଇବଥର୍ମାଲ, ୩।୧୧(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ ବାଗମୁଣ୍ଡା ପଞ୍ଚାୟତ ଅଧୀନ ଗୁଦଲିମାଲସ୍ଥିତ ବ୍ରେନ୍ ବୁଷ୍ଟର ଗ୍ରୁପ୍ ପକ୍ଷରୁ ଅଞ୍ଚଳର ମେଧା ଛାତ୍ରଛାତ୍ରୀ ନିର୍ମାଣ ସକାଶେ ବିଗତ ୪ବର୍ଷ ହେଲା ପ୍ରୟାସ ଆରମ୍ଭ କରିଛି। ଏହି କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ହେଉଛି ଗରିବ ମେଧାବୀ ପିଲାଙ୍କୁ ମାଗଣା ପୁସ୍ତକ ଓ ପ୍ରତ୍ୟେକ ଛୁଟି ଦିନରେ ଗଛତଳେ ମାଗଣା ଶିକ୍ଷାଦାନ କରି ପିଲାମାନେ କିଭଳି ଜେଏନଭି, ଓଏଭି, ଏକଲବ୍ୟ, ତଥା ସୈନିକ ରୁତୁପଲ୍ଲି ବିଦ୍ୟାଳୟ ପ୍ରବେଶିକାରେ ସଫଳ ହୋଇ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବେ। ଏଥିରେ କିଛି ଅବସରପ୍ରାପ୍ତ ଶିକ୍ଷକ ଥିବାବେଳେ କିଛି ଶିକ୍ଷକ ନିଜକୁ ସାମିଲ କରି ଶିକ୍ଷାଦାନ କରୁଛନ୍ତି। ଆଜି ଛର୍ଲା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସୁରେଶ ପ୍ରଧାନଙ୍କ ଅଧ୍ୟକ୍ଷତାରେ ୨୦୨୫-୨୬ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ଏକ ସଭା ଗୁଦଲିମାଲଠାରେ ଅନୁଷ୍ଠିତ ହୋଇଥିଲା। ସଭାରେ ମୁଖ୍ୟଅତିଥି ଭାବେ ଲଖନପୁର କୋଇଲାକ୍ଷେତ୍ର ମହାପ୍ରବନ୍ଧକ ଅୱଦ କିଶୋର ପାଣ୍ଡେ, ମୁଖ୍ୟବକ୍ତା ଦିଲ୍ଲୀପ ପଧାନ, ସମ୍ମାନିତ ଅତିଥି ଭାବେ ସଂଗମ ମହିଳାମଣ୍ଡଳ ଲଖନପୁର ଅଧ୍ୟକ୍ଷା ରେଣୁ ପାଣ୍ଡେ, ଲଖନପୁର କୋଇଲା କ୍ଷେତ୍ର ସୁରକ୍ଷା ଅଧିକାରୀ ନୀରଞ୍ଜନ ପଟେଲ, ଅଫିସ ସୁପରିଟାଣ୍ଡେଣ୍ଟ ମହେନ୍ଦ୍ର କୁମାର ପ୍ରଧାନ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଏସଓ ସଦାନନ୍ଦ ପ୍ରଧାନ ଯୋଗ ଦେଇଥିଲେ। ପ୍ରଥମେ ଏହି ଗ୍ରୁପର ପ୍ରତିଷ୍ଠାତା ଉଦ୍ଧବ ସାଙ୍କ ଏଭଳି ପ୍ରୟାସ ଯୋଗୁଁ ପିଲାଙ୍କ ସଫଳତା ବୃଦ୍ଧି ପାଉଥିବାରୁ ମୁଖ୍ୟ ଅତିଥି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୨୦୨୫-୨୬ ରେ ଏହି ଗୃହରେ ଅଧ୍ୟୟନ କରି ସୈନିକ, ଜେଏନଭି, ଓଏଭି, ରୁତୁ ପଲ୍ଲୀ ଭଳି ଶିକ୍ଷା ଅନୁଷ୍ଠାନରେ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଲଖନପୁର ବ୍ଲକ ୩୧ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା। ଗୁଦଲିମାଲ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବରୁଣ ମିର୍ଦ୍ଧା ମଞ୍ଚ ସଞ୍ଚାଳନ କରିଥିଲେ।

ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷଙ୍କ କନ୍ଧମାଳ ଆଶ୍ରମ ପରିଦର୍ଶନ

କନ୍ଧମାଳ, ୩।୧୧(ସମିସ): ବୌଦ୍ଧ ଜିଲ୍ଲା କନ୍ଧମାଳଠାରେ ଥିବା ଆଦିବାସୀ ଆଶ୍ରମକୁ ବୌଦ୍ଧ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡମ୍ବରୁଧର କହଁର ପରିଦର୍ଶନ କରିଛନ୍ତି।



ଆଶ୍ରମର ଦାୟିତ୍ୱରେ ଥିବା ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁଙ୍କ ସହ ଅଧ୍ୟକ୍ଷ ଆଶ୍ରମର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ୱାର୍ଡେନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଆଶ୍ରମର ଛାତ୍ରୀଙ୍କ ପାଠପଢ଼ା, ଖାଦ୍ୟପାନୀୟ ଠିକ୍ ଭାବରେ ପାଉଛନ୍ତି କି ନାହିଁ ବୋଲି ଛାତ୍ରୀଙ୍କୁ ପଚାରିଥିଲେ।

● ଇଡ୍‌କୋ ଶ୍ରମିକ ହଷ୍ଟେଲ ପରିଦର୍ଶନ କଲେ ଜିଲ୍ଲାପାଳ

ଗୁଣବତ୍ତା ବଜାୟ ରଖି କାର୍ଯ୍ୟ ତ୍ୱରାନ୍ୱିତ ନିର୍ଦ୍ଦେଶ

ଝାରସୁଗୁଡ଼ା, ୩।୧୧(ସମିସ): ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ବଡ଼ମାଲସ୍ଥିତ ଗ୍ରୋଥସେଣ୍ଟର ପରିସରରେ ନିର୍ମାଣାଧୀନ ଇଡ୍‌କୋ ଶ୍ରମିକ ହଷ୍ଟେଲ ପରିଦର୍ଶନ କରିଛନ୍ତି। ଜିଲ୍ଲାର ବିଭିନ୍ନ ଶିଳ୍ପାନୁଷ୍ଠାନ ତଥା ଏମ୍ଏସ୍ଏମ୍ଇ ୟୁନିଟ୍‌ଗୁଡ଼ିକରେ କାର୍ଯ୍ୟରତ ଶ୍ରମିକମାନଙ୍କ ସୁବିଧା ପାଇଁ ବିକଶିତ ହେଉଥିବା ଭିତ୍ତିଭୂମି ତଥା ନିର୍ମାଣ କାର୍ଯ୍ୟର ଅଗ୍ରଗତି ଯାଞ୍ଚ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ଥିଲା।



ଏହିପରିଦର୍ଶନ ସମୟରେ ଜିଲ୍ଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ଅରିନ୍ଦମ ପ୍ରଧାନ ଉପସ୍ଥିତ ଥିଲେ। ଗସ୍ତକାଳରେ ଜିଲ୍ଲାପାଳ ବର୍ତ୍ତମାନ ଚାଲୁଥିବା ନିର୍ମାଣ କାର୍ଯ୍ୟର ସମୀକ୍ଷା କରିବା ସହ ଅବଶିଷ୍ଟ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ସାରିବା ପାଇଁ ସମ୍ପୃକ୍ତ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସଙ୍ଗେ ସଙ୍ଗେ ଗୁଣବତ୍ତା ସହ କୌଣସି ପ୍ରକାରର ସାଲିସ ନକରିବା ଉପରେ ସେ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏହାସହିତ ହଷ୍ଟେଲରେ ପ୍ରସ୍ତାବିତ ମୋଟ ରୁମ୍ ସଂଖ୍ୟା, ବିଭିନ୍ନ ବର୍ଗର ଆବାସିକ ବ୍ୟବସ୍ଥା ଏବଂ ସାଧାରଣ ସୁବିଧା ସୁଯୋଗ ବିଷୟରେ ଜିଲ୍ଲାପାଳ ଅନୁଧ୍ୟାନ କରିଥିଲେ। ଝାରସୁଗୁଡ଼ା ଜିଲ୍ଲାର ଶିଳ୍ପକ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ସୁଲଭ ଏବଂ ସୁସଙ୍ଗଠିତ ଆବାସିକ ସୁବିଧା ଯୋଗାଇଦେବା ସହିତ ଜିଲ୍ଲାର ଶିଳ୍ପ ଓ ଏମ୍ଏସ୍ଏମ୍ଇ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ହଷ୍ଟେଲ ନିର୍ମାଣ ଶେଷ କରି ଏହାକୁ ତୁରନ୍ତ କାର୍ଯ୍ୟକ୍ଷମ କରିବା ଏହି ଗସ୍ତର ମୁଖ୍ୟ ଆଭିମୁଖ୍ୟ ଥିଲା।

ଶିଶୁ ଶ୍ରମମୁକ୍ତ ସୁବର୍ଣ୍ଣପୁର ପାଇଁ ସଚେତନତା ରଥର ଶୁଭାରମ୍ଭ

ତରଭା, ୩।୧୧(ସମିସ): ଜିଲ୍ଲାର ପ୍ରତ୍ୟେକ ଗ୍ରାମ ପଞ୍ଚାୟତକୁ ଶିଶୁ ଶ୍ରମମୁକ୍ତ କରିବା ଲକ୍ଷ୍ୟରେ ଚାଲିଥିବା ୪୪ ଦିନିଆ ସଚେତନତା ଅଭିଯାନ ଅନ୍ତର୍ଗତ ଆଜି ସକାଳ ୧୦ଟାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଦେବାଶିଷ ସିଂହ ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲ୍ଲାର ବିଭିନ୍ନ ବ୍ଲକ ଓ ଗ୍ରାମ ପଞ୍ଚାୟତରେ ବୁଲି ଶିଶୁଙ୍କୁ କୌଣସି ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ନ କରିବା ଏବଂ ସେମାନଙ୍କ ଦ୍ୱାରା ଶ୍ରମ ନ କରିବାକୁ ଜନସାଧାରଣଙ୍କୁ ସଚେତନତା କରିବ।

ଏହି ଅଭିଯାନ ଅନ୍ତର୍ଗତ ଜିଲ୍ଲା ପ୍ରଶାସନ, ଶ୍ରମ ବିଭାଗ ଓ ଶିଶୁ ମଙ୍ଗଳ କମିଟିର ମିଳିତ ଟିମ୍ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି।

ଜିଲ୍ଲା ଶ୍ରମ ଅଧିକାରୀ କନ୍ୟା କୁମାରୀ ସାହୁ କହିଛନ୍ତି,



ଏହି ଅଭିଯାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବା ସହ ସୁସ୍ଥ ଓ ଶିଶୁ ଶ୍ରମମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ଆଗେଇ ଆସିବା ଆବଶ୍ୟକ। ଏଥିପାଇଁ ସମାଜର ପ୍ରତ୍ୟେକ ବର୍ଗର ସହଯୋଗ ଜରୁରୀ। ଯଦି କୌଣସି ସ୍ଥାନରେ ୧୪ ବର୍ଷରୁ କମ୍ ବୟସର ଶିଶୁ ଶ୍ରମ କରୁଥିବା କିମ୍ବା ୧୮ ବର୍ଷରୁ କମ୍ ବୟସର କିଶୋର ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ ଥିବା ଦେଖାଯାଏ, ତେବେ ଚାଇଲ୍ଡ ହେଲ୍ପଲାଇନ୍ ନମ୍ବର ୧୦୯୮କୁ ଫୋନ୍ କରି ସୂଚନା ଦେବାକୁ ସେ ଅନୁରୋଧ କରିଛନ୍ତି।

କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ଦିଲେଶ୍ୱର ଖାଖା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ବୀଣାପାଣି ମିଶ୍ର, କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ସହକାରୀ ଶ୍ରମ ଅଧିକାରୀ ବିନିକା ଚିନ୍ମୟ ମେହେର, ସହକାରୀ ଶ୍ରମ ଅଧିକାରୀ ଉଲୁଣ୍ଡା ଲିପକରାଜ ନାୟକ, ସହକାରୀ ଶ୍ରମ ଅଧିକାରୀ ବୀରମହାରାଜପୁର ଶାଶ୍ୱତ ସୌମ୍ୟକାନ୍ତ, ସହକାରୀ ଶ୍ରମ ଅଧିକାରୀ ତରଭା ସପ୍ରତିଭ ପ୍ରଧାନଙ୍କ ସମେତ ଶ୍ରମ ବିଭାଗର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ଶିବିର ପାଇଁ ପ୍ରସ୍ତୁତି ବୈଠକ



ତରଭା, ୩।୧୧(ସମିସ): ବରିଷ୍ଠ ନାଗରିକ ସଂଘ-ତରଭା ଓ ସ୍ୱରାଜ ହସ୍ପିଟାଲ ଆଣ୍ଡ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ବଲାଙ୍ଗୀରଙ୍କ ମିଳିତ ଆନୁକୂଲ୍ୟରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଆସନ୍ତା ୨୨ରେ ଆନୁଷ୍ଠିତ ହେବ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଏନ୍ଏସି ପାଠାଗାରରେ ସଂଘର ସଭାପତି ଦେବେନ୍ଦ୍ର ବିଜୟ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱରାଜ ହସ୍ପିଟାଲର ହେଡ୍ ଅଫ ବିଜିନେସ ଡେଭଲପମେଣ୍ଟ ଅପରେସନ ହରମୋହନ ମହାପାତ୍ର, ବିଜିନେସ ଡେଭଲପମେଣ୍ଟ ମ୍ୟାନେଜର ଶୈଳେନ୍ଦୁ ନନ୍ଦ ଯୋଗଦେଇ ଶିବିର ପରିଚାଳନାକୁ ନେଇ ଆଲୋଚନା କରିଥିଲେ। ତରଭା ମାରୱାଡି ପଞ୍ଚାୟତ ଧର୍ମଶାଳରେ ହେବାକୁଥିବା ଶିବିରରେ ଅସ୍ଥିଶୈଲ୍ୟ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ ଏବଂ ଚକ୍ଷୁ ବିଶେଷଜ୍ଞ ଯୋଗଦେଇ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ସଂଘର କାର୍ଯ୍ୟକାରୀ ସଭାପତି ଅଶୋକ କୁମାର ସାହୁ, ସମ୍ପାଦକ ମାଙ୍ଗେଲାଲ ଅଗ୍ରୱାଲ, ଉପସଭାପତି ରାଜକିଶୋର ସାହୁ, ଧୀରେନ୍ଦ୍ର ବିଜୟ ସାହୁ, ଶୈଳେନ୍ଦ୍ର କୁମାର ସାହୁ, ସୁବାସ ଚନ୍ଦ୍ର ସେଠୀ, ଜୟକିଶୋର ସାହୁ, ଜୟପ୍ରକାଶ ନାରାୟଣ ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉଦ୍‌ଯାପିତ

'ନିଜ ସହ ନିଜେ ପ୍ରତିଯୋଗିତା କରି ଉତ୍କର୍ଷର ପ୍ରମାଣ କର'

ତରଭା, ୩।୧୧(ସମିସ)

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ସୁବର୍ଣ୍ଣପୁର ପିଏମ୍ ଶ୍ରୀ ମହାରାଜା ଉଚ୍ଚ ବିଦ୍ୟାଳୟ ପରିସରରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି।

ଉଦଘାଟନୀ ସମାରୋହରେ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ପୁରାତନ ଛାତ୍ର ସଂସଦ ସଭାପତି ତଥା ବରିଷ୍ଠ ସାମ୍ବାଦିକ ଗୋରେଖନାଥ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ବିନିକା ଲକ୍ଷ୍ମଣ ମିଶ୍ର, ବ୍ଲକ ଶିକ୍ଷା ଅଧିକାରୀ ବୀରମହାରାଜପୁର ଅଭିଷେକ ଭୁଏ ଏବଂ ବ୍ଲକ ଶିକ୍ଷା ଅଧିକାରୀ ଉଲୁଣ୍ଡା ଅଜୟ କୁମାର ଲୁହା ମଞ୍ଚାସୀନ ଥିଲେ।

ମୁଖ୍ୟ ଅତିଥି ଅଶ୍ୱିନୀ କୁମାର ମେହେର



ଛାତ୍ରଛାତ୍ରୀମାନେ ନିଜ ସହ ନିଜେ ପ୍ରତିଯୋଗିତା କରି ଉତ୍କର୍ଷର ପ୍ରମାଣ ଦେବାକୁ ଆହ୍ୱାନ ଦେଇଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବୀରମହାରାଜପୁର ଅଭିଷେକ ଭୁଏ ପ୍ରତିଭା ବିକାଶର ମହାମଞ୍ଚ ହେଉଛି ସୁରଭି ବୋଲି କହିଥିଲେ। ବ୍ଲକ ଶିକ୍ଷା ଅଧିକାରୀ ବିନିକା ଲକ୍ଷ୍ମଣ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ବ୍ଲକ ଶିକ୍ଷା ଅଧିକାରୀ ଉଲୁଣ୍ଡା ଅଜୟ କୁମାର ଲୁହା ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଘାଟନ ପରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ପିଏମ୍ ଶ୍ରୀ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଛାୟା ସଂସଦ ବସିଥିଲା। ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରିଥିଲେ।

ଅପରାହ୍ନରେ ଅନୁଷ୍ଠିତ ଦଳଗତ ନୃତ୍ୟ ପ୍ରତିଯୋଗିତାରେ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ସାଂସଦ ପ୍ରତିନିଧି ନଳିନୀ ପଣ୍ଡା, ରାଧାକାନ୍ତ ମହାକୁଡ଼ ଓ ଗଦାଧର ବାରିକ ଯୋଗଦେଇ ଶିଶୁ ପ୍ରତିଭାଙ୍କୁ ପ୍ରୋତ୍ସାହିତ କରିଥିଲେ। ପହଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଛାତ୍ରୀମାନେ ଆକର୍ଷଣୀୟ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ।

ଶେଷରେ ଅନୁଷ୍ଠିତ ପୁରସ୍କାର ବିତରଣୀ ସଭାରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଦେବାଶିଷ ସିଂହ, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ଡୁଙ୍ଗୁରିପାଲି ଗଣେଶ କିଶାନ, ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ସାନନ୍ଦ କୁମାର ମେହେର ଓ ସମାଜସେବୀ ବେଣୁଧର ଦାଶ ଯୋଗଦେଇଥିବା ବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ଘନଶ୍ୟାମ ମେହେର ସଭାପତିତ୍ୱ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶେଷରେ ବ୍ଲକ ଶିକ୍ଷା ଅଧିକାରୀ ଉଲୁଣ୍ଡା ଅଜୟ କୁମାର ଲୁହା ଧନ୍ୟବାଦ ଅର୍ପଣ କରିଥିଲେ।

ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅଗ୍ନିକାଣ୍ଡ

ବାଲେଶ୍ୱର, ୩।୧୧(ସମିସ):

ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍) ପରିସରରେ ଘଟିଯାଇଛି ଏକ ଭୟାବହ ଅଗ୍ନିକାଣ୍ଡ। ହସ୍ପିଟାଲ୍ ପରିସରରେ ଥିବା ରେଡକ୍ରସ୍ କ୍ୟାବିନ ସମ୍ମୁଖ ଗୋଦାମ ଗୃହ (ଷ୍ଟକ୍ ରୁମ୍)ରେ ହଠାତ୍ ନିଆଁ ଲାଗିଯିବା ଫଳରେ ସମଗ୍ର ଅଞ୍ଚଳରେ ଆତଙ୍କର ବାତାବରଣ ସୃଷ୍ଟି ହୋଇଥିଲା। ତେବେ ଅଗ୍ନିଶମ ବାହିନୀର ତୁରନ୍ତ ପଦକ୍ଷେପ ଯୋଗୁଁ ଏକ ବଡ଼ ବିପତ୍ତି ଟଳିଯାଇଛି ଏବଂ ମେଡିକାଲରେ ଥିବା ଶତାଧିକ ରୋଗୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି।



ସୂଚନା ଅନୁଯାୟୀ, ଆଜି ହସ୍ପିଟାଲର ଉକ୍ତ ଗୋଦାମ ଗୃହରୁ ହଠାତ୍ କଳା ଧୂଆଁ ବାହାରୁଥିବା ଦେଖିବାକୁ ମିଳିଥିଲା। ଦେଖୁ ଦେଖୁ ନିଆଁ ବ୍ୟାପି ଯାଇଥିଲା। ଗୋଦାମ ଗୃହରେ ବହୁ ପରିମାଣର ଫିନାଇଲ୍, ଏସିଡ୍, କପଡ଼ା, ଏବଂ ସ୍ପିରିଟ୍ ଭଳି ଜଳନଶୀଳ ସଫେଇ ସାମଗ୍ରୀ ଗଚ୍ଛିତ ଥିବାରୁ ନିଆଁ କ୍ଷିପ୍ର ଗତିରେ ଉଗ୍ର ରୂପ ଧାରଣ କରିଥିଲା। ଭୟାବହ ଧୂଆଁ ଯୋଗୁଁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କ ମଧ୍ୟରେ ଦୌଡ଼ାଧାପଡ଼ା ସୃଷ୍ଟି ହୋଇଥିଲା। ଖବର ପାଇ ଅଗ୍ନିଶମ ବାହିନୀ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯୁଦ୍ଧକାଳୀନ ଭିତ୍ତିରେ ନିଆଁକୁ ଆୟତ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ କରିଥିଲେ। ଦୀର୍ଘ ସମୟ ପରେ ନିଆଁକୁ ସମ୍ପୂର୍ଣ୍ଣ ରୂପେ ନିୟନ୍ତ୍ରଣ କରାଯାଇଛି। ପ୍ରାଥମିକ ତଦନ୍ତରୁ ବୈଦ୍ୟୁତିକ ସର୍ଟ ସର୍କିଟ୍ ଯୋଗୁଁ ଏହି ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ

ଅଳ୍ପକେ ବର୍ତ୍ତିଲେ ଶତାଧିକ ରୋଗୀ, ସର୍ଟ ସର୍କିଟ୍ ସନ୍ଦେହ

କରାଯାଉଛି। ଷ୍ଟକ୍ ରୁମ୍‌ରେ ଥିବା ଲକ୍ଷାଧିକ ଟଙ୍କାର ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଥିଲେ ହେଁ, ସୌଭାଗ୍ୟବଶତଃ ଏଥିରେ କୌଣସି ପ୍ରାଣହାନି କିମ୍ବା କେହି ଆହତ ହୋଇନାହାନ୍ତି। ବର୍ତ୍ତମାନ ହସ୍ପିଟାଲରେ ସ୍ଥିତି ସମ୍ପୂର୍ଣ୍ଣ ନିୟନ୍ତ୍ରଣାଧୀନ ଥିବା ବେଳେ ରୋଗୀ ସେବା ସ୍ୱାଭାବିକ ରହିଛି। ମେଡିକାଲ କର୍ତ୍ତୃପକ୍ଷ ଓ ଅଗ୍ନିଶମ ବାହିନୀ ଘଟଣାର ଅଧିକ ତଦନ୍ତ ଚଳାଇଛନ୍ତି।

ମହିଳାଙ୍କୁ ପ୍ରେମ ନିବେଦନ କରି ବନ୍ଧାହେଲା ଯୁବକ

ନୀଳଗିରି, ୩।୧୧ (ସମିସ): ନୀଳଗିରି ଥାନା ଅଞ୍ଚଳରେ ଜଣେ ବିବାହିତ ମହିଳାଙ୍କୁ ବାରମ୍ବାର ପ୍ରେମନିବେଦନ କରି ବିଫଳହେବା, ପରେ ଜୋରଜବରଦସ୍ତ ଟଣାଓଟରା କରିବାସହ ଆକ୍ରମଣକରିବା ଘଟଣାରେ ଜୈନିକ ଯୁବକ ଗଛରେ ବନ୍ଧାହେବାପରେ ପୁଲିସ ଉକ୍ତ ଯୁବକକୁ ଉଦ୍ଧାରକରି ଥାନାକୁ ଆଣିଥିବା ଜଣାଯାଇଛି। ସୂଚନା ମୁତାବକ ନୀଳଗିରି ଥାନା ବେଗୁନିଆ ଗ୍ରାମର ଜଣେ ବିବାହିତା ମହିଳାଙ୍କୁ ଉକ୍ତ ଥାନା ସିଙ୍ଗିର ଗ୍ରାମର ଖଗେଶ୍ୱର କର ନାମକ ଯୁବକ ଜୋରଜବରଦସ୍ତ ପ୍ରେମନିବେଦନ କରି ଟଣାଘୋଷରା କରିବା ଏବଂ ଅଶ୍ଳୀଳଭାଷାରେ ଗାଳିଗୁଲଜ କରି ଛୁରୀରେ ଆକ୍ରମଣ କରିଥିଲା। ଫଳରେ ମହିଳାଙ୍କ ବେକରେ ଗଭୀର କ୍ଷତ ହୋଇଥିବା ଜଣାଯାଇଛି। ଏହି ସମୟରେ ମହିଳାଙ୍କ ପୁଅ ଟିଉସନସାରି ଫେରୁଥିବା ବେଳେ ଏଭଳି ଅଘଟଣ ଦେଖି ନିକଟସ୍ଥ ମାମୁଁଘର ଏବଂ ସମ୍ପର୍କୀୟଙ୍କୁ ଡାକ ପକାଇଥିଲେ। ତୁରନ୍ତ ସେମାନେ ଆସି ଯୁବକ ଜଣକ କବଳରୁ ମହିଳାଙ୍କୁ ଉଦ୍ଧାରକରି ଯୁବକଙ୍କୁ ଏକ ଗଛରେ ବାନ୍ଧି ପକାଇଥିଲେ। ପରେ ୧୧୨କୁ ଖବର ଦେଲାପରେ ପୁଲିସ ଯୁବକଙ୍କୁ ଉଦ୍ଧାରକରି ଥାନାକୁ ଆଣିଛି। ଏ ନେଇ ନୀଳଗିରି ଥାନାରେ ମହିଳାଜଣକ ଲିଖିତ ଅଭିଯୋଗ କରିଥିବା ବେଳେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଥିବା ପୋଲିସ ସୂତ୍ରରୁ ପ୍ରକାଶ।

ସୋର ଡାକ୍ତରଖାନାରେ ଉତ୍ତେଜନା

ସୋର, ୩।୧୧(ସମିସ): ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ କରିବାକୁ କର୍ମଚାରୀଙ୍କ ପରିବାର ଲୋକେ ଅମଙ୍ଗ ହେବାରୁ ଡାକ୍ତରଖାନାରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ଗତ ରବିବାର ଦିନ ସିଂହବାହିନୀ ଗଣନାଟ୍ୟର କଳାକାର ପାରିବାରିକ କଳହରୁ ଦୌଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ତାଙ୍କ ଶବକୁ ବ୍ୟବଚ୍ଛେଦ ପାଇଁ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଅଣାଯାଇଥିଲା। କିନ୍ତୁ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଶବ ବ୍ୟବଚ୍ଛେଦ ପାଇଁ ଟଙ୍କା ମାଗିବାରୁ ଡାକ୍ତରଖାନା କର୍ମଚାରୀ ନିରଞ୍ଜନ ଗୋଛାୟତ ଏବଂ ସିଂହବାହିନୀ କଳାକାର ପିୟୁଷ ତ୍ରିପାଠୀଙ୍କ ମଧ୍ୟରେ ବଚସା ହୋଇ ଏହା ତୀବ୍ର ରୂପ ଧାରଣ କରିଥିଲା। ଫଳରେ ସୋର ଥାନା ଅଧିକାରୀ ଅନୁରାଗ ମହାନ୍ତିଙ୍କ ହସ୍ତକ୍ଷେପ ଫଳରେ ହୋଇଥିବା ଗଣ୍ଡଗୋଳ କୁ ସମାଧାନ କରାଇ ଶବ ବ୍ୟବଚ୍ଛେଦ ମଧ୍ୟ କରାଯାଇଥିଲା। ଏହା ପରେ ଡାକ୍ତରଖାନା କର୍ମଚାରୀ ନିରଞ୍ଜନଙ୍କ ନାମରେ ସୋସିଆଲ ମିଡିଆରେ ନକରାତ୍ମକ ମନ୍ତବ୍ୟ ପ୍ରକାଶ ପାଇଥିଲା। ଫଳରେ ଏହାଦେଖି ପରିବାର ଲୋକେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ଆଜି ସୋର ଡାକ୍ତରଖାନାରେ ଏକ ଶବ ବ୍ୟବଚ୍ଛେଦ ପାଇଁ ଆସିଥିବା ବେଳେ ପରିବାର ଲୋକେ ଡାକ୍ତରଖାନାରେ ପହଞ୍ଚି ଆମକୁ ନ୍ୟାୟ ନ ମିଳିଲା ପର୍ଯ୍ୟନ୍ତ ନିରଞ୍ଜନ ଶବ ବ୍ୟବଚ୍ଛେଦ କରିବେ ନାହିଁ ବୋଲି ଜିଦ ଧରିବାରୁ ଶବ ବ୍ୟବଚ୍ଛେଦ ହୋଇପାରିନଥିଲା। ଫଳରେ ସୋର ଥାନା ଅଧିକାରୀ ଶ୍ରୀ ମହାନ୍ତି ଏବଂ ସୋର ଡାକ୍ତରଖାନା ଅଧିକ୍ଷକ ସୌମ୍ୟ ସମ୍ବିତ ବେହେରା ତାଙ୍କ ପରିବାର ଲୋକଙ୍କୁ ବୁଝାସୁଝା କରିବା ପରେ ନିରଞ୍ଜନ ଶବ ବ୍ୟବଚ୍ଛେଦ କରିଥିଲେ।

ୟୁଜିସି ନିୟମ ବନ୍ଦ ଦାବିରେ ବ୍ରାହ୍ମଣ ସମିତିର ଦାବିପତ୍ର

ବାଲେଶ୍ୱର, ୩।୧୧ (ସମିସ): ଶିକ୍ଷା କ୍ଷେତ୍ରରେ ୟୁଜିସି ମାଧ୍ୟମରେ କେନ୍ଦ୍ର ସରକାର ପ୍ରଣୟନ କରିଥିବା ନିୟମକୁ ବନ୍ଦ କରିବା ଦାବିରେ ବାଲେଶ୍ୱର ପୌରପାଳିକା ବ୍ରାହ୍ମଣ ସମିତି ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଆଜି ସମିତିର ଏକ ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ଏକ ଦରଖାସ୍ତ ପ୍ରଦାନ କରିଥିଲେ। ଶିକ୍ଷା କ୍ଷେତ୍ରରେ ସମସ୍ତଙ୍କ ପ୍ରତି ସମାନ ଆଭିମୁଖ୍ୟ ରହିବା ଆବଶ୍ୟକ। ଏକ ସମୃଦ୍ଧ ଓ ଆଦର୍ଶ ରାଷ୍ଟ୍ର ଗଠନ ପାଇଁ ଜାତି, ବର୍ଗ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖିବା ସହ ଶିକ୍ଷା କ୍ଷେତ୍ରରେ ସମାନ ସୁଯୋଗ ଓ ନ୍ୟାୟ ପ୍ରଦାନ କରାଯିବା ଉଚିତ ବୋଲି ସମିତି ପକ୍ଷରୁ ଦାବି କରାଯାଇଛି। ଏହି ଦାବିକୁ ନେଇ ଜଳେଶ୍ୱର ଓ ବସ୍ତା ଅଞ୍ଚଳରେ ମଧ୍ୟ ଶହ ଶହ କର୍ମୀ ଓ ବ୍ରାହ୍ମଣ ସମାଜର ସଦସ୍ୟମାନେ ଏକଜୁଟ ହୋଇ



କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର ପଠାଇଛନ୍ତି। ସେହିପରି ବାଲେଶ୍ୱର ସହରରେ ଜିଲ୍ଲାପାଳଙ୍କ ଜରିଆରେ ଏହି ଦାବି ଉପସ୍ଥାପନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବାଲେଶ୍ୱର ପୌରପାଳିକା ବ୍ରାହ୍ମଣ ସମିତିର ସଭାପତି ଡ. ଗୌର ସାଧନ ମିଶ୍ର, ସମ୍ପାଦକ ଶାନ୍ତି ସ୍ୱରୂପ ମିଶ୍ର, ଉପସଭାପତି ବିରେନ୍ଦ୍ର କୁମାର କର, କାର୍ଯ୍ୟକାରୀ ସଭାପତି ଚନ୍ଦ୍ରାଂଶୁ ବାନାର୍ଜୀ ଏବଂ ରେମୁଣା ବ୍ଲକ ବ୍ରାହ୍ମଣ ସମିତିର ସମ୍ପାଦକ ଉମେଶ ଚନ୍ଦ୍ର ଆଚାର୍ଯ୍ୟଙ୍କ ସମେତ ସମିତିର ବହୁ ସଦସ୍ୟ ଉପସ୍ଥିତ ଥିଲେ।

ଭତ୍ତା ଅବ୍ୟବସ୍ଥା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ୱାର୍ଡ କାଉନସିଲର

ବାଲେଶ୍ୱର, ୩।୧୧ (ସମିସ): ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପ୍ରଦାନକୁ ନେଇ ଦେଖାଦେଇଥିବା ଅବ୍ୟବସ୍ଥା ଏବେ ଅସହାୟ ଓ ଗରିବ ହିତାଧିକାରୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଯୋଗ୍ୟତା ଥାଇ ମଧ୍ୟ ଅନେକ ବୃଦ୍ଧବୃଦ୍ଧା, ବିଧବା, ଦିବ୍ୟାଙ୍ଗ ଓ ଅବିବାହିତ ବ୍ୟକ୍ତି ଭତ୍ତାରୁ ବଞ୍ଚିତ ରହୁଥିବା ବେଳେ ଯେଉଁମାନେ ଭତ୍ତା ପାଉଛନ୍ତି, ସେମାନଙ୍କୁ ମଧ୍ୟ ନିୟମିତ ଭାବେ ଅର୍ଥ ମିଳୁନଥିବା ଅଭିଯୋଗ ଉଠିଛି। ଏଭଳି ଏକ ଜନସ୍ୱାର୍ଥ ସମ୍ବଳିତ ପ୍ରସଙ୍ଗକୁ ନେଇ ବାଲେଶ୍ୱର ପୌରପାଳିକାର ୨୪ ନମ୍ବର ୱାର୍ଡର କାଉନସିଲର ତଥା ବିଜୁ ମହିଳା ଜନତା ଦଳର ବାଲେଶ୍ୱର ସଭାପତି ମୀନା ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଏହି ସମସ୍ୟାର ସମାଧାନ ପାଇଁ ହସ୍ତକ୍ଷେପ ଲୋଡ଼ିଛନ୍ତି। ସରକାର ଗରିବ ଓ ଅସହାୟଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ପାଇଁ ଯୋଜନା ପ୍ରଣୟନ କରୁଥିବା ସତ୍ତ୍ୱେ ତାହାର ସୁଫଳ ଯଦି ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିପାରୁନାହିଁ, ତେବେ ଯୋଜନାର ଉଦ୍ଦେଶ୍ୟ ସାଧନ ହେବ କିପରି ବୋଲି ସେ ପ୍ରଶ୍ନ ଉଠାଇଛନ୍ତି। ଏଥିସହ ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ତୁରନ୍ତ ଭତ୍ତା ଯୋଜନାରେ ସାମିଲ କରିବା, ପୂର୍ବରୁ ଆବେଦନ କରି ଅପେକ୍ଷାରେ ଥିବା ବ୍ୟକ୍ତିଙ୍କ ଆବେଦନର ତ୍ୱରିତ ଯାଞ୍ଚ କରିବା, ଭତ୍ତା ପ୍ରଦାନରେ ରହିଥିବା ବିଳମ୍ବ ଦୂର କରିବା ଏବଂ ପ୍ରତ୍ୟେକ ଯୋଗ୍ୟ ହିତାଧିକାରୀଙ୍କୁ ନିୟମିତ ଭାବେ ଭତ୍ତା ମିଳିବା ସୁନିଶ୍ଚିତ କରିବାକୁ ସେ ଦାବି ଜଣାଇଛନ୍ତି। ଏ

ବିଷ ଦେଇ ୬ଟି ଛେଳିକୁ ହତ୍ୟା ଅଭିଯୋଗ

ସିମୁଳିଆ, ୩।୧୧ (ସମିସ): ଛେଳି ପାଳନ ଥିଲା ଜୀବିକାର ଏକମାତ୍ର ଆଧାର। ସେହି ଛେଳିଙ୍କୁ ହରାଇ ଏବେ ଅସହାୟ ହୋଇପଡ଼ିଛନ୍ତି ଜଣେ ଭିନ୍ନକ୍ଷମ ବ୍ୟକ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ୬ ଟି ଛେଳିଙ୍କୁ ବିଷ ଦେଇ ମାରିଦିଆଯାଇଥିବା ନେଇ ଆସିଛି ସାଂଘାତିକ ଅଭିଯୋଗ। ଏଭଳି ଏକ ଦୁଃଖଦ ଘଟଣା ବାଲେଶ୍ୱର ଜିଲ୍ଲା ସିମୁଳିଆ ବ୍ଲକ ଅନ୍ତର୍ଗତ ଅଣ୍ଡରାଇ ପଞ୍ଚାୟତରେ ଘଟିଥିବା ଜଣାପଡ଼ିଛି। ଅଣ୍ଡରାଇ ପଞ୍ଚାୟତର ବ୍ରଜକିଶୋର ନାୟକ ଜଣେ ଭିନ୍ନକ୍ଷମ ବ୍ୟକ୍ତି। ଶାରୀରିକ ଅକ୍ଷମତା ସତ୍ତ୍ୱେ ସେ ହାର ନ ମାନି ଛେଳି ପାଳନକୁ ନିଜର ଜୀବିକା ଭାବେ ଆପଣାଇଥିଲେ। ଛେଳି ପାଳନରୁ ମିଳୁଥିବା ଆୟରେ ନିଜ ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ଅଭିଯୋଗ ଅନୁସାରେ, ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି କେତେକ ବ୍ୟକ୍ତି ଛେଳିମାନଙ୍କୁ ବିଷ ଦେଇଥିଲେ। ଫଳରେ ୬ଟି ଛେଳିଙ୍କର ମୃତ୍ୟୁ ହୋଇଥିବା ବ୍ରଜକିଶୋର ଅଭିଯୋଗ କରିଛନ୍ତି। ଆହୁରି ଦୁଃଖଦ ବିଷୟ ହେଉଛି, ମୃତ ଛେଳିଙ୍କ ମଧ୍ୟରୁ ୪ଟି ଗର୍ଭବତୀ ଥିବା ଜଣାପଡ଼ିଛି। ଏହି ଘଟଣା ଯୋଗୁଁ ତାଙ୍କର ବହୁ ଆର୍ଥିକ କ୍ଷତି ହେବା ସହ ଜୀବିକା ଉପରେ ଗଭୀର ପ୍ରଭାବ ପଡ଼ିଛି। ଘଟଣା ପରେ ବ୍ରଜକିଶୋର ମାନସିକ ଭାବେ ଭାଙ୍ଗିପଡ଼ିଛନ୍ତି। ଘଟଣାକୁ ନେଇ ସେ ସମ୍ପୃକ୍ତ ଥାନାରେ ଲିଖିତ ଏତଲା ଦାଏର କରିଛନ୍ତି।

କମ୍ୟୁନିଷ୍ଟ ପାର୍ଟିର ନୀଳଗିରି ଆଞ୍ଚଳିକ କମିଟି ବୈଠକ

ନୀଳଗିରି, ୩।୧୧ (ସମିସ): ଆଜି ପୂର୍ବାହ୍ନରେ ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ନୀଳଗିରି ଆଞ୍ଚଳିକ କମିଟି ବୈଠକ ସାଥୀ ସତ୍ୟଜିତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଦଳ ତରଫରୁ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ନିଷ୍ପତ୍ତି ନିଆ ହୋଇଛି। ଅକ୍ଟୋବର ବିପ୍ଳବ ପରିପ୍ରେକ୍ଷୀରେ ଆସନ୍ତା ନଭେମ୍ବର ମାସ ସାତ ତାରିଖ ଦିନ ସକାଳେ ପାର୍ଟିର ଲାଲ ପତାକା ଉତ୍ତୋଳନ ସହିତ ପାର୍ଟୀ ସାଥୀ ମାନଙ୍କର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କୁଲଡିହା ଅଭୟାରଣ୍ୟ ସମସ୍ୟା ଉପରେ ଭିଟାମାଟି ଜୀବନ ଜୀବିକା ସୁରକ୍ଷା ମଞ୍ଚ ତରଫରୁ ପ୍ରଶାସନ ଠାରେ ଦାବି ସହିତ ଉଚ୍ଚନ୍ୟାୟାଳୟ ଓଡିଶା ପାଖରେ ଏକ ମକଦ୍ଦମା କରାଯାଇଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ମାନ୍ୟବର ଉଚ୍ଚନ୍ୟାୟାଳୟ ଓଡିଶା ବାଲେଶ୍ୱର ଜିଲ୍ଲାପାଳଙ୍କୁ ସୀମା ନିର୍ଦ୍ଧାରଣ ପାଇଁ ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ତାହା ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟ ହୋଇ ନାହିଁ। ଏଥି ପାଇଁ ସରକାରଙ୍କ ଠାରେ ଦାବି କରାଯିବ। ପ୍ରଶାସନ ତରଫରୁ ଯାଥା ଶୀଘ୍ର ପଦକ୍ଷେପ ନ ନେଲେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ନୀଳଗିରି ଉପଜିଲ୍ଲାପାଳ ଅଫିସ ସମ୍ମୁଖରେ ଅହୋରାତ୍ର ଧାରଣା ଦିଆଯିବ ବୋଲି ନିଷ୍ପତ୍ତି ହୋଇଛି। ଆଜି ର ବୈଠକରେ ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି, ନିର୍ମଳ ନାୟକ, ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ଜିଲ୍ଲା କମିଟି ସଭ୍ୟ ସତ୍ୟଜିତ ଦାସ, ଅମରେନ୍ଦ୍ର ନାୟକ, ମନୋରଞ୍ଜନ ସାହୁ, ଭାଗବାନ ମହାନ୍ତି, ନାରାୟଣ ଧମୁଡ଼ିହା, ଦିବାକର ବାରିକ, କାଳିଆ ପାତ୍ର, ହେମେନ୍ଦ୍ର ସେଠୀ, ମୃତ୍ୟୁଞ୍ଜୟ ନାୟକଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

ହାମ୍ବିରିଆ ଶ୍ରୀଶ୍ରୀ ନିଗମାନନ୍ଦ ସାରସ୍ୱତ ସଂଘର ବାର୍ଷିକ ଉତ୍ସବ

ବାଲେଶ୍ୱର(ଉତ୍ତର), ୩।୧୧ (ସମିସ): ଶ୍ରୀଶ୍ରୀ ଠାକୁର ନିଗମାନନ୍ଦଙ୍କ ଅହେତୁକ କୃପାବଳରୁ ହାମ୍ବିରିଆ ସାରସ୍ୱତ ସଂଘର ବାର୍ଷିକ ଉତ୍ସବ କୁମୁଦିନୀ ଜେନାଙ୍କ ବାସ ଭବନରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ସମୟରେ ଜିଲ୍ଲା ସଦସ୍ୟ ଦିଲ୍ଲୀପ କୁମାର ପଣ୍ଡାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଅନ୍ତରଙ୍ଗ ସଭାରେ ରବୀନ୍ଦ୍ର କୁମାର ପାତ୍ର ସଭାପତିତ୍ୱ କରିଥିଲେ। ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଆସାମ-ବଙ୍ଗୀୟ ସାରସ୍ୱତ ମଠ ହାଲି ସହରର ପୂତ ମୂର୍ତ୍ତି ମହନ୍ତ ଶ୍ରୀମଦ ସ୍ୱାମୀ ଡ଼ଃ ବ୍ରଜେଶାନନ୍ଦ ସରସ୍ୱତୀ ମହାରାଜ, ମୁଖ୍ୟବକ୍ତାଭବେ ଓଳିନ୍ଦା ଶ୍ରୀଶ୍ରୀ ନିଗମାନନ୍ଦ ଆଶ୍ରମ ର ବିଭାଗୀୟ ସଦସ୍ୟ ବିଜୟ କୁମାର ନନ୍ଦ, ଅଧକ୍ଷ ଶ୍ରୀମଦ ସ୍ୱାମୀ ଭବେଶା ନନ୍ଦ ସରସ୍ୱତୀ, ଆସାମ-ବଙ୍ଗୀୟ ସାରସ୍ୱତ ମଠ ହାଲି ସହରର ଋଷି ବିଦ୍ୟାଳୟର ଅଧ୍ୟାପକ ଶ୍ରୀମଦ ସ୍ୱାମୀ ବିଦ୍ୟାନନ୍ଦ ସରସ୍ୱତୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ସଦସ୍ୟ ଭବଶଙ୍କର ଦାସ ମହାପାତ୍ର, ନାରାୟଣ ଚନ୍ଦ୍ର ଦାସ, ଦିଲ୍ଲୀପ କୁମାର ପଣ୍ଡା, ଅନନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ଠାକୁରଙ୍କ ଜୀବନୀ ଓ ସବିକଳ୍ପ, ନିର୍ବିକଳ୍ପ ସମାଧି ମାନବ ଜୀବନରେ ଗୁରୁ ଗ୍ରହଣର ଆବଶ୍ୟକତା, ଜୀବନର ଲକ୍ଷ୍ୟ, ମୁକ୍ତି, ମୋକ୍ଷ ଲାଭ ଇତ୍ୟାଦି ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ବିଜୟ କୁମାର ନନ୍ଦ ଅଭୟ ବାଣୀକୁ ବ୍ୟାଖ୍ୟା କରିବା ସହ ସଂଘ ଶକ୍ତିର ପ୍ରତିଷ୍ଠା, ଆଦର୍ଶ ଗୃହସ୍ଥ ଜୀବନ ଗଠନ, ସନାତନ ଧର୍ମର ପ୍ରଚାର ପ୍ରସାର ବଳରେ ଆଦର୍ଶ ସମାଜ ଗଠନ ହେବ ବୋଲି ମତବ୍ୟକ୍ତ କରିଥିଲେ। ଅପରାହ୍ନରେ ଅନୁରାଧା ପଣ୍ଡାଙ୍କ ପରିଚାଳନାରେ ପ୍ରଭାତୀ, ପ୍ରତୀକ୍ଷା, ଅର୍ଚ୍ଚନା, ମଙ୍ଗଳ ଆରତୀ ଅନୁଷ୍ଠିତ ହୋଇଥିଲାବେଳେ ପଣ୍ଡିତ ଦେବୀପ୍ରସାଦ ପଣ୍ଡା ଶ୍ରୀଶ୍ରୀ ଗୁରୁ ଗୀତାପାଠ ଓ ଶ୍ରୀମଦ ଗୀତା ପାଠ କରିଥିଲେ। ଜୟନ୍ତ ଘଡ଼ାଇ ଓ ଧୀରେନ ଜେନା ପରିଚାଳନାରେ ସହଯୋଗ କରିଥିଲେ।

କେ.ଏଲ୍.ଏମ୍-୧୫ ସଙ୍ଗୀତ ପ୍ରତିଯୋଗିତା

ବାଲେଶ୍ୱର, ୩।୧୧(ସମିସ): ଉଦ୍ୟୋଗ ଭବନରେ ନଭେମ୍ବର ୧ ତାରିଖ ରବିବାର କେ.ଏଲ୍.ଏମ୍-୧୫ ସଙ୍ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଦିବଂଗତ କଣ୍ଠଶିଳ୍ପୀ କିଶୋର କୁମାର, ଲତା ମଙ୍ଗେସକର ଓ ମହମ୍ମଦ ରଫିଙ୍କ କାଳଜୟୀ ଗୀତକୁ ଆଧାର କରି ପ୍ରତିବର୍ଷ ଏହି ଲୋକପ୍ରିୟ ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏହି କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବେ ବିଧାୟିକା ସୁବାସିନୀ ଜେନା, ସମାଜସେବୀ ଶ୍ରଦ୍ଧାଞ୍ଜଳି ରାୟ, ରୋଟାରିଆନ ସୁବ୍ରତ କର ଏବଂ ଉଦ୍ୟୋଗପତି ଦେବେନ୍ଦ୍ର ନାଥ ରାୟ ଯୋଗ ଦେଇଥିଲେ। ବିଗତ ୧୪ ବର୍ଷ ଧରି ସୁମହନ ମ୍ୟୁଜିକ ଏହି ପ୍ରତିଯୋଗିତା ଆୟୋଜନ କରି ଲୁକ୍କାୟିତ ଯୁବ ପ୍ରତିଭାଙ୍କୁ ପ୍ରେରଣା ଯୋଗାଇ ଆସୁଥିବାରୁ ଅତିଥିବୃନ୍ଦ ଅନୁଷ୍ଠାନର ପୁରୋଧା କଣ୍ଠଶିଳ୍ପୀ ସୁଜିତ ଭୋଇଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ଲୋକପ୍ରିୟ କଣ୍ଠଶିଳ୍ପୀ ତଥା ସଙ୍ଗୀତ ନିର୍ଦ୍ଦେଶକ ପ୍ରମୋଦ କୁମାର ଦାସଙ୍କ ଦୁଃଖଦ ବିୟୋଗ ହେତୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା



ଓ ତାଙ୍କ ପ୍ରତି ସମର୍ପିତ ଏକ ମରଣୋତ୍ତର ମାନପତ୍ର ତାଙ୍କ ଜ୍ୟେଷ୍ଠ ପୁତ୍ର ସୁରଜିତ ଦାସ ଗ୍ରହଣ କରିଥିଲେ। ୨୦୨୬ କେ.ଏଲ୍.ଏମ୍-୧୫ ସଙ୍ଗୀତ ପ୍ରତିଯୋଗିତାର ସବ୍-ଜୁନିଅର, ଜୁନିଅର ଓ ସିନିଅର ବିଭାଗରେ ପ୍ରତିଯୋଗୀ କୃତିତ୍ୱ ଅର୍ଜନ କରିଛନ୍ତି। ବିଭିନ୍ନ ବିଭାଗରେ ବିଚାରକ ଭାବେ ଉଜ୍ଜ୍ୱଳ ଚାନ୍ଦ, ଅମୃତାଂଶୁ ପଟ୍ଟନାୟକ, ବାପି ରାଜ, ସୁଜିତ ଭୋଇ, ମମତା ହାଜରା, କୌଶିକ ଶତପଥୀ, ସନ୍ତୋଷ ସେନାପତି, ସାଇ ଶୁଭଙ୍କର, ସୁରଜିତ ଦାସ, ମୌସୁମୀ ଦାସ ଓ ସମରେନ୍ଦ୍ର ମହାପାତ୍ର କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ କରାଯାଇଥିଲା। ଚିତ୍ରକର ଶଶିକାନ୍ତ ଗିରିଙ୍କ ଅଧକ୍ଷତାରେ ଏକ କମିଟି ଚିତ୍ରାଙ୍କନର ମୂଲ୍ୟାୟନ କରିଥିଲା ଓ କୃତୀ ପ୍ରତିଯୋଗୀମାନେ ମଞ୍ଚରେ ପୁରସ୍କୃତ ହୋଇଥିଲେ। ସଙ୍ଗୀତ ଶିକ୍ଷାରେ ପାରଦର୍ଶିତା ପ୍ରଦର୍ଶନ କରୁଥିବା ସୁମହନ ମ୍ୟୁଜିକର ଛାତ୍ରଛାତ୍ରୀଙ୍କୁ ମଧ୍ୟ ମଞ୍ଚରେ ମେଡାଲ ପ୍ରଦାନ କରାଯାଇଥିଲା। ସଭାକାର୍ଯ୍ୟ ସମ୍ପାଦକ ନରୋତ୍ତମ ଜେନା ସଞ୍ଚାଳନ କରିଥିବାବେଳେ ଉପ-ସଭାପତି ସମରେନ୍ଦ୍ର ମହାପାତ୍ର ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅନୁଷ୍ଠାନର ସଦସ୍ୟ ମନୋରଞ୍ଜନ, ନୀତେଶ, ଋତୁପଲ୍ଲବୀ ଓ ବୈଶାଖୀ ମଞ୍ଚ ଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

କେବେ ସକ୍ରିୟ ହେବ ବାଲେଶ୍ୱର ରେଡ୍‌କ୍ରସ୍

● ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବଢ଼ିଲା ଚାପ

ବାଲେଶ୍ୱର, ୩।୧୧(ସମିସ): କେବେ ସକ୍ରିୟ ହେବ ବାଲେଶ୍ୱର ରେଡକ୍ରସ? ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ବଢ଼ିଲା ଚାପ। କାରଣ ନିର୍ଦ୍ଦେଶକୁ ବିତିଲାଣି ଏକ ମାସ। ଅନ୍ୟପଟେ ନୂଆ କମିଟିକୁ ୩ ମାସରେ ଅନୁମୋଦନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୀର୍ଘ ବର୍ଷର ନ୍ୟାୟିକ ଲଢ଼େଇ ପରେ ବାଲେଶ୍ୱର ଜିଲ୍ଲା ରେଡକ୍ରସ ଶାଖାକୁ ସକ୍ରିୟ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩ ମସିହାରେ ଅସ୍ଥାୟୀ ଏବଂ ୨୦୨୪ ମସିହାରେ ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଗଠିତ ଜିଲ୍ଲା ରେଡକ୍ରସ ଶାଖାକୁ ତିନି ମାସ ମଧ୍ୟରେ ଅନୁମୋଦନ କରିବାକୁ ଜିଲ୍ଲା କାର୍ଯ୍ୟକାରୀ କମିଟିର ନିର୍ବାଚିତ ସଦସ୍ୟ ଅନିରୁଦ୍ଧ ଦାସଙ୍କ ଆବେଦନକୁ ଗ୍ରହଣ କରି ବିଚାରପତି ଚିତ୍ତରଞ୍ଜନ ଦାଶ ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ମନଇଚ୍ଛା ଖର୍ଚ୍ଚ, ଆଜୀବନ ସଦସ୍ୟଙ୍କୁ ଅଣଦେଖା ଏବଂ ନିର୍ବାଚିତ କମିଟିକୁ ଦାୟିତ୍ୱ ହସ୍ତାନ୍ତର ନ କରିବା ବିରୁଦ୍ଧରେ ବାଲେଶ୍ୱର ସିଭିଲ ସୋସାଇଟି ତରଫରୁ ହାଇକୋର୍ଟରେ ଆଶ୍ରୟ ନିଆଯାଇଥିଲା। ଏହାପରେ ତତ୍କାଳୀନ ଜିଲ୍ଲାପାଳ ବୈଠକ ଡାକି କମିଟି ଗଠନ କରିଥିଲେ। କମିଟିରେ ଅନ୍ତର୍ଯ୍ୟାମୀ ପ୍ରଧାନ ଚେୟାରମ୍ୟାନ, ଲମ୍ବୋଦର ନାୟକ ଭାଇସ ଚେୟାରମ୍ୟାନ ଏବଂ ବ୍ୟାଙ୍କ ଅଧିକାରୀ ରାଜେଶ ବେହେରା କୋଷାଧକ୍ଷ ଭାବେ ଏବଂ ପାଞ୍ଚ ଜଣ ସଦସ୍ୟ/ସଦସ୍ୟା ଓ ସବ-କମିଟି ସଂଯୋଜକ ଚୟନ କରାଯାଇଥିଲା। ୨୦୨୪ ଡିସେମ୍ବରରୁ କମିଟି ଗଠନ ହୋଇ ସାରିଥିଲେ ବି ଦାୟିତ୍ୱ ହସ୍ତାନ୍ତର କରାଯାଇନଥିଲା। ରାଜ୍ୟ ଶାଖା ଅନୁମୋଦନର ବାହାନା କରି ଜିଲ୍ଲା ପ୍ରଶାସନର କେତେକ ସ୍ୱାର୍ଥାନ୍ୱେଷୀ ଅଧିକାରୀ ନିର୍ବାଚିତ କମିଟିକୁ ଅଣଦେଖା କରି ଆସୁଥିବା ଅଭିଯୋଗ ହୋଇଥିଲା। ରାଜ୍ୟ ଶାଖା ଏବଂ ଜିଲ୍ଲା ଶାଖାର ଏଭଳି ମନୋଭାବ ବିରୁଦ୍ଧରେ କମିଟିର ସଦସ୍ୟ ଅନିରୁଦ୍ଧ ଦାସ, ପ୍ରଦୀପ କୁମାର ଚାଟାର୍ଜୀ, ଲମ୍ବୋଦର ନାୟକ, ଅନ୍ତର୍ଯ୍ୟାମୀ ପ୍ରଧାନ ଓ ଅନ୍ୟମାନେ ପୁଣି ହାଇକୋର୍ଟରେ ଆଶ୍ରୟ ନେଇଥିଲେ। ଏବେ ପ୍ରଶ୍ନ ଉଠୁଛି, ଟାଳଟୁଳ ନୀତି ଅବଲମ୍ବନ କରି ଆସୁଥିବା ରାଜ୍ୟ ରେଡକ୍ରସ ଶାଖା କେବେ ନିର୍ବାଚିତ କମିଟିକୁ ଅନୁମୋଦନ କରୁଛି? ଯଦି ନିର୍ଦ୍ଧାରିତ ତିନି ମାସ ମଧ୍ୟରେ ରାଜ୍ୟ ଶାଖା ପଦକ୍ଷେପ ନ ନିଏ ଏବଂ ଜିଲ୍ଲା ପ୍ରଶାସନ ଦାୟିତ୍ୱ ହସ୍ତାନ୍ତର ନ କରେ, ତେବେ ଅଦାଲତ ଅବମାନନା ମାମଲା ସହ କ୍ଷତିପୂରଣ ପାଇଁ ହାଇକୋର୍ଟରେ ଆଶ୍ରୟ ନିଆଯିବ ବୋଲି ମାମଲା ପରିଚାଳନା କରୁଥିବା ଆଇନଜୀବୀ କହିଛନ୍ତି।

ସଦର ବ୍ଲକ କାର୍ଯ୍ୟାଳୟରେ ଚାଲିଛି ମନମାନି

ବାଲେଶ୍ୱର ସଦର, ୩।୧୧ (ସମିସ): ବାଲେଶ୍ୱର ଜିଲ୍ଲା ମୁଖ୍ୟାଳୟରେ ଥିବା ସରକାରୀ କାର୍ଯ୍ୟାଳୟର ଅବସ୍ଥା ଏବେ ଅତ୍ୟନ୍ତ ଶୋଚନୀୟ। ଅଧିକାରୀ ଓ କର୍ମଚାରୀଙ୍କ ମନମୁଖୀ କାର୍ଯ୍ୟ ସୀମା ଟପିଲାଣି। ଏହି ବ୍ଲକ କାର୍ଯ୍ୟାଳୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସାମ୍ନାରେ ଅବସ୍ଥିତ, ମାତ୍ର ଏଠାରେ ସକାଳ ୧୦:୩୦ ଯାଏଁ ଚାବି ଖୋଲା ଯାଇନଥିଲା। ଏହା ପ୍ରକୃତରେ ଦୀପ ତଳ ଅନ୍ଧାର ସଦୃଶ ଘଟଣା ବୋଲି ସ୍ଥାନୀୟ ଲୋକେ କହୁଛନ୍ତି। ସରକାରୀ ନିୟମ ଅନୁସାରେ ସକାଳ ୧୦ଟାରେ ଅଫିସ ଖୋଲିବା କଥା। କିନ୍ତୁ ବାସ୍ତବରେ ଅଧିକାରୀ ଓ କର୍ମଚାରୀ ମାନେ ନିଜ ମନମୁଖୀ ଭାବେ ଆସୁଛନ୍ତି। ରାସନ କାର୍ଡ, ବାର୍ଦ୍ଧକ୍ୟ ଭତ୍ତା, ବିଧବା ଭତ୍ତା, ଦିବ୍ୟାଙ୍ଗ ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ଅତି ଗୁରୁତ୍ୱପୂର୍ଣ୍ଣ କାମ ନେଇ ପ୍ରତିଦିନ ଶହ ଶହ ଲୋକ ବ୍ଲକ



କାର୍ଯ୍ୟାଳୟକୁ ଆସୁଛନ୍ତି। ଦୂର ଦୂରାନ୍ତରୁ ଆସିଥିବା ବୃଦ୍ଧ ଲୋକେ ଘଣ୍ଟା ଘଣ୍ଟା ଧରି ବାରଣ୍ଡାରେ ବସି ଅପେକ୍ଷା କରୁଛନ୍ତି, କିନ୍ତୁ ଟେବୁଲରେ କର୍ମଚାରୀ ନାହାନ୍ତି। ସରକାର ବାୟୋମେଟ୍ରିକ ଉପସ୍ଥାନ ବାଧ୍ୟତାମୂଳକ କରିଛନ୍ତି, କିନ୍ତୁ ଏଠାରେ ତାହା କେବଳ କାଗଜ ପତ୍ରରେ ସୀମିତ ରହିଛି କି ବୋଲି ପ୍ରଶ୍ନ ଉଠୁଛି। ଜିଲ୍ଲାପାଳଙ୍କ ନାକ ତଳେ ଯଦି ଏଭଳି ଅବ୍ୟବସ୍ଥା ହେଉଛି, ତେବେ ବସ୍ତା, ବାଲିଆପାଳ, ଭୋଗରାଇ ଭଳି ଗ୍ରାମାଞ୍ଚଳ ବ୍ଲକ ଗୁଡିକର ଅବସ୍ଥା କଣ ହେଉଥିବ ତାହା ସହଜେ ଅନୁମେୟ। ଜିଲ୍ଲା ପ୍ରଶାସନ ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଜନସାଧାରଣ ଦାବି କରିଛନ୍ତି। ଘଟଣା ସମ୍ପର୍କରେ ବିଡିଓ ଉତ୍ତମ କୁମାର ଜେନାଙ୍କୁ ପଚାରିବାରୁ ଯାହା କଥା ଅଛି ଆସି ଦେଖା କରନ୍ତୁ ବୋଲି କହିଥିଲେ।

● ଅନଲାଇନ୍ ମ୍ୟୁଟେସନ ବ୍ୟବସ୍ଥା ଫେଲ୍!


ଦଲିଲ ପରେ ୪ ମାସ ହେଲା ମିଳୁନି ପଟ୍ଟା

ବାଲେଶ୍ୱର, ୩।୧୧(ସମିସ): ରାଜ୍ୟ ସରକାର ଜମି କିଣାବିକା ପରେ ତୁରନ୍ତ ଅନଲାଇନରେ ପଟ୍ଟା ମିଳିବ ବୋଲି ଡିଣ୍ଡିମ ପିଟୁଛନ୍ତି। ହେଲେ ବାସ୍ତବ ଚିତ୍ର ଓଲଟା। ସପ୍ତାହ ମଧ୍ୟରେ ପଟ୍ଟା ସଂଶୋଧନ ହେବା କଥା ଥିଲେ ବି ୪ ମାସ ବିତିଯାଇଥିଲେ ସୁଦ୍ଧା ସଂଶୋଧନ ପଟ୍ଟା ମିଳୁନାହିଁ। ଏଭଳି ଅଭିଯୋଗ ଆସିଛି ବାଲେଶ୍ୱର ଜିଲ୍ଲାରୁ। ସାରଗାଁ ମୌଜାର ଖାତିଆନ ନଂ ୫୧୮/୧୦୧୮ ର ଜମି ମଧୁସ୍ମିତା ବେହେରା ଗତ ଜୁଲାଇ ୧୭ ତାରିଖ ୨୦୨୬ରେ ରେଜିଷ୍ଟ୍ରି କରିଥିଲେ। ଆରଏସଡି ନଂ ୧୦୦୬୨୬୦୪୦୦୦ ମାଧ୍ୟମରେ ବାଲେଶ୍ୱର ସବ-ରେଜିଷ୍ଟ୍ରାର ଅଫିସରେ ଦଲିଲ ହୋଇଥିଲା। ନିୟମ ଅନୁସାରେ ଅନଲାଇନ୍ ମ୍ୟୁଟେସନ ପରେ ମାସକ ମଧ୍ୟରେ ନୂଆ ପଟ୍ଟା ଆସିବା କଥା। ହେଲେ ଭୂଲେଖ ପୋର୍ଟାଲ ଖୋଲି ଦେଖିଲା ବେଳକୁ ଏଯାଏଁ ପୁରୁଣା ପଟ୍ଟା ହିଁ ଦେଖାଉଛି। ନୂଆ ମାଲିକଙ୍କ ନାମରେ ଆରଓଆର ପ୍ରସ୍ତୁତ ହୋଇନାହିଁ। ନିୟମ କହୁଛି, ଯଦି ପଟ୍ଟା ସଂଶୋଧନରେ କୌଣସି ଆପତ୍ତି ବା ବିବାଦ ନଥାଏ, ତେବେ ଏହାକୁ ଆବେଦନ କରିବାର ୭ ଦିନ ମଧ୍ୟରେ ସମାଧାନ କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଯଦି ଜମିକୁ ନେଇ କୌଣସି ଆପତ୍ତି ବା ବିବାଦ ଉପୁଜେ, ତେବେ ତହସିଲଦାରଙ୍କ ଦ୍ୱାରା ଏହାର ଶୁଣାଣି କରାଯାଇ ସର୍ବାଧିକ ୩୦ଟି କାର୍ଯ୍ୟ ଦିବସ ମଧ୍ୟରେ ମାମଲା ଖାରଜ କରାଯିବାର ନିୟମ ରହିଛି। ହେଲେ ଏନେଇ ବାରମ୍ବାର ବାଲେଶ୍ୱର ତହସିଲ ଅଫିସ ଦୌଡି ଦୌଡି ନୟାନ୍ତ ହେଲେଣି ଜମି ମାଲିକ। ଅନଲାଇନ ମ୍ୟୁଟେସନ ଓ ଆରଓଆର ପ୍ରେରଣରେ ଅହେତୁକ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ଆଡଭୋକେଟ ପ୍ରଦୀପ୍ତ କାନୁନଗୋ। ତୁରନ୍ତ ପଟ୍ଟା ସଂଶୋଧନ କରିବାକୁ ସେ ଜିଲ୍ଲା ପ୍ରଶାସନକୁ ଦାବି କରିଛନ୍ତି।

ଅବହେଳିତ ଜଗତେଶ୍ୱର ମହାଦେବ ପୀଠ

କାଳିପଦା, ୩।୧୧ (ସମିସ):

ବାଲିଆପାଳ ବ୍ଲକ ଜଗତୀପୁର ପଞ୍ଚାୟତର ଜଗତୀପୁର ଗାଁ ରେ ରହିଛି ପ୍ରାଚୀନ ଜଗତେଶ୍ୱର ମହାଦେବ ପୀଠ। ପ୍ରଶାସନ ଓ ରାଜନେତାଙ୍କ ଚରମ ଅବହେଳାରୁ ଏହି ପୀଠ ଅବହେଳିତ। ଉନ୍ନତିର ନାଁ ଧରୁ ନାହିଁ। ବାଲିଆପାଳର ଅନ ଐତିହାସିକ ଦୁର୍ଗ ଦେଉଳା କାନ୍ଥୀ ଦୁର୍ଗର ରାଜା ମନଧାତା ଥିଲେ ଶୈବ ଭକ୍ତ। କିମ୍ବଦନ୍ତୀ ଅନୁସାରେ ସେ ହିଁ ଏହି ମନ୍ଦିତ ତୋଳାଇ ଥିଲେ। ରାଜା ପ୍ରତିଦିନ ଚାନ୍ଦମଣୀ ସୁମୁଦ୍ର ଘାଟରେ ସ୍ନାନ ସାରି ଚାନ୍ଦେଶ୍ୱର ମହାଦେବ, ଲଙ୍ଗଳେଶ୍ୱର ମହାଦେବଙ୍କୁ ଦର୍ଶନ କରିଲା ପରେ ଶେଷରେ ଜଗତେଶ୍ୱର ମହାଦେବଙ୍କୁ ଅର୍ଘ୍ୟ ଅର୍ପଣ କରି ରାଜ ନଅରକୁ ଫେରି ଆସୁଥିଲେ। ସ୍ଥାନୀୟ ଲୋକଙ୍କ କହିବା କଥା ବିଧର୍ମୀ କଳା ପାହାଡ଼ ଏହି ଭବ୍ୟ ମନ୍ଦିରକୁ ଭାଙ୍ଗି ଧ୍ୱଂସ କରିଥିଲେ। ମାତ୍ର ମନ୍ଦିରକୁ ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ପାରି ନ ଥିଲେ। ଏବେ ଭଙ୍ଗା ମନ୍ଦିରରେ ମହାଦେବ ପୂଜା ପାଉଛନ୍ତି। ଭଙ୍ଗା ମନ୍ଦିରର ପାଶ୍ୱର୍ରେ ଗଦା ଗଦା ମାଙ୍କଡା ପଥର ଏବେ ଠୁଳ ହୋଇ ପଡ଼ି ରହିଛି। ବ୍ରିଟିଶ ଶାସନ କାଳରେ ଜମିଦାର ଶରତ ଚନ୍ଦ୍ର ଚକ୍ରବର୍ତ୍ତୀ ମନ୍ଦିରର ପୁନଃ ନିର୍ମାଣ ପାଇଁ ଉଦ୍ୟମ କରି ବିଫଳ ହୋଇ ଥିଲେ। ସେ ମହାଦେବଙ୍କ ପୂଜା ଅର୍ଘ୍ୟ ପାଇଁ ୧୦ ଏକର ଜମି ଓ ଆନୁସଙ୍ଗିକ ବ୍ୟବସ୍ଥା ଯୋଗାଇ ଦେଇଥିଲେ। ସେ ସବୁ ଆଜି



ଜବରଦଖଲକାରୀଙ୍କ କବ୍ଜାରେ। ବୟସ୍କ ଲୋକଙ୍କ କହିବା ଅନୁସାରେ ଏଠାରେ ନିଶାର୍ଦ୍ଧରେ ଜଗତେଶ୍ୱର ମହାଦେବ ମନ୍ଦିରରୁ ବାହାରି ଚଳ ପ୍ରଚଳ କରନ୍ତି। ସେହି ସମୟରେ ଝୁଣା ଧୂପର ବାସ ଚତୁଃର୍ଦ୍ଦିଗକୁ ମହକି ଯାଏ। ମନ୍ଦିର ବେଢାରେ ଏକ ପ୍ରକାଣ୍ଡ ବଉଳ ଗଛ ଅଛି ଯେଉଁ ଗଛରେ ଫୁଲ ଫୁଟେ ଫଳ ଧରେ ନାହିଁ। ପୂଜକ କୃତ୍ତିବାସ ପଣ୍ଡା ହାକାଣ୍ଡ ପୋଖରୀରୁ ସ୍ନାନ ସାରି ମନ୍ଦିରକୁ ଆସୁଥିବା ବେଳେ ଗଛ ଉପରେ ଥିବା ଏକ ପକ୍ଷୀ ତାଙ୍କ ଉପରେ ମଳ ତ୍ୟାଗ କରିବାରୁ ସେ କ୍ରୋଧାନ୍ୱିତ ହୋଇ ଗଛକୁ ଅଭିଶାପ ଦେଇଥିଲେ ଫୁଲ ହେବ ଫଳ ଧରିବ ନାହିଁ। ଗଛ ମୂଳରେ ଆଠ ଆଙ୍ଗୁଳି ଚିହ୍ନ ଥିବା ବିରାଟ ମାଙ୍କଡା ପଥର ରହିଛି। ଏହାକୁ ସ୍ଥାନୀୟ ଲୋକ ଭୀମ ପାଦ ବୋଲି କହନ୍ତି। ହାକାଣ୍ଡ ପୋଖରୀ ଖୋଳା ଗଲା ବେଳେ ଶ୍ରମିକ ମାନଙ୍କ ସମୂହ ମୃତ୍ୟୁ ପରି ଅଦ୍ଭୁତ ଘଟଣା ଘଟିଥିଲା। ଚୈତ୍ର ମାସରେ ମହାଦେବଙ୍କ ଚଡକ ଯାତ୍ରା ଅନୁଷ୍ଠିତ ହୁଏ। ତାହାଛଡା ଜାଗରରେ ଅଧିକ ଭକ୍ତ ସମାବେଶ ହୋଇ ଥାଏ। ଲଙ୍ଗଳେଶ୍ୱରଠାରୁ ୫ କିମି ଦୂର ଦକ୍ଷିଣକୁ ଗଲେ ପଡେ ପଞ୍ଚୁପାଲିର ଗିରି ବଜାର। ଏହାର ପୂର୍ବ ଦିଗରେ ରହିଛି ରତାଇ ହାଟ। ରତାଇ ହାଟର ଠିକ ପରେ ପରେ ଜଗତୀପୁର ଗ୍ରାମ। ଏଠାରେ ରାସ୍ତା କଡରେ ରହିଛି ଜଗତେଶ୍ୱର ମହାଦେବ ମନ୍ଦିର। ଐତିହ୍ୟ ସମ୍ପନ୍ନ ଏହି ମନ୍ଦିରର ଉନ୍ନତି ନ ହେବା ବିଡମ୍ବନା ନୁହେଁ କି?

ଦେଖୁଲିଆ ଗ୍ରାମ ନିକଟ ଜଙ୍ଗଲରେ ବାଘ

ଅମ୍ବାଭୋନା,୩।୧୧(ସମିସ):

ଅମ୍ବାଭୋନା ବ୍ଲକ ଅନ୍ତର୍ଗତ କୁମ୍ଭୋ ଗ୍ରାମପଞ୍ଚାୟତର ଦେଖୁଲିଆ ଗ୍ରାମ ନିକଟସ୍ଥ ଜଙ୍ଗଲରେ ବାଘ ଦେଖାଯାଇଥିବା ଖବରକୁ ନେଇ ସମଗ୍ର ଅଞ୍ଚଳରେ ଭୟ ଓ ଆତଙ୍କର ବାତାବରଣ ସୃଷ୍ଟି ହୋଇଛି। ଛତିଶଗଡ଼ ପଟୁ ଏକ ବାଘ ଆସି ଏହି ଅଞ୍ଚଳରେ ବିଚରଣ କରୁଥିବା ନେଇ ସ୍ଥାନୀୟ ଲୋକଙ୍କଠାରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଦେଖୁଲିଆ ଓ ଏହାର ଆଖପାଖ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ କେତେକ ବ୍ୟକ୍ତି ବାଘକୁ ଦେଖିଥିବା ଦାବି କରିବା ସହ ଗ୍ରାମବାସୀଙ୍କୁ ଏ ସମ୍ପର୍କରେ ସତର୍କ କରାଇଥିଲେ। ଖବର ପ୍ରଚାରିତ ହେବା ପରେ ଜଙ୍ଗଲକୁ କାଠ ଓ ଅନ୍ୟାନ୍ୟ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଯାଉଥିବା ଲୋକଙ୍କ ସମେତ ଚାଷୀ ଓ ଗୋରୁ ଚରାଳିମାନେ ଚିନ୍ତିତ ହୋଇପଡ଼ିଛନ୍ତି। ଗ୍ରାମବାସୀ ବନ ବିଭାଗକୁ ଅବଗତ କରାଇବା ପରେ ବନ କର୍ମଚାରୀମାନେ ଘଟଣାସ୍ଥଳରେ ପହଞ୍ଚି ଜଙ୍ଗଲ ଓ ଆଖପାଖ



ଅଞ୍ଚଳରେ ପାଟ୍ରୋଲିଂ ଜାରି ରଖିଛନ୍ତି। ଏନେଇ ଭଟଲି ରେଞ୍ଜରଙ୍କ ସହ ଯୋଗାଯୋଗ କରାଯିବାରୁ ଆସନ୍ତାକାଲି ସୁଦ୍ଧା ଘଟଣାର ପ୍ରକୃତ ସ୍ଥିତି ସ୍ପଷ୍ଟ ହେବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ପ୍ରକାଶପୁରରୁ ଭଟଲି ବ୍ଲକକୁ ସଂଯୋଗ କରୁଥିବା ଏହି ରାସ୍ତାଟି ଅଞ୍ଚଳର ଏକ ପ୍ରମୁଖ ଯାତାୟାତ ମାର୍ଗ ହୋଇଥିବାରୁ ଏହି ଘଟଣା ଯାତ୍ରୀ ଓ ସ୍ଥାନୀୟ ଲୋକଙ୍କ ଚିନ୍ତାକୁ ଆହୁରି ବଢ଼ାଇଛି। ବାଘର ଗତିବିଧି ଉପରେ ନିୟମିତ ନଜର ରଖିବା ସହ ଏହାର

ଭୟଭୀତ ଗ୍ରାମବାସୀ, ବିଭିନ୍ନ ସ୍ଥାନରେ ଲାଗିଲା କ୍ୟାମେରା

ଉପସ୍ଥିତି ସମ୍ପର୍କରେ ସଠିକ୍ ତଥ୍ୟ ସଂଗ୍ରହ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଆଜି ବରଗଡ ଡିଏଫ୍‌ଓ ସରୋଜ ପଣ୍ଡା ତାଙ୍କ ଷ୍ଟାଫ ଯାଇ ଅଞ୍ଚଳର ବିଭିନ୍ନ ସ୍ଥାନରେ କ୍ୟାମେରା ଲଗାଇଛନ୍ତି। ଯଦି କିଛି ବି ଫଟୋ ଆସିବ ଆମେ ନିଶ୍ଚିତ ହୋଇଯିବୁ ବୋଲି ଡିଏଫ୍‌ଓ କହିଛନ୍ତି।

ବରଗଡ଼ରେ ସାହିତ୍ୟ ପତ୍ରିକା 'ପରୁହାଁ' ଉନ୍ମୋଚିତ



ବରଗଡ଼,୩।୧୧(ସମିସ): ବରଗଡ଼ସ୍ଥିତ ଗାନ୍ଧୀ ସ୍ମୃତି ପାଠାଗାରଠାରେ ସମ୍ବଲପୁରୀ-କୋଶଲୀ ଭାଷାର ସାହିତ୍ୟ ପତ୍ରିକା "ପରୁହାଁ"ର ଦ୍ୱିତୀୟ ସଂଖ୍ୟା ଉନ୍ମୋଚିତ ହୋଇଯାଇଛି। "ପରୁହାଁ" ପରିବାର ଓ ରିସେପ୍ ଫାଉଣ୍ଡେସନ୍‌ର ମିଳିତ ଆୟୋଜନରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ବିଭିନ୍ନ ଅଞ୍ଚଳରୁ କବି, ସାହିତ୍ୟିକ ଓ ବୁଦ୍ଧିଜୀବୀ ଯୋଗ ଦେଇଥିଲେ। ସଂସ୍କୃତି ଗବେଷକ ତଥା ଯୁବ କବି ହେମନ୍ତ ଦୀପଙ୍କ ସମ୍ପାଦନାରେ ପ୍ରକାଶିତ ଏହି ପତ୍ରିକାକୁ ଅତିଥିବୃନ୍ଦ ଉନ୍ମୋଚନ କରିଥିଲେ। ପ୍ରାଧ୍ୟାପକ ଡ. ପ୍ରମୋଦ କୁମାର ପାଢ଼ୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସାହିତ୍ୟିକ ଅଶୋକ କୁମାର ପୂଜାହାରୀ ମୁଖ୍ୟ ଅତିଥି ଏବଂ ସୋନପୁର ମହାବିଦ୍ୟାଳୟର ଅଧ୍ୟାପକ ସୁଦାମ ଦୀପ ଯାଦବ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅଧ୍ୟାପିକା ସୁଶ୍ରୀ ବେବି ନାଏକ ପତ୍ରିକାର ବିଭିନ୍ନ ଦିଗର ସମୀକ୍ଷା କରି ଏହାର ଉଚ୍ଚ ପ୍ରଶଂସା କରିଥିଲେ। ବିଶିଷ୍ଟ ସ୍ତମ୍ଭକାର ତଥା ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ "ପରୁହାଁ" ଏକ ମାଇଲଖୁଣ୍ଟ ସାଜିବ ବୋଲି ଆଶା ପ୍ରକାଶ କରିଥିଲେ। ଏହି ଅବସରରେ ଡ. ଗୋବର୍ଦ୍ଧନ ସାହୁଙ୍କୁ "ପରୁହାଁ ଭ୍ରମଣ ସାହିତ୍ୟ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

ବୁଦାମୂଳରୁ ନବଜାତ ଶିଶୁପୁତ୍ର ଉଦ୍ଧାର

ଥୁଆପାଲି,୩।୧୧(ସମିସ): ଭେଡେନ ବ୍ଲକ ଝରାପାଲି ଗ୍ରାମ ତଳିପଡ଼ାର ଏକ ବୁଦାମୂଳରୁ ମଙ୍ଗଳବାର ଭୋର ପ୍ରାୟ ୫ଟାରେ ଏକ ନବଜାତ ଶିଶୁପୁତ୍ର ଉଦ୍ଧାର ହୋଇଛି। ଶିଶୁଟିର ନାଭିନାଡ଼ ଲାଗି ରହିଥିବା ସହ ଶରୀରରେ ରକ୍ତ ଲାଗିଥିବାରୁ ତା'ର ଜନ୍ମ କିଛି ସମୟ ପୂର୍ବରୁ ହୋଇଥିବା ଅନୁମାନ କରାଯାଉଛି। ଶିଶୁଟିକୁ ପଡ଼ିଥିବା ଦେଖି ସନ୍ତୋଷିନୀ ମହାଲିଙ୍ଗ, ସ୍ୱାମୀ ପଞ୍ଚମ ମହାଲିଙ୍ଗ ତାକୁ ବୁଦା ମୂଳରୁ ଉଦ୍ଧାର କରି ଅତାବିରା ନେଇ ଚିକିତ୍ସା କରାଇଥିଲେ। ତାଙ୍କର କୌଣସି ସନ୍ତାନ ନ ଥିବାରୁ ଶିଶୁଟିକୁ ରଖିବାକୁ ଇଚ୍ଛା ପ୍ରକାଶ କରିଥିଲେ। ଖବର ପାଇ ବରଗଡ଼ ଡିସିପିଓ ମଞ୍ଜୁ ଏକ୍କାଙ୍କ ନିର୍ଦ୍ଦେଶକ୍ରମେ ସିଡିପିଓ ଲକ୍ଷ୍ମୀପ୍ରିୟା ମିଶ୍ର, ସେକ୍ଟର ସୁପରଭାଇଜର ପଙ୍କଜିନୀ ବିଶ୍ୱାଳ ଓ ଜ୍ୟୋତି ହିଆଲ, ଡିସିପିଓ କାର୍ଯ୍ୟାଳୟର ବବିତା ରାଉତ, ଜୟନ୍ତୀ ହିଆଲ, ଆଶାକର୍ମୀ ନୀଳିମା ମହାନନ୍ଦ ଏବଂ ଚାଇଲ୍ଡ ହେଲ୍ପଲାଇନ୍‌ର ଲଳିତ ମୋହନ ପ୍ରଧାନ ଓ ଆକାଶ ପ୍ରଧାନ ପ୍ରମୁଖ ଗ୍ରାମରେ ପହଞ୍ଚିଥିଲେ। ଶିଶୁଟିକୁ ନିଜ ଅଧୀନକୁ ନେବାକୁ ଶିଶୁ ସୁରକ୍ଷା ଟିମ୍ ଉଦ୍ୟମ କରିଥିବାବେଳେ ଗ୍ରାମବାସୀ ରାଜି ହୋଇନଥିଲେ। ପରେ ଭେଡେନ ପୁଲିସ ଓଆଇସି ସୁରେଶ ଓରାଙ୍ଗ ସଦଳବଳ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରି ଶିଶୁପୁତ୍ରକୁ ସୁରକ୍ଷିତ ଭାବେ ଉଦ୍ଧାର କରି ଶିଶୁ କଲ୍ୟାଣ ସମିତିକୁ ହସ୍ତାନ୍ତର କରିଥିଲେ।

- ଜିଲ୍ଲାସ୍ତରୀୟ ଚେସ୍ ପ୍ରତିଯୋଗିତା

୧୧ ବର୍ଷରୁ କମ୍ ବର୍ଗରେ ଗୌରବଙ୍କୁ ସ୍ୱର୍ଣ୍ଣ

ଅତାବିରା,୩।୧୧(ସମିସ): ବରଗଡ଼ ଜିଲ୍ଲାସ୍ତରୀୟ ଚେସ୍ ଚାମ୍ପିଅନସିପ୍‌ର ୧୧ ବର୍ଷରୁ କମ୍ ବର୍ଗରେ ଅତାବିରା ବ୍ଲକ କାଦୋବାହାଲ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ର ଗୌରବ ମହାନ୍ତିଙ୍କୁ ସ୍ୱର୍ଣ୍ଣ ପଦକ ମିଳିଛି। ରୋଟାରି ପବ୍ଲିକ ସ୍କୁଲରେ ଚାଲିଥିବା ଏହି ଜିଲ୍ଲାସ୍ତରୀୟ ଚେସ୍ ଚାମ୍ପିଅନ୍‌ସିପ୍‌ରେ ଜିଲ୍ଲାର ୧୧୧ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ଅତାବିରା ବ୍ଲକର ୪ ଜଣଙ୍କୁ କୃତିତ୍ୱ ମିଳିଛି। ପ୍ରଜ୍ୱଳ ସିଂଙ୍କୁ ରୌପ୍ୟ ପଦକ, ଅଣ୍ଡର ୧୬ ବର୍ଗରେ କାଦୋବାହାଲ ଜୁନିଅର କଲେଜର ଛାତ୍ରୀ ଆଦ୍ୟାଶା ଦେବତାଙ୍କୁ ତୃତୀୟ ର୍‌ୟାଙ୍କ, ୭୦ ବର୍ଷରୁ ଉର୍ଦ୍ଧ୍ୱ ବୟସ ବର୍ଗରେ ମହାତ୍ମାଗାନ୍ଧୀଙ୍କ କଳାକୃତି ଦେଖାଉଥିବା କାଦୋବାହାଲ ନିବାସୀ ବିପିନ ବିହାରୀ ସେଠ ତୃତୀୟ ହୋଇଛନ୍ତି। ପ୍ରତିଯୋଗିମାନେ ସମାଜିକ ସଂଗଠକ ତଥା ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଚିତ୍ତରଞ୍ଜନ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କୋଚ ସୁନୀଲ ସିଂ ପ୍ରଶିକ୍ଷଣ ଦେଉଥିଲେ।



ବିଜେପୁରରେ ସରକାରୀ କୋଠା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର

ବିଜେପୁର,୩।୧୧(ସମିସ): ବିଜେପୁରରେ ରାଜସ୍ୱ ବିଭାଗର ଭିତ୍ତିଭୂମି ସୁଦୃଢ଼ୀକରଣ ଦିଗରେ ଆଉ ଏକ ପଦକ୍ଷେପ ସ୍ୱରୂପ ରାଜସ୍ୱ ଆଇବି ଏବଂ ତହସିଲଦାରଙ୍କ ପାଇଁ ଡି-ଟାଇପ୍ ସରକାରୀ ବାସଭବନ ନିର୍ମାଣ ନିମନ୍ତେ ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଅବସରରେ ତହସିଲଦାର ମୁକ୍ତେଶ୍ୱର ପାଣିଗ୍ରାହୀ ଏବଂ ଆର୍‌ଏଣ୍ଡବି ବିଭାଗର ସହକାରୀ ଯନ୍ତ୍ରୀ ସଞ୍ଜୟ କୁମାର ପାତ୍ର ଉପସ୍ଥିତ ରହି ପ୍ରକଳ୍ପ ସମ୍ପର୍କରେ ଆବଶ୍ୟକୀୟ ତଥ୍ୟ ଓ ନିର୍ମାଣ ସମ୍ବନ୍ଧୀୟ ପଦକ୍ଷେପ ନେଇ ଆଲୋଚନା କରିଥିଲେ।

ବ୍ଲକସ୍ତରୀୟ ଭଲିବଲ୍ ଖେଳାଳି ଚୟନ ଶିବିର

ଗାଇସିଲେଟ,୩।୧୧(ସମିସ): ଗାଇସିଲେଟ ବ୍ଲକ ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ କନ୍ଦାଗାଡଠାରେ ୧୭ ବର୍ଷରୁ କମ୍ ସ୍କୁଲ ଛାତ୍ରଛାତ୍ରୀଙ୍କ ଭଲିବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶିବିରରେ ପ୍ରଧାନ ଶିକ୍ଷକ ବିଷ୍ଣୁ ଭୋଇ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବରେ ଗାଇସିଲେଟ ବିଇଓ ରାମଲାଲ ବରିହା, ସମ୍ମାନୀତ ଅତିଥି ଭାବେ ଏବିଇଓ ଘାସିରାମ ଭୋଇ, ପ୍ରଧାନଶିକ୍ଷକ ଅନିଲ କୁମାର ବେହେରା, ପ୍ରଧାନ ଶିକ୍ଷକ ମୋହନ ରଣା, ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ଡ଼ନସନା, ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ହୋତା ପ୍ରମୁଖ ସହଯୋଗ କରିଥିଲେ। ବିଇଓ ରାମଲାଲ ବରିହା ଖେଳ ଉଦ୍‌ଘାଟନ କରିଥିଲେ। ଫାଇନାଲ ମ୍ୟାଚ୍ ବରିହାପୁଖାପାଣି ଓ ଗାଇସିଲେଟ ସବ୍ ବ୍ଲକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଗାଇସିଲେଟ ସବ୍ ବ୍ଲକ ବିଜୟୀ ହୋଇଥିଲା। ଜିଲ୍ଲାସ୍ତରୀୟ ଭଲିବଲ୍ ପାଇଁ ଚାରି ସବ୍ ବ୍ଲକରୁ ୧୦ଜଣ ଖେଳାଳିଙ୍କୁ ଚୟନ କରାଗଲା।

୯ ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ

ବରଗଡ଼, ୩।୧୧ (ସମିସ): ସହରର ଦୁଇଟି ହୋଟେଲରେ ଚଢ଼ଉ କରି ୯ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ମଙ୍ଗଳବାର ଉପଖଣ୍ଡସ୍ତରୀୟ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ପକ୍ଷରୁ ସହକାରୀ ଜିଲ୍ଲାପାଳ ମଦନଲାଲ ପଣ୍ଡାଙ୍କ ନେତୃତ୍ୱରେ ଏସିଏସ୍‌ଓ ସଦର ବ୍ୟୋମକେଶ ମାଝୀ, ଏସିଏସ୍‌ଓ ଏମ୍‌ପିଏଲ୍ ପ୍ରଶାନ୍ତ ପ୍ରଧାନ ଏବଂ ଭେଡ଼େନ ବ୍ଲକ ଯୋଗାଣ ନିରୀକ୍ଷକ ପିଙ୍କୁ ଭୁଏ ଏହି ଚଢ଼ଉରେ ସାମିଲ ହୋଇଥିଲେ। ଷ୍ଟେସନ ରୋଡ଼ସ୍ଥିତ ଆର୍ମି ଢାବାରେ ଯାଞ୍ଚ ରୁ ୩ଟି ଭର୍ତ୍ତି ଓ ୨ଟି ଖାଲି ମିଶି ଗ୍ୟାସ୍ ସିଲିଣ୍ଡ ଓ ଶ୍ରୀରାମ ହୋଟେଲରୁ ଗୋଟିଏ ଭର୍ତ୍ତି ଓ ୩ଟି ଖାଲି ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଥିଲା।

କିଶୋରୀ ନେତ୍ରୀ ଭାବେ ସମ୍ମାନିତ ହେଲେ ସସ୍ମିତା



ବରଗଡ଼,୩।୧୧(ସମିସ): ବରଗଡ଼ ଜିଲ୍ଲା ଝାରବନ୍ଧ ବ୍ଲକ୍ ଅନ୍ତର୍ଗତ କୋତନା ଗ୍ରାମର ସସ୍ମିତା ବାଗଙ୍କୁ କିଶୋରୀ ନେତ୍ରୀ ଭାବେ ସମ୍ମାନିତ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ୧୬ତମ ପ୍ରତିଷ୍ଠା ଦିବସ ଅବସରରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ପରିବାରର ଆର୍ଥିକ ଅନଟନ ଯୋଗୁଁ ସସ୍ମିତା ଦଶମ ପରେ ପାଠପଢ଼ା ଛାଡ଼ି ବାପାଙ୍କୁ ବଢ଼େଇ କାମରେ ସହଯୋଗ କରୁଥିଲେ। ପରେ 'ଅଦ୍ୱିକା' କାର୍ଯ୍ୟକ୍ରମରେ ମାର୍ଗଦର୍ଶନ ପାଇ ପୁନର୍ବାର ଶିକ୍ଷା ଓ ଧନ୍ଦାମୂଳକ ତାଲିମ ଆରମ୍ଭ କରିଥିଲେ। ସ୍ତନ କର୍କଟ ରୋଗରେ ପୀଡ଼ିତ ହୋଇ ମଧ୍ୟ ସେହାର ନମାନି ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଓ ଆୟୁଷ୍ମାନ କାର୍ଡ ଜରିଆରେ ଚିକିତ୍ସା ସହାୟତା ପାଇଥିଲେ। ସେ ଆଇଟିଆଇରେ ଇନ୍‌ଫର୍ମେସନ୍ ଆଣ୍ଡ କମ୍ୟୁନିକେସନ୍ ଟେକ୍ନୋଲୋଜି ସିଷ୍ଟମ୍ ମେଣ୍ଟେନାନ୍ସ ଟ୍ରେଡ୍‌ରେ ୯୫ ପ୍ରତିଶତ ନମ୍ବର ରଖି ଉତ୍ତୀର୍ଣ୍ଣ ହେବା ସହ ଭୁବନେଶ୍ୱର ବିଶ୍ୱ ଦକ୍ଷତା କେନ୍ଦ୍ରରେ ଏୟାର କଣ୍ଡିସନିଂ ଓ ରେଫ୍ରିଜରେସନ୍ ପାଠ୍ୟକ୍ରମ ଶେଷ କରିଛନ୍ତି। ଝାରସୁଗୁଡ଼ା ବେଦାନ୍ତ ଲିମିଟେଡ୍‌ର ଆପ୍ରେଣ୍ଟିସ୍‌ସିପ୍ ସାକ୍ଷାତକାରରେ ମଧ୍ୟ ସଫଳ ହୋଇଛନ୍ତି। କେବଳ ନିଜେ ଆଗକୁ ବଢ଼ିନାହାନ୍ତି, ନିଜ ଗ୍ରାମର ଅନ୍ୟ ଦୁଇଜଣ କିଶୋରୀଙ୍କୁ ମଧ୍ୟ ଦଶମ ଶ୍ରେଣୀ ଶିକ୍ଷା ସମ୍ପୂର୍ଣ୍ଣ ପାଇଁ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇବାରେ ସହଯୋଗ କରିଛନ୍ତି। ବରଗଡ଼ ଜିଲ୍ଲାରେ ଏଡ୍ ଏଟ୍ ଆକ୍ସନ୍ ଓ ୟୁନିସେଫ୍‌ର ବୈଷୟିକ ସହାୟତାରେ କିଶୋରକିଶୋରୀ ସଶକ୍ତୀକରଣ କାର୍ଯ୍ୟକ୍ରମ ତାଙ୍କୁ ଏହି ସୁଯୋଗ ଯୋଗାଇଥିଲା।

ବରଗଡ଼ ନାଗରିକ ମଞ୍ଚର ଏକ ସାଧାରଣ ସଭା

ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ନ ହେଲେ ଆନ୍ଦୋଳନ ଚେତାବନୀ

ବରଗଡ଼,୩।୧୧(ସମିସ): ଜିଲ୍ଲାର ବିଭିନ୍ନ ସମସ୍ୟାର ସମାଧାନ ଏବଂ ସାମଗ୍ରିକ ବିକାଶକୁ ପାଇଁ ବରଗଡ଼ ନାଗରିକ ମଞ୍ଚର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ମଞ୍ଚର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରାଯାଇ ଜନସ୍ୱାର୍ଥ ସମ୍ବଳିତ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ଓ ସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ପ୍ରସ୍ତାବିତ କ୍ୟାନ୍ସର ହସ୍ପିଟାଲକୁ ତୁରନ୍ତ କାର୍ଯ୍ୟକ୍ଷମ, ଖାଲି ପଡ଼ିଥିବା ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀ ପଦବୀ ତୁରନ୍ତ ପୂରଣ, ବରଗଡ଼ ସହରର ଲେଙ୍ଗୁମିଶ୍ର ଛକଠାରୁ ଲମ୍ବା ବିଲଡିଂ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ କାର୍ଯ୍ୟ ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ରହିଥିବାରୁ ସହରବାସୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ତେଣୁ ଏହି ରାସ୍ତାର ପ୍ରଶସ୍ତିକରଣ ପାଇଁ ସ୍ପଷ୍ଟ କାର୍ଯ୍ୟଯୋଜନା ଓ ସମୟସୀମା ନିର୍ଦ୍ଧାରଣ କରିବାକୁ ଦାବି କରାଯାଇଛି। ଏଥିସହିତ ରାସ୍ତା ପ୍ରଶସ୍ତିକରଣର ସମାଧାନ ନହେବା ପର୍ଯ୍ୟନ୍ତ ବରଗଡ଼ ସହରର ବିଭିନ୍ନ ସ୍ଥାନରେ ଚାଲିଥିବା ଭଙ୍ଗାରୁଜା କାର୍ଯ୍ୟକୁ ବନ୍ଦ ରଖିବା ଓ ଜୀରା ନଦୀରେ ଆନିକଟ ନିର୍ମାଣ ପ୍ରସ୍ତାବକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ସଭାରେ ଦାବି କରାଯାଇଛି। ସଭାରେ ସଂଗଠନର ସଭାପତି ଭୀଷ୍ମଦେବ ସରାଫ, ସମ୍ପାଦକ ଭବାନୀ ସାହୁ, ଉପସଭାପତି ଶୟନ ପଣ୍ଡା, ଟିଙ୍କୁ ନନ୍ଦ, ନିଖିଳ ପାଣିଗ୍ରାହୀ, ଶିବାନନ୍ଦ ମଟାରୀ, ଗିରିଜା ପ୍ରସାଦ ନାଥ, ଘନଶ୍ୟାମ ଭୋଇ, ସୁଶାନ୍ତ ସାହୁ, ବିମଲ ସିକ୍କା, ମହମ୍ମଦ ଅଲିମ, ଟଙ୍କଧର ଭେସ୍ରା, ଜିଭି ରାଓ, ରତନ ତାଣ୍ଡି, ଗୋବିନ୍ଦ ଶର୍ମା, ନିତ୍ୟାନନ୍ଦ ବାଗ, ଶ୍ରବଣ ଶର୍ମା, ଜୀବନଲାଲ ଚୌଧୁରୀ, କାଳିଆ ବାରିକ, ଜୟ ପ୍ରକାଶ ପ୍ରଧାନ, ସୁବାସ ପ୍ରଧାନ, ସଂଜୀବ ଦାଶ, ପରମେଶ୍ୱର ପ୍ରଧାନ, ଲତିଫ୍ଖାନ, ପ୍ରମୋଦ ବେହେରା,ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଦାବି ପୂରଣ ନହେଲେ ସଂଗଠନ ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ପଦାର୍ଥ ବିଜ୍ଞାନ ସେମିନାର



ବରଗଡ଼,୩।୧୧(ସମିସ): ସଂସ୍କାର ଇଣ୍ଟରନ୍ୟାସନାଲ୍ ସ୍କୁଲ୍‌ରେ ଶନିବାର ବିଦ୍ୟାଳୟର ସ୍ୱାମୀ ବିବେକାନନ୍ଦ ହଲ୍‌ରେ କ୍ୱାଣ୍ଟମ୍ ଫିଜିକ୍ସ ଓ ଏହାର ଆଧୁନିକ ପ୍ରୟୋଗ ଉପରେ ପଦାର୍ଥ ବିଜ୍ଞାନ ସେମିନାର ଆୟୋଜିତ ହୋଇଥିଲା। ଅଧ୍ୟକ୍ଷ ସୁମନ ସାୱଡିଆ, ନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ନିର୍ଦ୍ଦେଶକ ସିଦ୍ଧାର୍ଥ ସାୱଡିଆ ଏବଂ ପ୍ରଧାନଶିକ୍ଷକ କରନ ସାହୁ, ଉପ ପ୍ରଧାନଶିକ୍ଷକ ଆଶିଷ ପଣ୍ଡାଙ୍କ ସମେତ ବିଜ୍ଞାନ ବିଭାଗର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ ଓ ଏକାଦଶ ଏବଂ ଦ୍ୱାଦଶ ଶ୍ରେଣୀର ଛାତ୍ରଛାତ୍ରୀ ମାନେ ଯୋଗ ଦେଇଥିଲେ। ସେମିନାରର ମୁଖ୍ୟ ବିଷୟବସ୍ତୁ ଥିଲା "କ୍ୱାଣ୍ଟମ୍ ଫିଜିକ୍ସ: ମୌଳିକ ଧାରଣା ଓ ଆଧୁନିକ ପ୍ରୟୋଗ'। ମୁଖ୍ୟବକ୍ତା ଭାବେ ଡ. କିଶୋର ନାୟକ ଯୋଗଦେଇଥିଲେ। ସେ ଜଣେ କଣିକା ପଦାର୍ଥ ବିଜ୍ଞାନୀ, ଏ ଆଇ ଶିକ୍ଷାବିତ୍ ଏବଂ ସ୍ୱିଜରଲ୍ୟାଣ୍ଡର ସି.ଇ.ଆର୍. ଏନ୍‌ର ପୂର୍ବତନ ଭିଜିଟିଂ ବୈଜ୍ଞାନିକ ହୋଇଥିବା ସହ ବରଗଡ଼ ପଞ୍ଚାୟତ କଲେଜର ସ୍ନାତକୋତ୍ତର ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ। କାର୍ଯ୍ୟକ୍ରମର ଆରମ୍ଭରେ ବିଦ୍ୟାଳୟର ଉପ-ପ୍ରଧାନଶିକ୍ଷକ ଆଶିଷ ପଣ୍ଡା ସେମିନାରର ଉଦ୍ଦେଶ୍ୟ ବିଷୟରେ କହିଥିଲେ। ପଦାର୍ଥ ବିଜ୍ଞାନ ବିଭାଗର ଶିକ୍ଷକ ପଦ୍ମଲୋଚନ ଦାଶ ଓ ରାଜୁରଞ୍ଜନ କୁମାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଉପସ୍ଥାପନା କରିଥିଲେ। ଏକାଦଶ ଶ୍ରେଣୀ ବିଜ୍ଞାନ ବିଭାଗର ଛାତ୍ରୀ ସୃଷ୍ଟି ପଣ୍ଡା ଓ ଅନିଭ ପୃଷ୍ଟି ଏବଂ ଦ୍ୱାଦଶ ଶ୍ରେଣୀ ବିଜ୍ଞାନ ବିଭାଗର ଛାତ୍ରଛାତ୍ରୀ କିରନମୟୀ ଥାପା ଓ ଧ୍ରୁବ କୁମାର ସାହୁ ନିଜ ନିଜର ଗବେଷଣାମୂଳକ ତଥ୍ୟ ଓ ମତାମତ ଉପସ୍ଥାପନ କରିଥିଲେ। ଶେଷରେ ବିଭାଗୀୟ ମୁଖ୍ୟ ସୁମନ ମେହେର ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

ବକେୟା ଦରମା ଦାବିରେ ଶିକ୍ଷକଙ୍କ ଦାବିପତ୍ର

ଅମ୍ବାଭୋନା,୩।୧୧(ସମିସ): ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକରେ କାର୍ଯ୍ୟରତ ଗଣଶିକ୍ଷକ, କନିଷ୍ଠ ଶିକ୍ଷକ ଓ ସ୍କିମାଟିକ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ୨ ମାସର ବକେୟା ଦରମା ପ୍ରଦାନ ଦାବି ଜୋର ଧରିଛି। ସେପ୍ଟେମ୍ବର ଓ ଅକ୍ଟୋବର ମାସର ଦରମା ମିଳିନଥିବାରୁ ମଙ୍ଗଳବାର ଅପରାହ୍ନ ୩ଟାରେ ଭୁକ୍ତାସ୍ଥିତ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଏକତ୍ରିତ ହୋଇ

୩ ଦିନ ମଧ୍ୟରେ ନ ମିଳିଲେ ଧାରଣା ଚେତାବନୀ

ଶିକ୍ଷକ-ଶିକ୍ଷୟିତ୍ରୀମାନେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲମୋହନ ସିଂଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ତିନି ଦିନ ମଧ୍ୟରେ ବକେୟା ଦରମା ପ୍ରଦାନ ନ କରାଗଲେ ଶିକ୍ଷକ ସଂଘ ପକ୍ଷରୁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଦାବିପତ୍ର ମାଧ୍ୟମରେ ଚେତାବନୀ ଦିଆଯାଇଛି।

ଅତାବିରାରେ ଜିଲ୍ଲାପାଳଙ୍କ ଜନ ଶୁଣାଣି

ଅତାବିରା,୩।୧୧(ସମିସ): ଅତାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ରବୀନ୍ଦ୍ର ନାଥ ଶତପଥୀଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହା, ବରଗଡ଼ ଉପ-ଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅଶୋକ କୁମାର ଦାସ, ବରଗଡ଼ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଏ.ବି. ଶିକ୍କା ଏବଂ ବ୍ଲକ ଅଧ୍ୟକ୍ଷା ଗୀତାଞ୍ଜଳୀ ନାଏକ, ଅବକାରୀ ଅଧୀକ୍ଷକ ସୁବର୍ଣ୍ଣ ନାୟକ, ଆଞ୍ଚଳିକ ପରିବହନ ଅଧିକାରୀ ଅଶୋକ ପାଣିଗ୍ରାହୀ, ଡେପୁଟି କଲେକ୍ଟର ସୁମତି ପଣ୍ଡା ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ମୋଟି ୭୫ ଗୋଟି ଅଭିଯୋଗ ମଧ୍ୟରୁ ୩୯ ଗୋଟି ବ୍ୟକ୍ତିଗତ ଏବଂ ୩୬ ଗୋଟି ସାମୂହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଫାର୍ମାସ୍ୟୁଟିକାଲ୍ କଲେଜରେ ସ୍ୱାଗତ ଉତ୍ସବ

ବରପାଲି,୩।୧୧(ସମିସ): ବରପାଲି ଫାର୍ମାସ୍ୟୁଟିକାଲ୍ କଲେଜ୍ ପକ୍ଷରୁ ନୂତନ ବ୍ୟାଚେଲର୍ ଅଫ୍ ଫାର୍ମାସୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସ୍ୱାଗତ ଉତ୍ସବ ପାଳିତ ହୋଇଯାଇଛି। ସମ୍ମାନୀୟ ଅତିଥି ମାନେ ଯୋଗ ଦେଇ ସେମାନଙ୍କର ପ୍ରେରଣାଦାୟୀ ଏବଂ ମୂଲ୍ୟବାନ ବକ୍ତବ୍ୟ ମାନ ପ୍ରଦାନ କରିଥିଲେ। ପରିଚାଳନା କମିଟି ଅଧ୍ୟକ୍ଷ ନରେନ୍ଦ୍ର କୁମାର ହୋତା, ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ରଞ୍ଜନ କୁମାର ସାହୁ, ପ୍ରଫେସର ଡକ୍ଟର ଆଶୁତୋଷ ପ୍ରଧାନ, ଅଧ୍ୟକ୍ଷ, ଡକ୍ଟର ଅବଦୁଲ ସୟୀଦ ଖାନ୍, ଡକ୍ଟର ସନ୍ତୋଷ କୁମାର ଦାଶ, ଡକ୍ଟର ଶ୍ରୀମନ୍ତ କୁମାର ଦାଶଙ୍କ ସମେତ ଅଧ୍ୟାପକ ଏବଂ କର୍ମଚାରୀମାନଙ୍କ ସହଯୋଗ ନିମନ୍ତେ ଆୟୋଜକମାନେ କୃତଜ୍ଞତା ଜଣାଇଥିଲେ। ସେହିପରି ଉପସ୍ଥିତ ଅଭିଭାବକ ମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଥିଲେ।

ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି; ୨ ଗିରଫ

ପଦମପୁର,୩।୧୧(ସମିସ): ପଦମପୁର ଥାନା ଅନ୍ତର୍ଗତ ସିଂହନପୁର ଉପକାରାଗାର ପଛପଟେ ଥିବା ଏକ ଭଡ଼ାଘରୁ ବିଭିନ୍ନ ଇଲେକ୍ଟ୍ରୋନିକ୍ସ ଓ ନିର୍ମାଣ ସାମଗ୍ରୀ ଚୋରି ଘଟଣାରେ ପୁଲିସ ୨ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ ସିଂହନପୁର ଗ୍ରାମର ଛବିଲ ମେହେର (୩୬) ଓ ସରୋଜ ସାହୁ (୨୯)। ପୁଲିସ ସୂଚନା ଅନୁଯାୟୀ, ବୁକୁରାମୁଣ୍ଡା ଗ୍ରାମର ନାଗେଶ୍ୱର ପ୍ରଧାନ ଉକ୍ତ ଘରଟିକୁ ଭଡ଼ାରେ ଦେଇଥିଲେ। ଘରେ କେହି ରହୁନଥିବାବେଳେ ୧ ତାରିଖ ସକାଳେ ଘରର ମୁଖ୍ୟ ଫାଟକର ତାଲା ଭାଙ୍ଗି ଛବିଲ ଓ ସରୋଜ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ପାଇପ୍, ଲୁହା ରଡ଼୍ ଆଦି ଚୋରି କରିନେଇଥିଲେ। ଯାହାର ଆନୁମାନିକ ମୂଲ୍ୟ ୭୦ ହଜାରରୁ ୮୦ ହଜାର ଟଙ୍କା ହେବ। ଘର ମାଲିକ ଏନେଇ ପଦ୍ମପୁର ଥାନାରେ ଅଭିଯୋଗ କରିଥିଲେ।

ପୋଖରୀରେ ବିଷ ପକାଇ ମାଛ ମାରିଦେଲେ ଦୁର୍ବୃତ୍ତ

ଭେଡେନ,୩।୧୧(ସମିସ): ଭେଡେନ ଥାନା ଅଇଲାପାଲି ପଞ୍ଚାୟତ ଗୁରୁପାଲି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ପୋଖରୀରେ କେହି ଦୁର୍ବୃତ୍ତ ବିଷ ପକାଇଦେବାରୁ ବହୁ ପରିମାଣରେ ମାଛ ମରିଯାଇଛନ୍ତି। ଗାଁର ଅଗ୍ରଣୀ ମତ୍ସ୍ୟଚାଷୀ ବିକାଶ ନାଏକ (ପିଣ୍ଟୁ) ୫ ଏକର ପୋଖରୀ ନେଇ ଋଣ କରି ମାଛ ଚାଷ କରିଥିଲେ। ହେଲେ କେହି ଦୁର୍ବୃତ୍ତ ବିଷ ପକାଇ ଦେବାରୁ ଲକ୍ଷାଧିକ ଟଙ୍କାର ମାଛ ମରିଯାଇଛନ୍ତି। ସେ କେମିତି ଋଣ ସୁଝିବେ ସେନେଇ ଚିନ୍ତାରେ ଭାଙ୍ଗି ପଡିଛନ୍ତି। ଏନେଇ ଥାନାରେ ଅଭିଯୋଗ କରିବା ସହ ଶୀଘ୍ର ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିବାକୁ ଦାବି କରିଛନ୍ତି।



ପ୍ରତିଭା ପ୍ରଦର୍ଶନର ପ୍ରକୃଷ୍ଟ ମଞ୍ଚ 'ସୁରଭି'








ଅମ୍ବାଭୋନା,୩।୧୧(ସମିସ):

ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ଭୁକ୍ତାସ୍ଥିତ ଅମ୍ବାଭୋନା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ "ସୁରଭି' ଉଦଯାପିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଭାବନା ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ମହୋତ୍ସବରେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜିଲ୍ଲା ପରିଷଦ ଜୋନ୍-୧ ସଭ୍ୟା ନୀଳକୁମାରୀ ନାୟକ, ଜୋନ୍-୨ ସଭ୍ୟା କଳ୍ପନା ପ୍ରଧାନ, ସାଂସଦ ପ୍ରତିନିଧି ଗୁନାରୁ ପ୍ରଧାନ ଓ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲମୋହନ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ରୋହିତ ଭୁଏ ପରିଚାଳନା କରିଥିବାବେଳେ କଣ୍ଡପଲା ସିଆରସିସି ବଳରାମ ଦରଦମେଘ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶେଷରେ ଭୈନାତୋରା ସିଆରସିସି ସନ୍ତୋଷ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

ଝାରବନ୍ଧ: ଝାରବନ୍ଧ ବ୍ଲକସ୍ତରୀୟ ସୁରଭି ଉତ୍ସବ ଗୌଡ଼ମାଳ ଅଞ୍ଚଳ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୩୯୦ ଜଣ ଛାତ୍ରଛାତ୍ରୀ ୩୨ଟି ପ୍ରତିଯୋଗିତାରେ ସାମିଲ ହୋଇଥିଲେ। ଉଦ୍‌ଘାଟନୀ ସମାରୋହରେ ଝାରବନ୍ଧ ବ୍ଲକ ଶିକ୍ଷାଧିକାରୀ ଜିତେନ୍ଦ୍ର କୁମାର ସେଠ ସଭାପତିତ୍ୱ କରିଥିବାବେଳେ ଝାରବନ୍ଧ ତହସିଲଦାର ଅଲେଖ ଘୁଟା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପାଇକମାଲ ବ୍ଲକ ଶିକ୍ଷାଧିକାରୀ ଶୁଭମ କୁମାର ପତି, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ବେହେରା, ପଦ୍ମପୁର ବ୍ଲକ ଶିକ୍ଷାଧିକାରୀ ଲୋକନାଥ ଭୋଇ, ଟାଟା ପାୱାର ଝାରବନ୍ଧ ଏସ୍‌ଡିଓ ଗଜେନ୍ଦ୍ର କୁମାର ରଣା, ବିଦ୍ୟାଳୟ ପରିଚାଳନା କମିଟି ଅଧ୍ୟକ୍ଷ ନିରଞ୍ଜନ ଜାଲ, ପ୍ରାଥମିକ ଶିକ୍ଷକ ସଂଘ ଝାରବନ୍ଧ ସଭାପତି ଆଶାରାମ ବରିହା ଓ ଲୌଡ଼ିଦର୍ହା ସରପଞ୍ଚ ପଦ୍ମା ସତନାମୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଡଭା ହାଇସ୍କୁଲର ପ୍ରଧାନଶିକ୍ଷକ ଟିକେଶ୍ୱର ପ୍ରସାଦ ପଟେଲ ମଞ୍ଚ ପରିଚାଳନା କରିଥିବାବେଳେ ଗୌଡ଼ମାଳ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଚନ୍ଦ୍ରକାନ୍ତ ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଉଦ୍‌ଯାପନୀ ସମାରୋହରେ ଝାରବନ୍ଧ ବ୍ଲକ ଶିକ୍ଷାଧିକାରୀ ଜିତେନ୍ଦ୍ର କୁମାର ସେଠଙ୍କ ଅଧ୍ୟକ୍ଷତାରେ ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

ଭଟଲି: ଭଟଲିସ୍ଥିତ ଦଧିବାମନ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଭଟଲି ଗୋଷ୍ଠୀ ଶିକ୍ଷା ଅଧିକାରୀ ମଚିନ୍ଦ୍ର ମଲ୍ଲିକ ସଭାପତିତ୍ୱ କରିଥିବା ବେଳେ ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେର, ଭଟଲି ସରପଞ୍ଚ ପ୍ରତିନିଧି ପ୍ରହଲ୍ଲାଦ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୀତାରାଣୀ ତ୍ରିପାଠୀ ଏବଂ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡୋଲାମଣି ଭୁକ୍ତା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ବିଇଓ ସଭାପତିତ୍ୱ କରିଥିବା ବେଳେ ବ୍ଲକ୍ ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏବିଇଓ ରୀତାରାଣୀ ତ୍ରିପାଠୀ, ଭଟଲି ସିଆରସିସି ଲୋକନାଥ ମେହେର, ପ୍ରଧାନ ଶିକ୍ଷକ ଡୋଲାମଣି ଭୁକ୍ତା ଓ ପ୍ରଧାନ ଶିକ୍ଷକ ପ୍ରଦୀପ ସାହୁ ପ୍ରମୁଖ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ।

ବରପାଲି: ବରପାଲି ସରକାରୀ ବାଳକ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଲୋକ ପଧାନ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ବିଜେପୁର ବିଧାୟକ ସନତ ଗଡ଼ତିଆ ତଥା ଅନ୍ୟତମ ଅତିଥି ରୂପେ ତହସିଲଦାର ରୁକ୍ମଣ ମେହେର, ଥାନା ଅଧିକାରୀ ପ୍ରମୋଦ କୁମାର ସାହୁ ଓ ଅତିରିକ୍ତ ଶିକ୍ଷା ଅଧିକାରୀ ରତ୍ନ କୁମାର ଭୋଇ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଶିକ୍ଷକ ସୋହନ ପଧାନଙ୍କ ମଞ୍ଚ ପରିଚାଳନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନରେ ସମ୍ମାନିତ ଅତିଥି ଭାବରେ ବ୍ଲକ ଚେୟାରମ୍ୟାନ ରିନା ଥଇତ, ଏନଏସି ଚେୟାରମ୍ୟାନ ଦୀନେଶ ଗହୀର ଓ ବିଡିଓ ସୁମନ୍ତ କୁମ୍ଭାର ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।



ଭୁବନେଶ୍ୱର ସିଟି

ଜମି କିଣାଇବା ନାଁରେ ଦେଢ଼ କୋଟି ଠକେଇ

ଭୁବନେଶ୍ୱର, ୩।୧୧ (ସମିସ)

ଜମି କିଣାଇଦେବାର ପ୍ରଲୋଭନ ଦେଖାଇ ଜଣେ ବ୍ୟକ୍ତିଙ୍କଠାରୁ ୧ କୋଟି ୪୭ ଲକ୍ଷ ୬୦ ହଜାର ଟଙ୍କା ଠକେଇ ଅଭିଯୋଗରେ ଚନ୍ଦ୍ରଶେଖରପୁର ଥାନା ପୁଲିସ ଦମ୍ପତିଙ୍କୁ ଗିରଫ କରିଛି। ଗିରଫ ଦମ୍ପତି ହେଲେ ଶ୍ରୀମନ୍ତ କଳସ (୬୩) ଓ ତାଙ୍କ ପତ୍ନୀ ସୌମ୍ୟା ସୁଭଦର୍ଶିନୀ କଳସ (୪୩)। ଅଭିଯୁକ୍ତମାନେ ଠକେଇ ଟଙ୍କାକୁ ଖୋର୍ଦ୍ଧା ଓ ଚୌଦ୍ୱାରରେ ଥିବା ଶିଳ୍ପ ସଂସ୍ଥାରେ ନିବେଶ କରିଥିବା ତଦନ୍ତରୁ ଜଣାପଡ଼ିଛି।

ପୁଲିସ ସୂଚନା ଅନୁଯାୟୀ, ଶ୍ରୀମନ୍ତ ନିଜକୁ ଜଣେ ଜମି ଦଲାଲ ଭାବେ ପରିଚୟ ଦେବା ସହ ସହିଦନଗରସ୍ଥିତ ଏ-୩୫୭ ପ୍ଲଟ୍‌ର ମାଲିକଙ୍କ ସହ ତାଙ୍କର ଘନିଷ୍ଠ ସମ୍ପର୍କ ଥିବା କହିଥିଲେ। ଉକ୍ତ ଜମିକୁ କିଣାଇଦେବା ପାଇଁ ସେ ଚନ୍ଦ୍ରଶେଖରପୁର କୈବଲ୍ୟ ବିହାରର ସୁଧୀର କୁମାର ପାଣିଗ୍ରାହୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଶ୍ରୀମନ୍ତ କଥାକୁ ବିଶ୍ୱାସ କରି ସୁଧୀର ବିଭିନ୍ନ ସମୟରେ ଟଙ୍କା ଦେଇଥିଲେ। ୨୦୨୧ ଜାନୁଆରୀ ୧୫ରୁ ୨୦୨୨ ଅଗଷ୍ଟ ୯ ତାରିଖ ମଧ୍ୟରେ ସେ ମୋଟ ୧ କୋଟି ୪୭ ଲକ୍ଷ ୬୦ ହଜାର ଟଙ୍କା ଦେଇଥିଲେ। ଏଥିମଧ୍ୟରୁ ୧ କୋଟି ଟଙ୍କା ବ୍ୟାଙ୍କ ଜରିଆରେ ଏବଂ ୪୭ ଲକ୍ଷ ୬୦ ହଜାର ଟଙ୍କା ନଗଦ ଆକାରରେ ଦେଇଥିଲେ। ତେବେ ଟଙ୍କା ନେବା ପରେ ଶ୍ରୀମନ୍ତ ଜମିର ବିକ୍ରି କବଲା କରିବା ଓ ପଞ୍ଜୀକରଣ କରାଇନଥିଲେ। ବିଭିନ୍ନ ଆଳ ଦେଖାଇ ଦିନ ଗଡ଼ାଇ ଚାଲିଥିଲେ। ଶ୍ରୀମନ୍ତଙ୍କର ପ୍ରକୃତ ଜମି ମାଲିକଙ୍କ ସହ କୌଣସି ସମ୍ପର୍କ ନ ଥିବା ସୁଧୀର ଖୋଳତାଡ଼ କରିବାରୁ ଜାଣିବାକୁ ପାଇଥିଲେ। ଏପରିକି ଜାଲ୍ ଓ ନକଲି କାଗଜପତ୍ର ବ୍ୟବହାର କରି ସେ ଠକେଇ କରିଥିବା ଜାଣିବା ପରେ ସୁଧୀର ଚନ୍ଦ୍ରଶେଖରପୁର ଥାନାରେ ଏତଲା ଦେଇଥିଲେ। ତାଙ୍କ ଅଭିଯୋଗ କ୍ରମେ ପୁଲିସ ଠକେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ଠକେଇ ଟଙ୍କାକୁ ଶିଳ୍ପ ସଂସ୍ଥାରେ ନିବେଶ କରାଯାଇଥିବା ପୁଲିସ ଜାଣିବାକୁ ପାଇଥିଲା। ଖୋର୍ଦ୍ଧାର ମୁକୁନ୍ଦପ୍ରସାଦସ୍ଥିତ ମେସର୍ସ ଶ୍ରୀଟେକ୍ ଇଣ୍ଡଷ୍ଟ୍ରିଜ୍ ଓ ଚୌଦ୍ୱାର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍‌ରେ ଥିବା ସୋମ୍ୟାଶ୍ରୀ ମେଟାଲ୍ ଆଣ୍ଡ ମେସିନାରିଜ୍‌ରେ ଏହି ଟଙ୍କା ଲଗାଯାଇଥିବା ଜଣାପଡ଼ିଥିଲଖ। ଠକେଇରେ ସୋମ୍ୟାଶ୍ରୀ ମେଟାଲ୍ ଆଣ୍ଡ ମେସିନାରିଜ୍‌ର ନିର୍ଦ୍ଦେଶକ ସୌମ୍ୟା ସୁଭଦର୍ଶିନୀ କଳସଙ୍କର ଭୂମିକା ରହିଥିବା ତଦନ୍ତ ବେଳେ ସ୍ପଷ୍ଟ ହେବାପରେ ପୁଲିସ ଠକ ଦମ୍ପତିଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ଏକ ମାରୁତି ୱାଗନ୍‌ଆର୍ କାର୍ ଜବତ କରାଯାଇଛି। ଏଥିସହ ସୁଧୀରଙ୍କ ସହ ହୋଇଥିବା ଏମ୍‌ଓୟୁ ଓ ବ୍ୟାଙ୍କ କାରବାର ସମ୍ପର୍କିତ କାଗଜପତ୍ର ମଧ୍ୟ ଜବତ ହୋଇଛି। ଏହି ଠକେଇର ସମ୍ପୂର୍ଣ୍ଣ ଟଙ୍କା କାରବାର ଓ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେ ନେଇ ପୁଲିସ ଅଧିକ ତଦନ୍ତ ଜାରି ରଖିଛି।

- ଜମି ମାଲିକଙ୍କ ପାଖ ଲୋକ କହି ଚୂନ ଲଗାଇଥିଲେ
- ବ୍ୟାଙ୍କ ଜରିଆରେ କୋଟିଏ, ନଗଦ ୪୭.୬ ଲକ୍ଷ ନଗଦ ନେଇଥିଲେ
- ଠକେଇ ଟଙ୍କାରେ ଶିଳ୍ପ ସଂସ୍ଥାରେ ପୁଞ୍ଜିନିବେଶ

ମହିଳାଙ୍କୁ ଅସଦାଚରଣ, ନାବାଳିକା ଝିଅକୁ ଦୁଷ୍କର୍ମ ଧମକ

ଭୁବନେଶ୍ୱର, ୩।୧୧ (ସମିସ): ମାଆକୁ ଅସଦାଚରଣ ଓ ନାବାଳିକା ଝିଅକୁ ଦୁଷ୍କର୍ମ ଧମକ ଦେଇଥିବା ଅଭିଯୋଗରେ ପରିବାରର ୩ ଜଣଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ନାକାଗେଟ୍ ଚାଳ ସାହିର ହରିହର ବେହେରା ଓରଫ୍ ବୁଲୁ (୪୩), ପତ୍ନୀ ପୁଷ୍ପଲତା ବେହେରା (୩୮), ପୁଅ ବିପିନ ବେହେରା (୧୮) ଓ କର୍ମଚାରୀ ରାଜୁ ନାୟକ (୨୩)।

ପୁଲିସ ସୂଚନାନୁସାରେ, ପୀଡ଼ିତା ନାବାଳିକା ପରିବାର ସହ ଭରତପୁର ଥାନା ଅଞ୍ଚଳରେ ରହୁଛନ୍ତି। ବୁଲୁର ଏକ ସର୍ଭିସିଂ ସେଣ୍ଟର ରହିଥିବା ବେଳେ ରାଜୁ ଓ ବିକାଶ ସେଠାରେ କାମ କରୁଛନ୍ତି। ଗତମାସ ୨୯ ତାରିଖ ଦିନ ବିକାଶ ଓ ରାଜୁ ନାବାଳିକା ଝିଅଙ୍କୁ ଅଶାଳୀନ ମନ୍ତବ୍ୟ ଦେବା ସହ ବିବାହ ପାଇଁ ମେସେଜ୍ ପଠାଇଥିଲେ। ରାଜି ନହେଲେ ଅପହରଣ କରିନେବାକୁ ଧମକ ଦେଇଥିଲେ। ଏହାକୁ ନେଇ ନାବାଳିକାର ମାଆ ଦୁଇ ଜଣଙ୍କୁ ଚେତାବନୀ ଦେଇଥିଲେ। ଏହାର ପରଦିନ ଅର୍ଥାତ୍ ୩୦ ତାରିଖ ସନ୍ଧ୍ୟାରେ ବୁଲୁ, ତାଙ୍କ ପତ୍ନୀ ପୁଷ୍ପାଞ୍ଜଳି, ପୁଅ ବିପିନ ଓ ରାଜୁ ମିଳିତ ଭାବେ ନାବାଳିକାର ମାଆ ଓ ମାମୁଁମାନଙ୍କୁ ଆକ୍ରମଣ କରିଥିଲେ। ବୁଲୁ ବେହେରା ନାବାଳିକାର ମାଆଙ୍କୁ ଟଣାଓଟରା କରି ତଳେ ପକାଇ ଘୋଷାଡ଼ି ନେଇଥିଲା। ଏଥିସହ ବିପିନ ନାବାଳିକା ଝିଅଙ୍କୁ ଅପହରଣ ଓ ଦୁଷ୍କର୍ମ କରିବାକୁ ଧମକ ଦେଇଥିଲା। ଏନେଇ ନାବାଳିକାର ମାଆ ଭରତପୁର ଥାନାର ଦ୍ୱାରସ୍ଥ ହେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ବୁଲୁ, ପୁଷ୍ପାଞ୍ଜଳି, ବିପିନ ଓ ରାଜୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଶୌଚାଳୟ ଯାଇଥିବା ବେଳେ ଟଙ୍କା ଚୋରି; ଜଣେ ଗିରଫ

ଭୁବନେଶ୍ୱର, ୩।୧୧ (ସମିସ): ଶୌଚାଳୟଯାଇଥିବା ବେଳେ ପ୍ୟାଣ୍ଟ ପକେଟରୁ ଟଙ୍କା ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଗାନ୍ଧୀ ବସ୍ତିରେ ରହୁଥିବା ବିଜୟ କୁମାର ମଲ୍ଲିକ (୨୭)।

ପୁଲିସ ସୂଚନାନୁସାରେ, ସୁନିଲ କୁମାର ଚାନ୍ଦ ନୂଆପଲ୍ଲୀ ଜୁଡିଓ ଛକ ନିକଟରେ ଏକ ଫଳ ଦୋକାନ କରିଛନ୍ତି। ଗତମାସ ୩୧ ତାରିଖ ଦିନ ସେ ଫଳ ବିକ୍ରି କରି ୧୦ ହଜାର ଟଙ୍କା ରୋଜଗାର କରିଥିଲେ। ଉକ୍ତ ଟଙ୍କାକୁ ସେ ନିଜ ପ୍ୟାଣ୍ଟ ପକେଟରେ ରଖି ରାତିରେ ଦୋକାନ ଭିତରେ ଶୋଇଯାଇଥିଲେ। ତା ପରଦିନ ଅର୍ଥାତ୍ ୧ ତାରିଖ ସକାଳ ପ୍ରାୟ ୫ଟା ସମୟରେ ସେ ଶୌଚାଳୟକୁ ଯାଇଥିଲେ। ସେହି ସମୟରେ ବିଜୟ ୧୦ ହଜାର ଟଙ୍କା ଚୋରି କରି ନେଇଥିଲା। ଏନେଇ ସୁନିଲ ନୂଆପଲ୍ଲୀ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ପୁଲିସ ସିସିଟିଭି ଫୁଟେଜ ଯାଞ୍ଚ କରି ବିଜୟକୁ ଚିହ୍ନଟ କରିଥିଲା। ମଙ୍ଗଳବାର ଗଣପତି ନଗର ବସ୍ତିରୁ ବିଜୟକୁ ଗିରଫ କରିବା ସହ ୯୨୭୦ ଟଙ୍କା ଜବତ କରିଥିଲା।

ଆମ ବସ୍ ଭଙ୍ଗାରୁଜା, ଯାତ୍ରୀଙ୍କୁ ଆକ୍ରମଣ; ଜଣେ ଗିରଫ

ଭୁବନେଶ୍ୱର, ୩।୧୧ (ସମିସ): ଆମ ବସ୍ ଭଙ୍ଗାରୁଜା କରି ଯାତ୍ରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନୂଆପଲ୍ଲୀରେ ରହୁଥିବା ବିକାଶ ବେହେରା ଓରଫ୍ ବିକୁ (୩୧)।

ପୁଲିସ କହିବା ଅନୁସାରେ, ସମ୍ବଲପୁରର ଅଜିତ ମିର୍ଦ୍ଧା ତାଙ୍କ ଶ୍ୱଶୁର ଓ ମାମୁଁଙ୍କ ସହ ଗତକାଲି ଆମ ବସ୍‌ରେ ଯାତ୍ରା କରୁଥିଲେ। ଯାତ୍ରା ସମୟରେ ବିକୁ ଭଡ଼ା ଦେବାକୁ ନେଇ ବସ୍ କଣ୍ଡକ୍ଟରଙ୍କ ସହ ଯୁକ୍ତିତର୍କ କରିବା ସହ କଣ୍ଡକ୍ଟର ଓ ଅନ୍ୟ ଯାତ୍ରୀମାନଙ୍କୁ ଅଶାଳୀନ ଭାଷାରେ ଗାଳିଗୁଲଜ କରିଥିଲା। ବସ୍‌ରେ ମହିଳା ଯାତ୍ରୀ ଉପସ୍ଥିତ ଥିବା ସତ୍ତ୍ୱେ ବିକୁ ନିଜର ଉତ୍ତେଜିତ ଆଚରଣ ଜାରି ରଖିଥିଲା ଓ ଏହାକୁ ବିରୋଧ କରିଥିବା ଯାତ୍ରୀମାନଙ୍କୁ ଧମକ ଦେଇଥିଲା। ଜୟଦେବ ବିହାର ନିକଟରେ କଣ୍ଡକ୍ଟର ବିକୁକୁ ବସ୍‌ରୁ ଓହ୍ଲାଇବାକୁ କହିଥିଲେ। ଏହାପରେ ବିକୁ ବସ୍‌କୁ ପଥର ମାଡ଼ କରିବାରୁ ବସ୍‌ର ଝରକା କାଚ ଭାଙ୍ଗି ଯାଇଥିଲା। ଅଜିତ ଏହାକୁ ବିରୋଧ କରିବାରୁ ବିକୁ ପଥରରେ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ତାଙ୍କ କାନ ମୁଣ୍ଡାରେ ରକ୍ତାକ୍ତ ଆଘାତ ଲାଗିଥିଲା। ଖବର ପାଇ ପିସିଆର୍ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆହତ ଅଜିତଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲେ। ଅଜିତ ଏନେଇ ସହିଦନଗର ଥାନାରେ ଏତଲା ଦେବାପରେ ପୁଲିସ ବିକୁକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ଧରାପଡ଼ିଲା ରାଜପଥ ଲୁଟେରା

ଭୁବନେଶ୍ୱର, ୩।୧୧ (ସମିସ): ସୁନା ଚେନ୍ ଲୁଟ୍ କରିଥିବା ଅଭିଯୋଗରେ ରାଜପଥ ଲୁଟେରାକୁ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଗଡ଼ ଖୋରଧାର କାଳୀ ପ୍ରସାଦ ରାଉଳ (୩୦)।

ପୁଲିସ ସୂଚନାନୁସାରେ, ଗତମାସ ୨୩ ତାରିଖ ଅପରାହ୍ଣରେ ଜଟଣୀ ଆକାଉଣ୍ଟ କଲୋନୀର ପୂର୍ଣ୍ଣଚନ୍ଦ୍ର ଦାସ ବାଇକ୍ ଯୋଗେ ଜଟଣୀରୁ ଭୁବନେଶ୍ୱର ଯାଉଥିଲେ। ସେ ଡିଏନ୍ ରିଗାଲିଆ ଓଭରବ୍ରିଜ୍ ଅତିକ୍ରମ କରୁଥିବା ବେଳେ କାଳୀ କଳା ରଙ୍ଗର ପଲସରରେ ଆସି ତାଙ୍କ ବେକରୁ ୨୦ ଗ୍ରାମ୍ ଓଜନର ସୁନା ଚେନ୍ ଲୁଟ୍ କରି ଭୁବନେଶ୍ୱର ଆଡ଼କୁ ପଳାଇଥିଲା। ପୂର୍ଣ୍ଣଚନ୍ଦ୍ର ତାକୁ ପିଛା କରିଥିଲେ ମଧ୍ୟ ଧରିବାରେ ସଫଳ ହୋଇନଥିଲେ। ଏନେଇ ପୂର୍ଣ୍ଣଚନ୍ଦ୍ର ତମାଣ୍ଡୋ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି କାଳୀକୁ ଗିରଫ କରିବା ସହ ତା' ଠାରୁ ଲୁଟ୍ ହୋଇଥିବା ସୁନା ଚେନକୁ ମିଶାଇ ମୋଟ ୩ଟି ସୁନା ଚେନ୍, ମୋବାଇଲ ଫୋନ ଓ ଘଟଣାରେ ବ୍ୟବହୃତ ବାଇକ୍ ଜବତ କରିଛି।

● ଦୁର୍ଘଟଣାରେ ସାଇକେଲ୍ ଆରୋହୀଙ୍କ ମୃତ୍ୟୁ

ଡ୍ରାଇଭରକୁ ଗିରଫ ବେଳେ ପୁଲିସକୁ ସଂଘବଦ୍ଧ ଆକ୍ରମଣ

ଭୁବନେଶ୍ୱର, ୩।୧୧(ସମିସ): ଦୁର୍ଘଟଣା ଘଟାଇ ଫେରାର ଥିବା ଡ୍ରାଇଭରକୁ ଗିରଫ ବେଳେ ଆକ୍ରମଣର ଶିକାର ହୋଇଛି ପୁଲିସ। ଅଭିଯୁକ୍ତର ପରିବାର ଲୋକେ ମିଶି ତଦନ୍ତକାରୀ ଅଧିକାରୀଙ୍କୁ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ବେହେରା ସାହି ଛକରେ ଏଭଳି ଘଟଣା ଘଟିଥିବା ବେଳେ ଅଭିଯୁକ୍ତକୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି କଟକ ଜିଲ୍ଲା ବୈଦେଶ୍ୱର ଥାନା ଅନ୍ତର୍ଗତ ନୂଆଗାଁର ଗୋବିନ୍ଦ ବେହେରା (୩୦)।

ପୁଲିସ ସୂଚନାନୁସାରେ, ଗତମାସ ୧୦ ତାରିଖ ସକାଳେ ରେଣ୍ଟାଲ କଲୋନୀର ଲକ୍ଷ୍ମୀଧର ମହାରଣାଙ୍କ ପୁଅ ରୁଦ୍ର ଶଙ୍କର ମହାରଣା ସାଇକେଲ ଯୋଗେ ଅଫିସକୁ ଯାଉଥିଲେ। ଏକାମ୍ର କାନନ ନୂଆ ରାସ୍ତାର ଇନ୍ଦିରା ଗାନ୍ଧୀ ଫାର୍ମାସୀ କଲେଜ ଅତିକ୍ରମ କରୁଥିବା ବେଳେ କାରରେ ଆସୁଥିବା ଗୋବିନ୍ଦ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। କ୍ୟାପିଟାଲ ହସ୍ପିଟାଲରେ ଡାକ୍ତର ରୁଦ୍ରଙ୍କୁ ମୃତ ଘୋଷଣା କରିଥିଲେ। ଲକ୍ଷ୍ମୀଧରଙ୍କ ଅଭିଯୋଗକ୍ରମେ ମୈତ୍ରୀ ବିହାର ଥାନା ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି ଫୁଟେଜ ଯାଞ୍ଚ କରି ଗାଡ଼ି ଓ ଚାଳକ ଗୋବିନ୍ଦକୁ ଚିହ୍ନଟ କରିଥିଲା।

ଗତକାଲି ବେହେରା ସାହି ଛକରେ ପିସିଆର୍ କର୍ମଚାରୀ ଗୋବିନ୍ଦର କାରକୁ ଅଟକାଇ ମୈତ୍ରୀ ବିହାର ଥାନାକୁ ଖବର ଦେଇଥିଲେ। ଥାନାର ତଦନ୍ତକାରୀ ଅଧିକାରୀ ତଥା ଏଏସ୍‌?ଆଇ ପ୍ରଦୀପ କୁମାର ପତି ଘଟଣାସ୍ଥଳରେ ପହଞ୍ଚି ଗାଡ଼ିର ମାଲିକ ତଥା ଚାଳକ ଗୋବିନ୍ଦକୁ ଗାଡ଼ି ସହ ଥାନାକୁ ଆସି ତଦନ୍ତରେ ସହଯୋଗ କରିବାକୁ କହିଥିଲେ। କିନ୍ତୁ ଗୋବିନ୍ଦ, ତାଙ୍କ ପତ୍ନୀ ସସ୍ମିତା ଖଟେଇ ଓ ପରିବାରର ଅନ୍ୟ ସଦସ୍ୟମାନେ ଘଟଣାସ୍ଥଳରେ ପୁଲିସକୁ ଗାଳିଗୁଲଜ କରିବା ସହ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଗୋବିନ୍ଦକୁ ପୁଲିସ ହେପାଜତକୁ ନେବା ସମୟରେ ତାଙ୍କ ଶାଶୁ ତଦନ୍ତକାରୀ ଅଧିକାରୀଙ୍କୁ ଆକ୍ରମଣ କରିଥିଲେ ଓ ତାଙ୍କ ଭଉଣୀ ବୋଲି ଟଣାଓଟରା କରିଥିଲେ। ଏଏସ୍‌ଆଇ ପ୍ରଦୀପ ଏନେଇ ନୂଆପଲ୍ଲୀ ଥାନା ପୁଲିସ ମାମଲା ରୁଜୁ କରି ଗୋବିନ୍ଦକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେପଟେ ମୈତ୍ରୀ ବିହାର ଦୁର୍ଘଟଣା ମାମଲାରେ ପୁଲିସ ରିମାଣ୍ଡ ଆବେଦନ କରିବ।

ଓଏଲ୍‌ଏକ୍ସରେ ଘର ଭଡ଼ା ବିଜ୍ଞାପନ ଦେଇ ଠକେଇ

ଭୁବନେଶ୍ୱର, ୩।୧୧ (ସମିସ): ଓଏଲ୍‌ଏକ୍ସରେ ଘର ଭଡ଼ା ଦେବାକୁ ବିଜ୍ଞାପନ ଦେଇ ଲୋକଙ୍କୁ ଠକୁଥିବା ମାଆ ଓ ପୁଅ ଯୋଡ଼ିକୁ ନୂଆପଲ୍ଲୀ ଥାନା ପୁଲିସ ଗିରଫ କରିଛି। ଗିରଫ ମହିଳା ହେଲେ ପାଇକ ନଗରର ଡି. ସୂର୍ଯ୍ୟକୁମାରୀ (୫୬) ଓ ତାଙ୍କ ପୁଅ ସିଦ୍ଧାର୍ଥ ସାମଲ (୩୩)। ସେମାନେ ଶସ୍ତାରେ ଘର ଭଡ଼ା ଦେବାର ପ୍ରଲୋଭନ ଦେଖାଇ ଏକାଧିକ ଲୋକଙ୍କଠାରୁ ଆଗୁଆ ଟଙ୍କା ନେଇ ଠକୁଥିବା ତଦନ୍ତରୁ ଜଣାପଡ଼ିଛି।

- ଶସ୍ତା ଭଡ଼ାର ପ୍ରଲୋଭନ ଦେଖାଇ ଆଗୁଆ ଟଙ୍କା ନେଉଥିଲେ
- ଫସିଛନ୍ତି ୧୫ରୁ ଅଧିକ; ରୁଜୁ ହେଲାଣି ୬ଟି ମାମଲା
- ମାଆ ଓ ପୁଅ ଗିରଫ

ପୁଲିସ ସୂଚନା ଅନୁଯାୟୀ, କନ୍ଧମାଳ ଜିଲ୍ଲା ସାରଙ୍ଗଗଡ଼ ଥାନା ଅଞ୍ଚଳର ଅରୁଣ କୁମାର ପ୍ରଧାନ ଭୁବନେଶ୍ୱରରେ ପରିବାର ସହ ରହୁଥିବାବେଳେ ଏକ ଭଡ଼ାଘର ଖୋଜୁଥିଲେ। ଏହି ସମୟରେ ଅନ୍ଧାରୁଆର ରଞ୍ଜିତ ନାୟକ ସହ ତାଙ୍କର ଯୋଗାଯୋଗ ହୋଇଥିଲା। ରଞ୍ଜିତ ଜଣକ ତାଙ୍କୁ ବରମୁଣ୍ଡା ଡେଲ୍‌ଟା ଛକ ନିକଟସ୍ଥ ପାଇକନଗରରେ ଏକ ଘର ଦେଖାଇଥିଲେ। ଏହା ଡି. ସୂର୍ଯ୍ୟକୁମାରୀଙ୍କ ଘର ବୋଲି ଜଣାପଡ଼ିଥିଲା। ଅରୁଣ ଘର ଦେଖି ପସନ୍ଦ କରିବା ପରେ ଷ୍ଟାମ୍ପ ପେପରରେ ଡି ସୂର୍ଯ୍ୟ କୁମାରୀ ଓ ସିଦ୍ଧାର୍ଥ ସହ ଭଡ଼ା ଚୁକ୍ତିନାମା ହୋଇଥିଲା। ଏହାପରେ ଡି ସୂର୍ଯ୍ୟ କୁମାରୀ ପ୍ରଥମେ ୨୪ ହଜାର ଟଙ୍କା ନେଇଥିଲେ। ପରେ ପୁଅର ଚିକିତ୍ସା ପାଇଁ ଟଙ୍କା ଆବଶ୍ୟକ ବୋଲି କହି ଆଉ ୫୨ ହଜାର ଟଙ୍କା ନେଇଥିଲେ। ଏହିପରି ମୋଟ ୭୬ ହଜାର ଟଙ୍କା ନେବା ପରେ ମଧ୍ୟ ଅରୁଣଙ୍କୁ ଘର ଭଡ଼ାରେ ଦେଇ ନ ଥିଲେ କି ଟଙ୍କା ଫେରସ୍ତ କରି ନ ଥିଲେ। ବାରମ୍ବାର ଟଙ୍କା ମାଗିବା ପରେ ମଧ୍ୟ ନ ମିଳିବାରୁ ଅରୁଣ ନୂଆପଲ୍ଲୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ମାଆ ଓ ପୁଅ ମିଶି ଓଏଲ୍‌ଏକ୍ସରେ ମିଥ୍ୟା ବିଜ୍ଞାପନ ଦେଇ ଏଭଳି ଠକେଇ କରୁଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ସେମାନେ ପୂର୍ବରୁ ଅନ୍ୟ ଲୋକଙ୍କୁ ଭଡ଼ାରେ ଦେଇଥିବା ଘରକୁ ପୁଣି ଖାଲି ଥିବା ଦର୍ଶାଇ ବଜାର ଦରଠାରୁ କମ୍ ଭଡ଼ାରେ ଦେବାକୁ ବିଜ୍ଞାପନ ଦେଉଥିଲେ। ଏହା ଦେଖି ଆଗ୍ରହୀ ଲୋକଙ୍କୁ ଘର ଦେଖାଇ ଭଡ଼ା ଚୁକ୍ତିନାମା କରୁଥିଲେ। ପରେ ଆଗୁଆ ଭଡ଼ା ଓ ସିକ୍ୟୁରିଟି ଡିପୋଜିଟ୍ ନେଉଥିଲେ। ଏପରିକି ଚିକିତ୍ସା ଖର୍ଚ୍ଚ ଭଳି ବିଭିନ୍ନ ଆଳ ଦେଖାଇ ଅତିରିକ୍ତ ଟଙ୍କା ମଧ୍ୟ ଆଦାୟ କରୁଥିଲେ। ଟଙ୍କା ନେବା ପରେ ଘର ଦେଉ ନ ଥିଲେ କି ଫେରସ୍ତ କରୁ ନ ଥିଲେ। ଏହି ଉପାୟରେ ମାଆ ଓ ପୁଅ ପ୍ରାୟ ୧୫ ଜଣଙ୍କୁ ଠକିଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଇଛି। ସେମାନଙ୍କ ବିରୋଧରେ ନୂଆପଲ୍ଲୀ ଥାନାରେ ଏଯାଏଁ ୬ଟି ମାମଲା ରୁଜୁ ହୋଇସାରିଲାଣି। ପୁଲିସ ଅଭିଯୁକ୍ତଙ୍କଠାରୁ ଅରୁଣଙ୍କ ସହ ହୋଇଥିବା ଘରଭଡ଼ା ଚୁକ୍ତିନାମା ଜବତ କରିଛି। ଏହି ଠକେଇ ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେ ନେଇ ପୁଲିସ ତଦନ୍ତ ଜାରି ରଖିଛି।

ସମ୍ବଲପୁରରେ ଜଣ୍ଡିସ ବ୍ୟାପୀ ଶତାଧିକ ଆକ୍ରାନ୍ତ

ପ୍ରଶାସନ ତୁରନ୍ତ ଆବଶ୍ୟକ ପଦକ୍ଷେପ ନିଅନ୍ତୁ: ବିଜେଡି

ଭୁବନେଶ୍ୱର,୩।୧୧(ସମିସ): ସମ୍ବଲପୁରରେ ଜଣ୍ଡିସ ବ୍ୟାପି ଏକ ସ୍କୁଲର ଶତାଧିକ ଛାତ୍ରଛାତ୍ରୀ ଆକ୍ରାନ୍ତ ହେବା ଓ ଏହାମଧ୍ୟରୁ କିଛି ଛାତ୍ର ଗୁରୁତର ହୋଇ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ଏପରି ଘଟଣାକୁ ନେଇ ବିଜୁ ଜନତା ଦଳ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିବା ସହିତ ପ୍ରଶାସନ ତୁରନ୍ତ ପଦକ୍ଷେପ ନେଉ ବୋଲି ଦାବି ଜଣାଇଛି । ଏକ ପ୍ରେସ ବିବୃତିରେ ଦଳର ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ପିଲା ମାନେ ଜଣ୍ଡିସ ରୋଗରେ ଆକ୍ରାନ୍ତ ହେବା ଏକ ଗୁରୁତର ଘଟଣା ଓ ପାଣି ଜନିତ ସମସ୍ୟାରୁ ଏହି ରୋଗ ବ୍ୟାପୁଥିବା କୁହାଯାଉଛି । ପ୍ରଶାସନ ଦ୍ୱାରା ଅନୁଷ୍ଠାନରେ ବ୍ୟବହୃତ ହେଉଥିବା ପାଣିର ନମୁନା ସଂଗ୍ରହ କରି ଏହାର ପରୀକ୍ଷା କରାଯାଇଛି । ଏହି ପରୀକ୍ଷାର ରିପୋର୍ଟ ପ୍ରଶାସନର ହସ୍ତଗତ ହୋଇଥିଲେ ସୁଦ୍ଧା ପ୍ରଶାସନ ଏହାକୁ ସାର୍ବଜନୀନ କରୁନାହିଁ । ଡ. ମହାନ୍ତି ଆହୁରି କହିଥିଲେ ଯେ ଏହି ଶିକ୍ଷାନୁଷ୍ଠାନର ପୃଷ୍ଠପୋଷକ ଜଣେ ପ୍ରଭାବଶାଳୀ ଓ ରାଜନୈତିକ ଛତ୍ରଛାୟା ତଳେ ରହୁଥିବାରୁ, ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ତେଣୁ ସ୍ଥାନୀୟ ପ୍ରଶାସନ ଏହା ଉପରେ ତୁରନ୍ତ ପଦକ୍ଷେପ ନେଇ ଛାତ୍ରଛାତ୍ରୀ ମାନଙ୍କୁ ଏହି ସମସ୍ୟାରୁ ମୁକ୍ତ କରାନ୍ତୁ ବୋଲି ଡ. ମହାନ୍ତି ଦାବି କରିଛନ୍ତି।

ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର,୪।୧୧(ସମିସ):ସହିଦନଗର ଥାନା ଏସ୍‌ପ୍ଲାନେଡ୍ ମଲ୍ ନିକଟରେ ଥିବା ଏକ ଘରୋଇ କମ୍ପାନୀ କାର୍ଯ୍ୟାଳୟ ପଛରେ ମଙ୍ଗଳବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ଯୁବକ ଜଣଙ୍କ ଗଛରେ ରଶ୍ମିରେ ଝୁଲୁଥିବା ଦେଖିବାକୁ ମିଳିଛ। ମୃତଦେହ ମିଳିଥିବା ସ୍ଥାନକୁ କେହି ଯାଉନଥିବାରୁ ଯୁବକଙ୍କୁ କେହି ହତ୍ୟା କରି ଟାଙ୍ଗି ଦେଇଥିବା ସନ୍ଦେହ କରାଯାଇଛି। ମୃତ ଯୁବକଙ୍କ ପରିଚୟ ମିଳିନଥିବା ବେଳେ ତାଙ୍କ ବୟସ ୩୫ ବର୍ଷ ହେବ ବୋଲି ଜଣାପଡ଼ିଛି। ଖବର ପାଇ ସହିଦନଗର ପୁଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲକୁ ପଠାଇ ଦେଇଛି। ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଏକାଧିକ ନମୁନା ସଂଗ୍ରହ କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି। ମୃତ ଯୁବକର ପରିଚୟ ମିଳିନଥବାରୁ ସେ ଏଠାକୁ କିଭଳି ଆସିଲେ ତାହା ଖୋଳତାଡ଼ କରାଯାଉଛି। କେହି ତାଙ୍କୁ ଯୋଜନା କରି ଉକ୍ତ ଅଫିସ ପଛ ନିଛାଟିଆ ସ୍ଥାନକୁ ଡାକି ହତ୍ୟା କରି ଟଙ୍ଗାଇ ଦେଇଥିବା କୁହାଯାଉଛି।

ଗଞ୍ଜାମ ସ୍ଥିତି ଦେଖିଲା ଆପ୍ ପ୍ରତିନିଧି ଦଳ

ଭୁବନେଶ୍ୱର,୩।୧୧(ସମିସ): ଅର୍ଣ୍ଣବ ବାତ୍ୟା ଯୋଗୁଁ କ୍ଷତିଗ୍ରସ୍ତ ଗଞ୍ଜାମର ବିଭିନ୍ନ ଅଞ୍ଚଳ ପରିଦର୍ଶନ କରିଛି ଆମ୍ ଆଦମୀ ପାର୍ଟିର ପ୍ରତିନିଧି ଦଳ। ପାର୍ଟିର ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ ଏକ୍ ଟିମ୍ ଗଞ୍ଜାମର ଗୋପାଳପୁର, ଦିଗପହଣ୍ଡି, ସାନଖେମୁଣ୍ଡି, ଶେରଗଡ଼, ଆସ୍କା ଏବଂ ହିଞ୍ଜିଳିକାଟୁର ବାତ୍ୟା ପ୍ରଭାବିତ ଅଞ୍ଚଳ ବୁଲି ସାଧାରଣ ଜନତା, କ୍ଷତିଗ୍ରସ୍ତ ପରିବାର, ପଞ୍ଚାୟତ ପ୍ରତିନିଧି ତଥା ସ୍ଥାନୀୟ ନେତୃତ୍ୱଙ୍କ ସହିତ ବିସ୍ତୃତ ଆଲୋଚନା କରିବା ସହ କିଛି ସ୍ଥାନରେ ଶୁଖିଲା ଖାଦ୍ୟ ଏବଂ ପାନୀୟ ଜଳ ବଣ୍ଟନ କରିଥିଲେ। କୃଷକ ଅର୍ଜୁନ ପଣ୍ଡାଙ୍କର ଦୁଇ ଏକର ଜମିରେ ବନ୍ୟା ପାଣି ମାଡି ଫସଲ ସମ୍ପୂର୍ଣ୍ଣ ନଷ୍ଟ ହେବାରୁ ମ୍ରିୟମାଣ ହୋଇ ଆତ୍ମହତ୍ୟା କରିଛନ୍ତି। ଶ୍ରୀ ମହାପାତ୍ର ତାଙ୍କ ପରିବାରବର୍ଗଙ୍କୁ ଭେଟି ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ଉପଯୁକ୍ତ କ୍ଷତିପୂରଣ ପାଇଁ ପ୍ରଶାସନ ନିକଟରେ ଦାବି ରଖିଥିଲେ। ଉକ୍ତ ପ୍ରତିନିଧି ମଣ୍ଡଳୀରେ ଲିଗାଲସେଲ ସଭାପତି କୈଳାଶ ସେଠୀ, ରାଜ୍ୟ ସୋସିଆଲ ମିଡ଼ିଆ କୋର୍ଡିନେଟର ଲିଙ୍ଗରାଜ ପାତ୍ରଙ୍କ ସମେତ ଅନ୍ୟମାନେ ସାମିଲ ହୋଇଥିଲେ।

'ରମାଦେବୀ' ସମ୍ମୁଖରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ଦାବି

ଭୁବନେଶ୍ୱର,୩।୧୧(ସମିସ): ରାଜଧାନୀ ଭୁବନେଶ୍ୱରସ୍ଥିତ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଫୁଟ୍ ଓଭରବ୍ରିଜ୍ (ଏଫ୍‌ଓବି) ନିର୍ମାଣ ପାଇଁ ଦାବିରେ ବିଶ୍ୱବିଦ୍ୟାଳୟ ଛାତ୍ର ସଂସଦ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)କୁ ଦାବିପତ୍ର ପ୍ରଦାନ କରାଯାଇଛି। ଛାତ୍ର ସଂସଦ ପକ୍ଷରୁ କୁହାଯାଇଛି ଯେ, ବିଶ୍ୱବିଦ୍ୟାଳୟ ସମ୍ମୁଖ ରାସ୍ତାରେ ଯାନବାହନ ଚଳାଚଳ ଅତ୍ୟଧିକ ଥିବାବେଳେ ପଥଚାରୀଙ୍କ ପାଇଁ ସୁରକ୍ଷିତ ରାସ୍ତା ପାର୍ ହେବାର ବ୍ୟବସ୍ଥା ନାହିଁ। ଫଳରେ ପ୍ରତିଦିନ ଛାତ୍ରୀମାନେ ଦୁର୍ଘଟଣା ଆଶଙ୍କା ମଧ୍ୟରେ ରାସ୍ତା ପାର୍ ହେଉଛନ୍ତି। ଏହି ସମସ୍ୟା ପାଇଁ ଦୃଷ୍ଟିବାଧିତ ଛାତ୍ରୀମାନେ ମଧ୍ୟ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶ୍ୱବିଦ୍ୟାଳୟରେ ୧୦୦ରୁ ଅଧିକ ଦୃଷ୍ଟିବାଧିତ ଛାତ୍ରୀ ଅଧ୍ୟୟନ କରୁଥିବାବେଳେ ରାସ୍ତା ପାର୍ ହେବା ସମୟରେ ସେମାନେ ବିଶେଷ ସମସ୍ୟା ଓ ବିପଦର ସମ୍ମୁଖୀନ ହେଉଛନ୍ତି। ତେଣୁ ସେମାନଙ୍କ ସୁରକ୍ଷା ଓ ସୁଗମ ଯାତାୟାତକୁ ପ୍ରାଥମିକତା ଦେବାକୁ ଛାତ୍ର ସଂସଦ ଦାବି କରିଛି। ଏହି ସ୍ଥାନରେ ଫୁଟ ଓଭରବ୍ରିଜ ନିର୍ମାଣ ପାଇଁ ତୁରନ୍ତ ସର୍ଭେ ଓ ଆବଶ୍ୟକ ଆକଳନ କରିବା ସହ ନିର୍ମାଣ ପ୍ରକ୍ରିୟା ଆରମ୍ଭ କରିବାକୁ ଅନୁରୋଧ କରାଯାଇଛି। ଛାତ୍ର ସଂସଦ ସଭାପତି ସୋନାଲି ବେହେରା, ଉପସଭାପତି ସାଇ ଅର୍ପିତା ମହାପାତ୍ର, ସାଧାରଣ ସମ୍ପାଦିକା ଲକ୍ଷ୍ମୀପ୍ରିୟା ବିଶୋଇ ଓ ଯୁଗ୍ମ ସମ୍ପାଦିକା ସୁଦେଷ୍ଣା ଖୁମେଲ ପ୍ରମୁଖ ବିଏମସି କମିଶନ ଚଞ୍ଚଳ ରଣାଙ୍କୁ ଦାବିପତ୍ର ଦେଇଛନ୍ତି।

'ଉତ୍କଳ'ରେ ଜଣ୍ଡିସ୍ ଆତଙ୍କ

ହଷ୍ଟେଲ୍ ଛାଡ଼ିଲେ ଛାତ୍ରୀ

ଭୁବନେଶ୍ୱର,୩।୧୧(ସମିସ)

ଉତ୍କଳ ବିଶ୍ୱବିଦ୍ୟାଳୟର ଛାତ୍ରୀନିବାସରେ ସୋମବାର ଜଣ୍ଡିସ ବ୍ୟାପିବା ପରେ ଛାତ୍ରୀମାନେ ଆଜି ହଷ୍ଟେଲ ଛାଡ଼ିଛନ୍ତି। ଅନେକଙ୍କୁ ସଂକ୍ରମଣ ହୋଇ ଦେହସାରା ଫୁଲି ଯାଇଛି। ଦୂଷିତ ପାଣି ପାଇଁ ସଂକ୍ରମଣ ବ୍ୟାପିଥିବା ଆଶଙ୍କାରେ ୬ ଓ ୭ ନମ୍ବର ଛାତ୍ରୀନିବାସରେ ବହୁ ଛାତ୍ରୀ ଆଜି ଘରକୁ ଫେରିଯାଇଛନ୍ତି। ବିଶ୍ୱବିଦ୍ୟାଳୟର ଦାୟିତ୍ୱହିନତା କାରଣରୁ ଏପରି ସ୍ଥିତି ସୃଷ୍ଟି ହୋଇଥିବା ଅଭିଯୋଗ କରିଛନ୍ତି।



ଦୂଷିତ ପାଣିରୁ ଜଣ୍ଡିସ ବ୍ୟାପିଥିବା ଆଶଙ୍କା କରାଯାଉଥିବାବେଳେ କିଛି ଛାତ୍ରୀଙ୍କ ଦେହସାରା ଫୁଲି ଯାଇଛି। ଶରୀରର ବିଭିନ୍ନ ସ୍ଥାନରେ ଫୋଟକା ହୋଇଥିବା ଦେଖାଦେଇଛି। ଝାଡ଼ାବାନ୍ତି ପାଇଁ ୨ ଜଣ ଛାତ୍ରୀ ଡ଼ାକ୍ତରଖାନାରେ ଚିକିତ୍ସିତ ହେଉଥିବାବେଳେ ସଂକ୍ରମଣ ଖବର ଛାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। ନିଜର ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଅସୁରକ୍ଷିତ ମଣୁଥିବା ଛାତ୍ରୀମାନେ ଆଜି ହଷ୍ଟେଲ ଛାଡ଼ିଛନ୍ତି। ଉଭୟ ହଷ୍ଟେଲରୁ ଶତାଧିକ ପିଲା ଘରକୁ ଯାଇଥିବା ସୂଚନା ମିଳିଛି। ଅପରପକ୍ଷରେ ଦ୍ୱିତୀୟ ଦିନରେ ମଧ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଖାଦ୍ୟରୁ ସଂକ୍ରମଣ ଆଶଙ୍କାରେ ଆଜି ବିଏମ୍‌ସିର ଖାଦ୍ୟ ସୁରକ୍ଷା ଟିମ୍ ଖାଦ୍ୟ ନମୂନା ସଂଗ୍ରହ କରିଛି। ସମସ୍ତ ପାଣିଟାଙ୍କି ସଫା କରିବା ସହ ବିଶୋଧନ କରାଯାଇଛି। ଲକ୍ଷଣ ଦେଖାଦେଇଥିବା ପିଲାଙ୍କ ଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇଛି। ପିଲାଙ୍କୁ ପିଇବା ପାଇଁ ବିଶୁଦ୍ଧ ପାଣି ଯୋଗାଇ ଦିଆଯାଇଥିବାବେଳେ ଗରମ ପାଣି ଯୋଗାଣ ବ୍ୟବସ୍ଥା ମଧ୍ୟ କରାଯାଇଛି। ପାଣିର ନମୁନା ରିପୋର୍ଟ ଆସି ନଥିବାବେଳେ ହେପାଟାଇଟିସ୍-ଏ ର ଲକ୍ଷଣ ଥିବା ଡାକ୍ତରୀଦଳ ସୂଚନା ଦେବା ସହ ଚିକିତ୍ସା ଜାରି ରଖିଛନ୍ତି। ଗୁରୁତର ହୋଇ ଡାକ୍ତଖାନାରେ ଚିକିତ୍ସିତ ହେଉଥିବା ୨ ଛାତ୍ରୀଙ୍କ ଚିକିତ୍ସା ଜାରି ରହିଛି। ଆଜି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ବିଶ୍ୱବିଦ୍ୟାଳୟର ୬ ଓ ୭ ନମ୍ବର ଛାତ୍ରୀନିବାସରେ ସୋମବାର ବହୁ ଛାତ୍ରୀ ଅସୁସ୍ଥ ହୋଇଥିଲେ। ପେଟ ଯନ୍ତ୍ରଣା ହେବାସହ ଝାଡ଼ାବାନ୍ତିରେ ଆକ୍ରାନ୍ତ ହୋଇଥିଲେ। ଦୂଷିତ ପାଣି ପାଇଁ ରୋଗ ବ୍ୟାପିଥିବା ଆଶଙ୍କା ଥିବାରୁ ଅନ୍ତେବାସୀଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି।

ଆଗକୁ ଦୀପାବଳି; ମାଟି ମିଳୁନି କି ଜାଳ

ଭୁବନେଶ୍ୱର,୩।୧୧(ସମିସ)

ଆଗକୁ ରହିଛି ଦୀପାବଳି। ସେଥିପାଇଁ କୁମ୍ଭକାର ପରିବାର ଦୀର୍ଘଦିନ ଆଗରୁ ହିଁ ପ୍ରସ୍ତୁତି ଆରମ୍ଭ କରି ଦେଇଥାନ୍ତି। ହେଲେ ଏବେ ପ୍ରସ୍ତୁତି ପାଇଁ ଜାଳ ଏବଂ ମାଟିର ଅଭାବ ସବୁଠୁ ବଡ ସମସ୍ୟା ଭାବେ ଦେଖାଦେଇଛି। ଫଳରେ ଯେଉଁ ଦୁଇ ହାତ ମାଟିକୁ ଚକଟି ଏବଂ ପରିଶ୍ରମକୁ ଚକରେ ଥୋଇ ମାଟିର ଉପକରଣ ଗଢୁଥାନ୍ତି, ସେ ଦୁଇ ହାତ ଆଜି ତା କୁମ୍ଭାର ଚକ ଛାଡି ଅନ୍ୟ ବୃତ୍ତିକୁ ଚାଲିଯାଉଛି।

ଦିନ ଥିଲା ରାଜଧାନୀରେ ଆବଶ୍ୟକତାଠାରୁ ଅଧିକ ପରିମାଣର ମାଟିର ହାଣ୍ଡି, ଦୀପ, ଅଭଡା କୁଡୁଅ ସମେତ ବିଭିନ୍ନ ଉପକରଣ ଯୋଗାଉଥିଲା ପୁରୁଣା ଭବନେଶ୍ୱରରେ ଥିବା କୁମ୍ଭାର ସାହି। ହେଲେ ଦୀର୍ଘ ବର୍ଷ ହେବ ସେଠାରେ ମାଟିର ଉପକରଣ ତିଆରି କମିବାରେ ଲାଗିଛି। କାରଣ କୁମ୍ଭାର ସାହିରୁ ଆଉ ଆବଶ୍ୟତା ଅନୁଯାୟୀ ମାଟି ଏବଂ ଜାଳ ଯୋଗାଡ କରିପାରିଲେ ନାହିଁ। ସମୟ ସ୍ରୋତରେ କୁମ୍ଭାର ପରିବାର ରାଜଧାନୀରେ ଆଉ କାଁ ଭାଁ ଦେଖିବାକୁ ମିଳୁଛନ୍ତି। ଏନେଇ ସେହି ପୁରୁଣା ଭୁବନେଶ୍ୱରର କୁମ୍ଭାର ସାହିର କିଛି ପରିବାର କୁହନ୍ତି ବର୍ତ୍ତମାନ ସମୟରେ ଆଗଭଳି ଆଉ ମାଟି ଉଠେଇବାର ସୁବିଧା ହେଉନି କି ଭାଟିରେ ମାଟି ଜିନିଷ ପୋଡିବା ପାଇଁ ଆବଶ୍ୟକତା ମୁତାବକ ଜାଳ ମଧ୍ୟ ମିଳୁନି ତେଣୁ ଗତ କିଛି ବର୍ଷ ହେଲାଣି ଆଉ ମାଟିର ବିଶେଷକିଛି ଉପକରଣ ତିଆରି ହେଉ ନାହିଁ। କେବଳ ସେତିକି ନୁହଁ ରାଜଧାନୀରେ ଚାରିଆଡେ କୋଠାବାଡି ନିର୍ମାଣ ଯୋଗୁ ମାଟି ଖୋଳି ଆଣିବାକୁ ଆଉ ଜାଗା ବି ମିଳୁନି କି ଜାଳିବାକୁ ଜାଳ ମଧ୍ୟ ମିଳୁନି। ସେଥିପାଇଁ ବଡ ବଡ ଦୀପଠାରୁ ଆରମ୍ଭକରି ମାଟିର ବିଭିନ୍ନ ଉପକରଣ ବି ତିଆରି ହେବା ଧୀରେ ଧୀରେ ବନ୍ଦ ହୋଇଗଲାଣି। ଆଗକୁ ଦୀପାବଳି ଥିବା ଯୋଗୁ, କିଛିଟା ପରିବାର କେବଳ ଛୋଟ ଦୀପ ଛଡା ଅନ୍ୟାନ୍ୟ କିଛି ତିଆରି ନକରି ନୟାଗଡ, ପୁରୀ ଓ ଫୁଲବାଣୀ ଆଦି ବିଭିନ୍ନ ଅଞ୍ଚଳରୁ ମଗାଇ ବିକ୍ରି କରୁଛନ୍ତି। ପୁରୁଣା ଭୁବନେଶ୍ୱରର କୁମ୍ଭାର ସାହିରେ ପୂର୍ବରୁ ଶହେରୁ ଅଧିକ କୁମ୍ଭାର ପରିବାର ମାଟି ଜିନିଷ ତିଆରି କରୁଥିଲେ ହେଲେ ବର୍ତ୍ତମାନ ୨୭ଟି ପରିବାରରୁ ୨୧ ପରିବାର ସେଠାରେ ବୃତ୍ତି କରୁଥିବା ଜଣାପଡିଛି। ସେହି ଅଞ୍ଚଳର ସତ୍ୟଭାମା ମୁଦୁଲି କୁହନ୍ତି, ଆଉ ନାମକୁ ମାତ୍ର କୁମ୍ଭାର ସାହି କୁହାଯାଉଛି। କାରଣ ଅଧିକାଂଶ କୁମ୍ଭାର ବୃତ୍ତି ବଦଳାଇ ଏବେ ଅନ୍ୟଆଡେ ଚାଲିଗଲେଣି। ଏହି କାମରୁ କୌଣସି ପାରିଶ୍ରମିକ ନମିଳିବା ସାଙ୍ଗକୁ ମାଟି ଓ ଜାଳର ଅଭାବ ସେମାନଙ୍କୁ ବୃତ୍ତି ବଦଳାଇବାକୁ ବାଧ କଲା।

ଏହାସହ ମାଟିର ଦାମ ମଧ୍ୟ ବଢୁଛି ଯାହା ଟ୍ରିପ ପିଛା ୩ ରୁ ୪ ହଜାର ରହୁଛି। ସେପଟେ ଅର୍ଡର ଆସିବା ବି ଦିନକୁ ଦିନ କମୁଛି। ଫଳରେ ରୋଜଗାର ମଧ୍ୟ କମି କମି ଯାଉଛି। ସରକାରଙ୍କ ତରଫରୁ ବୃତ୍ତି ବଞ୍ଚାଇବା ଦିଗରେ କିଛି ସାହାଯ୍ୟ ମିଳିଲେ କୁମ୍ଭାର ପରିବାର ଉପକୃତ ହୁଅନ୍ତେ ବୋଲି ସେ କହିଛନ୍ତି।



କେମିତି ଚାଲିବ କୁମ୍ଭକାର ବୃତ୍ତି

ପିଅନଙ୍କ ବଦଳିକୁ ବିରୋଧ; ସ୍କୁଲ ଗେଟ୍‌ରେ ତାଲା



କଣିହାଁ,୩।୧୧(ସମିସ): ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ୍ ଡେରଙ୍ଗସ୍ଥିତ ଭଣେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପିଅନ ମମତା ସାହୁଙ୍କ ବଦଳିକୁ ନେଇ ଅସନ୍ତୋଷ ତୀବ୍ର ହୋଇଛି। ବଦଳି ଆଦେଶ ବାତିଲ ଦାବିରେ ମଙ୍ଗଳବାର ସକାଳେ ସ୍କୁଲ ପରିଚାଳନା କମିଟି ଓ ଅଭିଭାବକ ବିଦ୍ୟାଳୟ ମୁଖ୍ୟ ଫାଟକରେ ତାଲା ପକାଇ ପ୍ରତିବାଦ କରିଥିଲେ। ସୂଚନା ଅନୁଯାୟୀ, ଅକ୍ଟୋବର ୨୭ ତାରିଖର ଚିଠି ନଂ ୯୫୭୯ ଅନୁସାରେ ମମତାଙ୍କୁ କଣିହାଁସ୍ଥିତ ପିଏମ୍‌ଶ୍ରୀ ପବିତ୍ରମୋହନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇଛି। ଏହାକୁ ବିରୋଧ କରି ଗତ ୩୧ ତାରିଖରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ କମିଟି ସଦସ୍ୟ। ନଭେମ୍ବର ୨ରେ ନିଷ୍ପତ୍ତି ଜଣାଇବାକୁ ବିଭାଗ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ସ୍ପଷ୍ଟ ଉତ୍ତର ନ ମିଳିବାରୁ ପ୍ରତିବାଦ କରାଯାଇଥିଲା। କମିଟିର କହିବା ଅନୁଯାୟୀ, ବିଦ୍ୟାଳୟରେ ମାତ୍ର ଦୁଇଜଣ ପିଅନ ଥିବାବେଳେ ଜଣେ ଆସନ୍ତା ମାସରେ ଅବସର ନେବେ। ଏପରି ସ୍ଥିତିରେ ଅନ୍ୟ ଜଣଙ୍କ ବଦଳି ହେଲେ ବିଦ୍ୟାଳୟର ଦୈନନ୍ଦିନ ଓ ପ୍ରଶାସନିକ କାର୍ଯ୍ୟ ବାଧାପ୍ରାପ୍ତ ହେବ। ପରିଚାଳନା କମିଟି ସଭାପତି ଅକ୍ଷୟ ନାଏକଙ୍କ ନେତୃତ୍ୱରେ ହୋଇଥିବା ପ୍ରତିବାଦରେ ସରପଞ୍ଚ ସଂଯୁକ୍ତା ବେହେରା, ସମିତି ସଭ୍ୟ ସନ୍ତୋଷ ନାଏକଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଓ ଅଭିଭାବକ ସାମିଲ ହୋଇଥିଲେ। ବଦଳି ଆଦେଶର ପୁନର୍ବିଚାର କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ବାଇକ୍ ସହ ଗଞ୍ଜେଇ ଜବତ; ଜଣେ ଗିରଫ



ତାଳଚେର,୩।୧୧(ସମିସ): ଅନୁଗୋଳ ସୁପରିଟେଣ୍ଡେଣ୍ଟ ମଧୁସ୍ମିତା ନାୟକଙ୍କ ନିର୍ଦ୍ଦେଶକ୍ରମେ ତାଳଚେର ଅବକାରୀ ବିଭାଗ ଓଆଇସି ହାତିଆ ବେହେରାଙ୍କ ତତ୍ତ୍ୱାବଧାନରେ ଏକ ମିଳିତ ଟିମ ଚଢ଼ଉ କରିଥିଲା। ଗଞ୍ଜେଇ ନେଇ ତାଳଚେର ଆଡ଼କୁ ଆସୁଥିବା ସମଲ ଥାନା ଅନ୍ତର୍ଗତ ବିକସର ଗ୍ରାମରେ ମାଫିଆଙ୍କୁ ଏହି ଟିମ୍ ଧରିଥିଲା। ଚଢ଼ଉ ସମୟରେ ଅଭିଯୁକ୍ତ ଶିପୁର ଅଞ୍ଚଳର ବେଣୁଧର ସାହୁ (୩୬)ଙ୍କ ନିକଟରୁ୧୫କେଜି ଶହେ ଗ୍ରାମ ଗଞ୍ଜେଇ ଓ ଏକ ବାଇକ୍ (ଓଡି ୩୩ ଏନ-୭୨୫୭)କୁ ଜବତ କରାଯାଇଥିଲା। ଏଥିସହ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ଏହି ଚଢ଼ଉରେ ତାଳଚେର ଅବକାରୀ ବିଭାଗର ଇନ୍ସପେକ୍ଟର ଉମାକାନ୍ତ ସ୍ୱାଇଁଙ୍କ ସହ ଏସ୍‌ଆଇ ରଣଜିତ୍ ପାତ୍ର, ସରୋଜ ସାହୁ, ପାପୁନ ପ୍ରଧାନ ପ୍ରମୁଖ ସାମିଲ୍ ଥିଲେ।

ବିଧାନସଭା ଘେରଉ କରିବ ଏଆଇଟିୟୁସି

ତାଳଚେର,୩।୧୧(ସମିସ): ତାଳଚେରସ୍ଥିତ ଦେଉଳବେଡ଼ାଠାରେ ଆଜି ଏଆଇଟିୟୁସି, ଓଡ଼ିଶାର ୧୪ ତମ ରାଜ୍ୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନାଙ୍କ ସମ୍ପାଦକୀୟ ବିବରଣୀର ଆଲୋଚନା ପରେ ଦେଇଥିବା ଉତ୍ତର ପରେ ଏହା ସର୍ବସମ୍ମତିକ୍ରମେ ଗୃହୀତ ହୋଇଥିଲା। ସମ୍ମିଳନୀରେ ଓଡ଼ିଶା ସରକାରଙ୍କ ଶ୍ରମ ନୀତି ଓ କାର୍ଯ୍ୟକ୍ରମର ବିରୋଧ କରାଯାଇ ଏକ ପ୍ରସ୍ତାବ ଆଜି ଗୃହୀତ ହୋଇ ଜୋରଦାର ଆନ୍ଦୋଳନ ପାଇଁ ଡାକରା ଦିଆଯାଇଛି। ଅସଂଗଠିତ କ୍ଷେତ୍ରର ନିର୍ମାଣ ଶ୍ରମିକ, ଅଙ୍ଗନବାଡ଼ି, ଆଶା, ପାଚିକା ଇତ୍ୟାଦି ପ୍ରକଳ୍ପ କର୍ମୀମାନଙ୍କ ସମସ୍ୟା ବ୍ୟତୀତ ଅନ୍ୟାନ୍ୟ କ୍ଷେତ୍ରର ଶ୍ରମିକ କର୍ମଚାରୀମାନଙ୍କ ସମସ୍ୟା ନେଇ କ୍ଷେତ୍ରୀୟ ସ୍ତରରେ ଓ ରାଜ୍ୟ ସ୍ତରରେ ବିକ୍ଷୋଭ ଓ ଆନ୍ଦୋଳନ କରାଯିବାର ନିଷ୍ପତ୍ତି ନିଆଯାଇଛି। ଏହା ପରେ ଆସନ୍ତା ବଜେଟ୍ ଅଧିବେଶନରେ ବିଧାନସଭା ସମ୍ମୁଖରେ ଓଡ଼ିଶାର ଶ୍ରମିକ କର୍ମଚାରୀ ମାନଙ୍କର ବିଭିନ୍ନ ସମସ୍ୟା ସମାଧାନରେ ସରକାରୀ ଉଦାସୀନତା ଓ ଅପରପକ୍ଷରେ ଶ୍ରମିକ କର୍ମଚାରୀଙ୍କ ଉପରେ ଯେଉଁ ଦମନଲୀଳା ନିର୍ଯ୍ୟାତନା ଚଳାଇଛନ୍ତି, ତାହାର ପ୍ରତିବାଦରେ ଏକ ରାଜ୍ୟ ସ୍ତରୀୟ ବିଶାଳ ବିକ୍ଷୋଭ ପ୍ରଦର୍ଶନ ଓ ସମାବେଶ କରାଯିବ। ଆଜିର ଅଧିବେଶନରେ ଗଞ୍ଜାମ ଓ ଗଜପତି ଜିଲ୍ଲାରେ ମାନବକୃତ ବନ୍ୟା ବ୍ୟାପକ କ୍ଷୟକ୍ଷତି, ଜୀବନ ହାନୀ ଏବଂ ତ୍ରାଣ କାର୍ଯ୍ୟରେ ସରକାରୀ ଅବହେଳାର ନିନ୍ଦା କରି ଏକ ପ୍ରସ୍ତାବ ଗୃହୀତ ହୋଇଛି। ଏହି ଅବସରରେ ଆଗାମୀ ୩ ବର୍ଷ ପାଇଁ ରାଜ୍ୟ କମିଟିର ନୂତନ କର୍ମକର୍ତ୍ତା ଘୋଷଣା କରାଯାଇଛି। ସଭାପତି ଭାବେ ଅଶୋକ ଦାସ, ସାଧାରଣ ସଂପାଦକ ଭାବେ ବିଜୟ ଜେନା, କାର୍ଯ୍ୟକାରୀ ସଭାପତି ଭାବେ ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ ଓ ମହେଶ୍ୱର ରାଉତ, ୫ ଜଣ ଉପସଭାପତି ଭାବେ ପ୍ରଶାନ୍ତ ପାଟଯୋଶୀ, ଗୌରାଙ୍ଗ ପାଣିଗ୍ରାହୀ, ପ୍ରଶାନ୍ତ ମିଶ୍ର, ରାମକୃଷ୍ଣ ପଣ୍ଡା, ଜୟନ୍ତ ଦାସ ଓ ସରୋଜିନୀ ଆଚାର୍ଯ୍ୟ, ସଂପାଦକ ଭାବେ ହରପ୍ରିୟା ସ୍ୱାଇଁ, ସୁରେନ୍ଦ୍ର ଶର୍ମା, ସତ୍ୟବାଦୀ ବାଗ୍, ନମୀତା ସାହୁ, କପିଳ ମହାନ୍ତି, ବିଦ୍ୟାଧର ମହନ୍ତ, ଉପ ସାଧାରଣ ସଂପାଦକ ଭାବେ ମାୟାଧର ନାୟକ, ରାଜ୍ୟ ପରିଷଦ ସଭ୍ୟ ଭାବେ ୧୨୩ ଜଣ, କାର୍ଯ୍ୟକାରୀ ସଭ୍ୟ ଭାବେ ୩୯ ଜଣ ନିର୍ବାଚିତ ହୋଇଛନ୍ତି।


ଦୁର୍ଘଟଣାରେ ଜଣେ ଗୁରୁତର

ତାଳଚେର,୩।୧୧(ସମିସ): ତାଳଚେର ଟାଉନ ସାମନ୍ତ ସାହିର ଅଜୟ କୁମାର ଦାସ ତାଳଚେର ଥର୍ମାଲ ସୋମବାର ହାଟକୁ ଯାଇ ଫେରୁଥିବାବେଳେ ଏକ ଟ୍ରକ୍ ତାଙ୍କୁ ଧକ୍କା ଦେବାରୁ ସେ ଚଳାଉଥିବା ବାଇକ୍‌ରୁ ତଳେ ପଡ଼ିଯାଇ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ପ୍ରଥମେ ତାଳଚେର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିବାବେଳେ ପରେ ସେଠାରୁ ଅନୁଗୁଳ ଜିଲ୍ଲା ଡାକ୍ତରଖାନା ଓ ପରେ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ତାଳଚେର ବଅଁରପାଳ ଜାତୀୟ ରାଜପଥ ରାସ୍ତାଟି ଏବେ ସମ୍ପୂର୍ଣ୍ଣ ଖାଲ ଖମାରେ ପୂର୍ଣ୍ଣ ହୋଇଯାଇଥିବାବେଳେ ଏହାର ମରାମତି କରାଯାଉନଥିବା ଅଭିଯୋଗ ହେଉଛି।

ନକଲି ପରମିଟ୍‌ରେ ଗଡୁଛି ବସ୍

ଅନୁଗୋଳ,୩।୧୧(ସମିସ):





ନକଲି ପରମିଟ୍‌ରେ ଦୀର୍ଘଦିନ ଧରି ବେଆଇନ ଭାବେ ଚାଲିଛି ବସ୍। ପରିବହନ ବିଭାଗ ନିକଟରେ ଅଭିଯୋଗ ସହ ଖବର ପ୍ରସାରଣ ପରେ ମଧ୍ୟ ପରିବହନ ବିଭାଗ ନିରବଦ୍ରଷ୍ଟା ସାଜିଛି। ବସ୍‌ରେ ଯାଉଥିବା ଯାତ୍ରୀଙ୍କ ଜୀବନ ସହ ଖେଳ ଖେଳୁଛନ୍ତି ଉଭୟ ବସ୍ ମାଲିକ ଏବଂ ପରିବହନ ବିଭାଗ। ମାତ୍ର ବିଭାଗ କୌଣସି କାର୍ଯ୍ୟାନୁଷ୍ଠାନ ନେଉନି। ନିୟମ ଅନୁଯାୟୀ ବିନା ପରମିଟ୍ ରାସ୍ତାରେ ଯାତାୟାତ କଲେ ଯଦି କିଛି ଦୁର୍ଘଟଣା ଘଟେ ତେବେ ଯାତ୍ରୀ ତାଙ୍କ ବୀମା ପାଇବାରୁ ବଞ୍ଚିତ ହେବେ। ହେଲେ ପରିବହନ ବିଭାଗ ଏ ବେଆଇନ ଚଳାଚଳକୁ ବନ୍ଦ କରୁନି କାହିଁକି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ବିଶେଷ କରି ରାଜ୍ୟ ପରିବହନ ଆୟୁକ୍ତ ସବୁଜାଣି ଚୁପ୍ ରହୁଥିବା ଯୋଗୁଁ ତାଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି।

ଅନୁଗୋଳ ଜିଲ୍ଲାରୁ କଲିକତା ଯାଉଥିବା 'ସାଇ ବାବା' ନାମକ ବସ୍ (ଡବ୍ଲ୍ୟୁବି ୪୧ କେ ୨୧୦୯) ନକଲି ପରମିଟ ଧରି ବେଆଇନ ଭାବେ ଭୁଲ୍ ରୁଟ୍‌ରେ ଯାତାୟାତ କରୁଛି। ପଶ୍ଚିମବଙ୍ଗ ରାଜ୍ୟ ପରିବହନ ବିଭାଗ ଦ୍ୱାରା ଦିଆଯାଇଥିବା ଏବଂ ଓଡ଼ିଶା ପରିବହନ ବିଭାଗ ଦ୍ୱାରା ଅନୁମୋଦିତ ପରମିଟ୍ ଅନୁଯାୟୀ ଗାଡ଼ିଟି କଲିକତା ବସ୍ ଷ୍ଟାଣ୍ଡରୁ ବାହାରି ଜମଶୋଲା, କରଞ୍ଜିଆ, କେନ୍ଦୁଝର, ପାଲଲହଡ଼ା ହୋଇ ଅନୁଗୋଳ ଆସିବା କଥା ଏବଂ ସେହି ରାସ୍ତାରେ ଫେରିବା କଥା। କିନ୍ତୁ ବସ୍ ମାଲିକ କିଛି ଦଲାଲଙ୍କ ଜରିଆରେ ପଶ୍ଚିମବଙ୍ଗ ପରିବହନ ବିଭାଗର ଷ୍ଟାମ୍ପ ଥିବା ନକଲି ପରମିଟ୍ ବ୍ୟବହାର କରି କଲିକତାରୁ ବାହାରି ସାନ୍ତ୍ରାଗାଛି, ଖଡ଼ଗପୁର, ବାଲେଶ୍ୱର, ଭଦ୍ରକ, ଯାଜପୁର ରୋଡ୍, ଢେଙ୍କାନାଳ ଜିଲ୍ଲାର ଭୁବନ, କାମାକ୍ଷା ନଗର ଏବଂ ପିତିରି ଦେଇ ତାଳଚେର ଯାଇ ଅନୁଗୋଳକୁ ବସ୍ ଚଳାଚଳ କରାଉଛନ୍ତି। ଏପରିକି ସେହି ରାସ୍ତା ଦେଇ ପୁଣି କଲିକତା ଫେରୁ ଛନ୍ତି। ଏଭଳି ବେଆଇନ ରୁଟ୍ ପରିବର୍ତ୍ତନ ଯୋଗୁଁ ଓଡ଼ିଶା ରାଜ୍ୟ ପରିବହନ ବିଭାଗ ଅନୁମୋଦିତ ପ୍ରକୃତ ରୁଟ୍‌ର (କରଞ୍ଜିଆ, କେନ୍ଦୁଝର, ପାଲଲହଡ଼ା) ଲୋକମାନେ ବସ୍ ସେବାରୁ ବଞ୍ଚିତ ହେଉଛନ୍ତି। ଏହା ସହିତ ସବୁଠାରୁ ଚିନ୍ତାଜନକ ବିଷୟ ହେଉଛି ଯଦି ଏହି ନକଲି ପରମିଟ୍‌ରେ ଚାଲୁଥିବା ବସ୍ କେବେ ଦୁର୍ଘଟଣାଗ୍ରସ୍ତ ହୁଏ, ତେବେ ବସ୍‌ରେ ଥିବା ଯାତ୍ରୀମାନେ କୌଣସି ପ୍ରକାର ବୀମା ସୁବିଧା ପାଇପାରିବେ ନାହିଁ।


ପଶ୍ଚିମବଙ୍ଗ ସେବକ ରୋଡ୍ ଅଞ୍ଚଳର ଜନୈକ ବସ୍ ମାଲିକ କିଛି ଦଲାଲଙ୍କୁ ହାତ କରି ଏହି ବେଆଇନ କାରବାର ଚଳାଇଥିବା ଅଭିଯୋଗ ହୋଇଛି। ଏଭଳି ବ୍ୟତିକ୍ରମ ସତ୍ତ୍ୱେ ଅନୁଗୋଳ କିମ୍ବା ତାଳଚେର ବସ୍ ମାଲିକ ସଂଘ ସଭାପତି କିମ୍ବା ଆଞ୍ଚଳିକ ପରିବହନ ବିଭାଗ (ଆର୍‌ଟିଓ) ଏହାକୁ ଗୁରୁତ୍ୱ ଦେଇନାହାନ୍ତି କିମ୍ବା କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଫଳରେ ପରିବହନ ବିଭାଗ ଅଧିକାରୀଙ୍କର ବସ୍ ମାଲିକଙ୍କ ସହ କିଛି ଭିତିରି ବୁଝାମଣା ହୋଇଥିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଲା କଲିକତାର ଜଣେ ବସ୍ ମାଲିକ ଏତେବଡ଼ ବେଆଇନ କାର୍ଯ୍ୟ କରିବା ସତ୍ତ୍ୱେ ଓଡ଼ିଶା ପରିବହନ ବିଭାଗ କିଛି କାର୍ଯ୍ୟାନୁଷ୍ଠାନ ନେଇପାରୁନାହିଁ। ଏହା ବିଭାଗର ଅପାରଗତା ନା ଭିତିରି ବୁଝାମଣା ତାହା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି।

■ ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ନେଉନି ବିଭାଗ
■ ସନ୍ଦେହରେ ରାଜ୍ୟ ପରିବହନ ଆୟୋଗଙ୍କ ଭୂମିକା

ମଧ୍ୟାହ୍ନ ଭୋଜନ ଚାଉଳରେ ପୋକ

ବଅଁରପାଳ,୩।୧୧(ସମିସ): ବଅଁରପାଳ ବ୍ଲକ୍ ବଳରାମପ୍ରସାଦ ଉଚ୍ଚ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ଚାଉଳରେ ପୋକ ବାହାରୁଥିବା ନେଇ ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟକୁ ଯୋଗାଣ ହୋଇଥିବା ମଧ୍ୟାହ୍ନ ଭୋଜନ ଚାଉଳରେ ପୋକ ରହିଛି। ଏହାକୁ ନେଇ ଅଭିଭାବକ ଉଦ୍‌ବେଗ ପ୍ରକାଶ କରିବା ସହ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ। ଏଥିସହ ଏହାର ସମାଧାନ ପାଇଁ ଶିକ୍ଷା ବିଭାଗର ଅଧିକାରୀଙ୍କୁ ଅଭିଯୋଗ ଜଣାଇବାକୁ କାର୍ଯ୍ୟାଳୟକୁ ଯାଇଥିଲେ। ତେବେ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ ଅଭିଭାବକ ସେଠାରେ ଉପସ୍ଥିତ ଜଣେ କର୍ମଚାରୀଙ୍କୁ ଘଟଣା ବିଷୟରେ ଜଣାଇଥିଲେ। ଅଭିଯୋଗ ଅନୁସାରେ, ଏତେ ପରିମାଣର ପୋକ ଲାଗିଥିବା ଚାଉଳକୁ କ'ଣ କରାଯିବ ବୋଲି ପ୍ରଶ୍ନ କରିବାରୁ ଚାଉଳକୁ ଧୋଇ ସଫା କରି ବ୍ୟବହାର କରିବାକୁ ଜଣେ ଉଚ୍ଚପଦସ୍ଥ କର୍ମଚାରୀ ପରାମର୍ଶ ଦେଇଥିବା ଅଭିଭାବକମାନେ କହିଛନ୍ତି। ଏଭଳି ଉତ୍ତରକୁ ନେଇ ସେମାନେ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ, ଘଟଣା ସମୟରେ ପ୍ରଧାନ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ଅନୁପସ୍ଥିତ ଥିବାରୁ ତାଙ୍କ ସହ ଫୋନ୍ ଯୋଗେ ଯୋଗାଯୋଗ ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ଯୋଗାଯୋଗ ସମ୍ଭବ ହୋଇପାରିନଥିଲା। ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟାହ୍ନ ଭୋଜନର ଗୁଣବତ୍ତା ଓ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଏଭଳି ଘଟଣା ଖାଦ୍ୟର ମାନ ଓ ସୁରକ୍ଷାକୁ ନେଇ ଅନେକ ପ୍ରଶ୍ନ ଉଠାଇଛି। ବିଶେଷକରି କୋମଳମତି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ସହ ଜଡ଼ିତ ଏହି ସମ୍ବେଦନଶୀଳ ପ୍ରସଙ୍ଗରେ କୌଣସି ପ୍ରକାର ଅବହେଳାକୁ ଗ୍ରହଣ କରାଯାଇପାରିବ ନାହିଁ ବୋଲି ଅଭିଭାବକ ମତ ପ୍ରକାଶ କରିଛନ୍ତି। ତେଣୁ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ପୋକ ଲାଗିଥିବା ଚାଉଳର ମାନ ଯାଞ୍ଚ କରିବା ସହ ଏହାର ଯୋଗାଣ ଓ ବଣ୍ଟନରେ କେଉଁଠି ତ୍ରୁଟି ରହିଛି, ତାହାର ତଦନ୍ତ କରିବାକୁ ଦାବି ହୋଇଛି। ଏଥିସହ ଦାୟିତ୍ୱରେ ଅବହେଳା କରିଥିବା ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଆବଶ୍ୟକୀୟ ପଦକ୍ଷେପ ନେବା ସହ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଓ ଗୁଣାତ୍ମକ ଖାଦ୍ୟ ଯୋଗାଇଦେବାକୁ ଅଭିଭାବକ ମହଲରେ ଜୋରଦାର ଦାବି ହୋଇଛି।

ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ



୩୮ ତମ ରାଜ୍ୟସ୍ତରୀୟ ପାଲଲହଡା କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ / ଅନୁଗୋଳକୁ ହରାଇ କଟକ ଚାମ୍ପିଅନ

ପାଲଲହଡ଼ା,୩।୧୧(ସମିସ): ଗତ ୨୭ ତାରିଖଠାରୁ ପାଲଲହଡ଼ା ଫୁଟବଲ କ୍ଲବ୍ ଆନୁକୂଲ୍ୟରେ ପବିତ୍ର ଗଜଲକ୍ଷ୍ମୀ ପୂଜା ଅବସରରେ ପାଲଲହଡ଼ା ଷ୍ଟାଡିୟମ ପରିସରରେ ଚାଲିଥିବା ୩୮ ତମ ରାଜ୍ୟସ୍ତରୀୟ ପାଲଲହଡ଼ା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଅନୁଗୋଳକୁ ହରାଇ କଟକ ଟିମ୍ ଚାମ୍ପିଅନ୍ ହୋଇଛି। ଆଜିର ଏହି



ଆକର୍ଷଣୀୟ ଓ ଚିତ୍ତାକର୍ଷକ ମ୍ୟାଚରେ କଟକ ଯୁବଜ୍ୟୋତି ଫୁଟବଲ କ୍ଲବ୍ ଅନୁଗୋଳ ଫୁଟବଲ କ୍ଲବ୍‌କୁ ୪-୨ ଗୋଲରେ ପରାସ୍ତ କରି ଚଳିତ ବର୍ଷର ପାଲଲହଡ଼ା କପ୍ ଟ୍ରଫି ସମେତ ନଗଦ ୪୫ ହ ଜାର ଟଙ୍କାର ଅର୍ଥରାଶି ଗ୍ରହଣ କରିଛି। ଠିକ୍ ସେଇଭଳି ଅନୁଗୁଳ ଜୁନିଅର ଫୁଟବଲ କ୍ଲବ୍ ରନର୍ସ ଅପ ଭାବେ ଟ୍ରଫି ସମେତ ନଗଦ ୩୫ ହଜାର ଟଙ୍କାର ଅର୍ଥରାଶି ଗ୍ରହଣ କରିଛି। ଆୟୋଜକ ପାଲଲହଡ଼ା କପ୍‌ର ସଭାପତି ଇଞ୍ଜିନିୟର ନୀଳାମ୍ବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅଶୋକ ମହାନ୍ତି, ସମ୍ମାନିତ ଅତିଥି ରୂପେ ଅନୁଗୋଳ ଜିଲ୍ଲା କ୍ରୀଡ଼ା ସଂସଦର ସାଧାରଣ ସମ୍ପାଦକ ଗୌର ଗୋବିନ୍ଦ ସାମନ୍ତ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ଲିଙ୍ଗରାଜ ଦାଶ, ବିଧାୟକଙ୍କ ପ୍ରତିନିଧି ବରିଷ୍ଠ ଆଇନଜୀବୀ ତନ୍ମୟ କୁମାର ସାହୁ ପ୍ରମୁଖ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଖେଳାଳି ଓ ଫୁଟବଲ ଦଳକୁ ପୁରସ୍କୃତ କରିଥିଲେ। ଚଳିତ ବର୍ଷ ପାଲଲହଡ଼ା କପ୍‌ର ମ୍ୟାନ୍ ଅଫ ଦି ଟୁର୍ଣ୍ଣାମେଣ୍ଟ ହିସାବରେ କଟକ ଦଳର ସତ୍ୟମ ସିଂ, ମ୍ୟାନ୍ ଅଫ ଦି ମ୍ୟାଚ ଭାବେ କଟକର ସୋମନାଥ ଦାସଙ୍କୁ ଏବଂ ପାଲଲହଡ଼ାର ସ୍ଥାନୀୟ ନବ ନିଯୁକ୍ତ ଖେଳାଳି ଆକାଶ ମହାକୁଳ ଓ ରୋହିତ ଗାଗରାଇଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା। ଶେଷରେ ଆୟୋଜକ ପାଲଲହଡ଼ା କପର ସାଧାରଣ ସମ୍ପାଦକ ଆଶିଷ କୁମାର ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ଆଜିର ମ୍ୟାଚକୁ ଓଡ଼ିଶାର ଖ୍ୟାତନାମା ରାଜ୍ୟସ୍ତରୀୟ ରେଫରୀ ଦୁର୍ଗାମାଧବ ନାୟକ ପରିଚାଳନା କରିଥିବାବେଳେ ତାଙ୍କୁ ସହାୟତା କରିଥିଲେ ଅନ୍ୟତମ ରେଫରୀ ଶିବଶଙ୍କର ପଣ୍ଡା, ଦିଲ୍ଲୀପ କୁମାର ରାଉତ, ଉତ୍କଳମଣି ବେହେରା, ସଲିଳ ବେହେରା। ଧାରବିବରଣୀ ଦେଇଥିଲେ ଅଭୟ କୁମାର ନାଏକ ଓ ହରିହର ବେହେରା।

● ରେନବୋ କ୍ଲବ୍ ତୃତୀୟ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ
ମା'ଦେଇବୁଢ଼ୀ ଫୁଟବଲ ଦଳ ଚାମ୍ପିଅନ

ପାଲଲହଡ଼ା,୩।୧୧(ସମିସ): ଅନୁଗୋଳ ଜିଲ୍ଲା ପାଲଲହଡ଼ା ଉପଖଣ୍ଡ ବାଲିପଶି ପଞ୍ଚାୟତ ଅନ୍ତର୍ଗତ ହାତୀଘିଞ୍ଚା ରେନବୋ କ୍ଲବ ଦ୍ୱାରା ଆୟୋଜିତ ରେନବୋ କ୍ଲବ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଏହି ତ୍ରିଦିବସୀୟ ଟୁର୍ନାମେଣ୍ଟରେ ୧୬ ଟି ଦଳ ଭାଗ ନେଇଥିଲେ। ରବିବାର ଉଦ୍‌ଯାପନୀ ଦିବସର ଫାଇନାଲ ଖେଳ ମାକଡ଼ତୁଆ ଦଳ ଏବଂ ମାଦେଇବୁଢ଼ୀ ଫୁଟବଲ ଦଳ, ଫପଣ୍ଡ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମାଦେଇବୁଢ଼ୀ ଫୁଟବଲ ଦଳ, ଫପଣ୍ଡ ଦଳ ମାକଡ଼ତୁଆ ଦଳକୁ ୨-୦ ଗୋଲରେ ପରାଜିତ କରି ଚାମ୍ପିଅନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାଲଲହଡ଼ାର ପୂର୍ବତନ ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ ଥିବାବେଳେ, ସରପଞ୍ଚ ଧିରେଶ୍ୱରୀ ଗଡ଼ନାୟକ, ନାଏବ ସରପଞ୍ଚ ବିଦ୍ୟୁଲତା ଦେହୁରୀ, ଶିକ୍ଷକ ଖଗେଶ୍ୱର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଖେଳକୁ ଖେଳ ଶିକ୍ଷକ ନିରଞ୍ଜନ ବେହେରା ପରିଚାଳନା କରିଥିବା ବେଳେ ରବି ମୁଣ୍ଡା, ବିଜୁ ମୁଣ୍ଡା ସହଯୋଗ କରିଥିଲେ। କ୍ଲବ ସଭାପତି ଜୟ ମୁଣ୍ଡା, ବିକାଶ ମୁଣ୍ଡା, ରବି ମୁଣ୍ଡା, ବିଜୁ ମୁଣ୍ଡା, ଦିଲ୍ଲୀପ, ଶୁଦ୍ର, ମଙ୍ଗଲୁ ମୁଣ୍ଡା ପ୍ରମୁଖଙ୍କ ସମେତ କ୍ଲବ୍‌ର ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟ ଆୟୋଜନରେ ସହଯୋଗ କରିଥିଲେ।

ଖଲାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା



ଅନୁଗୋଳ ୩।୧୧(ସମିସ): ପିଏମ୍‌ଶ୍ରୀ ଖଲାରୀ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। ସମାରୋହରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କନ୍ଦର୍ପ ମହାରଣା, ବିଚାରକ ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସଂଗୀତା ସାହୁ ଏବଂ ଏନ୍‌ଏସି ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରାଜନାରାୟଣ ସାହୁ ଓ ମୁଖ୍ୟ ବକ୍ତା ଭାବେ ବାଜି ରାଉତ ଛାତ୍ରାବାସର ସମ୍ପାଦକ ଧନେଶ୍ୱର ସାହୁ ଯୋଗ ଦେଇ ପିଲା ମାନଙ୍କୁ ମାର୍ଗ ଦର୍ଶନ କରିଥିଲେ। ସ୍କୁଲର ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ବିଶ୍ୱାଳ ସମାରୋହରେ ସଭାପତିତ୍ୱ କରିଥିଲେ।ବିଜ୍ଞାନ ମେଳାରେ ମୋଟ ପଞ୍ଚସ୍ତରୀ ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିରୁ ପାଞ୍ଚଟି ଶ୍ରେଷ୍ଠ ପ୍ରକଳ୍ପ ଜିଲ୍ଲା ସ୍ତରୀୟ ମେଳା ପାଇଁ ଚୟନ କରାଯାଇଥିଲା।ଶେଷରେ ବିଜ୍ଞାନ ଶିକ୍ଷୟିତ୍ରୀ ପ୍ରିୟଦର୍ଶିନୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ପୂର୍ବତନ ସରପଞ୍ଚଙ୍କ ପରଲୋକ



କଣିହାଁ,୩।୧୧(ସମିସ): କଣିହାଁ ବ୍ଲକ୍ ସୁସୁବା ପଞ୍ଚାୟତ ପୋଡ଼ାଗଡ଼ ଗ୍ରାମର ପୂର୍ବତନ ସରପଞ୍ଚ ଶଶିଧର ଗଡ଼ନାୟକ(୯୩) ଙ୍କ ଆଜି ମଧ୍ୟାହ୍ନରେ ପରଲୋକ ହୋଇଯାଇଛି। ସେ ଅବିଭକ୍ତ ଗଣ୍ଡମଳା ପଞ୍ଚାୟତର ପାଞ୍ଚଥର ସରପଞ୍ଚ ରହି ଜନସାଧାରଣଙ୍କ ସେବାରେ ନିଜକୁ ସମର୍ପିତ କରିଥିଲେ। ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ଆଜି ମଧ୍ୟାହ୍ନରେ ତାଙ୍କର ନିଜସ୍ୱ ଗ୍ରାମ ପୋଡ଼ାଗଡ ବାସଭବନରେ ପରଲୋକ ଘଟିଛି। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଦୁଇ ପୁଅ, ଝିଅ, ବୋହୂ, ନାତି ନାତୁଣୀ ପ୍ରମୁଖ ଉପସ୍ଥିତ ଥିଲେ। ସେ ଏକାଧାରରେ ଜଣେ ରାଜନୈତିକ ବ୍ୟକ୍ତିତ୍ୱ ସହ ସମଗ୍ର ଅଞ୍ଚଳରେ ଜଣେ ବିଶିଷ୍ଟ ସମାଜସେବୀ, ପରୋପକାରୀ, ମିଷ୍ଟଭାଷୀ ଦରଦୀ ମଣିଷ ଭାବେ ବେଶ ଆଦୃତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ପାଲଲହଡ଼ା ବିଧାୟକ ଅଧକ୍ଷ ଅଶୋକ ମହାନ୍ତି ତାଙ୍କ ବାସଗୃହରେ ପହଞ୍ଚି ଶେଷ ଦର୍ଶନ କରିଥିଲେ।

ଟୁଲୁକା ଗ୍ରାମ ବେଆଇନ ବିସ୍ଥାପନର ତଦନ୍ତ ଆରମ୍ଭ

୭ ଅଧିକାରୀଙ୍କୁ ଜାତୀୟ ଜନଜାତି ଆୟୋଗଙ୍କ ନୋଟିସ

ଅନୁଗୋଳ,୩।୧୧(ସମିସ):

ଆଦିବାସୀମାନଙ୍କ ଅଧିକାରର ସୁରକ୍ଷା ଏବଂ ଜୀବନ ଜୀବିକାର ଉନ୍ନତି ନେଇ ଭାରତ ସରକାର ୨୦୦୬ରେ ଏକ ଜାତୀୟ ଜଙ୍ଗଲ ଅଧିକାର ଆଇନ ପ୍ରଣୟନ କରିଛନ୍ତି। ଏହି ଆଇନ ବଳରେ ଆଦିବାସୀ ଓ ବନବାସୀଙ୍କୁ ଉଭୟ ବ୍ୟକ୍ତିଗତ ଜଙ୍ଗଲ ଜମି ଏବଂ ଗୋଷ୍ଠୀଗତ ଜଙ୍ଗଲ ଜମିର ସ୍ୱୀକୃତି ଦେବାର ବ୍ୟବସ୍ଥା ରହିଛି। ଏପରିକି ବ୍ୟାଘ୍ର ସଂରକ୍ଷଣର କୋର୍ ଏରିଆରୁ ସ୍ୱେଚ୍ଛାକୃତ ବିସ୍ଥାପନ ଯୋଜନାରେ ବନ୍ୟପ୍ରାଣୀ ସଂରକ୍ଷଣ ଆଇନରେ ମଧ୍ୟ ଜଙ୍ଗଲ ଅଧିକାର ଆଇନର ବ୍ୟବସ୍ଥାକୁ କାର୍ଯ୍ୟକାରୀ କରାଯିବାର ବ୍ୟବସ୍ଥା ରହିଛି। ଜଙ୍ଗଲ ଅଧିକାର ଆଇନ ବଳରେ ଗ୍ରାମରେ ଜଙ୍ଗଲ ଅଧିକାର କମିଟି ଗଠନ ନ ହୋଇ ଏପରିକି ଉଭୟ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଅଧିକାରର ଦାବିଦାର ସମ୍ପର୍କିତ କୌଣସି କାର୍ଯ୍ୟଧାରା କରା ନ ଯାଇ ଟୁଲୁକା ଗ୍ରାମକୁ ବିସ୍ଥାପନ କରାଯାଇଛି। ଗ୍ରାମରେ ଅନୁଷ୍ଠିତ ଗ୍ରାମସଭାରେ ନିଷ୍ପତ୍ତି ନିଆନଯାଇ ଜୋରଜବରଦସ୍ତ ଗ୍ରାମବାସୀଙ୍କୁ ବାସଚ୍ୟୁତ କରାଯାଇଛି। ଏ ସମ୍ବନ୍ଧୀୟ ଗ୍ରାମବାସୀଙ୍କ ପକ୍ଷରୁ ବହୁବାର ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା ତାହାର କୌଣସି ଶୁଣାଣି କରାଯାଇ ନାହିଁ। ଟୁଲୁକା ଗ୍ରାମରେ ରହିଥିବା ପ୍ରାୟ ୫ ଶହ ଏକର ଜମିଜମାର ଏରିଆ ଅଭୟାରଣ୍ୟ କିମ୍ବା ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳରେ ଆସୁ ନ ଥିଲେ ମଧ୍ୟ ବନ ବିଭାଗ ଗ୍ରାମକୁ ବାସଚ୍ୟୁତ କରିବାରେ ସମର୍ଥ ହୋଇଛି। ଏପରିକି ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷଙ୍କ ପ୍ରୋଟୋକଲ୍‌ରେ ଥିବା ବ୍ୟବସ୍ଥାକୁ ଉଲ୍ଲଂଘନ କରାଯାଇଥିବା ଅଭିଯୋଗ ହୋଇଛି। ଗ୍ରାମରେ ୨୬୫ ପରିବାର ପ୍ରାୟ ୫ ଶହ ଏକର ବ୍ୟକ୍ତିଗତ ଘରୋଇ ଏବଂ ଗୋଷ୍ଠୀଗତ ଜମିକୁ ହରାଇ ବର୍ତ୍ତମାନ ଦାଣ୍ଡର ଭିକାରି ହୋଇଛନ୍ତି। ଜଙ୍ଗଲ ଅଧିକାର ଆଇନ ବଳରେ ଆଦିବାସୀ ଓ ବନବାସୀଙ୍କୁ ଜମି ସ୍ୱୀକୃତି ସ୍ୱତ୍ୱ ଅଧିକାର ବ୍ୟବସ୍ଥା ଥିବାବେଳେ ଟୁଲୁକା ଗ୍ରାମର ଆଦିବାସୀ ଓ ବନବାସୀ ବଂଶାନୁକ୍ରମିକ ନିଜର ଘରୋଇ ରେକର୍ଡ ଜମିଜମାକୁ ହରାଇ ଏକ ପ୍ରକାର ଜମିଶୂନ୍ୟ ହୋଇଛନ୍ତି। ଗ୍ରାମ ବିସ୍ଥାପନକୁ ଗ୍ରାମବାସୀ ପ୍ରଥମରୁ ବିରୋଧ କରୁଥିଲେ ମଧ୍ୟ ବନ ବିଭାଗ ପକ୍ଷରୁ ଜୋରଜବରଦସ୍ତ ବିସ୍ଥାପନ କରାଯାଇଥିଲା। ଏପରିକି ଗ୍ରାମବାସୀଙ୍କୁ ବିଭାଜନ କରାଯାଇ ବିପକ୍ଷ ଓ ସପକ୍ଷବାଦୀ ସୃଷ୍ଟି କରାଯାଇଥିଲା। ସରକାରୀ ନୀତି ନିୟମ ଓ ଗାଇଡ୍‌ଲାଇନ୍‌କୁ ଉଲ୍ଲଂଘନ କରାଯାଇ ବିସ୍ଥାପନ କରାଯାଇଥିଲା। ବିସ୍ଥାପନକୁ ବିରୋଧ କରିଥିବା ଗ୍ରାମବାସୀଙ୍କୁ କ୍ଷତିପୂରଣ ପ୍ୟାକେଜରୁ ବଞ୍ଚିତ କରାଯାଇଥିଲା। ଗ୍ରାମ ବିସ୍ଥାପନ ଯୋଜନାରେ ଗ୍ରାମବାସୀଙ୍କ ମତାମତ ଗ୍ରାମସଭାରେ ନିଆଯାଇ ନଥିଲା। ଏପରିକି ସ୍ଥାନୀୟ ଅଞ୍ଚଳର ଜଣେ ସାମାଜିକ ବିଶେଷଜ୍ଞଙ୍କୁ ବିସ୍ଥାପନ ପ୍ରକ୍ରିୟାରେ ସାମିଲ କରାଯାଇ ନଥିଲା। ଜଙ୍ଗଲ ଅଧିକାର ଆଇନର ରହିଥିବା ବ୍ୟବସ୍ଥାରେ ଉଭୟ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ଜଙ୍ଗଲ ଜମିର ଅଧିକାରର ସ୍ୱୀକୃତିକୁ ଅନୁପାଳନ କରାଯାଇ ନଥିଲା। ଆଦିବାସୀଙ୍କ ପାଇଁ ରହିଥିବା ସ୍ୱତନ୍ତ୍ର ସୁବିଧା ସମ୍ବନ୍ଧୀୟ କୌଣସି କାର୍ଯ୍ୟକ୍ରମ ମଧ୍ୟ କରାଯାଇ ନାହିଁ। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ କିମ୍ବା ରାଜ୍ୟ ସରକାରଙ୍କର ପୁନଃବସତି ଓ ଥଇଥାନ ନୀତିକୁ ଅନୁପାଳନ ପୂର୍ବକ କାର୍ଯ୍ୟକାରୀ କରାଯାଇ ନଥିଲା। ଗ୍ରାମବାସୀଙ୍କର ଘରଦ୍ୱାର, ଗାଈ ଗୁହାଳ, ଦୋକାନ ଘର, ଗଛଲତା ପ୍ରଭୃତିର କୌଣସି ସର୍ଭେ କରାଯାଇ ନାହିଁ। ଗ୍ରାମରେ ଦୁଇ ଦୁଇ ଭିନ୍ନକ୍ଷମ ମହିଳା ହାଇକୋର୍ଟରେ କେସ କରି ତାଙ୍କର ସ୍ୱତନ୍ତ୍ର କ୍ଷତିପୂରଣ ପାଇଥିଲେ ସୁଦ୍ଧା ସେମାନଙ୍କୁ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ଦିଆଯାଇ ନଥିଲା। କ୍ଷୁବ୍ଧ ଗ୍ରାମବାସୀ ଏ ସମ୍ବନ୍ଧୀୟ ଅଭିଯୋଗ ଉଚ୍ଚ ପଦସ୍ଥ ଅଫିସରଙ୍କୁ କରିଥିଲେ ସୁଦ୍ଧା ସମସ୍ତ ଅଭିଯୋଗକୁ ବନ ବିଭାଗ ଚାପି ରଖିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଆଦିବାସୀ ବ୍ୟାପାର ମନ୍ତ୍ରୀଙ୍କ ସମେତ ଜାତୀୟ ଆଦିବାସୀ ଆୟୋଗଙ୍କୁ ଲିଖିତ ଦିଆଯାଇଥିଲା।

ତେବେ ଏବେ ଗ୍ରାମବାସୀଙ୍କ ଅଭିଯୋଗକୁ ଆଧାର କରି ଜାତୀୟ ଆଦିବାସୀ ଆୟୋଗ ଟୁଲୁକା ଗ୍ରାମ ବିସ୍ଥାପନକୁ ନେଇ ଏକ ତଦନ୍ତ ଆରମ୍ଭ କରିଥିବା ଜଣାଯାଇଛି। ଏହି ତଦନ୍ତ ପ୍ରକ୍ରିୟାରେ ଆୟୋଗ ୭ ଜଣ ବିଭାଗୀୟ ପଦସ୍ଥ ଅଫିସରଙ୍କୁ ତଦନ୍ତ ରିପୋର୍ଟ ୧୫ ଦିନ ମଧ୍ୟରେ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯଥା ସମୟରେ ତଦନ୍ତ ରିପୋର୍ଟ ଅଧିକାରୀଙ୍କ ପକ୍ଷରୁ ନ ପହଞ୍ଚିଲେ ଆୟୋଗ ସମ୍ବିଧାନର ୩୩୮ (କ) ଧାରା ବଳରେ ବ୍ୟକ୍ତିଗତ ହାଜର ପାଇଁ ସମନ ପଠାଇବାକୁ ବାଧ ହେବ ବୋଲି ନୋଟିସରେ ଦର୍ଶାଯାଇଛି। ଆୟୋଗଙ୍କ ପକ୍ଷରୁ ଏହି ନୋଟିସ୍ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ବିଭାଗ ସେକ୍ରେଟାରୀ, ରାଜ୍ୟ ସରକାରଙ୍କ ପରିବେଶ ଓ ଜଙ୍ଗଲ ସେକ୍ରେଟାରୀ, ରାଜ୍ୟ ଆଦିବାସୀ ବିଭାଗ ସେକ୍ରେଟାରୀ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓଡ଼ିଶା, ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ଅନୁଗୋଳ, ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ଅନୁଗୋଳ ଏବଂ ସାତକୋଶିଆ ବନଖଣ୍ଡ ଅଧିକାରୀଙ୍କୁ ଜାରି ହୋଇଥିବା ଜଣାପଡ଼ିଛି। ଗତ ମାସ ୧୩ ତାରିଖରେ ଏହି ନୋଟିସ୍ ଜାରି ହୋଇଥିବା ଟୁଲୁକା ଗ୍ରାମବାସୀଙ୍କ ପକ୍ଷରୁ ଦୋଳ ସସମଲ, ଅନ୍ତର ସସମଲ ପ୍ରମୁଖ ପ୍ରକାଶ କରିଛନ୍ତି।

୫ ଶହ ଏକର ଜମି ହରାଇ ଜମିଶୂନ୍ୟ ଆଦିବାସୀ

ଅଙ୍ଗନବାଡ଼ି କେନ୍ଦ୍ରର ଭିତ୍ତିଭୂମି ଅନୁଧ୍ୟାନ କଲେ ଜିଲ୍ଲାପାଳ

କିଶୋରନଗର,୩।୧୧(ସମିସ): କିଶୋରନଗର ବ୍ଲକ୍ ଖଣ୍ଡହତା, ବାମୁର ଓ ଗତିକୃଷ୍ଣପୁରରେ ଜିଲ୍ଲା ଖଣିଜ ପାଣ୍ଠିରୁ ନିର୍ମିତ ହୋଇଥିବା ନୂତନ ଅଙ୍ଗନବାଡ଼ି କେନ୍ଦ୍ରର ଭିତ୍ତିଭୂମି କିପରି ଅଛି ତାହା ଗତକାଲି ଜିଲ୍ଲାପାଳ ଅବଦଲ ଏମ୍ ଅଖତର ଅନୁଧ୍ୟାନ କରିଛନ୍ତି। ଜିଲ୍ଲାପାଳଙ୍କ ସହ ଆଠମଲ୍ଲିକ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ଶତପଥି, ବିଡିଓ ଶୁଭକାନ୍ତ ନାଏକ, ଆର୍‌ଡି ବିଭାଗ ଏସ୍‌ଡିଓ ସଞ୍ଜୀବ କୁମାର ଘୋଷ, ବ୍ଲକ୍ ଉପାଧ୍ୟକ୍ଷ ଲବ କୁମାର ପ୍ରଧାନ, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀପ୍ତିରାଣୀ ପ୍ରଧାନ, ବ୍ଲକ୍ ଶିକ୍ଷା ଅଧିକାରୀ ଅରୁଣ ସେଠୀ, ସିଡିପିଓ ଭାଗ୍ୟଲତା ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



ଜେସିବିରେ ଡିୟୁଟି ଗଲେ ଦିଦି



ବ୍ରହ୍ମପୁର,୩ା୧୧(ସମିସ): ଗଞ୍ଜାମ ସୀମାନ୍ତ ଗାଜଲବାଡି ପଞ୍ଚାୟତ ଅଧୀନରେ ଦାରିଙ୍ଗବାଡି ସୀମାନ୍ତବର୍ତ୍ତୀ ଗ୍ରାମଗୁଡ଼ିକୁ ରିଲିଫ୍ କାର୍ଯ୍ୟ ପାଇଁ ଗାଜଲବାଡିରୁ ଯିବାକୁ ରାସ୍ତା ବିଚ୍ଛିନ୍ନ ହୋଇଯାଇଥିଲା। ଫଳରେ ଏମାନଙ୍କୁ ଜେସିବି ଦ୍ୱାରା ସମ୍ପୃକ୍ତ ପଞ୍ଚାୟତ ଗୁଡ଼ିକୁ ପଠାଯାଇଥିବା ଜଣାପଡ଼ିଛି। ଏହି ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି।

ବିପର୍ଯ୍ୟୟରେ ବିଦ୍ୟାର୍ଥୀଙ୍କ ବୈଷୟିକ ବଳ



ବ୍ରହ୍ମପୁର,୩ା୧୧(ସମିସ): ବାତ୍ୟା ଅର୍ଣ୍ଣବର ତାଣ୍ଡବ ପରେ ଗଞ୍ଜାମରେ ଭାଙ୍ଗି ପଡ଼ିଥିବା ଜନ ଜୀବନକୁ ପୁଣି ସଜାଡ଼ିବାକୁ ଆଗେଇ ଆସିଛନ୍ତି ଯୁବ ବୈଷୟିକ ଶିକ୍ଷାର୍ଥୀ। କେଉଁଠି ବିଦ୍ୟୁତ୍ ଉପକରଣ ଅକାମୀ ହୋଇପଡ଼ିଛି ତ ଆଉ କେଉଁଠି ପାଣି ଉଠା ପମ୍ପ ଖରାପ ହୋଇ ଜଳଯୋଗାଣ ବାଧାପ୍ରାପ୍ତ ହୋଇଛି। ଏଭଳି ସଙ୍କଟ ସମୟରେ କେବଳ ପାଠପଢ଼ା ଓ ପରୀକ୍ଷାଗାର ମଧ୍ୟରେ ସୀମିତ ନରହି ନିଜର ବୈଷୟିକ ଜ୍ଞାନକୁ ଜନସେବାରେ ଲଗାଇଛନ୍ତି ସରକାରୀ ଆଇଟିଆଇ ଓ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନର ଛାତ୍ର। ଜିଲ୍ଲାର ୫ଟି ସରକାରୀ ଆଇଟିଆଇ ଓ ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲର ଛାତ୍ରମାନେ ବିପର୍ଯ୍ୟୟ ପରବର୍ତ୍ତୀ ମରାମତି ଓ ପୁନରୁଦ୍ଧାର କାର୍ଯ୍ୟରେ ସାମିଲ ହୋଇ ନୂଆ ଉଦାହରଣ ସୃଷ୍ଟି କରିଛନ୍ତି। ସେମାନଙ୍କ ଏହି ପ୍ରୟାସ ଫଳରେ ଅନେକ ସ୍ଥାନରେ

- **ବାତ୍ୟା ପରେ ବିଦ୍ୟୁତ୍ ଓ ଜଳଯୋଗାଣ ବ୍ୟବସ୍ଥାର ମରାମତିରେ ୫ ସରକାରୀ ଆଇଟିଆଇ ଓ ଇଞ୍ଜିନିୟରିଂ କଲେଜ ଛାତ୍ର**
- **ଆସିକା ଉପଖଣ୍ଡ ଚିକିତ୍ସାଳୟରେ ମରାମତି କାର୍ଯ୍ୟ ସଫଳ**

ବୈଦ୍ୟୁତିକ ଉପକରଣ ଓ ଜଳଯୋଗାଣ ବ୍ୟବସ୍ଥାକୁ ପୁନଃ କାର୍ଯ୍ୟକ୍ଷମ କରିବାର ଉଦ୍ୟମ ଜାରି ରହିଛି। ଏହି ଅଭିଯାନରେ ସରକାରୀ ଆଇଟିଆଇ ବ୍ରହ୍ମପୁର, ଶେରଗଡ଼, ପୁରୁଷୋତ୍ତମପୁର, ହିଞ୍ଜିଳିକାଟୁ ଓ ଛତ୍ରପୁରର ଛାତ୍ରମାନେ ଯୋଗଦେଇଛନ୍ତି। ଏହା ସହିତ ବ୍ରହ୍ମପୁର ସ୍ଥିତ ଉମା ଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲର ଛାତ୍ରମାନେ ମଧ୍ୟ ଏହି ପୁନରୁଦ୍ଧାର କାର୍ଯ୍ୟରେ ସାମିଲ ହୋଇଛନ୍ତି। ବିଭିନ୍ନ ଅଞ୍ଚଳରେ କ୍ଷତିଗ୍ରସ୍ତ ବୈଦ୍ୟୁତିକ ଉପକରଣ, ପାଣି ଉଠା ପମ୍ପ ଓ ଜଳଯୋଗାଣ ସମ୍ବନ୍ଧୀୟ ଯନ୍ତ୍ରପାତିର ମରାମତି କରାଯାଉଛି। ଅଚଳ ହୋଇପଡ଼ିଥିବା ଉପକରଣଗୁଡ଼ିକୁ ପୁନଃ କାର୍ଯ୍ୟକ୍ଷମ କରିବା ସହ ଲୋକଙ୍କୁ ସ୍ୱାଭାବିକ ସେବା ଯୋଗାଇଦେବା ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ରହିଛି। ଏହି କାର୍ଯ୍ୟରେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ବାତ୍ୟା ପ୍ରଭାବରେ ଚିକିତ୍ସାଳୟରେ କ୍ଷତିଗ୍ରସ୍ତ ହୋଇଥିବା ବୈଦ୍ୟୁତିକ ସାମଗ୍ରୀର ମରାମତି ଛାତ୍ରମାନେ ସଫଳତାର ସହ ସମ୍ପନ୍ନ କରିଛନ୍ତି। ଏକ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ବିଦ୍ୟୁତ୍ ବ୍ୟବସ୍ଥା ସ୍ୱାଭାବିକ ରହିବା ଅତ୍ୟନ୍ତ ଜରୁରୀ। ତେଣୁ ଏହି ମରାମତି କାର୍ଯ୍ୟ ଚିକିତ୍ସାଳୟର ସେବା ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ସହାୟକ ହେବ। ଜିଲ୍ଲା ପ୍ରଶାସନର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟ ପରିଚାଳିତ ହେଉଛି। ପ୍ରତ୍ୟେକ ଶିକ୍ଷାନୁଷ୍ଠାନର ଛାତ୍ରଦଳ ସହ ଜଣେ ଲେଖାଏଁ ସୁପରଭାଇଜର ନିୟୋଜିତ ହୋଇଛନ୍ତି। ସେମାନଙ୍କ ତଦାରଖରେ ମରାମତି କାର୍ଯ୍ୟ ଆଗକୁ ବଢ଼ୁଛି। ଫଳରେ ଛାତ୍ରମାନଙ୍କ ବୈଷୟିକ ଜ୍ଞାନକୁ ଠିକ୍ ଭାବେ ଉପଯୋଗ କରାଯିବା ସହ କାର୍ଯ୍ୟରେ ସମନ୍ୱୟ ରକ୍ଷା ହୋଇପାରୁଛି। ବିପର୍ଯ୍ୟୟ ସମୟରେ ଯୁବପିଢ଼ିଙ୍କ ଏହି ଭୂମିକା ବୈଷୟିକ ଶିକ୍ଷାର ସାମାଜିକ ଉପଯୋଗିତାକୁ ପ୍ରମାଣିତ କରିଛି। ଶ୍ରେଣୀଗୃହରେ ହାସଲ କରିଥିବା ଜ୍ଞାନକୁ ବାସ୍ତବ କ୍ଷେତ୍ରରେ ପ୍ରୟୋଗ କରି ଛାତ୍ରମାନେ ବିପର୍ଯ୍ୟୟ ପରବର୍ତ୍ତୀ ପୁନର୍ବାସ ଓ ପୁନରୁଦ୍ଧାରରେ ଯୋଗଦାନ ଦେଉଛନ୍ତି।

ବନ୍ୟା ସ୍ଥିତି ପରଖିଲେ ବିଜେପି ରାଜ୍ୟ ପ୍ରଭାରୀ



ବ୍ରହ୍ମପୁର,୩ା୧୧(ସମିସ): ଭାରତୀୟ ଜନତା ପାର୍ଟିର ଓଡିଶା ରାଜ୍ୟ ପ୍ରଭାରୀ ତଥା ସାଂସଦ ଡ଼ି.ପୁରାନ୍ଦେଶ୍ୱରୀ ଗଞ୍ଜାମ ଜିଲ୍ଲାର ଚିକିଟି ବିଧାନସଭା କ୍ଷେତ୍ରରେ ବନ୍ୟା ସମ୍ପର୍କିତ କ୍ଷୟକ୍ଷତି ପରଖିଛନ୍ତି। ଆଜି ଚିକିଟି ବିଧାନସଭାର ବି.ନୂଆଗାଁ ପଞ୍ଚାୟତ ଅନ୍ତର୍ଗତ ଶବରଦେଇପେଟା ଗସ୍ତ କରି ବନ୍ୟା ପ୍ରବାଭିତ ଅଞ୍ଚଳ ପରିଦର୍ଶନ କରିଛନ୍ତି। ନଷ୍ଟ ହୋଇଥିବା ଚାଷ ଜମି ବୁଲି ଦେଖିଛନ୍ତି। ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ସରକାରଙ୍କ ଦୃଷ୍ଟି ନିଆଯାଇ ଖୁବ୍‌ଶୀଘ୍ର ସହାୟତା ପ୍ରଦାନ କରାଯିବା ଉପରେ ଗୁରୁତ୍ୱ ଦିଆଯିବ ବୋଲି କହିଛନ୍ତି। ଏହି ସମୟରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା, ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସାଦ ଶତପଥୀ, ଜିଲ୍ଲା ସଭାପତି ସରୋଜ ସାବତଙ୍କ ସମେତ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ।

୪ରେ ଗଞ୍ଜାମ ଜିଲ୍ଲାର ସମସ୍ତ ସ୍କୁଲ୍ ବନ୍ଦ

ବ୍ରହ୍ମପୁର/ଛତ୍ରପୁର, ୩ା୧୧(ସମିସ) : ବାତ୍ୟା 'ଅର୍ଣ୍ଣବ' ପରବର୍ତ୍ତୀ ପ୍ରବଳ ବର୍ଷା ଯୋଗୁଁ ଜିଲ୍ଲାରେ କ୍ଷତିଗ୍ରସ୍ତ ସ୍କୁଲଗୁଡ଼ିକର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ଏଥିସହ ସ୍କୁଲ୍ ଖୋଲିବା ପାଇଁ ପ୍ରସ୍ତୁତି ଚାଲିଥିବାରୁ ଗଞ୍ଜାମ ଜିଲ୍ଲାର ସମସ୍ତ ସ୍କୁଲକୁ ଆସନ୍ତା ୪ ତାରିଖ ତଥା ବୁଧବାରରେ ବନ୍ଦ ରଖିବାକୁ ଜିଲ୍ଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଜିଲ୍ଲାର ପ୍ରାଥମିକଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ସ୍ତର ପର୍ଯ୍ୟନ୍ତ ସମସ୍ତ ସ୍କୁଲକୁ ବନ୍ଦ ରଖିବାକୁ କୁହାଯାଇଛି। ସରକାରୀ, ଅନୁଦାନପ୍ରାପ୍ତ ଓ ଅନ୍ୟାନ୍ୟ ପରିଚାଳନାଧୀନ ସମସ୍ତ ଶିକ୍ଷାନୁଷ୍ଠାନ ଏହି ନିର୍ଦ୍ଦେଶ ପରିସରଭୁକ୍ତ ହୋଇଛନ୍ତି। ବାତ୍ୟା ପରବର୍ତ୍ତୀ ପ୍ରବଳ ବର୍ଷା ଯୋଗୁଁ ଜିଲ୍ଲାରେ ଅନେକ ସ୍ଥାନରେ କ୍ଷୟକ୍ଷତି ହୋଇଥିବାରୁ ଶିକ୍ଷାନୁଷ୍ଠାନ ଗୁଡ଼ିକର ମରାମତି ଓ ପୁନରୁଦ୍ଧାର କାର୍ଯ୍ୟ ଜରୁରୀ ହୋଇପଡ଼ିଛି। ଏଥିସହ ସ୍କୁଲ୍ ଖୋଲିବା ପୂର୍ବରୁ ଆବଶ୍ୟକ ପ୍ରସ୍ତୁତି ଶେଷ କରିବାକୁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଉଛି।

ବନ୍ୟା ପରିଚାଳନାରେ ତ୍ରୁଟି, ବୁଡ଼ିଲା ୧୫୦ରୁ ଊର୍ଦ୍ଧ୍ୱ ବିଦ୍ୟାଳୟ

୧୩୦ ସ୍କୁଲ୍‌ରେ ପାଠପଢ଼ା ଠପ୍; ନଷ୍ଟ ୩୦ଟି ସ୍ମାର୍ଟ କ୍ଲାସ୍‌ରୁମ୍






ବ୍ରହ୍ମପୁର,୩ା୧୧(ସମିସ):

ବାତ୍ୟା "ଅର୍ଣ୍ଣବ"ର ପ୍ରଭାବରେ ଲଗାଣ ବର୍ଷା ଓ ପରବର୍ତ୍ତୀ ବନ୍ୟା ଗଞ୍ଜାମ ଜିଲ୍ଲାର ଶିକ୍ଷା ବ୍ୟବସ୍ଥାକୁ ଗୁରୁତର ଭାବେ ପ୍ରଭାବିତ କରିଛି। ଗାଁଠୁ ସହର, ଚାଷଜମିଠୁ ଜନବସତି ସବୁଠି ବନ୍ୟାର କ୍ଷତଚିହ୍ନ ରହିଥିବାବେଳେ ଏଥିରୁ ବାଦ୍ ପଡ଼ିନାହାନ୍ତି ଛାତ୍ରଛାତ୍ରୀ। ଜିଲ୍ଲାର ୧୫୦ରୁ ଉର୍ଦ୍ଧ୍ୱ ସରକାରୀ ବିଦ୍ୟାଳୟ ବନ୍ୟା ଓ ବର୍ଷା ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି। ଏଥିମଧ୍ୟରୁ ପ୍ରାୟ ୧୩୦ଟି ବିଦ୍ୟାଳୟରେ ପାଠପଢ଼ା ପାଇଁ ଅନୁକୂଳ ପରିବେଶ ନଥିବା ଜଣାପଡ଼ିଛି। ଫଳରେ ବିଦ୍ୟାଳୟ ଖୋଲିବା ଓ ପାଠପଢ଼ା ସ୍ୱାଭାବିକ କରିବା ଏବେ ଶିକ୍ଷା ବିଭାଗ ପାଇଁ ବଡ଼ ଆହ୍ୱାନ ପାଲଟିଛି। ଗଞ୍ଜାମ ଜିଲ୍ଲାର ମୋଟ ୩ ହଜାର ୩୮୧ଟି ସରକାରୀ ବିଦ୍ୟାଳୟ ମଧ୍ୟରୁ ଅନେକ ବିଦ୍ୟାଳୟରେ ବନ୍ୟାଜଳ ପଶିବା ସହ ଶ୍ରେଣୀଗୃହ, ଆସବାବପତ୍ର ଓ ଶିକ୍ଷା ଉପକରଣ ନଷ୍ଟ ହୋଇଛି। ବିଶେଷକରି ଆସିକା, ଧରାକୋଟ, ପୁରୁଷୋତ୍ତମପୁର, ଶେରଗଡ଼ ଓ ସୋରଡ଼ା ବ୍ଲକରେ ବିଦ୍ୟାଳୟ ଗୁଡ଼ିକର କ୍ଷୟକ୍ଷତି ଅଧିକ ହୋଇଛି। ଏହାବ୍ୟତୀତ ଭଞ୍ଜନଗର, ହିଞ୍ଜିଳିକାଟୁ ଓ ଛତ୍ରପୁର ଆଦି ବ୍ଲକର ବିଭିନ୍ନ ବିଦ୍ୟାଳୟ ମଧ୍ୟ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ସବୁଠାରୁ ଅଧିକ ଚିନ୍ତା ବଢ଼ାଇଛି ୫-ଟି ରୂପାନ୍ତରିତ ବିଦ୍ୟାଳୟର କ୍ଷୟକ୍ଷତି। କ୍ଷତିଗ୍ରସ୍ତ ବିଦ୍ୟାଳୟ ମଧ୍ୟରେ ୩୦ରୁ ଉର୍ଦ୍ଧ୍ୱ ୫-ଟି ସ୍କୁଲ ରହିଛି। ପୂର୍ବ ବିଜେଡି ସରକାର ସମୟରେ ଏହି ବିଦ୍ୟାଳୟ ଗୁଡ଼ିକୁ ଆଧୁନିକ ଶିକ୍ଷାନୁଷ୍ଠାନରେ ପରିଣତ କରାଯାଇଥିଲା। ଡିଜିଟାଲ୍ ସ୍ମାର୍ଟ କ୍ଲାସ୍‌ରୁମ୍, ଇ-ଲାଇବ୍ରେରୀ, ଆଧୁନିକ କମ୍ପ୍ୟୁଟର ଲ୍ୟାବ୍, ପ୍ୟାନେଲ ବୋର୍ଡ଼, ବିଜ୍ଞାନାଗାର ସହ ଖେଳପଡ଼ିଆ, ଜିମ୍ନାସିୟମ୍ ଓ କ୍ରୀଡ଼ା ପ୍ରଶିକ୍ଷଣର ସୁବିଧା ରହିଥିଲା। କିନ୍ତୁ ବନ୍ୟାଜଳ ମାଡ଼ିଯିବାରୁ ଏହି ସବୁ ଉପକରଣ ଓ ସାମଗ୍ରୀ ନଷ୍ଟ ହେବା ସହ ବ୍ୟବହାର ଅନୁପଯୋଗୀ ହୋଇପଡ଼ିଛି। ରୂପାନ୍ତରଣ ପରେ ଆଧୁନିକ ଶିକ୍ଷାର ସ୍ୱପ୍ନ ଦେଖିଥିବା ଛାତ୍ରଛାତ୍ରୀଙ୍କ ପାଇଁ ବନ୍ୟା ଏବେ ବଡ଼ ବାଧକ ସାଜିଛି। ଅନ୍ୟପକ୍ଷରେ

ଅଚଳ ପ୍ୟାନେଲ ବୋର୍ଡ, କମ୍ପ୍ୟୁଟର ଓ ବିଜ୍ଞାନ ଲ୍ୟାବ୍

ବିଦ୍ୟାଳୟ ପରିସରରେ ଜମି ରହିଥିବା ଅପରିଷ୍କାର ବନ୍ୟାଜଳ ଓ କାଦୁଅ ନୂଆ ସମସ୍ୟା ସୃଷ୍ଟି କରିଛି। ଶ୍ରେଣୀଗୃହଠାରୁ ଆରମ୍ଭ କରି ଖେଳପଡ଼ିଆ ପର୍ଯ୍ୟନ୍ତ ସବୁଠି ଅଳିଆ ଆବର୍ଜନା ଜମି ରହିଛି। ଏଭଳି ସ୍ଥିତିରେ ଶିକ୍ଷକ ଓ ଶିକ୍ଷୟିତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ପୁରାତନ ଛାତ୍ରଛାତ୍ରୀ ନିଜେ ସଫେଇ କାର୍ଯ୍ୟରେ ଲାଗିପଡ଼ିଛନ୍ତି। ବିଦ୍ୟାଳୟ ପରିବେଶକୁ ପୁଣି ପାଠପଢ଼ା ଉପଯୋଗୀ କରିବାକୁ ଉଦ୍ୟମ ଜାରି ରହିଛି। ବାତ୍ୟା ପରେ ଶିକ୍ଷା ବିଭାଗର ଅଧିକାରୀମାନେ ବିଭିନ୍ନ ବ୍ଲକ ପରିଦର୍ଶନ କରି କ୍ଷୟକ୍ଷତିର ଆକଳନ କରିଛନ୍ତି। ତେବେ କ୍ଷତିଗ୍ରସ୍ତ ବିଦ୍ୟାଳୟ ଗୁଡ଼ିକର ମରାମତି, ନଷ୍ଟ ହୋଇଥିବା ଶିକ୍ଷା ଉପକରଣର ପୁନଃସ୍ଥାପନ ଏବଂ ପାଠପଢ଼ା ସ୍ୱାଭାବିକ କରିବା ଏବେ ଜରୁରି ହୋଇପଡ଼ିଛି। ବାତ୍ୟା ପରିଚାଳନାରେ ତ୍ରୁଟି ଯୋଗୁଁ ଏଭଳି ସ୍ଥିତି ଉପୁଜିଥିବା ଅଭିଯୋଗ ମଧ୍ୟ ବିଭିନ୍ନ ମହଲରୁ ଉଠିଛି। ତେଣୁ କେବଳ କ୍ଷୟକ୍ଷତି ଆକଳନରେ ସୀମିତ ନରହି ସରକାର କେବେ ଏହି ବିଦ୍ୟାଳୟ ଗୁଡ଼ିକର ପୁନରୁଦ୍ଧାର କରୁଛନ୍ତି, ତାହାକୁ ଛାତ୍ରଛାତ୍ରୀ ଓ ଅଭିଭାବକ ଅପେକ୍ଷା କରିଛନ୍ତି।

ସୀତାପତି' ହତ୍ୟା ମାମଲାରେ ସ୍ୱତନ୍ତ୍ର କୋର୍ଟରେ ଅଭିଯୋଗକାରୀଙ୍କ ବୟାନ ରେକର୍ଡ

ବ୍ରହ୍ମପୁର,୩ା୧୧(ସମିସ): ଗଞ୍ଜାମ ଜିଲ୍ଲାର ଅନ୍ୟତମ ବହୁଚର୍ଚ୍ଚିତ ସୀତାପତି ନାୟକଙ୍କ ହତ୍ୟାକାଣ୍ଡ ମାମଲାରେ ଆଜି ବ୍ରହ୍ମପୁର ସ୍ୱତନ୍ତ୍ର ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (୩ୟ)ଙ୍କ କୋର୍ଟରେ ଶୁଣାଣି ହୋଇଛି। ପୂର୍ବରୁ ଏହି ମାମଲା ଭଞ୍ଜନଗର କୋର୍ଟରେ ବିଚାରଣା ଚାଲିଥିବା ବେଳେ ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ନୀଳମଣି ବିଶୋୟୀ ଗତ ୨୦୨୪ସାଧାରଣ ନିର୍ବାଚନରେ ସୋରଡାର ବିଧାୟକ ଭାବେ ନିର୍ବାଚିତ ହେବା ପରେ ଏହି ମାମଲା ସ୍ଥାନୀୟ ସ୍ୱତନ୍ତ୍ର କୋର୍ଟକୁ ସ୍ଥାନାନ୍ତର ହୋଇଛି। ଏହି ମାମଲାର ଅଭିଯୋଗକାରୀ ତଥା ମୃତ ସୀତାପତିଙ୍କ ପୁଅ ବସନ୍ତ ନାୟକଙ୍କ ବୟାନ ରେକର୍ଡ କରାଯାଇଛି। ନିଜ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ଅଭିଯୋଗକାରୀ ବସନ୍ତ ନାୟକ କୋର୍ଟଙ୍କ ଅନୁମତି ପ୍ରକାରେ ଗତଥର ଭଳି ଚଳିତ ଥର ମଧ୍ୟ ଭୁବନେଶ୍ୱର କୋର୍ଟରୁ ଆଭାସି ଜରିଆରେ ନିଜର ବୟାନ ଦେଇଛନ୍ତି। ମାମଲାରେ ମୋଟ ୬ଜଣ ଅଭିଯୁକ୍ତ ଥିବା ବେଳେ ଆଜି କୋର୍ଟରେ ଜିତେନ୍ଦ୍ର ନାୟକ, ବିଦ୍ୟାଧର ସ୍ୱାଇଁ ଓ ଶିବ ପ୍ରସାଦ ଜେନା ହାଜର ହୋଇଥିବା ବେଳେ କୌଣସି କାରଣରୁ ସୋରଡା ବିଧାୟକ ନିଳମଣୀ ବିଶୋୟୀ, ତାଙ୍କ ଭାଇ ବସନ୍ତ ବିଶୋୟୀ ଓ ସୁଶାନ୍ତ ବେହେରା ଅନୁପସ୍ଥିତ ଥିଲେ। ମାମଲାର ପରବର୍ତ୍ତି ଶୁଣାଣି ଆସନ୍ତା ୧୦ତାରିଖରେ ହେବାକୁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ଜଣାପଡିଛି। ଏଠାରେ ପ୍ରକାଶ ଯୋଗ୍ୟ ଯେ' ୨୦୦୭ମସିହାରେ ଗଞ୍ଜାମ ଜିଲ୍ଲା ଜାମପଲ୍ଲୀ ଠାରେ ବସରୁ ଟାଣି ଆଣି ସୀତାପତି ନାୟକଙ୍କୁ ହତ୍ୟା

- **ସୋରଡ଼ା ବିଜେପି ବିଧାୟକଙ୍କ ବିରୁଦ୍ଧରେ ଥିବା ଅନ୍ୟଏକ ହତ୍ୟା ମାମଲା ଆସିକାରୁ ବ୍ରହ୍ମପୁରକୁ ସ୍ଥାନାନ୍ତର**
- **ଜୀବନ ପ୍ରତି ଭୟ ଥିବାରୁ ଭୁବନେଶ୍ୱର କୋର୍ଟରୁ ଆଭାସୀରେ ସାକ୍ଷ୍ୟ ଦେଲେ ମୃତ ସୀତାପତିଙ୍କ ପୁଅ ବସନ୍ତ**
- **ଆସନ୍ତା ୧୦ତାରିଖରେ ବ୍ରହ୍ମପୁର 'ଏଡିଜେ-୩'ଙ୍କ କୋର୍ଟରେ ଉଭୟ ହତ୍ୟା ମାମଲାରେ ହେବ ବିଚାରଣା**

କରାଯାଇଥିବା ଅଭିଯୋଗରେ ସୋରଡା ବିଜେପି ବିଧାୟକ ନୀଳମଣି ବିଶୋୟୀଙ୍କ ସମେତ ତାଙ୍କ ଭାଇ ବସନ୍ତ ବିଶୋୟୀ ଓ ଭଣଜା ଜିତେନ୍ଦ୍ର କୁମାର ନାୟକ ଓରଫ୍ ଜିତୁଙ୍କ ସମେତ ବିଦ୍ୟାଧର ସ୍ୱାଇଁ, ଶିବ ପ୍ରସାଦ ଜେନା ଓ ସୁଶାନ୍ତ ବେହେରାଙ୍କୁ ଅଭିଯୁକ୍ତ କରିଛି ପୁଲିସ। ଏହି ମାମଲାରେ ୪ଜଣ ସାକ୍ଷ୍ୟଙ୍କ ବୟାନ ରେକର୍ଡ କରିବାକୁ କୋର୍ଟ ପକ୍ଷରୁ ନୋଟିସ ଜାରି କରାଯାଇଛି। ଅପରପକ୍ଷେ ଗତ ୨୦୦୭ମସିହା ଏପ୍ରିଲ ପହିଲାରେ ସୁରେନ୍ଦ୍ର ନାଇକ ନାମକ ଜଣେ ଯୁବକଙ୍କୁ ପିଟି ପିଟି ହତ୍ୟା କରାଯାଇ ପରେ ପୋଡି ଦିଆଯାଇଥିବା ନେଇ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସୀତାପତି ନାୟକଙ୍କ ପୁଅ ବସନ୍ତ ନାୟକଙ୍କୁ ବଜାରରେ ମାଡ ମାରି ଲଣ୍ଡା କରି ବୁଲା ଯାଇଥିବା ଅଭିଯୋଗ ହୋଇଥିଲା। ଯାହାର ଅଭିଯୋଗକାରୀ ଥିଲେ ନିଜେ ସୀତାପତି ନାୟକ। ପରବର୍ତ୍ତି ସମୟରେ ସୀତାପତି ନାୟକଙ୍କୁ ମଧ୍ୟ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଥିଲା। ତେବେ ସୁରେନ୍ଦ୍ର ନାଇକଙ୍କୁ ହତ୍ୟା ମାମଲା ଯାହା ଆସିକା କୋର୍ଟରେ ବିଚାରଣା ଚାଲିଥିଲା ଉକ୍ତ ମାମଲା ନିକଟରେ ବ୍ରହ୍ମପୁର ସ୍ଥିତ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ) ବିବସ୍ୱତ ଗୌତମଙ୍କ କୋର୍ଟକୁ ସ୍ଥାନାନ୍ତର ହୋଇଥିଲା। ତେବେ ଉକ୍ତ ମାମଲାରେ କିଛି ନଥିପତ୍ର ନଥିବା ଜଣାପଡିବା ପରେ କୋର୍ଟ ତାହାକୁ ଫେରାଇ ଦେଇଥିଲେ। ସମ୍ପୂର୍ଣ୍ଣ ନଥିପତ୍ର ସହିତ ଉକ୍ତ ମାମଲା ପୁଣି ସ୍ଥାନୀୟ ସ୍ୱତନ୍ତ୍ର କୋର୍ଟକୁ ଆସିଥିବା ଜଣାପଡିଛି। ଫଳରେ ଆସନ୍ତା ୧୦ତାରିଖରେ ଉଭୟ ହତ୍ୟା ମାମଲାର ଶୁଣାଣି ଏଠାରେ ହେବ ବୋଲି ସୂଚନା ମିଳିଛି।

ବନ୍ୟା ବିପନ୍ନଙ୍କ ପାଇଁ ସହାୟକ ହେଲା 'ଶକ୍ତିଗାଁ'

ବ୍ରହ୍ମପୁର,୩ା୧୧(ସମିସ): ବନ୍ୟା ବିପତ୍ତିର ଏହି କଠିନ ସମୟରେ ଲୋକଙ୍କ ପାଖରେ ରନ୍ଧା ଖାଦ୍ୟ ପହଞ୍ଚାଇବା ପାଇଁ ଗଞ୍ଜାମ ଜିଲ୍ଲାରେ ଓରମାସ୍‌ର "ଶକ୍ତିଗାଁ" ଅଭିଯାନ ଏକ ଗୁରୁତ୍ୱପୂର୍ଣ୍ଣ ସହଯୋଗର ମାଧ୍ୟମ ପାଲଟିଛି। ଓରମାସ୍, ଜିଲ୍ଲା ପ୍ରଶାସନ ଓ ଇଣ୍ଡିଆନ୍ ଅଏଲ୍ କର୍ପୋରେସନ୍‌ର ସମନ୍ୱିତ ପ୍ରୟାସରେ ଗତ ୪ ଦିନ ମଧ୍ୟରେ ୧୦୦୦ରୁ ଅଧିକ ଏଲ୍‌ପିଜି ଗ୍ୟାସ୍ ସିଲିଣ୍ଡର ସଂଗ୍ରହ ଓ ଯୋଗାଣ କରାଯାଇଛି। ଜିଲ୍ଲାର ୧୦ଟି ବ୍ଲକ୍ ଓ ସହରାଞ୍ଚଳରେ ବ୍ଲକ୍ ପ୍ରଶାସନ ଦ୍ୱାରା ପରିଚାଳିତ ୨୦୦ରୁ ଅଧିକ ସାମୂହିକ ରୋଷେଇ କେନ୍ଦ୍ରକୁ ନିରବଚ୍ଛିନ୍ନ ଗ୍ୟାସ୍ ଯୋଗାଣ ସୁନିଶ୍ଚିତ କରାଯାଇଛି। ଫଳରେ ବିଭିନ୍ନ ଗ୍ରାମ ଓ ବ୍ଲକ୍ ମୁଖ୍ୟାଳୟରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ଗୋଷ୍ଠୀମାନେ ନିରନ୍ତର ଭାବେ ହଜାର ହଜାର ବନ୍ୟା ବିପନ୍ନଙ୍କ ପାଇଁ ଗରମ ଓ ସ୍ୱାସ୍ଥ୍ୟକର ରନ୍ଧା ଖାଦ୍ୟ ପ୍ରସ୍ତୁତ କରି ପରିବେଷଣ କରିପାରୁଛନ୍ତି। ଏହି ଅଭିଯାନରେ ଓରମାସ୍‌ର ସ୍ୱୟଂ ସହାୟକ ଗୋଷ୍ଠୀ ନେଟ୍‌ୱାର୍କ ମାଧ୍ୟମରେ ବିଭିନ୍ନ ଅଞ୍ଚଳର ଆବଶ୍ୟକତା ଚିହ୍ନଟ କରାଯାଇ ଗ୍ୟାସ୍ ସିଲିଣ୍ଡରର ଆବଶ୍ୟକତା ଅନୁଯାୟୀ ଯୋଗାଣ ବ୍ୟବସ୍ଥା କରାଯାଇଛି। ଇଣ୍ଡିଆନ୍ ଅଏଲ୍‌ର ସହଯୋଗରେ ସିଲିଣ୍ଡର ସଂଗ୍ରହ ଓ ଯୋଗାଣ ଏହି ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିଛି।



ଏମ୍‌କେସିଜି ଶୌଚାଳୟରେ ହେଉଥିଲା ଭିଡିଓ ରେକର୍ଡିଂ!

ବ୍ରହ୍ମପୁର,୩ା୧୧(ସମିସ): ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲର ମେଡିସିନ୍ ବିଭାଗ ଇନ୍‌ଡୋର ଶୌଚାଳୟରେ ମୋବାଇଲ ଜରିଆରେ ଭିଡ଼ିଓ ରେକଡର୍ କରାଯାଉଥିବା ଅଭିଯୋଗ ହୋଇଛି। ମେଡ଼ିକାଲର ଜଣେ ପୁରୁଷ କର୍ମଚାରୀ ଇନ୍‌ଡୋର ଶୌଚାଳୟରେ ନିଜ ମୋବାଇଲ ଜରିଆରେ ଜଣେ ଇଣ୍ଟର୍ନସିପ ଛାତ୍ରୀଙ୍କ ଭିଡ଼ିଓ ରେକଡର୍ କରିଥିବା ଅଭିଯୋଗ ହୋଇଛି। ଘଟଣାଟି ମେଡିକାଲ କର୍ତ୍ତୃପକ୍ଷଙ୍କ ନଜରକୁ ଆସିବା ପରେ ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ସୁଦୀପା ଦାଶ ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଏକ କମିଟି ଗଠନ କରାଯାଇଥିବା ବେଳେ ତଦନ୍ତ ପରେ ରିପୋର୍ଟ ଦାଖଲ କରିବାକୁ କମିଟିକୁ ନିର୍ଦ୍ଦେଶ କରାଯାଇଥିବା ପ୍ରଫେସର ଦାଶ କହିଛନ୍ତି। ସୂଚନାଯୋଗ୍ୟ ଯେ, ଦୁର୍ଗାପୂଜା ଛୁଟି ସମୟରେ କିଛି ଇଣ୍ଟର୍ନସିପ ଛାତ୍ରୀ ମେଡ଼ିକାଲରେ କାର୍ଯ୍ୟରତ ଥିଲେ। ମେଡିସିନ୍ ବିଭାଗର ଏକ ନିର୍ଦ୍ଦିଷ୍ଟ ଇନ୍‌ଡୋରରେ କାର୍ଯ୍ୟରତ ଜଣେ ଇଣ୍ଟର୍ନସିପ ଛାତ୍ରୀ ଶୌଚାଳୟକୁ ବ୍ୟବହାର କରିଥିଲେ। ପୂର୍ବରୁ ଶୌଚାଳୟରେ ମେଡିସିନ୍ ବିଭାଗର ଜଣେ ପୁରୁଷ କର୍ମଚାରୀ ଶୌଚାଳୟ ଭିତରେ ନିଜ ମୋବାଇଲ କ୍ୟାମେରା ଖଞ୍ଜିଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଜାଣିବା ପରେ ଛାତ୍ରୀ ଜଣକ ଶୌଚାଳୟ ଭିତରୁ ମୋବାଇଲଟିକୁ ବାହାର କରିଥିଲେ। ପରେ ସମ୍ପୃକ୍ତ ପୁରୁଷ କର୍ମଚାରୀଙ୍କୁ ଡାକି ତାଗିଦ୍ କରିବା ସହ ମୋବାଇଲରେ ଥିବା ଭିଡିଓକୁ ଡିଲିଟ୍ କରିଥିବା ଜଣାପଡ଼ିଛି। ଘଟଣା ସାମ୍ନାକୁ ଆସିବା ପରେ ସମ୍ପୃକ୍ତ ପୁରୁଷ କର୍ମଚାରୀଙ୍କୁ ଉକ୍ତ ୱାର୍ଡରୁ ଅନ୍ୟୱାର୍ଡକୁ ବଦଳି କରାଯାଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ, ଯଦି ଘଟଣାରେ ସତ୍ୟତା ରହିଥାଏ, ତେବେ ସମ୍ପୃକ୍ତ କର୍ମଚାରୀଙ୍କ ମୋବାଇଲକୁ ତୁରନ୍ତ ଜବତ କରି ଘଟଣାର ନିରପେକ୍ଷ ତଦନ୍ତ କରିବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଏହା ସହିତ ପୂର୍ବରୁ ଅନ୍ୟ କୌଣସି ମହିଳା କର୍ମଚାରୀଙ୍କ ଭିଡିଓ ରେକର୍ଡ କରାଯାଇଛି କି ନାହିଁ ଏବଂ ମୋବାଇଲରେ ଅନ୍ୟ କୌଣସି ଆପତ୍ତିଜନକ ଭିଡିଓ ରହିଛି କି ନାହିଁ, ସେ ଦିଗରେ ମଧ୍ୟ ତଦନ୍ତ କରିବାକୁ ଦାବି ହୋଇଛି। ଘଟଣାର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବ। ତେବେ ହସ୍ପିଟାଲ ଭଳି ସମ୍ବେଦନଶୀଳ ସ୍ଥାନରେ ମହିଳା କର୍ମଚାରୀଙ୍କ ସୁରକ୍ଷା ଓ ଗୋପନୀୟତା ନେଇ ଏହି ଘଟଣା ଗୁରୁତର ପ୍ରଶ୍ନ ଉଠାଇଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ମେଡିକାଲ ପରିସରରେ ଆଲୋଡ଼ନ ସୃଷ୍ଟି ହୋଇଛି।



ପୁରୁଷ କର୍ମଚାରୀ ମୋବାଇଲ ରଖିଥିବା ଅଭିଯୋଗ, ଅଧୀକ୍ଷକଙ୍କ ତଦନ୍ତ ନିର୍ଦ୍ଦେଶ

● ହାଇକୋର୍ଟରେ ପୀତବାସ ପଣ୍ଡା ହତ୍ୟା ମାମଲା

ପିଣ୍ଟୁ ଦାଶ, ମଦନ, ସୁନୀଲ, ଯୋଗେନ୍ଦ୍ର, କାଲୁ ଓ ବିପିନଙ୍କ ଜାମିନ ଆବେଦନର ଶୁଣାଣି

ବ୍ରହ୍ମପୁର,୩ା୧୧(ସମିସ): ପୀତବାସ ପଣ୍ଡା ହତ୍ୟା ମାମଲାକୁ ଇତି ମଧ୍ୟରେ ବିତିଯାଇଛି ଏକ ବର୍ଷ। ମାମଲାରେ ଗିରଫ ମୋଟ ୧୬ଜଣଙ୍କ ମଧ୍ୟରୁ ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କୁ ହାଇକୋର୍ଟରୁ ଓ ଅନ୍ୟତମ ଅଭିଯୁକ୍ତ ରାଜେନ୍ଦ୍ର ସାହୁଙ୍କୁ ଜିଲ୍ଲା କୋର୍ଟ ସର୍ତ୍ତମୂଳକ ଜାମିନ ପ୍ରଦାନ କରିସାରିଛନ୍ତି। ମାମଲାରେ ଛନ୍ଦି ହୋଇଥିବା ଅନ୍ୟ ୧୪ଜଣଙ୍କ ମଧ୍ୟରୁ ପୂର୍ବତନ ମେୟର ଶିବଶଙ୍କର ଦାଶଙ୍କ ଜୀବନ ପ୍ରତି ବିପଦ ଥିବା ଦର୍ଶାଇ ତାଙ୍କୁ ଫୁଲବାଣୀ ଜେଲକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଅନ୍ୟ ୧୩ଜଣ ଅଭିଯୁକ୍ତ ବ୍ରହ୍ମପୁର ମଣ୍ଡଳ କାରାଗାରରେ ଅଛନ୍ତି। ମାମଲାରେ ଗିରଫ ହୋଇଥିବା ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ୍ ପିଣ୍ଟୁ, ସୁନୀଲ କୁମାର ହୋତା, ମଦନ ମୋହନ ଦଳେଇ, ଯୋଗେନ୍ଦ୍ର ରାଉତ, କାଲୁ ଚରଣ ଭୂୟାଁ ଓ ବିପିନ ସ୍ୱାଇଁଙ୍କ ପକ୍ଷରୁ ହାଇକୋର୍ଟରେ ଦାଖଲ ହୋଇଥିବା ଜାମିନ ଆବେଦନର ଶୁଣାଣି ଆଜି ଜଷ୍ଟିସ ଆଦିତ୍ୟ ମହାପାତ୍ରଙ୍କ କୋର୍ଟରେ ହୋଇଥିଲା। ଅଭିଯୁକ୍ତଙ୍କ ପକ୍ଷରୁ ଆଇନଜୀବୀମାନେ ଜାମିନ ପ୍ରଦାନ ନେଇ ଦୃଢ ଯୁକ୍ତି ଉପସ୍ଥାପନ କରିଥିଲେ। ତେବେ ଶୁଣାଣି ସମ୍ପୂର୍ଣ୍ଣ ହୋଇନଥିବାରୁ ଆସନ୍ତା ଗୁରୁବାର ଅର୍ଥାତ୍ ୫ତାରିଖ ଅପରାହ୍ନ ୪ଟାରେ ଏବଂ ଆବଶ୍ୟକ ସ୍ଥଳେ ୬ତାରିଖରେ ପରବର୍ତ୍ତି ଶୁଣାଣି ପାଇଁ କୋର୍ଟ ଦିନ ଧାର୍ଯ୍ୟ କରିଥିବା ଜଣାପଡିଛି। ସେପଟେ ଏହି ହତ୍ୟାକାଣ୍ଡ ମାମଲାରେ ତଳ କୋର୍ଟରେ ଅର୍ଥାତ୍ ସ୍ଥାନୀୟ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ (ତୃତୀୟ)ଙ୍କ କୋର୍ଟରେ ଚାର୍ଜଫ୍ରେମ ହେନଇ ଶୁଣାଣି ଉପରେ ହାଇକୋର୍ଟଙ୍କ ରହିତାଦେଶ ରହିଥିବାରୁ ଏହା ସ୍ଥଗିତ ରହିଥିବା ଜଣାପଡିଛି।

ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟରେ ଥିବା ଯୁବ ଆଇଏଏସ ଅଧିକାରୀଙ୍କୁ ବିଧାୟକଙ୍କ ଦୁର୍ବ୍ୟବହାର ଅଭିଯୋଗ

ବ୍ରହ୍ମପୁର,୩ା୧୧(ସମିସ): ଗଞ୍ଜାମ ଜିଲ୍ଲା ଆସିକାରେ ବନ୍ୟା ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଦାୟିତ୍ୱରେ ଥିବା ଜଣେ ପ୍ରଶାସନିକ ଅଧିକାରୀଙ୍କୁ ସ୍ଥାନୀୟ ଜନ ପ୍ରତିନିଧି ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁସାରେ ଗଞ୍ଜାମ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର ଜେନା ବନ୍ୟା ପରଠାରୁ ଆସିକାରେ ନୋଡାଲ ଅଧିକାରୀ ଭାବେ ଉଭୟ ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ତଦାରଖ କରି ଆସୁଛନ୍ତି। ଜଣେ ଯୁବ ଓଡିଆ ଆଇଏଏସ ଅଧିକାରୀ ଭାବେ ସେ ପ୍ରଭାବିତ ଲୋକଙ୍କ ନିକଟକୁ ଯାଇ କାର୍ଯ୍ୟ ସମ୍ପାଦନ କରୁଥିବା ବେଳେ ଆଜି ଅପରାହ୍ନରେ ସ୍ଥାନୀୟ ବିଧାୟକ ସରୋଜ ପାଢ଼ୀ କୌଣସି ପ୍ରସଙ୍ଗରେ ଶ୍ରୀ ଜେନାଙ୍କୁ ଗାଳିଗୁଲଜ ସହ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ପୂର୍ବରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ପ୍ରଭାବିତ ଅଞ୍ଚଳରେ ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟରେ ବିଳମ୍ବକୁ ନେଇ ସରକାରୀ ଦଳର ନିର୍ବାଚିତ ଜନପ୍ରତିନିଧିମାନେ ଜନ ଆକ୍ରୋଶର ଶିକାର ହୋଇଥିବା ଦେଖିବାକୁ ମିଳିଛି। ଏହା ଜାରି ରହିଲେ ଉଭୟ ରିଲିଫ୍ ଓ ପୁନରୁଦ୍ଧାର ପ୍ରଭାବିତ ହେବାର ଆଶଙ୍କା ରହିଛି।

ଗଞ୍ଜାମକୁ ଡବଲ ଇଞ୍ଜିନ ସରକାରର କ୍ରମାଗତ ଉପହାସ!

ବ୍ରହ୍ମପୁର,୩ା୧୧(ସମିସ):

ଡବଲ ଇଂଜିନ ସରକାର ସବୁବେଳେ ଗଞ୍ଜାମ ଜିଲ୍ଲାକୁ ଉପେକ୍ଷା କରୁଥିବା ନେଇ ଅଭିଯୋଗ ହେଉଥିବା ବେଳେ ବର୍ତ୍ତମାନର ଆଉ ଏକ ଘଟଣା ଲୋକଙ୍କ ଅଭିଯୋଗକୁ ସ୍ପଷ୍ଟ ପ୍ରମାଣିତ କରିଛି। ୨୨ଟି ବ୍ଲକ ବିଶିଷ୍ଟ ରାଜ୍ୟର ଅନ୍ୟତମ ବୃହତ୍ତମ ତଥା ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ହେଉଛି ଗଞ୍ଜାମ ଜିଲ୍ଲା। ପୂର୍ବରୁ ଦିର୍ଘ ବର୍ଷ ଧରି ଖୋଦ୍ ମୁଖ୍ୟମନ୍ତ୍ରୀ ପ୍ରତିନିଧିତ୍ୱ କରୁଥିବା ବେଳେ ବର୍ତ୍ତମାନ ବିରୋଧୀ ଦଳ ନେତା ପ୍ରତିନିଧିତ୍ୱ କରୁଛନ୍ତି ଏହି ଜିଲ୍ଲାରୁ। ସେହିଭଳି ରାଜ୍ୟ ସରକାରଙ୍କ ଦୁଇଜଣ ମନ୍ତ୍ରୀ ବର୍ତ୍ତମାନ ମଧ୍ୟ ଏହି ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଛନ୍ତି। ଏଭଳି ସ୍ଥଳେ ଜିଲ୍ଲାର ସ୍ୱାସ୍ଥ୍ୟ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଭାଗର ମୁଖ୍ୟ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବା ସିଡିଏମଓ ଭଳି ପଦବୀରେ କ୍ରମାଗତ ଭାବେ ଜଣେ ଅତିଥି ଅଧିକାରୀଙ୍କୁ ନିଯୁକ୍ତି ଦିଆଯିବା ଘଟଣା ସବୁଠି ଚର୍ଚ୍ଚା ଓ ଆଲୋଚନାର ବିଷୟ ପାଲଟିଛି। ଗତ ୩୦ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର ମଙ୍ଗଳ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ପ୍ରକାରେ ପଦୋନ୍ନତି ସହିତ ୪ଜଣ ଅଧିକାରୀଙ୍କୁ ସୁନ୍ଦରଗଡ, ଅନୁଗୋଳ, ଖୋର୍ଦ୍ଧା ଓ ଗଞ୍ଜାମ ଭଳି ଜିଲ୍ଲାର ସିଡିଏମଓ ଭାବେ ଏବଂ ଜଣଙ୍କୁ କ୍ୟାପିଟାଲ ହସ୍ପିଟାଲରେ ସିବି ଏବଂ ସିଡି ସ୍ୱତନ୍ତ୍ର ଅଧିକାରୀ ଭାବେ ନିଯୁକ୍ତି ଦିଆଯାଇଛି। ବିଜ୍ଞପ୍ତି ପ୍ରକାରେ ଗଞ୍ଜାମ ଜିଲ୍ଲାର ନୂତନ ସିଡିଏମଓ ଭାବେ ଡାକ୍ତର ଉମାକାନ୍ତ ସାହୁ ଗତ ୨ତାରିଖରେ ଦାୟିତ୍ୱ ଗ୍ରହଣ କରିଥିବା ଜଣାପଡିଛି। ନବ ନିଯୁକ୍ତ ସିଡିଏମଓଙ୍କୁ ତାଙ୍କ କାର୍ଯ୍ୟାଳୟର କୌଣସି କର୍ମଚାରୀ ଏପରିକି ତାଙ୍କ ନିଜ ଷ୍ଟେନୋ ଓ ପିଅନ ଦେଖିବାର ସୁଯୋଗ ପାଇନଥିବା ବେଳେ ଡା ଉମାକାନ୍ତ ସାହୁ ସିଧାସଳଖ ବନ୍ୟା ପ୍ରଭାବିତ ଅଞ୍ଚଳକୁ ଗସ୍ତ କରି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରୁଥିବା ଜଣାପଡିଛି। ତେବେ ସବୁଠାରୁ ବଡ ଓ ମଜାର କଥା ହେଲା ପଦୋନ୍ନତି ପାଇ ଗଞ୍ଜାମ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ ନିଯୁକ୍ତି ପାଇ ଦାୟିତ୍ୱ ଗ୍ରହଣ କରିଥିବା ଡାକ୍ତର ଉମାକାନ୍ତ ସାହୁଙ୍କ



- **'ସିଡିଏମଓ' କାର୍ଯ୍ୟାଳୟ 'ଅଭିଶପ୍ତ' ନା 'ଅଇଥାନ କେନ୍ଦ୍ର'?**
- **'ଦିନିକିଆ' ଅଧିକାରୀଙ୍କ ପରେ ଏବେ ଦାୟିତ୍ୱ ନେଲେ 'ମାସିକିଆ' ସିଡିଏମଓ**
- **ଚଳିତ ମାସ ଶେଷରେ ଅବସର ନେବେ ନୂତନ ସିଡିଏମଓ ଡା. ଉମାକାନ୍ତ ସାହୁ**

କାର୍ଯ୍ୟକାଳ ଚଳିତ ମାସ ୩୦ତାରିଖରେ ଶେଷ ହେଉଥିବା ଜଣାପଡିଛି। ଅର୍ଥାତ ଚଳିତ ମାସ ଶେଷରେ ସେ ଚାକିରିରୁ ଅବସର ଗ୍ରହଣ କରିବାକୁ ଯାଉଛନ୍ତି। ଫଳ ସ୍ୱରୂପ ରାଜ୍ୟ ସରକାରଙ୍କ ପକ୍ଷରୁ ନବ ନିଯୁକ୍ତ ସିଡିଏମଓଙ୍କ କାର୍ଯ୍ୟକାଳ ମାତ୍ର ଏକ ମାସ। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ' ଏଥି ପୂର୍ବରୁ ଜିଲ୍ଲାକୁ ଆସିଥିବା ସିଡିଏମଓ ଡାକ୍ତର ପ୍ରଦୀପ କୁମାର ନାଇକ ମାତ୍ର ଦିନକ ପାଇଁ ଏଠାରେ ଦାୟିତ୍ୱ ଗ୍ରହଣ କରିଥିଲେ। ପରେ ସେ ମଧ୍ୟ ଚାକିରିରୁ ଅବସର ଗ୍ରହଣ କରିଥିଲେ। ବର୍ତ୍ତମାନ ଗଞ୍ଜାମରେ ବାତ୍ୟା ଓ ପରବର୍ତ୍ତି ବନ୍ୟା ପରିସ୍ଥିତିରେ ଲୋକେ ହନ୍ତସନ୍ତ ହେଉଥିବା ବେଳେ ଗଞ୍ଜାମ ଜିଲ୍ଲା ପ୍ରତି ଜଣେ ଅତିଥି ସିଡିଏମଓଙ୍କୁ ପୁନଃ ନିଯୁକ୍ତି ଦେଇ ଜିଲ୍ଲାବାସୀଙ୍କ ପ୍ରତି ଉପହାସ କରିଥିବା ନେଇ ଆଲୋଚନା ହେବା ସହିତ ବିଭିନ୍ନ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଭଳି ସ୍ଥିତିରେ ଗଞ୍ଜାମର ମୁଖ୍ୟ ଚିକିତ୍ସାଧିକାରୀ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦବୀ ପୁଣି ଖାଲି ପଡିବାର ଆଶଙ୍କା ସୃଷ୍ଟି ହୋଇଛି। ଜଣେ ସରକାରୀ ଅଧିକାରୀଙ୍କୁ ପଦୋନ୍ନତି ସହିତ ବଦଳି କିଛି ନୂଆ କଥା ନୁହେଁ। ତେବେ ଗଞ୍ଜାମ ଭଳି ଏକ ବଡ ଜିଲ୍ଲାରେ ସ୍ୱଳ୍ପ ସମୟ ପାଇଁ ଜଣେ ଅଧିକାରୀଙ୍କୁ ଦାୟିତ୍ୱ ଦେବାକୁ ନେଇ ସାଧାରଣରେ ଉଠିଛି ପ୍ରଶ୍ନ।

ଖୋଲିଲା ଶିମିଳିପାଳ
ପ୍ରଥମ ଦିନରେ ବୁଲିଲେ ୩୫୮ ପର୍ଯ୍ୟଟକ

ବାରିପଦା, ୩।୧୧ (ସକାଳ): ବିଶ୍ୱ ପ୍ରସିଦ୍ଧ ଶିମିଳିପାଳ ଜାତୀୟ ଉଦ୍ୟାନ ତଥା ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ରବିବାରଠାରୁ ପର୍ଯ୍ୟଟକଙ୍କ ପାଇଁ ଆନୁଷ୍ଠାନିକ ଭାବେ ଖୋଲା ହୋଇଛି। ପ୍ରଥମ ଦିନରେ ଉଭୟ ରାଜ୍ୟ ତଥା ରାଜ୍ୟ ବାହାର ପର୍ଯ୍ୟଟକଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଥିବାବେଳେ ସୁରକ୍ଷା ଦୃଷ୍ଟିରୁ ପୀଠାବଟା ଗେଟ୍ ଦେଇ ପ୍ରବେଶ ଆସନ୍ତା ୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ପ୍ରଥମ ଦିନରେ ମୋଟ ୫୪ଟି ଗାଡ଼ି ଯୋଗେ ୩୫୮ ଜଣ ପର୍ଯ୍ୟଟକ ଶିମିଳିପାଳ ଭ୍ରମଣ କରିଥିଲେ। ସେମାନଙ୍କ ମଧ୍ୟରେ ଓଡ଼ିଶାର ୨୩୬ ଜଣ ଓ ରାଜ୍ୟ ବାହାରୁ ୧୨୨ ଜଣ ପର୍ଯ୍ୟଟକ ସାମିଲ ଥିଲେ।

ସୂଚନା ମୁତାବକ, ଯଶିପୁର ପଟ କାଳିକାପ୍ରସାଦ ଗେଟ୍ ଦେଇ ସର୍ବାଧିକ ୨୦୫ ଜଣ (ଓଡ଼ିଶାରୁ ୧୫୬ ଓ ବାହାର ରାଜ୍ୟରୁ ୪୯), ବାରିପଦା ପଟ ପୀଠାବଟା ପ୍ରବେଶ ପଥ ଦେଇ ୧୫୩ ଜଣ (ଓଡ଼ିଶାରୁ

୫ ପର୍ଯ୍ୟନ୍ତ ପୀଠାବଟା ପଟୁ ପ୍ରବେଶ ବନ୍ଦ

୮୦ ଓ ବାହାର ରାଜ୍ୟରୁ ୭୩) ପର୍ଯ୍ୟଟକ ଶିମିଳିପାଳରେ ପ୍ରବେଶ କରିଥିଲେ। ତେବେ ପୂର୍ବ ବାତ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଖଇରୀ-ଭଣ୍ଡନ/ଖଡ଼ଖାଇ ପୋଲ ନିକଟରେ ନିର୍ମିତ ଡାଇଭର୍ସନ ରାସ୍ତା ଦେଇ ପ୍ରଥମ ଦିନରେ ଯାନବାହନ ଚଳାଚଳ ବିପଦପୂର୍ଣ୍ଣ ସାବ୍ୟସ୍ତ ହୋଇଥିଲା। ଏହାସହ ଆଗକୁ ଅନ୍ୟଏକ ବାତ୍ୟା ଆଶଙ୍କା ଥିବାରୁ ପର୍ଯ୍ୟଟକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ୨ ତାରିଖରୁ ପୀଠାବଟା ପଟୁ ପ୍ରବେଶ ସାମୟିକ ଭାବେ ବନ୍ଦ କରାଯାଇଛି। ଅନ୍ୟପକ୍ଷରେ କାଳିକାପ୍ରସାଦ (ଯଶିପୁର) ପଟୁ ପର୍ଯ୍ୟଟକଙ୍କ ପ୍ରବେଶ ଓ ପ୍ରସ୍ଥାନ ସ୍ୱାଭାବିକ ରହିଛି। ଡାଇଭର୍ସନ ରାସ୍ତା ମରାମତି କାର୍ଯ୍ୟ ଶେଷ ହେବା ପରେ ଆସନ୍ତା ୬ ତାରିଖରୁ ପୀଠାବଟା ପଟୁ ପୁନର୍ବାର ଯାନବାହନ ପ୍ରବେଶ ଅନୁମତି ମିଳିପାରେ ବୋଲି ବନ ବିଭାଗ ସୂତ୍ରରୁ ପ୍ରକାଶ।

ଅବହେଳିତ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତି
ଲତାବୁଦାରେ ଆଚ୍ଛାଦିତ ମୂର୍ତ୍ତି, ଜିଲ୍ଲାବାସୀଙ୍କ ଅସନ୍ତୋଷ

ବାରିପଦା, ୩।୧୧(ସମିସ):

ମୟୂରଭଞ୍ଜର ଅନ୍ୟତମ କର୍ଣ୍ଣଧାର ତଥା ପ୍ରଜାବତ୍ସଳ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତି ଏବେ ଚରମ ଅବହେଳାର ଶିକାର ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ଭଳି ସର୍ବୋଚ୍ଚ ପ୍ରଶାସନିକ ସ୍ଥଳରେ ସ୍ଥାପିତ ଏହି ମହାନ ବ୍ୟକ୍ତିତ୍ୱଙ୍କ ପ୍ରତିମୂର୍ତ୍ତି ଚାରିପାଖରେ ଲତାବୁଦା ମାଡ଼ିଯାଇଛି। କେବଳ ସେତିକି ନୁହେଁ, ରକ୍ଷଣାବେକ୍ଷଣ ଅଭାବରୁ ପ୍ରତିମୂର୍ତ୍ତିର ରଙ୍ଗ ଫିକା ପଡ଼ି କାଦୁଅ ଭଳି ଦିଶୁଥିବାରୁ ଏହାର



ସୌନ୍ଦର୍ଯ୍ୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ଜିଲ୍ଲାର ସର୍ବପ୍ରମୁଖ କାର୍ଯ୍ୟାଳୟ ଭିତରେ ମହାରାଜାଙ୍କ ପ୍ରତିମୂର୍ତ୍ତିର ଏଭଳି ଦୟନୀୟ ଅବସ୍ଥା ଦେଖି ସ୍ଥାନୀୟ ବୁଦ୍ଧିଜୀବୀ ଓ ଜିଲ୍ଲାବାସୀଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ମୟୂରଭଞ୍ଜ ଜିଲ୍ଲାର ସାମଗ୍ରିକ ବିକାଶ, ଶିକ୍ଷା ଓ ଐତିହ୍ୟ କ୍ଷେତ୍ରରେ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଯୋଗଦାନ ଅତୁଳନୀୟ। ମାତ୍ର ପ୍ରଶାସନିକ ଅଣଦେଖା କାରଣରୁ ଏପରି ଜଣେ ମହାନ ଶାସକଙ୍କ ପ୍ରତିମୂର୍ତ୍ତି ଅସମ୍ମାନିତ ହେଉଥିବାବେଳେ ଏହା ଜିଲ୍ଲାର ସ୍ୱାଭିମାନ ପ୍ରତି କୁଠାରଘାତ ସଦୃଶ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେଣୁ ତୁରନ୍ତ ପ୍ରତିମୂର୍ତ୍ତି ପରିସରରୁ ଲତାବୁଦା ସଫେଇ ସହ ରଙ୍ଗ ଓ ନିୟମିତ ରକ୍ଷଣାବେକ୍ଷଣ ପାଇଁ ଜିଲ୍ଲା ପ୍ରଶାସନ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରୁ ବୋଲି ଜିଲ୍ଲାବାସୀ ଦାବି କରିଛନ୍ତି।

ଆଗୁଆଡରେ ଜାତୀୟ ବାନ୍ଦନା ପରବ ୧୧ରୁ



ବାରିପଦା/ବଡ଼ସାହି, ୩।୧୧(ସମିସ): କୁଡ଼ୁମୀ ସମାଜର ଗୌରବମୟ ଇତିହାସ, ପରମ୍ପରା, ଭାଷା, ସଂସ୍କୃତି ଓ ସାମାଜିକ ଏକତାକୁ ଜାତୀୟ ସ୍ତରରେ ପରିଚିତ କରାଇବା ଓ ଏହାର ସଂରକ୍ଷଣ ଉଦ୍ଦେଶ୍ୟରେ ବଡ଼ସାହି ବ୍ଲକ ଅନ୍ତର୍ଗତ ଆଗୁଆଡ ଗ୍ରାମରେ ତିନିଦିନିଆ ଜାତୀୟ ବାନ୍ଦନା ପରବ-୨୦୨୬ ଆୟୋଜିତ ହେବାକୁ ଯାଉଛି। ଆସନ୍ତା ୧୧ରୁ ଆରମ୍ଭ ହୋଇ ୧୩ ତାରିଖ ପର୍ଯ୍ୟନ୍ତ ଏହି ମହାସମାରୋହ ଚାଲିବ। ଉଦ୍‌ଯାପନୀ ଉତ୍ସବ ଅର୍ଥାତ୍ ନଭେମ୍ବର ୧୩ ତାରିଖରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୟୂରଭଞ୍ଜ ଗସ୍ତରେ ଆସି ମୁଖ୍ୟଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ସହ ରାଜ୍ୟର ୪ ଜଣ କ୍ୟାବିନେଟ୍ ମନ୍ତ୍ରୀ ଓ ମୟୂରଭଞ୍ଜର ସମସ୍ତ ସାଂସଦ ଓ ବିଧାୟକ ମଧ୍ୟ ଉପସ୍ଥିତ ରହିବେ। ମଙ୍ଗଳବାର ଏଥିପାଇଁ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଓ ଆରକ୍ଷୀ

- **ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୁଖ୍ୟଅତିଥି**
- **ଯୋଗଦେବେ ବିଭିନ୍ନ ରାଜ୍ୟର ଅତିଥି**

ଅଧୀକ୍ଷକ ବରୁଣ ଗୁଣ୍ଟୁପାଲ୍ଲୀ ଆୟୋଜନ ସ୍ଥଳ ନିରୀକ୍ଷଣ କରି ଫେରିଛନ୍ତି। ଅ-ଆ ଯୁବକ ସଂଘ, ଆଗୁଆଡ ଓ ଜାତୀୟ ବାନ୍ଦନା ପରବ କମିଟିର ମିଳିତ ସହଯୋଗରେ ଆୟୋଜିତ ଏହି ମହାପର୍ବରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ବିହାର, ଛତିଶଗଡ଼ ଓ ଆସାମ ପ୍ରଭୃତି ରାଜ୍ୟରୁ ବିପୁଳ ସଂଖ୍ୟାରେ କୁଡ଼ୁମୀ ସମାଜର ଜନସାଧାରଣ ଯୋଗଦେବେ। କାର୍ଯ୍ୟକ୍ରମର ପ୍ରଥମ ଦୁଇଦିନ (୧୧ ଓ ୧୨ ତାରିଖ) ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ରୀତିନୀତି ଉପରେ ପ୍ରାମାଣିକ ଓ ତତ୍ତ୍ୱଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହେବ। ଏଥିରେ ବିଭିନ୍ନ ରାଜ୍ୟରୁ କୁଡ଼ୁମାଲୀ ଭାଷା-ସଂସ୍କୃତିର ଗବେଷକ ଓ ପ୍ରଫେସରମାନେ ଅଂଶଗ୍ରହଣ କରିବେ। ଏଥିସହ କୁଡ଼ୁମାଲୀ ପାରମ୍ପାରିକ ଖାଦ୍ୟ ଷ୍ଟଲ୍, କଳା-ସଂସ୍କୃତି ପ୍ରଦର୍ଶନୀ ଆୟୋଜିତ ହେବ। ଉତ୍ସବର ପ୍ରତ୍ୟେକ ଦିନ ପାରମ୍ପାରିକ ପୋଷାକରେ ଝୁମର ନୃତ୍ୟ ପରିବେଷଣ କରାଯିବ। ବିଶେଷକରି ୧୩ ତାରିଖ ପୂର୍ବାହ୍ନ ୧୦ଟାରେ ୧୦୦୦ ପାନ୍ତା ଝୁମର ଦଳ ଓ ୩ ହଜାରରୁ ଉର୍ଦ୍ଧ୍ୱ ମାଦଳ ସହିତ ଭବ୍ୟ ସାମୂହିକ ଝୁମର ନୃତ୍ୟ ପ୍ରଦର୍ଶିତ ହେବ। ଏହି ସମାରୋହରେ ୧୧ ତାରିଖରେ ଝାଡ଼ଖଣ୍ଡ ଡୁମୁରୀ ବିଧାୟକ ଡ ଜୟରାମ ମାହାତୋ, ୧୨ ତାରିଖରେ ଝାଡ଼ଖଣ୍ଡର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସୁଦେଶ ମାହାତୋ ଓ ପଶ୍ଚିମବଙ୍ଗର ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ରାଜେଶ ମାହାତୋ ଅତିଥି ଭାବେ ଯୋଗଦେବେ ବୋଲି ମଙ୍ଗଳବାର ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଅ-ଆ ଯୁବକ ସଂଘ ସଭାପତି ଶରତ ଚନ୍ଦ୍ର ମହାନ୍ତ, ଜାତୀୟ ବାନ୍ଦନା ପରବ କମିଟି ସାଂଗଠନିକ ସମ୍ପାଦକ ସଂଜୀବ ମହାନ୍ତ, ସ୍ନେହାଶିଷ ମହାନ୍ତ ଓ ବଡ଼ସାହି ବ୍ଲକ ସଭାପତି ଦିଲ୍ଲୀପ କୁମାର ମହାନ୍ତ ପ୍ରମୁଖ ସୂଚନା ଦେଇଛନ୍ତି।

ସୁସ୍ଥ ଓ ଦାଦନମୁକ୍ତ ମୟୂରଭଞ୍ଜ ପାଇଁ ଭଞ୍ଜସେନାର 'ଜିଲ୍ଲା ତମାମ ଅଭିଯାନ'

ବାରିପଦା, ୩।୧୧(ସମିସ): ଏକ ସୁସ୍ଥ, ଶିକ୍ଷିତ, ପ୍ରଦୂଷଣମୁକ୍ତ ଓ ଦାଦନମୁକ୍ତ ମୟୂରଭଞ୍ଜ ଗଠନ ଲକ୍ଷ୍ୟ ନେଇ ସାମାଜିକ ସଂଗଠନ ଭଞ୍ଜସେନା ପକ୍ଷରୁ ବୁଧବାରଠାରୁ ମାସେବ୍ୟାପୀ "ଜିଲ୍ଲା ତମାମ ଅଭିଯାନ' ଆରମ୍ଭ ହେଉଛିଁ ସଂଗଠନର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ଆହ୍ୱାନକ୍ରମେ ଠାକୁରମୁଣ୍ଡା ବ୍ଲକରୁ ଏହି ଅଭିଯାନର ଶୁଭାରମ୍ଭ କରାଯିବ ବୋଲି ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ସୂଚନା ଦେଇଛନ୍ତି। ଅଭିଯାନରେ ଏକ ସ୍ୱତନ୍ତ୍ର



ଟିମ୍ ଜିଲ୍ଲାର ପ୍ରତ୍ୟେକ ବ୍ଲକ, ଗ୍ରାମ ଓ ପୌରାଞ୍ଚଳ ୱାର୍ଡ ଗସ୍ତ କରି ଲୋକଙ୍କ ମୌଳିକ ସମସ୍ୟା, ସ୍ୱାସ୍ଥ୍ୟ, ପାନୀୟଜଳ, ଶିକ୍ଷା ଓ ଶିଶୁ ଶ୍ରମିକ ରୋକିବା ଉପରେ ତଥ୍ୟ ସଂଗ୍ରହ କରିବ। ଏଥିସହ ପ୍ରକୃତିରାଣୀ ଶିମିଳିପାଳର ସୁରକ୍ଷା, ଲୋକଲୋଚନକୁ ଆସି ନ ଥିବା ପର୍ଯ୍ୟଟନ ସ୍ଥଳୀର ବିକାଶ, ସ୍ଥାନୀୟ କଳାମୁଗୁନି, ଡୋକ୍ରା, ସବାଇଘାସ ଓ ଜଙ୍ଗଲଜାତ ଦ୍ରବ୍ୟର ମୂଲ୍ୟଯୋଗ ମାଧ୍ୟମରେ ରୋଜଗାର ସୃଷ୍ଟି ଓ ଫୁଟବଲ୍ ଓ ଲାଖବିନ୍ଧା ଭଳି କ୍ରୀଡ଼ାର ଉନ୍ନତି ପାଇଁ ଏକାଡେମୀ ପ୍ରତିଷ୍ଠା ଦାବି ରହିଛି। ଗ୍ରାଉଣ୍ଡ ଜିରୋରୁ ଏସବୁ ତଥ୍ୟ ସଂଗ୍ରହ ପୂର୍ବକ ଜିଲ୍ଲା ଓ ରାଜ୍ୟ ପ୍ରଶାସନ ସମେତ ଜନପ୍ରତିନିଧିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସଂଗଠନ ପକ୍ଷରୁ ଜଣାପଡ଼ିଛି।

ଦ୍ୱାରଶୁଣୀ ଘାଟିରେ ପୁଣି କଟକଣା
୪ରୁ ୨୮ ଯାଏଁ ଦୈନିକ ୫ ଘଣ୍ଟା ବନ୍ଦ ରହିବ ଯାତାୟାତ

ବାରିପଦା, ୩।୧୧ (ସମିସ): ଦ୍ୱାରଶୁଣୀ ଘାଟି ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ପାଇଁ ଯାତାୟାତ କଟକଣା ଅବଧିକୁ ବୃଦ୍ଧି କରାଯାଇଛି। ନଭେମ୍ବର ୪ରୁ ୨୮ ତାରିଖ ପର୍ଯ୍ୟନ୍ତ ଏହି ନୂତନ କଟକଣା ବଳବତ୍ତର ରହିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛିଁ ରାସ୍ତା ସମ୍ପ୍ରସାରଣ ପାଇଁ ଆବଶ୍ୟକ ପଥର ବିସ୍ଫୋରଣ (ବ୍ଲାଷ୍ଟିଂ) କାର୍ଯ୍ୟ ଚାଲିବାକୁ ଥିବାରୁ ସୁରକ୍ଷା ଦୃଷ୍ଟିକୋଣରୁ ପ୍ରତ୍ୟେକ ସପ୍ତାହର ବୁଧବାରରୁ ଶନିବାର ଯାଏଁ ଦିନ ୧୧ଟାରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ (୫ ଘଣ୍ଟା) ସମସ୍ତ ପ୍ରକାର ଯାନବାହାନ ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ। ଏହି ସମୟରେ ଘାଟି ସଂଲଗ୍ନ ବାଙ୍ଗିରିପୋଷି ଓ ବିଶୋଇ ଉଭୟ ପାଶ୍ୱର୍ ପ୍ରବେଶ ପଥ ସିଲ୍ ରହିବ। ଦୁଇଚକିଆ ସମେତ ସମସ୍ତ ଯାନ ଓ ପଦଚାରୀଙ୍କ ଚଳାଚଳ ଉପରେ କଟକଣା ଲାଗୁ ହୋଇଥିବାବେଳେ ଘାଟି ଅଞ୍ଚଳରେ ଗୃହପାଳିତ ପଶୁ ଚାରଣ ଉପରେ ମଧ୍ୟ ରୋକ୍ ଲଗାଯାଇଛି। ଆମ୍ବୁଲାନ୍ସ, ଦମକଳ ଭଳି ଜରୁରିକାଳୀନ ଯାନ ନିର୍ମାଣକାରୀ ସଂସ୍ଥା ଓ ବିଭାଗୀୟ ଅଧିକାରୀଙ୍କ ଅନୁମତିକ୍ରମେ ଯାତାୟାତ କରିପାରିବେ। ଅନ୍ୟ ଯାନବାହାନଗୁଡ଼ିକ ନିର୍ଦ୍ଧାରିତ ପାର୍କିଂ ସ୍ଥଳରେ ଅପେକ୍ଷା କରିବେ ଓ କଟକଣା ସରିବା ପରେ ପ୍ରଥମେ ସାଧାରଣ ଯାନକୁ ଛଡ଼ାଯିବ। କ୍ଷୁଦ୍ର ଯାନଗୁଡ଼ିକ ବିକଳ୍ପ ଭାବେ ବିଶୋଇ-ଅର୍ଗଳବିନ୍ଧା-ଶଙ୍ଖାଭଙ୍ଗା-ଯୋକା-ଚନ୍ଦନପୁର-କତରା ଛକ ରାସ୍ତା ଦେଇ ଯାଇପାରିବେ। ଶାନ୍ତିଶୃଙ୍ଖଳା ରକ୍ଷା ଓ ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ବାଙ୍ଗିରିପୋଷି ଓ ବିଶୋଇ ଥାନା ପକ୍ଷରୁ ବ୍ୟାପକ ପୁଲିସ ମୁତୟନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।



ବିଶ୍ୱବିଦ୍ୟାଳୟରେ ବିଶ୍ୱ ସଂରକ୍ଷିତ ଜୈବମଣ୍ଡଳ ଦିବସ



ବାରିପଦା,୩।୧୧(ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଲିଟେରାରୀ କ୍ଲବ୍ ଓ ମୟୂରଭଞ୍ଜର ଇକୋ ଫ୍ରେଣ୍ଡ ଆପେକ୍ସ ଫରେଷ୍ଟ ପ୍ରୋଟେକ୍ସନ କମିଟିର ମିଳିତ ଆନୁକୂଲ୍ୟରେ ବିଶ୍ୱ ସଂରକ୍ଷିତ ଜୈବମଣ୍ଡଳ ଦିବସ ଅବସରରେ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ସମ୍ମିଳନୀ କକ୍ଷରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ମାର୍ଗଦର୍ଶନରେ ଓ ଇକୋ ଫ୍ରେଣ୍ଡ ଆପେକ୍ସ ଫରେଷ୍ଟ ପ୍ରୋଟେକ୍ସନ କମିଟି ସଭାପତି ଡକ୍ଟର ଶ୍ୟାମସୁନ୍ଦର ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ରାଜେଶ କୁମାର ସିଂହ ମୁଖ୍ୟଅତିଥି ଭାବେ ଯୋଗଦେଇ ଜୈବବିବିଧତା ସଂରକ୍ଷଣରେ ଶିକ୍ଷାନୁଷ୍ଠାନ ଓ ଯୁବପିଢ଼ିଙ୍କ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। 'ଆମେ ମୟୂରଭଞ୍ଜିଆ' ଅନୁଷ୍ଠାନର ଅଧ୍ୟକ୍ଷ ସଞ୍ଜୟ କୁମାର ଚୌଧୁରୀ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିମିଳିପାଳର ପ୍ରାକୃତିକ ସମ୍ପଦ, ଆଦିବାସୀ ଜନଜୀବନ ଓ ସ୍ଥାନୀୟ ସଂସ୍କୃତିର ସୁରକ୍ଷା ଉପରେ ଏକ ସାରଗର୍ଭକ ଭାଷଣ ପ୍ରଦାନ କରିଥିଲେ। ବିଶେଷ ଭାବେ ଶିମିଳିପାଳ ନ ଥିଲେ ପୂର୍ବଭାରତର ଅଧିକାଂଶ ଅଞ୍ଚଳ ମରୁଭୂମି ହୋଇଯାଇଥାଆନ୍ତା ବୋଲି ସେ କହିଥିଲେ। ପରେ ଆପେକ୍ସ ଫରେଷ୍ଟ ପ୍ରୋଟେକ୍ସନ କମିଟି ସଂଯୋଜକ ଅରୁଣ କୁମାର ଓତା ଶିମିଳିପାଳର ଅନନ୍ୟ ପ୍ରାକୃତିକ ସୌନ୍ଦର୍ଯ୍ୟ, ବନ୍ୟପ୍ରାଣୀ ଓ ଉଦ୍ଭିଦ ବିବିଧତା ସମ୍ପର୍କରେ ଆଲୋକପାତ କରିଥିଲେ। କମିଟିର ପ୍ରତିଷ୍ଠାତା ସମ୍ପାଦକ ଡ. ରମାକାନ୍ତ ମହାନ୍ତ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।

ଶିମିଳିପାଳ ବ୍ୟାଘ୍ର ପ୍ରକଳ୍ପ ତଥା ଜୈବମଣ୍ଡଳର ପୂର୍ବତନ ନିର୍ଦ୍ଦେଶକ ଡ. ଦେବବ୍ରତ ସ୍ୱାଇଁଙ୍କ ବାର୍ତ୍ତାକୁ ଆଭାସୀ ମାଧ୍ୟମରେ ପରିବେଷଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ସହକାରୀ ପ୍ରଫେସରଡକ୍ଟରବିଚିତ୍ରନାଥସାହୁ'ନୈସର୍ଗିକ ଶୋଭା ବିମଣ୍ଡିତ ଆମ ଶିମିଳିପାଳ' ଶୀର୍ଷକ ଏକ ପ୍ରବନ୍ଧ ପାଠ କରିଥିଲେ। ବିଶ୍ୱବିଦ୍ୟାଳୟ ଲିଟେରାରୀ କ୍ଲବ୍‌ର ସଂଯୋଜିକା ଡ. ଶୁଭାନୀ ରଥ କାର୍ଯ୍ୟକ୍ରମକୁ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ, ନଡ଼ିଆ ପ୍ରଦାନ ଓ ସମ୍ବର୍ଦ୍ଧନା ସହ ଶ୍ରୀଜଗନ୍ନାଥ ଓ ଶିମିଳିପାଳର ପ୍ରସିଦ୍ଧ ବାଘୁଣୀ ଖଇରୀଙ୍କ ଫଟୋଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରାଯାଇ ସଭାର ଶୁଭାରମ୍ଭ ହୋଇଥିଲା। ଝୁମର ରାଣୀ ବିଦ୍ୟୁତମତୀ ମହାନ୍ତ ଶିମିଳିପାଳ ଉପରେ ଏକ ଝୁମର ସଙ୍ଗୀତ ପରିବେଷଣ କରିଥିଲେ। ଏ ଅବସରରେ ଡ. ରମାକାନ୍ତ ମହାନ୍ତଙ୍କ ଶିମିଳିପାଳ ଉପରେ ଲିଖିତ ଏକ ପୋଷ୍ଟରକୁ ଲୋକାର୍ପିତ କରାଯାଇଥିଲା। ଶିମିଳିପାଳ ଉପରେ ଓଡ଼ିଆ ଓ ଇଂରାଜୀ କବିତା ଲିଖନ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଉପସ୍ଥିତ ସମସ୍ତେ ଜୈବବିବିଧତା, ଜଙ୍ଗଲ ଓ ବନ୍ୟପ୍ରାଣୀ ସଂରକ୍ଷଣ ପାଇଁ ଶପଥ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ।

ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର ବ୍ୟକ୍ତିଙ୍କ ମୃତ୍ୟୁ, ଅଭିଯୁକ୍ତ ଅଟକ

ବାରିପଦା, ୩।୧୧ (ସମିସ): ବଦାମପାହାଡ଼ ଥାନା ଅନ୍ତର୍ଗତ ଚଉନରାଧି ଛକ ନିକଟରେ ଦୁର୍ବୃତ୍ତଙ୍କ ମରଣାନ୍ତକ ଆକ୍ରମଣରେ ଗୁରୁତର ବ୍ୟକ୍ତିଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିବାବେଳେ ପୁଲିସ ମାମଲା ରୁଜୁ କରି ଅଭିଯୁକ୍ତମାନଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ମୃତକ ଜଣକ କାଣ୍ଡାସାଲା ଗ୍ରାମର ସ୍ୱର୍ଗତ ଫଗୁଣା ଦେହୁରୀଙ୍କ ପୁଅ ବର୍ଜୁ। ଗତ ୧ ତାରିଖ ସନ୍ଧ୍ୟା ପ୍ରାୟ ୬.୩୦ ସମୟରେ କାଦଳୀବାଡ଼ି (ଦୁଧିଝରଣ) ଗ୍ରାମର ସମ୍ବାରୀ ଦେହୁରୀ, ତାଙ୍କ ପୁଅ ରାଜେଶ ଦେହୁରୀ, ସାଜେନ ଦେହୁରୀ ଓ ବାଙ୍ଗିରିପୋଷି ଅଞ୍ଚଳର ଲିପୁନ ଦେହୁରୀ ମିଶି ବର୍ଜୁଙ୍କୁ ଯୋଜନାବଦ୍ଧ ଭାବେ ଚଉନରାଧି ଛକକୁ ନେଇଯାଇଥିଲେ। ସେଠାରେ ସେମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରି ମୁଣ୍ଡକୁ କଂକ୍ରିଟ୍‌ରେ ଛେଚି ଦେଇଥିଲେ। ଫଳରେ ସେ ରକ୍ତାକ୍ତ ଅବସ୍ଥାରେ ସେଠାରେ ଅଚେତ ହୋଇ ପଡ଼ିରହିଥିଲେ। ପରଦିନ ସକାଳେ ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ବର୍ଜୁଙ୍କ ଭାଇଁ ତଥା ଦୁଧିଝରଣ ଗ୍ରାମର ମଧୁ ଦେହୁରୀ ଘଟଣାସ୍ଥଳରେ ପହଞ୍ଚିଥିଲେ। ତୁରନ୍ତ ତାଙ୍କୁ ବଡ଼ାମପାହାଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାଇରଙ୍ଗପୁର ଉପଖଣ୍ଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ୨ ତାରିଖ ଅପରାହ୍ନ ପ୍ରାୟ ୪.୧୦ ସମୟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ମଧୁ ଦେହୁରୀ ଥାନାରେ ଲିଖିତ ଅଭିଯୋଗ କରିବା ପରେ ବଡ଼ାମପାହାଡ଼ ଥାନା ପୁଲିସ ୧୫୧/୨୬ରେ ଏକ ହତ୍ୟା ମାମଲା ରୁଜୁ କରିଛି। ଥାନା ଅଧିକାରୀ କାମାକ୍ଷା କମଳେଶ୍ୱର ହେମ୍ବ୍ରମ ତଦନ୍ତ ଭାର ଗ୍ରହଣ କରିଛନ୍ତି। ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ ନିମନ୍ତେ ସାଇଣ୍ଟିଫିକ୍ ଟିମ୍ ନିୟୋଜନ ପାଇଁ ଆରକ୍ଷୀ ଅଧୀକ୍ଷକଙ୍କୁ ଅନୁରୋଧ କରାଯାଇଥିବାବେଳେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯାଇ ପଚରାଉଚରା ଜାରି ରହିଛି।

ନିଖୋଜ ମହିଳା ଉଦ୍ଧାର

ବେତନଟୀ,୩।୧୧(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅଧୀନ ବଡ଼ଜାମବଣି ଫାଣ୍ଡି ଅଞ୍ଚଳର ଭାଲିଆଡିହା ଗ୍ରାମର ରାଜେଶ ନାଏକଙ୍କ ପତ୍ନୀ ରାଜଶ୍ରୀ ବେହେରା (୨୩) ଗତ ଅକ୍ଟୋବର ୨୧ ତାରିଖ ରାତିରୁ ନିଖୋଜ ହୋଇଯାଇଥିବାବେଳେ ତାଙ୍କ ଶାଶୂ ସଂଯୁକ୍ତା ନାଏକ ନିଖୋଜ ହେବା ପରଦିନ ଅକ୍ଟୋବର ୨୨ ତାରିଖ ଦିନ ବେତନଟୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତି କରି ବେତନଟୀ ପୁଲିସ ୩୮୦/୨୬ରେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୋଗ ଅନୁଯାୟୀ, ଘଟଣା ଦିନ ରାତିରେ ପରିବାରର ସମସ୍ତେ ଖାଇ ଶୋଇଗଲା ପରେ ରାଜଶ୍ରୀ ବିଳମ୍ବିତ ରାତିରେ ନିଖୋଜ ହୋଇଯାଇଥିଲେ। ଘଟଣା ପରଦିନ ପରିବାର ଲୋକ ରାଜଶ୍ରୀଙ୍କୁ ଏଣେତେଣେ ଖୋଜି ନ ପାଇବାରୁ ବେତନଟୀ ଥାନାରେ ଅଭିଯୋଗ କରିବାକୁ ବାଧ୍ୟ ହୋଇଥିଲେ। ପୁଲିସ ଏହି ଘଟଣାର ତଦନ୍ତ ପରେ ନିଖୋଜ ଥିବା ରାଜଶ୍ରୀ ବେହେରା ଭଉଣୀ ଘରେ ଥିବାର ଜଣାପଡିଥିଲା। ମହିଳା ଜଣକ ନିଖୋଜ ହେବାର ୧୦ ଦିନ ପରେ ଭାଲିଆଡିହାରେ ଥିବା ଘରକୁ ଫେରିଆସିବା ପରେ ବେତନଟୀ ପୁଲିସ ମହିଳାଙ୍କୁ ଥାନାକୁ ଆଣି ସମସ୍ତ ଘଟଣା ତଦନ୍ତ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

ସାର ଅନୁମତି ପତ୍ର ନିମନ୍ତେ ୧୫ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ବାରିପଦା, ୩।୧୧ (ସମିସ): ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର (ମୟୂରଭଞ୍ଜ-୧) ପରିସରରେ ବୃହତ ଆକାରର ବହୁମୁଖୀ ସମବାୟ ସମିତି (ଲ୍ୟାମ୍ପସ) ଓ କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ)ର କର୍ମକର୍ତ୍ତାଙ୍କ ନିମନ୍ତେ ସାର ଅନୁମତି ପତ୍ର ପ୍ରାପ୍ତି ଲାଗି ଏକ ୧୫ ଦିନିଆ ପ୍ରମାଣପତ୍ର ପାଠ୍ୟକ୍ରମ ଆରମ୍ଭ ହୋଇଯାଇଛି। କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ ସଂଘମିତ୍ରା ପଟ୍ଟନାୟକଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଜ୍ଞାନବଲ୍ଲଭ ଦାସ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ମୟୂରଭଞ୍ଜ ସମବାୟ ସମିତି ସମୂହର ଉପନିବନ୍ଧକ ସରୋଜିନୀ ନାୟକ, ଯଶିପୁର କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ ଦୀପକ ମହାନ୍ତି, ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ଶମ୍ଭୁନାଥ ନାୟକ, ବିଆଇଟି ମୃତ୍ତିକା ରସାୟନବିତ୍ ସୁଧାଂଶୁ ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀଙ୍କୁ ଉତ୍ସାହିତ କରିଥିଲେ। ପାଠ୍ୟକ୍ରମର ସହାୟକ ଡ ସବ୍ୟସାଚୀ ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ଓ ରୂପରେଖ ସମ୍ପର୍କରେ ସୂଚନା ଦେଇ କହିଥିଲେ ଯେ, ଏହି ୧୫ଦିନିଆ ତାଲିମ ମଧ୍ୟରୁ ୧୨ ଦିନ ଶ୍ରେଣୀଗୃହ ଶିକ୍ଷାଦାନ ଓ ବିଷୟବସ୍ତୁ ଉପରେ ଆଲୋଚନା, ଅବଶିଷ୍ଟ ୩ ଦିନ କ୍ଷେତ୍ର ପରିଭ୍ରମଣ ନିମନ୍ତେ ସ୍ଥିର କରାଯାଇଛି। ଆଗାମୀ ଦିନରେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ପ୍ରଫେସର, କୃଷି ବିଭାଗର କର୍ମକର୍ତ୍ତା ଓ କୃଷି ବିଜ୍ଞାନ କେନ୍ଦ୍ରର କ୍ଷେତ୍ର ବୈଜ୍ଞାନିକ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିବେ। ଏହି ପାଠ୍ୟକ୍ରମ ଶେଷ ହେବା ପରେ ଅଂଶଗ୍ରହଣକାରୀ ସାର ବିକ୍ରୟ ନିମନ୍ତେ ସରକାରୀ ଅନୁମତି ପତ୍ର ପାଇବା ସହ ଆଗାମୀ ଦିନରେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଆଶା ପ୍ରକାଶ ପାଇଛି। କାର୍ଯ୍ୟକ୍ରମ ପରିଚାଳନାରେ କୃଷି ବିଜ୍ଞାନ କେନ୍ଦ୍ରର ସମସ୍ତ ବୈଜ୍ଞାନିକ ଓ କର୍ମଚାରୀ ସହଯୋଗ କରିଥିଲେ।

ତିନି ରାଜ୍ୟ ସୀମାନ୍ତରେ ବେଆଇନ ଖଣି କାରବାର
ଖଣି ବିଭାଗ ଓ ପୁଲିସର ଚଢ଼ଉ; ବହୁ ପରିମାଣର ଧଳାପଥର ଜବତ

ସାରସକଣା,୩।୧୧(ସମିସ):

ସାରସକଣା ବ୍ଲକ ଝାରପୋଖରିଆ ଥାନା ଅନ୍ତର୍ଗତ ତିନି ରାଜ୍ୟର ମିଳନସ୍ଥଳୀ ଜାମଶୋଳାଠାରେ ବେଆଇନ ଖଣି କାରବାରକୁ ନେଇ ଏବେ ଜୋର୍‌ଦାର ଚର୍ଚ୍ଚା ହେଉଛି। ଖଣିଜ ସମ୍ପଦର ବେଆଇନ ଉତ୍ତୋଳନ ଓ ଚାଲାଣ ଅଭିଯୋଗ ମଧ୍ୟରେ ଜିଲ୍ଲା ଖଣି ବିଭାଗ ଓ ଝାରପୋଖରିଆ ପୁଲିସର ମିଳିତ ଚଢ଼ଉ ଘଟଣାକୁ ନୂଆ ମୋଡ଼ ଦେଇଛି। ଏହି ଚଢ଼ଉରେ ତିନିଟି ଟ୍ରକ୍‌ରୁ ଅଧିକ ପରିମାଣର ଧଳା ପଥର ଜବତ ହୋଇଥିବା ସୂଚନା ମିଳିଛି। ତେବେ ଏତେ ପରିମାଣର ପଥର କେଉଁଠାରୁ ଆସିଲା ଓ କାହା ନିର୍ଦ୍ଦେଶରେ ଏହା ପରିବହନ ହେଉଥିଲା, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି।

ଅଭିଯୋଗ ଅନୁଯାୟୀ, ଝାରପୋଖରିଆ ଥାନା ଅଧୀନ ଜାମଶୋଳା ଅଞ୍ଚଳରେ ଦୀର୍ଘଦିନ ଧରି ବେଆଇନ ଭାବେ ଧଳାପଥର ଉତ୍ତୋଳନ କରାଯାଇ ବଡ଼ ବଡ଼ ଗାଡ଼ିରେ ରାତିଅଧିଆ ଅନ୍ୟ ରାଜ୍ୟକୁ ଚାଲାଣ ହେଉଥିଲା। ଏହି କାରବାର ପଛରେ ଏକ ସଂଗଠିତ ନେଟୱାର୍କ କାମ କରୁଥିବା ନେଇ ମଧ୍ୟ ସ୍ଥାନୀୟ ମହଲରେ ଚର୍ଚ୍ଚା ହେଉଥିଲା। ଯଦି ଏହି ଅଭିଯୋଗରେ




ସତ୍ୟତା ରହିଛି, ତେବେ ଏତେଦିନ ଧରି ଏଭଳି କାରବାର କିପରି ଚାଲିଥିଲା, ତାହା ନିଶ୍ଚିତ ଭାବେ ତଦନ୍ତସାପେକ୍ଷ। ଜାମଶୋଳା ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗର ସୀମାନ୍ତ ମିଳନସ୍ଥଳୀ ହୋଇଥିବାରୁ ଏହି ଅଞ୍ଚଳର ଭୌଗୋଳିକ ଗୁରୁତ୍ୱ ଅଧିକ। ଏଭଳି ଏକ ସମ୍ବେଦନଶୀଳ ସୀମାନ୍ତ ଅଞ୍ଚଳରେ ଖଣିଜ ସମ୍ପଦର ବେଆଇନ ଉତ୍ତୋଳନ ଓ ଅନ୍ତରାଜ୍ୟ ଚାଲାଣ ଅଭିଯୋଗକୁ ହାଲୁକା ଭାବେ ନିଆଯାଇପାରିବ ନାହିଁ। ଏହାଦ୍ୱାରା ସରକାରଙ୍କ ବିପୁଳ ରାଜସ୍ୱ କ୍ଷତି ହେବା ସହ ପରିବେଶ ଓ ପ୍ରାକୃତିକ ସମ୍ପଦ ଉପରେ ମଧ୍ୟ ଗୁରୁତର ପ୍ରଭାବ ପଡ଼ିବାର ଆଶଙ୍କା ରହିଛି।

ଅନ୍ୟପକ୍ଷରେ ଚଢ଼ଉରେ ତିନି ଟ୍ରକ୍‌ରୁ ଅଧିକ ଧଳା ପଥର ଜବତ ହେବା ପରେ ତଦନ୍ତର ପରବର୍ତ୍ତୀ ଦିଗକୁ ନେଇ ପ୍ରଶ୍ନ ଉଠିଛି। ଜବତ ପଥର କେଉଁ ଖଣି କିମ୍ବା ସ୍ଥାନରୁ ଉତ୍ତୋଳନ ହୋଇଥିଲା? ଏହା ପରିବହନ ପାଇଁ ଆବଶ୍ୟକ ଟ୍ରାନ୍‌ଜିଟ୍ ପରମିଟ୍ ଓ ଅନ୍ୟାନ୍ୟ ଅନୁମତି ଥିଲା କି? ଏହି କାରବାରରେ କେଉଁ ବ୍ୟକ୍ତି, ବ୍ୟବସାୟୀ କିମ୍ବା ସଂସ୍ଥାର ସମ୍ପୃକ୍ତି ରହିଛି? ଏସବୁ ଦିଗରେ ନିରପେକ୍ଷ ତଦନ୍ତ ହେବା ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏତେ ପରିମାଣର ଖଣିଜ ପଦାର୍ଥ ଜବତ ହେବା ପରେ ମଧ୍ୟ ଥାନାରେ ମାମଲା ରୁଜୁ ନେଇ ସ୍ୱଷ୍ଟତା ନ ଥିବା ଅଭିଯୋଗ ଅନେକଙ୍କୁ ଚକିତ କରିଛି। ଯଦି ମାମଲା ରୁଜୁ ହୋଇନାହିଁ, ତେବେ ଏହାର କାରଣ କ'ଣ? ଜବତ ଗାଡ଼ି ଓ ପଥର ସମ୍ପର୍କରେ କେଉଁ ଆଇନଗତ ପଦକ୍ଷେପ ନିଆଯାଇଛି? ଏ ନେଇ ଖଣି ବିଭାଗ ଓ ପୁଲିସ ପ୍ରଶାସନର ସ୍ପଷ୍ଟୀକରଣ ଜରୁରୀ। କେବଳ ଚଢ଼ାଉ କରି ଗାଡ଼ି ଓ ପଥର ଜବତ କରିଦେଲେ ବେଆଇନ ଖଣି କାରବାର ଉପରେ ସ୍ଥାୟୀ ରୋକ୍ ଲାଗିପାରିବନାହିଁ। ଏହା ପଛରେ ଥିବା ପ୍ରକୃତ କାର୍ପଟଦାର, ଚାଲାଣକାରୀ ଓ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଚିହ୍ନଟ କରି ଆଇନ ଅନୁଯାୟୀ କଠୋର ପଦକ୍ଷେପ ନେବା ଆବଶ୍ୟକ। ନଚେତ୍ ଏଭଳି ଚଢ଼ଉ କେବଳ ସାମୟିକ ଚର୍ଚ୍ଚାରେ ସୀମିତ ରହିଯିବ। ଏବେ ଜିଲ୍ଲା ଖଣି ବିଭାଗ ଓ ଝାରପୋଖରିଆ ପୁଲିସର ପରବର୍ତ୍ତୀ ପଦକ୍ଷେପକୁ ଅପେକ୍ଷା। ଜବତ ପଥରର ଉତ୍ସ ଖୋଜାଯିବ ନା ପ୍ରକୃତ କାରବାରୀଙ୍କୁ ଚିହ୍ନଟ କରିବା ପୂର୍ବରୁ ଘଟଣା ଶୀତଳଭଣ୍ଡାରକୁ ଚାଲିଯିବ, ତାହା ହିଁ ଏବେ ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି।

- **ଜୀବିକା ବିକାଶ ପାଇଁ ପ୍ରୟାସ**

୬୨ ହିତାଧିକାରୀଙ୍କୁ ମହୁମାଛି ବାକ୍ସ ପ୍ରଦାନ



ବାରିପଦା, ୩।୧୧(ସମିସ): ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ସହ ମହୁ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ରାଇରଙ୍ଗପୁର ବନ ବିଭାଗ ପକ୍ଷରୁ ଏକ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି। ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ଼ର ମିଳିତ ସହଯୋଗରେ ବିଶୋଇ ବନ ରେଞ୍ଜ ଅଞ୍ଚଳର ୬୨ ଜଣ ହିତାଧିକାରୀଙ୍କୁ ମହୁମାଛି ବାକ୍ସ ବିତରଣ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ସୁବ୍ରତ କୁମାର ପାତ୍ର, ତ୍ରିଲୋଚନ ରାୟ, ଲୋକନାଥ ସାହୁ, ବନପାଳ ଯଶୋବନ୍ତ ମହାକୁଡ଼, ସଚ୍ଚିକାନ୍ତ ଦିଗାର, ସଂଯୋଜକ ଶକ୍ତିଦତ୍ତ ମହାପାତ୍ର ଓ ଆଶିଷ କୁମାର ମହାନ୍ତଙ୍କ ସମେତ ଖଦି ବୋର୍ଡର କର୍ମଚାରୀମାନେ ଉପସ୍ଥିତ ଥିଲେ। ଏ ଅବସରରେ ବନଖଣ୍ଡ ଅଧିକାରୀ ଶ୍ରୀ ପାତ୍ର ପ୍ରକାଶ କରିଛନ୍ତି ଯେ, ଏହି କାର୍ଯ୍ୟକ୍ରମ ଦ୍ୱାରା ସ୍ଥାନୀୟ ଲୋକଙ୍କ ନିମନ୍ତେ ନୂତନ ଜୀବିକାର ସୁଯୋଗ ସୃଷ୍ଟି ହେବା ସହ ଆର୍ଥିକ ଉନ୍ନତି, ପରିବେଶ ସୁରକ୍ଷା ଓ ମହୁ ଉତ୍ପାଦନ ବୃଦ୍ଧି ପାଇପାରିବ। ମହୁମାଛି ବାକ୍ସ ପାଇବା ପରେ ହିତାଧିକାରୀମାନେ ଉତ୍ସାହ ପ୍ରକାଶ କରିବା ସହ ଚାଷ କାର୍ଯ୍ୟକୁ ଆଗକୁ ବଢ଼ାଇବାକୁ ସଂକଳ୍ପ ନେଇଛନ୍ତି।



ବିଗୁଡୁଛି ପରିବେଶ ସନ୍ତୁଳନ ବ୍ୟବସ୍ଥା

କୀଟପତଙ୍ଗଙ୍କ ପାଇଁ କାଳ ସାଜିବ ଦୀପାବଳି

ଭୁବନେଶ୍ୱର, ୩।୧୧(ସମିସ)

ପୂର୍ବରୁ ଶୀତ ପଡୁ ପଡୁ ବିଭିନ୍ନ କୀଟପତଙ୍ଗଙ୍କୁ ଦେଖିବାକୁ ମିଳୁଥିଲା। ବିଶେଷ କରି ଦୀପାବଳୀ ପାଖାପାଖି ଅଧିକ ଛୋଟ ଛୋଟ କୀଟ ଦେଖାଯାଇଥାନ୍ତି। ହେଲେ ଏବେ ବାଣ ଫୁଟାଇବା ଦ୍ୱାରା ଉଚ୍ଚ ଶବ୍ଦ ଓ ବିଷାକ୍ତ ଧୂଆଁ ପାଇଁ ଅନେକ କୀଟପତଙ୍ଗଙ୍କ ମୃତ୍ୟୁ ହୋଇଯାଉଛି। ଯାହା ଫଳରେ ପରିବେଶ ଓ ନିରୀହ ଜୀବଜଗତ ଉପରେ ବିପର୍ଯ୍ୟୟ ଆଣିଦେଉଛି।

ବାଣରେ ସଲଫର୍ ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଡାଇଅକ୍ସାଇଡ୍, କାର୍ବନ୍ ମନୋକ୍ସାଇଡ୍ ସହିତ ବିଭିନ୍ନ ଭାରୀ ଧାତୁ ବେରିୟମ୍, ସୀସା ଏବଂ କ୍ୟାଡମିୟମ୍ ଭଳି ଅତି କ୍ଷତିକାରକ ରାସାୟନିକ ଧୂଳିକଣା ପିଏମ୍ ୨.୫ ଏବଂ ପିଏମ୍ ୧୦ ରହିଛି। ଝିଣ୍ଟିକା, ମହୁମାଛି, ଜୁଳୁଜୁଳିଆ ପୋକ, ସଞ୍ଜ ପୋକ ବାଣରୁ ବାହାରୁଥିବା ବିଷାକ୍ତ ଧୂଆଁ ଦ୍ୱାରା ଅଧିକ ଶିକାର ହୁଅନ୍ତି। କୀଟପତଙ୍ଗଙ୍କ ଶରୀରରେ ଥିବା ସୂକ୍ଷ୍ମ ଶ୍ୱାସରନ୍ଧ୍ର ବାଣରୁ ନିର୍ଗତ ସଲଫର୍ ଓ କଳା ଧୂଆଁରେ ବନ୍ଦ ହୋଇଯାଏ। ଯାହାଫଳରେ ସେମାନେ ଉଡ଼ି ନ ପାରି ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ମୁଖରେ ପଡିଥାନ୍ତି।



ଧୂଆଁ ଓ ବିଷାକ୍ତ ଗ୍ୟାସରେ ବିପନ୍ନ କୀଟପତଙ୍ଗଙ୍କ ଜୀବନ

ଜୁଳୁଜୁଳିଆ ପୋକମାନେ ନିଜ ଶରୀରରୁ ପ୍ରାକୃତିକ ଆଲୋକ ବିକିରଣ କରି ପରସ୍ପର ସହ ସଂପର୍କ ସ୍ଥାପନ ଓ ବଂଶବୃଦ୍ଧି କରନ୍ତି। ହେଲେ ବାଣର ଉଜ୍ଜ୍ୱଳ ଆଲୋକ ଓ ବିସ୍ଫୋରଣ ଶବ୍ଦ ସେମାନଙ୍କ ସ୍ୱାଭାବିକ ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ବ୍ୟାହତ କରିଥାଏ। ଏହିପରି ଅସଂଖ୍ୟ ସଞ୍ଜ ପୋକ ଏବଂ ରାତ୍ରିଚର ପତଙ୍ଗ ଉଜ୍ଜ୍ୱଳ ଆଲୋକ ଦ୍ୱାରା ଆକର୍ଷିତ ହୋଇ ଫୁଟୁଥିବା ବାଣର ଅଗ୍ନିଶିଖା ନିକଟକୁ ଚାଲିଆସନ୍ତି ଏବଂ ଜଳିପୋଡ଼ି ପାଉଁଶ ହୋଇଯାନ୍ତି। ଏହି କୀଟପତଙ୍ଗ କେବଳ ଛୋଟ ପୋକ ନୁହନ୍ତି ସେମାନେ ଆମ ଖାଦ୍ୟଶୃଙ୍ଖଳ ଏବଂ ପରାଗସଙ୍ଗମର ମୁଖ୍ୟ ଆଧାର ହୋଇଥାନ୍ତି। ଜୁଳୁଜୁଳିଆ ଓ ସଞ୍ଜ ପୋକ ମରିଗଲେ ବଗ, ଚଢ଼େଇ, ଏଣ୍ଡୁଅ, ବେଙ୍ଗ ଭଳି ଜୀବଙ୍କ ଖାଦ୍ୟ ଅଭାବ ହୁଏ ଏବଂ ଶସ୍ୟ ତଥା ଫସଲ ଉତ୍ପାଦନରେ ଗୁରୁତର ବ୍ୟାଘାତ ସୃଷ୍ଟି ହୋଇଥାଏ।

ଦୀପାବଳିର ମୂଳ ଉଦ୍ଦେଶ୍ୟ ହେଉଛି ଜୀବନର ଉଲ୍ଲାସ, ମୃତ୍ୟୁ ବା ଧ୍ୱଂସ ନୁହେଁ। ଯଦି ଆମର ଗୋଟିଏ ରାତିର ଉତ୍ସବ ଅସଂଖ୍ୟ ନିରୀହ ଜୀବଙ୍କ ଜୀବନ ନେଇଯାଏ ତେବେ ତାହାକୁ ଶୁଭ ବୋଲି କୁହାଯାଇପାରିବ ନାହିଁ। ମାଟି ଦୀପର ଆଲୋକରେ ଘର ସଜାଇବା, ବାଣ ବର୍ଜନ କରି ସବୁଜ ଦୀପାବଳି ପାଳନ କରିବା ଏବଂ ପ୍ରକୃତିର ସନ୍ତୁଳନ ରକ୍ଷା କରିବା ହିଁ ଏହି ପର୍ବର ପ୍ରକୃତ ସାରମର୍ମ। ଯେଉଁଦିନ ଗାଁ ଦାଣ୍ଡରେ ମାଟିଦୀପ ସାଙ୍ଗକୁ ଜୁଳୁଜୁଳିଆ ପୋକର ଝିଲିମିଲି ଆଲୋକ ନିରାପଦରେ ଉଡ଼ିବୁଲିବ, ସେହିଦିନ ହିଁ ଆଲୋକର ଉତ୍ସବ ଯଥାର୍ଥ ପ୍ରମାଣିତ ହେବ ବୋଲି ପକ୍ଷୀ ବିଶେଷଜ୍ଞ ପ୍ରମୋଦ ଧଳ କହିଛନ୍ତି।

ମାଳତିଲତା ପ୍ରଧାନଙ୍କୁ 'ଭିକାରୀ ବଳ' ସମ୍ମାନ



ଭୁବନେଶ୍ୱର,୩।୧୧(ସମିସ): 'ୟୁଥ୍' ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ତରଫରୁ ଭିକାରୀ ବଳଙ୍କ ଶ୍ରାଦ୍ଧ ବାର୍ଷିକି ଜୟଦେବ ଭବନଠାରେ ଅନୁଷ୍ଠିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସତନ୍ତ୍ର ଅତିଥି ଭାବେ ବିଧାୟକ ବାବୁ ସିଂ, ମୁଖ୍ୟବକ୍ତା ଭାବରେ ବରିଷ୍ଠ ନେତା ଗୋଲକ ମହାପାତ୍ର, ସମ୍ମାନୀତ ଅତିଥି ଭାବରେ ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ଅତିରିକ୍ତ ସଚିବ ଡ. ସ୍ମିତା ମହାନ୍ତି, ଗୋବିନ୍ଦ ପଟ୍ଟନାୟକ ଏବଂ ୟୁଥ୍‌ର କାର୍ଯ୍ୟକାରୀ ସଂଯୋଜକ ଅମୃତା ଲୋପାମୁଦ୍ରା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ଗୀତିକାର ରାଧାନାଥ ଦାଶ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବରେ ଆକାଶବାଣୀ ଗୀତିକାର ମାଳତି ଲତା ପ୍ରଧାନଙ୍କୁ 'ଭିକାରୀ ବଳ ସମ୍ମାନ-୨୦୨୬ ରେ ସମ୍ମାନିତ କରାଯାଇଥିଲା। ପୂର୍ବରୁ ହୋଇଥିବା ଭଜନ ସଂଗୀତ ପ୍ରତିଯୋଗୀତାର ବିଚାରକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭିକାରୀ ବଳଙ୍କ ସଂଗୀତ ଓ ଭଜନକୁ ବ୍ରଜମୋହନ ଜୀ, ଶ୍ରୀକର ପାଢୀ, ଅଶ୍ୱିନୀ ମହାନ୍ତି, ରବୀନାରାୟଣ ଦାସ, ସାଗରିକା ପଟ୍ଟନାୟକ ପ୍ରମୁଖ ବରିଷ୍ଠ କଣ୍ଠଶିଳ୍ପୀ ଭିକାରୀ ବଳଙ୍କ ଭଜନ ପରିବେଷଣ କରିଥିଲେ। ଇଂ ଶ୍ରୀନିବାସ ଘଟୁଆରୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ, ଅମୀୟ ଜେନା, ପ୍ରଶାନ୍ତ ନାୟକ, ପ୍ରତ୍ୟୁଷ ମାନ୍ଧାତା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ସୋଆରେ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,୩।୧୧(ସମିସ):ଭାରତର ବିଶିଷ୍ଟ ସ୍ନାୟୁଶଲ୍ୟ ବିଶେଷଜ୍ଞ ପଦ୍ମଶ୍ରୀ ପ୍ରଫେସର (ଡାକ୍ତର) ଅଶୋକ କୁମାର ମହାପାତ୍ରଙ୍କ ବିୟୋଗରେ ମଙ୍ଗଳବାର ସୋଆ ପରିସରରେ ଦୁଇଟି ପୃଥକ୍ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଶୋକସଭାରେ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ପ୍ରଫେସର ମହାପାତ୍ରଙ୍କ ସହ ବିଶ୍ୱବିଦ୍ୟାଳୟର ଦୀର୍ଘଦିନର ସମ୍ପର୍କ ଏବଂ ଚିକିତ୍ସା ବିଜ୍ଞାନ ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ତାଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣ କରିବା ସହ ସୋଆର ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ତାଙ୍କର ଉଦ୍ୟମ ଓ ଉତ୍କର୍ଷ ପ୍ରତି ନିଷ୍ଠାକୁ ଉଲ୍ଲେଖ କରିଥିଲେ। ସୋଆର ଆନ୍ତର୍ଜାତିକ ପରାମର୍ଶଦାତା ବୋର୍ଡର ଅଧ୍ୟକ୍ଷ ପ୍ରଫେସର ଦାମୋଦର ଆଚାର୍ଯ୍ୟ, ଉପକୁଳପତି ତଥା ରେଜିଷ୍ଟ୍ରାର ପ୍ରଫେସର ବିଭୂତି ଭୂଷଣ ପ୍ରଧାନ, ଉପକୁଳପତି ପ୍ରଫେସର (ଡ.) ନୀତା ମହାନ୍ତି, ପ୍ରଫେସର (ଡ.) ପ୍ରସେନଜିତ ମହାନ୍ତି, ପ୍ରଫେସର ପ୍ରଶାନ୍ତ କୁମାର ପାତ୍ର, ପ୍ରଫେସର ଅନୁପ କୁମାର ସାମନ୍ତରାୟ ଓ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମଞ୍ଜୁଳା ଦାସ ପ୍ରମୁଖ ଦିବଂଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସେହିପରି ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍ ଆଣ୍ଡ ସମ୍ ହସ୍ପିଟାଲ ପକ୍ଷରୁ ଆୟୋଜିତ ଶୋକସଭାରେ ଉପସ୍ଥିତ ଡାକ୍ତର ଓ ଅନ୍ୟ କର୍ମଚାରୀମାନେ ସ୍ୱର୍ଗତଃ ଡ. ମହାପାତ୍ରଙ୍କ ଅବଦାନକୁ ସ୍ମରଣ କରିଥିଲେ। ଆଇଏମ୍ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡ.) ସଂଘମିତ୍ରା ମିଶ୍ର, ମେଡିକାଲ ସୁପରିନଟେଣ୍ଡେଣ୍ଟ ପ୍ରଫେସର (ଡ.) ପୁଷ୍ପରାଜ ସାମନ୍ତସିଂହାର ଦିବଂଗତ ଆତ୍ମାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଲେଖକ ସାମ୍ମୁଖ୍ୟ ପକ୍ଷରୁ ଶୋକସଭା



ଭୁବନେଶ୍ୱର, ୩।୧୧(ସମିସ): ଲେଖକ ସାମ୍ମୁଖ୍ୟ, ଓଡ଼ିଶା ପକ୍ଷରୁ ଗୋକୁଳ ପ୍ଲାଜାଠାରେ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ରଙ୍କ ବିୟୋଗରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଯାଇଛି। ଡ. ଆଲେଖ ଚନ୍ଦ୍ର ପଢିଆରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦିକା ବିମଳା ସିଂହ, ଆଲୋଚନାରେ ସୀତାବଲ୍ଲଭ ମହାପାତ୍ର, ବିଜୟ କୁମାର ମହାନ୍ତି, ଡ. ଚକ୍ରଧର ଦାଶ, ଡ. ଆରତି କର, ରମାକାନ୍ତ ମିଶ୍ର, ଡ. ସିଦ୍ଧାର୍ଥ କାନୁନଗୋ, ବାସନ୍ତୀ ତ୍ରିପାଠୀ, ସୁନିଲ୍ କୁମାର୍ ନନ୍ଦ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ତାଙ୍କର ଏକ ଅବକ୍ଷୟ ପ୍ରତିମୂର୍ତ୍ତି ଏମସ୍ ସମ୍ମୁଖରେ ସ୍ଥାପନ ନିମନ୍ତେ ଅନୁଷ୍ଠାନ ତରଫରୁ ସରକାରଙ୍କୁ ନିବେଦନ ପତ୍ର ପ୍ରଦାନ ନିମନ୍ତେ ସ୍ଥିର କରାଯାଇଛି।

ପଦ୍ମଶ୍ରୀ ଡ଼ଃ ଅଶୋକ ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୩।୧୧(ସମିସ): ପୁଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ବରିଷ୍ଠ ଡାକ୍ତର ସ୍ନାୟୁବିଭାଗ ମୁଖ୍ୟ ଚିକିତ୍ସକ,ଗବେଷକ, ସାହିତ୍ୟିକ ପଦ୍ମଶ୍ରୀ ଡ. ଅଶୋକ କୁମାର ମହାପାତ୍ରଙ୍କ ବିୟୋଗରେ ଗଭୀର ଶୋକବ୍ୟକ୍ତ କରାଯାଇଛି। ବରିଷ୍ଠ ସାମ୍ବାଦିକ,ଅଭିଯାନର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀ ସ୍ମୃତି ଚାରଣ କରିଥିଲେ। ସଂସ୍କୃତି ପୁରୁଷ ଡ. ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସଂଯୋଜକ ବାପୁ ଓଝା, ମୁଖପାତ୍ର, ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ, ଶିକ୍ଷାବିତ ସୀତା ବଲ୍ଲଭ ମହାପାତ୍ର,ସଶକ୍ତ ବାର୍ତ୍ତା ସମ୍ପାଦକ ବିଜୟ କୁମାର ପ୍ରଧାନ ପ୍ରମୁଖ ସ୍ମୃତିଚାରଣ କରିଥିଲେ। ସ୍ନାୟୁ ଶଲ୍ୟ ଚିକିତ୍ସକ ପଦ୍ମଶ୍ରୀ ଡା. ଅଶୋକ କୁମାର ମହାପାତ୍ରଙ୍କ ବିୟୋଗ ଭାରତ ବିକାଶ ପରିଷଦ ଓଡ଼ିଶା ପୂର୍ବ ପ୍ରାନ୍ତ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଡାକ୍ତର ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ରଙ୍କ ବିୟୋଗରେ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଛି। ଏହି ସଭା ମଣ୍ଡଳର ଗୋପବନ୍ଧୁ ସଭା କକ୍ଷରେ ସୀତା ବଲ୍ଲଭ ମହାପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଅଲେଖ ଚନ୍ଦ୍ର ପଢ଼ିଆରୀ, ଡା. ଅକ୍ଷୟ ମିଶ୍ର, ପର୍ଶୁରାମ ଦ୍ୱିବେଦୀ, ଆରତି କର, ବାସନ୍ତୀ ତ୍ରିପାଠୀ, ରାମ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ଦିବଂଗତ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଏମ୍ସ ଭୁବନେଶ୍ୱରରେ ଡ. ମହାପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,୩।୧୧(ସମିସ):ଏମ୍ସ ଭୁବନେଶ୍ୱରର ପ୍ରତିଷ୍ଠାତା ନିର୍ଦ୍ଦେଶକ ପ୍ରଫେସର ଡ. ଅଶୋକ କୁମାର ମହାପାତ୍ରଙ୍କ ଅକାଳ ବିୟୋଗରେ ମଙ୍ଗଳବାର ଏମସ୍ ପକ୍ଷରୁ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ, ଡିନ୍ ଡ. ଦିଲ୍ଲୀପ କୁମାର ପରିଡ଼ା, ଡ. ମାନସ୍ୱିନୀ ମଙ୍ଗରାଜ, ମେଡିକାଲ୍ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀ ଏବଂ ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ୍ ସରକାର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

ଭୁବନେଶ୍ୱରରେ ଏଆଇଏନ୍‌ୟୁର ଅତ୍ୟାଧୁନିକ କିଡ୍‌ନୀ ଓ ୟୁରୋଲୋଜି ହସ୍ପିଟାଲ୍ ଉଦ୍‌ଘାଟିତ



ଭୁବନେଶ୍ୱର, ୩।୧୧(ସମିସ): ଏସିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ନେଫ୍ରୋଲୋଜି ଆଣ୍ଡ ୟୁରୋଲୋଜି (ଏଆଇଏନ୍‌ୟୁ) ପକ୍ଷରୁ ଭୁବନେଶ୍ୱରରେ ଅତ୍ୟାଧୁନିକ କିଡନୀ ଓ ୟୁରୋଲୋଜି ହସ୍ପିଟାଲ୍ ଆରମ୍ଭ କରାଯାଇଛି। ଏହା ଦେଶରେ ଅନୁଷ୍ଠାନର ଅଷ୍ଟମ ହସ୍ପିଟାଲ୍। ଓଲିଉଡ୍ ଅଭିନେତା ସବ୍ୟସାଚୀ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ହସ୍ପିଟାଲ୍‌ରେ ୧୨ଟି ଡାଏଲିସିସ୍ ଷ୍ଟେସନ୍, ତିନୋଟି ଅପରେସନ୍ ଥିଏଟର, ୩୨ଟି ସ୍ଲାଇସ୍ ସିଟି ସ୍କାନର୍ ଓ ଅତ୍ୟାଧୁନିକ ଲେଜର୍ ଏବଂ ଲାପାରୋସ୍କୋପିକ୍ ସୁବିଧା ରହିଛି। ଖୁବ୍‌ଶୀଘ୍ର ରୋବୋଟିକ୍ ସହାୟତାରେ ଅସ୍ତ୍ରୋପଚାର ଆରମ୍ଭ ହେବ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶକ ଡା. ମଲ୍ଲିକାର୍ଜୁନ ସି କହିଛନ୍ତି ଯେ, ଏହି ସମ୍ପ୍ରସାରଣ ଦ୍ୱାରା ଓଡ଼ିଶାବାସୀଙ୍କୁ ଗୁଣାତ୍ମକ ଓ ସୁଲଭ କିଡନୀ ଏବଂ ୟୁରୋଲୋଜି ଚିକିତ୍ସା ଯୋଗାଇବା ସହଜ ହେବ। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ପୂର୍ଣ୍ଣଚନ୍ଦ୍ର ରେଙ୍ଗୀ ଓ ପରାମର୍ଶଦାତା ଡା. ପ୍ରଶାନ୍ତ ନାୟକ ମଧ୍ୟ ରୋଗୀକୈନ୍ଦ୍ରିକ ଓ ପ୍ରମାଣଭିତ୍ତିକ ଚିକିତ୍ସା ସେବା ଉପରେ ଗୁରୁତ୍ୱ ଦେଇଥିଲେ।

ଏସୟୁଡି ଲାଇଫର ଗ୍ରୁପ୍ କ୍ରେଡିଟ୍ ଲାଇଫ୍ ଇନ୍ସୁରାନ୍ସ ଯୋଜନା

ଭୁବନେଶ୍ୱର,୩।୧୧(ସମିସ): ଷ୍ଟାର ୟୁନିଅନ୍ ଡାଏ-ଇଚି ଲାଇଫ ଇନ୍ସୁରାନ୍ସ ତଥା ଏସୟୁଡି ଲାଇଫର ଏକ ଗ୍ରୁପ୍ କ୍ରେଡିଟ୍ ଲାଇଫ୍ ବୀମା ଯୋଜନା 'ଏସୟୁଡି ଲାଇଫ୍ ସମ୍ପୂର୍ଣ୍ଣ ଲୋନ ସୁରକ୍ଷା ପ୍ଲସ' ଓଡ଼ିଶାର ଜଣେ ବ୍ୟବସାୟୀଙ୍କ ପରିବାରକୁ ବକେୟା ଗୃହ ଋଣର ଆର୍ଥିକ ବୋଝରୁ ସୁରକ୍ଷା ପ୍ରଦାନ କରିଛି। ଏହି ଘଟଣା ଅପ୍ରତ୍ୟାଶିତ ପରିସ୍ଥିତିରେ ପରିବାରକୁ ଆର୍ଥିକ ସୁରକ୍ଷା ଯୋଗାଇବାରେ ବୀମାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପୁଣିଥରେ ଉଜାଗର କରିଛି। ଓଡ଼ିଶାର ବ୍ରହ୍ମପୁର–ହଳଦିଆପଦର ଅଞ୍ଚଳର ଜଣେ ବ୍ୟବସାୟୀ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ହଳଦିଆପଦର ଶାଖାରୁ ଗୃହ ଋଣ ନେଇଥିଲେ। ଏଥିସହ ସେ ଏସୟୁଡି ଲାଇଫ୍ ର 'ସମ୍ପୂର୍ଣ୍ଣ ଲୋନ୍ ସୁରକ୍ଷା ପ୍ଲସ୍' ଯୋଜନା ଅଧୀନରେ ଗ୍ରୁପ୍ କ୍ରେଡିଟ୍ ଲାଇଫ୍ ଇନ୍ସୁରାନ୍ସ ମଧ୍ୟ ଗ୍ରହଣ କରିଥିଲେ। ଏହି ବୀମା ଯୋଜନାରେ ପ୍ରାୟ ୧୬.୫୩ ଲକ୍ଷ ଟଙ୍କାର ବୀମା ରାଶି ସୁନିଶ୍ଚିତ କରାଯାଇଥିଲା। ଦାବି ଉପସ୍ଥାପନ ପରେ ବୀମା କମ୍ପାନୀ ମାତ୍ର ୧୨ ଦିନ ମଧ୍ୟରେ ଏହାର ସମାଧାନ କରିଥିଲା। ବୀମାଭୁକ୍ତ ବ୍ୟକ୍ତିଙ୍କ ଦେହାନ୍ତ ତାରିଖ ସୁଦ୍ଧା ବକେୟା ଗୃହ ଋଣର ପରିମାଣ ୧୪.୭୯ ଲକ୍ଷ ଟଙ୍କା ଥିବାବେଳେ, ବୀମା ଦାବି ବାବଦରେ ୧୩,୮୬,୯୬୯ ଟଙ୍କା ପ୍ରଦାନ କରାଯାଇଥିଲା। ଏହି ଘଟଣା ସମ୍ପର୍କରେ ମତବ୍ୟକ୍ତ କରି ଏସୟୁଡି ଲାଇଫ୍‌ର ପରିଚାଳନା ନିର୍ଦ୍ଦେଶକ ତଥା ସିଇଓ ଅଭୟ ତିୱାରୀ କହିଛନ୍ତି, ଆର୍ଥିକ ଯୋଜନା କେବଳ ସମ୍ପତ୍ତି ସୃଷ୍ଟିରେ ସୀମିତ ନୁହେଁ, ବରଂ ଭବିଷ୍ୟତର ଅନିଶ୍ଚିତତାରୁ ନିଜ ପ୍ରିୟଜନଙ୍କୁ ସୁରକ୍ଷା ଦେବା ମଧ୍ୟ ଏହାର ଏକ ଅବିଚ୍ଛେଦ୍ୟ ଅଂଶ।



ୟାଁଳା କପ୍ କ୍ରିକେଟ୍: ସେମିରେ କେସୁରା, ୟାଁଳା



ୟାଁଳା,୩।୧୧(ସମିସ) : ସ୍ଥାନୀୟ ରାଧାମାଧବ କ୍ଲବ ଆନୁକୂଲ୍ୟରେ ନବମ ପଞ୍ଚାୟତ ଲେଭୁଲ୍ କର୍କ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ କ୍ୱାର୍ଟର ଫାଇନାଲ -୩ ମ୍ୟାଚ ଗଙ୍ଗପଡ଼ା ଏବଂ କେସୁରା ଦଳ ମଧ୍ୟରେ ହୋଇଥିଲା। ପ୍ରଥମେ, ଟସ୍ ଜିତି ଗଙ୍ଗପଡା ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ନିର୍ଦ୍ଧାରିତ ୧୫ ଓଭର୍ ଖେଳ ଶେଷସୁଧା ୧୪୮ ରନ୍ ବିନିମୟରେ ୯ ଉଇକେଟ ହାସଲ କରିଥିଲା। ଜବାବରେ କେସୁରା ଦଳ ୮.୩ ଓଭରରେ ମ୍ୟାଚଟିକୁ ଅତି ରୋମାଞ୍ଚକ ଭାବରେ ବିଜୟୀ ଲାଭ କରିଥିଲା। ସେହିପରି ଦ୍ୱିତୀୟ କ୍ୱାର୍ଟର ଫାଇନାଲ୍-୪ ୟାଁଳା ଏବଂ ବିଁ କୁଡ଼ିଆ ମଧ୍ୟରେ ମ୍ୟାଚ ହୋଇଥିଲା। ପ୍ରଥମେ ଟସ୍ ଜିତି ୟାଁଳା ଟିମ୍ ବ୍ୟାଟିଂ ଆରମ୍ଭ କରିଥିଲା। ଦଳ ନିର୍ଦ୍ଧାରିତ ୧୫ଓଭରରେ ଖେଳ ଶେଷସୁଧା ୨୪୫ରନ୍ ବିନିମୟରେ ୬ଉଇକେଟ ହାସଲକରିଥିଲା। ଜବାବରେ ବିଁ କୁଡିଆ ଦଳ ୧୫ ଓଭରରେ ମାତ୍ର ୧୯୩ ରନ୍ କରି ପରାସ୍ତ ହୋଇଥିଲା। ପ୍ରତାପ ବେହେରା ୩୫ ବଲରେ ୧୦୬ ରନ୍ ସହ ୨ ଉଇକେଟ୍ ହାସଲ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ।

ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, ୩।୧୧ (ସମିସ): ମଙ୍ଗଳବାର ଲୋକସେବା ଭବନର କନଭେନସନ୍ ହଲ୍‌ରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍)ର ୧୬ତମ ପ୍ରତିଷ୍ଠା ଦିବସ ସମାରୋହ ପାଳିତ ହୋଇଯାଇଛି ଏଥିରେ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମାରୋହରେ 'ଓଡ଼ିଶାରେ ଶିଶୁଙ୍କ ଅନ୍‌ଲାଇନ୍ ସୁରକ୍ଷା ମାର୍ଗଦର୍ଶିକା (୨୦୨୬–୨୦୩୦)' ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ଆୟୋଗ ଅଧ୍ୟକ୍ଷା ବବିତା ପାତ୍ର ସ୍ୱାଗତ ଭାଷଣ ଦେଇଥିଲେ। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶ୍ରମମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ସୱାଲ ଯୋଗଦେଇଥିଲେ। ଶିଶୁ ଅଧିକାର ସୁରକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବ୍ୟକ୍ତିବିଶେଷ, ସରକାରୀ ଅଧିକାରୀ ଓ ଅନୁଷ୍ଠାନକୁ ସମ୍ମାନିତ କରାଯାଇଥିଲା। ସାଂସ୍କୃତିକ ପରିବେଷଣରୁ ସମାରୋହ ଆରମ୍ଭ ହୋଇଥିଲା।

ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ୍‌ର ପ୍ରତିଷ୍ଠା ଦିବସ



ଭୁବନେଶ୍ୱର,୩।୧୧(ସମିସ): ଭୁବନେଶ୍ୱରରେ ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ନବମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ଲୋହିଆ ଏକାଡେମୀଠାରେ ଖୋର୍ଦ୍ଧା ଜିଲ୍ଲା କମିଟି ପକ୍ଷରୁ ଆୟୋଜିତ ଏହି ସମାବେଶରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶତାଧିକ ପେନସନଭୋଗୀ ଯୋଗଦେଇଥିଲେ। ରାଜ୍ୟ ସଭାପତି ଇଂ. ବିଜୟ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ବରିଷ୍ଠ ସାମ୍ବାଦିକ ପ୍ରଦୋଷ କୁମାର ପଟ୍ଟନାୟକ, ଶ୍ରମିକ ନେତା ଜନାର୍ଦ୍ଦନ ପତି ଓ ମୁଖ୍ୟ ଉପଦେଷ୍ଟା ରଞ୍ଜନ କୁମାର ଖୁଣ୍ଟିଆ ପ୍ରମୁଖ ଯୋଗ ଦେଇଥିଲେ। ସର୍ବନିମ୍ନ ମାସିକ ପେନସନ୍ ୯ ହଜାର ଟଙ୍କାକୁ ବୃଦ୍ଧି, ମହଙ୍ଗା ଭତ୍ତା ପ୍ରଦାନ, ନିଶୁଳ୍କ ଚିକିତ୍ସା ସୁବିଧା ଏବଂ ସୁପ୍ରିମକୋର୍ଟଙ୍କ ରାୟ ଅନୁଯାୟୀ ଯୋଗ୍ୟ ପେନସନଭୋଗୀଙ୍କୁ ଉଚ୍ଚତର ପେନସନ ପ୍ରଦାନ ଆଦି ଉପରେ ଆଲୋଚନା ହୋଇଥିଲା। ସଂଗଠନର ସାଧାରଣ ସମ୍ପାଦକ ଭାଗ୍ୟଧର ବ୍ରହ୍ମା କହିଥିଲେ ଯେ, ୨୦୧୮ ରୁ ସଂଗଠନ ଗଠନ ହେବା ପରଠାରୁ ପେନସନଭୋଗୀଙ୍କ ଦାବି ପୂରଣ ପାଇଁ ନିରନ୍ତର ଆନ୍ଦୋଳନ ଓ ଦାବିପତ୍ର ପ୍ରଦାନ କରାଯାଉଥିଲେ ମଧ୍ୟ ଏଯାଏଁ କୌଣସି ପଦକ୍ଷେପ ନିଆଯାଇନାହିଁ। ତେଣୁ ଆଗାମୀ ଦିନରେ ନିଜ ଦାବି ହାସଲ ପାଇଁ ଆନ୍ଦୋଳନକୁ ଗାଁଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଆହୁରି ତୀବ୍ର କରାଯିବ ବୋଲି ସଭାରେ ନିଷ୍ପତ୍ତି ହୋଇଛି। ଏଥିସହ ଆସନ୍ତା ଡିସେମ୍ବର ୧୫ ଓ ୧୬ ତାରିଖରେ ନୂଆଦିଲ୍ଲୀରେ ହେବାକୁ ଥିବା ସର୍ବଭାରତୀୟ ଆନ୍ଦୋଳନରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରୁ ପ୍ରତିନିଧି ଯୋଗଦେବେ ବୋଲି ସମ୍ପ୍ରତି ପ୍ରକାଶ ପାଇଛି।

ଅନ୍ତର୍ଜାତୀୟ ବାଣିଜ୍ୟ ମେଳା

ବୌଦ୍ଧିକ ଅନଗ୍ରସର ଶିଶୁ ଓ କିଶୋରଙ୍କ ପାଇଁ ସମାବେଶୀ ପ୍ରତିଭା ସମାରୋହ



ଭୁବନେଶ୍ୱର,୩।୧୧(ସମିସ): ଅଭୀଷ୍ଟ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ସ୍ଥାନୀୟ ଜନତା ମଇଦାନରେ ଅନୁଷ୍ଠିତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ 'ସମାବେଶୀ ପ୍ରତିଭା ସମାରୋହ' ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ୪୦ରୁ ଉର୍ଦ୍ଧ୍ୱ ବୌଦ୍ଧିକ ଅନଗ୍ରସର ଶିଶୁ ଓ କିଶୋରମାନେ ନୃତ୍ୟ, ସଙ୍ଗୀତ, ବାଦ୍ୟ ଯନ୍ତ୍ର ବାଦନ, ଯୋଗ, ଚିତ୍ରାଙ୍କନ ଆଦି ବିଭିନ୍ନ କଳା ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ,ଏକାମ୍ର ବିଧାୟକ ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭୁବନେଶ୍ୱର ଏମ୍ସର ମାନସିକ ରୋଗ ଚିକିତ୍ସା ବିଭାଗର ବିଭାଗୀୟ ମୁଖ୍ୟ ଡା. ବିଶ୍ୱ ରଞ୍ଜନ ମିଶ୍ର,ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ସଦସ୍ୟା ଚନ୍ଦନା ଦାସ, ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ମିହିର ସାହୁ,ଅଭୀଷ୍ଟ ଚାରିଟେବୁଲ ଟ୍ରଷ୍ଟର ସଂସ୍ଥାପିକା ତଥା ଅଧ୍ୟକ୍ଷା ଏଲି ପାଢୀ ପ୍ରମୁଖ ଯୋଗଦେଇଥିଲେ।

ଡମଣା ହାଟରେ ଶୀତଳ ଭଣ୍ଡାରର ଉଦ୍‌ଘାଟନ ସହ ପାର୍କିଂସ୍ଥଳର ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର,୩।୧୧(ସମିସ)

ଡମଣା ହାଟରେ ଶୀତଳ ଭଣ୍ଡାରର ଉଦ୍‌ଘାଟନ ଓ ପାର୍କିଂ ସ୍ଥଳର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଯାଇଛି। ଯୁବନେତା ମନୋଜ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ମେୟର ସୁଲୋଚନା ଦାସ ଯୋଗଦେଇ ଶୀତଳ ଭଣ୍ଡାରର ଉଦ୍‌ଘାଟନ କରିବା ସହ ଭିତ୍ତିପ୍ରସ୍ତର କାର୍ଯ୍ୟର ଉଦ୍‌ଘାଟନ କରିଥିଲେ। ୨୫ ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ନିର୍ମିତ ସୌରଚାଳିତ ଶୀତଳଭଣ୍ଡାରର ୧୦ ମେଟ୍ରିକ୍ ଟନର କ୍ଷମତା ରହିଛି। ଯାହାଦ୍ୱାରା ବ୍ୟବସାୟୀମାନେ ବଳକା ପରିବାକୁ ସୁରକ୍ଷିତ ରଖି ପାରିବେ। ସେହିପରି ୧ କୋଟି ୨୫ ଲକ୍ଷ ଟଙ୍କା ବ୍ୟୟ ଅଟ୍ଟକଳରେ ୧ ଏକର ପରିମିତ ଜାଗାରେ ପାର୍କିଂ ସ୍ଥଳ ନିର୍ମାଣ କରାଯିବ। ତଳେ ପେଭରବ୍ଲକ ପଡିବା ସହ ଚତୁପାର୍ଶ୍ୱରେ ସୁରକ୍ଷା ପାଇଁ ପାଚେରୀ ନିର୍ମାଣ କରାଯିବ। ଏଥିରେ ପ୍ରାୟ ୫୦୦ ଚାରିଚକିଆ ଓ ଦୁଇ ଚକିଆ ଗାଡି ରହି ପାରିବ। ୪ ମାସ ମଧ୍ୟରେ ନିର୍ମାଣ କାର୍ଯ୍ୟ ଶେଷ ହେବାର ସମୟ ସୀମା ରହିଛି। ଡମଣା ହାଟରେ ଦୀର୍ଘ ଦିନ ଧରି ଗାଡି ପାର୍କିଂ ସମସ୍ୟା ରହିଥିଲା। ବ୍ୟବସାୟୀ ଓ ଗ୍ରାହକମାନେ ବାଧ୍ୟ ହୋଇ ରାସ୍ତା ଉପରେ ଗାଡି ପାର୍କିଂ କରୁଥିବା ବେଳେ ବିଭିନ୍ନ ସମୟରେ ଗାଡି ମଧ୍ୟ ଚୋରି ହେଉଥିଲା। ପାର୍କିଂ ସ୍ଥଳ ନିର୍ମାଣ ହେଲେ ଏସବୁ ସମସ୍ୟା ଦୂର ହେବ ବୋଲି ଲୋକମାନେ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ହାଟର ସଭାପତି ଦେବେନ୍ଦ୍ର କୁମାର ସାହୁ, ସମ୍ପାଦକ ମନୋରଞ୍ଜନ ଦାଶ, ଜ୍ୟୋତିକାନ୍ତ ବେହେରା, ତୁଷାର ପ୍ରସାଦ ସାହୁ, ପ୍ରଫୁଲ୍ଲ କୁମାର ଭୂୟାଁ ଓ ସମସ୍ତ ବ୍ୟବସାୟୀ ଉପସ୍ଥିତ ଥିଲେ।



● ବ୍ଲକ୍ ଅଧ୍ୟକ୍ଷାଙ୍କ ମାମଲା ପରେ

ଭଦ୍ରକ ବ୍ଲକ୍‌ରେ ୮ଟି ପ୍ରକଳ୍ପର ଟେଣ୍ଡର ସ୍ଥଗିତ

● ହାଇକୋର୍ଟରେ ୪ କଲ୍ୟାଣ ମଣ୍ଡପ ମାମଲା ବିଚାରାଧୀନ ● ଅନ୍ୟ ୪ ପ୍ରକଳ୍ପ ପାଇଁ ହେବ ସାନି ଟେଣ୍ଡର

ଭଦ୍ରକ,୩।୧୧(ସମିସ)

ଭଦ୍ରକ ପଞ୍ଚାୟତ ସମିତି ଅଧୀନରେ ୮ଟି ଉନ୍ନୟନମୂଳକ ପ୍ରକଳ୍ପର ଟେଣ୍ଡର ପ୍ରକ୍ରିୟା ସ୍ଥଗିତ ରଖାଯାଇଛି। ଏନେଇ ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ଅଫିସ୍ ଆଦେଶ ନଂ ୫୯୨୬/୨.୧୧.୨୦୨୬ ବିଡିଓଙ୍କ ପକ୍ଷରୁ ଜାରି ହୋଇଛି। ହାଇକୋର୍ଟରେ ୪ଟି କଲ୍ୟାଣ ମଣ୍ଡପ ନିର୍ମାଣ ସମ୍ପର୍କିତ ମାମଲା ବିଚାରାଧୀନ ଥିବାବେଳେ ଟେଣ୍ଡର ଲଫାଫାରେ ପ୍ରକଳ୍ପର ନାମ ସ୍ପଷ୍ଟ ନ ଥିବାରୁ ପ୍ରଶାସନ ଏହି ପଦକ୍ଷେପ ନେଇଛି।

ସୂଚନା ଅନୁଯାୟୀ, ଗୁଜିରଦଡ଼ା ଓ ପୁରୁଣାବଜାର ନାରାୟଣ ଚନ୍ଦ୍ର ନୋଡାଲ ସରକାରୀ ହାଇସ୍କୁଲ, ସାଳନ୍ଦୀ ଡିଗ୍ରୀ ମହାବିଦ୍ୟାଳୟ ଏବଂ ପଲ୍ଲୀ ସ୍ଥିତ ଆଞ୍ଚଳିକ ସହଯୋଗ ସଂସ୍କୃତ ଡିଗ୍ରୀ କଲେଜରେ ନିର୍ମାଣ କାର୍ଯ୍ୟ ସହ ୪ଟି ପଞ୍ଚାୟତ ବରହମପୁର, ଓଲଙ୍ଗ, ବିଷ୍ଣୁପୁରବିନ୍ଧା ଓ ଗେଲପୁରରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଟେଣ୍ଡର ଆହ୍ୱାନ ହୋଇଥିଲା। ତେବେ କଲ୍ୟାଣ ମଣ୍ଡପ ସମ୍ପର୍କିତ ୪ଟି ପ୍ରକଳ୍ପ ଏବେ ହାଇକୋର୍ଟରେ ବିଚାରାଧୀନ ରହିଛି। ଖୋଦ୍ ବ୍ଲକ୍ ଅଧ୍ୟକ୍ଷା ବିଜିବିଓ(ବିକଶିତ ଗାଁ, ବିକଶିତ ଓଡ଼ିଶା) ପ୍ରକଳ୍ପ ନେଇ ହାଇକୋର୍ଟରେ ଆଶ୍ରୟ ନେବା ପରେ ମଧ୍ୟବର୍ତ୍ତୀ ରାୟରେ ହାଇକୋର୍ଟ ଏହା ଉପରେ ରୋକ୍ ଲଗାଇଛନ୍ତି। ଅନ୍ୟପକ୍ଷରେ ଅଫ୍‌ଲାଇନ୍‌ରେ ଦାଖଲ ହୋଇଥିବା ସିଲ୍ ଲଫାଫାରେ ପ୍ରକଳ୍ପର ନାମ ସ୍ପଷ୍ଟ ଭାବେ ଉଲ୍ଲେଖ ନ ଥିବାରୁ କୋର୍ଟରେ ବିଚାରାଧୀନ ପ୍ରକଳ୍ପଗୁଡ଼ିକୁ ଅନ୍ୟ ପ୍ରକଳ୍ପଠାରୁ ଅଲଗା କରିବା ସମ୍ଭବ ହୋଇ ନ ଥିଲା। ଫଳରେ ଟେଣ୍ଡର ଖୋଲିବା ପ୍ରକ୍ରିୟା ବାତିଲ୍ କରାଯାଇଛି। ପୂର୍ବରୁ ଦାଖଲ ହୋଇଥିବା ସମସ୍ତ ସିଲ୍ ଟେଣ୍ଡର ଲଫାଫା ବନ୍ଦ ଅବସ୍ଥାରେ ବ୍ଲକ୍ କାର୍ଯ୍ୟାଳୟରେ ସୁରକ୍ଷିତ ରହିବ। ଅଂଶଗ୍ରହଣକାରୀ ଠିକାଦାରମାନେ ଆବଶ୍ୟକ ପରିଚୟପତ୍ର, ଲିଖିତ ଆବେଦନ ଓ ପାଉତି ଦାଖଲ କରି ନିଜର ଟେଣ୍ଡର କାଗଜପତ୍ର ସହ ଜମା ଅର୍ଥ (ଇଏମ୍‌ଡି) ଫେରସ୍ତ ନେଇପାରିବେ। ଅନ୍ୟ ୪ଟି ଶ୍ରେଣୀଗୃହ ଓ କଲେଜ ନିର୍ମାଣ ପ୍ରକଳ୍ପ ପାଇଁ ସାନି ଟେଣ୍ଡର ଆହ୍ୱାନ କରାଯିବ ବୋଲି ଆଦେଶରେ ଉଲ୍ଲେଖ ରହିଛି। ଏହି ନିଷ୍ପତ୍ତି ପରେ ଉକ୍ତ ୮ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ କେବେ ଆରମ୍ଭ ହେବ ଏବଂ ସାନି ଟେଣ୍ଡର ପ୍ରକ୍ରିୟା କେବେ ସରିବ, ତାହା ଉପରେ ଏବେ ସମସ୍ତଙ୍କ ନଜର।



ସୂଚନାଯୋଗ୍ୟ, ବିଜେଡିରୁ ନିର୍ବାଚିତ ହୋଇ ପରେ ବିଜେପିରେ ଯୋଗଦେଇଥିବା ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକଙ୍କୁ ଅଣଦେଖା କରିବା ଓ ତାଙ୍କର ଓ ଗ୍ରାମସଭା ସୁପାରିସକୁ ବେଖାତିର୍ କରି ଜିଲ୍ଲାସ୍ତରୀୟ କମିଟିର ସୁପାରିସରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା'ର ବିଭିନ୍ନ ପ୍ରକଳ୍ପଗୁଡ଼ିକୁ ମଞ୍ଜୁର କରାଯାଉଥିଲା। ଏନେଇ ବ୍ଲକ୍ ଅଧ୍ୟକ୍ଷା ହାଇକୋର୍ଟରେ ଆଶ୍ରୟ ନେବା ପରେ ଶାସକ ଦଳର ରାଜନୈତିକ ଚିତ୍ର ଗୋଳିଆ ହୋଇଥିଲା। ଗୋଟିଏ ଗୋଷ୍ଠୀ ବ୍ଲକ୍ ଅଧ୍ୟକ୍ଷାଙ୍କୁ କଡ଼ା ଭର୍ତ୍ସନା କରି ତାଙ୍କ ଇସ୍ତଫା ଦାବି କରି ଗତ ଶନିବାର ବ୍ଲକ୍ ଅଧ୍ୟକ୍ଷାଙ୍କ ପ୍ରକୋଷ୍ଠରେ ତାଲା ପକାଇଥିଲେ। ପରେ ସୋମବାର ବ୍ଲକ୍ ଅଧ୍ୟକ୍ଷାଙ୍କ ସମର୍ଥକମାନେ ବିରାଟ ପଟୁଆରରେ ଆସି ତାଲା ଖୋଲିବା ପରେ ସେ ତାଙ୍କ ପ୍ରକୋଷ୍ଠରେ ବସିଥିଲେ। ଯାହା ବିଜେପି ଗୋଷ୍ଠୀକନ୍ଦଳକୁ ସିଧା ପ୍ରମାଣିତ କରିଥିଲା।

ଶିଶୁ ଶ୍ରମମୁକ୍ତ ଅଭିଯାନ ଅନ୍ତର୍ଗତ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା



ଭଦ୍ରକ,୩।୧୧(ସମିସ): ଶିଶୁ ଶ୍ରମମୁକ୍ତ ଗ୍ରାମ ପଞ୍ଚାୟତ ଗଠନ ନିମନ୍ତେ ଚାଲିଥିବା ୪୪ ଦିନିଆ ବିଶେଷ ଅଭିଯାନ ଅନ୍ତର୍ଗତ ଭଦ୍ରକ ଜିଲ୍ଲା ଶ୍ରମ ବିଭାଗ ଏବଂ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ସରକାରୀ ଉଚ୍ଚ ବିଦ୍ୟାଳୟ, ଭଦ୍ରକଠାରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ୭ଟି ବ୍ଲକ୍ ଭଦ୍ରକ, ବନ୍ତ, ଭଣ୍ଡାରିପୋଖରୀ, ଧାମନଗର, ଚାନ୍ଦବାଲି, ତିହିଡ଼ି ଓ ବାସୁଦେବପୁରରୁ ଶତାଧିକ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଶିଶୁ ଶ୍ରମ ବିରୋଧରେ ସଚେତନତା ସୃଷ୍ଟି, ଶିଶୁ ଅଧିକାର ସୁରକ୍ଷା ଏବଂ ଛାତ୍ରଛାତ୍ରୀମାନଙ୍କୁ ସକ୍ରିୟ ଅଂଶଗ୍ରହଣ ପାଇଁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଚାରୋଟି ବର୍ଗରେ ଯଥା- ପ୍ରବନ୍ଧ ଲେଖନ, ବିତର୍କ, ଚିତ୍ରାଙ୍କନ ଓ ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ଅବସରରେ ଛାତ୍ରଛାତ୍ରୀମାନେ ଶିଶୁ ଶ୍ରମ ଏକ ସାମାଜିକ ଅଭିଶାପ, ଶିକ୍ଷା ହିଁ ଶିଶୁର ଭବିଷ୍ୟତ ଏବଂ ଶିଶୁ ଶ୍ରମମୁକ୍ତ ସମାଜ ଗଠନରେ ସମସ୍ତଙ୍କ ଭୂମିକା ବିଷୟରେ ନିଜ ନିଜ ସୃଜନଶୀଳ ମତ ପ୍ରକାଶ କରିଥିଲେ। ରଙ୍ଗୋଲି ଓ ଚିତ୍ରାଙ୍କନ ମାଧ୍ୟମରେ ଶିଶୁ ଶ୍ରମ ବିରୋଧୀ ବାର୍ତ୍ତା ପ୍ରଦାନ କରିଥିଲେ। ଜିଲ୍ଲା ଶ୍ରମ ଅଧିକାରୀ ଶିବିର ପରିଚାଳନା କରିଥିବାବେଳେ ବିଜେତା କୃତୀ ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ଜିଲ୍ଲାସ୍ତରୀୟ ସମାରୋହରେ ପୁରସ୍କୃତ ଓ ସମ୍ମାନିତ କରାଯିବ ବୋଲି ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶ୍ରମ ବିଭାଗ ଓ ଶିକ୍ଷା ବିଭାଗର ଅଧିକାରୀ, ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

ପୁଣେରେ ସଡ଼କ ଦୁର୍ଘଟଣାରେ ହିତେଶଙ୍କ ମୃତ୍ୟୁ



ଏକମାତ୍ର ପୁତ୍ରକୁ ହରାଇ ପରିବାର ମର୍ମାହତ

ସହିଦ ନଗର/ଅସୁରାଳି, ୩।୧୧ (ସମିସ): ପୁଣେରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ ଧାମନଗର ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତ ଅନ୍ତର୍ଗତ କୋରୁଆ ଗ୍ରାମର ସଦାଶିବ ବେହୁରିଆଙ୍କ ଏକମାତ୍ର ପୁତ୍ର ହିତେଶ ବେହୁରିଆଙ୍କ (୨୦) ମୃତ୍ୟୁ ଘଟିଛି। ଏହି ଅକାଳ ବିୟୋଗରେ କୋରୁଆ ଗ୍ରାମ ସମେତ ସମଗ୍ର ପଞ୍ଚାୟତ ଅଞ୍ଚଳରେ ଶୋକର ବାତାବରଣ ଖେଳିଯାଇଛି। ପରିବାରର ଏକମାତ୍ର ପୁତ୍ର ହିତେଶଙ୍କ ମୃତ୍ୟୁ ଖବର ପାଇବା ପରେ ବାପା ସଦାଶିବ ଓ ପରିବାରବର୍ଗ ଭାଙ୍ଗି ପଡ଼ିଛନ୍ତି। ପୁଅକୁ ନେଇ ପରିବାର ଦେଖିଥିବା ଅନେକ ଆଶା ଓ ସ୍ୱପ୍ନ ମୁହୂର୍ତ୍ତକ ମଧ୍ୟରେ ମଉଳି ଯାଇଛି। ଏହି ଦୁଃଖଦ ଘଟଣା ସ୍ଥାନୀୟ ଅଞ୍ଚଳବାସୀଙ୍କୁ ମଧ୍ୟ ମର୍ମାହତ କରିଛି। ଖବର ପ୍ରଚାରିତ ହେବା ପରେ ପଞ୍ଚାୟତର ବହୁ ବୁଦ୍ଧିଜୀବୀ, ବରିଷ୍ଠ ବ୍ୟକ୍ତିବିଶେଷ ଏବଂ ବିଭିନ୍ନ ରାଜନୈତିକ ଦଳର ନେତା ଓ କର୍ମୀ ସଦାଶିବଙ୍କ ବାସଭବନରେ ପହଞ୍ଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ସାନ୍ତ୍ୱନା ଦେଇଛନ୍ତି।

ଚିତ୍ରଗୁପ୍ତ ପୂଜା ଓ ସମ୍ବର୍ଦ୍ଧନା ସଭା ପାଇଁ ପ୍ରସ୍ତୁତି



ଭଦ୍ରକ,୩।୧୧(ସମିସ): ଭଦ୍ରକ କରଣ ମହାସଭା ଆନୁକୂଲ୍ୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଚିତ୍ରଗୁପ୍ତଙ୍କ ପୂଜାଉତ୍ସବ ଆସନ୍ତା ନଭେମ୍ବର ୧୧ ତାରିଖ (ତୁଳା ମାସ ୨୫ ଦିନ ଶୁକ୍ଳ ଦ୍ୱିତୀୟା) ଦିନ ପାଳନ କରାଯିବ। ଭଦ୍ରକ ସାଳନ୍ଦୀ ହସ୍ପିଟାଲ ପରିସରସ୍ଥ ଡାକ୍ତର ପ୍ରଭାସ କୁମାର ମହାନ୍ତିଙ୍କ ବାସଭବନରେ ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚିତ୍ରଗୁପ୍ତଙ୍କ ପୂଜା ସହିତ ସମାଜକୁ ମହାର୍ଘ୍ୟ ଅବଦାନ ଓ ସେବାପାଇଁ ମହାସାଆନ୍ତ ଓ ସାଆନ୍ତାଣୀ ମା' ସମ୍ମାନ ପ୍ରଦାନ ଓ ସମ୍ବର୍ଦ୍ଧନା ମଧ୍ୟ ଆୟୋଜନ ପାଇଁ ସ୍ଥିର କରାଯାଇଛି। ଏହି କ୍ରମରେ ଚଳିତ ବର୍ଷ ସମାଜର ମୁରବୀ ପ୍ରତିମ ଭଦ୍ରକ ଗେଲଟୁଆ ନିବାସୀ ଅବସରପ୍ରାପ୍ତ କୃଷି ଅଧିକାରୀ ମାଗୁଣିଚରଣ ମହାନ୍ତି, ଭଣ୍ଡାରିପୋଖରୀ ଜୋରାଗଡ଼ିଆର ଗୋଲକବିହାରୀ ଦାସ, ନରିପୁର ଅଞ୍ଚଳର ଶିକ୍ଷାବିତ୍ ପଙ୍କଜିନୀ ମହାପାତ୍ର ଓ ଜଗନ୍ନାଥପୁରର ଶୋଭନିକା ମହାନ୍ତିଙ୍କୁ ସମ୍ମାନ ଓ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯାଇଛି। ସୁନାମଧନ୍ୟ ଇଂରାଜୀ ଅଧ୍ୟାପକ ଓ ଭାରତ ସରକାରଙ୍କ ଦ୍ୱାରା ବିଭିନ୍ନ ସମ୍ମାନଜନକ ପଦ ପଦବୀରେ ଅବସ୍ଥାପିତ ବିଶିଷ୍ଟ ଶିକ୍ଷାବିତ୍ ସଚ୍ଚିଦାନନ୍ଦ ମହାନ୍ତିଙ୍କ ତିରୋଧାନ ଲାଗି ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ଦିବଂଗତ ଆତ୍ମାର ମୋକ୍ଷପ୍ରାପ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା। ଏହି ପ୍ରସ୍ତୁତି ବୈଠକେର ଭଦ୍ରକ କରଣ ମହାସଭାର ସଭାପତି ସମାଜସେବୀ ଅଶୋକ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ସର୍ବଶ୍ରୀ ମନୀନ୍ଦ୍ର କୁମାର ମହାନ୍ତି, ବିଜୟ କୁମାର ମହାନ୍ତି, ବିଚିତ୍ରାନନ୍ଦ ମହାନ୍ତି, ରାମନାରାୟଣ ମହାନ୍ତି, ଡା. ପ୍ରଭାସ କୁମାର ମହାନ୍ତି, ମାଧବାନନ୍ଦ ମହାନ୍ତି, ସତ୍ୟବ୍ରତ ମହାନ୍ତି, ସୀତାକାନ୍ତ ଦାସ, ଅଜିତ କୁମାର ଦାସ, ସୁଶୀଳ କୁମାର ପଟ୍ଟନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

କୃଷି ବିଭାଗରେ କର୍ମଚାରୀ ସଙ୍କଟ

୧୬ରୁ ୯ ପଦବୀ ଖାଲି; ୭ ଜଣଙ୍କ ଭରସାରେ ବ୍ଲକ୍

ଦୋବଲ,୩।୧୧(ସମିସ): ଚାଷୀଙ୍କ ଉନ୍ନତି ଓ କୃଷିର ବିକାଶ ପାଇଁ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି। ମାତ୍ର ଏହି ଯୋଜନାର ସଫଳ ରୂପାୟଣ ପାଇଁ ଆବଶ୍ୟକ ମାନବସମ୍ବଳର ଘୋର୍ ଅଭାବ ଧାମନଗର ବ୍ଲକ୍‌ରେ କୃଷି ବିଭାଗର କାର୍ଯ୍ୟକୁ ପ୍ରଭାବିତ କରିଛି। ଧାମନଗର ବ୍ଲକ୍‌ରେ ମୋଟ୍ ୧୬ଟି ଗ୍ରାମ୍ୟ କୃଷି କର୍ମଚାରୀ ପଦବୀ ଥିବାବେଳେ ବର୍ତ୍ତମାନ ମାତ୍ର ୭ ଜଣ କାର୍ଯ୍ୟରତ ଅଛନ୍ତି। ୯ଟି ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଥିବାରୁ ଅଳ୍ପ କେତେଜଣ କର୍ମଚାରୀଙ୍କ ଉପରେ ସମଗ୍ର ବ୍ଲକ୍‌ର କୃଷି କାର୍ଯ୍ୟର ଗୁରୁଦାୟିତ୍ୱ ନ୍ୟସ୍ତ ରହିଛି।

ପୂର୍ବରୁ ୧୩/୧୪ ଜଣ କର୍ମଚାରୀ କାର୍ଯ୍ୟ କରୁଥିବାବେଳେ ଏବେ ସଂଖ୍ୟା ୭କୁ ଖସିଆସିଛି। ଏହାର ପ୍ରଭାବ ପଞ୍ଚାୟତସ୍ତରରେ କୃଷି ସେବା ଉପରେ ପଡୁଛି। ଜଣେ କର୍ମଚାରୀଙ୍କୁ ୫ରୁ ୬ଟି ପଞ୍ଚାୟତର ଦାୟିତ୍ୱ ତୁଲାଇବାକୁ ପଡୁଥିବାରୁ ଚାଷୀଙ୍କୁ ନିୟମିତ ପରାମର୍ଶ ଓ ସହାୟତା ଯୋଗାଇବା କଷ୍ଟକର ହୋଇପଡୁଛି। ଚାଷୀ ପଞ୍ଜୀକରଣ, ରେଜିଷ୍ଟ୍ରାର ଆଇଡି ପ୍ରସ୍ତୁତି, ଫସଲରେ ରୋଗପୋକ ନିୟନ୍ତ୍ରଣ, କ୍ରପ୍‌କଟିଂ ଓ ବିଭିନ୍ନ କୃଷି ଯୋଜନାର କାର୍ଯ୍ୟାନ୍ୱୟନରେ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ଠିକ୍ ସମୟରେ କୃଷି ପରାମର୍ଶ ନ ମିଳିଲେ ଚାଷୀଙ୍କ ଫସଲ ଓ ଆର୍ଥିକ ସ୍ଥିତି ପ୍ରଭାବିତ ହେବାର ଆଶଙ୍କା ରହିଛି। ଏ ସମ୍ପର୍କରେ ବ୍ଲକ୍ କୃଷି ଅଧିକାରୀ ଅନୁରାଧା ପଣ୍ଡା ଉପରିସ୍ଥ କର୍ତ୍ତୃପକ୍ଷଙ୍କୁ ଏକାଧିକବାର ଅବଗତ କରାଇଥିବା ସତ୍ତ୍ୱେ ଖାଲି ପଦବୀ ପୂରଣ ଦିଗରେ ଆଶାନୁରୂପ ପଦକ୍ଷେପ ନିଆଯାଇ ନ ଥିବା ଜଣାପଡ଼ିଛି। ଧାମନଗର ଏକ କୃଷି ପ୍ରଧାନ ଅଞ୍ଚଳ ହୋଇଥିବାରୁ କୃଷି ବିଭାଗରେ କର୍ମଚାରୀ ଅଭାବ ଚାଷୀଙ୍କ ସ୍ୱାର୍ଥ ସହ ସିଧାସଳଖ ଜଡ଼ିତ। କେବଳ ଯୋଜନା ଘୋଷଣା ନୁହେଁ, ତାହାର ସୁଫଳ ତୃଣମୂଳସ୍ତରରେ ପହଞ୍ଚାଇବା ମଧ୍ୟ ଜରୁରୀ। ତେଣୁ ଖାଲିଥିବା ୯ଟି ପଦବୀ ତୁରନ୍ତ ପୂରଣ କରିବା ସହ ପଞ୍ଚାୟତସ୍ତରରେ କୃଷି ସେବାକୁ ସୁଦୃଢ଼ କରିବା ପାଇଁ ମନ୍ତ୍ରୀ ତଥା ବିଭାଗୀୟ କର୍ତ୍ତୃପକ୍ଷ ହସ୍ତକ୍ଷେପ କରିବାକୁ ଚାଷୀମହଲରେ ଦାବି ହେଉଛି।

ଟ୍ରାକ୍ଟର ବ୍ୟାଟେରି ଚୋରି ମାମଲା; ୫ ଗିରଫ

ବନ୍ତ/ଆଗରପଡ଼ା,୩।୧୧(ସମିସ): ବନ୍ତ ଥାନା ପୁଲିସକୁ ଏକ ବଡ଼ ସଫଳତା ମିଳିଛି। ଟ୍ରାକ୍ଟରରୁ ବ୍ୟାଟେରି ଚୋରି ଅଭିଯୋଗରେ ପୁଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୨ଟି ଚୋରି ବ୍ୟାଟେରି ଜବତ କରିଛି। ଏହି ସମସ୍ତ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି।



ଘଟଣା ଅନୁଯାୟୀ, ଗତ ୨ ତାରିଖରେ ବନ୍ତ ଥାନା ଅନ୍ତର୍ଗତ ବାରକୋଣା ଗାଁର ସରୋଜ କୁମାର ସ୍ୱାଇଁଙ୍କ ଘର ସମ୍ମୁଖରେ ପାର୍କିଂ ହୋଇଥିବା ଏକ ଟ୍ରାକ୍ଟର (ନଂ- ଓଡି-୨୨-ପି-୬୫୫୨)ରୁ ବ୍ୟାଟେରି ଚୋରି ହୋଇଥିଲା। ଚୋରି ସମୟରେ ସରୋଜଙ୍କ ମାଆ ଏହା ଦେଖି ଦେଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ୩ ଜଣ ସନ୍ଦିଗ୍ଧଙ୍କୁ କାବୁ କରି ବନ୍ତ ପୁଲିସକୁ ହସ୍ତାନ୍ତର କରିଥିଲେ। ଏ ସମ୍ପର୍କରେ ବନ୍ତ ଥାନା କେସ୍ ନଂ ୩୧୯/୨୦୨୬, ଧାରା ୩୦୩(୨), ୩୧୭(୨) ଓ ୩(୫) ଅନୁଯାୟୀ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ପୁଲିସ ଜେରା ସମୟରେ ଏହି ଚୋରିରେ ସମୁଦାୟ ୫ ଜଣଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଥିଲା। ଅଭିଯୁକ୍ତଙ୍କ ବୟାନ ଆଧାରରେ ଅନ୍ୟ ସହଯୋଗୀଙ୍କ ଘରୁ ଚୋରି ହୋଇଥିବା ଟ୍ରାକ୍ଟର ବ୍ୟାଟେରିକୁ ଉଦ୍ଧାର କରାଯାଇଥିଲା। ଏହା ସହିତ ନନ୍ଦିପଦା ଥାନା ମଧୁରଗଡ଼ିଆ ଅଞ୍ଚଳରୁ ଚୋରି ହୋଇଥିବା ସନ୍ଦେହରେ ଆଉ ଏକ ଅତିରିକ୍ତ ବ୍ୟାଟେରି ମଧ୍ୟ ପୁଲିସ ଜବତ କରିଛି। ଗିରଫ ହୋଇଥିବା ୫ ଅଭିଯୁକ୍ତ ହେଲେ ଆପଣ୍ଡା ଗାଁର ଅଶୋକ କୁମାର ଦାସ ଓରଫ କାଳିଆ (୨୨), ବାରକୋଣା ଗାଁର ଚନ୍ଦ୍ରକାନ୍ତ ଜେନା ଓରଫ ଚନ୍ଦୁ (୨୪), କଟିଣା ଗାଁର ହିମାଂଶୁ ପ୍ରଧାନ ଓରଫ ମଣ୍ଟୁ(୨୮), କେନ୍ଦୁଝରର ଜିଲ୍ଲା ନନ୍ଦିପଦା ଥାନା ଅନ୍ତର୍ଗତ ଜଗନ୍ନାଥପୁର ଗାଁର କ୍ଷିତୀଶ ଚନ୍ଦ୍ର ସୁଆର ଓରଫ ବାଙ୍କୁ (୪୮) ଏବଂ କେନ୍ଦୁଝରର ଜିଲ୍ଲା ନନ୍ଦିପଦା ଥାନା ଅନ୍ତର୍ଗତ ଖେତୁଆଳି ଗାଁର ଅନ୍ତର୍ଯ୍ୟାମୀ ବିଶ୍ୱାଳ ଓରଫ ସଂଗ୍ରାମ (୨୨)। ଉଦ୍ଧାର ହୋଇଥିବା ବ୍ୟାଟେରିଗୁଡ଼ିକର ପ୍ରକୃତ ମାଲିକାନା ଏବଂ ଅନ୍ୟ କେଉଁ ଚୋରି ମାମଲାରେ ଏହି ଗ୍ୟାଙ୍ଗର ସମ୍ପୃକ୍ତି ରହିଛି, ସେ ନେଇ ବନ୍ତ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଥିବା ଥାନାଧିକାରୀ ସୁପ୍ରକାଶ ମହାନ୍ତି ସୂଚନା ଦେଇଛନ୍ତି।

'ସକାଳ' ପ୍ରଭାବ: ଓଭରବ୍ରିଜ୍ ମରାମତି ପାଇଁ ପ୍ରକ୍ରିୟା ଆରମ୍ଭ



ବାରିକପୁର,୩।୧୧(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥର ବିଭିନ୍ନ ସ୍ଥାନ ଏବେ ବି ବିପଦସଙ୍କୁଳ ଅବସ୍ଥାରେ ରହିଛି। ତନ୍ମଧ୍ୟରୁ ବିଷ୍ଣୁପୁର ଓଭରବ୍ରିଜ୍ ଅନ୍ୟତମ ଅଟେ। ରାସ୍ତା ପ୍ରଶସ୍ତୀକରଣ କାର୍ଯ୍ୟ ପରେ ପରେ ବାରମ୍ବାର ଉକ୍ତ ସ୍ଥାନଟି ଦବି ଯାଉଥିବା ଜଣାପଡ଼ିଛି। ପୋଲ ନିର୍ମାଣ ଓ ଦୁଇ ପାର୍ଶ୍ୱ ରାସ୍ତା ନିର୍ମାଣରେ ସଠିକ୍ ଯାନ୍ତ୍ରିକ ଜ୍ଞାନକୌଶଳ ବ୍ୟବହାର ହୋଇ ନ ଥିବା କାରଣରୁ ଏଭଳି ଅବସ୍ଥା ସୃଷ୍ଟି ହେଉଥିବା କୁହାଯାଇଛି। ଏଥିପାଇଁ ଏଠାରେ ଅନେକବାର ଦୁର୍ଘଟଣା ଘଟି ଅନେକ ଜୀବନ ଚାଲିଯାଉଛି। ଗତ ୩/୪ ବର୍ଷ ମଧ୍ୟରେ ଓଭରବ୍ରିଜ୍ ସ୍ଥାନଟି ବାରମ୍ବାର ମରାମତି ହେଉଥିବାବେଳେ ଅବସ୍ଥାରେ ପରିବର୍ତ୍ତନ ହେଉନାହିଁ। ଦୁଇ ଚାରି ମାସ ବ୍ୟବଧାନରେ ଏହାର ପୁନଃ ମରାମତି ହେଉଛି। କିଛି ଦିନ ପୂର୍ବେ ଏଠାରେ ନୂଆ ପୋଲ ନିର୍ମାଣ ହୋଇଥିବାବେଳେ ତାହା ମଧ୍ୟ ଦବି ଯାଇଥିଲା। ଏନେଇ ଦୈନିକ 'ସକାଳ' ଖବରକାଗଜରେ ଗତ ୩୦ ତାରିଖ ଦିନ 'ଦବି ଯାଇଛି ବିଷ୍ଣୁପୁର ଓଭରବ୍ରିଜ୍' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ନିର୍ମାଣକାରୀ ସଂସ୍ଥା ପକ୍ଷରୁ ପୁଣି ମରାମତି କାର୍ଯ୍ୟ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ରାସ୍ତା ସଂଲଗ୍ନ ପୋଲ ମୁଣ୍ଡରେ ଗମନାଗମନ ପଥକୁ ବନ୍ଦ କରାଯାଇ ଦବିଥିବା ସ୍ଥାନରେ ମରାମତି କାର୍ଯ୍ୟ ପାଇଁ ବ୍ୟବସ୍ଥା କରାଯାଇଛି। ଗାଡ଼ିଗୁଡ଼ିକ ପୂର୍ବଭଳି ବାଇପାସ୍ ରାସ୍ତାରେ ଯାତାୟାତ କରୁଥିବା ଦେଖିବାକୁ ମିଳିଛି। ନିର୍ମାଣ କାର୍ଯ୍ୟ କେତେ ସ୍ଥାୟୀ ହେବ ତାହା ଆଗାମୀ ଦିନରେ ଜଣାପଡ଼ିବ ବୋଲି ମତପ୍ରକାଶ ପାଇଛି।

ତିହିଡ଼ି ମଙ୍ଗରାଜପୁର ଛକରୁ ବିପୁଳ ବାଣ ଜବତ

ତିହିଡ଼ି,୩।୧୧(ସମିସ): ତିହିଡ଼ି ଥାନା ମଙ୍ଗରାଜପୁର ଛକ ନିକଟରୁ ବିପୁଳ ପରିମାଣର ବେଆଇନ୍ ବାଣ ଜବତ ହୋଇଛି। ଏହି ଘଟଣାରେ ପୁଲିସ ବିଭୂତିପୁର ଗାଁର ଜ୍ୟୋତିରଞ୍ଜନ ବଳଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ଗତ ୨ ତାରିଖ ରାତିରେ ମଙ୍ଗରାଜପୁର ଛକ ନିକଟରେ ବେଆଇନ ବାଣ ମହଜୁଦ ରଖାଯାଇଥିବା ନେଇ ଏଏସ୍ଆଇ ଡି. ଟୁଡୁ ସୂଚନା ପାଇବା ପରେ ଚଢ଼ଉ କରିଥିଲେ। ପରେ ରାତି ୧୧ଟା ୪୮ ମିନିଟ୍‌ରେ ପୁଲିସ ଘଟଣାରେ ଏକ ମାମଲା(ନଂ ୪୫୭/୨୬) ରୁଜୁ କରିଛି। ଏହି ଘଟଣାରେ ପୁଲିସ ବିପଜ୍ଜନକ ସାମଗ୍ରୀର ଅସାବଧାନ ବ୍ୟବହାର ଓ ଜନସାଧାରଣଙ୍କ ସୁରକ୍ଷାକୁ ବିପନ୍ନ କରିବା ଅଭିଯୋଗରେ ବିଏନ୍ଏସ୍ ଧାରା ୨୮୮/୧୨୫, ବିସ୍ଫୋରକ ଆଇନର ଧାରା ୯(ଇ) ଏବଂ ଓଡ଼ିଶା ଆତସବାଜି ଓ ଲାଉଡ୍‌ସ୍ପିକର ଆଇନର ଧାରା-୫ ଅନୁଯାୟୀ ମାମଲା ପଞ୍ଜିକୃତ କରିଛି। ଘଟଣାର ଅଧିକ ତଦନ୍ତ ଏଏସ୍ଆଇ ଏଲ୍. ମାର୍ଣ୍ଡି କରୁଥିବା ଜଣାଯାଇଛି।



● ୭୫ ବର୍ଷ ବୟସରେ ବି ହାର୍ ମାନିନାହାନ୍ତି

ଗାଁ ଗାଁରେ ଗଗନଙ୍କ ଛାଞ୍ଚୁଣିର ଚାହିଦା

ଭଦ୍ରକ,୩।୧୧(ସମିସ): ବୟସ ୭୫ ବର୍ଷ। ହେଲେ ମନରେ ଅସୀମ ଉତ୍ସାହ ଓ କାମ ପ୍ରତି ରହିଛି ଅହେତୁକ ଆଗ୍ରହ। ବୟସର ଅପରାହ୍ଣରେ ମଧ୍ୟ ପରିଶ୍ରମକୁ ଜୀବନର ସାଥୀ କରିଛନ୍ତି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଅଧୀନ କରଦା ପଞ୍ଚାୟତ ମାଳସାହି ଅଞ୍ଚଳର ଗଗନ ଯେନା। ନିଜ କାରିଗରୀ କୌଶଳ ଓ ଅଭିଜ୍ଞତା ବଳରେ ସେ କେବଳ

■ ଖଜୁରି କଞ୍ଚାପତ୍ରରୁ ତିଆରି କରୁଛନ୍ତି ଛାଞ୍ଚୁଣି ଓ ବିଞ୍ଚଣା



ଜୀବିକା ନିର୍ବାହ କରୁନାହାନ୍ତି, ବରଂ ଗ୍ରାମୀଣ ପାରମ୍ପରିକ ହସ୍ତକଳାର ଏକ ଜୀବନ୍ତ ଉଦାହରଣ ପାଲଟିଛନ୍ତି। ଖଜୁରି ଗଛରୁ ଛାଞ୍ଚୁଣି ପ୍ରସ୍ତୁତି ପାଇଁ ଆବଶ୍ୟକ କଞ୍ଚାମାଲ(କଞ୍ଚା ପତ୍ର) ସଂଗ୍ରହ କରିବାରେ ତାଙ୍କର ରହିଛି ଦୀର୍ଘ ଅଭିଜ୍ଞତା। କଞ୍ଚାମାଲ ସଂଗ୍ରହ ସମୟରେ ପ୍ରାୟ ୩୦ ଫୁଟ୍ ଲମ୍ବା ବାଉଁଶ ବ୍ୟବହାର କରୁଥିବା ଦୃଶ୍ୟ ତାଙ୍କ ପରିଶ୍ରମର ନିଆରା ପରିଚୟ ଦିଏ। ସଂଗୃହୀତ କଞ୍ଚାମାଲରୁ ସେ ନିଜ ହାତରେ ବିଭିନ୍ନ ଆକାରର ଛାଞ୍ଚୁଣି ଓ ବିଞ୍ଚଣା ପ୍ରସ୍ତୁତ କରନ୍ତି। ତାଙ୍କ ହାତ ତିଆରି ସାମଗ୍ରୀର ଚାହିଦା ମଧ୍ୟ ସ୍ଥାନୀୟ ଅଞ୍ଚଳରେ ରହିଛି। ବିଶେଷକରି ବଡ଼ ଆକାରର ଛାଞ୍ଚୁଣି ପାଇଁ ସ୍ଥାନୀୟ ଗ୍ରାମର କେତେକ ଲୋକ ନିଜ ପସନ୍ଦ ଓ ଆବଶ୍ୟକତା ଅନୁଯାୟୀ ତାଙ୍କୁ ଅର୍ଡର ଦେଇଥା'ନ୍ତି। ସେହି ଅନୁସାରେ ଗଗନ ଛାଞ୍ଚୁଣି ପ୍ରସ୍ତୁତ କରି ଯୋଗାଇ ଦିଅନ୍ତି। ଏଥିସହ ନିଜେ ତିଆରି କରିଥିବା ଛାଞ୍ଚୁଣି ଧରି ବିଭିନ୍ନ ଗ୍ରାମକୁ ଯାଇ ଘର ଘର ବୁଲି ବିକ୍ରି କରିଥା'ନ୍ତି। ଆଧୁନିକତାର ପ୍ରଭାବରେ ଗ୍ରାମାଞ୍ଚଳର ଅନେକ ପାରମ୍ପରିକ କାରିଗରୀ ଧୀରେ ଧୀରେ ହଜିବାକୁ ବସିଥିବାବେଳେ ଗଗନଙ୍କ ଭଳି କାରିଗର ଏହି ପରମ୍ପରାକୁ ଜୀବନ୍ତ ରଖିଛନ୍ତି। ଆଜିର ଯୁବପିଢ଼ି ମୋବାଇଲ୍ ଓ ଆଧୁନିକ ଜୀବନଶୈଳୀରେ ଅଧିକ ସମୟ ବିତାଉଥିବା ବେଳେ ୭୫ ବର୍ଷ ବୟସରେ ବି ଗଗନଙ୍କ କର୍ମନିଷ୍ଠା ଏକ ଭିନ୍ନ ବାର୍ତ୍ତା ଦେଉଛି। ପରିଶ୍ରମ କେବେ ଛୋଟ ନୁହେଁ ଏବଂ ନିଜ ଦକ୍ଷତାକୁ ଜୀବିକାରେ ପରିଣତ କରିବା ହିଁ ପ୍ରକୃତ ସ୍ୱାବଲମ୍ବନ। ଗଗନଙ୍କ ଜୀବନ ଏହି ସତ୍ୟର ଏକ ଉଦାହରଣ।

ସରକାରୀ ସ୍ତରରେ ଡିବିଟି ବିକ୍ରି ପୋର୍ଟାଲ ବନ୍ଦ

ବିହନ କିଣି ପାରୁନାହାନ୍ତି ଚାଷୀ; ବଢ଼ିଲାଣି ଚିନ୍ତା

ଧାମନଗର,୩।୧୧(ସମିସ)

ଧାମନଗର ବ୍ଲକ୍‌ରେ ବାରମ୍ବାର ବନ୍ୟା ହେବା ଫଳରେ ଉଜୁଡ଼ିଛି ଚାଷ। ପୁନଶ୍ଚ ବିହନ ବୁଣି ଧାନ ଓ ରବି ଚାଷ ପାଇଁ ଆଶା ରଖିଥିଲେ ଚାଷୀ। କିନ୍ତୁ ସରକାରଙ୍କ ଘୋଷିତ ସ୍ୱତନ୍ତ୍ର ବନ୍ୟା ପ୍ୟାକେଜ୍‌ର ସୁଫଳ ପାଇବାରେ ବିଳମ୍ବ ଯୋଗୁଁ ଅସନ୍ତୋଷ ସହ ଚିନ୍ତାରେ ଅଛନ୍ତି ଚାଷୀ। ମୁଖ୍ୟମନ୍ତ୍ରୀଙ୍କ ବନ୍ୟା ସହାୟତା ଘୋଷଣା ଚାଷୀଙ୍କୁ ନୂଆ ଆଶା ଦେଇଥିବାବେଳେ ତୃଣମୂଳ ସ୍ତରରେ ବିହନ କିଣା ପ୍ରକ୍ରିୟା ଆଗେଇ ନ ପାରିବା ଯୋଜନାର କାର୍ଯ୍ୟକାରିତାକୁ ନେଇ ପ୍ରଶ୍ନ ଉଠାଇଛି। ଚଳିତ ବର୍ଷ ଧାମନଗର ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ବାରମ୍ବାର ବନ୍ୟା ଯୋଗୁଁ ଖରିଫ୍ ଧାନଚାଷଠାରୁ ଆରମ୍ଭ କରି ପନିପରିବା ପର୍ଯ୍ୟନ୍ତ ବିଭିନ୍ନ ଫସଲ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଚାଷୀଙ୍କୁ ପୁନର୍ବାର ଚାଷ କାର୍ଯ୍ୟରେ ସକ୍ଷମ କରିବା ଲକ୍ଷ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ବନ୍ୟା ପ୍ୟାକେଜ୍ ଅଧୀନରେ ୧୦ କୋଟି ଟଙ୍କାର ସହାୟତା ଘୋଷଣା ହୋଇଥିଲା। ଏହି ଯୋଜନାରେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଧାନ ଓ ଅଣଧାନ(ରବି) ବିହନ କିଣିବା ପାଇଁ ଡିବିଟି ମାଧ୍ୟମରେ ସିଧାସଳଖ ଆର୍ଥିକ ସହାୟତା ଦେବାର ବ୍ୟବସ୍ଥା ଥିବାର ଆଶ୍ୱାସନା ଦିଆଯାଇଥିଲା। କିନ୍ତୁ ଚାଷୀଙ୍କ ଅଭିଯୋଗ ଅନୁଯାୟୀ, ପ୍ରଥମେ ନିଜ ଖର୍ଚ୍ଚରେ ବିହନ କିଣିବାକୁ ପଡ଼ିବ ଏବଂ ପରେ ଟଙ୍କା ବ୍ୟାଙ୍କ ଖାତାକୁ ଫେରସ୍ତ ହେବ। ଏଥିପାଇଁ ବିରି ବିହନ କ୍ୱିଣ୍ଟାଲ ପ୍ରତି ୧୨ ହଜାର ୬୨୫ ଟଙ୍କା ଓ ଧାନ ବିହନ କ୍ୱିଣ୍ଟାଲ ପ୍ରତି ୪୧୮୦ ଟଙ୍କା ଦେଇ କିଣିବାକୁ ହେବ। ହେଲେ ସରକାରୀ ସ୍ୱୀକୃତିପ୍ରାପ୍ତ ବିକ୍ରେତାଙ୍କ ନିକଟରେ ଉଭୟ କିସମର ବିହନ ପ୍ରଚୁର ପରିମାଣରେ ଉପଲବ୍ଧ ଥିବା ସତ୍ତ୍ୱେ ସରକାରୀ ସ୍ତରରେ ଡିବିଟି ବିକ୍ରି ପୋର୍ଟାଲ୍ ବନ୍ଦ ରହିଥିବାରୁ ଚାଷୀ ତାହା କିଣିପାରୁ ନ ଥିବା ଅଭିଯୋଗ କରିଛନ୍ତି। ଚାଷୀ ବିହନ କିଣିବାକୁ ପ୍ରସ୍ତୁତ, ବିହନ ମଧ୍ୟ ମହଜୁଦ ରହିଛି। କିନ୍ତୁ ପୋର୍ଟାଲ୍ ବନ୍ଦ ଯୋଗୁଁ କିଣାବିକା ଅଟକିଛି। ଫଳରେ ଚାଷୀଙ୍କ ଚିନ୍ତା ବଢ଼ାଇବା ସହ ଅଧିକୃତ ବିକ୍ରେତାମାନେ ଲକ୍ଷ ଲକ୍ଷ ଟଙ୍କା ଖଟାଇ ନିରବ ବସିଛନ୍ତି। ଚାଷର ଉପଯୁକ୍ତ ସମୟ ଗଡ଼ିଯିବା ସହ ବିହନ ନଷ୍ଟ ହେବା ଆଶଙ୍କା ରହିଥିବାରୁ ଚାଷୀମାନଙ୍କୁ ଚିନ୍ତାରେ ପକାଇଛି। ଏଭଳି ସ୍ଥିତିରେ ସରକାରଙ୍କ ୧୦ କୋଟି ଟଙ୍କାର ବନ୍ୟା ପ୍ୟାକେଜ୍‌ର ପ୍ରକୃତ ସୁଫଳ କେବେ ମିଳିବ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଘୋଷଣା ଓ ବାସ୍ତବତା ମଧ୍ୟରେ ରହିଥିବା ଏହି ଦୂରତା ଦୂର କରିବାକୁ ତୁରନ୍ତ ଡିବିଟି ବିକ୍ରି ପୋର୍ଟାଲ୍ ଖୋଲିବା, ବିହନ ବିକ୍ରି ପ୍ରକ୍ରିୟା ସ୍ୱାଭାବିକ କରିବା ସହ ଚାଷୀଙ୍କୁ ଶୀଘ୍ର ସହାୟତା ଯୋଗାଇଦେବାକୁ ଚାଷୀଙ୍କ ମହଲରୁ ଦାବି ହେଉଛି। ଏ ସମ୍ପର୍କରେ ଅତିରିକ୍ତ ବ୍ଲକ୍ କୃଷି ଅଧିକାରୀ ଶ୍ରୀ ତ୍ରିପାଠୀଙ୍କ ସହ ଯୋଗାଯୋଗ କରିବାରୁ ଡିବିଟି ବିକ୍ରି ପୋର୍ଟାଲ୍ ଖୋଲିବା ପରେ ବିହନ ଦିଆଯିବ ବୋଲି ସୂଚନା ଦେଇଛନ୍ତି।



ନିଶ୍ଚିନ୍ତା ପାହାଡ଼ରେ ଦୁଇ ହାତୀ

ଉଜାଡ଼ିଲେ ଧାନ ଫସଲ; ଚଢ଼କମରା ଗାଁରେ ଆତଙ୍କ

ଗଁଦିଆ, ୩।୧୧ (ସମିସ)



ଢେଙ୍କାନାଳ ଜିଲ୍ଲାର ଚଢ଼କମରା ଗ୍ରାମ ଅଞ୍ଚଳରେ ହାତୀଙ୍କ ଉପଦ୍ରବକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଭୟ ଓ ଆତଙ୍କ ଦେଖାଦେଇଛି। ଗତକାଲି ରାତିରେ ଦୁଇଟି ହାତୀ ଗ୍ରାମ ଦେଇ ଯାଉଥିବା ସମୟରେ ବ୍ୟାପକ ଧାନ ଫସଲ ନଷ୍ଟ କରିଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ହାତୀ ଦୁଇଟି ଯାଜପୁର ଜିଲ୍ଲା ବିଛାଖଣ୍ଡି ଗ୍ରାମ ନିକଟସ୍ଥ ଧାନ ବିଲରେ ପଶି ଆସି ଢେଙ୍କାନାଳ ଜିଲ୍ଲା ଚଢ଼କମରାରେ ଧାନ ଫସଲ ନଷ୍ଟ କରି ପୁଣି ଯାଜପୁର ନିଶ୍ଚିନ୍ତା ପାହାଡ଼ରେ ରହିଥିବା ଜଣାଯାଇଛି। ଫଳରେ ଚାଷୀମାନେ ବ୍ୟାପକ କ୍ଷତିର ସମ୍ମୁଖୀନ ହୋଇଛନ୍ତି। ଚାଷୀଙ୍କ ବର୍ଷକର ପରିଶ୍ରମ ଆଖି ସାମ୍ନାରେ ନଷ୍ଟ ହେବାରୁ ସେମାନଙ୍କ ମଧ୍ୟରେ ହତାଶା ଭାବ ଦେଖିବାକୁ ମିଳିଛି।

ସୂଚନା ଅନୁସାରେ, ବର୍ତ୍ତମାନ ହାତୀ ଦୁଇଟି ନିଶ୍ଚିନ୍ତା ପାହାଡ଼ ଅଞ୍ଚଳରେ ରହିଥିବା ଜଣାପଡ଼ିଛି। ହାତୀଙ୍କ ଗତିବିଧି ଉପରେ ବନ ବିଭାଗ ଷଡ଼ଙ୍ଗୀ ରେଞ୍ଜ କର୍ମଚାରୀ ନଜର ରଖିଥିବା ବେଳେ କୌଣସି ଅଘଟଣ ଯେପରି ନଘଟେ ସେଥିପ୍ରତି ସତର୍କ ରହିଛନ୍ତି। ଅନ୍ୟପକ୍ଷରେ ହାତୀଙ୍କ ଉପଦ୍ରବରୁ ଧାନ ଫସଲକୁ ସୁରକ୍ଷା ଦେବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଚିତ କ୍ଷତିପୂରଣ ପ୍ରଦାନ କରିବାକୁ ଦାବି ହେଉଛି। ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସତର୍କ ରହିବା ସହ ହାତୀଙ୍କ ନିକଟକୁ ନଯିବା ଏବଂ ସୁରକ୍ଷିତ ଦୂରତା ବଜାୟ ରଖିବାକୁ ପରାମର୍ଶ ଦିଆଯାଇଛି।

ପିଙ୍ଗୁଆରେ ଲକ୍ଷ୍ମୀଙ୍କ ଭସାଣି; ୧୬ ମେଢ଼ ସାମିଲ





ଗଁଦିଆ,୩।୧୧ (ସମିସ): ଶାନ୍ତିଶୃଙ୍ଖଳା ଓ ଭାଇଚାରାର ଅନନ୍ୟ ନିଦର୍ଶନ ପାଲଟିଛି ପିଙ୍ଗୁଆ ଗ୍ରାମର ମା' ଗଜଲକ୍ଷ୍ମୀ ପୂଜା ମିଳିତ ଭସାଣି ଉତ୍ସବ। ଏହି ଅବସରରେ ୧୬ଟି ଆକର୍ଷଣୀୟ ପୂଜା ମେଢ଼ ଶୋଭାଯାତ୍ରାରେ ସାମିଲ ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ହଜାର ହଜାର ଶ୍ରଦ୍ଧାଳୁ ଏହି ଭସାଣି ଉତ୍ସବ ଦେଖିବାକୁ ଏକାଠି ହୋଇଥିଲେ। ସୁସଜ୍ଜିତ ମେଢ଼, ଆକର୍ଷଣୀୟ ଆଲୋକସଜ୍ଜା ଓ ମନମୁଗ୍ଧକର ଶୋଭାଯାତ୍ରା ଉତ୍ସବର ଆକର୍ଷଣକୁ ଦ୍ୱିଗୁଣିତ କରିଥିଲା। ମା'ଙ୍କ ଦର୍ଶନ ସହ ଶୋଭାଯାତ୍ରାକୁ ଉପଭୋଗ କରିବା ପାଇଁ ବିଭିନ୍ନ ଜିଲ୍ଲାରୁ ଲୋକଙ୍କ ସୁଅ ଛୁଟିଥିଲା। ସମଗ୍ର ଅଞ୍ଚଳ ଉତ୍ସବମୁଖର ହୋଇଉଠିଥିଲା। ଉତ୍ସବକୁ ଶାନ୍ତିପୂର୍ଣ୍ଣ ଓ ଶୃଙ୍ଖଳିତ କରିବା ନିମନ୍ତେ ଗଠିତ ୫୦ ଜଣିଆ ଶାନ୍ତି କମିଟିର ସଦସ୍ୟ ଏବଂ ସ୍ୱେଚ୍ଛାସେବୀ ଯୁବକମାନେ ନିଷ୍ଠାର ସହ ଦାୟିତ୍ୱ ତୁଲାଇଥିଲେ। ଶ୍ରଦ୍ଧାଳୁ ଓ ଦର୍ଶକଙ୍କ ସୁବିଧା ପାଇଁ ଦୁଇଟି ସ୍ଥାନରେ ଖାଦ୍ୟ ବିତରଣ ବ୍ୟବସ୍ଥା କରାଯାଇଥିଲା।

ସେହିପରି ଆଇନଶୃଙ୍ଖଳା ରକ୍ଷା ଓ ଟ୍ରାଫିକ ନିୟନ୍ତ୍ରଣ ଦିଗରେ ସୁଚାରୁ ରୂପେ ସହଯୋଗ କରିଥିବା ନିହଲପ୍ରସାଦ ଥାନା ପୁଲିସ ପ୍ରଶାସନର ଭୂମିକା ମଧ୍ୟ ପ୍ରଶଂସନୀୟ ହୋଇଥିଲା। ଗ୍ରାମର ସମସ୍ତ କାର୍ଯ୍ୟକର୍ତ୍ତା, ଯୁବଗୋଷ୍ଠୀ, ଶାନ୍ତି କମିଟି ସଦସ୍ୟ, ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଓ ଗ୍ରାମବାସୀଙ୍କ ଅବଦାନ ଅତୁଳନୀୟ। ସମସ୍ତଙ୍କ ସାମୂହିକ ସହଯୋଗ, ଏକତା ଓ ଭାଇଚାରା ଯୋଗୁଁ ଏହି ଉତ୍ସବ ସଫଳତାର ଶିଖର ଛୁଇଁପାରିଛି। ପିଙ୍ଗୁଆ ଗ୍ରାମର ଏହି ଏକତା ଓ ସାମାଜିକ ସଦ୍‌ଭାବନା ଅନ୍ୟ ଅଞ୍ଚଳ ପାଇଁ ଏକ ଉଦାହରଣ ସୃଷ୍ଟି କରିଛି। ଶୋଭାଯାତ୍ରା ରେ ନକଲି ମୋଦୀ, ପୁଷ୍ପାରାଜ, ମୟୂରଭଞ୍ଜର ଆଦିବାସୀ ନୃତ୍ୟ,ଭଜନକୀର୍ତ୍ତନ, ଗୋଟିପୁଅ ନୃତ୍ୟ, ମଦନା ଷଣ୍ଢ, ବାଳିକା ନୃତ୍ୟ ସହ ସଂସ୍କାରି ନୃତ୍ୟ ପରିବେଶଣ ହୋଇଥିଲା। ସବୁଠୁ ବଡ଼ ଆକର୍ଷଣ ଥିଲା ଆଇଏନଏସ ବିକ୍ରାନ୍ତ ଭଳି ପାଣି ଜାହାଜ। ଏହାର ନିର୍ମାତା ପ୍ରିୟବ୍ରତ ନାଏକ କୁ ସମ୍ବର୍ଦ୍ଧନା କରାଯାଇଥିଲା। ତେବେ ଦୀର୍ଘ ୧୪ ବର୍ଷ ଧରି ସଭାପତି ଦାୟିତ୍ୱରେ ଥିବା ମହୋତ୍ସବ କମିଟି ସଭାପତି ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ପୂର୍ବତନ ବିଧାୟକଙ୍କ ଲକ୍ଷ୍ମୀପୂଜା ମଣ୍ଡପ ପରିଦର୍ଶନ



ଢେଙ୍କାନାଳ,୩।୧୧(ସମିସ): ଢେଙ୍କାନାଳରେ ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ଅବସରରେ ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଲକ୍ଷ୍ମୀପୂଜାରେ ବିଭିନ୍ନ ପୂଜା ମଣ୍ଡପରେ ପହଞ୍ଚି ମା'ଙ୍କ ଆଶିଷ ଲାଭ କରିଥିଲେ। ବିଭିନ୍ନ ପୂଜା ମଣ୍ଡପକୁ ଆର୍ଥିକ ସହଯୋଗ ପ୍ରଦାନ କରିବା ସହ ପୂଜା କମିଟି କର୍ମକର୍ତ୍ତା ଓ ମୁରବୀମାନଙ୍କ ସହିତ ଚଳିତ ବର୍ଷର ପୂଜା ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ଶ୍ରୀ ସାମଲଙ୍କ ସହିତ ବିଜେଡି ସାଂସଦ ପ୍ରାର୍ଥୀ ଅବିନାଶ ସାମଲ, ଜିଲ୍ଲାପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ପୁହାଣ, ପୌରପରିଷଦର ଉପାଧ୍ୟକ୍ଷ ପ୍ରକାଶ କୁଅଁର, ଓକିଲ ସଂଘ ସଭାପତି ଗୋପାଳ ପାତ୍ର ଓ ବିଜେଡି କାଉନ୍ସିଲର ବୃନ୍ଦ ଉପସ୍ଥିତ ଥିଲେ। ଏହି ଅବସରରେ ଗୋପବନ୍ଧୁ ବଜାରଠାରେ ଚଳିତ ବର୍ଷ ୩୮ ବର୍ଷରେ ପୂଜା ପଦାର୍ପଣ କରିଛି। ଏଠାରେ ଆକର୍ଷଣୀୟ ଆଲୋକ ସହିତ ତୋରଣ ନିର୍ମାଣ ହୋଇଛି। ଶ୍ରୀ ସାମଲ ଉକ୍ତ ପୂଜା ମଣ୍ଡପରେ ପହଞ୍ଚି ମା'ଙ୍କୁ ପୂଜାର୍ଚ୍ଚନା ସହିତ ଆଶିଷ ଲାଭ କରିଥିଲେ। ସଭାପତି ବିକାଶ ସାହୁ, ସମ୍ପାଦକ ସରୋଜ କୁମାର ମଲ୍ଲିକ, ସହ-ସମ୍ପାଦକ ସଂଗ୍ରାମ ମଲ୍ଲିକ, କୋଷାଧ୍ୟକ୍ଷ ଅନନ୍ତ ମଲ୍ଲିକ, ସଦସ୍ୟ ସାହିଲ୍ ମଲ୍ଲିକ, ଟିଂଚି ମଲ୍ଲିକ, ସହଦେବ ମଲ୍ଲିକ, ପିଲୁ ମଲ୍ଲିକ, ମୁନା ମଲ୍ଲିକ ଓ ପପୁ ମଲ୍ଲିକ ପ୍ରମୁଖ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।

ନିଆଁରେ ପୋଡ଼ି ହୋଇ ଆଦିବାସୀ ଯୁବକ ଗୁରୁତର



ଢେଙ୍କାନାଳ,୩।୧୧ (ସମିସ) : ଢେଙ୍କାନାଳ ଜିଲାର ତୁମୁସିଙ୍ଗା ଥାନା ଅନ୍ତର୍ଗତ ରଘୁଆବୋଲ ସ୍କୁଲ ସାହିର ଜନୈକ ଆଦିବାସୀ ଯୁବକ ନିଆଁରେ ପୋଡି ହୋଇ ଗୁରୁତର ଆହାତ ହୋଇ ଚିକିତ୍ସିତ ହେଉଥିବର ଜଣାପଡିଛି । ରଘୁଆବୋଲ ସ୍କୁଲ ସାହିର ବସନ୍ତ ପୁର୍ତ୍ତିଙ୍କ ପୁଅ ଭୂତିଆ ପୁର୍ତ୍ତି ୪୬ ବର୍ଷ ଗତ ମାସ ୨୪ ତାରିଖରେ ବାସଘର ପାଖରେ ଥିବା ଅଳିଆ ଆବର୍ଜନାରେ ନିଆଁ ଲଗାଉଥିବା ସମୟରେ ଅଳିଆରେ ଥିବା କିଛି କାଠ ବା ବସ୍ତୁ ବାଣ ପରି ଫୁଟିବାରୁ ତାଙ୍କ ଶରୀରରେ ନିଆଁ ଲାଗି ଯାଇଥିଲା। ଏହି ଅଗ୍ନିକାଣ୍ଡ ଯୋଗୁଁ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ପୋଡ଼ି ଯାଇଥିଲା। ବିଶେଷ କରି ତାଙ୍କ ହାତ, ଗୋଡ ଗୁରୁତର ଭାବେ ପୋଡ଼ି ଯାଇଥିଲା। ଘଟଣା ପରେ ପରିବାର ଲୋକ ତାଙ୍କୁ ପ୍ରଥମେ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବର୍ଣ୍ଣ ୱାର୍ଡ ଥାଇ ମଧ୍ୟ ଏଠାରେ ତାଙ୍କର ଚିକିତ୍ସା କରାନଯାଇ ଡାକ୍ତର ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ରେଫର୍ କରିଥିଲେ। ସେଠାରେ ଡାକ୍ତର କହିଲେ ଆମେ କଛି ପାରିବୁନି ତୁମେ ପ୍ରାଇଭେଟ୍ ମେଡିକାଲକୁ ଯାଇ ଚିକିତ୍ସା କରାଅ। ଡାକ୍ତର ତାଙ୍କୁ ଚିକିତ୍ସା କରିବାକୁ ମନା କରିବାରୁ ସେ ସେହି ଗୁରୁତର ଅବସ୍ଥାରେ ଘରକୁ ଫେରି ଆସିଛନ୍ତି। ଚିକିତ୍ସା ଅଭାବରୁ କ୍ଷତ ଦିନକୁ ଦିନ ଆହୁରି ଗୁରୁତର ହେଉଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବର୍ଣ୍ଣ ୱାର୍ଡର ଏସି ଅଚଳ ଥିବାବେଳେ ଏଠାରେ ସାଧାରଣ ପୋଡାଜଳା ଆହାତଙ୍କୁ ବି ଚିକିତ୍ସା ମିଳୁନାହିଁ। ସବୁଠାରୁ ଦୁଃଖର ବିଷୟ ହେଉଛି କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ବଡ଼ ମେଡିକାଲ କଲେଜରେ ଏପରି ରୋଗୀଙ୍କୁ ଆଡ଼ମିଶନ ନକରିବା ଓ ଚିକିତ୍ସା ନକରିବା। ଭୂତିଆଙ୍କ ଚିକିତ୍ସା କରାନଗଲେ ପରିସ୍ଥିତି ଜଟିଳ ହେବାର ସମ୍ଭାବନା ରହିଛି। ଦରକାର ପଡ଼ିଲେ ତାଙ୍କ ଜୀବନ ଯାଇ ପାରେ ବା ହାତ କାଟିବାକୁ ପଡ଼ିପାରେ। ସରକାର ତୁରନ୍ତ ତାଙ୍କୁ ଚିକିତ୍ସା ଯୋଗାଇ ଦେବାପାଇଁ ସାଧାରଣରେ ଦାବି ହେଉଛି।


ବିଦ୍ୟୁତ୍ ବିଭ୍ରାଟ, ଠିକା କର୍ମଚାରୀଙ୍କୁ ଛଟେଇ ପ୍ରତିବାଦରେ ବିକ୍ଷୋଭ

ଭୁବନ, ୩।୧୧ (ସମିସ) : ଟାଟା ପାୱାରର କ୍ରମାଗତ ବିଦ୍ୟୁତ୍ ବିଭ୍ରାଟ ଓ ଠିକା କର୍ମଚାରୀଙ୍କୁ ଛଟେଇ ପ୍ରତିବାଦରେ ଓଡ଼ିଶା ବିଦ୍ୟୁତ ଉପଭୋକ୍ତା ଓ ଠିକା କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ



ଶୋଭାଯାତ୍ରା ଓ ପ୍ରତିବାଦ ସଭା କରାଯାଇଛି। ମିଳିତ ମଞ୍ଚ ପକ୍ଷରୁ ଅନ୍ତର୍ଯ୍ୟାମୀ ସାହୁଙ୍କ ନେତୃତ୍ୱରେ ଏକ ସଚେତନତା ସଭା ବଣଚଣ୍ଡୀ ପୀଠରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭୁବନ ନଗରପାଳ ଶୁଭେନ୍ଦୁ ସାହୁ ଯୋଗ ଦେଇ ଆନ୍ଦୋଳନକାରୀଙ୍କୁ ଉତ୍ସାହିତ କରିଥିଲେ। ଉପଭୋକ୍ତାଙ୍କୁ ତ୍ରୁଟିପୂର୍ଣ୍ଣ ବିଲ୍ ପ୍ରଦାନ, ବିଲରେ ତ୍ରୁଟି ଥିଲେ ବିଦ୍ୟୁତ୍ କାଟ ନ କରିବା, ଲୋ ଭୋଲ୍‌ଟେଜ ସମସ୍ୟା ସମାଧାନ, ଉପଭୋକ୍ତାଙ୍କୁ ପୂର୍ବ ସୂଚନା ବିନା ବିଦ୍ୟୁତ୍ ନ କାଟିବା, ଅଭିଯୋଗକୁ ସହଜ ଓ ସ୍ୱଚ୍ଛ ନିରାକାରଣ କରିବା, ଠିକା କର୍ମଚାରୀଙ୍କ ଛଟେଇର ପୁନର୍ବିଚାର କରି ଯୋଗ୍ୟ କର୍ମଚାରୀଙ୍କୁ ନିଯୁକ୍ତି ଦେବା, ଠିକା କର୍ମଚାରୀଙ୍କୁ ନିଯୁକ୍ତି ପତ୍ର ସହ ନିୟମିତ ଦରମା ଇପିଏଫ୍, ଇଏସ୍‌ଆଇ ଓ ସୁରକ୍ଷା ସାମଗ୍ରୀ ପ୍ରଦାନ କରିବା, ସ୍ଥାନୀୟ ଓଡ଼ିଆ ଯୁବକଙ୍କୁ ନିଯୁକ୍ତି ଦେବା, ମନମୁଖି ବଦଳି ନ କରିବା, ସରକାର ଓ ମିଳିତ ମଞ୍ଚସହ ଏକ ବୈଠକ କରି ଏହାର ସମାଧାନ ଦିଗରେ ପଦକ୍ଷେପ ନେବା ପାଇଁ ଦାବିପତ୍ରରେ ଦର୍ଶାଯାଇଛି। ନଭେମ୍ବର ୪ ତାରିଖରେ ଭୁବନେଶ୍ୱର ଆନ୍ଦୋଳନରେ ଭାଗ ନେବାପାଇଁ ଆହ୍ୱାନ ଦେଇଥିଲେ ନଗରପାଳ।

କାଗଜପତ୍ରରେ ପ୍ରକଳ୍ପ ଦର୍ଶାଇ ଲକ୍ଷ ଲକ୍ଷ ଟଙ୍କା ହରିଲୁଟ୍



ହିନ୍ଦୋଳ,୩।୧୧(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ମିଛ ପ୍ରକଳ୍ପ ନାମରେ ଲକ୍ଷ ଲକ୍ଷ ଟଙ୍କା ତୋଷାରପାତ ହୋଇଥିବାର ଅଭିଯୋଗ ହୋଇଛି। ହିନ୍ଦୋଳ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତରେ ମନରେଗା କାର୍ଯ୍ୟ ନିମନ୍ତେ ସରକାର ଆଣିଛନ୍ତି ନୂଆ ବ୍ୟବସ୍ଥା। ଶ୍ରମିକ ଉପସ୍ଥାନରେ ହେରଫେର ରୋକିବା ପାଇଁ ବିଭିଜି ରାମ ଜୀ ଯୋଜନା। ସେହି ଅନୁଯାୟୀ ପ୍ରଚଳନ ହେଲା ଶ୍ରମିକଙ୍କ ଆଇ ସ୍କାନ ବ୍ୟବସ୍ଥା, ଆଉ ସେହି ସ୍କାନ କଲେ ହିଁ ଶ୍ରମିକଙ୍କ ଉପସ୍ଥାନ ପଡ଼ିବ। ମାତ୍ର ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବ୍ଲକ୍‌ର ବିଭିନ୍ନ ପଞ୍ଚାୟତର ଗ୍ରାମଗୁଡିକରେ ଯେଉଁଭଳି ଚଞ୍ଚକତା ଚାଲିଛି ତାହା ଜାଣିଲେ ଆଶ୍ଚର୍ଯ୍ୟ ହୋଇଯିବେ। କାର୍ଯ୍ୟ ସ୍ଥଳରେ ନା ଶ୍ରମିକ ଅଛନ୍ତି, ନା ଚାଲିଛି କାର୍ଯ୍ୟ! ସେଭଳି କିଛି ପ୍ରକଳ୍ପ ସରକାରୀ ରେକର୍ଡରେ ଦର୍ଶାଇ ଶ୍ରମିକଙ୍କ ଉପସ୍ଥାନ ପକାଇ ଲକ୍ଷ ଲକ୍ଷ ଟଙ୍କା ମିଥ୍ୟା ବିଲ କରାଯାଇ ଟଙ୍କାକୁ ହରିଲୁଟ କରାଯାଉଛି। ସେହି ଟଙ୍କାକୁ ବିଭାଗରେ ଥିବା ଅଧିକାରୀ ମାନେ ଭଗବାଣ୍ଟି ନେଉଥିବା ଦେଖିବାକୁ ମିଳୁଛି। ଭିବିଜି ରାମ ଅନୁଦାନ ଅର୍ଥ ହଡପ ପାଇଁ ବଡ ଧରଣର ମସୁଧା ଚାଲିଥିବା ଏବେ ସରକାରୀ ତଥ୍ୟରୁ ଜଣାପଡ଼ିଛି। ହିନ୍ଦୋଳ ବ୍ଲକ୍‌ରେ ୩୫ ଟି ପଞ୍ଚାୟତ ରହିଥିବା ବେଳେ ଏବେ ବିଭିନ୍ନ ପଞ୍ଚାୟତରେ ଭିଭିଜି ରାମ ଜୀ ଯୋଜନାରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ଚାଲିଛି। ଉକ୍ତ ପ୍ରକଳ୍ପରେ ଜବକାର୍ଡଧାରୀ ଶ୍ରମିକ କାର୍ଯ୍ୟ କରୁଥିବା ସରକାରୀ ତଥ୍ୟ କହୁଛି। କିନ୍ତୁ ବାସ୍ତବ ରେ ସେହିପରି କୌଣସି ପଞ୍ଚାୟତରେ ବାସ୍ତବ କ୍ଷେତ୍ରରେ କୌଣସି ଶ୍ରମିକ ଲାଗୁନଥିବା ଦେଖିବାକୁ ମିଳୁଛି। ସରକାରୀ ପୋର୍ଟାଲ ଅନୁଯାୟୀ ଶ୍ରମିକ ମାନଙ୍କର ଗୋଟିଏ ଦିନ ଆଖିର ଫଟୋ ଉଠାଯାଉଛି। ସେହି ଫଟୋକୁ ଅନ୍‌ଲାଇନ୍ କରାଯାଉଛି ଏବଂ ଏହାର ଜିଓ ଟ୍ୟାଗ କରାଯାଉଛି। ସେହି ଫଟୋ କୁ ପ୍ରତେକ ଦିନ ଜିଓ ଟ୍ୟାଗ କରାଯାଇ ପ୍ରକଳ୍ପର ଲକ୍ଷ ଲକ୍ଷଟଙ୍କା ଶ୍ରମିକ ଙ୍କ ନାମରେ ବିଲ କରାଯାଉଛି ଶ୍ରମିକ ମାନଙ୍କ ଆକାଉଣ୍ଟ କୁ ଟଙ୍କା ଆସିଲେ ଗ୍ରାମରେ ଥିବା ଦଲାଲ ମାନେ ଆମେ ତୁମ ଖାତାକୁ ଟଙ୍କା ଛାଡ଼ିଛୁ କହି ଶ୍ରମିକ ମାନଙ୍କ ଖାତାରୁ ଟଙ୍କା ଉଠାଇ ଶ୍ରମିକ ମାନଙ୍କୁ ୩ ସହ ଟଙ୍କା ଦେଇ ଅନ୍ୟ ଟଙ୍କା କୁ ନିଜେ ନେଉଥିବା ବେଳେ ସେହି ଟଙ୍କା କୁ ଦାୟିତ୍ୱ ରେ ଥିବା ଅଧିକାରୀ ଠାରୁ ଆରମ୍ଭ କରି ସମସ୍ତେ ଭାଗ ବାଣ୍ଟି ନେଉଥିବା ଅଭିଯୋଗ ହେଉଛି। ଏ ନେଇ ଦାୟିତ୍ୱ ରେ ଥିବା ଗ୍ରାମରୋଜଗାର ସେବକଙ୍କ ଠାରୁ ଆରମ୍ଭ କରି ବିଭାଗୀୟ ଯନ୍ତ୍ରୀ ଙ୍କୁ ପଚାରିଲେ ଏ ବିଷୟରେ କୌଣସି ଉତ୍ତର ଦେଇପାରିବୁ ନାହିଁ ବୋଲି ଉତ୍ତର ଦେଉଛନ୍ତି। ସରକାର ଏହି ଯୋଜନା ଦୁର୍ନୀତି ରୋକିବା ପାଇଁ ଆଇ ସ୍କାନ ବ୍ୟବସ୍ଥା ପ୍ରଚଳନ କରିଥିଲେ ଆଇ ସ୍କାନ କଲେ ହିଁ ଶ୍ରମିକ ମାନଙ୍କ ପଡିବ ଉପସ୍ଥାନ ପରମୁହୂର୍ତ୍ତ ରେ ଶ୍ରମିକ ଙ୍କ ବ୍ୟାଙ୍କ ଖାତାକୁ ଯିବ ଟଙ୍କା ଏତେ ଗୁଡ଼ାଏ ନିୟମ ରହିଥିବା ସତ୍ତ୍ୱେ କିନ୍ତୁ ହିନ୍ଦୋଳ ବ୍ଲକ ଅନ୍ତର୍ଗତ ବିଭିନ୍ନ ପଞ୍ଚାୟତ ରେ ଆଖିବୁଜା ଦୁର୍ନୀତି କରାଯାଉଥିବାର ଦେଖିବାକୁ ମିଳୁଛି। ଖୁବ ଶୀଘ୍ର ତଥ୍ୟ ସହିତ କେଉଁ ପ୍ରକଳ୍ପ ଗୁଡିକ ରେ କେତେ ଟଙ୍କା ମିଥ୍ୟା ବିଲ କରାଯାଇଛି ଏହାର ସତ୍ୟା ସତ୍ୟା ଜଣାପଡ଼ିଯିବ ଜାଣି ଦୁର୍ନୀତି ରେ ସମ୍ପୃକ୍ତ ଥିବା ଅଧିକାରୀ ମାନେ ଏବେ ଛାନିଆ ହୋଇଯାଇଥିବା ବେଳେ ରାଜ୍ୟ ସରକାର ଏହାର ତଦନ୍ତ କରି ହିନ୍ଦୋଳ ବ୍ଲକ ର ବିଭିନ୍ନ ପଞ୍ଚାୟତ ରେ ମନରେଗା କାର୍ଯ୍ୟ ରେ ହେଉଥିବା ଦୁର୍ନୀତି ର ତଦନ୍ତ କରି ଦୋଷୀ ଅଧିକାରୀ ଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଜାରିବା ପାଇଁ ବୁଦ୍ଧିଜୀବି ମହଲରେ ଦାବି କରାଯାଇଛି।

କଲଭର୍ଟ ବଦଳରେ ପାଇପ୍ ବିଛାଇ ଲକ୍ଷାଧିକ ଟଙ୍କା ଲୁଟ୍ ଅଭିଯୋଗ

ପରଜଙ୍ଗ,୩।୧୧ (ସମିସ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ପାଟରପଦା ପଞ୍ଚାୟତରେ ପଞ୍ଚଦଶ କେନ୍ଦ୍ରୀୟ ଯୋଜନାରେ ଏକ ଲକ୍ଷ ଟଙ୍କାର ପ୍ରକଳ୍ପରେ ଅନିୟମିତତା ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଉକ୍ତ ପଞ୍ଚାୟତର କଟାବାହାଳ ଗ୍ରାମ ଗୁଡିଆନାଳି ଗ୍ରାମ୍ୟ ରାସ୍ତା କଲଭର୍ଟ ନିର୍ମାଣ ପାଇଁ ଅର୍ଥ ବର୍ଷ ୨୦୨୧-୨୨ ମସିହାରେ ଅନୁମୋଦନ ହୋଇଥିବା ବେଳେ କିଛି ଦିନ ତଳେ କାର୍ଯ୍ୟ ସମ୍ପନ୍ନ ହୋଇଛି। ଉକ୍ତ କାର୍ଯ୍ୟ ପାଇଁ ଏକ ଲକ୍ଷ ଟଙ୍କା ଅଟକଳ ବ୍ୟୟ ବରାଦ ହୋଇଥିଲା ବେଳେ ଦୁଇଟି ସିମେଣ୍ଟ ହୋମ୍ ପାଇପ ପକାଇ କାର୍ଯ୍ୟ ସମ୍ପାଦନ କରିଥିଲେ ହେଁ ଉଭୟ ପାର୍ଶ୍ୱରେ ହେଡ୍ ୱାଲ ଦେଖିବାକୁ ମିଳିଛି। ଯାହାକି କାର୍ଯ୍ୟରେ ଅନିୟମିତତା ହୋଇଥିବା ସ୍ଥାନୀୟ ଯୁବଗୋଷ୍ଠୀ ଅଭିଯୋଗ କରିଛନ୍ତି। ଏହି ସଂକ୍ରାନ୍ତରେ ପଞ୍ଚାୟତ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଜ୍ୟୋର୍ତିମୟୀ ବିଶ୍ୱାଳ ଫୋନ୍ ଯୋଗେ କୁହନ୍ତି କି ବର୍ଷା ଯୋଗୁଁ ସେହି ସ୍ଥାନକୁ ଯାଇପାରିନାହିଁ, ସେଠାକୁ ଯାଇ ଦେଖି କହିବି। ଏଥିପ୍ରତି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି।



ଉଦ୍ଧାର ହାତୀ ଛୁଆର ମୃତ୍ୟୁକୁ ନେଇ ଉଦ୍‌ବେଗ

- ଚିକିତ୍ସା ଅଭାବକୁ ନେଇ ଉଠିଲା ପ୍ରଶ୍ନ
- ବନ ବିଭାଗର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ
- ୬ ମାସ ହେଲା ଖାଲି ପଡ଼ିଛି ରେଞ୍ଜର ପଦବୀ

ଗଁଦିଆ,୩।୧୧(ସମିସ) : ଢେଙ୍କାନାଳ ଜିଲ୍ଲାର ପ୍ରସିଦ୍ଧ କପିଳାସ ଡିଅର ପାର୍କରେ ଏକ ଶିଶୁ ହାତୀର ମୃତ୍ୟୁ ଘଟଣାକୁ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଉପଯୁକ୍ତ ଚିକିତ୍ସା ଓ ଆବଶ୍ୟକ ଯତ୍ନର ଅଭାବରୁ ହାତୀଟିର ମୃତ୍ୟୁ ହୋଇଥିବା ନେଇ ଆଲୋଚନା ହେଉଥିବାବେଳେ ବନ ବିଭାଗର ପରିଚାଳନା ଓ ଦାୟିତ୍ୱବୋଧକୁ ନେଇ ମଧ୍ୟ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। କପିଳାସ ଡିଅର ପାର୍କ ପରିସରରେ ଥିବା ଶିଶୁ ହାତୀଟିର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବା ପରେ ତାହାର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ବନ ବିଭାଗ ପକ୍ଷରୁ ନିୟମ ଅନୁଯାୟୀ ହାତୀଟିର ଶବ ବ୍ୟବଚ୍ଛେଦ କରାଯାଇଥିଲା। ପରେ ମୃତଦେହକୁ ନିର୍ଦ୍ଧାରିତ ପ୍ରକ୍ରିୟାରେ ପୋତି ଦିଆଯାଇଥିବା ଜଣାପଡ଼ିଛି। ହାତୀର ନାମ ଶ୍ୟାମ ରଖାଯାଇଥିଲା। ସେ ଦୀର୍ଘ ଦିନ ଧରି ଚିକିତ୍ସିତ ହେଉଥିଲା। ତେବେ ଏହି ଘଟଣାର ସବୁଠାରୁ ଚିନ୍ତାଜନକ ଦିଗ ହେଉଛି କପିଳାସ ବନାଞ୍ଚଳରେ ଦୀର୍ଘ ୬ ମାସ ହେଲା ରେଞ୍ଜର ପଦବୀ ଖାଲିପଡ଼ିଛି। ଏକ ଗୁରୁତ୍ୱପୂର୍ଣ୍ଣ ବନାଞ୍ଚଳରେ ଦୀର୍ଘଦିନ ଧରି ନିୟମିତ ରେଞ୍ଜର ନିଯୁକ୍ତି ନହେବା ଫଳରେ ବନ୍ୟଜନ୍ତୁଙ୍କ ସୁରକ୍ଷା, ଚିକିତ୍ସା, ରକ୍ଷଣାବେକ୍ଷଣ ଓ ପ୍ରଶାସନିକ କାର୍ଯ୍ୟ କିପରି ଚାଲିଛି, ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। କପିଳାସ କେବଳ ଏକ ପର୍ଯ୍ୟଟନସ୍ଥଳୀ ନୁହେଁ, ବରଂ ଏହା ବନ୍ୟଜନ୍ତୁ ଓ ପ୍ରାକୃତିକ ସମ୍ପଦର ଏକ ଗୁରୁତ୍ୱପୂର୍ଣ୍ଣ ଆଶ୍ରୟସ୍ଥଳୀ। ଏଠାରେ ରହୁଥିବା ବନ୍ୟପ୍ରାଣୀଙ୍କ ଖାଦ୍ୟ, ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ବନ ବିଭାଗର ସ୍ୱତନ୍ତ୍ର ଦାୟିତ୍ୱ ରହିଛି। ବିଶେଷକରି ଶିଶୁ ହାତୀଙ୍କ କ୍ଷେତ୍ରରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ପୁଷ୍ଟିକର ଖାଦ୍ୟ, ଆବଶ୍ୟକ ଔଷଧ ଓ ତୁରନ୍ତ ପ୍ରାଣୀ ଚିକିତ୍ସାର ବ୍ୟବସ୍ଥା ରହିବା ଅତ୍ୟନ୍ତ ଜରୁରୀ। ଶିଶୁ ହାତୀର ମୃତ୍ୟୁ ପରେ ଏବେ କେତେକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ସାଧାରଣରେ ଉଠୁଛି।

ଅନ୍ୟପକ୍ଷରେ, ୬ ମାସ ଧରି ରେଞ୍ଜର ପଦବୀ ଖାଲି ପଡ଼ିଥିବା ସତ୍ତ୍ୱେ ବନ ବିଭାଗ ଏହି ପଦବୀ ପୂରଣ ପାଇଁ କାହିଁକି ପଦକ୍ଷେପ ନେଇନାହିଁ, ତାହା ମଧ୍ୟ ଆଲୋଚନାର ବିଷୟ ହୋଇଛି। ଦାୟିତ୍ୱରେ ଥିବା ଅଧିକାରୀଙ୍କ ତଦାରଖ ଓ ନିୟମିତ ନିରୀକ୍ଷଣ କେତେ ମାତ୍ରାରେ ହେଉଛି। ତାହାର ମଧ୍ୟ ସମୀକ୍ଷା ଆବଶ୍ୟକ। ପ୍ରକୃତରେ ଶିଶୁ ହାତୀର ମୃତ୍ୟୁର କାରଣ କ'ଣ ଏବଂ ଚିକିତ୍ସାରେ କୌଣସି ଅବହେଳା ହୋଇଛି କି ନାହିଁ। ତାହାର ନିରପେକ୍ଷ ତଦନ୍ତ କରିବାକୁ ପରିବେଶପ୍ରେମୀ ଓ ସଚେତନ ନାଗରିକ ମହଲରେ ଦାବି ଉଠିଛି। ଏଥିସହ କପିଳାସ ବନାଞ୍ଚଳରେ ତୁରନ୍ତ ରେଞ୍ଜର ନିଯୁକ୍ତି, ନିୟମିତ ପ୍ରାଣୀ ଚିକିତ୍ସା ବ୍ୟବସ୍ଥା ଓ ବନ୍ୟଜନ୍ତୁଙ୍କ ଯତ୍ନ ପାଇଁ ସ୍ଥାୟୀ ପଦକ୍ଷେପ ନେବାକୁ ଦାବି ହେଉଛି। ବନ୍ୟଜନ୍ତୁଙ୍କ ସୁରକ୍ଷା କେବଳ କାଗଜପତ୍ରରେ ସୀମିତ ନରହି ବାସ୍ତବ କ୍ଷେତ୍ରରେ ସୁନିଶ୍ଚିତ ହେବା ଦରକାର। ଆଉ ଯେପରି କୌଣସି ଅବହେଳା କିମ୍ବା ଅବ୍ୟବସ୍ଥା ଯୋଗୁଁ ନିରୀହ ବନ୍ୟପ୍ରାଣୀଙ୍କ ଜୀବନ ନହାରେ, ସେଥିପାଇଁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ଦେବା ଜରୁରୀ।

କୃଷି କାର୍ଯ୍ୟ ପରିଚାଳନା ସମ୍ପର୍କିତ ଟାସ୍କଫୋର୍ସ ବୈଠକ

କୃଷିଭିତ୍ତିକ ଯୋଜନା ଚାଷୀଙ୍କ ନିକଟରେ ପହଞ୍ଚାଇବାକୁ ଆହ୍ୱାନ

ଢେଙ୍କାନାଳ,୩।୧୧(ସମିସ)



ସ୍ଥାନୀୟ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ କୃଷି କାର୍ଯ୍ୟ ପରିଚାଳନା ସମ୍ପର୍କିତ ଏକ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଚାଷୀମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ କୃଷିଭିତ୍ତିକ ଯୋଜନାକୁ ସେମାନଙ୍କ ପାଖରେ ପହଞ୍ଚାଇବା ଓ ସଫଳ କାର୍ଯ୍ୟାନ୍ୱୟନ ପାଇଁ ସଂପୃକ୍ତ ସମସ୍ତ ବିଭାଗୀୟ ଅଧିକାରୀମାନେ ଯତ୍ନବାନ ହୋଇ କାର୍ଯ୍ୟ କରିବାକୁ ସେ ପରାମର୍ଶ ଦେଇଛନ୍ତି। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ହେମନ୍ତ କୁମାର ପଢ଼ିହାରୀ ସମସ୍ତ କୃଷିଭିତ୍ତିକ କାର୍ଯ୍ୟ ପାଇଁ ଏକ ବିଶ୍ୱସନୀୟ ଭିତ୍ତିଭୂମି ପ୍ରସ୍ତୁତ କରିବା, କୃଷକ ପଞ୍ଜୀକରଣରେ ଥିବା ତଥ୍ୟଗତ ତ୍ରୁଟି ଓ ଅସଙ୍ଗତି ଚିହ୍ନଟ କରି ସମାଧାନ କରିବା, ଭାଗଚାଷୀ, ପଟ୍ଟାଧାରୀ ଆଦି ସମସ୍ତ ବର୍ଗର ଚାଷୀଙ୍କୁ ପଞ୍ଜୀକରଣ ପରିସରଭୁକ୍ତ କରିବା, ଭୌଗୋଳିକ ଅବସ୍ଥିତି ଆଧାରିତ ଜମି ରେକର୍ଡ ଓ ଡିଜିଟାଲ୍ ଫସଲ ସର୍ଭେରେ ସମନ୍ୱୟ ରକ୍ଷା କରିବା ସମ୍ପର୍କରେ ଅବଗତ କରାଇଥିଲେ। ସର୍ଭେ, ଜମି ମ୍ୟୁଟେସନ୍, ପଞ୍ଜୀକରଣ ଓ ଜମି ରେକର୍ଡ ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟ ପ୍ରଣାଳୀରେ ଉନ୍ନତି ଆଣିବା, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ କୃଷି ତଥା ସହଯୋଗୀ ବିଭାଗର ବିଭିନ୍ନ ବ୍ୟବସ୍ଥା ସହ ସାଧାରଣ ମାନଦଣ୍ଡ ମାଧ୍ୟମରେ ତଥ୍ୟର ଆଦାନ ପ୍ରଦାନ ଓ ସମନ୍ୱୟ ସ୍ଥାପନ, ସମ୍ପୃକ୍ତ ବିଭାଗର ଉତ୍ତରଦାୟିତ୍ୱ ସୁନିଶ୍ଚିତ କରିବା, ଯାଞ୍ଚ ହୋଇଥିବା କୃଷକ ପରିଚୟପତ୍ର ମାଧ୍ୟମରେ ସମସ୍ତ କୃଷକଙ୍କୁ ସରକାରୀ ଯୋଜନା ଓ କୃଷକ ଉପଯୋଗୀ ସେବା ସହଜରେ ଉପଲବ୍ଧ କରାଇବା, ବାରମ୍ବାର ଆବଶ୍ୟକ ହେଉଥିବା ଦସ୍ତାବିଜ୍ ଦାଖଲ ପ୍ରକ୍ରିୟାକୁ ହ୍ରାସ କରିବା, କୃଷି ସାମଗ୍ରୀ ଓ ସରକାରୀ ସହାୟତା ପ୍ରଦାନ ବ୍ୟବସ୍ଥାକୁ ସ୍ୱଚ୍ଛ ଓ ଅନୁସରଣଯୋଗ୍ୟ କରିବା, ଫସଲ ସମ୍ବନ୍ଧୀୟ ତଥ୍ୟ ଆଧାରରେ ବିହନ, ସାର ଓ କୀଟନାଶକର ଆବଶ୍ୟକତା ନିର୍ଦ୍ଧାରଣ କରିବା, ଫସଲ, ଜମିର ଅବସ୍ଥିତି, ମୃତ୍ତିକାର ପ୍ରକାର, ପାଣିପାଗ, କୃଷି-ଜଳବାୟୁ ମଣ୍ଡଳ ଓ ଜଳସେଚନ ବ୍ୟବସ୍ଥା ଆଧାରରେ ଫସଲ ଯୋଜନା ଓ ବ୍ୟକ୍ତିଗତ କୃଷି ପରାମର୍ଶ ପ୍ରଦାନ କରିବା, କୃଷି କ୍ଷେତ୍ରରେ ବିପଦକୁ ଆଗୁଆ ଚିହ୍ନଟ କରିବା କରି ଆପଦକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଯୋଜନା ପ୍ରସ୍ତୁତି ଏବଂ କୃଷି ଉତ୍ପାଦନର ପୂର୍ବାନୁମାନ କରିବା, ଫସଲ ବୀମା ଯୋଜନାରେ କୃଷକଙ୍କ ନାମ ପଞ୍ଜିକରଣ ଓ ଫସଲ ଯାଞ୍ଚ ବ୍ୟବସ୍ଥାରେ ଉନ୍ନତି ଆଣିବା, ତଥ୍ୟ ଓ ପ୍ରମାଣ ଆଧାରରେ ଫସଲ କ୍ଷୟକ୍ଷତିର ଆକଳନ ଏବଂ ତାହାର ମୁକାବିଲା ବ୍ୟବସ୍ଥାକୁ ସୁଦୃଢ଼ କରିବା, କୃଷି ପ୍ରକ୍ରିୟାକରଣ, ସଂଗ୍ରହ, ଗୋଦାମ ଘର, ଶୀତଳ ଭଣ୍ଡାର ଓ ପରିବହନ ବ୍ୟବସ୍ଥାର ଯୋଜନା ପ୍ରସ୍ତୁତ କରିବା, ବଜାର ଦର ସମ୍ବନ୍ଧୀୟ ସୂଚନା ଚାଷୀଙ୍କୁ ଉପଲବ୍ଧ କରାଇବା, କୃଷକ ଉତ୍ପାଦକ ସଂଗଠନ ଓ ଚାଷୀଙ୍କୁ କୃଷିଜାତ ଦ୍ରବ୍ୟ ପ୍ରକ୍ରିୟାକରଣକାରୀ ସଂସ୍ଥା ଏବଂ କ୍ରେତାଙ୍କ ସହ ସଂଯୋଗ କରିବା,ଚାଷୀଙ୍କୁ ଉପଯୁକ୍ତ ସଂସ୍ଥାଗତ ଋଣ ଓ ଆର୍ଥିକ ସହାୟତା ସହଜରେ ଉପଲବ୍ଧ କରାଇବା, ଋଣ ପ୍ରଦାନ ପୂର୍ବରୁ କୃଷକଙ୍କ ଆର୍ଥିକ ସ୍ଥିତି ଓ ଋଣ ପରିଶୋଧ କ୍ଷମତାର ମୂଲ୍ୟାୟନ ବ୍ୟବସ୍ଥାରେ ଉନ୍ନତି ଆଣିବା, ତଥ୍ୟ ଓ ପ୍ରମାଣ ଆଧାରରେ ସରକାରୀ କୃଷି ଯୋଜନା ପ୍ରସ୍ତୁତି ଓ ସମ୍ବଳର ସୁବିନିଯୋଗ କରିବା, ଚାଷ ହୋଇଥିବା ଜମିର ପରିମାଣ ଓ ଫସଲ ଉତ୍ପାଦନର ଆକଳନ ଆଧାରରେ ସମ୍ବଳ ଆବଣ୍ଟନ, ଅମଳ ଓ ଅମଳ ପରବର୍ତ୍ତୀ ଭିତ୍ତିଭୂମିରେ ଉପଯୁକ୍ତ ପୁଞ୍ଜିନିବେଶ କରିବା, ଅମଳ ପରବର୍ତ୍ତୀ ଫସଲ କ୍ଷତି ହ୍ରାସ, ଚାଷୀଙ୍କ ପାଇଁ ବଜାର ସୁବିଧା ଓ ଉତ୍ପାଦିତ ଦ୍ରବ୍ୟର ଉଚିତ ମୂଲ୍ୟ ପ୍ରାପ୍ତି ସୁନିଶ୍ଚିତ କରିବା, କୃଷକଙ୍କ ପଞ୍ଜିକରଣ, ଜମି ଓ ଫସଲ ତଥ୍ୟର ସଠିକତା, କୃଷି ସେବାର ସୁଗମ ଉପଲବ୍ଧତା ଏବଂ କୃଷକଙ୍କ ଆୟ ବୃଦ୍ଧି ସମ୍ପର୍କରେ ଆଲୋଚନା ହୋଇଥିଲା। ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ଲଳିତ ମୋହନ ବେହେରାଙ୍କ ସମେତ ସଂପୃକ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଆଲୋଚନା କରିଥିଲେ।

ଦେଢ଼ବର୍ଷ ହେଲା ନିର୍ମାଣ; ଶୌଚାଳୟରେ ଝୁଲୁଛି ତାଲା

ଚମ୍ପୁଆ, ୩।୧୧(ସମିସ)



ଜନସାଧାରଣଙ୍କ ସୁବିଧା ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ସର୍ବସାଧାରଣ ଶୌଚାଳୟ ଦେଢ଼ ବର୍ଷ ଧରି ଅଚଳ। ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲେ ମଧ୍ୟ ଏହାର ଦ୍ୱାର ଖୋଲିନାହିଁ। ଚମ୍ପୁଆ ଯୋଡ଼ା ରୋଡ୍‌ସ୍ଥିତ ନେହେରୁ ଷ୍ଟାଡିୟମ୍ ପରିସରରେ ଥିବା ଏହି ଶୌଚାଳୟରେ ତାଲା ଝୁଲୁଥିବା ଘଟଣା ଚମ୍ପୁଆ ଏନ୍‌ଏସିର କାର୍ଯ୍ୟଦକ୍ଷତା ଓ ପ୍ରଶାସନିକ ତତ୍ପରତାକୁ ନେଇ ପ୍ରଶ୍ନ ଉଠାଇଛି।

ସୂଚନା ଅନୁଯାୟୀ, ଶୌଚାଳୟ ନିର୍ମାଣ ପାଇଁ ୧୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବ୍ୟୟ ଅଟକଳ କରାଯାଇଥିଲା। ମାତ୍ର ନିର୍ମାଣ ପରେ ଏହାର ପରିଚାଳନା ଓ ରକ୍ଷଣାବେକ୍ଷଣ ବ୍ୟବସ୍ଥା ହୋଇନଥିବାରୁ ଦୀର୍ଘ ଦିନ ଧରି ଏହା ବନ୍ଦ ପଡ଼ିରହିଛି। ଲୋକଙ୍କ ଟିକସ ଅର୍ଥରେ ନିର୍ମିତ ଏହି ମୌଳିକ ସୁବିଧା ଯଦି ଲୋକଙ୍କ କାମରେ ନଲାଗେ, ତେବେ ଏଭଳି ନିର୍ମାଣର ଉଦ୍ଦେଶ୍ୟ କ'ଣ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି। ନେହେରୁ ଷ୍ଟାଡିୟମ୍?ରେ ନିୟମିତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଆୟୋଜିତ ହେଉଥିବାରୁ ଖେଳାଳି, କ୍ରୀଡ଼ା କର୍ମକର୍ତ୍ତା ଓ ଦର୍ଶକଙ୍କ ପାଇଁ ଶୌଚାଳୟର ଆବଶ୍ୟକତା ରହିଛି। କିନ୍ତୁ ଏହା ବନ୍ଦ ରହିବା ଯୋଗୁଁ ଲୋକେ ଅସୁବିଧାରେ ପଡୁଥିବା ବେଳେ ଷ୍ଟାଡିୟମ୍ ପରିସରରେ ଖୋଲାଖୋଲି ପରିସ୍ରା କରୁଥିବା ଦୃଶ୍ୟ ମଧ୍ୟ ଦେଖିବାକୁ ମିଳୁଛି। ଏହା ପରିବେଶର

୧୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ; କାମରେ ଲାଗୁନି
ଏନ୍‌ଏସିର ଅବହେଳାକୁ ନେଇ ଉଠିଲା ପ୍ରଶ୍ନ

ସ୍ୱଚ୍ଛତା ଓ ଜନସ୍ୱାସ୍ଥ୍ୟ ପ୍ରତି ଗୁରୁତର ପ୍ରଶ୍ନ ସୃଷ୍ଟି କରିଛି। ନିକଟରେ ଏହି ଷ୍ଟାଡିୟମ୍‌ରେ ମର୍ଣ୍ଣିଂ କ୍ଲବ୍ ଆନୁକୂଲ୍ୟରେ ତିନିଦିନ ଧରି ଷଷ୍ଠ ଚନ୍ଦ୍ରଶେଖର କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ପ୍ରତିଦିନ ହଜାର ହଜାର କ୍ରୀଡ଼ାପ୍ରେମୀ ଷ୍ଟାଡିୟମ୍‌ରେ ଏକତ୍ରିତ ହୋଇ ଖେଳ ଉପଭୋଗ କରିଥିଲେ। ଏତେ ବଡ଼ କ୍ରୀଡ଼ା ଆୟୋଜନ ସମୟରେ ମଧ୍ୟ ଶୌଚାଳୟରେ ତାଲା ଝୁଲୁଥିବାରୁ ଦର୍ଶକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାକୁ ନେଇ ଏନ୍‌ଏସିର ପୂର୍ବ ପ୍ରସ୍ତୁତି ଓ ନାଗରିକ ସୁବିଧା ପ୍ରତି ଗୁରୁତ୍ୱକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ଏନ୍‌ଏସିର ସାନିଟେସନ୍ ଅଧିକାରୀ ଏମ୍‌ଡି ସାହାବାଜଙ୍କୁ ପଚାରିବାରୁ, କାଉନସିଲ୍ ବୈଠକରେ ପ୍ରସ୍ତାବ ଗୃହୀତ ହୋଇ ନଥିବାରୁ କୌଣସି ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି)କୁ ପରିଚାଳନା ଦାୟିତ୍ୱ ଦିଆଯାଇ ନଥିବା ସେ କହିଥିଲେ। ଶୌଚାଳୟକୁ ଦେୟମୁକ୍ତ ରଖାଯିବ କି ଦେୟଯୁକ୍ତ କରାଯିବ, ସେନେଇ ମଧ୍ୟ ନିଷ୍ପତ୍ତି ହୋଇନଥିଲା। ତେବେ ପରବର୍ତ୍ତୀ କାଉନସିଲ୍ ବୈଠକରେ ଏହାକୁ ଏସ୍‌ଏଚ୍‌ଜି ଗୋଷ୍ଠୀ ମାଧ୍ୟମରେ ଦେୟମୁକ୍ତ ଭାବେ ପରିଚାଳନା କରିବାକୁ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି। ଏବେ ଏହାର ପରିଚାଳନା ଦାୟିତ୍ୱ ଏସ୍‌ଏଚ୍‌ଜି ଗୋଷ୍ଠୀକୁ ଦିଆଯିବ ବୋଲି ସାନିଟେସନ୍ ଅଧିକାରୀ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ, ଟୁର୍ଣ୍ଣାମେଣ୍ଟର ଆୟୋଜକ ସଭାପତି ରଶ୍ମିରଞ୍ଜନ ବେହେରା ଓ ସମ୍ପାଦକ ଅମିତାଭ ପ୍ରଧାନ ଶୌଚାଳୟ ଖୋଲାଯାଇ ନଥିବାରୁ ଅସନ୍ତୋଷ ପ୍ରକାଶ କରିଛନ୍ତି। ହଜାର ହଜାର ଦର୍ଶକଙ୍କ ସମାଗମ ହେଉଥିବା ଷ୍ଟାଡିୟମ୍‌ରେ ଏଭଳି ମୌଳିକ ସୁବିଧା ଅଚଳ ରହିବା ଦୁଃଖଦ ବୋଲି ସେମାନେ କହିଛନ୍ତି। ଦେଢ଼ ବର୍ଷ ଧରି ଶୌଚାଳୟ ବନ୍ଦ ରହିବା ପରେ ଏବେ ପରିଚାଳନା ନେଇ ନିଷ୍ପତ୍ତି ହେବା ଏନ୍‌ଏସିର ପ୍ରଶାସନିକ ତତ୍ପରତାକୁ ନେଇ ସନ୍ଦେହ ସୃଷ୍ଟି କରିଛି। ନିର୍ମାଣ ପୂର୍ବରୁ ପରିଚାଳନା ବ୍ୟବସ୍ଥା କାହିଁକି ସୁନିଶ୍ଚିତ କରାଯାଇ ନଥିଲା ଏବଂ ନିର୍ମାଣ ଶେଷ ପରେ ଏହାକୁ ଦୀର୍ଘଦିନ ତାଲା ପକାଇ ରଖିବା ପାଇଁ କିଏ ଦାୟୀ, ତାହା ଏବେ ଚମ୍ପୁଆବାସୀଙ୍କ ମୁଖ୍ୟ ପ୍ରଶ୍ନ। ଲକ୍ଷାଧିକ ଟଙ୍କା ବ୍ୟୟରେ ନିର୍ମିତ ଜନସାଧାରଣଙ୍କ ସୁବିଧା କେବେ ବାସ୍ତବରେ ଲୋକଙ୍କ କାମରେ ଲାଗିବ, ତାହାକୁ ନେଇ ଅପେକ୍ଷା ରହିଛି।

ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ; ବର୍ତ୍ତିଲେ ୫୦ ଯାତ୍ରୀ



ଜଣେ ଗୁରୁତର

ତେଲକୋଇ, ୩।୧୧(ସମିସ): ଆଗଚକା ଫାଟି ଯାତ୍ରୀବାହୀ ଦୁର୍ଗାମାଧବ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଗୁରୁତର ହୋଇଥିବା ବେଳେ ୧୩ରୁ ଅଧିକ ଯାତ୍ରୀ ଆହତ ତେଲକୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। କାଳିଆହତାରୁ କେନ୍ଦୁଝର ଦୁର୍ଗାମାଧବ ବସ୍‌ଟି ୫୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଯାଉଥିଲା। ଯାତ୍ରୀମାନେ ଅଳ୍ପକେ ଏକ ବଡ଼ ଦୁର୍ଘଟଣାରୁ ବର୍ତ୍ତି ଯାଇଥିବା କୁହାଯାଉଛି। ଦେଉଳଡିହା ଛକ ନିକଟରେ ବସ୍ ଆଗଚକା ଫାଟି ଯିବାରୁ ଭାରସାମ୍ୟ ହରାଇ ବସଟି ରାସ୍ତାକଡ଼ରେ ଥିବା ଗଛରେ ପିଟି ହୋଇଯାଇଥିଲା। ଗୁରୁତର ଜଣକ କୃଷ୍ଣପୁର ଗ୍ରାମର ବାଳି ପାତ୍ର (୬୫) ବୋଲି ଜଣାପଡ଼ିଛି। ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ଧାନବିଲରୁ ୧୦ ଫୁଟ୍‌ର ଅଜଗର ଉଦ୍ଧାର

ତୁରୁମୁଙ୍ଗା, ୩।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜ ମଲ୍ଲିପଶି ବିଟ୍ ଅନ୍ତର୍ଗତ ବଡ଼ଜାମୁପଶି ଗ୍ରାମ ନିକଟସ୍ଥ ଏକ ଧାନ ବିଲରୁ ରବିବାର ପ୍ରାୟ ୧୦ ଫୁଟ୍ ଲମ୍ବର ଏକ ବିଶାଳ ଅଜଗର ଉଦ୍ଧାର କରାଯାଇଛି। ପରେ ଏହାକୁ ଅଟେଇ ସଂରକ୍ଷିତ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡ଼ି ଦିଆଯାଇଛି। ରବିବାର ଅପରାହ୍ନରେ ଜଣେ ସ୍ଥାନୀୟ ଚାଷୀ ଧାନ ଫସଲ ଦେଖିବାକୁ ବିଲକୁ ଯାଇଥିବାବେଳେ ଅଜଗରଟିକୁ ଦେଖି ସ୍ଥାନୀୟ ଲୋକଙ୍କ ଭିଡ଼ ଜମିଥିଲା। ବନ ବିଭାଗ ପକ୍ଷରୁ ସାପ ଧରାଳି ଅଜଗରଟିକୁ ଉଦ୍ଧାର କରି ନିକଟସ୍ଥ ଅଟେଇ ସଂରକ୍ଷିତ ଜଙ୍ଗଲରେ ଛାଡ଼ିଥିବା ପାଟଣା ରେଞ୍ଜର ଆର୍ତ୍ତତ୍ରାଣ ମିର୍ଦ୍ଧା କହିଛନ୍ତି।

ମାଦଳ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

ତୁରୁମୁଙ୍ଗା, ୩।୧୧(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୁଖ୍ୟାଳୟଠାରେ ଆସନ୍ତା ନଭେମ୍ବର ୧୫ କୁଡୁମି ସାଂସ୍କୃତିକ ସମାଜ ପକ୍ଷରୁ ଏକ ବିଶାଳ ମାଦଳ ଶୋଭାଯାତ୍ରା ନେଇ ପାଟଣା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଏକ ପ୍ରସ୍ତୁତି ବୈଠକ କରୁଣାକର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବର୍ତ୍ତମାନ ସମୟରେ ମାଦଳ ଏକ ସୁମଧୁର ଓ ଶ୍ରୁତିମଧୁର ବାଦ୍ୟ ଧୀରେ ଧୀରେ ଲୋପ ପାଇଯାଉଛି। ଏହି ବିଲୁପ୍ତପ୍ରାୟ ବାଦ୍ୟକୁ କେବଳ କୁଡୁମି ସମାଜ ବଞ୍ଚାଇ ରଖିଆସୁଥିବା ବେଳେ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ କୁଡୁମି ସାଂସ୍କୃତିକ ସମାଜ ମାଦଳ ଶୋଭାଯାତ୍ରା କରାଯିବା ପାଇଁ ଏକ କମିଟି ଗଠନ କରାଯାଇଛି। ଏଥିରେ ସଭାପତି ଭାବେ କରୁଣାକର ମହାନ୍ତ, ଉପସଭାପତି ଭାବେ କ୍ଷେତ୍ରବାସୀ ମହାନ୍ତ, ସମ୍ପାଦକ ଭାବେ ପ୍ରଫୁଲ୍ଲ ମହାନ୍ତ, ସହସମ୍ପାଦକ ଭାବେ କ୍ଷେତ୍ରମୋହନ ମହାନ୍ତ, କୋଷାଧ୍ୟକ୍ଷ ଭାବେ ସୁକାନ୍ତ ମହାନ୍ତ ଓ ସଦସ୍ୟ ଭାବେ ଭରତଚନ୍ଦ୍ର ମହାନ୍ତ, ଖଗେଶ୍ୱର ମହାନ୍ତ ଓ ନରେନ୍ଦ୍ର ମହାନ୍ତ ପ୍ରମୁଖଙ୍କୁ ଚୟନ କରାଯାଇଛି। ଉକ୍ତ ମାଦଳ ଶୋଭାଯାତ୍ରାରେ ଶତାଧିକ ମାଦଳ, ଢୋଲକ, ନାଗରା ସହିତ ବିଭିନ୍ନ କଳାକାର ଯୋଗ ଦେବେ ବୋଲି କମିଟି ପକ୍ଷରୁ କୁହାଯାଇଛି।

ଚାରିନାଳିଆରେ କଙ୍କଡ଼ା ହାଟ୍; ମହିଳାଙ୍କୁ ରୋଜଗାର

ଆନନ୍ଦପୁର, ୩।୧୧ (ସମିସ): ଶୀତ ଦିନ ଆସିଲେ ବଢ଼ୁଛି ଦେଶୀ କଙ୍କଡ଼ାର ଚାହିଦା। ଏହାକୁ ନେଇ ଆନନ୍ଦପୁର-ଭଦ୍ରକ ୫୩ ନମ୍ବର ରାଜ୍ୟ ରାଜପଥର ଚାରିନାଳିଆଠାରେ ଜମୁଛି ଦେଶୀ କଙ୍କଡ଼ା ହାଟ। ଏଠାରେ ଗ୍ରାହକମାନେ କମ୍ ମୂଲ୍ୟରେ ତାଜା ଦେଶୀ କଙ୍କଡ଼ା କିଣିବାର ସୁଯୋଗ ପାଉଥିବା ବେଳେ ଏହି ବ୍ୟବସାୟ ଅନେକ ମହିଳାଙ୍କ ପାଇଁ ରୋଜଗାରର ମାଧ୍ୟମ ପାଲଟିଛି। ଚାରିନାଳିଆ ନିକଟରେ ରହିଛି ଆନନ୍ଦପୁର ବ୍ଲକ୍‌ର ମୋଚିନ୍ଦା ପଞ୍ଚାୟତ ଅନ୍ତର୍ଗତ ସରଦାପୁର ଗ୍ରାମ। ଏହି ଗ୍ରାମରେ ପ୍ରାୟ ୨୦୦ ପରିବାର ବସବାସ କରୁଥିବା ବେଳେ ଅଧିକାଂଶ ପରିବାର ଶ୍ରମଜୀବୀ। ଗ୍ରାମର ଅନେକ ଲୋକ ମାଛ ଓ କଙ୍କଡ଼ା ଧରି ପରିବାର ପ୍ରତିପୋଷଣ କରିଥାନ୍ତି। ବିଶେଷ କରି ପ୍ରାୟ ୫୦ରୁ ଅଧିକ ମହିଳା କଙ୍କଡ଼ା ଧରି ନିଜର ଜୀବିକା ନିର୍ବାହ କରୁଛନ୍ତି। ଏହି ମହିଳାମାନେ ପ୍ରତିଦିନ ସକାଳୁ ଘରୁ ବାହାରି ନିକଟସ୍ଥ ପାଟ ଓ ବିଲକୁ କଙ୍କଡ଼ା ଧରିବା ପାଇଁ ଯାଇଥାନ୍ତି। ପରେ ଧରିଥିବା କଙ୍କଡ଼ାକୁ ଚାରିନାଳିଆ ରାସ୍ତା କଡରେ ବିକ୍ରି କରି ଟଙ୍କା ରୋଜଗାର କରନ୍ତି। ଆଜି ୧୦୦ ଟଙ୍କାରେ ୧୫ରୁ ୨୦ଟି କଙ୍କଡା ବିକ୍ରି ହେଉଥିବାବେଳେ ଗ୍ରାହକ ମାନେ ଭିଡ଼ ଲଗାଇ ଘରକୁ ନେଇ ଯାଉଥିବା ଦେଖିବାକୁ ମିଳିଥିଲା। ବର୍ଷରେ ଥରେ ଦୁଇଥର ଏହି କଙ୍କଡା ଖାଇବାର ସୁଯୋଗ ମିଳିଥାଏ ବୋଲି ଫକୀରପୁରର ପ୍ରଦୀପ ସାହୁ କହିଛନ୍ତି। ଏହି ରୋଜଗାର ଦ୍ୱାରା ସେମାନେ ନିଜ ପରିବାରର ଦୈନନ୍ଦିନ ଖର୍ଚ୍ଚ ତୁଲାଇବା ସହ ଆର୍ଥିକ ସ୍ୱାବଲମ୍ବୀ ହେବାରେ ସହାୟତା ପାଉଛନ୍ତି। ଗୋଟିଏ ପଟେ ଗ୍ରାହକଙ୍କୁ କମ୍ ମୂଲ୍ୟରେ ଦେଶୀ କଙ୍କଡ଼ା ମିଳୁଥିବା ବେଳେ ଅନ୍ୟପଟେ ଏହି ହାଟ ଗ୍ରାମାଞ୍ଚଳର ମହିଳାଙ୍କ ଜୀବିକାକୁ ସୁଦୃଢ଼ କରିବାରେ ସହାୟକ ହେଉଛି। ତେଣୁ ଚାରିନାଳିଆର ଏହି କଙ୍କଡ଼ା ହାଟ ସ୍ଥାନୀୟ ଅଞ୍ଚଳରେ ଗୁରୁତ୍ୱ ବହନ କରୁଛି।

▶▶ କ୍ରେନ୍‌ରେ ଗାଡ଼ି ଟଣା ବେଳେ ଦୁର୍ଘଟଣା

ଦୁଇ ଯାନ ମଝିରେ ଚାପି ହେଲା କାର୍

ଯୋଡ଼ା, ୩।୧୧(ସମିସ): ଜାତୀୟ ରାଜପଥରେ ଅଚଳ ଗାଡ଼ିକୁ କ୍ରେନ୍ ସାହାଯ୍ୟରେ ଟାଣି ନେବା ସମୟରେ ଘଟିଛି ଏକ ଦୁର୍ଘଟଣା। କେନ୍ଦୁଝର ଜିଲ୍ଲାର ୫୨୦ ନମ୍ବର ଜାତୀୟ ରାଜପଥର ଭଦ୍ରାସାହି ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏହି ଘଟଣା ଘଟିଛି। ଦୁର୍ଘଟଣାରେ ଏକ କାର୍ ଦୁଇଟି ଯାନ ମଧ୍ୟରେ ଚାପି ହୋଇ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବା ବେଳେ କାର୍‌ରେ ଥିବା ଯାତ୍ରୀମାନେ ଅଳ୍ପକେ ଏକ ବଡ଼ ଅଘଟଣରୁ ବର୍ତ୍ତିଯାଇଛନ୍ତି।

ଅଳ୍ପକେ ବର୍ତ୍ତିଲେ କାର୍‌ରେ ଥିବା ଯାତ୍ରୀ

ସୂଚନା ଅନୁଯାୟୀ, ରାଜପଥରେ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏକ ଗାଡ଼ି ଅଚଳ ହୋଇ ପଡ଼ିଥିଲା। ଉକ୍ତ ଗାଡ଼ିକୁ କ୍ରେନ୍ ସାହାଯ୍ୟରେ ସ୍ଥାନାନ୍ତର କରାଯାଉଥିବା ବେଳେ ଏକ କାର୍ ସେଠାରେ ପହଞ୍ଚି ଧକ୍କା ହୋଇଥିଲା। ଫଳରେ କାର୍‌ଟି ଦୁଇଟି ଗାଡ଼ି ମଝିରେ ଫସି ଯାଇଥିଲା। ଏହି ଧକ୍କାରେ କାର୍‌ର ଉଭୟ ପାର୍ଶ୍ୱ ଚେପା ହୋଇଯିବା ସହ ଗାଡ଼ିର ବିଭିନ୍ନ ଅଂଶ ଭାଙ୍ଗି ଗୁରୁତର କ୍ଷତି ହୋଇଥିଲା। ଦୁର୍ଘଟଣା ପରେ କାର୍‌ର ଅବସ୍ଥା ଦେଖି ଘଟଣାସ୍ଥଳରେ ଥିବା ଲୋକମାନେ ଆଶ୍ଚର୍ଯ୍ୟଚକିତ ହୋଇପଡ଼ିଥିଲେ। ଏହି ଘଟଣା ରାଜପଥରେ ଅଚଳ ଯାନବାହନକୁ ହଟାଇବା ସମୟରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥାର ଗୁରୁତ୍ୱକୁ ପୁଣିଥରେ ଉଜାଗର କରିଛି। ଭଦ୍ରାସାହି ନିକଟରେ ଘଟିଥିବା ଏହି ଦୁର୍ଘଟଣା ରାଜପଥରେ ସୁରକ୍ଷା ଓ ସତର୍କତାର ଅଭାବକୁ ପୁଣିଥରେ ପଦାରେ ପକାଇଛି।

ଯୋଡ଼ା ମହିଳା ମହାବିଦ୍ୟାଳୟରେ ଭିଜିଲାନ୍ସ ସପ୍ତାହ ଓ ନିଶାମୁକ୍ତି ସଚେତନତା



ଯୋଡ଼ା, ୩।୧୧(ସମିସ): ଯୋଡ଼ା ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା (ଏନ୍‌ଏସ୍‌ଏସ୍) ପକ୍ଷରୁ ଭିଜିଲାନ୍ସ ସପ୍ତାହ ପାଳିତ ହୋଇଛି। ଏହି ଅବସରରେ ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି କରିବା ସହ ଲାଞ୍ଚ ନେବା ଓ ଦେବାକୁ ବିରୋଧ କରିବା ପାଇଁ ଛାତ୍ରୀମାନଙ୍କୁ ଶପଥ ପାଠ କରାଯାଇଥିଲା।। କଲେଜ ଅଧ୍ୟକ୍ଷ ପ୍ରଦୀପ ବେହେରା ଛାତ୍ରୀମାନଙ୍କୁ ଶପଥ ପାଠ କରାଇବା ସହ ସମାଜରୁ ଦୁର୍ନୀତିର ମୂଳୋତ୍ପାଟନ କରିବା ଦିଗରେ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ଏଥିସହ ସଚେତନତା ସଭାରେ ଦୁର୍ନୀତିମୁକ୍ତ ସମାଜ ଗଠନରେ ଯୁବପିଢ଼ିଙ୍କ ଭୂମିକା ଉପରେ ବାର୍ତ୍ତା ଦେଇଥିଲେ। ଏହି କାର୍ଯ୍ୟକ୍ରମର ଅନ୍ୟତମ ଆକର୍ଷଣ ଥିଲା ଛାତ୍ରୀମାନଙ୍କ ନିଶାମୁକ୍ତି ସଚେତନତା ରାଲି। ଛାତ୍ରୀମାନେ ରାଲିରେ ସାମିଲ ହୋଇ ସ୍ଥାନୀୟ ବନେଇକଳା ଅଞ୍ଚଳରେ ରାସ୍ତା ପରିକ୍ରମା କରିଥିଲେ। ଏହା ମାଧ୍ୟମରେ ନିଶା ସେବନର କୁପ୍ରଭାବ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବା ସହ ନିଶାମୁକ୍ତ ସମାଜ ଗଠନର ବାର୍ତ୍ତା ପ୍ରଚାର କରାଯାଇଥିଲା। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର +୩ କାର୍ଯ୍ୟକ୍ରମ ଅଧିକାରୀ ଜଗମୋହନ ଝଙ୍କାର ଏବଂ +୨ କାର୍ଯ୍ୟକ୍ରମ ଅଧିକାରିଣୀ ଶୁଚିସ୍ମିତା ସିଂ ପରିଚାଳନା କରିଥିଲେ। ଭିଜିଲାନ୍ସ ସପ୍ତାହ ପାଳନ ମାଧ୍ୟମରେ ଛାତ୍ରୀମାନଙ୍କ ମଧ୍ୟରେ ନୈତିକତା, ସଚ୍ଚୋଟତା ଓ ସାମାଜିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରସାର କରାଯାଇଥିଲା।

ଓଡ଼ିଶା ଜନତା କଂଗ୍ରେସର ଜନସମାବେଶ



କେନ୍ଦୁଝର, ୩।୧୧(ସମିସ): କେନ୍ଦୁଝର ଜିଲ୍ଲାରେ ଓଡ଼ିଶା ଜନତା କଂଗ୍ରେସର ବିଶାଳ ଜନସମାବେଶରେ ସରକାରଙ୍କୁ ଟାର୍ଗେଟ୍ କଲେ ରାଜ୍ୟ ସଭାପତି ମହମ୍ମଦ ମୋକିମ। ପୁରୁଣା ବଜାରସ୍ଥିତ ଜଗନ୍ନାଥ ମନ୍ଦିର ନିକଟରୁ ବାହାରିଥିବା ଏହି ଶୋଭାଯାତ୍ରା ମ୍ୟୁନିସିପାଲିଟି ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ଏହି ଅବସରରେ ମୋକିମ ଚାଷୀ, ଗରିବ ଖଟିଖିଆ ଏବଂ ସାଧାରଣ ଲୋକଙ୍କ ସମସ୍ୟାକୁ ନେଇ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଥିଲେ। ଓଡ଼ିଶାର ୫୦ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ ହୋଇଥିବାବେଳେ ଚାଷୀମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ହୋଇ ପାରୁନାହିଁ। ଖଣିଜ ସମ୍ପଦରେ ଭରପୂର କେନ୍ଦୁଝର ଜିଲ୍ଲାରେ ଆଜି ମଧ୍ୟ କୁପୋଷଣ ଏକ ଗୁରୁତର ସମସ୍ୟା ହୋଇ ରହିଛି। ଜିଲ୍ଲାର ପ୍ରାୟ ୩୧ ପ୍ରତିଶତ ଶିଶୁ ଉପଯୁକ୍ତ ଓଜନ ହାସଲ କରିପାରୁନାହାନ୍ତି ବୋଲି ସେ ଅଭିଯୋଗ କରିଥିଲେ। ଏକ ଧନୀ ଜିଲ୍ଲାରେ ଲୋକଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଯୋଗାଡ଼ କରିବା କଷ୍ଟକର ହେବା ଦୁର୍ଭାଗ୍ୟଜନକ ବୋଲି ସେ ମତ ରଖିଥିଲେ। ଅନ୍ୟପକ୍ଷରେ ହରିଚନ୍ଦନପୁର, ତେଲକୋଇ, ବାଂଶପାଳ ଏବଂ ଚମ୍ପୁଆ ବ୍ଲକର ଅନେକ ଅଞ୍ଚଳରେ ଲୋକେ ଏବେ ମଧ୍ୟ ଉନ୍ନତ ଗମନାଗମନ ସୁବିଧାରୁ ବଞ୍ଚିତ ଥିବା ସହ କେତେକ ଗ୍ରାମରେ ପାନୀୟ ଜଳର ଘୋର ସଙ୍କଟ ରହିଥିବା ନେଇ ସେ ଅଭିଯୋଗ କରିଥିଲେ। ଏଥିସହ କେନ୍ଦୁଝର ଜିଲ୍ଲାରେ ବାଲି ଚୋରା ଚାଲାଣକୁ ନେଇ ମଧ୍ୟ ରାଜ୍ୟ ସଭାପତି ଉଦ୍‌ବେଗ ପ୍ରକାଶ କରିଥିଲେ। ଚାଷୀ, ଗରିବ ଓ ସାଧାରଣ ଜନତାଙ୍କ ସମସ୍ୟାର ସମାଧାନ ସହ ଓଡ଼ିଶାର ପ୍ରାୟ ୫୦ ପ୍ରତିଶତ କୃଷିନିର୍ଭର ଲୋକଙ୍କ ସ୍ୱାର୍ଥ ପାଇଁ ତାଙ୍କ ଦଳ କାର୍ଯ୍ୟ କରିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ଏହି ଜନସମାବେଶରେ ଦଳୀୟ କର୍ମୀ ଓ ସମର୍ଥକଙ୍କ ଉପସ୍ଥିତିରେ କେନ୍ଦୁଝରର ବିଭିନ୍ନ ଜନସମସ୍ୟା ଉପସ୍ଥାପିତ ହୋଇଥିଲା।

ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଧନୁର୍ବିଦ୍ୟା ଓ ବାଳିକା ଫୁଟବଲ୍ ପ୍ରତିଯୋଗିତା



କେନ୍ଦୁଝର, ୩।୧୧(ସମିସ): କେନ୍ଦୁଝର ସହରସ୍ଥିତ ଧରଣୀଧର କ୍ରୀଡ଼ା ପରିସର, ଶଙ୍କରପୁରଠାରେ ୭୦ତମ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଧନୁର୍ବିଦ୍ୟା (ଆର୍ଚେରୀ) ଓ ବାଳିକା ଫୁଟବଲ୍ ପ୍ରତିଯୋଗିତାରେ ଜିଲ୍ଲାର ୧୩ଟି ବ୍ଲକରୁ ବହୁ ସଂଖ୍ୟକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଉଦ୍‌ଘାଟନୀ ସମାରୋହରେ କେନ୍ଦୁଝରର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା ମୁଖ୍ୟଅତିଥି ଭାବେ ଖେଳାଳିମାନେ ଆଗାମୀ ଦିନରେ ଜିଲ୍ଲା ତଥା ରାଜ୍ୟର ଗୌରବ ବୃଦ୍ଧି କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲା ଶାରୀରିକ ଶିକ୍ଷାଧିକାରୀ ରାମକୃଷ୍ଣ ବେହେରା ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ତମ ପ୍ରଦର୍ଶନ ପାଇଁ ପ୍ରେରଣା ଦେଇଥିଲେ। ୧୭ ବର୍ଷରୁ କମ୍ ବାଳିକା ଫୁଟବଲ ପ୍ରତିଯୋଗିତାରେ ଯୋଡ଼ା ବ୍ଲକ ଚାମ୍ପିଅନ୍ ଏବଂ ଝୁମ୍ପୁରା ଦଳ ରନର୍ସଅପ୍ ହୋଇଛନ୍ତି। ପ୍ରତିଯୋଗିତାକୁ ଶୃଙ୍ଖଳିତ ଓ ସୁଚାରୁରୂପେ ପରିଚାଳନା କରିବା ପାଇଁ ୨୦ ଜଣ ଅଫିସିଆଲଙ୍କୁ ନିଯୁକ୍ତ କରାଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଖେଳାଳିମାନଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଦେଖାଦେଇଥିବା ବେଳେ ପ୍ରତିଯୋଗିତାକୁ ନେଇ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି ହୋଇଛି। ଜିଲ୍ଲା କ୍ରୀଡ଼ା ସମ୍ପାଦକ ପ୍ରଦୀପ ବାରିକ ଧନ୍ୟବାଦ ଦେଇଥିଲେ।



ବ୍ଲକ୍‌ସ୍ତରୀୟ ପ୍ରତିଭା ଅନ୍ୱେଷଣ ଶିଶୁ ମହୋତ୍ସବ 'ସୁରଭି'



ବାଲିବନ୍ଧ, ୩।୧୧(ସମିସ): ଝୁମ୍ପୁରା ବ୍ଲକ ମୁଖ୍ୟାଳୟଠାରେ ଥିବା ଝୁମ୍ପୁରା ସରକାରୀ ଉଚ୍ଚବିଦ୍ୟାଳୟରେ ସୋମବାର ଗୋଷ୍ଠୀ ଶିକ୍ଷାଧିକାରୀ ଭଗବାନ ମିଶ୍ରଙ୍କ ଅଧ୍ୟକ୍ଷତାରେ ବ୍ଲକସ୍ତରୀୟ ପ୍ରତିଭା ଅନ୍ୱେଷଣ ଶିଶୁ ମହୋତ୍ସବ ସୁରଭି-୨୦୨୬ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ଝୁମ୍ପୁରା ବ୍ଲକ ପ୍ରତିନିଧି ମହେନ୍ଦ୍ର ପଟ୍ଟନାୟକ ମୁଖ୍ୟଅତିଥି, ମୁଖ୍ୟବକ୍ତା ଭାବେ ଝୁମ୍ପୁରା ଥାନାଧିକାରିଣୀ ସମବାରୀ ହାଁସଦା, ସମ୍ମାନିତ ଅତିଥି ଭାବେ ଝୁମ୍ପୁରା ସରପଞ୍ଚ ରେବତୀ ବିରୁଆ, ଝୁମ୍ପୁରା ବ୍ଲକ ସାଂସଦ ପ୍ରତିନିଧି ପଞ୍ଚାନନ ସାହୁ, ଅବସରପ୍ରାପ୍ତ ଏବିଇଓ ବିଜୟାନନ୍ଦ ବେହେରା, ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେଶଚନ୍ଦ୍ର ମହାନ୍ତ, ଝୁମ୍ପୁରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ରାଜେନ୍ଦ୍ର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ଏବିଓ/ବିଆରସିସି ନବକିଶୋର ସାମଲ ସ୍ୱାଗତ ଅଭିଭାଷଣ ରଖିଥିଲେ। ବଡଡୁମୁରିଆ ସରକାରୀ ଉଚ୍ଚ ବିଦ୍ୟାଳୟର ସହକାରୀ ଶିକ୍ଷକ ବିଜୟ ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଝୁମ୍ପୁରା ବ୍ଲକର ୧୨ଟି କ୍ଲଷ୍ଟରର ୩ ଶହ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୩ଟି ବର୍ଗରେ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ପ୍ରଥମସ୍ଥାନ ହାସଲ କରିଥିବା କୃତୀ ଛାତ୍ରଛାତ୍ରୀ ଆସନ୍ତା ୫ ତାରିଖ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ନେଇ ବିଇଓ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି। ତନ୍ମୟ କୁମାର ଗିରି, ଦାଶରଥି ଗିରି, ଶୁକଦେବ ମହାନ୍ତଙ୍କ ସମେତ ସମସ୍ତ ସିଆରସିସି, ବରିଷ୍ଠ ଶିକ୍ଷକ ପ୍ରମୁଖ ସହଯୋଗ କରିଥିଲେ।



ତେଲକୋଇ: ତେଲକୋଇ ଦୋବଲାପାଳ ଉଚ୍ଚ ବିଦ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ସୁରଭି ପ୍ରତିଯୋଗିତାରେ ରାଧାକୃଷ୍ଣ ସରକାରୀ ଉଚ୍ଚ ବିଦ୍ୟାଳୟ ଶିବନାରାୟଣପୁର ଗୋଡ଼ାର ଛାତ୍ରଛାତ୍ରୀମାନେ ମୋଟ ୬ଟି ବିଭାଗରେ ପ୍ରଥମ ସ୍ଥାନ ଅଧିକାର କରି ଜିଲ୍ଲାସ୍ତରୀୟ ସୁରଭି ପ୍ରତିଯୋଗିତାକୁ ମନୋନୀତ ହୋଇଛନ୍ତି। ରଚନା ପ୍ରତିଯୋଗିତାରେ ଗାୟତ୍ରୀ ସାହୁ, ସୃଜନଶୀଳ ଲିଖନରେ ନବମ ଶ୍ରେଣୀର ଛାତ୍ରୀ ସୁଚିତା, ବକ୍ତୃତାରେ ନବମ ଶ୍ରେଣୀର ଛାତ୍ରୀ ପ୍ରଜ୍ୟନୀ ମହାନ୍ତ, ପ୍ରଧାନମନ୍ତ୍ରୀ ପୋଷଣ ଶିଳ୍ପକଳା ପ୍ରତିଯୋଗିତାରେ ପ୍ରିୟଦର୍ଶିନୀ ମହାନ୍ତ, ଦିବ୍ୟାଙ୍ଗ ସଙ୍ଗୀତ ପ୍ରତିଯୋଗିତାରେ ଅଞ୍ଜନା ଦେହୁରୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଦଳଗତ ନୃତ୍ୟରେ ବିଦ୍ୟାଳୟର ଛାତ୍ରୀମାନେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ କୁଆଁର ସିଂ ମୁଣ୍ଡା ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି।

ଆନନ୍ଦପୁର ସୁରଭି କାର୍ଯ୍ୟକ୍ରମ କେବଳ ଭାଷଣ ସର୍ବସ୍ୱ

ସନ୍ଧ୍ୟାରେ ଫେରୁଥିବା ବିଦ୍ୟାର୍ଥୀ ଅସୁରକ୍ଷିତ

ଆନନ୍ଦପୁର, ୩।୧୧(ସମିସ): ଆନନ୍ଦପୁର ବ୍ଲକ୍‌ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ପିଏମ୍‌ଶ୍ରୀ ଝାଡ଼େଶ୍ୱର ଉଚ୍ଚବିଦ୍ୟାଳୟଠାରେ ଦିନ ୧୧.୩୦ ମିନିଟରେ ଆରମ୍ଭ ହୋଇଥିଲା। ଅତିଥିଙ୍କୁ ଅପେକ୍ଷା କରି କାର୍ଯ୍ୟକ୍ରମ ବିଳମ୍ବରେ ଆରମ୍ଭ ହେଉଥିବାବେଳେ ମଞ୍ଚରେ ଭାଷଣ ଯୋଗୁଁ ଛାତ୍ରଛାତ୍ରୀଙ୍କ ପ୍ରତିଯୋଗିତା କାର୍ଯ୍ୟକ୍ରମ ବିଳମ୍ବ ହୋଇଥିବା ଅଭିଯୋଗ ହୋଇଛି। ଛାତ୍ରଛାତ୍ରୀଙ୍କ ସହିତ ଆସିଥିବା ଅଭିଭାବକ ଓ କେତେକ ଶିକ୍ଷକ ଏପରି ଅଯଥା ବିଳମ୍ବ ପାଇଁ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆନନ୍ଦପୁର ବ୍ଲକ୍ ଶିକ୍ଷାଧିକାରୀ ହରିହର ଦଳେଇଙ୍କ ସଭାପତିତ୍ୱ ଅନୁଷ୍ଠିତ ସଭାରେ ଉପଜିଲ୍ଲାପାଳ ନୀଳମାଧବ ସୁନା, କେନ୍ଦୁଝର ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା ଆନନ୍ଦପୁର ପୁଲିସ୍ ଅଧିକାରୀ କମଲ କୁମାର ପଣ୍ଡା, ଡକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ହେମେନ୍ଦ୍ରନାଥ ମହାନ୍ତିଙ୍କ ସମେତ ୧୦ ଜଣଙ୍କ ଭାଷଣ ଦିବା ୧୨-୫୦ ମିନିଟରେ ଶେଷ ହୋଇଥିଲା। ଫଳରେ କାର୍ଯ୍ୟକ୍ରମ ସନ୍ଧ୍ୟା ସୁଦ୍ଧା ଶେଷ ହୋଇପାରି ନଥିଲା। ଅନେକ ଅଭିଭାବକ ଏପରି କାର୍ଯ୍ୟକଳାପ ପାଇଁ ଦୁଃଖ ପ୍ରକାଶ କରିଥିବା ବେଳେ ଦାୟିତ୍ୱରେ ଆସିଥିବା ଅନେକ ଶିକ୍ଷକ ବ୍ୟତିବ୍ୟସ୍ତ ହୋଇପଡୁଥିବା ପରିଲକ୍ଷିତ ହୋଇଥିଲା। ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡକ୍ଟର ଆଲୋକ ରଣାଙ୍କ ଆବାହକତ୍ୱରେ ଅନୁଷ୍ଠିତ ସୁରଭି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଅକ୍ଳାନ୍ତ ପରିଶ୍ରମ କରି କାର୍ଯ୍ୟକ୍ରମର ସଫଳତା ପାଇଁ ସହଯୋଗ କରିଥିଲେ। ଆନନ୍ଦପୁର ବ୍ଲକ୍‌ର ୧୬ଟି କ୍ଲଷ୍ଟରରୁ ବିଭିନ୍ନ ବର୍ଗରେ ୩୩ଟି ପ୍ରତିଯୋଗିତାରେ ଶତାଧିକ ଛାତ୍ରଛାତ୍ରୀ ଉଲ୍ଲାସ ମନରେ ଅଂଶଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ବିଚାରକଙ୍କ ଦ୍ୱାରା ମନୋନୀତ କରାଯାଇ ଜିଲ୍ଲାସ୍ତରୀୟ ସୁରଭି କାର୍ଯ୍ୟକ୍ରମକୁ ଉତ୍ତୀର୍ଣ୍ଣ କରାଯାଇଛି। ସମ୍ପୃକ୍ତ ବ୍ଲକ୍‌ର ସିଆରସିଗଣ, ଶିକ୍ଷକଶିକ୍ଷୟିତ୍ରୀ ଏବଂ ଶିକ୍ଷାଧିକାରୀଙ୍କ ସହ କର୍ମଚାରୀଗଣ ପୂର୍ଣ୍ଣ ସହଯୋଗ କରିଥିଲେ।



ସକାଳ
THE SAKALA

ମାର୍ଚ୍ଚରେ ସମ୍ପୂର୍ଣ୍ଣ ହେବ 'ସମଲେଇ' ପ୍ରକଳ୍ପ ଫେଜ୍-୨





ସମ୍ବଲପୁର, ୩।୧୧ (ସମିସ)

୨୦୨୪ ମସିହା ସେପ୍ଟେମ୍ବର ମାସରୁ ଆରମ୍ଭ ହୋଇଥିବା 'ସମଲେଇ' ପ୍ରକଳ୍ପ ଦ୍ୱିତୀୟ ପର୍ଯ୍ୟାୟ (ଫେଜ୍-୨) କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି। ଏହି ପ୍ରକଳ୍ପଟି ପ୍ରାୟ ୫୨ ଏକର ଜମି ଉପରେ କରାଯାଉଥିବାବେଳେ ଏଥିରେ ୱାଟର୍‌ବଡ଼ିଜ୍ ଡେଭଲପ୍‌ମେଣ୍ଟ, ପାଥ୍‌ୱେ, ଭକ୍ତ ନିବାସ, ସମ୍ବଲପୁରୀ ବସ୍ତ୍ର ତଥା ଅନ୍ୟ ସାମଗ୍ରୀ ସକାଶେ ଦୋକାନ, ଯୋଗ ମଣ୍ଡପ, ଲନ୍, ଚିଲ୍ଡ୍ରେନ୍ସ ପାର୍କ, ସିନିୟର ସିଟିଜନ୍ ପାର୍କ, ୱାଟର୍ ଫାଉଣ୍ଟେନ୍, ବୋଟିଂ ଆଦି ପର୍ଯ୍ୟଟକଙ୍କ ସକାଶେ ବିଭିନ୍ନ ବିଭିନ୍ନ ବ୍ୟବସ୍ଥା କରାଯାଉଛି। ଜମି ଅଧିଗ୍ରହଣ ଏବଂ ଅନ୍ୟାନ୍ୟ ଖର୍ଚ୍ଚକୁ ମିଶାଇ ଏହି ସମଗ୍ର ପ୍ରକଳ୍ପର ବଜେଟ୍ ପ୍ରାୟ ୧୦୦ କୋଟି ଟଙ୍କା ରହିଛି। ଏହି ପର୍ଯ୍ୟନ୍ତ କାମ ବର୍ତ୍ତମାନ ପାଖାପାଖି ୭୦ ପ୍ରତିଶତ ସରିଯାଇଛି। ୨୦୨୭ ମସିହା ମାର୍ଚ୍ଚ ସୁଦ୍ଧା ପ୍ରକଳ୍ପର ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ କରି ଏହାକୁ ଜନସାଧାରଣଙ୍କ ପାଇଁ ଲୋକାର୍ପିତ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ସୂଚନା ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପଶ୍ଚିମ ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ ପୀଠର ସୌନ୍ଦର୍ଯ୍ୟକରଣ ଓ ବିକାଶ ସକାଶେ ତତ୍କାଳୀନ ବିଜେଡି ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା 'ସମଲେଇ' (ସମଲେଶ୍ୱରୀ ଟେମ୍ପଲ୍ ଏରିଆ ମ୍ୟାନେଜମେଣ୍ଟ ଆଣ୍ଡ ଲୋକାଲ୍ ଇକୋନୋମିକ୍ ଇନିସିଏଟିଭ୍) ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ରେକର୍ଡ ସମୟ ମଧ୍ୟରେ ସମ୍ପୂର୍ଣ୍ଣ ହୋଇଥିଲା।

୨୦୨୪ ଜାନୁଆରୀରେ ହୋଇଥିଲା ଫେଜ୍-୧ ଲୋକାର୍ପଣ

୨୦୨୪ ମସିହା ଜାନୁଆରୀ ୨୭ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ଲୋକାର୍ପିତ କରିଥିଲେ। ମା' ସମଲେଶ୍ୱରୀଙ୍କ ପୀଠର ସାମଗ୍ରିକ ବିକାଶ ନିମନ୍ତେ କାର୍ଯ୍ୟକାରୀ ହେଉଥିବା 'ସମଲେଇ' ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ଆଜି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ସମୀକ୍ଷା କରିଛନ୍ତି। ସମୀକ୍ଷା ଅନୁଯାୟୀ, ଦୂରଦୂରାନ୍ତରୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ସୁବିଧା ପାଇଁ ଭକ୍ତନିବାସ, ଆକର୍ଷଣୀୟ ପ୍ରବେଶ ଫୋୟର୍ ବିଲ୍ଡିଂ ଏବଂ ସ୍ଥାନୀୟ କଳା ସାମଗ୍ରୀ ପ୍ରଦର୍ଶନ ତଥା ବିକ୍ରୟ ନିମନ୍ତେ ସୁଭେନିର୍ ସପ୍ ଭବନ ନିର୍ମାଣ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଏଥିସହ ହ୍ରଦ ଅଞ୍ଚଳ-୨ର ପରିବେଶ ଅନୁକୂଳ ସୌନ୍ଦର୍ଯ୍ୟକରଣ ସହିତ ମୁଖ୍ୟ ପହଞ୍ଚ ରାସ୍ତା, ୨ ମିଟର ପ୍ରଶସ୍ତ ଚଲାପଥ (ୱାକ୍‌ୱେ) ଏବଂ ଖଣ୍ଡୋଲାଇଟ୍ ପଥରର ପାହାଚ ନିର୍ମାଣ ଶେଷପର୍ଯ୍ୟାୟ ଆଡ଼କୁ ଅଗ୍ରସର ହେଉଛି। ମନ୍ଦିର ପରିସରରେ ନିରବଚ୍ଛିନ୍ନ ଜଳଯୋଗାଣ ପାଇଁ ଭୂତଳ ଜଳଭଣ୍ଡାର (ଅଣ୍ଡରଗ୍ରାଉଣ୍ଡ ଟ୍ୟାଙ୍କ୍) କାର୍ଯ୍ୟ ସମାପ୍ତ ହେବାକୁ ବସିଥିବାବେଳେ ହ୍ରଦ ଅଞ୍ଚଳ-୧ ସଂଲଗ୍ନ ପ୍ରଶସ୍ତ ଗାଡ଼ି ପାର୍କିଂସ୍ଥଳ ଏବଂ ସର୍ବସାଧାରଣ ଶୌଚାଳୟ କୋଠା ନିର୍ମାଣ ଦ୍ରୁତଗତିରେ ଚାଲିଛି। ପରିବେଶ ସୁରକ୍ଷା ଓ ଜଳ ପୁନଃବ୍ୟବହାରକୁ ଦୃଷ୍ଟିରେ ରଖି ଏକ ଅତ୍ୟାଧୁନିକ ମଳଜଳ ବିଶୋଧନ ପ୍ଲାଣ୍ଟ (ଏସ୍‌ଟିପି) ନିର୍ମାଣ ଜାରି ରହିଛି। ଏହି ପ୍ରକଳ୍ପ କାର୍ଯ୍ୟରେ ସମ୍ପୃକ୍ତ ବିଭିନ୍ନ ବିଭାଗୀୟ ଅଧିକାରୀ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଏବଂ ଠିକାସଂସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷାକରି କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ଜିଲ୍ଲାପାଳ ଶ୍ରୀ ବୋନ୍ଦର ନିର୍ଦ୍ଦେଶ ଦେଇଛନ୍ତି।

ହାତୀପଲ ଉଜାଡ଼ି ଦେଲେ ଫସଲ

● ୧୦ ଲକ୍ଷ ଟଙ୍କାରୁ ଅଧିକ କ୍ଷତି

ଜମନକିରା, ୩।୧୧(ସମିସ): ବାମରା ଡ଼ିଭିଜନ ଜମନକିରା ରେଞ୍ଜ ଫାଶିମାଲ୍ ସେକ୍ସନ ଅଧୀନ କେନ୍ଦେଇମାଲ ଗ୍ରାମରେ ହାତୀପଲ ଉଜାଡି ଦେଇଛନ୍ତି କୁଶଧ୍ୱଜ ଚୌଧୁରୀଙ୍କ ବଗିଚା। ରବିବାର ରାତିରେ କେବିକେ ବିଞ୍ଜି ପାହାଡ଼ ତଳେ ଲୁକେଶ ଚୌଧୁରୀଙ୍କ ଧାନ ଫସଲ ନଷ୍ଟ କରିଥିବାବେଳେ ସୋମବାର ରାତି ୧୦ଟା ପର୍ଯ୍ୟନ୍ତ ଚାଷୀ ନିଜେ ନିଜ ବଗିଚା ଦେଖା ଦେଖି କରି ଘରକୁ ଫେରି ଥିଲେ। ଠିକ ଅଧ ଘଣ୍ଟା ପରେ କିଛି ବନ କର୍ମଚାରୀ ଗାଁ ରେ ପହଞ୍ଚି ଫେରିଥିଲେ। ରାତି ପ୍ରାୟ ୧ଟା୩୦ରେ ବାହାରି ପୁଣି ବଗିଚା ପଟେ ନଜର ପକାଇ ଥିଲେ। ଏହା ପରେ କିଛି ଆବାଜ ନ ପାଇଁ ବାରୁ ପୁଣି ଶୋଇ ପଡ଼ିଥିଲେ। ରାତିରେ ଗ୍ରାମର ଲାଇନ୍ କାଟି ଦେଇ ଥିଲେ। ସକାଳୁ ଉଠି ଦେଖିଲା ବେଳେ ବଗିଚା ସମ୍ପୂର୍ଣ୍ଣ ଛାର ଖାର ହୋଇ ଯାଇଛି। ଚାଷୀଙ୍କ କଦଳୀ ବଗିଚା, ୨ ଏକର ଧାନ ଫସଲ, ୧୦୦ରୁ ଅଧିକ ପାମ ଗଛ, ପପିତା ବଗିଚା, ଫୁଲ କୋବି, ପିଜୁଳି ବଗିଚା, ଚାରା ଘର, ନଡ଼ିଆ, ପଣସ, ଆମ୍ବ, ସୋଲାର, ଡ୍ରିପ ଲାଇନ, ପ୍ୟାନେଲ ବୋର୍ଡ ଆଦି ନଷ୍ଟ କରି ଦେଇଛନ୍ତି। ଏନେଇ ବାମରା ଡିଏଫଓ ବିକ୍ରମ ଦେବ ପଟ୍ଟନାୟକଙ୍କୁ ଫୋନ କରି ଘଟଣା ବିଷୟରେ ପଚାରିବାରୁ ପ୍ରଥମେ ଚାଷୀ ଦରଖାସ୍ତ ଆବେଦନ କରନ୍ତୁ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କହିଥିଲେ।

୫ରେ 'ସମ୍ବଲପୁରୀ ରାମଲୀଳା'ର ଦ୍ୱିତୀୟ ସଂସ୍କରଣ

ସମ୍ବଲପୁର, ୩।୧୧(ସମିସ): ସମ୍ବଲପୁରୀ ଭାଷା ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାର ପାଇଁ ଆଗେଇ ଆସିଛି ସମ୍ବଲପୁରୀ ରାମଲୀଳା କମିଟି। ସହଯୋଗ କରୁଛି ପଶ୍ଚିମାଞ୍ଚଳ ଏକତା ମଞ୍ଚ। ଆସନ୍ତା ୫ ତାରିଖ ଜେଲଖାନା ଛକ ନିକଟସ୍ଥ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ 'ସମ୍ବଲପୁରୀ ରାମଲୀଳା'ର ଦ୍ୱିତୀୟ ସଂସ୍କରଣ ଆୟୋଜିତ ହେବ। ଏଥିରେ ଲଙ୍କାକାଣ୍ଡ ରୁ ଉତ୍ତରାକାଣ୍ଡ ପର୍ଯ୍ୟନ୍ତ ପୌରାଣିକ ବିଷୟବସ୍ତୁ ପ୍ରଦର୍ଶିତ ହେବ। ଅପରାହ୍ଣ ସାଢ଼େ ୪ଟାରୁ ଆରମ୍ଭ ହେଉଥିବା କାର୍ଯ୍ୟକ୍ରମରେ ଉଦ୍‌ଘାଟନୀ ସଭା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରେ ମୁଖ୍ୟ ନାଟକ 'ଶ୍ରୀ ରାମ ଅଯୋଧ୍ୟା ଫିରୁଛନ' ପ୍ରଦର୍ଶନ କରାଯିବ। ଦୀପାବଳି ଅବସରରେ ଆୟୋଜିତ ହେବାକୁ ଥିବା ଏହି ନାଟକର ରଚୟିତା ଓ ନିର୍ଦ୍ଦେଶକ ବବଲୁ ବାଗ। ଏହାସହ ରାମ ଭୂମିକାରେ ଏଲ.ଏନ୍ ପୂଜାରୀ, ସୀତା ଭୂମିକାରେ ଶ୍ୱେତା ପଣ୍ଡା, ରାବଣ ଭୂମିକାରେ ଶୁଭେନ୍ଦ୍ର ନନ୍ଦ, ଲକ୍ଷ୍ମଣ ଭୂମିକାରେ ରାହୁଲ ଗୁପ୍ତା, ହନୁମାନ ଭୂମିକାରେ ଘୁନୁ ପାଢ଼ୀଙ୍କ ସମେତ ପ୍ରାୟ ୩୦ ଜଣ କଳାକାର ବିଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେବେ। ଆଜି ସମ୍ବଲପୁରୀ ଡେରାଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କମିଟି ସଭାପତି ଦଶରଥ ମେହେର 'ସମ୍ବଲପୁରୀ ରାମଲୀଳା' ଆୟୋଜନ ବିଷୟରେ ବିସ୍ତୃତଭାବେ ସୂଚନା ଦେଇଥିଲେ। ଉପଦେଷ୍ଟା ଭବାନୀଶ ଭୋଇ, ସମ୍ପାଦକ ରାହୁଲ ଗୁପ୍ତା, ସାଂସ୍କୃତିକ ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଗର୍ଡ଼ିଆ, କୋଷାଧ୍ୟକ୍ଷ ରାଜେଶ ସ୍ୱାଇଁ, ଉପସଭାପତି ପ୍ରସିସ ପଣ୍ଡା, ହିମାଂଶୁ ସାହୁ, ପ୍ରିୟଙ୍କା ପ୍ରଧାନ, ସୁଷମା ପ୍ରଧାନ, ଅମନ ଚିରଗୁନ ପ୍ରମୁଖ ଉପସ୍ଥିତ ଥିଲେ।

ଜେଲଗଲେ ଲାଞ୍ଚୁଆ ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ



ସମ୍ବଲପୁର, ୩।୧୧(ସମିସ): ସମ୍ବଲପୁର-ତାଳଚେର ରେଳଲାଇନ୍ ଦୋହରୀକରଣ ପ୍ରକଳ୍ପର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ ଅଜୟ କୁମାର ଗଡ଼ନାଏକଙ୍କୁ ଗତକାଲି ୩ ଲକ୍ଷ ୧୦ ହଜାର ଟଙ୍କା ନେବା ସମୟରେ ଓଡ଼ିଶା ଭିଜିଲାନ୍ସ ବିଭାଗ ଟ୍ରାପ୍ କରିଥିବାବେଳେ ଆଜି ତାଙ୍କୁ ଗିରଫ କରାଯାଇଥିବା ଭିଜିଲାନ୍ସ ଏସ୍‌ପି ପ୍ରଦ୍ୟୁମ୍ନ କୁମାର ଦ୍ୱିବେଦୀ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଆଜି ଅଭିଯୁକ୍ତ ଶ୍ରୀ ଗଡ଼ନାଏକଙ୍କୁ କୋର୍ଟଚାଲାଣ କରାଯାଇଛି।

ଏସ୍‌ପି ଶ୍ରୀ ଦ୍ୱିବେଦୀଙ୍କ ସୂଚନା ଅନୁଯାୟୀ, ପୂର୍ବରୁ ଭୂ-ଅର୍ଜନ ଅଧିକାରୀ ଶ୍ରୀ ଗଡ଼ନାଏକଙ୍କ ବିରୋଧରେ ଲାଞ୍ଚ ନେବା ଅଭିଯୋଗ ରହିଥିଲା। କିଛିଦିନ ପୂର୍ବେ ଜଣେ ଆସି ଅଭିଯୋଗ କଲେ ଯେ, ତାଙ୍କ ଭୂମି ଅଧିଗ୍ରହଣ ବାବଦକୁ ସେ କ୍ଷତିପୂରଣ ରାଶି ୮୪, ୭୨, ୨୮ ଟଙ୍କା ପାଇବା କଥା। ଏନେଇ ସେ କାଗଜାତ ସହ ଆସି ସମ୍ବଲପୁରରେ ଭୂ-ଅର୍ଜନ ଅଧିକାରୀ ଶ୍ରୀ ଗଡ଼ନାଏକଙ୍କୁ ସାକ୍ଷାତ କରିଥିଲେ। ତାଙ୍କଠାରୁ ଅନୁକୂଳ ବ୍ୟବସ୍ଥା କରିବାପାଇଁ ଶ୍ରୀ ଗଡ଼ନାଏକ ୧୫% ଲାଞ୍ଚ ମାଗିଥିଲେ। ତେବେ, ଅଭିଯୋଗକାରୀ ଅକ୍ଷମତା ପ୍ରକାଶ କରିବାରୁ ମୂଲଚାଲ ପରେ ୫ ଲକ୍ଷ ୧୦ ହଜାର ଦେବାପାଇଁ ତାଙ୍କୁ କୁହାଯାଇଥିଲା। ଗତ ଅକ୍ଟୋବର ୨୭ ତାରିଖରେ ଅଭିଯୋଗକାରୀ ୨ ଲକ୍ଷ ଟଙ୍କା ନେଇସାରିଥିଲେ ଏବଂ ବାକି ୩.୧୦ ଲକ୍ଷ ଟଙ୍କା ଦେବାକୁ ଅସମର୍ଥତା ପ୍ରକାଶ କରି, ତାହାକୁ ହ୍ରାସ କରିବାକୁ କହିବାରୁ ଶ୍ରୀ ଗଡ଼ନାଏକ ମାନି ନ ଥିଲେ। ଯଦି ବାକି ଟଙ୍କା ଶୀଘ୍ର ନ ଦିଆଯାଏ, ତେବେ ଭବିଷ୍ୟତରେ ହେବାକୁ ଥିବା ତୃତୀୟ ରେଳ ଲାଇନ୍ ପ୍ରକଳ୍ପ ପାଇଁ ହେବାକୁ ଥିବା ଭୂମି ଅଧିଗ୍ରହଣ ସମୟରେ ଅସୁବିଧା ସୃଷ୍ଟି କରିବେ ବୋଲି ଶ୍ରୀ ଗଡ଼ନାଏକ ଅଭିଯୋଗକାରୀଙ୍କୁ ଧମକ ଦେଇଥିଲେ। ଏଥିରେ ଅନନ୍ୟୋପାୟ ହୋଇ, ଅଭିଯୋଗକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ଭିଜିଲାନ୍ସ ଟିମ୍ ଟଙ୍କାରେ ରଙ୍ଗବୋଳି ଗତକାଲି ବାକି ୩ ଲକ୍ଷ ୧୦ ହଜାର ଟଙ୍କା ନେବାସମୟରେ ଶ୍ରୀ ଗଡ଼ନାଏକଙ୍କୁ ଧରିଥିଲା। ଏହି ରେଳପଥ ଦୋହରୀକରଣ ବିଭାଗର ଶାଖା କାର୍ଯ୍ୟାଳୟ ଅନୁଗୋଳରେ ଅଛି, ପୂର୍ବରୁ ୨ ଲକ୍ଷ ଟଙ୍କା ଅନୁଗୋଳ ଜଗନ୍ନାଥ ମନ୍ଦିର ପାଖରେ ନେଇଥିଲେ। ଅଭିଯୋଗକାରୀଙ୍କୁ ଅନୁଗୋଳ ଜଗନ୍ନାଥ ମନ୍ଦିର ପାଖକୁ ଡାକିଥିଲେ, ପରେ ପୁଣି ସ୍ଥାନ ପରିବର୍ତ୍ତନ କରି ଅନୁଗୋଳ ବିଇଡି କଲେଜ ପାଖକୁ ଡାକିଥିଲେ। ସେଠାରେ ଏଲ୍‌ଏଓ ଶ୍ରୀ ଗଡ଼ନାଏକ ଟଙ୍କା ନେବାବେଳେ ଭିଜିଲାନ୍ସ ଧରିଥିଲା। ଅନ୍ୟପକ୍ଷରେ, ଆୟ ବହିର୍ଭୂତ ସମ୍ପତ୍ତି ଠାବ ପାଇଁ ଅନୁଗୋଳସ୍ଥିତ ଶ୍ରୀ ଗଡ଼ନାଏକଙ୍କ ସରକାରୀ ବାସଗୃହ, ଢେଙ୍କାନାଳ ଜିଲ୍ଲା ରାସୋଲ ଥାନା ଅନ୍ତର୍ଗତ ତାଙ୍କ ପୈତୃକଗ୍ରାମ ଗିରିଧର ପ୍ରସାଦରେ ଥିବା ଘର ଏବଂ ତାଙ୍କ କାର୍ଯ୍ୟାଳୟ କକ୍ଷରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଏପର୍ଯ୍ୟନ୍ତ ତାହାର ସବିଶେଷ ବିବରଣୀ ପ୍ରାପ୍ତ ହୋଇପାରିନାହିଁ ବୋଲି ଭିଜିଲାନ୍ସ ଏସ୍‌ପି ଶ୍ରୀ ଦ୍ୱିବେଦୀ ସୂଚନା ଦେଇଛନ୍ତି। ସମ୍ବଲପୁର ଭିଜିଲାନ୍ସ ପି.ସି. (ସଂଶୋଧନ) ଆଇନ, ୨୦୧୮ ର ଧାରା ୭ ଅଧୀନରେ କେସ ନଂ ୨୦/୨୦୨୬ ରୁଜୁ କରି ଅଭିଯୁକ୍ତ ଭୂ-ଅର୍ଜନ ଅଧିକାରୀ ଶ୍ରୀ ଗଡ଼ନାଏକଙ୍କୁ ଗିରଫ କରାଯାଇ ଆଜି କୋର୍ଟଚାଲାଣ କରାଯାଇଥିବା ସେ କହିଛନ୍ତି।

'ସ୍ମୃତି-ରାଜେନ୍ଦ୍ର'- ରାଜେନ୍ଦ୍ର କିଶୋର ପଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି

ସମ୍ବଲପୁର, ୩।୧୧(ସମିସ): ବରଗଡ଼ରୁ ପ୍ରକାଶିତ ପାକ୍ଷିକ ପତ୍ରିକା କୋଶଳଟାଇମ୍‌ସ ସମ୍ପାଦକ ସଞ୍ଜୀବ ମହାପାତ୍ରଙ୍କ ଆବାହକତ୍ୱରେ ମ୍ୟୁନିସିପାଲିଟି ଛକ ନିକଟସ୍ଥ ସାମ୍ବାଦିକ ଭବନଠାରେ ଓଡ଼ିଶାର ପ୍ରଖ୍ୟାତ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଏକ ସ୍ମୃତିସଭା 'ସ୍ମୃତି -ରାଜେନ୍ଦ୍ର' ଆୟୋଜିତ ହୋଇଥିଲା। ଏଥିରେ ଅତିଥି ଭାବରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ପ୍ରାକ୍ତନ ମୁଖ୍ୟ ପ୍ରଫେସର କାଳିଦାସ ମିଶ୍ର, ବସୁମତୀ ସାହିତ୍ୟ ସଂସଦର ପ୍ରତିଷ୍ଠାତା ସମ୍ପାଦକ ଡା. ଗୁଣସାଗର ଦାଶ, ଦୈନିକ 'ଅଗ୍ନିଶିଖା'ର ସମ୍ପାଦକ ଅର୍ଜୁନ ରଞ୍ଜନ ପଣ୍ଡା, ଡଃ ପର୍ଶୁରାମ ମିଶ୍ର ଅଗ୍ରଗାମୀ ଶିକ୍ଷା ପ୍ରତିଷ୍ଠାନର ପୂର୍ବତନ ଅଧ୍ୟକ୍ଷା ପ୍ରଫେସର ନିରୁପମା ବଡ଼ପଣ୍ଡା, ଝାରସୁଗୁଡ଼ା ଏଲ୍‌ଏନ୍ କଲେଜର ପୂର୍ବତନ ଅଧ୍ୟକ୍ଷ ଡଃ ପ୍ରଦୀପ ପଣ୍ଡା, ଅଧ୍ୟାପକ ମୋହନ ସାହୁ ଓ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡଃ ଲକ୍ଷ୍ମୀପ୍ରିୟା ବେହେରା ଯୋଗ ଦେଇଥିଲେ। ଦୀପ ପ୍ରଜ୍ୱଳନ ପରେ କବି ରାଜେନ୍ଦ୍ରଙ୍କୁ ପୁଷ୍ପାଞ୍ଜଳି ଅର୍ପଣପୂର୍ବକ ନୀରବ ପ୍ରାର୍ଥନା କରାଯାଇଥିଲା। କୋଶଳଟାଇମ୍ ପତ୍ରିକାର ସମ୍ପାଦକ ସଞ୍ଜୀବ ମହାପାତ୍ର ସ୍ୱାଗତ ଭାଷଣ ଏବଂ ମା' ଝାଡ଼େଶ୍ୱରୀ କଲେଜ, ଧମାର ଓଡ଼ିଆ ଅଧ୍ୟାପକ ଡଃ ସିଦ୍ଧାର୍ଥ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ଆକାଶବାଣୀ ସମ୍ବଲପୁରର ଉଦଘୋଷିକା ବିଶ୍ୱଭାରତୀ ମିଶ୍ର ସଭାକାର୍ଯ୍ୟ ପରିଚାଳନା କରିବାସହ କବି ରାଜେନ୍ଦ୍ର ପଣ୍ଡାଙ୍କ 'ଅନ୍ୟା' କବିତା ଗାନ କରିଥିଲେ। ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ଗବେଷିକା ଅନନ୍ୟା ବେହେରା 'ଝିଅ ପାଇଁ ଗୋଟିଏ କବିତା' ଆବୃତ୍ତି କରିଥିଲେ। ବରଗଡ଼ର କବୟିତ୍ରୀ ପ୍ରବାସିନୀ ହୋତା, ନାଟ୍ୟ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକ, ଓଡ଼ିଆ ବାପଟିଷ୍ଟ ଚର୍ଚ୍ଚର ସଭାପତି ଅରୁଣ ମହାପାତ୍ର, କବୟିତ୍ରୀ ମମତା ନାଥ ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ମୁସଲିମ ସମ୍ପ୍ରଦାୟର ସଦସ୍ୟ ଜୁଲଫିକର ଅଲୀ, ବ୍ରାହ୍ମଣ ସମାଜର ଜାତୀୟ ସମ୍ପାଦକ ଗୋପୀନାଥ ମିଶ୍ର, ବ୍ରହ୍ମକୁମାରୀ ଆରତୀ ଓ ଉଷା ଭଉଣୀ, ଦିବ୍ୟ ଜୀବନ ସଂଘର ସଭାପତି ମୀନକେତନ ପାଠୀ, ନାରୀ ସେବା ସଂଘର ସଭାପତି ସଂଯୁକ୍ତା ହୋତା, ଓକିଲ ସଂଘର ସଭାପତି ଚନ୍ଦ୍ର କୁମାର ପୁରୋହିତ, ବରିଷ୍ଠ ଆଇନଜୀବୀ ସୁରେଶ୍ୱର ମିଶ୍ର, ବରିଷ୍ଠ ନାଗରିକ ସଂଘର ସଭାପତି ପ୍ରଫୁଲ୍ଲ ହୋତା, ଗବେଷକ ଦୀପକ ପଣ୍ଡା, ବରିଷ୍ଠ ସାମ୍ବାଦିକ ଶିବ ନନ୍ଦ, 'ଜନମୁଖ'ର ସମ୍ପାଦକ ବୀରେନ୍ଦ୍ର ପାଣିଗ୍ରାହୀ, ପ୍ରଫେସର କାମଦେବ ସାହୁ, ଅଧ୍ୟାପିକା ସୁଷମା ଦାଶ, କବି ମୁକ୍ତକଣ୍ଠ ପ୍ରଧାନ, ପୂର୍ବତନ ଆକାଶବାଣୀ କେନ୍ଦ୍ର ନିର୍ଦ୍ଦେଶକ ପ୍ରଫୁଲ୍ଲ ମାଝୀ, କବି ଲକ୍ଷ୍ମୀ ନାରାୟଣ ପଣ୍ଡା, ସଞ୍ଜୀବ ପୂଜାରୀ, ଅଶୋକ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ପୂର୍ବତନ ଶିକ୍ଷା ମଣ୍ଡଳାଧୀଶ ଅରବିନ୍ଦ ମହାପାତ୍ର କାର୍ଯ୍ୟକ୍ରମର ଭୂୟସୀ ପ୍ରଶଂସା କରିବାସହ ଧନ୍ୟବାଦ ଅର୍ପଣ କରିଥିଲେ।



୧୨ ଗ୍ରାମରୁ ଅଧିକ ହେରୋଇନ ଜବତ; ୪ ଗିରଫ

ସମ୍ବଲପୁର, ୩।୧୧(ସମିସ): ସମ୍ବଲପୁରର ଟାଉନ ଥାନା ଅଧୀନ ଝୁପୁଡ଼ିପଡ଼ା, ସାହୁ କଲୋନୀ ନିକଟରେ ପୁଲିସ ଚଢ଼ଉ କରି ବେଆଇନ ମାଦକ ଦ୍ରବ୍ୟ କାରବାରର ପର୍ଦ୍ଦାଫାସ କରିଛି। ଏହି ଘଟଣାରେ ପୁଲିସ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ୧୨ ଗ୍ରାମ ୫୦ ମିଲିଗ୍ରାମ ହେରୋଇନ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଛି। ଏନେଇ ମାମଲା ରୁଜୁ କରାଯାଇଛି। ପୁଲିସର ସୂଚନା ଅନୁଯାୟୀ, ଗତକାଲି ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଟିମ୍ ଉକ୍ତସ୍ଥାନରେ ଚଢ଼ଉ କରି ଅଭିଯୁକ୍ତମାନଙ୍କ କବ୍‌ଜାରୁ ନିଶା କାରବାରରେ ବ୍ୟବହୃତ ହେଉଥିବା ସାମଗ୍ରୀ ଜବତ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ସମ୍ବଲପୁର କ୍ଷେତରାଜପୁର ଥାନା ଅଧୀନ ପରଦେଶୀପଡ଼ାର ମାନସ ସାହୁ (୨୬), ଟାଉନ ଥାନା ଅଧୀନ ଆମ୍ବେଦକର ନଗରର ସୋନୁ ଦୀପ (୨୩), ଟାଉନ ଥାନା ଅଧୀନ ଦଲେଇପଡ଼ା ବାଟମଙ୍ଗଳା ମନ୍ଦିର ନିକଟର ଜାଭେଦ ହୁସେନ୍ ଓରଫ ଗୁଡୁ (୨୮) ଏବଂ ଧନୁପାଲି ଥାନା ଅନ୍ତର୍ଗତ ଭତରାର ନନ୍ଦ ମାର୍ଥା (୨୮)।

ପାର୍ବଣରେ ଟ୍ରେନ୍‌ରେ ଅତିରିକ୍ତ କୋଚ୍ ସଂଯୋଗ

ସମ୍ବଲପୁର, ୩।୧୧ (ସମିସ): ପାର୍ବଣ ଋତୁ ସମୟରେ ବୃଦ୍ଧି ପାଉଥିବା ଯାତ୍ରୀ ଚାହିଦାକୁ ଦୃଷ୍ଟିରେ ରଖି ଯାତ୍ରୀମାନଙ୍କୁ ଅଧିକ ସୁବିଧା ଯୋଗାଇଦେବା ଉଦ୍ଦେଶ୍ୟରେ ସମ୍ବଲପୁର-ସାନ୍ତ୍ରାଗାଛି ମଧ୍ୟରେ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ଚଳାଚଳ ଅବଧି ବୃଦ୍ଧି କରାଯାଇଛି। ଏଥିସହିତ ନଭେମ୍ବର ମାସର ନିର୍ଦ୍ଦିଷ୍ଟ ତାରିଖରେ ଭୁବନେଶ୍ୱର ଓ ନୂଆଦିଲ୍ଲୀ ମଧ୍ୟରେ ଚଳାଚଳ କରୁଥିବା ଚାରିଟି ତେଜସ୍ ରାଜଧାନୀ ଏକ୍ସପ୍ରେସରେ ଅତିରିକ୍ତ ଏସି ୩-ଟାୟାର କୋଚ ସଂଯୋଗ କରାଯିବ। ସମ୍ବଲପୁର-ସାନ୍ତ୍ରାଗାଛି ମଧ୍ୟରେ ଚଳାଚଳ କରୁଥିବା ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକ ଉଭୟ ଦିଗରୁ ଆଉ ଦୁଇଟି ଅତିରିକ୍ତ ଟ୍ରିପ୍ ସହ ଚଳାଚଳ କରିବ। ସମୟସୂଚୀ ଅନୁଯାୟୀ, ୦୮୩୦୩ ସମ୍ବଲପୁର-ସାନ୍ତ୍ରାଗାଛି ସ୍ୱତନ୍ତ୍ର ଟ୍ରେନ୍‌ଟି ୪ ନଭେମ୍ବରରୁ ୧୮ ନଭେମ୍ବର ପର୍ଯ୍ୟନ୍ତ ପ୍ରତ୍ୟେକ ବୁଧବାର ଦିନ ଚଳାଚଳ କରିବ ଏବଂ ୦୮୩୦୪ ସାନ୍ତ୍ରାଗାଛି-ସମ୍ବଲପୁର ସ୍ୱତନ୍ତ୍ର ଟ୍ରେନ୍‌ଟି ୫ ନଭେମ୍ବରରୁ ୧୯ ନଭେମ୍ବର ପର୍ଯ୍ୟନ୍ତ ପ୍ରତ୍ୟେକ ଗୁରୁବାର ଦିନ ଚଳାଚଳ କରିବ। ଅଧିକ ସଂଖ୍ୟକ ଯାତ୍ରୀଙ୍କୁ ଯାତ୍ରା ସୁବିଧା ଯୋଗାଇଦେବା ଏବଂ ଅତିରିକ୍ତ ଯାତ୍ରୀ ଭିଡ଼ ହ୍ରାସ କରିବା ପାଇଁ ଚାରିଟି ଟ୍ରେନ୍‌ରେ ନିର୍ଦ୍ଦିଷ୍ଟ ତାରିଖରେ ଗୋଟିଏ ଅତିରିକ୍ତ ଏସି ୩-ଟାୟାର କୋଚ ସାମୟିକ ଭାବେ ସଂଯୋଗ କରାଯିବ। ୨୦୮୧୭ ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ୭ ନଭେମ୍ବରରେ, ୨୦୮୧୮ ନୂଆଦିଲ୍ଲୀ-ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ୮ ନଭେମ୍ବରରେ, ୨୨୮୨୩ ଭୁବନେଶ୍ୱର-ନୂଆଦିଲ୍ଲୀ ତେଜସ୍ ରାଜଧାନୀ ଏକ୍ସପ୍ରେସରେ ୧୦ ନଭେମ୍ବରରେ ଏବଂ ୨୨୮୨୪ ନୂଆଦିଲ୍ଲୀ-ଭୁବନେଶ୍ୱର ତେଜସ୍ ରାଜଧାନୀ ଏକ୍ସପ୍ରେସ୍‌ରେ ୧୧ ନଭେମ୍ବର ୨୦୨୬ ଅତିରିକ୍ତ କୋଚ୍ ସଂଯୋଗ କରାଯିବ ବୋଲି ରେଳବାଇ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ କୁହାଯାଇଛି।

ଗଞ୍ଜେଇ ସହ କାର୍ ଜବତ; ୩ ଗିରଫ

ରେଢ଼ାଖୋଲ, ୩।୧୧(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ପୁଲିସ ପକ୍ଷରୁ ମଙ୍ଗଳବାର ଚଢ଼ଉ କରି ଗଞ୍ଜେଇ ସହ ଏକ କାର ଜବତ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ବୌଦ୍ଧ ଜିଲ୍ଲା ଅଞ୍ଚଳର ବୌଦ୍ଧ ଥାନାର ଗଣ୍ଡାପଦର ଗ୍ରାମର ସତ୍ୟନାରାୟଣପେର (୨୬), ବାଉଁଶୁଣି ଥାନା ତାଳବ ଗ୍ରାମର ଟୁଲୁ ନାୟକ (୨୭) ଓ ବାଉଁଶୁଣି ଥାନା ଟାଳବ ଗ୍ରାମର ସୁରୁବାବୁ ଭୋଇ (୩୧)। ରେଢ଼ାଖୋଲ ପୁଲିସ ଏସ୍‌ଆଇ ଗଜେନ୍ଦ୍ର କୁମାର ସେଠୀ ନେତୃତ୍ୱରେ ଅନ୍ୟ କର୍ମଚାରୀମାନେ ପୁରୁଣାଗଡ଼ ଛକ ରେଲୱେଷ୍ଟେସନ ପାଖରେ ପାଟ୍ରୋଲିଂ କରୁଥିବାବେଳେ ଏକ କାର ଦ୍ରୁତ ଗତିରେ ଆସୁଥିବା ଦେଖି ସନ୍ଦେହ କରି ଅଟକାଇ ଯାଞ୍ଚ କରିଥିଲେ। ଏଥିରେ ଗାଡି ଭିତରୁ ଏକ ବସ୍ତାରେ ୨ କେଜି ୩୧୦ ଗ୍ରାମ୍ ବେଆଇନ ଗଞ୍ଜେଇ ଜବତ କରିଥିବା ବେଳେ ଉକ୍ତ ତିନି ଅଭିଯୁକ୍ତ ମାନଙ୍କୁ ଗିରଫ କରିଥିଲେ। ପୁଲିସ ପକ୍ଷରୁ ଏକ ମାମଲା ରୁଜୁକରି ଉକ୍ତ ତିନି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା।

ନାବାଳିକା ଅପହରଣ ମାମଲାରେ ଅଭିଯୁକ୍ତ ଗିରଫ

ସମ୍ବଲପୁର, ୩।୧୧(ସମିସ): ସମ୍ବଲପୁର ମହାନଗର ନିଗମ ଅନ୍ତର୍ଗତ ହୀରାକୁଦରୁ ଏକ ନାବାଳିକା ଅପହରଣ ମାମଲାର ପର୍ଦ୍ଦାଫାଶ କରି ଏକ ସ୍ୱତନ୍ତ୍ର ଟିମ୍ ନାବାଳିକାଙ୍କୁ ମଧ୍ୟପ୍ରଦେଶରର ଦାମୋହ ଜିଲ୍ଲାରୁ ଉଦ୍ଧାର କରିବାସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର କହିଛନ୍ତି ଯେ, ଗତ ସେପ୍ଟେମ୍ବର ୨୫ ତାରିଖରେ ହୀରାକୁଦ ଥାନା ଅଞ୍ଚଳରୁ ଜଣେ ନାବାଳିକା ନିଖୋଜ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ଏନେଇ ହୀରାକୁଦ ଥାନାରେ କେସ୍ ନଂ. ୨୧୦/୨୦୨୬ରେ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ଅନୁସନ୍ଧାନ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ନାବାଳିକାଙ୍କୁ ମଧ୍ୟପ୍ରଦେଶର ଦାମୋହ ଜିଲ୍ଲା ଅନ୍ତର୍ଗତ ତେଣ୍ଡୁଖେଡା ଥାନା ଅଞ୍ଚଳକୁ ନିଆଯାଇଛି ବୋଲି ଜଣାପଡ଼ିଥିଲା। ସ୍ୱତନ୍ତ୍ର ପୁଲିସ ଟିମ୍ ସେଠାରେ ପହଞ୍ଚି ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଏହି ମାମଲାରେ ଅଭିଯୁକ୍ତ ଶିବଶଙ୍କର ଯାଦବ (୩୪)ଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଏହି ଘଟଣାରେ ପୋକ୍ସୋ ଆକ୍ଟ ସହ ମାନବ ଚାଲାଣ ଆଦି ବିଭିନ୍ନ ଆଇନଗତ ଧାରାରେ ମାମଲା ରୁଜୁ ହୋଇଛି। ଏହି ଘଟଣାର ତଦନ୍ତ ଚାଲିଛି ଏବଂ ମାମଲାରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଧରିବାକୁ ପୁଲିସ ଛାନଭିନ ଜାରି ରଖିଛି ବୋଲି ଅତିରିକ୍ତ ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି।

ଶାସନ ହାଇସ୍କୁଲରେ ବାଲ୍ ବିଜ୍ଞାନ ପ୍ରଦର୍ଶନୀ

ସମ୍ବଲପୁର, ୩।୧୧(ସମିସ): ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ଶାସନଠାରେ ବାଲ ବିଜ୍ଞାନ ପ୍ରଦର୍ଶନୀ ମେଳା ଆୟୋଜିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ତାରାବତୀ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବରେ ଧନକଉଡ଼ା ବ୍ଲକର ଶିକ୍ଷାଧିକାରୀ ଅଦନ ସୁନା ଏବଂ ସମ୍ମାନୀତ ଅତିଥି ଭାବରେ ଏସଏମସି ସଭାପତି ଗୋପାଳ ରାଉତ, ପଞ୍ଚସଖା ଶିକ୍ଷା ସେତୁ ସଭାପତି ଦୁଷ୍ମନ୍ତ ହୋତା, ଧନକଉଡ଼ା ଏବିଇଓ ରମେଶ ମିଶ୍ର, ସରପଞ୍ଚ ଶେଷଦେବ ଗର୍ଡ଼ିଆ ଏବଂ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ଥିଲେ। ବିଚାରକ ଭାବରେ ଏକେଏମ୍ ରେବୋଟିକ୍ସର ପ୍ରତିଷ୍ଠାତା ବୈଜ୍ଞାନିକ ଡ. ଆଶିଷ ମହାନା ଓ ବେଦିକ୍ କଲେଜ୍ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଫିରୋଜ ପଟେଲ ଯୋଗ ଦେଇଥିଲେ। ସିନିୟର, ଜୁନିୟର ଓ ସବ୍‌ଜୁନିୟର ବିଭାଗ ମିଶି ସର୍ବମୋଟ ୪୩ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିବାବେଳେ, ତନ୍ମଧ୍ୟରୁ ୧୩ଟି ପ୍ରକଳ୍ପ ଶ୍ରେଷ୍ଠ ବିବେଚିତ ହୋଇ ପୁରସ୍କୃତ ହୋଇଥିଲା। ଏହି ପ୍ରକଳ୍ପ ପ୍ରସ୍ତୁତିରେ ବିଜ୍ଞାନ ଶିକ୍ଷକ ଦେବାଶିଷ ସାହୁ, ପୂର୍ଣ୍ଣିମା ମହାନନ୍ଦ, ଗୁଲସନ ସେଠ, ତୃପ୍ତିବାଳା ପଣ୍ଡିତ, ଲକ୍ଷ୍ମୀ କିସାନ, ଦମୟନ୍ତୀ ବେହେରା ପ୍ରମୁଖ ଛାତ୍ରଛାତ୍ରୀ ମାନଙ୍କୁ ମାର୍ଗଦର୍ଶନ କରିଥିଲେ। ଶେଷରେ ଶିକ୍ଷୟିତ୍ରୀ ଅନୁପମା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।



● ପାରୁଆଭାଡି ନୋଡାଲ ସ୍କୁଲରେ ଶିକ୍ଷକ ଶୂନ୍ୟ

ବିଇଓଙ୍କ କାର୍ଯ୍ୟାଳୟରେ ଗ୍ରାମବାସୀଙ୍କ ଦାବିପତ୍ର ପ୍ରଦାନ



କୁଚିଣ୍ଡା, ୩।୧୧(ସମିସ): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ପାରୁଆଭାଡି ପଞ୍ଚାୟତ ସଦର ମହକୁମାସ୍ଥିତ ପୁରାତନ ପ୍ରାଥମିକ ସ୍କୁଲଟି ବର୍ତ୍ତମାନ ପାରୁଅଭାଡି ନୋଡାଲ ଉଚ୍ଚ ବିଦ୍ୟାଳୟ ସହ ମିଶ୍ରଣ ହୋଇଛି। ଏଠାରେ ଶିଶୁ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଚାଲୁଥିବା ଏହି ବିଦ୍ୟାଳୟର ପ୍ରାଥମିକ ବିଭାଗରେ ମୋଟ ୧୯୯ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏତେ ଛାତ୍ରଛାତ୍ରୀଙ୍କ ପାଇଁ ଏହି ବିଭାଗରେ ଜଣେ ହେଲେ ବି ନିୟମିତ ଶିକ୍ଷକ ନାହାନ୍ତି। ପୂର୍ବରୁ ଏଠାରେ ୭ ଜଣ ଶିକ୍ଷକ ରହିଥିବାବେଳେ ସେଥିରୁ ଜଣେ ଶିକ୍ଷକ ସିଆରସିସି ଦାୟିତ୍ୱରେ ଅଛନ୍ତି। ଜଣେ ଶିକ୍ଷକଙ୍କୁ ୩ ବର୍ଷ ତଳେ ଡେପୁଟେସନରେ ଅନ୍ୟତ୍ର ନିଆଯାଇଥିବା ବେଳେ କିଛି ଦିନ ପୂର୍ବରୁ ପୁଣି ଦୁଇଜଣ ଶିକ୍ଷକଙ୍କୁ ଡେପୁଟେସନରେ ଅନ୍ୟ ସ୍କୁଲକୁ ପଠାଇ ଦିଆଯାଇଛି। ସେହିପରି ଅନ୍ୟ ଦୁଇଜଣ ଶିକ୍ଷକ ନିର୍ବାଚନ ଦାୟିତ୍ୱରେ ନିୟୋଜିତ ଅଛନ୍ତି। ରହିଥିବା ଏକମାତ୍ର ଶିକ୍ଷକଙ୍କର ମଧ୍ୟ ପଦୋନ୍ନତି ପାଇ ବଦଳି ହୋଇଯାଇଛି। ଫଳରେ ପ୍ରାଥମିକ ବିଭାଗ ସମ୍ପୂର୍ଣ୍ଣ ଶିକ୍ଷକ ଶୂନ୍ୟ ହୋଇପଡ଼ିଛି। ବର୍ତ୍ତମାନ ହାଇସ୍କୁଲର ଜଣେ ଶିକ୍ଷକଙ୍କ ଭରସାରେ ଏହି ବିଭାଗର ଦାୟିତ୍ୱ ଚାଲିଛି। ଶିକ୍ଷା ବ୍ୟବସ୍ଥାର ଏଭଳି ବିପର୍ଯ୍ୟସ୍ତ ସ୍ଥିତିକୁ ନେଇ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଜି ସ୍ଥାନୀୟ ସରପଞ୍ଚ, ପୂର୍ବତନ ସରପଞ୍ଚ, ଅଭିଭାବକ ଓ ଗ୍ରାମବାସୀ କୁଚିଣ୍ଡା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ଅଭିଯୋଗ ଜଣାଇବାକୁ ଆସିଥିଲେ। ମାତ୍ର ଅଫିସରେ ବିଇଓ କିମ୍ବା ଏବିଓ କେହିହେଲେ ଉପସ୍ଥିତ ନଥିବାରୁ ଗ୍ରାମବାସୀ ବାଧ୍ୟ ହୋଇ ବରିଷ୍ଠ କିରାଣିଙ୍କୁ ଏକ ଦାବିପତ୍ର ପ୍ରଦାନ କରି ଫେରିଛନ୍ତି। ଆଗାମୀ ୮ ଦିନ ମଧ୍ୟରେ ବିଦ୍ୟାଳୟର ଶିକ୍ଷକ ସମସ୍ୟାର ସ୍ଥାୟୀ ସମାଧାନ ନହେଲେ, ଗ୍ରାମବାସୀ ନିଜ ପିଲାମାନଙ୍କୁ ବିଦ୍ୟାଳୟକୁ ଅଣ୍ଡା ଖାଇବାକୁ ପଠାଇବେ ନାହିଁ, ବ୍ୟାପକ ଆନ୍ଦୋଳନ କରିବା ସହ ବିଦ୍ୟାଳୟରେ ତାଲା ପକାଇବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି।

ରାଜ୍ୟସ୍ତରୀୟ ଦୃଷ୍ଟିହୀନ ଓ ପାରା ଜୁଡୋ ଚାମ୍ପିଅନସିପ୍‌ରେ ଚମକିଲା ସମ୍ବଲପୁର

୯ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୬ କାଂସ୍ୟ ପଦକ ସହ ରନର୍ସଅପ୍ ଟାଇଟଲ ହାସଲ

ସମ୍ବଲପୁର, ୩।୧୧ (ସମିସ)



ପାରାଦୀପସ୍ଥିତ ଇନ୍‌ଡୋର ଷ୍ଟାଡିୟମ୍‌ରେ ଅନୁଷ୍ଠିତ ତୃତୀୟ ରାଜ୍ୟସ୍ତରୀୟ ଦୃଷ୍ଟିହୀନ ଓ ପାରା ଜୁଡୋ ଚାମ୍ପିଅନସିପ୍‌ରେ ସମ୍ବଲପୁର ଜିଲ୍ଲାର ଖେଳାଳିମାନେ ଚମତ୍କାର ପ୍ରଦର୍ଶନ କରି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ପ୍ରଥମଥର ପାଇଁ ଏହି ପ୍ରତିଯୋଗିତାରେ ସମ୍ବଲପୁର ଜିଲ୍ଲାରୁ ମୁଖ୍ୟ କୋଚ୍ ଇଶାନ କୁମାର ପ୍ରଧାନଙ୍କ ନେତୃତ୍ୱରେ ୧୬ଜଣ ଦୃଷ୍ଟିହୀନ ଖେଳାଳି ଅଂଶଗ୍ରହଣ କରିଥିଲେ। ଖେଳାଳିମାନେ ନିଜର ଉତ୍କୃଷ୍ଟ କ୍ରୀଡ଼ା ପ୍ରଦର୍ଶନ କରି ୯ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଓ ୬ଟି କାଂସ୍ୟ ପଦକ ହାସଲ କରିବାସହ ଦଳଗତ ଭାବେ ରନର୍ସଅପ୍ ଟ୍ରଫି ଅର୍ଜନ କରିଛନ୍ତି।

ଏହି ଚାମ୍ପିଅନସିପ୍‌ରେ ରାଜ୍ୟର ୩୦ଟି ଜିଲ୍ଲାରୁ ପ୍ରାୟ ୩୦୦ ଜଣ ଖେଳାଳି ଭାଗ ନେଇଥିଲେ। ଏହି ସଫଳତା ପରେ ସମ୍ବଲପୁରର ଦୃଷ୍ଟିହୀନ ଜୁଡୋ ଖେଳାଳିମାନେ ଆଗାମୀ ଦିନରେ ଜାତୀୟସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଛନ୍ତି।

ଆୟୁଷ୍ମାନ ଉଜ୍ଜ୍ୱଳ ଦାସ, ରାଜେଶ ନାୟକ, ସୁଭଜିତ୍ ହଳଧର ପ୍ରମୁଖ କୋଚ୍ ଭାବେ ସାମିଲ ଥିଲେ। ଆଜି ସମ୍ବଲପୁରକୁ ଫେରିବା ପରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଓ ଜାତୀୟ ସ୍ତରରେ ସଫଳତା କାମନା କରିଥିଲେ। ସମ୍ବର୍ଦ୍ଧନା ସମୟରେ ସଂଘର ସମ୍ପାଦକ ଜିତେନ୍ଦ୍ର ପ୍ରଧାନ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟନାରାୟଣ ତାଣ୍ଡି, ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ସମାଜସେବୀ ଦିଲୀପ ଦୁରିଆ, ସଙ୍ଗୀତା ପ୍ରଧାନ, ସୁଷମା ସାହୁ, ଚକ୍ରଧର ଦାସ, ସୁଧୀର ପଣ୍ଡା, ଯୋଗେଶ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।